# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜାନୁୟାରୀ ୧୫/୨୦୨୦ (୨୦ ପୃଷ୍ଠା) Sambalpur, Wednesday, January 15 / 2020 ★★

୧୬ଶ ଭାଗ ୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ

ଡେଭିଡ ୱାର୍ନର ଓ ଆରୋନ ଫିଞ୍ଚଙ୍କ ଅପରାଜିତ ଶତକ ବଳରେ ଅଷ୍ଟ୍ରେଲିଆ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୧୦ ଉଇକେଟରେ ହରାଇଛି।

୧୮

୧୦

## ‘ଗଙ୍ଗୁବାଈ କାଠିୟାୱାଡ଼ି’ରେ ଆଲିୟା

ବଲିଉଡ୍ ନାୟିକା ଆଲିୟା ଭଟ୍ଟ ଖୁବ୍‌ଶୀଘ୍ର ସଞ୍ଜୟ ଲୀଲା ଭନ୍‌ସାଲିଙ୍କ ଅପ୍‌କମିଂ ଫିଲ୍ମ ‘ଗଙ୍ଗୁବାଈ କାଠିୟାୱାଡ଼ି’ରେ ନଜରକୁ ଆସିବେ।



# ସିଏଏ: ସୁନ୍ଦରଗଡ଼ରେ ହିଂସା

## ୨ଗୋଷ୍ଠୀ ମୁହାଁମୁହିଁ, ପଥର ମାଡ଼ରେ ଆଇଆଇସିଙ୍କ ସମେତ ୧୦ ଆହତ



ସୁନ୍ଦରଗଡ଼ ସହରରେ ପୋଲିସ ଫୋର୍ସର ଫ୍ଲାଗ୍‌ମାର୍ଚ୍ଚ।

- ଲାଠିଚାଳନା, ୧୫ ପ୍ଲାଟୁନ ପୋଲିସ ମୁତୟନ
- ଶାନ୍ତି କମିଟି ବୈଠକ ଆହୂତ

**ସୁନ୍ଦରଗଡ଼,୧୪।୧(ଡି.ଏନ୍.ଏ.)**

ସିଏଏ(ନାଗରିକତ୍ୱ ସଂଶୋଧନ ଆଇନ)କୁ ନେଇ ସୁନ୍ଦରଗଡ଼ରେ ସୋମବାର ଉତ୍ତେଜନା ସୃଷ୍ଟି ହୋଇଥିଲା। ମଙ୍ଗଳବାର ଏହା ହିଂସାର ରୂପ ନେଇଛି। ସ୍ଥାନୀୟ ରିଜେଣ୍ଟ ମାର୍କେଟ ଅଞ୍ଚଳରେ ମଙ୍ଗଳବାର ୨ ଗୋଷ୍ଠୀ ମୁହାଁମୁହିଁ ହେବା ସହ ପଥର ମାଡ଼ କରିଥିଲେ। ଏଥିରେ ଆଇଆଇସିଙ୍କ ସମେତ ୫ ପୋଲିସ ଆହତ ହୋଇଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଛି। ଏସ୍‌ପି ସୌମ୍ୟା ମିଶ୍ରା ସ୍ୱତନ୍ତ୍ର ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ଶାନ୍ତି ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି। ସହରରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ଏସ୍.ପି ମିଶ୍ରା, ସଦର ଏସ୍‌ଡିପିଓ ମଧୁସ୍ମିତା ମିଶ୍ର, ଟାଉନ ଥାନା ଆଇଆଇସି ବିଭିସ ପ୍ରଧାନ, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସହ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ବିଭିନ୍ନ ସ୍ଥାନରେ ୧୫ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ରାଉରକେଲା ଏସ୍‌ପି କେ.ଶିବା ସୁବ୍ରମଣି, ରାଉରକେଲା ଅତିରିକ୍ତ ଏସ୍‌ପି ସୁରେଶଚନ୍ଦ୍ର ପାଠୀ ସୁନ୍ଦରଗଡ଼ରେ ପହଞ୍ଚିଛନ୍ତି। ସୁନ୍ଦରଗଡ଼ ଓ ରାଉରକେଲା ଉଭୟ ପୋଲିସ ଜିଲାର ବରିଷ୍ଠ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି।

ସୋମବାର ଜିଲା କଂଗ୍ରେସ କମିଟି ପକ୍ଷରୁ ସିଏଏ ବିରୋଧରେ ଡିଆର୍‌ଡିଏ ଛକରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ଚାଲିଥିଲା। ଏହି ସମୟରେ କେତେଜଣ ସିଏଏ ସପକ୍ଷବାଦୀ ସେଠାରେ ପହଞ୍ଚି ବିଭିନ୍ନ ନାରା ଦେବା ସହ ଜଣେ କଂଗ୍ରେସ କର୍ମୀଙ୍କୁ ଧସ୍ତାଧସ୍ତି କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଉଭୟ ଗୋଷ୍ଠୀକୁ ନିୟନ୍ତ୍ରଣ କରିବା ପାଇଁ ନାକେଦମ୍ ହେବାକୁ ପଡ଼ିଥିଲା। ଏହି ଘଟଣାରେ ମାଡଖାଇଥିବା କଂଗ୍ରେସ କର୍ମୀଙ୍କ ପକ୍ଷରୁ ସନ୍ଧ୍ୟାରେ ☞ପୃଷ୍ଠା-୪

# ଭାରତରେ ଯାହା ଚାଲିଛି, ଠିକ୍ ନୁହେଁ

- ଭାରତରେ ଇନ୍‌ଫୋସିସ୍‌ର ନେତୃତ୍ୱ ନିଅନ୍ତୁ ଜଣେ ପ୍ରବାସୀ ବାଂଲାଦେଶୀ: ସତ୍ୟ ନାଡେଲା
- ସିଏଏ, ଏନ୍‌ଆର୍‌ସି ବିରୋଧରେ ଖୋଲାଚିଠି ଲେଖିଲେ ଭାରତରେ ଜନ୍ମିତ ୧୫୦ରୁ ଊର୍ଦ୍ଧ୍ୱ ଫେସ୍‌ବୁକ୍, ଉବର ଓ ଆମାଜନ ପ୍ରଫେଶନାଲ
- ନାଡେଲାଙ୍କୁ ଐତିହାସିକ ରାମଚନ୍ଦ୍ର ଗୁହାଙ୍କ ସମର୍ଥନ



ସତ୍ୟ ନାଡେଲା

**ନୂଆଦିଲ୍ଲୀ,୧୪।୧**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶରେ ବିବାଦ ତେଜିବାରେ ଲାଗିଥିବାବେଳେ ଏହି ନବପ୍ରଣୀତ ବ୍ୟବସ୍ଥାକୁ ନେଇ ବିଦେଶରୁ ମଧ୍ୟ ପ୍ରତିକ୍ରିୟା ଆସିବାରେ ଲାଗିଛି। ଏହି କ୍ରମରେ ମାଇକ୍ରୋସଫ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସତ୍ୟ ନାଡେଲାଙ୍କ ସିଏଏ ବିରୋଧୀ ମନ୍ତବ୍ୟ ଝଡ଼ ସୃଷ୍ଟି କରିଛି। ଭାରତରେ ଯାହା ଚାଲିଛି ତାହା ଠିକ୍ ନୁହେଁ। ଭାରତରେ ଜଣେ ପ୍ରବାସୀ ବାଂଲାଦେଶୀ ୟୁନିକର୍ନ ପ୍ରତିଷ୍ଠା କରିଲେ କିମ୍ବା ଇନ୍‌ଫୋସିସ୍‌ର ସିଇଓ ହେଲେ ସେ ଖୁସି ହେବେ ବୋଲି ନାଡେଲା କହିଛନ୍ତି। ନାଡେଲାଙ୍କୁ ପ୍ରଖ୍ୟାତ ଐତିହାସିକ ରାମଚନ୍ଦ୍ର ଗୁହାଙ୍କଠାରୁ ନେଇ ଅନେକ ବିଶିଷ୍ଟ ବ୍ୟକ୍ତି ସମର୍ଥନ କରିଥିବାବେଳେ ☞ପୃଷ୍ଠା-୪

# ନିର୍ଭୟା ଦୋଷୀଙ୍କ କ୍ୟୁରେଟିଭ୍ ପିଟିଶନ ଖାରଜ

**ନୂଆଦିଲ୍ଲୀ,୧୪।୧(ପି.ଟି.)**

୨୦୧୨ ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ଫାଶୀ ଦଣ୍ଡାଦେଶ ପାଇଥିବା ଦୋଷୀମାନଙ୍କ ମୁକୁଳିବା ବାଟ ବନ୍ଦ ହୋଇଯାଇଛି। ୪ ଦୋଷୀଙ୍କ ମଧ୍ୟରୁ ବିନୟ ଶର୍ମା(୨୬) ଓ ମୁକେଶ କୁମାର(୩୨) ସୁପ୍ରିମକୋର୍ଟରେ କ୍ୟୁରେଟିଭ୍ ପିଟିଶନ ଦାଖଲ କରିଥିବାବେଳେ ଜଷ୍ଟିସ ଏନ୍.ଭି. ରମାନାଙ୍କ ନେତୃତ୍ୱରେ ଗଠିତ ୫ଜଣିଆ ଖଣ୍ଡପୀଠ ଏହାକୁ ଖାରଜ କରିଦେଇଛନ୍ତି। ସର୍ବସମ୍ମତିକ୍ରମେ ଖଣ୍ଡପୀଠ କ୍ୟୁରେଟିଭ୍ ପିଟିଶନ ଦାଖଲର କୌଣସି ଲାଭ ନାହିଁ ବୋଲି କହିଛନ୍ତି। ମୃତ୍ୟୁଦଣ୍ଡ ଉପରେ ରହିତାଦେଶ ଲଗାଇବା ଲାଗି କରାଯାଇଥିବା ଆବେଦନକୁ ମଧ୍ୟ ଖଣ୍ଡପୀଠ ଖାରଜ କରିଛନ୍ତି। ଖଣ୍ଡପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ ଅରୁଣ ମିଶ୍ରା, ଜଷ୍ଟିସ ଆର୍.ଏଫ୍. ନରିମାନ, ଆର୍. ବାନୁମତୀ ଓ ଜଷ୍ଟିସ ଅଶୋକ ଭୂଷଣ ଥିଲେ। ଫାଶୀ ଦଣ୍ଡାଦେଶ ପାଇଥିବା ଅନ୍ୟ ୨ ଦୋଷୀ ଅକ୍ଷୟ କୁମାର ସିଂ(୩୧) ଓ ପୱନ୍ ଗୁପ୍ତ(୨୫) କ୍ୟୁରେଟିଭ୍ ପିଟିଶନ ଦାଖଲ କରି ନ ଥିଲେ। ପ୍ରକାଶଥାଉ କି, ଜଣେ ବ୍ୟକ୍ତି ଲାଗି କ୍ୟୁରେଟିଭ୍ ପିଟିଶନ ଶେଷ ଆଇନଗତ ପଦକ୍ଷେପ ସ୍ୱରୂପ ବିବେଚନା କରାଯାଇଥାଏ। କେବଳ ରାଷ୍ଟ୍ରପତିଙ୍କ ରାଜକ୍ଷମ ଛଡ଼ା ସେମାନଙ୍କ ପାଖରେ ଏବେ ଆଉକିଛି ରାସ୍ତା ନାହିଁ। ତେଣୁ ନିର୍ଭୟା ଦୋଷୀଙ୍କୁ ଫାଶୀ ଦିଆଯିବା ଏକ ପ୍ରକାର ନିଶ୍ଚିତ ହୋଇଛି।

୪ ନିର୍ଭୟା ଦୋଷୀଙ୍କୁ ଦିଲ୍ଲୀ କୋର୍ଟ ଗତ ୭ ତାରିଖରେ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ଏହାକୁ ଚାଲେଞ୍ଜ କରି ଦୋଷୀ ବିନୟ ଓ ମୁକେଶ ୯ରେ କ୍ୟୁରେଟିଭ୍ ପିଟିଶନ ଦାଖଲ କରିଥିଲେ। ଜାନୁୟାରୀ ୨୨ ସକାଳ ୭ଟାରେ ୪ ଦୋଷୀଙ୍କୁ ଦିଲ୍ଲୀର ତିହାର ଜେଲରେ ଫାଶୀ ଦିଆଯିବା ଲାଗି କୋର୍ଟ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ୨୦୧୨ ଡିସେମ୍ବର ୧୬ ରାତିରେ ୨୩ ବର୍ଷୀୟା ☞ପୃଷ୍ଠା-୪

**୨୨ରେ ୪ ଦୋଷୀଙ୍କୁ ଦିଆଯିବ ଫାଶୀ**

- ରାଜକ୍ଷମା ହୋଇପାରେ ଶେଷ ଅସ୍ତ୍ର



ଦୋଷୀଙ୍କ କ୍ୟୁରେଟିଭ୍ ପିଟିଶନ ଖାରଜ ପରେ ଖୁସିବ୍ୟକ୍ତ କରୁଛନ୍ତି ନିର୍ଭୟାଙ୍କ ମା’।

# ମାଇକେଲ୍ ଦେବବ୍ରତ ପାତ୍ର ଆର୍‌ବିଆଇର ଡେପୁଟି ଗଭର୍ନର

**ନୂଆଦିଲ୍ଲୀ,୧୪।୧**

ମାଇକେଲ ଦେବବ୍ରତ ପାତ୍ର ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ନୂଆ ଡେପୁଟି ଗଭର୍ନର ଭାବେ ଅବସ୍ଥାପିତ ହୋଇଛନ୍ତି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏନେଇ ସୂଚନା ଦିଆଯାଇଛି। ସେ ବର୍ତ୍ତମାନ ଆର୍‌ବିଆଇର ମୁଦ୍ରାନୀତି ବିଭାଗରେ କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ(ଇଡି) ପଦବୀରେ କାର୍ଯ୍ୟ କରୁଛନ୍ତି। ନୂଆ ପଦବୀରେ ତାଙ୍କୁ ୩ ବର୍ଷ ଲାଗି ନିଯୁକ୍ତି ମିଳିଛି। ରିଜର୍ଭ ବ୍ୟାଙ୍କରେ ଏବେ ୩ ଜଣ ଡେପୁଟି ଗର୍ଭନର ଅଛନ୍ତି। ପାତ୍ରଙ୍କ ନିଯୁକ୍ତି ପରେ ଏହା ୪କୁ ବଢ଼ିଛି। ଗତ ବର୍ଷ ଜୁନରେ ଡେପୁଟି ଗଭର୍ନର ପଦବୀରୁ ଭିରାଲ ଆଚାର୍ଯ୍ୟଙ୍କ ଇସ୍ତଫା ପରେ ଏହି ପଦବୀରେ କାହାକୁ ନିଯୁକ୍ତି ଦିଆଯାଇ ନ ଥିଲା। ଆଚାର୍ଯ୍ୟଙ୍କ ସ୍ଥାନରେ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ମୁଦ୍ରାନୀତି ବିଭାଗର ସେ ନେତୃତ୍ୱ ନେବେ ବୋଲି ଜଣାପଡ଼ିଛି। ଏବେ ରିଜର୍ଭ ବ୍ୟାଙ୍କରେ ଗଭର୍ନର ପଦବୀରେ ଶକ୍ତିକାନ୍ତ ଦାସ ଅବସ୍ଥାପିତ ଅଛନ୍ତି। ଏହାବାଦ ୪ ଡେପୁଟି ଗଭର୍ନର ମଧ୍ୟ ଅଛନ୍ତି। ଏନ୍.ଏସ୍. ବିଶ୍ୱନାଥନ, ବି.ପି. କାନୁନଗୋ, ଏମ୍.କେ. ଜୈନଙ୍କ ସହ ପାତ୍ର ନୂଆ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରିବେ। ମାଇକେଲ କଟକରେ ଜନ୍ମଗ୍ରହଣ କରିଥିବା ବେଳେ ରେଭେନ୍‌ଶାରେ ଅର୍ଥନୀତିରେ ସ୍ନାତକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆପ୍ଲାଏଡ୍ ଇକୋନୋମିକ୍ସରେ ସ୍ନାତକୋତ୍ତର କରିଛନ୍ତି। ମାଇକେଲଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।







ପବିତ୍ର ମକର ସଂକ୍ରାନ୍ତି ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ହିମସ୍ଖଳନରେ ୮ ମୃତ



**ଶ୍ରୀନଗର,୧୪।୧(ପି.ଟି.)**

ଜମ୍ମୁ-କଶ୍ମୀରରେ ଦୁଇଟି ପୃଥକ ସ୍ଥାନରେ ହିମସ୍ଖଳନ ଯୋଗୁ ୩ ଯବାନଙ୍କ ସମେତ ୮ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ପୋଲିସ ଓ ପ୍ରତିରକ୍ଷା ବିଭାଗର ତଥ୍ୟ ଅନୁଯାୟୀ ଜଣେ ଯବାନ ନିଖୋଜ ହୋଇଯାଇଥିବାବେଳେ ଖୋଜାଖୋଜି ଜାରି ରହିଛି। ନିୟନ୍ତ୍ରଣରେଖା ନିକଟ ମାଚିଲ୍ ସେକ୍ଟରରେ ଥିବା ସେନାପୋଷ୍ଟ ନିକଟରେ ଏଭଳି ଭୟଙ୍କର ହିମସ୍ଖଳନ ହୋଇଛି। ଏଥିରେ ୫ ଯବାନ ଫସି ଯାଇଥିବାବେଳେ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୩ଙ୍କ ମୃତଦେହ ମିଳିଥିବାବେଳେ ଜଣେ ଗୁରୁତର ହୋଇଥିଲେ। ନିଖୋଜ ଯବାନଙ୍କୁ ଉଦ୍ଧାର ଲାଗି ସେନା ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଜାରି ରହିଥିବା ଜଣାପଡ଼ିଛି।

ସେହିଭଳି ଗନ୍ଦର୍ବାଲ୍ ଜିଲା ଗଗନଗିର୍ ଗ୍ରାମରେ ଅନ୍ୟ ଏକ ହିମସ୍ଖଳନ ହେବାରୁ ୫ ସ୍ଥାନୀୟ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଶୋକାକୁଳ ପରିବେଶ ସୃଷ୍ଟିହୋଇଛି। ଏଥିରେ ଫସିଥିବା ୪ ଜଣଙ୍କୁ ଉଦ୍ଧାର କରାଯାଇ ପାରିଛି ବୋଲି ପୋଲିସ ସୂଚନା ଦେଇଛି।

**ଆଜିର ସମ୍ପାଦକୀୟ**

**ଦିଲ୍ଲୀରେ କିଏ**

**ଆଜିର ମନ୍ତବ୍ୟ**

“ ଯେକୌଣସି ବିକ୍ଷୋଭ ଲାଗି ବିରୋଧୀ ଏକତା ଗୁରୁତ୍ୱପୂର୍ଣ୍ଣ ।

– ଅମର୍ତ୍ତ୍ୟ ସେନ୍, ନୋବେଲ ବିଜେତା ଅର୍ଥନୀତିଜ୍ଞ


Vencobb Fresh Chicken — Taste the difference!

14.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 75 | 126 | 136 |
| DKL | 77 | 128 | 138 |
| BDK | 73 | 123 | 133 |
| BLS | 73 | 123 | 133 |
| ANG | 79 | 131 | 141 |
| BHM | 77 | 128 | 138 |

*Conditions Apply

Issued in the Interest of Consumers


# ଆବର୍ଜନାରେ ପୁରୀ

- ବାଙ୍କୀ ମୁହାଣ ପାଲଟିଛି ଦୁର୍ଗନ୍ଧ କୁଣ୍ଡ
- ସମୁଦ୍ରରେ ମିଶୁଛି ବର୍ଜ୍ୟଜଳ
- ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନାମକୁ ମାତ୍ର
- ଦୁର୍ଗନ୍ଧରେ ଫାଟିପଡ଼ୁଛି ପରିବେଶ
- ଭୂତଳ ଜଳ ପ୍ରଭାବିତ ଆଶଙ୍କା



**ହେମନ୍ତ ନାୟକ**
**ପୁରୀ ଅଫିସ,୧୪।୧**

ପୁରୀ ହେବ ବିଶ୍ୱର ଐତିହ୍ୟ ସହର। ବଦଳିବ ଏହାର ରୂପରେଖ। ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ କରାଯିବ। ବହୁତଳ ପାର୍କିଂ, ନୂଆ ମାର୍କେଟ କମ୍ପ୍ଲେକ୍ସ, ରାସ୍ତାଘାଟର ସମ୍ପ୍ରସାରଣ, ଏପରି କି ରାଜ୍ୟର ପ୍ରଥମ ଟ୍ରମ୍ପେଟ ସେତୁ (ଶ୍ରୀସେତୁ ନାମରେ) ମଧ୍ୟ ତିଆରି ହେବ। ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଅତ୍ୟାଧୁନିକ ସୁବିଧା। ରାଜ୍ୟ ସରକାର ଏହା ଘୋଷଣା କରିବା ସହ ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୫୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ୭୫ ମିଟର ପରିଧି ମଧ୍ୟରେ ଉଚ୍ଛେଦ କାର୍ଯ୍ୟ ବି ଜାରି ରହିଛି। ସରକାର ଶହ ଶହ କୋଟି ଟଙ୍କା ବ୍ୟୟରେ ବିକାଶର ସ୍ୱପ୍ନ ଦେଖୁଛନ୍ତି, କିନ୍ତୁ ବାଙ୍କୀ ମୁହାଣ ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜିଦେଇଛନ୍ତି। ଟ୍ରିଟମେଣ୍ଟ ପ୍ଲାଣ୍ଟ କେବଳ କାମଚଳା ଭାବେ ଚାଲୁଥିବା ବେଳେ ସହରର ଆବର୍ଜନା ପାଣି ସିଧାସଳଖ ସମୁଦ୍ରରେ ମିଶୁଛି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନାହିଁ। ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ଠିକ୍ ଭାବେ କେମିକାଲଯୁକ୍ତ ପାଣି ସିଞ୍ଚନ ପ୍ରକ୍ରିୟା(ଏନ୍‌ଜାଇମିଂ ଡୋଜିଂ) ହେଉ ନ ଥିବାରୁ ଏହା ସଂଲଗ୍ନ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ହେଉଛି। ଫଳରେ ଚକ୍ରତୀର୍ଥ ରୋଡ୍ ଦେଇ ଯିବାଆସିବା କରୁଥିବା ପର୍ଯ୍ୟଟକ ତିକ୍ତ ଅନୁଭୂତି ସାଉଣ୍ଟି ଫେରୁଛନ୍ତି।

ପୁରୀ ସହରର ବର୍ଜ୍ୟଜଳ ବିଶୋଧନ ପାଇଁ ସଂସ୍କୃତି ଭବନ ନିକଟରେ ୧୯୯୮ରେ ଉଦ୍‌ଘାଟିତ ହୋଇଥିଲା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ। ସହରର ବର୍ଜ୍ୟଜଳକୁ ଏଠାରେ ଟ୍ରିଟ୍‌ମେଣ୍ଟ କରି ବାଙ୍କୀ ମୁହାଣ ଦେଇ ସମୁଦ୍ରକୁ ଛାଡ଼ିବା ଥିଲା ଏହାର ଉଦ୍ଦେଶ୍ୟ। ହେଲେ ଅନେକ ସମୟରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଅଚଳ ରହିବା ଏବଂ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ବର୍ଜ୍ୟଜଳ ସିଧା ସମୁଦ୍ରରେ ମିଶୁଛି। ଏହାଦ୍ୱାରା ସମୁଦ୍ର ପାଣି ପ୍ରଦୂଷିତ ହେଉଥିବା ବେଳେ ବାଙ୍କୀ ମୁହାଣ ସଂଲଗ୍ନ ଅଞ୍ଚଳର ଭୂତଳ ଜଳ ପ୍ରଭାବିତ ହେବା ଆଶଙ୍କା ରହିଛି। ସେହିପରି ସମୁଦ୍ର କୂଳରେ ୪ ବର୍ଷ ତଳେ ଡ୍ରେନେଜ ବିଭାଗ ପକ୍ଷରୁ ବର୍ଷାଜଳ ନିଷ୍କାସନ ନଳା ନିର୍ମାଣ କରାଯାଇଛି। ହୋଟେଲ ହଂସ କୋକୋପାମ୍‌ଠାରୁ ଆସିଥିବା ଏହି ନଳା ବାଙ୍କୀ ମୁହାଣଠାରେ ମିଶିଛି। ତେବେ ଏହି ବର୍ଷାଜଳ ନିଷ୍କାସନ ନଳାରେ ବହୁ ହୋଟେଲର ଯାବତୀୟ ମଇଳା ପାଣି ଛଡ଼ାଯାଉଛି। ଏହି ବର୍ଜ୍ୟଜଳ ବାଙ୍କୀ ମୁହାଣ ଦେଇ ସମୁଦ୍ରକୁ ଯାଉଛି। ବାଙ୍କୀ ମୁହାଣ ଏକ ପ୍ରକାର ☞ପୃଷ୍ଠା-୫



ବାଙ୍କୀ ମୁହାଣ ଦେଇ ସମୁଦ୍ରରେ ମିଶୁଛି ପୁରୀ ସହରର ବର୍ଜ୍ୟଜଳ।



“ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ରୋକିବା ଲାଗି ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକ ଡ଼ାକି ଆଲୋଚନା କରିବା ଉଚିତ।

-ରଣଦୀପ ସୁର୍ଜେୱାଲା,
କଂଗ୍ରେସ ମୁଖପାତ୍ର



ମଧ୍ୟପ୍ରଦେଶର ଜବଲପୁରସ୍ଥିତ ଭଟୋଲିର ଆର୍ମି ଶୁଟିଂ ଏରିଆରେ ଜାଲରେ ଛନ୍ଦି ହୋଇଯାଇଥିବା ଏକ ଚିତାବାଘ।



ଫିଲିପାଇନ୍ସର ବଟାନଗାସ୍ ପ୍ରଦେଶସ୍ଥିତ ବୋସୋ-ବୋସୋରେ ତାଲ ଆଗ୍ନେୟଗିରିରୁ ଅଧମାଇଲ ଉଚ୍ଚତାର ଲାଭା ଉଦ୍‌ଗିରଣ ହେବାରୁ ସ୍ଥାନୀୟ ଅଞ୍ଚଳର ଘରଗୁଡ଼ିକର ଛାତରେ ପାଉଁଶ ଆଚ୍ଛାଦିତ ହୋଇଛି।



ଅମୃତସରରେ ‘ମାଘୀ’ ଉତ୍ସବ ପାଳନ ବେଳେ ଜଣେ ଶିଖ୍ ଶ୍ରଦ୍ଧାଳୁ ସ୍ୱର୍ଣ୍ଣମନ୍ଦିରସ୍ଥିତ ସରୋବରରେ ସ୍ନାନ କରୁଛନ୍ତି।

# ସିଏଏକୁ ଚ୍ୟାଲେଞ୍ଜ କଲା କେରଳ

## ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିବାରେ ପ୍ରଥମ ରାଜ୍ୟ

ନୂଆଦିଲ୍ଲୀ,୧୪।୧(ପି.ଟି.)

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ୨୦୧୯କୁ ମଙ୍ଗଳବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି କେରଳ। ସମାନତା, ସ୍ୱାଧୀନତା ଓ ଧର୍ମନିରପେକ୍ଷତାର ମୌଳିକ ଢାଞ୍ଚାକୁ ଏହି ଆଇନ ଉଲ୍ଲଂଘନ କରୁଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତ ଏହାକୁ ସମ୍ବିଧାନ ବିରୋଧୀ ବୋଲି ଘୋଷଣା କରିବାକୁ ସିପିଏମ୍ ନେତୃତ୍ୱାଧୀନ ଏହି ରାଜ୍ୟ ଦାବି କରିଛି। ସିଏଏ ଲଢ଼େଇକୁ ସୁପ୍ରିମକୋର୍ଟକୁ ଟାଣିବାରେ କେରଳ ହେଉଛି ପ୍ରଥମ ରାଜ୍ୟ। ସେହିପରି ଏହି ଆଇନ ବିରୋଧରେ କେରଳ ବିଧାନସଭାରେ ପ୍ରଥମ କରି ଏକ ସଂକଳ୍ପନାମା ମଧ୍ୟ ପୂର୍ବରୁ ଗୃହୀତ ହୋଇସାରିଛି।

ଅଣମୁସଲିମ ସଂଖ୍ୟାଲଘୁଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ପାଇଁ କେନ୍ଦ୍ର ସରକାର ସିଏଏ ପ୍ରଣୟନ କରିଛନ୍ତି। ଆଫଗାନିସ୍ତାନ, ବାଂଲାଦେଶ ଓ ପାକିସ୍ତାନରେ ଧର୍ମୀୟ ଅତ୍ୟାଚାରର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିୟାନଙ୍କୁ ଭାରତୀୟ ନାଗରିକତ୍ୱ ଦିଆଯିବ ବୋଲି ଏଥିରେ ବ୍ୟବସ୍ଥା କରାଯାଇଛି। ଏହି ନବପ୍ରଣୀତ ଆଇନକୁ ନେଇ ଜାନୁୟାରୀ ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଦେଶର ଅନେକ ରାଜ୍ୟରେ ଏହାକୁ ବିରୋଧ କରାଯାଉଛି। ଏହି କ୍ରମରେ ମଙ୍ଗଳବାର କେରଳ ସରକାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଛନ୍ତି। ସିଏଏରେ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶକୁ ଗ୍ରୁପିଂ କରିବାର କୌଣସି ଯଥାର୍ଥତା ନାହିଁ। ଏହି ଧର୍ମ ଆଧାରରେ ୩ ପଡ଼ୋଶୀ ଦେଶର ସଂଖ୍ୟାଲଘୁଙ୍କୁ ଗୋଷ୍ଠୀବଦ୍ଧ କରିବା ଭୁଲ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ସିଏଏ ସମ୍ବିଧାନର ଅନୁଚ୍ଛେଦ ୧୪(ଆଇନରେ ସମାନତା), ୨୧(ଜୀବନଧାରଣ ଓ ବ୍ୟକ୍ତିଗତ ସ୍ୱାଧୀନତା) ଏବଂ ୨୫ (ବୃତ୍ତିଗତ ସ୍ୱାଧୀନତା ଓ ଧର୍ମ ପ୍ରଚାର)ର ଉଲ୍ଲଂଘନ କରୁଥିବା ଘୋଷଣା କରାଯାଉ ବୋଲି ଦାବି କରାଯାଇଛି। ସେହିପରି ପାସ୍‌ପୋର୍ଟ (ଭାରତରେ ପ୍ରବେଶ) ସଂଶୋଧନ ଆଇନ, ୨୦୧୫ ଏବଂ ବିଦେଶୀ (ସଂଶୋଧନ) ନିର୍ଦ୍ଦେଶାବଳୀଗୁଡ଼ିକ ସମ୍ବିଧାନର ଅଧିକାର ବହିର୍ଭୂତ ବୋଲି ଦର୍ଶାଇ ଏହାକୁ ଅବୈଧ ଘୋଷଣା ପାଇଁ ମଧ୍ୟ ଦାବି କରାଯାଇଛି। ପ୍ରକାଶ ଯେ, ସିଏଏକୁ ଚ୍ୟାଲେଞ୍ଜ କରି ବିଭିନ୍ନ ରାଜନୈତିକ ଦଳ, ନେତା, ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ୫୯ଟି ପିଟିଶନ ଦାଏର କରାଯାଇଛି। ଅଦାଲତ ଜାନୁୟାରୀ ୨୨ରେ ସେଗୁଡ଼ିକର ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ୨୦୧୯ ଡିସେମ୍ବର ୧୮ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ସିଏଏର ବୈଧତା ନେଇ ଜବାବ ତଲବ କରିଥିଲେ।



## ବିରୋଧୀ ଏକତା ଜରୁରୀ: ଅମର୍ତ୍ତ୍ୟ

କୋଲକାତା,୧୪।୧(ପି.ଟି.)



ସିଏଏକୁ ପ୍ରତ୍ୟାହାର ପାଇଁ ଦାବି କରିବା ପରେ ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଜରୁରୀ ବୋଲି ବିଶିଷ୍ଟ ଅର୍ଥନୈତିଜ୍ଞ ଅମର୍ତ୍ତ୍ୟ ସେନ ମତବ୍ୟକ୍ତ କରିଛନ୍ତି। ଦେଶବ୍ୟାପୀ ସିଏଏ-ଏନ୍ଆର୍‌ସି-ଏନ୍‌ପିଆରକୁ ନେଇ ବିକ୍ଷୋଭ ଚାଲିଥିବାବେଳେ କୋଲକାତାରେ ଖବରଦାତାମାନଙ୍କୁ ସମ୍ବୋଧିତ କରି ନୋବେଲ ବିଜେତା ଅମର୍ତ୍ତ୍ୟ କହିଛନ୍ତି, ଭଲ ଉଦ୍ଦେଶ୍ୟ ଥିବା କୌଣସି ପ୍ରକାର ବିକ୍ଷୋଭ ଲାଗି ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଗୁରୁତ୍ୱପୂର୍ଣ୍ଣ। ତେବେ ବିରୋଧୀ ଏକତା ନ ଥିଲେ ବି ବିକ୍ଷୋଭକୁ ଜାରି ରଖାଯାଇପାରେ।

# ବର୍ଷା, ବରଫପାତରେ ୭୫ ମୃତ



ଇସ୍‌ଲାମାବାଦ,୧୪।୧(ପି.ଟି.)

ପାକିସ୍ତାନରେ ବର୍ଷା, ବରଫପାତ ଓ ହିମସ୍ଖଳନ ଯୋଗୁ ୭୫ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ପ୍ରାୟ ୪୦ ଜଣ ଏଥିରେ ଆହତ ହୋଇଛନ୍ତି। ଗତ ୩ ଦିନ ହେବ ଶୀତୁଆ ପାଗ ଯୋଗୁ ଜୀବନଯାତ୍ରା ବ୍ୟାହତ ହୋଇପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ‘ପିଓକେ’ରେ ୫୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ନିଖୋଜ ଥିବା ରିପୋର୍ଟରୁ ଜଣାପଡ଼ିଛି। ବେଲୁଚିସ୍ତାନରେ ୧୭ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ୪୧ ଆହତ ହୋଇଛନ୍ତି। ହିମସ୍ଖଳନ ଯୋଗୁ ୩୫ ଘର ଭାଙ୍ଗିଯାଇଛି। କ୍ୱେଟା, ଜିଆରତ୍, ଖୋଜାକ୍ ଟପ୍, ଖାଇବର ପାଖ୍‌ତୁନ୍‌ଖ୍ୱା, ଲୋୟର କେହିସ୍ତାନ, ମଲାଖଣ୍ଡ, ହଜାରା ଆଦି ସ୍ଥାନରେ ପ୍ରବଳ ବରଫପାତ ଓ ହିମସ୍ଖଳନ ଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ। ସିଆଲ୍‌କୋଟ, ପଞ୍ଜାବର ଅନେକ ଅଞ୍ଚଳ ବନ୍ୟା କବଳିତ ହେବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି।

# ଦିଲ୍ଲୀରେ ହେବ ତ୍ରିମୁଖୀ ଲଢ଼େଇ



ଅମିତ୍ ଶାହା | ଅରବିନ୍ଦ କେଜରିୱାଲ | ସୋନିଆ ଗାନ୍ଧୀ

## ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ

## ଏଏପି ପ୍ରାର୍ଥୀତାଲିକା ଘୋଷଣା କଲା

ନୂଆଦିଲ୍ଲୀ,୧୪।୧(ପି.ଟି.)

ମଙ୍ଗଳବାରଠାରୁ ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏନେଇ ନୋଟିସ ଜାରି କରାଯାଇଛି। ଫେବୃୟାରୀ ୮ରେ ଏଠାରେ ଭୋଟଗ୍ରହଣ କରାଯିବ। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ଲାଗି ତ୍ରିମୁଖୀ ଲଢ଼େଇ ହେବାର ସମ୍ଭାବନା ରହିଛି। ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜାରି ରହିଛି। ଏଏପିର ପଲ୍ଲା ଭାରି ରହିଥିଲେ ହେଁ ଭାଜପା ଓ କଂଗ୍ରେସ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି। ଦିଲ୍ଲୀର ପ୍ରାୟ ଦେଢ଼କୋଟି ଭୋଟର ଏଥର ରାଜନେତାଙ୍କ ଭାଗ୍ୟ ପରୀକ୍ଷା କରିବେ। ଗତଥର ଏଏପି ୬୭ ଆସନ ଜିତି ରେକର୍ଡ କରିଥିଲା। ଭାଜପାକୁ ୩ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ମଙ୍ଗଳବାର ପ୍ରଥମ ଦଳ ଭାବେ ଏଏପି ୭୦ ପ୍ରାର୍ଥୀଙ୍କ ନାମତାଲିକା ଘୋଷଣା କରିଛି। ଏଥିରେ ୪୬ ଜଣ ବିଧାୟକଙ୍କୁ ଟିକେଟ ଦିଆଯାଇଥିବାବେଳେ ୨୪ ନୂଆ ମୁହଁ ଅଛନ୍ତି। ଜାନୁୟାରୀ ୨୧ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଥିବାବେଳେ ୨୪ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ। ଫେବୃୟାରୀ ୧୧ରେ ଭୋଟଗଣତି କରାଯିବ।

## ରୀତୁ ନନ୍ଦାଙ୍କ ଦେହାନ୍ତ

ମୁମ୍ବାଇ,୧୪।୧(ପି.ଟି.): ବଲିଉଡ୍‌ର ଦିବଙ୍ଗତ ଅଭିନେତା ରାଜ୍ କପୁରଙ୍କ ଝିଅ ତଥା ମେଗାଷ୍ଟାର ଅମିତାଭ୍ ବଚ୍ଚନଙ୍କ ଝିଅ ଶ୍ୱେତା ବଚ୍ଚନଙ୍କ ଶାଶୁ ରୀତୁ ନନ୍ଦାଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ଗତ କିଛିବର୍ଷ ଧରି ରୀତୁ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ୨୦୧୮ରେ ଶିଳ୍ପପତି ସ୍ୱାମୀ ରାଜନ ନନ୍ଦାଙ୍କ ପରଲୋକ ହୋଇଥିଲା। ତାଙ୍କ ପରଲୋକ ସମ୍ପର୍କରେ ନୀତୁ କପୁର ଓ ଅମିତାଭ୍ ଟୁଇଟ୍ କରି ଜଣାଇଛନ୍ତି। ରୀତୁ ୧୯୪୮ ଅକ୍ଟୋବର ୩୦ରେ ଜନ୍ମଗ୍ରହଣ କରିଥିଲେ।






ଲୟର୍ସ ଫର୍ ଡେମୋକ୍ରାସିର ଆଇନଜୀବୀମାନେ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍‌କୁ ବିରୋଧ କରି ସୁପ୍ରିମକୋର୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଭାରତରେ ଇରାନ ବହିର୍ବ୍ୟାପାର ମନ୍ତ୍ରୀ

ନୂଆଦିଲ୍ଲୀ,୧୪।୧(ପି.ଟି.)

ଇରାନର ବହିର୍ବ୍ୟାପାର ମନ୍ତ୍ରୀ ଜଭାଦ୍ ଜରିଫ୍ ୩ ଦିନିଆ ଭାରତ ଗସ୍ତରେ ଆସି ମଙ୍ଗଳବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଇରାନ-ଆମେରିକା ମଧ୍ୟରେ ତିକ୍ତତା ବଢୁଥିବାବେଳେ ଜରିଫ୍‌ଙ୍କ ଭାରତ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ବୁଧବାର ଜରିଫ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଜରିଫ୍‌ଙ୍କ ସହ ଆଲୋଚନା କରିବେ। ଇରାନ ମିଲିଟାରୀ କମାଣ୍ଡର ମେଜର ଜେନେରାଲ ସୋଲେମାନୀଙ୍କୁ ଆମେରିକା ଡ୍ରୋନ୍ ଆକ୍ରମଣ କରି ହତ୍ୟା କରିବା ପରେ ଉପୁଜିଥିବା ତିକ୍ତତାକୁ ଦୂରକରିବା ଲାଗି ଭାରତ ପ୍ରୟାସ କରିବ। ଶୁକ୍ରବାର ସେ ସମସ୍ତ କାର୍ଯ୍ୟକ୍ରମ ଶେଷକରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ■ ୟୁକ୍ରେନ ବିମାନ ଦୁର୍ଘଟଣା

# ଇରାନରେ ୩୦ ଗିରଫ

ତେହେରାନ,୧୪।୧(ପି.ଟି.)

ୟୁକ୍ରେନ ବିମାନ ଦୁର୍ଘଟଣାକୁ ନେଇ ଇରାନରେ ସରକାର ବିରୋଧୀ ବିକ୍ଷୋଭ ତେଜିବା ପରେ ମଙ୍ଗଳବାର ୩୦ ଜଣଙ୍କୁ ଗିରଫ କରାଯାଇଛି। ଗତ ୮ ତାରିଖରେ ଶତ୍ରୁପକ୍ଷର ବିମାନ ଭାବି ୟୁକ୍ରେନର ବୋଇଂ ୭୩୭କୁ ଇରାନ ପକ୍ଷରୁ ଭୁଲ୍‌ବଶତଃ ମିଶାଇଲ ମାଡ଼ କରାଯାଇଥିଲା। ଏଥିରେ ୭ଟି ଦେଶର ୧୭୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଇରାନ କ୍ଷମାମାଗିସାରିଛି। କ୍ଷେପଣାସ୍ତ୍ର ଆକ୍ରମଣ ପାଇଁ ଦାୟୀ ୩୦ ଜଣଙ୍କୁ ଗିରଫ କରାଯାଇଥିବା ଜୁଡିସିଆରି ମୁଖପାତ୍ର ଗୁଲାମ ହୁସୈନୀ ଇସ୍‌ମାଇଲ୍ ସୂଚନା ଦେଇଛନ୍ତି। ସରକାର ଦୋଷ ମାନିବାରେ ବିଳମ୍ବ କରିଥିବାରୁ ତେହେରାନ ୟୁନିଭର୍ସିଟିରେ ୨୦୦ ଛାତ୍ରୀଛାତ୍ର ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ‘ଏକଛତ୍ରବାଦୀ ମୁର୍ଦ୍ଦାବାଦ’ ବୋଲି ସ୍ଲୋଗାନ ଦେଇଥିଲେ। ମଙ୍ଗଳବାର ଏହି ବିକ୍ଷୋଭ ଚତୁର୍ଥ ଦିନରେ ପହଞ୍ଚିଛି।

### [ଇତିହାସର ଆଇନାରେ] ଜାନୁୟାରୀ ୧୫ର ପ୍ରମୁଖ ଘଟଣା

୧୯୩୪ ଜାନୁୟାରୀ ୧୫ରେ ନେପାଳ ଓ ବିହାରରେ ଭୟଙ୍କର ଭୂକମ୍ପ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୮.୦ ଥିଲା। ପ୍ରାୟ ୧୧ ହଜାର ଲୋକ ଏଥିରେ ପ୍ରାଣ ହରାଇଥିଲେ। ଏହାର ପ୍ରଭାବ ଆସାମରୁ ପଞ୍ଜାବ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା।

୨୦୧୯ ଜାନୁୟାରୀ ୧୫ରେ କେନିଆର ନାଇରୋବି ସ୍ଥିତ ଏକ ହୋଟେଲରେ ସୋମାଲି ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଗୁଳିମାଡ଼ରେ ୨୧ ବ୍ୟକ୍ତି ପ୍ରାଣ ହରାଇବା ସହ ପ୍ରାୟ ୧୯ ଜଣ ଆହତ ହୋଇଥିଲେ।

# ପାଞ୍ଚଦିନରେ ୫ ହଜାର ଓଟଙ୍କୁ ଗୁଳିକରି ହତ୍ୟା

## ଅଷ୍ଟ୍ରେଲିଆରେ ଜଳ ସଙ୍କଟ

ସିଡନୀ,୧୪।୧

ଦକ୍ଷିଣ ଅଷ୍ଟ୍ରେଲିଆର ମରୁଡ଼ି ଗ୍ରସ୍ତ ଅଞ୍ଚଳରେ ୫ ଦିନରେ ୫ ହଜାର ଓଟଙ୍କୁ ହତ୍ୟା କରାଯାଇଛି। ସ୍ଥାନୀୟ ଆଦିମ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏହି ଓଟ ଗୁଡ଼ିକୁ ଗୁଳିକରି ହତ୍ୟା କରାଯାଇଥିବା ମଙ୍ଗଳବାର ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଦକ୍ଷିଣ ଅଷ୍ଟ୍ରେଲିଆ ରାଜ୍ୟର ଆଦିବାସୀ ନେତାଙ୍କ କହିବା ଅନୁସାରେ, ଅତ୍ୟଧିକ ଶୁଖିଲା ଏବଂ ଗରମ କାରଣରୁ ଅଣଦେଶୀ ଓଟମାନେ ଗ୍ରାମୀଣ ଅଞ୍ଚଳ ଆଡ଼କୁ ମୁହାଁଉଛନ୍ତି। ଖାଦ୍ୟ ଏବଂ ପିଇବା ପାଣି ପ୍ରତି ବିପଦ ସୃଷ୍ଟି କରିବା ସହ ଭିତ୍ତି ସଂରଚନାକୁ କ୍ଷତି ପହଞ୍ଚାଉଛନ୍ତି। ଏହାସହ ଡ୍ରାଇଭରଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛନ୍ତି।

ଅନାଙ୍ଗୁ ପିଟଜାଣ୍ଟଜାଟଜାରା ୟାଙ୍କୁନିଟଜାଟଜାରା (ଏପିୱାଇ)ର ଜେନେରାଲ ମ୍ୟାନେଜର ରିଚାର୍ଡ କିଙ୍ଗ ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପଶୁ ଅଧିକାର କର୍ମୀଙ୍କ ଚିନ୍ତା ପ୍ରଶଂସାଯୋଗ୍ୟ କିନ୍ତୁ ଅଣଦେଶୀ ଜୀବଙ୍କ ଜୀବନର ବାସ୍ତବିକତା ସମ୍ପର୍କରେ ଭୁଲ ସୂଚନା ରହିଛି। ଭୂମିର ଅଧିରକ୍ଷକ ରୂପେ ଆମକୁ ଏହି ପଶୁଙ୍କ ସହ ମୁକାବିଲା କରି ସମୁଦାୟର ମୂଲ୍ୟବାନ ପାଣି ଏବଂ ସମ୍ପତ୍ତି ରକ୍ଷା କରିବା ଦରକାର । ଏବଂ ସର୍ବପ୍ରଥମେ ଆମ ଛୋଟ ଶିଶୁ, ବୟସ୍କ ଲୋକ ଏବଂ ବିଭିନ୍ନ ପ୍ରକାର ବନସ୍ପତୀ ପ୍ରତି ଏମାନେ ବପଦ ସୃଷ୍ଟି କରୁଛନ୍ତି। ଏହା ସହ କିଙ୍ଗ କହିଛନ୍ତି, ଦୁର୍ବଳ ଓଟମାନେ ପାଣିର ଗାଡିଆରେ ପଡ଼ି ମୃତ୍ୟୁ ବରଣ କରିଥାନ୍ତି ଏବଂ ସେଠାରେ ପାଣିକୁ ଦୂଷିତ କରୁଛନ୍ତି। ୨୦୧୯ ରେ ଅଷ୍ଟ୍ରେଲିଆରେ ଘୋର ଜଳାଭାବ ଦେଖାଦେଇଥିଲା। ଦେଶର ଅନେକ ସହରକୁ ଜଳ ସଂକଟର ସାମ୍ନା କରିବାକୁ ପଡ଼ିଥିଲା। ଅଷ୍ଟ୍ରେଲିଆର ବୃହତ ମରୁ ଅଞ୍ଚଳ ଅଭିଯାନ ପାଇଁ ୧୮୪୦ ମସିହାରେ ଭାରତରୁ ୨୦ ହଜାର ଓଟକୁ ଅଣାଯାଇଥିଲା। ବର୍ତ୍ତମାନ ସେମାନେ ଅଷ୍ଟ୍ରେଲିଆ ଜଙ୍ଗଲରେ ମୁକ୍ତ ବିଚରଣ କରୁଛନ୍ତି।





ଯିଏ ଯାହା ମନରେ ଅଛି, ସେ ତା ଠାରୁ ଦୂରରେ ରହି ମଧ୍ୟ ଦୂରରେ ନ ଥାଏ କିନ୍ତୁ ଯିଏ ଯାହା ମନରେ ନାହିଁ, ସେ ତା ପାଖରେ ଥାଇ ମଧ୍ୟ ଦୂରରେ ଥାଏ।

- ଚାଣକ୍ୟ

## ସଂକ୍ଷେପରେ

### ଆଜି ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ,୧୪-୧:** ବୁଧବାର ମକର ସଂକ୍ରାନ୍ତି ଯୋଗୁ ରାଜ୍ୟରେ ବିଭିନ୍ନ ବ୍ୟାଙ୍କ ଏବଂ ବ୍ୟାଙ୍କିଙ୍ଗ ପ୍ରତିଷ୍ଠାନଗୁଡିକ ବନ୍ଦ ରହିବ। ଫଳରେ ଲୋକଙ୍କୁ ସେବା ଉପଲବ୍ଧ ହେବ ନାହିଁ। ସେହିଭଳି ଏହି ଦିନ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ମକର ଲାଗି ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।

### ଯୁକ୍ତ୨ ପ୍ରଥମ ବର୍ଷ ପରୀକ୍ଷା

## ଦ୍ୱିତୀୟ ବର୍ଷ ପାଇଁ ୩୩% ମାର୍କ ଜରୁରୀ

**ଭୁବନେଶ୍ୱର, ୧୪।୧(ବ୍ୟୁରୋ):** ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ନିୟମ କଡ଼ାକଡ଼ି କରିଛନ୍ତି ରାଜ୍ୟ ସରକାର। ଏଣିକି ଯୁକ୍ତ୨ ପ୍ରଥମ ବର୍ଷ ପରୀକ୍ଷାରେ ପାସ୍ ନ କଲେ ଦ୍ୱିତୀୟ ବର୍ଷକୁ ଯାଇପାରିବେ ନାହିଁ। ଦ୍ୱିତୀୟ ବର୍ଷକୁ ଯିବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ପ୍ରଥମ ବର୍ଷରେ ୩୩% ନମ୍ବର ରଖିବା ଜରୁରୀ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ତେବେ ପରୀକ୍ଷା ପାସ୍ ପାଇଁ ପ୍ରଥମ ବର୍ଷ ପିଲାଙ୍କୁ ୨ଟି ସୁଯୋଗ ମିଳିବ। ଫେବୃୟାରୀ ୧୫ରୁ ୨୯ ମଧ୍ୟରେ ପ୍ରଥମ ପରୀକ୍ଷା ପାଇଁ ସୁଯୋଗ ଦିଆଯିବ। ଏଥିରେ ୩୩%ରୁ କମ୍ ରଖିଥିବା ପିଲାଙ୍କ ପାଇଁ ରିମେଡିଆଲ କ୍ଲାସ୍ ହେବ। ଏହାପରେ ଦ୍ୱିତୀୟ ସୁଯୋଗ ଭାବେ ମେ' ଶେଷ ସପ୍ତାହରେ ପରୀକ୍ଷା କରାଯିବ। ଦ୍ୱିତୀୟ ବର୍ଷ ଢାଞ୍ଚାରେ ପ୍ରଥମ ବର୍ଷ ପରୀକ୍ଷା ହେବ। ଏହି ପରୀକ୍ଷାକୁ ସମ୍ପୃକ୍ତ କଲେଜ ଅଧିକାରୀ ନିଜେ ପରିଚାଳନା କରିବେ। କଲେଜଗୁଡ଼ିକ ପ୍ରଥମ ବର୍ଷ ରେଜଲ୍ଟ ନିର୍ଦ୍ଦେଶାଳୟକୁ ଜଣାଇବେ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଅନ୍ୟପଟେ ବିଭାଗର ଏଭଳି ପଦକ୍ଷେପକୁ ଶିକ୍ଷାବିତ୍‌ମାନେ ସ୍ୱାଗତ କରିଥିଲେ ହେଁ ଛାତ୍ରୀଛାତ୍ରଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ମତ ଦେଇଛନ୍ତି। ଶିକ୍ଷାବିତ୍‌ଙ୍କ କହିବା ହେଲା, ଦ୍ୱିତୀୟ ବର୍ଷ ପରୀକ୍ଷାକୁ ଯେପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ କରୁଛି, ପ୍ରଥମ ବର୍ଷ ପରୀକ୍ଷା ବି ଯଦି ସେହିଭଳି ପରିଷଦ ପକ୍ଷରୁ ହୁଅନ୍ତା, ତେବେ ଏହାର ପ୍ରଭାବ ପଡ଼ନ୍ତା।




### ■ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ଅରୁଣ ବୋଥ୍ରାଙ୍କୁ ଲିଗାଲ ନୋଟିସ

**ବଲାଙ୍ଗୀର ଅଫିସ,୧୪।୧**

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ତତ୍କାଳୀନ ତଦନ୍ତକାରୀ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରାଙ୍କୁ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ସ୍ତ୍ରୀ ସୌଦାମିନୀ ମେହେର ଓକିଲ ଜରିଆରେ ଲିଗାଲ ନୋଟିସ୍ ପଠାଇଛନ୍ତି। ସୌଦାମିନୀଙ୍କ ଟୁଇଟର ଆକାଉଣ୍ଟରେ ଏଭଳି ତଥ୍ୟ ଶେୟାର କରାଯିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି। ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ନେଇ 'ପାଟଣାଗଡ଼' ଶୀର୍ଷକ ଚଳଚ୍ଚିତ୍ର ନିର୍ମାଣକୁ ସୌଦାମିନୀ ମୂଳରୁ ବିରୋଧ କରିଆସୁଛନ୍ତି। ଏହି ଚଳଚ୍ଚିତ୍ର ନିର୍ମାଣର ପ୍ରମୋଟର ଭାବେ ଆଇପିଏସ୍ ଅଫିସର ଅରୁଣ ବୋଥ୍ରାଙ୍କୁ ଚିତ୍ରଣ କରି ସୌଦାମିନୀଙ୍କ ତରଫରୁ ଲିଗାଲ ନୋଟିସ ଦିଆଯାଇଛି। ଉକ୍ତ ନୋଟିସ ସମ୍ପର୍କରେ ଆଇପିଏସ୍ ବୋଥ୍ରାଙ୍କ ସହ ଭାରତର ରାଷ୍ଟ୍ରପତିଙ୍କ ସଚିବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଓ ସଚିବ, ଓଡ଼ିଶା ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ରାଜ୍ୟ ଗୃହ ମନ୍ତ୍ରଣାଳୟ, ଓଡ଼ିଶା ପୋଲିସ ଡିଜିଙ୍କ ସହ ଅନ୍ୟମାନଙ୍କୁ ଅବଗତ କରାଯାଇଛି।

୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ନବବଧୂ ରିମା ସାହୁ ଗୁରୁତର ଆହତ ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଥିଲେ। ବିବାହ ଉତ୍ସବର ୫ ଦିନ ପରେ ଉପହାର ପ୍ୟାକେଟ୍ ଜରିଆରେ ଏହି ବିସ୍ଫୋରଣ ଘଟି ୨ଟି ଜଣଙ୍କ ମୃତ୍ୟୁ ଘଟିବା ରାଜ୍ୟ ତଥା ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାରେ ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ବଲାଙ୍ଗୀର, ପାଟଣାଗଡ, ରାୟପୁର ଅଞ୍ଚଳରେ ତଦନ୍ତ କରି ଭଇଁଷା କଲେଜ ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଘଟଣାର ମାଷ୍ଟରମାଇଣ୍ଡ ଓ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲେ।

ଭଇଁଷା କଲେଜରେ ମୃତ ସୌମ୍ୟଶେଖରଙ୍କ ମା' ସଂଯୁକ୍ତା ସାହୁ ଅଧ୍ୟକ୍ଷା ଭାବେ କାମ କରୁଥିଲେ। ସଂଯୁକ୍ତାଙ୍କ ପ୍ରତି ପ୍ରତିଶୋଧପରାୟଣ ହୋଇ ପୁଞ୍ଜିଲାଲ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟାଇଥିଲେ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା। ଏହି ଘଟଣାକୁ ନେଇ 'ପାଟଣାଗଡ଼' ଶୀର୍ଷକରେ ଏକ ଚଳଚ୍ଚିତ୍ର ନିର୍ମାଣ ହେଉଥିବା ଜଣାପଡିବା ପରେ ଏହାକୁ ସୌଦାମିନୀ ବିରୋଧ କରିଥିଲେ। ପୁଞ୍ଜିଲାଲଙ୍କୁ ନିର୍ଦ୍ଦୋଷ କହି ତାଙ୍କୁ ଫସାଇ ଦେଇଥିବା ଅଭିଯୋଗ କରିଥିଲେ। ଏହାପରେ 'ପାଟଣାଗଡ଼' ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ମାତା ଓ ନିର୍ଦ୍ଦେଶକ ଓ କଳାକାରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅରୁଣ ବୋଥ୍ରାଙ୍କ କାରଣରୁ ତାଙ୍କ ସ୍ୱାମୀ ପୁଞ୍ଜିଲାଲ ଓ ପରିବାରର ମାନହାନି ହୋଇଥିବା ଦର୍ଶାଇ ତାଙ୍କୁ ଲିଗାଲ ନୋଟିସ ପ୍ରଦାନ କରିଥିବା ଜଣାପଡିଛି। ସୌଦାମିନୀଙ୍କ ତରଫରୁ ସୁପ୍ରିମକୋର୍ଟ ଓକିଲ ସୌଫି ଗୁର୍‌ଲୀନ କୌର ଜାଗୀ ଅରୁଣ ବୋଥ୍ରାଙ୍କୁ ଗତ ଜାନୁୟାରୀ ୫ ତାରିଖରେ ନୋଟିସ ପଠାଇଥିବା ଜଣାପଡିଛି। ଏନେଇ ସୌଦାମିନୀଙ୍କ ଟୁଇଟର ଆକାଉଣ୍ଟରେ ସୂଚନା ଦିଆଯାଇଛି।

**ପୁଞ୍ଜିଲାଲଙ୍କ ସ୍ତ୍ରୀ ସୌଦାମିନୀଙ୍କ ଟୁଇଟର ଆକାଉଣ୍ଟରୁ ସୂଚନା ମିଳିଲା**


SOUDAMINI MEHER @Me... · 6d
A mail received from the @Under_Sec. to the #GoI, #CS_Division, Min. of Home Affairs & he has given direction To the Secretary to Home <homesec.od@nic.in> @homeodisha

"Action taken on the petition may please be communicated to the petitioner directly."

President of India and 9 others

# ଧରାପଡ଼ିଲେ ନାବାଳକ ଗାଡ଼ିଚାଳକ, ୨୬ହଜାର ଜରିମାନା

**ବାରଙ୍ଗ, ୧୪।୧(ଡି.ଏନ୍.ଏ.)**

ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ହେବ ଜରିମାନା। ଏ ନେଇ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ବ୍ୟାପକ ସଚେତନତା କରାଯାଉଛି। ହେଲେ ଲୋକେ ତାହାକୁ ନ ମାନି ନାବାଳିକା ଓ ନାବାଳକଙ୍କୁ ଗାଡ଼ି ଚଳାଇବାକୁ ଦେଉଛନ୍ତି। ନାବାଳିକା ଓ ନାବାଳକ ଧରାପଡ଼ିଲେ ସେମାନଙ୍କ ଅଭିଭାବକ କିମ୍ବା ଗାଡ଼ି ମାଲିକଙ୍କୁ ଦଣ୍ଡିତ ହେବାକୁ ପଡୁଛି। ଏଭଳି ଏକ ଘଟଣା ମଙ୍ଗଳବାର କଟକର ବାରଙ୍ଗ ଅଞ୍ଚଳରେ ଘଟିଛି। ହେଲମେଟ ଓ ଡ୍ରାଇଭିଂ ଲାଇସେନ୍ସ ନ ଥାଇ ଜଣେ ନାବାଳକ ଗ୍ରାମର ଜଣେ ବ୍ୟକ୍ତିଙ୍କ ସ୍କୁଟି ଚଳାଇ ଧରାପଡ଼ିଛନ୍ତି। ଫଳରେ ୨୬ହଜାର ଟଙ୍କା ଫାଇନ ଭରିବାକୁ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ନାମରେ ଚାଲାଣ କଟାଯାଇଛି।

ସୂଚନା ଅନୁଯାୟୀ, କଟକ ଆର୍‌ଟିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଆଡିଶନାଲ ଆର୍‌ଟିଓ ରାଜେଶ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ବାରଙ୍ଗ ଥାନା ସମ୍ମୁଖରେ ଗାଡ଼ି ଚେକିଂ କରାଯାଉଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ବାରଙ୍ଗ ଗୋଠପୁର ଗ୍ରାମର ଜଣେ ୧୭ବର୍ଷୀୟ ନାବାଳକ ବିନା ହେଲମେଟରେ ଏକ ସ୍କୁଟି (ଓଡି ୦୫-ଏଜେ-୧୫୧୨) ଚଳାଇ ବାରଙ୍ଗ ଯାଉଥିଲେ। ଉକ୍ତ ନାବାଳକ ତାଙ୍କ ଗ୍ରାମର ଜଣେ ସମ୍ପର୍କୀୟଙ୍କଠାରୁ ସ୍କୁଟି ଆଣି ବାରଙ୍ଗ ଆସୁଥିବାବେଳେ ଚେକିଂ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ। ଜଣଙ୍କଠାରୁ ସ୍କୁଟି ମାଗି ଏକ ଜରୁରୀ କାମରେ ଯାଉଥିବା ଉକ୍ତ ନାବାଳକ କହିଥିଲେ ମଧ୍ୟ କର୍ମଚାରୀମାନେ କିଛି ଶୁଣି ନ ଥିଲେ। ଶେଷରେ ଡିଏଲ୍ ନ ଥିବା ସହ କମ୍ ବୟସରେ ଗାଡ଼ି ଚଳାଉଥିବାରୁ ଜରିମାନା କରାଯାଇଥିଲ। ଡ୍ରାଇଭିଂ ଲାଇସେନ୍ସ ନ ଥିବାରୁ ୨୫ ହଜାର ଓ ହେଲମେଟ ପିନ୍ଧି ନ ଥିବାରୁ ୧ହଜାର ଟଙ୍କାର ଫାଇନ ଭରିବା ନିମନ୍ତେ ଚାଲାଣ କଟାଯାଇଥିଲା। ଏହି ଘଟଣା ଏବେ ବାରଙ୍ଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।








Regd. Office: Hero MotoCorp Ltd. The Grand Plaza Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Cash Benefit of ₹ 2020/- on select Motorcycle models in Central, East & North Zones from 1st Jan till 31st Jan'20 & in Gujarat from 15th Jan till 31st Jan'20. 6.99% rate of interest scheme on Scooters & Premium MC Cash bonus & Finance scheme are applicable on specific models only. Finance scheme is at the sole discretion of the Financier & subject to its respective T&Cs. Finance schemes cannot be clubbed together. Limited period offer. Hero MotoCorp reserves the right to modify / alter / cease offers without any prior intimation. For more details, please contact your nearest Authorized Hero outlet. **Expected price increase on BS6 models may vary for different vehicle model and any other prevailing market condition.

**AUTHORIZED DEALERS: BHUBANESWAR:** ROHAN HERO - 7799766422; BHARAT HERO - 7799766378; DD HERO - 7799766329; **BALASORE:** NEELAM HERO - 7799766393; **BARIPADA:** ADITYA HERO - 7799766370; **BHADRAK:** SANJIB HERO - 7799766380; **CHANDIKHOL:** S. K. HERO - 7799766362; **CUTTACK:** JMG HERO - 7799766366, SUNNY HERO - 7799766401, ESSEN HERO - 7799766425; **JAGATSINGHPUR:** TRISHUL HERO - 7799766383; **JAJPUR ROAD:** SOUMIK HERO - 7799766410; **JALESWAR:** SAI HERO - 7799766407; **JATNI:** VISHAL HERO - 7799766398; **KEONJHAR:** SUPREME HERO - 7799766360; **NAYAGARH:** BHAGABATI HERO - 7799766417; **PURI:** SANJIB HERO- 8448389695; **BEHRAMPUR:** LAKSHMI HERO - 7799766350; **JEYPORE:** SUPREME HERO - 7799766340; **PHULBANI:** NARAYANI HERO - 7799766373; **RAYGADA:** AJIT HERO - 7799766358; **BARGARH:** AAKASH HERO - 7799766396; **BHAWANIPATNA:** ARUNDHATI HERO - 7799766385; **BOLANGIR:** ARUNDHATI HERO - 7799766327; **JHARSUGUDA:** VIJAYLAXMI HERO - 7799766368; **ROURKELA:** DUA HERO -7799766391; **SAMBALPUR:** SRI SHYAM HERO - 7799766356; **SONEPUR:** JAI JAWAN HERO - 7799766419; **SUNDERGARH:** ROBOTECH HERO: 8448183659; **ANGUL:** PARBATI HERO - 7799766342; **DHENKANAL:** SOM HERO - 7799766347; **TALCHER:** TARINI HERO - 7799766374.

L&K | SAATCHI & SAATCHI

**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଦେଶର ୯ ପ୍ରମୁଖ ସହରରେ ଘର ବିକ୍ରି ୩୦% ହ୍ରାସ ଘଟିଛି।
– ପ୍ରପ୍‌ଟାଇଗର

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦିବ୍ୟାଂଶୀ
ପରିବାରବର୍ଗ


ପ୍ରିୟମ୍
ପରିବାରବର୍ଗ


ରାଜେନ୍ଦ୍ର
ପରିବାରବର୍ଗ


ରିଶାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

**୯୪୩୭୦୦୯୪୪୧, ୯୩୪୮୨୦୯୫୩୪**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଶନି କ୍ଷେତ୍ରସ୍ଥ ଶୁକ୍ରଙ୍କ ନକ୍ଷତ୍ରରେ ଥିବାରୁ ମାନସିକ ଶିଥିଳତା ସହ ଅସ୍ଥିରତା ଭିତରେ ଦିନଟି ଅତିବାହିତ ହେବ। ବୃଶ୍ଚିକ ରାଶିସ୍ଥ ମଙ୍ଗଳଙ୍କ ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ। ଆତ୍ମୀୟ ସ୍ୱଜନଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ। କୌଣସି ନୂତନ କର୍ମାରମ୍ଭ କରିବାରେ ବ୍ୟସ୍ତ ରହିପାରନ୍ତି।

**ବୃଷ** ଆଧାମ୍ରିକ ଗ୍ରହ ଶନିଙ୍କ ଦୃଷ୍ଟିରେ କର୍ମସ୍ଥ ଶୁକ୍ର ହେତୁ ଧାର୍ମିକ କାର୍ଯ୍ୟ ସକାଶେ ମନବଳାଇବେ। ପାରିବାରିକ ସ୍ତରରେ ଅଟକି ରହିଥିବା କାମଗୁଡିକ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧିପାଇବ। କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ସବୁ କାମରେ ଆଗୁଆ ରହି କାମ କରିବା ହେତୁ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ମିଥୁନ** ଧର୍ମଭାବକୁ ଗଣତନ୍ତ୍ରାଧିପ ଗ୍ରହ ଶନିଙ୍କ ଦୃଷ୍ଟିରୁ ସାମୂହିକ ଭାବରେ ଧର୍ମଭାବାପନ୍ନ କର୍ମ କରିବେ। ଆଜି ଯେତିକି ଅର୍ଥ ପାଇବେ ପ୍ରତିଦାନରେ ତାହାଠାରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। କୌଣସି ବ୍ୟକ୍ତିଙ୍କ ଫୁସୁଲାଫୁସୁଲି କଥାରେ ଭାସିଯାଇ ଅନୁତାପ କରିବାକୁ ପଡ଼ିପାରେ। ଆର୍ଦ୍ରା ନକ୍ଷତ୍ରର ସାମାଜିକ କ୍ଷେତ୍ରରେ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି।

**କର୍କଟ** ଶୁକ୍ର ଓ ଚନ୍ଦ୍ରଙ୍କ ପାରସ୍ପରିକ ବିଷମଦୃଷ୍ଟି ଅର୍ଥାଭାବ ନ ଥାଇ ମଧ୍ୟ ଅଭିଳଷିତ କାର୍ଯ୍ୟ କରିପାରିବେ ନାହିଁ। ଆପଣଙ୍କୁ କୌଣସି ବନ୍ଧୁ ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ହଇରାଣରେ ପକାଇବାକୁ ଚେଷ୍ଟା କରିବାର ସୂଚନା ରହିଛି। ପୁନର୍ବସୁ ନକ୍ଷତ୍ର ସକାଶେ ବ୍ୟବସାୟ,ବାଣିଜ୍ୟ ଓ ପରିବହନ, ପ୍ରଶାସନ, ସଂଗଠନ, ରାଜନୀତିରେ ସଫଳତା ମିଳିବ।

**ସିଂହ** ଆଜି ରାହୁଯୁକ୍ତ ଚନ୍ଦ୍ର ହେତୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବା କଷ୍ଟକର ହୋଇପାରେ। ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଦିନ ଗୋଟାଏ ପରେ ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ମହିଳା ମାନଙ୍କ କ୍ଷେତ୍ରରେ ରୋଗ, ଋଣ ଓ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ।

**କନ୍ୟା** ଆଜିପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ଯୋଗୁ କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ଆଶ୍ୱସ୍ତି ପାଇପାରିବେ ନାହିଁ। ସକାଳୁସକାଳୁ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇ ପାରନ୍ତି। ବିବାଦୀୟ ଘଟଣାରେ ନୀରବତା ଓ ବ୍ୟବସାୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ। ତୀର୍ଥାଟନ, ବନ୍ଧୁମିଳନ, ଧର୍ମକାର୍ଯ୍ୟ, ମିତ୍ରଙ୍କ ଆନୁଗତ୍ୟ ପ୍ରତ୍ୟେକ କାମରେ ସହାୟକ ହେବ।

**ତୁଳା** ଧନାଧିପତିଙ୍କ ଧନଭାବ ମଣ୍ଡନ କାରଣରୁ ଆର୍ଥିକ ଉନ୍ନତି ସହ ବୈଷୟିକ ସୁଖ, ସମୃଦ୍ଧି, ମାନସିକ ଶାନ୍ତି ପ୍ରଦାନ କରିବ। ନିଜ ଲୋକମାନଙ୍କୁ ଅତି ନିକଟରେ ପାଇ ସାମୟିକ ମନଦୁଃଖକୁ ଭୁଲି ଯାଇପାରନ୍ତି। ପ୍ରଶାସନିକ ପରିଚାଳନା, ନୂତନ କାର୍ଯ୍ୟାରମ୍ଭର ପରିକଳ୍ପନା, ସଭାସମିତିର ଆଲୋଚନା ଯଥାବିଧି ସମ୍ପନ୍ନ ହେବ।

**ବିଛା** ନୂତନ କାର୍ଯ୍ୟାରମ୍ଭ ସକାଶେ ପାରିବାରିକ ସ୍ୱୀକୃତି ସଙ୍ଗକୁ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହଯୋଗ କାମଟିକୁ ତ୍ୱରାନ୍ୱିତ କରିବ। ଈର୍ଷା ଓ ଅସୂୟା ମନୋଭାବ ନେଇ ନିକଟ ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ। ବିଶାଖା ନକ୍ଷତ୍ରର ସ୍ୱାସ୍ଥ୍ୟଗତ ସମସ୍ୟା ଓ କର୍ମକ୍ଷେତ୍ରରେ ଅସନ୍ତୋଷର ବାତାବରଣ ମନକୁ ବିଚଳିତ କରିପାରେ।

**ଧନୁ** ଦ୍ୱିତୀୟସ୍ଥ ରବି ଓ ବୁଧ ଆପଣଙ୍କୁ ଅପ୍ରିୟସତ୍ୟ କୁହାଇ ବନ୍ଧୁମାନଙ୍କ ବିରାଗଭାଜନ କରାଇପାରନ୍ତି। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ, ପରିବହନ, ଆନୁଷ୍ଠାନିକ କାମରେ ଉନ୍ନତି କରିବେ। ଦୀର୍ଘଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ଆଶା କ୍ରମଶଃ ଉଜ୍ଜ୍ୱଳତର ହୋଇପାରେ।

**ମକର** କର୍ମାଧିପ ଉଚ୍ଚରୋହୀ ହୋଇଥିବାରୁ କାର୍ଯ୍ୟସିଦ୍ଧି ସଙ୍ଗକୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇପାରନ୍ତି। ଅର୍ଥନୈତିକ ପରିସ୍ଥିତିରେ କ୍ରମୋନ୍ନତିର ଝଲକ ଦେଖିବାକୁ ମିଳିବା ହେତୁ ଖୁସୀ ରହିବେ। ପ୍ରଶାସନିକ କ୍ଷେତ୍ରରେ, କଳା,ସାହିତ୍ୟ ,ବାଣିଜ୍ୟ,ବ୍ୟବସାୟରେ ସାମୟିକ ଭାବରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ** ରାହୁଙ୍କ ସ୍ଥିତି ଜନିତ ଭୁଲ୍ ନିଷ୍ପତ୍ତି ଗ୍ରହଣ କରି ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ଶାରୀରିକ ଅସୁସ୍ଥତା, ବିବାଦୀୟ ଘଟଣା,ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ବୁଝାମଣା ଅଭାବରୁ ପ୍ରତ୍ୟେକ କ୍ଷେତ୍ରରେ ବିତର୍କ ଓ ସମ୍ପର୍କରେ ଭଙ୍ଗା ପଡ଼ିଯାଇପାରେ।

**ମୀନ** ଧନାଧିପ ନିଜ ଭାବରୁ ଅଷ୍ଟମସ୍ଥ ଯୋଗୁ ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମନ ଭାରାକ୍ରାନ୍ତ ରହିବ। ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ଗତକାଲିର ଯୋଜନା ଓ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ଜାନୁୟାରୀ ୧୫ ତାରିଖ, ଭାରତୀୟ ସେନାଦିବସ, ଉତ୍ତରାୟଣ ମକର ସଂକ୍ରାନ୍ତି, ଉତ୍ତରାୟଣ ବନ୍ଦାପନା, ଶ୍ରୀଲୋକନାଥଦେବଙ୍କ ମକରଚୂଳ ବିଜେ, ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଘୃତକମ୍ବଳ, ଗଙ୍ଗାସାଗର ମେଳା, ମକରବୁଡ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ, ମାଘ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ବୁଧବାର, ରାଶି ନକ୍ଷତ୍ର–ଉତ୍ତରାଫାଲ୍‌ଗୁନୀ/ସିଂହ, ଦିବା ଘ.୧୨ ।୧୦ମି. ଗତେ କନ୍ୟା ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ.୭ ।୫୫ମି. ମଧ୍ୟେ ଘ.୧୦ ।୦୬ମି. ଗତେ ଘ.୧୧ ।୩୪ମି. ମଧ୍ୟେ ଅମୃତବେଳା।

## ପ୍ରଥମ ପୃଷ୍ଠାରୁ...

### ଭାରତରେ ଯାହା...

ଭାଜପା ସମାଲୋଚନା କରିଛି। ତେବେ ଏହାକୁ ନେଇ ବିବାଦ ଉଠିବା ପରେ ନାଡେଲା ସଫେଇ ଦେଇଛନ୍ତି। ଇତିମଧ୍ୟରେ ଫେସ୍‌ବୁକ୍, ଉବେର ଓ ଆମାଜନରେ କାର୍ଯ୍ୟରତ ତଥା ଭାରତରେ ଜନ୍ମିତ ୧୫୦ରୁ ଊର୍ଦ୍ଧ୍ୱ ପ୍ରଫେଶନାଲ ଖୋଲାଚିଠି ଲେଖିଛନ୍ତି। ଏହାସହ ସେମାନେ ଦେଶବ୍ୟାପୀ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ କରାଇବା ନେଇ କେନ୍ଦ୍ରର ଯୋଜନାକୁ ସମାଲୋଚନା କରିଛନ୍ତି। ସିଏଏ ଏବଂ ଏନ୍‌ଆର୍‌ସିକୁ ଏହି କର୍ମଚାରୀମାନେ 'ଫାସିବାଦୀ' ବୋଲି ଅଭିହିତ କରିଛନ୍ତି।

ପଡ଼ୋଶୀ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରେ ଧାର୍ମୀୟ ଅତ୍ୟାଚାରର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତରେ ଆଶ୍ରୟ ନେଇଥିବା ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ କେନ୍ଦ୍ର ସରକାର ସିଏଏ ପ୍ରଣୟନ କରିଛନ୍ତି। ଏହି ଆଇନକୁ ନେଇ ଉତ୍ତର-ପୂର୍ବାଞ୍ଚଳରୁ ନେଇ ବିହାର, ଦକ୍ଷିଣ ଭାରତରୁ ନେଇ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି। ସିଏଏ ବିରୋଧୀ ବିକ୍ଷୋଭ ବେଳେ ଗତ ଡିସେମ୍ବର ୪ରୁ ଅଦ୍ୟାବଧି ୩ ନାବାଳକଙ୍କ ସମେତ ୨୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଏସବୁକୁ ନେଇ ନୋବେଲ ପୁରସ୍କାର ବିଜେତା ବିଶିଷ୍ଟ ଅର୍ଥନୈତିଜ୍ଞ ଅମର୍ତ୍ତ୍ୟ ସେନ ମଧ୍ୟ କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧ କରିସାରିଛନ୍ତି। ଗତମାସରେ ସିଏଏ ବିରୋଧୀ ବିକ୍ଷୋଭରେ ସାମିଲ ହୋଇଥିବା ଐତିହାସିକ ରାମଚନ୍ଦ୍ର ଗୁହାଙ୍କୁ ବେଙ୍ଗାଲୁରୁରେ ଗିରଫ କରାଯାଇଥିଲା। ଏହି କ୍ରମରେ ଭାରତରେ ଜନ୍ମିତ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ସିଏଏକୁ ନେଇ ସୋମବାର ସ୍ୱର ଉଠାଇଥିଲେ। ସେ କହିଥିଲେ, ମୋତେ ଲାଗୁଛି ଭାରତରେ ଯାହା କିଛି ଚାଲିଛି ତାହା ଦୁଃଖଦ। ଏହା ଖରାପ କଥା। ଜଣେ ବାଂଲାଦେଶୀ ଶରଣାର୍ଥୀ ଯେତେବେଳେ ଭାରତକୁ ଆସି ୟୁନିକର୍ନ ପ୍ରତିଷ୍ଠା କରିବେ କିମ୍ବା ଇନ୍‌ଫୋସିସ୍‌ର ପରବର୍ତ୍ତୀ ସିଇଓ ହେବେ ସେତେବେଳେ ମୁଁ ଖୁସି ହେବି ବୋଲି ନାଡେଲା କହିଥିଲେ। ବଜ୍‌ଫିଡ୍ ନ୍ୟୁଜ ମୁଖ୍ୟ ସମ୍ପାଦକ ବେନ୍ ସ୍ମିଥ୍ ନାଡେଲାଙ୍କ ଏହି ମନ୍ତବ୍ୟକୁ ଟୁଇଟ୍ କରିଛନ୍ତି। ତାଙ୍କ ମନ୍ତବ୍ୟକୁ ସ୍ୱାଗତ କରି ଐତିହାସିକ ଗୁହା କହିଛନ୍ତି, ସତ୍ୟ ନାଡେଲା ସତ କହିଥିବାରୁ ମୁଁ ଖୁସି। ଆଇଟି ସେକ୍ଟରର ଲୋକେ ସିଏଏକୁ ନେଇ ଯାହା ଚିନ୍ତା କରୁଛନ୍ତି ସେମାନେ ସେନେଇ ମୁହଁ ଖୋଲିବାକୁ ସାହସ ମଧ୍ୟ କରୁଛନ୍ତି। ଏହାକୁ ନେଇ ମୁଁ ଖୁସି ବୋଲି ଟୁଇଟ କରିଛନ୍ତି। ନାଡେଲାଙ୍କ ମନ୍ତ୍ୟକୁ ନେଇ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ମଙ୍ଗଳବାର କଡ଼ା ସମାଲୋଚନା କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ନେଇ ସାକ୍ଷର ଲୋକେ କିପରି ଶିକ୍ଷିତ ହେବା ଦରକାର ନାଡେଲାଙ୍କ ମନ୍ତବ୍ୟ ଏହାର ଉପଯୁକ୍ତ ଦୃଷ୍ଟାନ୍ତ। ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରେ ନିର୍ଯାତିତ ସଂଖ୍ୟାଲଘୁଙ୍କୁ ନାଗରିକତ୍ୱ ପ୍ରଦାନ ହେଉଛି ସିଏଏର ଉଦ୍ଦେଶ୍ୟ। ସେହିପରି ମାଇକ୍ରୋସଫ୍ଟ ମୁଖ୍ୟାଳୟ ଥିବା ଆମେରିକା କାହିଁକି ୟେଜିଦିଙ୍କ ପରିବର୍ତ୍ତେ ସିରିଆର ମୁସ୍‌ଲିମମାନଙ୍କୁ ଏଭଳି ସୁଯୋଗ ଦେଇପାରୁନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେପଟେ ଏହି ପ୍ରସଙ୍ଗକୁ ନେଇ ବିବାଦ ଉଠିବା ପରେ ନାଡେଲା ସ୍ପଷ୍ଟୀକରଣ ଦେଇଛନ୍ତି। ପ୍ରତ୍ୟେକ ଦେଶ ନିଜ ସୀମାକୁ ପରିଭାଷିତ କରି ଜାତୀୟ ନିରାପତ୍ତାକୁ ସୁରକ୍ଷିତ ରଖିପାରିବେ ଏବଂ ଅନୁରୂପ ଭାବେ ଆପ୍ରବାସନ ନୀତି ସ୍ଥିର କରିପାରିବେ।

ବିବିଧ ସଂସ୍କୃତିର ଦେଶ ଭାରତ। ମୁଁ ମୋର ଭାରତୀୟ ଐତିହ୍ୟକୁ ନେଇ ଗଢ଼ା ଏବଂ ଆମେରିକାରେ ପ୍ରବାସୀ ଭାବେ ମୋର ଅଭିଜ୍ଞତା ରହିଛି। ତେଣୁ ଭାରତରେ ଜଣେ ପ୍ରବାସୀ ଏକ ସମୃଦ୍ଧ ଷ୍ଟାର୍ଟ-ଅପ୍ ପ୍ରତିଷ୍ଠା କରିପାରନ୍ତୁ କିମ୍ବା ଏକ ବହୁରାଷ୍ଟ୍ରୀୟ କମ୍ପାନୀ ତଥା ଅର୍ଥନୀତିର ନେତୃତ୍ୱ ନେଇପାରନ୍ତୁ। ଏପରି ଆଶା କରୁଛି ବୋଲି ନାଡେଲା ଟୁଇଟ୍ କରିଛନ୍ତି।

### ସିଏଏ: ସୁନ୍ଦରଗଡ଼ରେ...

ଟାଉନ ଥାନାରେ ରିପୋର୍ଟ କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ମାଡ଼ ମାରିବାକୁ ବିରୋଧ କରି କଂଗ୍ରେସର ଏକ ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟିଥିଲେ। ଏହି ଘଟଣା ପରଠୁ ରିଜେଣ୍ଟ ମାର୍କେଟ ଅଞ୍ଚଳରେ ଉତ୍ତେଜନା ଆଶଙ୍କା କରି ସୋମବାର ରାତିରୁ ସ୍ୱତନ୍ତ୍ର ପୋଲିସ ମୁତୟନ କରାଯାଇଥିଲା। ଏପରିକି ଏହି ଘଟଣାକୁ ନେଇ ଗତ ରାତିରେ ପୁଣି ଥରେ ଗଣ୍ଡଗୋଳ ହୋଇଥିଲେ ହେଁ ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ହେଲେ ମଙ୍ଗଳବାର ସକାଳେ ରିଜେଣ୍ଟ ମାର୍କେଟର ଜଣେ ଯୁବକ ନିକଟସ୍ଥ ଘସିଆପଡାର ଏକ ଦୋକାନକୁ ରାଶନ ସାମଗ୍ରୀ କିଣିବାକୁ ଯାଇଥିଲେ। ତାଙ୍କୁ ମାରପିଟ କରାଯାଇଥିବା ଅଭିଯୋଗ ହୋଇଛି। ଅପରାହ୍ନ ପ୍ରାୟ ସାଢେ ୧ଟା ବେଳେ ସେହି ଅଞ୍ଚଳରେ ଗୋଟିଏ ଗୋଷ୍ଠୀର କେତେଜଣ ବ୍ୟକ୍ତି ଅନ୍ୟ ଏକ ଗୋଷ୍ଠୀର ଲୋକଙ୍କ ଘର ଓ ରାସ୍ତା ଉପରକୁ ପଥର ମାଡ କରିଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ପଥର, ଇଟା ମାଡ ହୋଇ ପୁଣି ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଥମେ ଟାଉନ ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ପଥରମାଡରେ ଟାଉନ ଥାନା ଆଇଆଇସି ବିଭିସ ପ୍ରଧାନଙ୍କ ସମେତ ୫ଜଣ ପୋଲିସ କର୍ମଚାରୀ ଓ ଉଭୟ ଗୋଷ୍ଠୀର ମଧ୍ୟ ୪ରୁ ୫ ଜଣ ଆହତ ହୋଇଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ମୃଦୁ ଲାଠିଚାଳନା କରାଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ଏକ ଶାନ୍ତି କମିଟି ବୈଠକ ଡ଼କାଯାଇଥିଲା। ଏହି ବୈଠକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା।

### ନିର୍ଭୟା ଦୋଷୀଙ୍କ...

ପାରାମେଡିକାଲ ଛାତ୍ରୀ(ନିର୍ଭୟା)ଙ୍କୁ ଚଳନ୍ତା ବସ୍‌ରେ ଅତି ନୃଶଂସ ଭାବେ ୬ ଯୁବକ ଗଣବଳାତ୍କାର କରି ରାସ୍ତାରେ ଫିଙ୍ଗିଦେଇ ଚାଲିଯାଇଥିଲା। ଏହାର ୧୩ ଦିନ ପରେ ପୀଡ଼ିତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପ୍ରଥମେ ଟ୍ରାଏଲ୍ କୋର୍ଟ ଓ ପରେ ହାଇକୋର୍ଟ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ସୁପ୍ରିମକୋର୍ଟ ଏହାକୁ କାଏମ୍ ରଖିଥିଲେ। ୬ ଅଭିଯୁକ୍ତଙ୍କ ମଧ୍ୟରୁ ତିହାର ଜେଲରେ ରାମ୍ ସିଂ ଆତ୍ମହତ୍ୟା କରିଥିବାବେଳେ ଅନ୍ୟ ଜଣେ ନାବାଳକଙ୍କ ବିଚାର ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ଦ୍ୱାରା କରାଯାଇଥିଲା। ଫାଶୀ ଦଣ୍ଡାଦେଶ ବିରୋଧରେ ୪ ଦୋଷୀ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ ହେଁ ଏହା ଖାରଜ ହୋଇଯାଇଥିଲା।


# classifieds Everyday

**0674-2580101, 2549302**




**BRIDE WANTED**

Brahmin boy 1989, B-Tech IIT MBA IIM Manager, Mumbai.9437555525. D-16191

Brahmin groom 45y/ 5'6" B.Com LLB, Marketing of industrial goods and also in Astrology, suitable candidate may contact 9556756352, 9831106142. D-16081

**GROOM WANTED**

Age 35, Bank Job, ବିଧବା, ନିଃସନ୍ତାନ, ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460017. D-67926

Now Matrimonial ads. only on Wednesday & Sunday Book 1 Get 1 FREE

Required suitable Khandayat/Karan boy for beautiful Karan girl, 1979, 5'5", 4/2, B.Sc. Contact SWAYAMVER: 9861501286. D-60862

Girl Age 30 B.Tech NIT Rourkela MBA IIM Ahmedabad Work as Brand Manager at Bangalore Caste-no-bar 8144589551. D-16199

Girl Age 28 B.Tech M.Tech BITS Ranchi, Work in MNC Company at Bangalore, Khandayat 9437078326, 700898603. D-16200

ଜାତିବନ୍ଧନ ନାହିଁ। 32, 5.3, B.Sc Nursing, Staff Nurse, ମାସିକ ଆୟ 35,000/- ପାଇଁ ଛାଡ଼ପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16151




**SALE**

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore-7809525452.** D-68749

213 Decml yellowzone gharabari sthitiban plot on 60ft. road, close to 200ft. wideroad, Mouza- Sundarpur, Bhubaneswar. Contact Owner: 9338342502. D-68959

Gharabari plots with boundary wall at Balianta, 4.0Km. from Hanspal. 9437277532. D-16194

ଭୁବନେଶ୍ୱର Tata Motor frontରେ 30' Road, Electric poll ସହିତ plot ବିକ୍ରି ହେଉଛି। 9439101373, 7077213675. D-16195

**ଭୁବନେଶ୍ୱର New Southcityରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରେ।ପରେ।ଗ1 ଘରବାରି ପ୍ଲଟ୍ ମିଳୁଛି। 9348906056.** D-68470

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68538

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851.** D-68471

**Gharabari plots at Balianta, Bhingarpur and Bagalpur. Immediate possession & registration, contact-9437147826.** D-16175

1BHK flat at Lingipur, Bhubaneswar and Puri road, it is located on the main road side very attractive location 693sqft. first floor with car parking. Price-26.5lacs. Contact: 8104317396. D-68473




Construct your home with branded materials just @ 1350/- onwards, core house 850/-. For more details: 9438315332, 8249485093. D-16181




3BHK flat near Biju Pattnaik Energy Park, 350 mtrs. from Khandagiri Square. Contact: 9937235603. D-16196

1 Room with bathroom in Plot No.961/2415, ForestPark, Bhubaneswar for 1 person stay only. Rent: 2500/-, 9437008476. D-67275

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

One, Two roomed house 300sqft. in 3rd floor at Cuttack road, Jyoti Petrol Pump, adjacent to Yamaha Show Room and opposite to Falcon house, Bhubaneswar for immediate occupation, 9438081042, 9438668573. D-16162

One hall for Office 1000sqft. in the first floor suitable for Office, Business units will be vacant on 31st March 2020. Book immediately before others book it. This is on the Cuttack road, Jyoti Petrol Pump compound adjacent to Yamaha Show Room infront of Falcon house, Bhubaneswar, 9438081042, 9438668573. D-16163

**LEASE**

Plot available for poultry firm on leased basis at Balipatna. 9861048715, 9348251575. D-16149




Shivam logistic packers movers. Household/ car relocation countrywide. 9777044177, 9338461133. D-16087




Rejuvenate and ayurvedic full body massage by smart therapist. 9114402304. D-68946

Sai herbal spa refresh your body with smart, expert therapist. 7608062524. D-68954

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment-9668374480. D-68958

Ayurvedic full body massage ladies & gents smart therapist, 9668814589. D-68750

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Refresh your mind and soul with best therapy at Orchid Salon/Spa. 9937287222. D-68755

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

Newly open full body massage by ladies, gents therapist. 8018656899 D-60863

Ayurvedic full body massage by ladies, gents therapist. 7008773793 D-60864


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**LEGAL NOTICE**

In the Court of Civil Judge, Senior Division, Koraput
I.C Case No.02/2019
No. 46/20
BETWEEN

1. Rambha Patro, aged about 29 yrs, D/o- Late Sunam Patro
2. Khira Patro, aged about 31 yrs, D/o- Late Sunam Patro
3. Lita Patro, aged about 36yrs, D/o- Late Sunam Patro
4. Sumani Patro, aged about 38yrs, D/o- Late Sunam Patro
5. Sabitri Patro, aged about 33yrs, D/o- Late Sunam Patro

All are resident of Village- Dangadeula, PO- OMP, PS- Koraput Sadar, Dist- Koraput

......Vrs......
None
NOTICE

Take notice that the above petitioners have filed the above case to obtain succession certificate to the estate of Late Sunam Patro, S/o- Late Krupa Patro, of Village- Dangadeula, P.O: OMP, P.S: Koraput Sadar, Dist- Koraput before this court, which is posted to 4.2.2020 for filing of objection. Hence the general public are hereby summoned through this notice to appear before this court on the date fixed to file objection, if any, failing which the matter will be heard and decided.

Given under the seal of this court on this the day of January, 2020.

Sd/-
Civil Judge, Senior Division, Koraput.
D-16193


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ






କନ୍‌ଭେନ୍‌ଶନ୍ ସେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀ।

# ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟର ଉଦ୍‌ଘାଟିତ

■ ୪୦୦ ଆସନବିଶିଷ୍ଟ ସମ୍ମିଳନୀ କକ୍ଷ

■ ରହିଛି ଉନ୍ନତମାନର ସୁବିଧା

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଲୋକସେବା ଭବନ ପରିସରରେ ନବନିର୍ମିତ ଅତ୍ୟାଧୁନିକ କନ୍‌ଭେନ୍‌ଶନ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ୫୧୮୦ ବର୍ଗମିଟର ପରିମିତ ଅଞ୍ଚଳରେ ପ୍ରତିଷ୍ଠିତ ଏହି କନ୍‌ଭେନ୍‌ଶନ ସେଣ୍ଟର ନିର୍ମାଣ ବାବଦରେ ୪୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି କନ୍‌ଭେନ୍‌ଶନ ସେଣ୍ଟରକୁ ସ୍ୱତନ୍ତ୍ର ଭାବେ ଆଧୁନିକ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି।

ଏହି ଦ୍ୱିତଳ ପ୍ରାସାଦର ତଳ ମହଲାରେ ୪୦୦ ଆସନବିଶିଷ୍ଟ ବୃହତ୍ ସମ୍ମିଳନୀ ପ୍ରକୋଷ୍ଠ ରହିଛି। ଏଥିରେ ୩୭ ଫୁଟ୍ ଲମ୍ବ ଓ ୨୪ ଫୁଟ୍ ପ୍ରସ୍ଥ ବିଶିଷ୍ଟ ଏକ ବୃହତ୍ ଭିଡିଓ ୱାଲ୍ ମଧ୍ୟ ନିର୍ମାଣ କରାଯାଇଛି। ଏଥିରେ ପ୍ରତ୍ୟେକ ଧାଡ଼ିରେ ମାଇକ୍ରୋଫୋନ୍ ସଂଯୋଗ କରାଯାଇଛି। ଅନୁରୂପ ଭାବରେ, ତଳ ମହଲାରେ ୮୦ରୁ ୯୦ ଆସନବିଶିଷ୍ଟ ବାଂକ୍ୱେଟ୍ ହଲ୍, ୬୦ ଆସନବିଶିଷ୍ଟ ବ୍ରେକ୍‌ଆଉଟ୍ ସ୍ପେଶ୍ ଓ ସୁସଜ୍ଜିତ ଭିଆଇପି ଲାଉଞ୍ଜର ବ୍ୟବସ୍ଥା କରାଯାଇଛି। କନ୍‌ଭେନ୍‌ଶନ୍ ସେଣ୍ଟରର ପ୍ରଥମ ମହଲାରେ ୧୦୦ ଆସନବିଶିଷ୍ଟ ଏକ ସମ୍ମିଳନୀ କକ୍ଷ ସମେତ ୩୦ ଏବଂ ୧୫ ଜଣ ବସିବା ଭଳି ୨ଟି ପୃଥକ୍ ପୃଥକ୍ କ୍ଷୁଦ୍ର ସମ୍ମିଳନୀ କକ୍ଷ ରହିଛି। ଏହି ସେଣ୍ଟରରେ ୨ ଗ୍ରୀନ୍ ରୁମ୍, କଣ୍ଟ୍ରୋଲ ରୁମ୍, ମେଡିକାଲ ରୁମ୍, ରେକର୍ଡ ରୁମ୍, ପ୍ରେସ୍ ଲାଉଞ୍ଜ ସହିତ ଅଫିସ୍ ଏବଂ ଖବରଦାତାଙ୍କୁ ସୂଚନା ପାଇଁ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା କରାଯାଇଛି। ଦୁଇଟି ଲିଫ୍ଟ ରହିଥିବା ବେଳେ ସୁଦୃଢ଼ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ସେଣ୍ଟରରେ ଭୂତଳ ଜଳ ସଂରକ୍ଷଣ ବ୍ୟବସ୍ଥା ସହିତ ଭିତର ଏବଂ ବାହାର ପାର୍ଶ୍ୱରେ ସବୁଜବଳୟ ଏବଂ ଲ୍ୟାଣ୍ଡସ୍କେପିଂ ବ୍ୟବସ୍ଥା କରାଯାଇଛି। ର୍‌ୟାମ୍ପ୍ ଓ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା କ୍ରମେ କନ୍‌ଭେନ୍‌ଶନ୍ ସେଣ୍ଟରକୁ ଭିନ୍ନକ୍ଷମ ଅନୁକୂଳ କରାଯାଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଥିଲେ ଯେ, ରାଜ୍ୟରେ ଗୋଟିଏ ଉନ୍ନତମାନର କନଭେନ୍‌ଶନ୍ ସେଣ୍ଟର ଅଭାବ ରହିଥିଲା, ଯାହା ଏହାର ଉଦ୍‌ଘାଟନ ପରେ ପୂରଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିବା ଏହି ସେଣ୍ଟରକୁ ରାଜ୍ୟ କନଭେନ୍‌ଶନ୍ ସେଣ୍ଟର କୁହାଯାଉଛି। ସଚିବାଳୟ, କେନ୍ଦ୍ର ଓ ରାଜ୍ୟ ସରକାରୀ ଉଦ୍ୟୋଗର ବିଭିନ୍ନ କାର୍ଯ୍ୟକ୍ରମ ଏଥିରେ ଆୟୋଜନ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର, ଓଡ଼ିଶା ପର୍ଯ୍ୟଟନ ଏବଂ ସ୍ମାର୍ଟ ସିଟି, ଭୁବନେଶ୍ୱର ଉପରେ ପ୍ରଦର୍ଶିତ ତିନୋଟି ଭିଡିଓ ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩୨ ଓଇଏସ୍ ଅଧିକାରୀଙ୍କ ପଦୋନ୍ନତି

ଭୁବନେଶ୍ୱର, ୧୪।୧(ବ୍ୟୁରୋ): ଓଡ଼ିଶା ଏଜୁକେଶନ ସର୍ଭିସ(ଓଇଏସ୍)ର ୩୨ ଅଧିକାରୀଙ୍କ ପଦୋନ୍ନତି କରାଯାଇଛି। ମଙ୍ଗଳବାର ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ତଦନୁଯାୟୀ, ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ଦିଆଯାଇଛି। ଏହାସହ ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ ଉପନିର୍ଦ୍ଦେଶକ ରାଧା ମୋହନ ପଣ୍ଡା, ଗଞ୍ଜାମ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ସୁନ୍ଦରଗଡ଼ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ଖୋର୍ଦ୍ଧା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଓ ଭଦ୍ରକ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ଦିଆଯାଇଛି। ସେହିପରି ଓସେପାର ଉପ ନିର୍ଦ୍ଦେଶକ ଅରୁଣବାଳା ତ୍ରିପାଠୀ ଓ ସୁରେଖା ତରାଇଙ୍କୁ ଓସେପା ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ମିଳିଛି।

# ପିଲାଙ୍କ ପରୀକ୍ଷା, ବିଦ୍ୟୁତ୍ କାଟନି: ବିରୋଧୀ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ରାଜ୍ୟରେ ବିଦ୍ୟୁତ୍ ବିଲ୍ ବକେୟା ରଖିଥିବା ଗ୍ରାହକଙ୍କ ଘର ଆସନ୍ତା ୧୬ତାରିଖରୁ ଅନ୍ଧାର ହେବ। ଏନେଇ ସେସୁ ପକ୍ଷରୁ କଡ଼ାକଡ଼ି ସୂଚନା ଦିଆଯାଇଛି। ବିରୋଧୀ ଦଳଗୁଡ଼ିକ ସେସୁର ଏଭଳି ନିଷ୍ପତ୍ତି ବିରୋଧରେ ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି। ଯଦି ସରକାର କୌଣସି ଗରିବ ଲୋକଙ୍କ ବିଦ୍ୟୁତ୍ କାଟ କରନ୍ତି, ତେବେ ଆନ୍ଦୋଳନ ହେବା ନିଶ୍ଚିତ ବୋଲି ବିରୋଧୀ ଜଣାଇ ଦେଇଛନ୍ତି। ପିଲାମାନଙ୍କ ପରୀକ୍ଷା ମୁଣ୍ଡ ଉପରେ ଥିବାବେଳେ ଏଭଳି ନିଷ୍ପତ୍ତି ଠିକ୍ ନୁହେଁ ବୋଲି ସେମାନେ କହିଛନ୍ତି। ଏହାସହ ଶିଳ୍ପପତିଙ୍କଠାରୁ ବକେୟା ଆଦାୟ ନ କରି ଗରିବଙ୍କ ବିଦ୍ୟୁତ୍ କାହିଁକି କଟାଯିବ ବୋଲି ବିରୋଧୀ ଯୁକ୍ତି ବାଢ଼ିଛନ୍ତି। ଅନ୍ୟପକ୍ଷରେ ସେସୁ ସିନିୟର ଜେନେରାଲ ମ୍ୟାନେଜର ମନୋଜ ସିଂ ସୂଚନା ଦେଇ କହିଛନ୍ତି ଯେ, ୧୬ ତାରିଖରେ ହିଁ ବିଦ୍ୟୁତ୍ କାଟ କରାଯିବ। ପ୍ରଥମେ ବକେୟା ରଖିଥିବା କମର୍ସିଆଲ ଉପଭୋକ୍ତାଙ୍କ ବିଦ୍ୟୁତ୍ କଟିବ ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଝିଙ୍କା ମାରି ବଣି ପୋଷିବା ନୀତିରେ ରାଜ୍ୟ ସରକାର ଶାସନ ଚଳାଇଛନ୍ତି। ଗ୍ରୀଡ୍‌କୋର ୭,୬୫୭ କୋଟି ଟଙ୍କା ବିଭିନ୍ନ କମ୍ପାନୀ ଏବଂ ବ୍ୟବସାୟିକ ଅନୁଷ୍ଠାନ ପାଖରେ ବକେୟା ପଡିଥିବା ବିଧାନସଭାରେ ସରକାର ମାନିଛନ୍ତି। ଏହି ଅର୍ଥକୁ ସରକାର ଆଦାୟ ନ କରି ଗରିବଙ୍କ ପାଖରେ ବାକିଥିବା ଅର୍ଥକୁ ଅସୁଲି କରିବା ପାଇଁ ଲାଗି ପଡିଛନ୍ତି। ଗ୍ରୀଡ୍‌କୋର ବକେୟା ରାଶି କେଉଁ କମ୍ପାନୀ ପାଖରେ କେତେ ଅଛି, ସରକାର ତାହା ଶ୍ୱେତପତ୍ର ମାଧ୍ୟମରେ ଜଣାନ୍ତୁ। କିଛିଦିନ ମଧ୍ୟରେ ମାଟ୍ରିକ୍ ଏବଂ ଯୁକ୍ତ ୨ ପରୀକ୍ଷା ହେବାକୁ ଯାଉଛି। ବକେୟା ଆଦାୟ ନାଁରେ ବିଦ୍ୟୁତ କାଟି ଗାଁ ଗହଳିର ଗରିବ ପିଲାଙ୍କ ଭବିଷ୍ୟତକୁ ସରକାର ଅନ୍ଧାର କରିଦେବାକୁ ବସିଛନ୍ତି। ଏଭଳି ଦାୟିତ୍ୱହୀନ ପଦକ୍ଷେପରୁ ସରକାର ନିବୃତ୍ତ ରୁହନ୍ତୁ ନଚେତ୍ ଉଚିତ ଜବାବ ମିଳିବ ବୋଲି ଲେଖାଶ୍ରୀ କହିଛନ୍ତି।

କଂଗ୍ରେସ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ବିଦ୍ୟୁତ୍ କଟାଯାଇନାହିଁ, ବୋଲି ଆମେ ରାସ୍ତାକୁ ଓହ୍ଲାଇନାହୁଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଶକ୍ତିମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ, ମୁଣ୍ଡ ଉପରେ ପିଲାମାନଙ୍କ ପରୀକ୍ଷା ଅଛି, ଯେମିତି ଗରିବ ଲୋକଙ୍କୁ ଅସୁବିଧା କରା ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପ୍ରଥମେ କୋଟି କୋଟି ଟଙ୍କା ବକେୟା ରଖିଥିବା ଶିଳ୍ପପତିଙ୍କଠାରୁ ଅର୍ଥ ଆଦାୟ କରାଯାଉ। ଯଦି ଗୁରୁବାର କୌଣସି ଗରିବ ଲୋକଙ୍କ ଲାଇନ କଟାଯାଏ, ତେବେ ସବୁ ଇଲେକ୍ଟ୍ରି ଅଫିସ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ରାଉତରାୟ ଚେତାବନୀ ଦେଇଛନ୍ତି।

## ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

ନବରଙ୍ଗପୁର,୧୪।୧(ବି.ପ୍ର.)

ନବରଙ୍ଗପୁର ଜିଲା ଗାଦବାଗୁଡା ସାହିରେ ରହୁଥିବା ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝି(୭୯)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଛତିଶଗଡ ରାୟପୁରର ରାମକୃଷ୍ଣ କେୟାର ସେଣ୍ଟର ହସ୍ପିଟାଲରେ ରବିବାରଠାରୁ ସେ ଚିକିତ୍ସିତ ହେଉଛନ୍ତି। ହଦ୍ ଯନ୍ତ୍ରଣା ସହ ହିମୋଗ୍ଲୋବିନ ୬ ପ୍ରତିଶତ ରହିଛି। ରକ୍ତ କମ୍ ରହିଥିବା ହେତୁ ଅସ୍ତ୍ରୋପଚାର କରାଯିବା ସମ୍ଭବ ହୋଇ ପାରୁ ନାହିଁ। ଚିକିତ୍ସା ପରେ ଏବେ ସ୍ୱାସ୍ଥ୍ୟ ଅବସ୍ଥାରେ କିଛି ଉନ୍ନତି ଘଟିଛି ବୋଲି ଡାକ୍ତର କହିଛନ୍ତି। ଡମ୍ବରୁ ବିଏ, ଏଲ.ଏଲ.ବି ପାସ କରିବା ପରେ ରାଜନୀତିରେ ଯୋଗ ଦେଇଥିଲେ। ସେ ୧୯୬୭ ଓ ୧୯୭୧ରେ ସ୍ୱତନ୍ତ୍ର ଦଳରୁ ୨ଥର ଡାବୁଗାଁ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କଂଗ୍ରେସରେ ଯୋଗଦେଇ ୧୯୭୭ ଓ ୧୯୮୦ରେ କୋଡିଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ।

## ଜିଲା ଚିଠି



## ସୁବର୍ଣ୍ଣପୁର

## ଅତିଥିଙ୍କ ମହୋତ୍ସବ

ସୁବର୍ଣ୍ଣ ଲୋକ ମହୋତ୍ସବକୁ ଇତିମଧ୍ୟରେ ୨୭ ବର୍ଷ ପୂରିଛି। ଜାନୁୟାରୀ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଜିଲାସ୍ତରୀୟ ମହୋତ୍ସବ ଗାନ୍ଧୀ ପଡିଆରେ ଅନୁଷ୍ଠିତ ହୋଇଥିଲା। ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ସଂସ୍କୃତି ପରିଷଦ ଓ ଜିଲା କଳା ସଂସ୍କୃତି ସଂଘ ମିଳିତ ଭାବେ ଏହି ମହୋତ୍ସବ ଆୟୋଜନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ପର୍ଯ୍ୟାୟକ୍ରମେ ଜିଲାର ସମସ୍ତ ୬ଟି ବ୍ଲକ ଓ ରାଜ୍ୟ ତଥା କଶ୍ମୀର, ଆସାମ, ଉତ୍ତରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ ଓ ହରିୟାଣା ଭଳି ରାଜ୍ୟରୁ ଆସିଥିବା କଳାକାରମାନଙ୍କ ସମାଗମ ହୋଇଥିଲା। ଜିଲାବାସୀ କଳାକାରଙ୍କ ଲୋକନୃତ୍ୟ, ଲୋକସଙ୍ଗୀତକୁ ଉପଭୋଗ କରିଥିଲେ । ଏହି ଅବସରରେ ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା, କୃଷି, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଆୟୋଜିତ ହୋଇଥିଲା । ଲୁପ୍ତପ୍ରାୟ ପାରମ୍ପରିକ ଲୋକକଳା, ସଂସ୍କୃତିର ବିକାଶ ସହିତ ମେଳା ଯୋଗୁ ବହୁ ଏସ୍‌ଏଚ୍‌ଜି ଓ କୁଟୀରଶିଳ୍ପୀ ତଥା ଛୋଟ ବ୍ୟବସାୟୀ ଭଲ ବ୍ୟବସାୟ କରିଥିଲେ । ମେଳାରେ ପ୍ରାୟ କୋଟିଏ ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିଲା। ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମେଳା ଯୋଗୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ସାଂସ୍କୃତିକ ସନ୍ଧ୍ୟାରେ ଅତିଥିଭାବେ ଯୋଗ ଦେଉଥିବା ଅଧିକାଂଶ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ନେତୃବୃନ୍ଦଙ୍କ ଲମ୍ବା ଭାଷଣରେ କଳା ଓ ସଂସ୍କୃତି ବିଷୟରେ ଆଲୋଚନା କମ୍ ହେଉଥିଲା। କେତେକ ଅତିଥି ନିଜ ସମ୍ପର୍କରେ ଅଧିକ ଟେକା ଟେକି କରି ଭାଷଣ ଦେଇଥିଲେ। ଅତିଥିମାନଙ୍କ ଆକର୍ଷଣହୀନ ଭାଷଣବାଜି ପାଇଁ ଦର୍ଶକ ବିରକ୍ତି ଭାବ ପ୍ରକାଶ କରିଥିଲେ। କଳାକାରଙ୍କୁ କଳା ଓ ସଂସ୍କୃତିର ଝଲକ ଦେଖାଇବା ପାଇଁ ଦୀର୍ଘସମୟ ଅପେକ୍ଷା କରିବାକୁ ପଡିଥିଲା। ଅତିଥିଙ୍କ ଭାଷଣ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବ ହେଲା। ଶୀତ ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମର ଶେଷ ଆଡକୁ ଦର୍ଶକଙ୍କ ଚୌକିଗୁଡିକ ଖାଲି ପଡିଲା। ସତେ ଯେପରି ଏହି ଲୋକ ମହୋତ୍ସବ ଅତିଥିଙ୍କ ମହୋତ୍ସବରେ ପରିଣତ ହୋଇଯାଇଥିଲା । ଏଣେ ଅଧିକାଂଶ ଜିଲାସ୍ତରୀୟ ଅଧିକାରୀ ମହୋତ୍ସବରେ ନିଜକୁ ସଂଶ୍ଳିଷ୍ଟ ନ କରି ଉପରଠାଉରିଆ ଭାବେ କାର୍ଯ୍ୟ ସମ୍ପାଦନ କଲେ, ଉତ୍ସବସ୍ଥଳରେ ଅନୁପସ୍ଥିତ ରହିଲେ। ଏଭଳି ସ୍ଥିତିରେ ଜିଲାର ଗୌରବମୟ ଲୋକକଳାର ସୁରକ୍ଷା, ପୁନରୁଦ୍ଧାର ଓ ପ୍ରସାର ପାଇଁ ଯେଉଁ ଲୋକମହୋତ୍ସବର ପରିକଳ୍ପନା ହୋଇଥିଲା ତା'ର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେଲା ଭଳି ମନେହେଲାନି। ବର୍ଷକରେ ଥରେ ଆଡମ୍ବରପୂର୍ଣ୍ଣ ଭାବେ ଉତ୍ସବ ଆୟୋଜନ ହେଲା। କିନ୍ତୁ ରଙ୍ଗବେରଙ୍ଗ ଆଲୋକସଜ୍ଜା ଓ ଆକର୍ଷଣୀୟ ମଞ୍ଚ ନିର୍ମାଣରେ ସୀମିତ ରହିଲା। ଗ୍ରାମାଞ୍ଚଳର ସମର୍ପିତ ଲୋକକଳାକାରଙ୍କୁ ସୁଯୋଗ ମିଳିଲାନି। ପ୍ରଚାର ପ୍ରସାରରେ ଅଭାବ ପରିଲକ୍ଷିତ ହେଲା। ବ୍ଲକ କଳା ସଂସ୍କୃତି ସଂଘ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ଲୋକନୃତ୍ୟ ପ୍ରଦର୍ଶନ କରିବାକୁ କେବଳ ସୁଯୋଗ ପାଇଲେ। ଏଭଳି ସ୍ଥିତିରେ କଳାକାରଙ୍କ ମନକଥା ବୁଝିବାକୁ କାହା ପାଖରେ ସମୟ ନ ଥିଲା । ଏ ନେଇ ଜିଲାର ସଂସ୍କୃତିପ୍ରେମୀ, କଳାକାର, ଗବେଷକ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଚିନ୍ତା ବଢ଼ିଥିଲେ ମଧ୍ୟ କିଛି କରିବାର ଉପାୟ ନ ଥିଲା।

– ମୃତ୍ୟୁଞ୍ଜୟ ଶତପଥୀ

## ମନମୋହନଙ୍କ ଶେଷକୃତ୍ୟ ସମ୍ପନ୍ନ



ପୁରୀ ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଉଛି।

ପୁରୀ ଅଫିସ, ୧୪।୧

ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ମନମୋହନ ମହାପାତ୍ରଙ୍କର ସୋମବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଥିଲା। ମଙ୍ଗଳବାର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସକାଳେ ସ୍ୱର୍ଗତ ମହାପାତ୍ରଙ୍କ ମରଶରୀର ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲା। ପୁରୀ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶବାଧାରରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗାର୍ଡ ଅଫ୍ ଅନର ଦିଆଯିବା ପରେ ମୃତଦେହ ସତ୍କାର କରାଯାଇଥିଲା। ପୁଅ ଆଶୁତୋଷ ମହାପାତ୍ର ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ପୁରୀର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଆଡିଶନାଲ ଏସ୍‌ପି ଅରୁଣ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂଙ୍କ ସମେତ ସ୍ୱର୍ଗତ ମହାପାତ୍ରଙ୍କ ଆତ୍ମୀୟସ୍ୱଜନ, ବନ୍ଧୁ ସମ୍ପର୍କୀୟ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସ୍ୱର୍ଣ୍ଣିମା ରଥ



କେ. ଶ୍ରୀନିବାସ ରାଓ



ସତୀଶ କୁମାର ନାୟକ



ସୁଜାତା ସାହୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ୨୩ ସମବାୟ ନିରୀକ୍ଷକଙ୍କୁ ନିଯୁକ୍ତି

## ଚାଷୀଙ୍କ ସହ ସିଧାସଳଖ ଯୋଡ଼ିହେବାକୁ ମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

ରାଜ୍ୟର କୃଷି ଅର୍ଥନୀତି ସହିତ ସମବାୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମୋଟ ଫସଲ ଋଣର ପ୍ରାୟ ୭୦% ସମବାୟ ମାଧ୍ୟମରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ସମବାୟ ଆନ୍ଦୋଳନକୁ ଅଧିକ ସକ୍ରିୟ କରି ଏଥିରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବା ଆବଶ୍ୟକ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମଙ୍ଗଳବାର ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ନବନିଯୁକ୍ତ ସମବାୟ ନିରୀକ୍ଷକଙ୍କ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟର କୃଷକଙ୍କ ମଧ୍ୟରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ। ତେଣୁ ସମବାୟ ମାଧ୍ୟମରେ ଫସଲ ଋଣ ସହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ପାଇଁ ଚାଷୀଙ୍କ ସହ ସିଧାସଳଖ ଯୋଡ଼ିହେବାକୁ ସମବାୟ ନିରୀକ୍ଷକମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ସମ୍ପ୍ରତି ପ୍ରାୟ ୯୦୦୦ ସମବାୟ ସମିତି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ଲୋକଙ୍କୁ ସେବା ଯୋଗାଇ ଦେଉଛି। ବିଭାଗ ପକ୍ଷରୁ ପ୍ରାଥମିକ କୃଷି ସମବାୟ ସମିତି ଏବଂ ସମବାୟ ବ୍ୟାଙ୍କଗୁଡ଼ିକର ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ଦ୍ୱାରା ଯୋଗ୍ୟ ବିବେଚିତ ୨୩ ସମବାୟ ନିରୀକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ନବନିଯୁକ୍ତ ନିରୀକ୍ଷକମାନେ ନୂତନ ଜ୍ଞାନକୌଶଳ ଶିକ୍ଷା କରି ସେମାନଙ୍କ ଦକ୍ଷତାର ପ୍ରମାଣ ଦେବା ସହ ଜନସେବାରେ ନିୟୋଜିତ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତି ସମୂହର ନିବନ୍ଧକ ବିଭୂତି ଭୂଷଣ ପଟ୍ଟନାୟକ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିମିଟେଡ୍ ସଭାପତି ଅକ୍ଷୟ କୁମାର ମହାନ୍ତି, ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ଜେନା, ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ଭରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସମବାୟ ନିରୀକ୍ଷକଙ୍କ ଭୂମିକା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ।

# ଜଙ୍ଗଲରୁ ମିଳିଲା ହାତୀର ଗଳିତ ମୃତଦେହ

■ ହତ୍ୟା ପରେ ଦାନ୍ତ କାଟି ନେଇଛନ୍ତି ଦୁର୍ବୃତ୍ତ

ଲୋଇସିଂହା,୧୪।୧(ଡି.ଏନ.ଏ.)



ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ତଥା ଆଗଲପୁର ବ୍ଲକ ମହାକୁରପାଲି ଗାଁ ନିକଟ ଛେଲିଆପାଟ ଜଙ୍ଗଲରେ ଏକ ଦନ୍ତାହାତୀର ଶିକାର କରାଯାଇଛି। ଶିକାର ପରେ ହାତୀର ଦାନ୍ତକୁ ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ଦନ୍ତାକୁ ପ୍ରାୟ ସପ୍ତାହକ ତଳେ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ମହାକୁରପାଲି ଗାଁଠାରୁ ୪ କିମି ଦୂର ଜଙ୍ଗଲରେ ହାତୀର ମୃତଦେହ ମଙ୍ଗଳବାର ଠାବ କରାଯାଇଛି। ଖବର ପାଇ ବଲାଙ୍ଗୀର ଡିଏଫ୍‌ଓ ସମୀର ଶତପଥୀ, ଲୋଇସିଂହା ରେଞ୍ଜର ରାଜ କିଶୋର ନାଏକ ଓ ଷ୍ଟାପ ଘଟଣାସ୍ଥଳକୁ ଯାଇ ତନାଘନା ଚଳାଇଥିଲେ। ଡୁଡୁକା ପ୍ରାଣୀଧନ ଚିକିତ୍ସା ଅଧିକାରୀ ହିମାଂଶୁ ଭୂଷଣ ନାୟକ ବ୍ୟବଚ୍ଛେଦ କଲା ପରେ ଘଟଣାସ୍ଥଳରେ ଗଳିତ ମୃତଦେହକୁ ଗାତ ଖୋଳି ପୋତି ଦେଇଛନ୍ତି। କିଛି ମାଂସ ନମୁନାକୁ ପରୀକ୍ଷା ପାଇଁ ପଠାଯାଇଛି। କେଉଁ କାରଣରୁ ହାତୀର ମୃତ୍ୟୁ ଘଟିଛି ଏହି ନମୁନାରୁ ଜଣାପଡିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି।

ଗତ ୧୦ତାରିଖ ରାତିରେ ଛେଲିଆପାଟ ଜଙ୍ଗଲରେ ଏକ ହାତୀର ମୃତ୍ୟୁ ହୋଇଥିବା ଖବର ପ୍ରଚାରିତ ହୋଇଥିଲା। ସେତେବେଳେ ସାଲେଭଟା ଫରେଷ୍ଟର ଆଦିତ୍ୟ ନନ୍ଦ ଅଭିଯୋଗକୁ ଏଡାଇ ଯାଇଥିଲେ। ବଲାଙ୍ଗୀର ଡିଏଫ୍‌ଓଙ୍କଠାରୁ ସୂଚନା ପାଇ ବନ କର୍ମଚାରୀ ଜଙ୍ଗଲ ସୀମାକୁ ଯାଇଥିଲେ ସୁଦ୍ଧା ହାତୀର ସନ୍ଧାନ ନ ପାଇ ଲୋକଙ୍କ ଅଭିଯୋଗକୁ ଗୁଜବ ବୋଲି କହିଥିଲେ। ହେଲେ ମଙ୍ଗଳବାର ଆଗଲପୁର ବ୍ଲକ ଉପରବାହାଲ ପଞ୍ଚାୟତ ମହାକୁରପାଲି ନିକଟସ୍ଥ ଛେଲିଆପାଟ ଜଙ୍ଗଲରେ ଏକ ଦନ୍ତାହାତୀର ଗଳିତ ଶବ ପଡିଥିବା ବଲାଙ୍ଗୀର ଡିଏଫ୍‌ଓଙ୍କୁ ଖବର ମିଳିଥିଲା। ଡିଏଫ୍‌ଓ ଶତପଥୀ ଘଟଣାସ୍ଥଳକୁ ଯାଇଥିଲେ। ବନ କର୍ମଚାରୀଙ୍କ ସୂଚନା ମତେ ହାତୀକୁ ମାରିବା ପରେ ଦୁର୍ବୃତ୍ତମାନେ ଦାନ୍ତକାଟି ନେଇଛନ୍ତି। ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଆବର୍ଜନାର...

ପ୍ରଥମ ପୃଷ୍ଠାରୁ

ଆବର୍ଜନା କୁଣ୍ଡରେ ପରିଣତ ହୋଇଛି ବୋଲି ସଚେତନ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ କହିଛନ୍ତି। ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଏନ୍‌ଜାଇମିଂ ଡୋଜିଂ କରାଯାଉଥିବା ନେଇ ଯାହା କୁହାଯାଉଛି ତା କେବଳ ନାଁକୁ ମାତ୍ର। କେମିକାଲଯୁକ୍ତ ପାଣି ସିଞ୍ଚନ କରି ଟ୍ରିଟମେଣ୍ଟ ହୋଇଗଲା ବୋଲି କୁହାଯାଇ କେବଳ ଲୋକଙ୍କୁ ଭୁଆଁ ବୁଲାଯାଉଛି। ଯଦି ଠିକ୍ ଭାବେ ବିଶୋଧନ କରାଯାଇ ପାଣି ସମୁଦ୍ରକୁ ଛଡ଼ାଯାଆନ୍ତା ଏମିତି ଦୁର୍ଗନ୍ଧ ହୁଅନ୍ତା ନାହିଁ ବୋଲି ଆଇନଜୀବୀ ଦାଶ କହିଛନ୍ତି।

ଅନ୍ୟପକ୍ଷରେ ଏନ୍‌ଜାଇମିଂ ଡୋଜିଂ ମାଧ୍ୟମରେ ବର୍ଜ୍ୟଜଳକୁ ଟ୍ରିଟ୍‌ମେଣ୍ଟ କରାଯାଉଛି ବୋଲି ପ୍ଲାଣ୍ଟ ଦାୟିତ୍ୱରେ ଥିବା ଜୁସ୍‌କୋର ସୁପରଭାଇଜର ଯଶୱନ୍ତ ବିଶି କହିଛନ୍ତି। ତାଙ୍କ କହିବାନୁଯାୟୀ, ପ୍ରତିମାସରେ ପାଣିର ବିଓଡି (ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ) ମପାଯାଉଛି। ବିଓଡିର ମାତ୍ରା ୩୦ ମଧ୍ୟରେ ରହିଲେ ତାହା ସମୁଦ୍ର ପାଣି ଖରାପ କରିବ ନାହିଁ। ଏଠାରେ ଟ୍ରିଟ୍‌ମେଣ୍ଟ ପରେ ବିଓଡି କେବେ ୨୬ ତ କେବେ ୨୮ ରହୁଛି। ହେଲେ ପାଣି କାହିଁକି ଏତେ ଦୁର୍ଗନ୍ଧ ହେଉଛି ପ୍ରଶ୍ନରେ ବିଶି କହିଥିଲେ, ଲୋକେ ସେମାନଙ୍କ ପାଇଖାନା ନଳାକୁ ଡ୍ରେନ୍ ସହିତ ସଂଯୋଗ କରିଛନ୍ତି। ଫଳରେ ଅଧିକ ମାତ୍ରାରେ ମଇଳା ପାଣି ଆସୁଛି। ଏଥିପାଇଁ ମଝିରେ ମଝିରେ ଲୋକଙ୍କୁ ଲଗାଇ କେମିକାଲଯୁକ୍ତ ପାଣି ସିଞ୍ଚନ କରି ମୁହାଣକୁ ଛଡାଯାଉଛି। କିନ୍ତୁ ବର୍ଜ୍ୟଜଳ ଟ୍ରିଟମେଣ୍ଟ ପରେ ବାଙ୍କୀ ମୁହାଣ ପର୍ଯ୍ୟନ୍ତ ଯାଇଥିବା ଜଳଧାରରେ ଅନେକ ବସ୍ତିବାସିନ୍ଦା ସେମାନଙ୍କ ପାଇଖାନା ପାଣିକୁ ମିଶାଉଛନ୍ତି। ଏହାଦ୍ୱାରା ମଇଳା ପାଣି ସିଧା ସମୁଦ୍ରକୁ ଯାଉଛି।

ବାଙ୍କୀ ମୁହାଣର ଏଭଳି ସ୍ଥିତି ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଦେବାନନ୍ଦ ବେଉରା କହିଛନ୍ତି, ସମୁଦ୍ର ପାଣି ପ୍ରଦୂଷିତ ହେଉଥିବାରୁ ଏହା ଜଳଜୀବଙ୍କୁ ମଧ୍ୟ ପ୍ରଭାବିତ କରିବ। ଦୀର୍ଘଦିନ ଧରି ଯଦି ଏପରି ବର୍ଜ୍ୟଜଳ ପ୍ରବାହିତ ହୁଏ ତେବେ ଏହା ଭୂତଳ ଜଳକୁ ମଧ୍ୟ ପ୍ରଦୂଷିତ କରିବ। ତେଣୁ ଅତ୍ୟାଧୁନିକ ପ୍ଲାଣ୍ଟ ବସାଯାଇ ସହରର ବର୍ଜ୍ୟଜଳକୁ ଭଲ ଭାବେ ଟ୍ରିଟମେଣ୍ଟ କରି ସମୁଦ୍ର ଭିତରେ ନେଇ ଛଡ଼ାଯିବା ଦରକାର। ଏ ସମ୍ପର୍କରେ ପୁରୀ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି, ଟ୍ରିଟମେଣ୍ଟ ପ୍ଲାଣ୍ଟ ଠିକ୍ ଭାବେ କାର୍ଯ୍ୟ କରୁଛି। ଏହା ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ଛୁଉଁ ନ ଥିବାରୁ ଭୂତଳ ଜଳ ପ୍ରଦୂଷଣ ହେବାର ଆଶଙ୍କା ନାହିଁ। ହେଲେ ଯେତେ ପ୍ରକାର ଉଦ୍ୟମ କଲେ ମଧ୍ୟ ବାଙ୍କୀ ମୁହାଣ ପର୍ଯ୍ୟନ୍ତ ଯାଇଥିବା ଜଳଧାରରେ ପାଇଖାନା ପାଣି ଛାଡ଼ିବା କାର୍ଯ୍ୟରୁ ବସ୍ତିବାସିନ୍ଦା ନିବୃତ୍ତ ରହୁନାହାନ୍ତି ବୋଲି ମିଶ୍ର କହିଛନ୍ତି।

ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି– ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। –ଶ୍ରୀଅରବିନ୍ଦ

# ଦିଲ୍ଲୀରେ କିଏ

ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ୧୪ ଜାନୁୟାରୀରେ ବିଜ୍ଞପ୍ତି ପ୍ରକାଶ ପାଇଛି। ୮ ଫେବୃୟାରୀରେ ସେଠାରେ ନିର୍ବାଚନ ଅନୁଷ୍ଠିତ ହେବ। ସେଥିଲାଗି ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଓ ଭାଜପା ମଧ୍ୟରେ ଟକ୍କର ହେବା ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ସେଠାରେ ଅରବିନ୍ଦ କେଜ୍‌ରିୱାଲ ସରକାର ଯେଭଳି ଭାବେ ଲୋକଙ୍କୁ ଦୀର୍ଘ ୫ ବର୍ଷ ଧରି ଶାସନ ଦେଇ ଆସିଛନ୍ତି, ତାଙ୍କୁ ସାମ୍ନା କରିବା ଭାଜପା ପାଇଁ କାଠିକର ପାଠ ହେବ ବୋଲି କୁହାଯାଉଛି। ଏପଟେ ଭାଜପା ଗତ ନିର୍ବାଚନରେ ଦିଲ୍ଲୀରେ ଖରାପ ପ୍ରଦର୍ଶନ କରିଥିବାରୁ ଏଥର ଆସନ ସଂଖ୍ୟା ବଢ଼ାଇବା ଲାଗି ପ୍ରାଣମୂର୍ଚ୍ଛା ଉଦ୍ୟମ କଲାଣି। ସବୁଠାରୁ ଆଲୋଚନାର ବିଷୟ ଯେ, ଭାଜପା ତା’ର ହିନ୍ଦୁତ୍ୱ ଚିନ୍ତାଧାରାକୁ ଦେଶର ରାଜଧାନୀ ଦିଲ୍ଲୀରେ ପ୍ରୟୋଗ କରି ଲାଭବାନ୍ ହେବାକୁ ଚେଷ୍ଟା କରୁଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିର୍ବାଚନ ଆସିଯାଇଥିବାରୁ ପୁଣି ରାମ ମନ୍ଦିର କଥା ଉଠାଇଲେଣି। ଆସନ୍ତା ୪ ମାସ ମଧ୍ୟରେ ଅଯୋଧ୍ୟାରେ ସୁଦୃଶ୍ୟ ରାମମନ୍ଦିର ନିର୍ମାଣ ଆରମ୍ଭ ହେବ ବୋଲି କହୁଛନ୍ତି। ଅର୍ଥାତ୍ ଭୋଟରଙ୍କ ମଧ୍ୟରେ ଧାର୍ମିକ ଚିନ୍ତାଧାରା ଉଜାଗର କରିବା ସକାଶେ ଭାଜପା ନେତାମାନେ ପ୍ରୟାସ କରୁଛନ୍ତି। କିନ୍ତୁ ଦିଲ୍ଲୀର ଭୋଟର ହିନ୍ଦୁତ୍ୱ ଚିନ୍ତାଧାରାରେ ଭାସିବେ କି ନାହିଁ, ତାହା ଭୋଟ ପରେ ଜଣାପଡ଼ିବ। ଜାତୀୟ ରାଜଧାନୀବାସୀ ଭାରତର ସବୁ ପ୍ରାନ୍ତରୁ ଯାଇ ସେଠାରେ ବସବାସ କରୁଛନ୍ତି। କହିବାକୁ ଗଲେ, ଦିଲ୍ଲୀ ହେଉଛି ଏକ ମିଶ୍ରିତ ସହର ରାଜ୍ୟ, ଯାହାକୁ ‘କ୍ଷୁଦ୍ର ଭାରତ’ର ଆଖ୍ୟା ଦିଆଯାଇପାରିବ।

ଭାରତ ଏବେ ଅର୍ଥନୈତିକ ଦୁଃସ୍ଥିତି ଦେଇ ଗତି କରୁଛି। ବଜାରରେ ଏବେ ଦରଦାମ ଆକାଶଛୁଆଁ ହୋଇଛି। ଚଳିତ ଆର୍ଥିକ ବର୍ଷ ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫ ବର୍ଷର ସର୍ବୋଚ୍ଚ ସ୍ତର ଟପି ୭.୩୫ ପ୍ରତିଶତ ସ୍ତରରେ ରହିଛି। ବିଶେଷକରି ପନିପରିବା ଓ ପିଆଜ ଦର ବଢ଼ି ଚାଲିଥିବାରୁ ଏହା ଖୁଚୁରା ମୁଦ୍ରାସ୍ଫୀତିକୁ ବୃଦ୍ଧି କରିଚାଲିଛି। ଗୋଟିଏ ପଟେ ଲୋକଙ୍କ ହାତରେ ଅର୍ଥ କମିଯାଇଥିବା ବେଳେ ଖାଦ୍ୟସ୍ଫୀତି ହେବା ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏହାର ହ୍ରାସ ଘଟିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ଦରଦାମ ବୃଦ୍ଧି, ବେକାରି ସମସ୍ୟା ଦେଶକୁ ଗ୍ରାସ କରୁଥିବାରୁ ଏହା ମୁଖ୍ୟ ପ୍ରସଙ୍ଗ ହେବା କଥା।

ନିକଟ ଅତୀତକୁ ଦେଖିଲେ ଯେତୋଟି ରାଜ୍ୟରେ ନିର୍ବାଚନ ହୋଇଯାଇଛି, ବିଶେଷକରି ୨୦୧୯ ଲୋକ ସଭା ନିର୍ବାଚନ ପରବର୍ତ୍ତୀ ସମୟର ସବୁ ରାଜ୍ୟରେ ଭାଜପାର ମୁଖ୍ୟମନ୍ତ୍ରୀ ହେବାର ଯୋଗ୍ୟତା ରଖିଥିବା ନେତାଙ୍କ ଘୋର ଅଭାବ ପରିଲକ୍ଷିତ ହୋଇଛି। ଲୋକ ସଭା ସହିତ ହୋଇଥିବା ବିଧାନସଭା ନିର୍ବାଚନରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଉଦାହରଣ ଦେଖାଯାଇପାରିବ। ଉଭୟ ରାଜ୍ୟରେ ଆଞ୍ଚଳିକ ଦଳର ଭିତିରି ସମର୍ଥନ ଯୋଗୁ କେତୋଟି ଆସନରେ ବିଜୟଲାଭ କରିଥିବା ଭାଜପା ବିଧାନସଭା ନିର୍ବାଚନରେ ମାଡ଼ ଖାଇଗଲା। ତାହାର ପରବର୍ତ୍ତୀ ସମୟରେ ହୋଇଥିବା ମହାରାଷ୍ଟ୍ର, ହରିୟାଣା ଓ ଝାଡ଼ଖଣ୍ଡ ଭଳି ରାଜ୍ୟରେ ଭାଜପା ସରକାର ଥିବା ସତ୍ତ୍ୱେ ଦଳର ବିପୁଳ ପରାଜୟ ପରିଲକ୍ଷିତ ହୋଇଛି। ହରିୟାଣାରେ ଏକ କ୍ଷୁଦ୍ର ଆଞ୍ଚଳିକ ଦଳର ସହଯୋଗ ଲୋଡ଼ିବା ପାଇଁ ବଳବାନ୍ ଭାଜପା ବାଧ୍ୟ ହୋଇଥିଲା। ଦିଲ୍ଲୀର ପରିସ୍ଥିତି ଓଡ଼ିଶାରେ ବସି କହିବା କଷ୍ଟକର। କିନ୍ତୁ ଆମ୍ ଆଦ୍‌ମୀ ପାର୍ଟି ନେତୃତ୍ୱରେ ଥିବା କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ପଦରେ ଏବେ ଅଛନ୍ତି ଓ ତାଙ୍କ ଦଳ ଜିତିଲେ ସେ ରହିବା ସୁନିଶ୍ଚିତ। ଅନ୍ୟପଟେ ଭାଜପାର ଜିତାପଟ ହେଲେ ମଧ୍ୟ କିଏ ସେଠାରେ ମୁଖ୍ୟମନ୍ତ୍ରୀ ହେବେ ତାହାକୁ ନେଇ ଟଣାଓଟରା ଅବଶ୍ୟମ୍ଭାବୀ। ଆଜିର ପରିସ୍ଥିତି ଦେଖିଲେ ଭୋଟରଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯୋଗ୍ୟତା ରଖିଥିବା କୌଣସି ଭାଜପା ନେତା ନ ଥିବା ବେଳେ ବିଜ୍ଞାପନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଛବି ଦର୍ଶାଯାଉଛି। ଓଡ଼ିଶାରେ ଅବିକଳ ତାହା ହିଁ କରାଯାଇଥିଲା। ଫଳରେ ଓଡ଼ିଶାବାସୀ ସ୍ୱଷ୍ଟ ନିଷ୍ପତ୍ତି ନେଲେ। ଦେଖିବା ଦିଲ୍ଲୀବାସିନ୍ଦା କେତେ ବୁଦ୍ଧିର ସହିତ ନିଷ୍ପତ୍ତି ନେଉଛନ୍ତି।

## ଚିରନ୍ତନୀ

ମୁଁ ଦେହ, ପ୍ରାଣ ତୁ, ମୁହିଁ ଜ୍ଞାନ, ତୁ ମୁକତି
ମୁଁ ଧରମ, ମୋକ୍ଷ ତୁହି, ତୁ ପିତା ମୁଁ ମାତା–
ବଢ଼ାଏଁ ଯେ ଶିଶୁ ମୋର ଅନ୍ତର–ରକତେ,
ତୁ ଯେ ତାକୁ ଦେଉ ଚକ୍ଷୁ ଜୀବନୀ–ଶକତି,
ଅନ୍ଧୁଣୀ ମୁଁ ଧାତ୍ରୀ ସିନା, ତୁ ପରମ ଧାତା !
(ପୁରୁଷ)

ଭୁଲିଗଲି ମୋର ଛୋଟ ଘରଟିର
ପୁରୁଣା ମାଟି–
ଦୂର ଦିଗନ୍ତ ଧାନ ବିଲେ କେତେ
ଖେଳିଛି ଖେଳ
ମାନି ନାହିଁ ଖରା ବରଷା ପବନ
ପିଚ୍ଛିଳ ବାଟ
ଶଇଶବ ପ୍ରିୟ ବନ୍ଧନ ସବୁ
ଆସିଲି କାଟି !
(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 1 | 0 | | | | | | | | | B | | D | |
| | | | C | | 0 | 2 | | | D | | 9 | | | 3 |
| | | | 1 | | | | | | | | C | 8 | | |
| | | A | | | | | B | | 0 | | | 7 | | |
| | 5 | | | 3 | 9 | | E | | | | | | | 1 |
| | A | 1 | 2 | 9 | | D | | | | | 3 | B | 8 | |
| | | C | | | | 9 | 5 | | | 1 | | | | |
| | 9 | 4 | 6 | | | | | | 8 | | | | 1 | 7 |
| 6 | | | | | 3 | | | E | 7 | | | 9 | | 0 |
| 7 | | | 5 | | | | | 0 | | A | 4 | | | |
| | 4 | | | 2 | | | | 8 | | | D | | 0 | 9 |
| | | 8 | 9 | | | C | | | | | | | | |
| 5 | 0 | | 4 | D | | | | 3 | | 2 | | | C | 6 |
| 3 | | D | 0 | | 8 | | | 9 | | | | 4 | 7 | 5 |
| | | | | | | | 7 | | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 0 | C | D | E | 1 | B | 8 | 5 | 7 | 2 | 9 | 4 | 6 | A |
| 7 | 4 | 9 | A | 5 | 6 | 0 | 1 | E | C | 8 | B | 3 | 2 | D |
| 6 | 5 | A | 8 | 7 | 2 | C | 3 | 9 | 4 | 1 | D | 0 | B | E |
| D | B | 2 | 4 | C | 3 | A | 7 | 6 | E | 5 | 0 | 1 | 8 | 9 |
| 8 | E | 1 | 9 | B | 0 | 4 | D | 2 | 3 | A | 6 | 7 | 5 | C |
| 5 | 2 | D | B | 3 | 9 | 6 | A | 1 | 8 | 7 | 4 | C | E | 0 |
| 0 | A | 8 | 6 | 4 | C | E | 2 | 7 | B | D | 5 | 9 | 3 | 1 |
| E | 9 | 6 | 1 | 2 | 5 | D | B | 4 | 0 | 3 | C | A | 7 | 8 |
| 4 | 1 | 3 | 0 | 8 | 7 | 5 | 9 | C | 2 | E | A | B | D | 6 |
| B | C | 7 | E | A | D | 3 | 0 | 8 | 9 | 6 | 1 | 5 | 4 | 2 |
| C | 7 | E | 2 | D | 4 | 1 | 6 | 0 | 5 | 9 | 3 | 8 | A | B |
| 2 | 6 | 0 | 3 | 1 | 8 | 7 | C | B | A | 4 | E | D | 9 | 5 |
| 1 | 3 | 4 | 5 | 9 | B | 8 | E | A | D | 0 | 2 | 6 | C | 7 |
| A | D | B | 7 | 0 | E | 9 | 5 | 3 | 6 | C | 8 | 2 | 1 | 4 |
| 9 | 8 | 5 | C | 6 | A | 2 | 4 | D | 1 | B | 7 | E | 0 | 3 |

ଗତକାଲିର ଉତ୍ତର

# ଶିକ୍ଷକ ସଶକ୍ତୀକରଣ



ଡ. ସୁବାସ ଚନ୍ଦ୍ର ପାତ୍ର

ନାରୀ ସଶକ୍ତୀକରଣ, କୃଷକ ସଶକ୍ତୀକରଣ ସରକାରଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ହୋଇଥିଲାବେଳେ ଶିକ୍ଷକ ସଶକ୍ତୀକରଣ ଏକ ଅପ୍ରସଙ୍ଗ, ଏକ ବିଡ଼ମ୍ବନା ଭଳି ଶୁଭିପାରେ। କାରଣ ଯୁଗେଯୁଗେ ଶିକ୍ଷକମାନେ ସଶକ୍ତ ତଥା ଅନ୍ୟମାନଙ୍କ ପାଇଁ ଶକ୍ତିର ଉତ୍ସ ବୋଲି ବିଚାର କରାଯାଏ। ଦୁର୍ଭାଗ୍ୟର କଥା ଏହି ବିଡ଼ମ୍ବନା ହିଁ ଆଜିର ବାସ୍ତବତା। ଶିକ୍ଷକମାନଙ୍କର ସେ ସଂଜ୍ଞା ଆଜି ପରାହତ, ସେମାନେ ଏକ ବିଭାଗର ଅଧସ୍ତନ, ମାମୁଲି କର୍ମଚାରୀ। ନା ଅଛି ସେମାନଙ୍କର ସ୍ୱାଧୀନତା, ନା ଅଛି ସ୍ୱାୟତ୍ତତା, ନା ଅଛି ସେମାନଙ୍କର ଶକ୍ତି ପ୍ରଦର୍ଶନ ବା ଉପଯୋଗର ସୁଯୋଗ।

ଶିକ୍ଷକମାନେ କେଡ଼େ ସଶକ୍ତ, କେଡ଼େ ସମ୍ମାନାସ୍ପଦ ତା’ର ବଡ଼ ଉଦାହରଣ ହେଲା ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ପାଇଁ ଶିକ୍ଷା ନିର୍ଦ୍ଦେଶକଙ୍କ ବାସଭବନରେ ପହଞ୍ଚିଯିବା। ଏହି ପ୍ରକାର ଏକ ବିରଳ ଉଦାହରଣ ସୃଷ୍ଟି କରିଥିଲେ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ, ସେତେବେଳେ ଶିକ୍ଷା ନିର୍ଦ୍ଦେଶକ ଥାଆନ୍ତି ଡ. ବଳଭଦ୍ର ପ୍ରସାଦ। ଆଗରୁ ଶୈକ୍ଷିକ ନିଷ୍ପତ୍ତି ଓ କାର୍ଯ୍ୟପନ୍ଥା ବୋର୍ଡସ୍ତରରେ ବା ବିଶ୍ୱବିଦ୍ୟାଳୟସ୍ତରରେ ନିଆଯାଉଥିଲା। ସେଥିପାଇଁ ସରକାର ସେମାନଙ୍କୁ ସ୍ୱୟଂଶାସିତ କରିଥିଲେ ଏବଂ ସ୍ଥଳବିଶେଷରେ କିଛି ମାର୍ଗଦର୍ଶିକା ପ୍ରଦାନ କରୁଥିଲେ। ଏବେ ସବୁ ଶୈକ୍ଷିକ ନିଷ୍ପତ୍ତି ଯଥା ସିଲାବସ ପ୍ରସ୍ତୁତି, ପ୍ରଶ୍ନପତ୍ରର ରୂପରେଖ, ମୂଲ୍ୟାୟନ ପ୍ରଣାଳୀ ସବୁ ସରକାରୀସ୍ତରରେ ନିଆଯାଉଛି। ବିଶ୍ୱବିଦ୍ୟାଳୟର କୁଳପତି ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଡକରା ପାଇ ସେଠି ଅଂଶଗ୍ରହଣକାରୀ ହିସାବରେ ଭାଗ ନିଅନ୍ତି। ନିଷ୍ପତ୍ତି କ୍ଷେତ୍ରରେ ସେମାନଙ୍କର କିଛି ଭୂମିକା ନ ଥାଏ। କୌତୁକର କଥା ଯେଉଁମାନେ ଯାଆନ୍ତି ସେମାନେ ସରକାରଙ୍କ ନିଷ୍ପତ୍ତିରେ ହଁ ଭରିବା ପାଇଁ ପ୍ରତିଯୋଗିତା କରିବାକୁ ହାଜର ହୋଇଥାନ୍ତି। କ୍ୱଚିତ୍ କୌଣସି କୁଳପତି ବା ଅଧ୍ୟକ୍ଷ, ନିଜସ୍ୱ ସ୍ୱାଧୀନ, ନିରପେକ୍ଷ, ମୌଳିକ ତଥା ପୃଥକ୍ ମତ ରଖନ୍ତି। ଏହାର କାରଣ ସମସ୍ତଙ୍କୁ ଜଣା। ନିଜ ହାକିମଙ୍କ ନାକତଳେ ଆପଣ କେତେ ସ୍ୱାଧୀନ ହେବେ? ଯେହେତୁ ସରକାରଙ୍କ ମୁଖ୍ୟକାମ ସ୍ୱଳ୍ପମିଆଦୀ ଭିତ୍ତିରେ କାମ ଚଳେଇ ନେବା ଏବଂ ତାହାରି ଭିତରେ ନୂଆ କିଛି କରାଯାଉଛି କହି ହଟଚଟମ ସୃଷ୍ଟି କରିବା, ଉପସ୍ଥିତ ଶିକ୍ଷା କର୍ତ୍ତୃପକ୍ଷମାନେ ସାମୂହିକ ଭାବରେ ସେଥିରେ ସାମିଲ ହୁଅନ୍ତି। ଶିକ୍ଷାର ଗୁଣାତ୍ମକତା ଏବଂ ନିଆଯାଇଥିବା ସିଦ୍ଧାନ୍ତର ଦୀର୍ଘମିଆଦୀ ଲାଭକ୍ଷତି ବିଷୟରେ କେହି ପାଟି ଫିଟାନ୍ତି ନାହିଁ। ଯାହାର ପରିଣାମ ଛାତ୍ରୀଛାତ୍ରମାନେ ଭୋଗନ୍ତି। ଗୋଟିଏ ଉଦାହରଣ ନିଆଯାଉ।

ସରକାର ମହାବିଦ୍ୟାଳୟସ୍ତରରେ ସିବିସିଏସ୍ (ଚଏସ୍ ବେସ୍‌ଡ କ୍ରେଡିଟ୍ ସିଷ୍ଟମ୍) ଲାଗୁ କରିବା ସହିତ ଜାତୀୟ ସିଲାବସ ଲାଗୁ କରିବାର ସିଦ୍ଧାନ୍ତ ନେଲେ। ପ୍ରଥମେ ଓଡ଼ିଶାର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ ଅନ୍ୟାନ୍ୟ ଜାତୀୟ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମକୁ ନ ବୁଝି ଲାଗୁ କଲେ ଏବଂ ପରେ ସରକାର ଅନ୍ୟ ବିଶ୍ୱବିଦ୍ୟାଳୟମାନଙ୍କୁ ସେହି ବିଶ୍ୱବିଦ୍ୟାଳୟକୁ ଅନୁସରଣ କରିବାକୁ କହିଲେ। ଫଳ ହେଲା ଅନୁସରଣ, ଅନୁକରଣ, ହନୁକରଣ। ଥରେ କେହି ବିଚାର କଲେନାହିଁ ସେ ସିଲାବସ ପଢ଼ାଇବା ପାଇଁ ଆମ ମହାବିଦ୍ୟାଳୟରେ ଉପଲବ୍ଧ ସ୍ଥାୟୀ ଓ ଅସ୍ଥାୟୀ ଶିକ୍ଷକମାନେ କେତେ କ୍ଷମ, ସିଲାବସ ସନ୍ନିବେଶିତ ପତ୍ରସଂଖ୍ୟା ପାଇଁ ଉଦ୍ଦିଷ୍ଟ ପୁସ୍ତକମାନ ଅବା ବିଷୟବସ୍ତୁ ବଜାରରେ ଉପଲବ୍ଧ କି ନୁହେଁ ବା ଏହା କେତେଦୂର ଛାତ୍ରୀଛାତ୍ରମାନଙ୍କ ପାଇଁ ଗ୍ରହଣୀୟ ଏବଂ ଉପଯୋଗୀ। ଅର୍ଥାତ୍ ଛାତ୍ରୀଛାତ୍ରଙ୍କର ଆବଶ୍ୟକତା, ଶିକ୍ଷକମାନଙ୍କ ଦକ୍ଷତା, ପାଠ୍ୟପୁସ୍ତକର ବଜାର ଉପଲବ୍ଧି କଥା କେହି ଭାବିଲେ ନାହିଁ କି କହିଲେ ନାହିଁ। ଫଳ ହେଲା, ସରକାରଙ୍କୁ ‘ଅନୁକରଣ’ କରି କାମ ଚଳେଇବା ନ୍ୟାୟରେ ଯିଏ ଯାହା ପାରିଲା ପଢ଼େଇ ନ ପଢ଼େଇ କର୍ତ୍ତବ୍ୟ ସମ୍ପାଦନ କଲେ। ଛାତ୍ରୀଛାତ୍ରମାନେ ସେହି କାମଚଳା ଜ୍ଞାନ ନେଇ ନିଯୁକ୍ତି ବଜାରରେ ଅଯୋଗ୍ୟ ବିବେଚିତ ହେଲେ।

ସ୍ୱାଧୀନତା ଶିକ୍ଷକତାର ମୂଳଭିତ୍ତି ଏବଂ ଏହି ବୃତ୍ତିକୈନ୍ଦ୍ରିକ ସ୍ୱାଧୀନତା ହିଁ ସଶକ୍ତୀକରଣର ଅନ୍ୟ ନାମ। ଏ ସ୍ୱାଧୀନତାକୁ ସିଲାବସ ପ୍ରସ୍ତୁତି, ପାଠ୍ୟପୁସ୍ତକ ପ୍ରଣୟନ, ପ୍ରଶ୍ନପତ୍ର ତିଆରି, ମୂଲ୍ୟାୟନ କ୍ଷେତ୍ରରେ ଉପଯୋଗ କରାଯାଇପାରେ। ଏବେ ଏସବୁ କାମ କେନ୍ଦ୍ରୀୟ ଭାବରେ ସମ୍ପାଦିତ ହେଉଛି, କିଛି ଅଳ୍ପ ସଂଖ୍ୟକ ହଁ ଭରିବାକୁ ଆଗ୍ରହୀ ଲୋକଙ୍କୁ ନେଇ। ଏ ବାବଦରେ କିଛି ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ। ଅର୍ଥାତ୍ ପ୍ରସ୍ତାବିତ ସିଲାବସର ରୂପରେଖ, ପାଠ୍ୟପୁସ୍ତକର ତଥା ପ୍ରଶ୍ନପତ୍ରର ମଡେଲ ବିଭାଗୀୟ ୱେବସାଇଟ୍‌କୁ ବା ଗଣମାଧ୍ୟମକୁ ସର୍ବସାଧାରଣଙ୍କ ଅବଗତି ତଥା ଶିକ୍ଷାସ୍ୱାର୍ଥ ସହିତ ଜଡ଼ିତ ସମସ୍ତ ପକ୍ଷଙ୍କ ଗୋଚରାର୍ଥେ ବା ପରାମର୍ଶଲାଭ ପାଇଁ ପ୍ରକାଶ କରାଯାଉ ନାହିଁ କିମ୍ବା ପ୍ରାଥମିକ ସ୍ତରରେ ଏସବୁ କାମ ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ କୌଣସି ବିଜ୍ଞାପନ ବା ଖବର ମଧ୍ୟ ବାହାରୁ ନାହିଁ। କହିବା ବାହୁଲ୍ୟ ଯେ, ଶିକ୍ଷା ସମ୍ବନ୍ଧୀୟ ପରାମର୍ଶ ବା ବିଚାର ଉପସ୍ଥାପନ କାହାରି ଏକଚାଟିଆ କାରବାର ନୁହେଁ। ଶିକ୍ଷାକୁ ଭଲ ପାଉଥିବା, ବୁଝୁଥିବା, ତା’ ବିଷୟରେ ଅହରହ ଚିନ୍ତିତ ରହୁଥିବା ଯେକୌଣସି ବ୍ୟକ୍ତି ଏ କ୍ଷେତ୍ରରେ ପରାମର୍ଶ ରଖିପାରିବେ। ସେ କାର୍ଯ୍ୟରତ ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ, ବିଜ୍ଞ ଅଭିଭାବକ, ନାଗରିକ, ପୁରାତନ ଛାତ୍ର ବା ଶିକ୍ଷାବିତ୍ ହୋଇପାରିବେ। କଥାରେ ଅଛି ଦୁଇଟି ମୁଣ୍ଡ ଗୋଟିଏ ମୁଣ୍ଡଠୁ ଅଧିକ ଉପକାରୀ। ସରକାର ସମଗ୍ର ଶିକ୍ଷକକୁଳକୁ ସଶକ୍ତ କରି ବ୍ୟକ୍ତିଗତ ସ୍ତରରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଓ ସମ୍ମାନାସ୍ପଦ ବୋଲି ଭାବନା ସୃଷ୍ଟି କରିବା ପୂର୍ବକ ସେମାନଙ୍କ ସଶକ୍ତ ଜ୍ଞାନକୁ ଶିକ୍ଷାଦାନ, ସିଲାବସ ନିର୍ମାଣ, ପାଠ୍ୟପୁସ୍ତକ ରଚନା, ପ୍ରଶ୍ନପତ୍ର ପ୍ରସ୍ତୁତି ଇତ୍ୟାଦି କ୍ଷେତ୍ରରେ ବିନିଯୋଗ କରି ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁସଂହତ କରନ୍ତୁ। କଟକ ବା ଭୁବନେଶ୍ୱରରେ ଅବସ୍ଥାପିତ ୫/୧୦ଜଣ ବୋଲକରାଙ୍କୁ ଧରି ଗୋଟିଏ ବ୍ୟବସ୍ଥା ଚଳାଯାଇ ପାରେନା। ଥରେ ସବୁକିଛି ଖୋଲା ଏବଂ ସ୍ୱଚ୍ଛ ହେଲେ ଓଡ଼ିଶା ତଥା ଓଡ଼ିଶା ବାହାରେ ଅବସ୍ଥାପିତ ଶିକ୍ଷା ସହିତ ଜଡ଼ିତ ବହୁଲୋକ ଏଥିରେ ସାମିଲ ହୋଇପାରିବେ।

ତୃଣମୂଳର ସୁଦୃଢ଼ତା ଏକ ସଶକ୍ତ ଓ ସୁଦୃଢ଼ ସମାଜର ନିଦର୍ଶନ। ଶିକ୍ଷାକ୍ଷେତ୍ରରେ ତୃଣମୂଳ ସମ୍ପୂର୍ଣ୍ଣ ଅବାନ୍ତର ଏବଂ ଏହି କ୍ଷେତ୍ରରେ ନିଯୁକ୍ତ ଶିକ୍ଷାସେବୀମାନେ ନିଜକୁ ଅର୍ବାଚୀନ ମଣନ୍ତି, ଯେହେତୁ କୌଣସି କ୍ଷେତ୍ରରେ ସେମାନଙ୍କର ଗଠନମୂଳକ ପରାମର୍ଶ ଦେବାର ଅଧିକାର ବା ସୁଯୋଗ ନାହିଁ। ଅର୍ଥାତ୍ ସକାଳୁ ଉଠି ଜଣେ ଶିକ୍ଷକ ବା ଅଧ୍ୟାପକ ଖବର କାଗଜରୁ ଜାଣିବାକୁ ପାଏ ଏ ବର୍ଷ କି ପ୍ରକାର ସିଲାବସ ହେବ, କି ପ୍ରକାର ପ୍ରଶ୍ନପତ୍ର ହେବ, କି ପ୍ରକାର ପାଠ୍ୟପୁସ୍ତକ ପଢ଼ାହେବ ଇତ୍ୟାଦି। କ୍ଷେତ୍ରୀୟ ଦାୟିତ୍ୱ ତାଙ୍କର ହୋଇଥିବାବେଳେ ସମଗ୍ର ପ୍ରକ୍ରିୟାରେ ତାଙ୍କର କିଛି ଭୂମିକା ନ ଥାଏ। ଓଡ଼ିଶାରେ ଏହି ପ୍ରକାର ଏକ ‘ଟପ୍ ଡାଉନ ଆପ୍ରୋଚ’ ବା ‘ଉପରୁ ତଳକୁ ଲଦି ଦେବା ପ୍ରକ୍ରିୟା’ ଚାଲିଛି। ଅଥଚ ଆଧୁନିକ ବ୍ୟବସ୍ଥା ଏହାର ବିପରୀତ କଥା କହେ ଅର୍ଥାତ୍ ଏକ ଫଳପ୍ରଦ କାର୍ଯ୍ୟ ‘ବଟମ୍ ଅପ୍’ ବା ‘ତଳୁ ଉପରକୁ ବାର୍ତ୍ତା କୈନ୍ଦ୍ରିକ’ ହେବା ଆବଶ୍ୟକ।

ସାମାଜିକ ବା ଆନୁଷ୍ଠାନିକ ସମ୍ମାନ ମଣିଷକୁ ସଶକ୍ତୀକରଣର ଅନୁଭବ ପ୍ରଦାନ କରେ। ସରକାରଙ୍କ ସୌଜନ୍ୟ ତଥା ବିଭିନ୍ନ କାରଣରୁ ଶିକ୍ଷକମାନଙ୍କ ସମ୍ମାନ ଆଜି ଭୂଲୁଣ୍ଠିତ। ବେଳେବେଳେ ଆନୁଷ୍ଠାନିକ ସମ୍ମାନ ସାମାଜିକ ସମ୍ମାନରେ ରୂପାନ୍ତରିତ ହୁଏ। ଦୁଃଖର ସହ କହିବାକୁ ପଡୁଛି ଓଡ଼ିଶାର ବିଭିନ୍ନ ଜିଲାର ବା ଓଡ଼ିଶା ସରକାରଙ୍କ କୌଣସି ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାପାଳ ବା ବିଭାଗୀୟ ସଚିବ ବା ମନ୍ତ୍ରୀ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହେଉଥିବା ବେଳେ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟ ବା କୁଳପତି ବା ଅଧ୍ୟକ୍ଷ ବା ସେଥିରେ କାର୍ଯ୍ୟରତ କୌଣସି ଅଧ୍ୟାପକଙ୍କୁ ପୁରସ୍କୃତ କରିବାର ବ୍ୟବସ୍ଥା ନାହିଁ କି ସେ ବିଚାର ମଧ୍ୟ ନାହିଁ। ଏକ ନିରପେକ୍ଷ ଫର୍ମାଟ୍ ମାଧ୍ୟମରେ ତୃତୀୟ ପକ୍ଷଦ୍ୱାରା ଏ ପ୍ରକାର ବ୍ୟବସ୍ଥା କରାଯାଇପାରେ ଯାହା ଶିକ୍ଷକ ସମାଜକୁ ଏକ ଭଲ ବାର୍ତ୍ତା ପହଞ୍ଚାଇବ।

ଶିକ୍ଷକମାନେ ଘଣ୍ଟାୱାରି କାମ କରୁଥିବା କଳକାରଖାନାର ଶ୍ରମିକ ନୁହନ୍ତି ବା ଶିକ୍ଷାଳୟମାନ ସରକାରଙ୍କର ଗୋଟିଏ ଗୋଟିଏ ଦପ୍ତର ନୁହେଁ। ଶିକ୍ଷକମାନେ ଯେତେ ସଶକ୍ତ, ସମ୍ମାନିତ, ସ୍ୱାଧୀନ ଏବଂ ଗୁରୁତ୍ୱପୂର୍ଣ୍ଣ ଅନୁଭବ କରିବେ ସେତେ ସେମାନେ ନିଜକୁ ଉନ୍ନୀତ କରି ଆତ୍ମପ୍ରଗତି ତଥା ଛାତ୍ରପ୍ରଗତିରେ ଧ୍ୟାନ ଦେବେ ଏବଂ ଏହାର ସାମୂହିକ ଲାଭ ଛାତ୍ରସମାଜ ତଥା ସରକାର ହିଁ ଅମଳ କରିବେ। ଶିକ୍ଷକମାନଙ୍କୁ ଯଦି ୟୁନିଫର୍ମ ପିନ୍ଧି (କଲେଜ ଶିକ୍ଷକମାନଙ୍କ କ୍ଷେତ୍ରରେ ୟୁନିଫର୍ମ ପ୍ରଚଳନର କାଳେ ପ୍ରସ୍ତାବ ରହିଛି!) ଘଣ୍ଟାୱାରି କାମ କରୁଥିବା ଶ୍ରମିକ ହିସାବରେ ଚିତ୍ରିତ କରାଯାଏ ସେମାନେ ଦିନକୁ ଦିନ ପୂର୍ବଗୌରବ ହରାଇ ହତୋତ୍ସାହ ହୋଇପଡ଼ିବେ, ଯାହା ସେମାନଙ୍କ ଶିକ୍ଷାଦାନ, ଅଧ୍ୟୟନକୁ ପ୍ରଭାବିତ କରିବ ଏବଂ ଏହା ଏକ କୁଫଳ ହିସାବରେ ବ୍ୟବସ୍ଥାକୁ ହିଁ କ୍ଷତିଗ୍ରସ୍ତ କରିବ।

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ,
ବାଲେଶ୍ୱର, ମୋ:୯୪୩୭୩୭୬୨୧୯

# ବଢ଼ିଚାଲିଛି ସଡ଼କ ଦୁର୍ଘଟଣା



ଶେଖ୍ ଫରିଦ୍‌ଉଦ୍ଦିନ୍

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି। କେନ୍ଦୁଝର, ସମ୍ବଲପୁର, ଯାଜପୁର, ବାଲେଶ୍ୱର, ଗଞ୍ଜାମ, ପୁରୀ ରାଜ୍ୟର ଦୁର୍ଘଟଣାପ୍ରବଣ ଜିଲା ପାଲଟିଛି। ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବା ସହିତ ରାଜପଥରେ ମୃତାହତଙ୍କ ସଂଖ୍ୟା ବି ବଢ଼ିବାରେ ଲାଗିଛି। ରିପୋର୍ଟ ଅନୁଯାୟୀ ୨୦୧୮ରେ ୧୩,୭୨୧ ମୋଟର ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୪୯୫୪ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୭ରେ ୧୦,୮୫୫ଟି ମୋଟର ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୪୭୯୦ ଜଣ ମୃତ୍ୟୁବରଣ କରିଛନ୍ତି। ୨୦୧୬ ମସିହାରେ ୧୦,୫୩୨ଟି ମୋଟର ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୪୪୬୩ ଥିଲା। ୨୦୧୫ରେ ୧୦୫୪୨ଟି ସଡ଼କ ଦୁର୍ଘଟଣାରେ ୪୩୦୩ଜଣ ମରିଥିଲେ।

ବିଶେଷଜ୍ଞମାନଙ୍କ ମତରେ ଗାଡ଼ି ଚାଳକଙ୍କ ଭୁଲ, ସଡ଼କ ସମସ୍ୟା, ଗାଡ଼ି ନିର୍ମାଣରେ ତ୍ରୁଟି, ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଯୋଗୁ ଦୁର୍ଘଟଣା ସଂଖ୍ୟା ବଢ଼ିଚାଲୁଛି। ବିଗତ କିଛିବର୍ଷ ଧରି ଜାତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଛି। ଜାତୀୟ ରାଜପଥଗୁଡ଼ିକର ଠିକଣାଭାବେ ରକ୍ଷଣାବେକ୍ଷଣ ହେଉ ନ ଥିବା ବେଳେ ସାଧାରଣ ଲୋକ ଏ ନେଇ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରୁଛନ୍ତି। ୨୦୧୮ ମସିହାରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ସର୍ବାଧିକ ୬୯୪ଟି ଦୁର୍ଘଟଣା ଘଟିଥିବାବେଳେ କେନ୍ଦୁଝର ଜିଲାରେ ଦୁର୍ଘଟଣା ଯୋଗୁ ସର୍ବାଧିକ ୪୦୭ଜଣ ମୃତ୍ୟୁବରଣ କରିଛନ୍ତି। ଗଞ୍ଜାମ ଜିଲାରେ ଦୁର୍ଘଟଣାରେ ୩୧୩ ମରିଥିବା ଜଣାଯାଇଛି। ୨୦୧୫ ମସିହାରେ ମୋଟର ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଗଞ୍ଜାମ ଜିଲାରେ ସର୍ବାଧିକ ୨୪୨ ଥିବାବେଳେ ୨୦୧୬ରେ ଏହା ୨୭୫ ଥିଲା। ଜିଲା ପ୍ରଶାସନକୁ ଦୁର୍ଘଟଣା ହ୍ରାସ ଲାଗି ଯୋଜନା ପ୍ରସ୍ତୁତ ସହିତ ତାହାକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି। କିନ୍ତୁ ବର୍ଷକୁ ବର୍ଷ ସଡ଼କ ଦୁର୍ଘଟଣା ସହିତ ତାଳଦେଇ ମୃତାହତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ପ୍ରତିବର୍ଷ ସରକାରୀ ଭାବେ ଓ ବିଭିନ୍ନ ବେସରକାରୀ ସଂଗଠନ ନିଜ ନିଜ ଉଦ୍ୟମରେ

### ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ

ସଡ଼କ ସୁରକ୍ଷା ସପ୍ତାହ ପାଳନ କରୁଛନ୍ତି। ସମାଜରେ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ନିଶାଗ୍ରସ୍ତ ହୋଇ ଗାଡ଼ି ଚାଳନା, ମୋବାଇଲ ଫୋନରେ ଗପି ଗାଡ଼ି ଚଳାଇବା, ଫିଟ୍‌ନେସ ନ ଥିବା ଗାଡ଼ି ରାଜମାର୍ଗରେ ଚାଲିବା ଓ ସର୍ବୋପରି ମୁଖ୍ୟ କାରଣ ହେଉଛି ଅବ୍ୟବସ୍ଥିତ ସଡ଼କ। ତେବେ ସରକାର ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣରେ ରଖିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅନେକ ଯୋଜନା କରୁଥିଲେ ବି ତାହାର କୌଣସି ମୂଲ୍ୟ ରହୁନାହିଁ। ବିଶେଷକରି ନାବାଳକମାନେ ଗାଡ଼ି ଚଳାଚଳ କରୁଥିବାରୁ ଏହା ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଉପହାସ ନିଶ୍ଚୟ। ରାଜ୍ୟର ବିଭିନ୍ନ କୋର୍ଟରେ ସଡ଼କ ଦୁର୍ଘଟଣା ସମ୍ପର୍କିତ ମାମଲା ବର୍ଷ ବର୍ଷ ଧରି ପଡ଼ିରହୁଛି। ଦୁର୍ଘଟଣାର ଶିକାର ହେଉଥିବା ଅନେକ ଲୋକ ଶାରୀରିକ ଭାବେ ବିକଳାଙ୍ଗ ହୋଇ ବର୍ଷ ବର୍ଷ ଧରି ବିଛଣାରେ ପଡ଼ି ରହୁଛନ୍ତି। ସେମାନଙ୍କର ସୁନେଲି ସ୍ୱପ୍ନ ଓ ପରିବାର ପାଇଁ ଉତ୍ତରଦାୟିତ୍ୱ ସବୁକିଛି ଶେଷ ହୋଇଯାଉଛି। ସରକାର କୋଟି କୋଟି ଟଙ୍କାର ଟୋଲ ରାଜସ୍ୱ ଆଦାୟ କରୁଛନ୍ତି। ଜନସାଧାରଣଙ୍କୁ ସୁବିଧା ଯୋଗାଇଦେବା ନାଁରେ ନୂଆ ନୂଆ ସଡ଼କ ଖୋଲିଯାଉଛି ସତ, କିନ୍ତୁ ସେ ତୁଳନାରେ ସରକାରୀ ବ୍ୟବସ୍ଥିତ ସୁବିଧା ସୁଯୋଗ ନାହିଁ। ପୋଲିସ ବା ଆର୍‌ଟିଓ ଗାଡ଼ି ଚେକିଂ କରିବା ବାହାନାରେ କେବଳ ଅର୍ଥ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି। ରାସ୍ତାକଡ଼ରେ ଆମ୍ବୁଲାନ୍ସ ବା ଟ୍ରମା ଚିକିତ୍ସାର ବ୍ୟବସ୍ଥା ନାହିଁ। ଲୋକମାନଙ୍କ ଭିତରେ ସଚେତନତା ବଢ଼ାଇବା ପାଇଁ ମଧ୍ୟ ସେପରି ଆନ୍ତରିକ ଉଦ୍ୟମ କରାଯାଉନାହିଁ।

କେନ୍ଦ୍ର ଓ ରାଜ୍ୟସ୍ତରରେ କେବଳ ମୋଟର ଦୁର୍ଘଟଣା ମାମଲା ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ଲାଗି ୨୦୧୪ରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶାବଳୀ ଜାରି କରିଥିଲେ, ଯାହାକି ଅଳିଆଗଦାରେ ପଡ଼ିଛି। ସେହିପରି ବିଭିନ୍ନ ସ୍ଥାନର ଭିନ୍ନ ଭିନ୍ନ କୋର୍ଟରେ ମାମଲା ପଡ଼ିରହୁଥିବାରୁ ପୀଡ଼ିତମାନେ କ୍ଷତିପୂରଣ ପାଇବାରେ ଅହେତୁକ ବିଳମ୍ବ ଘଟୁଛି। ନିକଟରେ ସୁପ୍ରିମ୍‌କୋର୍ଟ ଏକ ପଚିଶ ବର୍ଷ ତଳର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାରେ ହାଇକୋର୍ଟର କ୍ଷତିପୂରଣ ଅର୍ଥର ପାଞ୍ଚଗୁଣା କ୍ଷତିପୂରଣ ଦେବା ପାଇଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସରକାର କଡ଼ାକଡ଼ି ଭାବେ ଏହି ନିର୍ଦ୍ଦେଶାବଳୀକୁ ପାଳନ କରିବା ସହ ସଡ଼କ ଦୁର୍ଘଟଣା ମାମଲାର ତ୍ୱରିତ ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟ ଗଠନ କଲେ ପୀଡ଼ିତମାନେ ନ୍ୟାୟ ପାଇପାରିବେ।

ମଧୁପୁର, କୁଆଁପାଳ, କଟକ,
ମୋ: ୯୪୩୭୦୦୪୮୮୮

## ଏଇ ଭାରତରେ

ଉତ୍ତରପ୍ରଦେଶର ଜଣେ ଯୁବକ ତାଙ୍କ ପ୍ରଚେଷ୍ଟାରେ ପିଲାମାନଙ୍କ ଲାଗି ସଫଳତାର ସୌଧ ଗଢ଼ୁଛନ୍ତି। ନୋଏଡାନିବାସୀ ପ୍ରଦ୍ୟୁତ ବୋଲେଟି ଏଭଳି ସେବାରେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି। ସେ ମଧ୍ୟ କୌନ ବନେଗା କରୋଡପତିରେ ୧୭ ଲକ୍ଷ ଟଙ୍କା ଜିତିଛନ୍ତି। କିନ୍ତୁ ଏହି ଟଙ୍କାକୁ ଗାଁ ପିଲାମାନେ କିପରି ବାସ୍କେଟ୍‌ବଲ ଚାମ୍ପିୟନ ହେବେ ସେଥିଲାଗି ବ୍ୟୟ କରୁଛନ୍ତି। ପ୍ରଦ୍ୟୁତ ୨୦୧୪ରେ ଆମେରିକାରେ ବାସ୍କେଟ୍‌ବଲ ପ୍ରଶିକ୍ଷଣ ନେଇ ସ୍ୱଦେଶ ଫେରି ନୋଏଡା ପାଖ ଗାଁ ଗେଜାରେ ପ୍ରଥମେ ପିଲାମାନଙ୍କୁ ବାସ୍କେଟବଲ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ଏହି ଗାଁରେ ପ୍ରାୟ ୬୫୦ ପିଲାଙ୍କ ପାଖରେ ଏହି ଖେଳକୁ ପହଞ୍ଚାଇବା ଲାଗି ପ୍ରାରମ୍ଭରୁ ତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ପରେ ସମସ୍ତଙ୍କୁ ଏକାଠି କରି ଖେଳ ପ୍ରଶିକ୍ଷଣ ଦେବା ଆରମ୍ଭ କରି ଏବେ ଆଖପାଖ ଗାଁର ପ୍ରାୟ ଦେଢ଼ ହଜାର ପିଲାଙ୍କୁ ଏଥିରେ ସାମିଲ କରିଛନ୍ତି। ସେ ୫ ବର୍ଷ ହେବ ଡ୍ରିବଲ୍ ଏକାଡେମୀ ପ୍ରତିଷ୍ଠା କରି କୋଚ୍‌ମାନଙ୍କୁ ନିଯୁକ୍ତି ଦେଇଛନ୍ତି ଓ ସେମାନେ ପ୍ରତି ଗାଁରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କ ଏକାଡେମୀରୁ ବହୁ ପିଲା ଆମେରିକାରେ ଖେଳି ଫେରିଲେଣି। ୧୪ ବର୍ଷରୁ କମ୍ ରାଜ୍ୟ ଟିମ୍‌ରେ ତାଙ୍କ ଏକାଡେମୀର ପିଲାମାନେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। କେତେଜଣ ଜାତୀୟ ଟିମ୍‌କୁ କ୍ୱାଲିଫାଏ ବି କରିଛନ୍ତି। ଏହି ପିଲାମାନଙ୍କୁ ନେଇ ବିଭିନ୍ନ ଟୁର୍ନାମେଣ୍ଟରେ ସେ ଭାଗ ନେଉଛନ୍ତି ଓ ଯେଉଁ ଅର୍ଥ ରାଶି ଜିତୁଛନ୍ତି ତାହାକୁ ପିଲାମାନଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି। ପିଲାମାନଙ୍କୁ ବାସ୍କେଟବଲ୍, ଜୋତା ଓ ପୋଷାକ ମଧ୍ୟ ଯୋଗାଇ ଦେଉଛନ୍ତି ପ୍ରଦ୍ୟୁତ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଜାନୁୟାରୀ ୧୯୯୫**

- ବାଂଲାଦେଶର ଉତ୍ତରାଞ୍ଚଳରେ ଏକ ଲୋକାଲ ଟ୍ରେନ୍ ସହ ଏକ୍ସପ୍ରେସ ଟ୍ରେନ୍‌ର ଧକ୍କା ହେବା ଫଳରେ ୧୫୦ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ବିଶ୍ୱବ୍ୟାଙ୍କ ପକ୍ଷରୁ ଶ୍ରୀଲଙ୍କାକୁ ଦିଆଯିବାକୁ ଥିବା ୧୦୦ ମିଲିୟନ ଆମେରିକୀୟ ଡଲାର ଋଣ ପ୍ରଦାନକୁ ସ୍ଥଗିତ ରଖାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ‘୫–ଟି’ର ପ୍ରଭାବ ସ୍ଥାୟୀ କି

ମହାଶୟ,

ଯେତେ ଯାହା କଲେ ମଧ୍ୟ ଯେପର୍ଯ୍ୟନ୍ତ ସରକାରୀ କର୍ମଚାରୀମାନଙ୍କର ନିଷ୍ଠାର ଅଭାବ ରହିବ କୌଣସି କ୍ଷେତ୍ରରେ ସୁଧାର ଆସିବ ନାହିଁ। ସେମାନଙ୍କୁ ବାଟକୁ ଆଣିବା ପାଇଁ ଯେଉଁ ‘୫–ଟି’ର ଛାଟ ଲଗାଯାଇଛି, ତାହା ମାତ୍ର କେତେ କ୍ଷଣର କମ୍ପନ, ଶବ୍ଦ ତରଙ୍ଗ ପରି ମିଳେଇଯିବ। ଉତ୍ତମ ସେବା, ଉତ୍ତମ କାର୍ଯ୍ୟଦକ୍ଷତା ଯିଏ ଦେଖାଇପାରିବ ତାହା ପାଇଁ ସରକାର ଲୋଭାଣିଆ ଆଗୁଆ ପ୍ରମୋଶନର ବ୍ୟବସ୍ଥା କରିଛନ୍ତି– ଏହାଦ୍ୱାରା କର୍ମଚାରୀ ଜଣକ ବର୍ଷେ କି ଦୁଇବର୍ଷ ଖୁବ୍ କାର୍ଯ୍ୟଦକ୍ଷତା ଦେଖେଇବ, ମାତ୍ର ଆଗୁଆ ପ୍ରମୋଶନ ପାଇସାରିଲା ପରେ ସେହି ପୂର୍ବ ଅବସ୍ଥାକୁ ଫେରିଆସିବ। ତେବେ ସବୁ କର୍ମଚାରୀ ସମାନ ନୁହନ୍ତି। ଯେପର୍ଯ୍ୟନ୍ତ ସେବା ମନୋଭାବଠାରୁ ଦୂରେଇ ଯାଉଥିବା ବାବୁମାନଙ୍କର ମାନସିକତାରେ ପରିବର୍ତ୍ତନ ନ ଆସିବ ଯେତେ ଆଇନକାନୁନ୍, ନୀତିନିୟମ ଅଛି ସବୁ ନିରର୍ଥକ ପାଲଟିଯିବ। ଲାଞ୍ଚ ନେବା ଓ ଲାଞ୍ଚ ଦେବା ଅପରାଧ, ମାତ୍ର ସାଧାରଣ ମଳିମୁଣ୍ଡିଆ ଲୋକ ଲାଞ୍ଚ ଦେବା ପାଇଁ ବାଧ୍ୟ ହୋଇଥାଏ କାରଣ କାର୍ଯ୍ୟଟି ପାଇଁ ନିଜର କାମଧନ୍ଦା ଛାଡି ୧୦ଥର ଅଫିସକୁ ଦୌଡ଼ିବା ଅପେକ୍ଷା ହାତଗୁଞ୍ଜା ଦେଇ କରାଇନେବାକୁ ସେ ଶ୍ରେୟସ୍କର ମନେକରେ। ଏହା ନିତିଦିନିଆ ଘଟଣା।

ସୁଧାକର ବେହେରା, କାଶୀପୁର

### ପୋର୍ଟାଲ ବନ୍ଦ

ଓଡ଼ିଶା ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପୋର୍ଟାଲଟି ବନ୍ଦ ଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ସେମାନଙ୍କ ନାମ ଖାଦ୍ୟ ସୁରକ୍ଷା ତାଲିକାରେ ସଂଯୋଗ କରି ପାରୁନାହାନ୍ତି। ପୁନଶ୍ଚ କେତେକ ହିତାଧିକାରୀ ସେମାନଙ୍କର ତ୍ରୁଟି ସଂଶୋଧନ କରି ଖାଦ୍ୟ ଯୋଗାଣ ତାଲିକାରେ ନାମ ଦରଜ କରିବାର ସୁବିଧା ପାଉନାହାନ୍ତି। ଫଳରେ ସେମାନେ ରାଶନ କାର୍ଡ ମାଧ୍ୟମରେ ମିଳୁଥିବା ସରକାରୀ ସୁବିଧାରୁ ଦୀର୍ଘଦିନ ହେଲା ବଞ୍ଚିତ ହୋଇ ଆସୁଛନ୍ତି। ବିଭାଗୀୟ ଅଧିକାରୀ ଏଥି ପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

ଚିନ୍ତାମଣି ମହାପାତ୍ର, ଅଭୟ ମୁଖୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦୈନିକ ୨ ଯାତ୍ରୀ, ୨୦ ଟଙ୍କା ଭଡ଼ାରେ ଚାଲିଛି ଟ୍ରେନ୍

**ବଲାଙ୍ଗୀର ଅଫିସ, ୧୪।୧**

ଆଜିକୁ ଠିକ୍ ଏକବର୍ଷ ପୂର୍ବରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର ଗସ୍ତରେ ବଲାଙ୍ଗୀର-ଖୋର୍ଦ୍ଧା ୧୬.୮ କିଲୋମିଟର ରେଳପଥକୁ ଉଦ୍‌ଘାଟନ କରି ବଲାଙ୍ଗୀର-ବିଚ୍ଛୁପାଲି ପାସେଞ୍ଜର ଟ୍ରେନ୍ ଚଳାଚଳର ଲୋକାର୍ପଣ କରିଥିଲେ । ଏହି ବହୁ ଚର୍ଚ୍ଚିତ ଟ୍ରେନ୍ ଚଳାଚଳକୁ ମଙ୍ଗଳବାର ବର୍ଷେ ପୂରିଛି । ଗତ ଏକବର୍ଷ ମଧ୍ୟରେ ଏହି ରେଳଲାଇନ୍ ଏକ ଇଞ୍ଚ ଆଗକୁ ବଢ଼ିନାହିଁ । ଗୋଟିଏ ବର୍ଷ ଧରି ଏହି ପାସେଞ୍ଜର ଟ୍ରେନ୍‌ଟି ଦୈନିକ ହାରାହାରି ୨ଜଣ ଯାତ୍ରୀ ଓ ୨୦ ଟଙ୍କା ଭଡାରେ ଚାଲିଛି । ସୂଚନା ଅଧିକାର ଆଇନ ଜରିଆରେ ଖୋଦ୍ ରେଳ ବିଭାଗ ପକ୍ଷରୁ ଉପରୋକ୍ତ ତଥ୍ୟ ଦିଆଯାଇଛି। ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ସ୍ଥାନୀୟ ଅମଲା ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ଉପରୋକ୍ତ ସୂଚନା ଦେଇଛନ୍ତି। ଗତବର୍ଷ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଏହି ଟ୍ରେନ୍ ଲୋକାର୍ପଣ କରିଥିଲେ। ଉକ୍ତ ଲୋକାର୍ପଣ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦୀ ଏହି ପଛୁଆ ଅଞ୍ଚଳର ବିକାଶ ପାଇଁ ଯେଉଁ ଡିଣ୍ଡିମ ପିଟିଥିଲେ ଗୋଟିଏ ବର୍ଷ ପରେ ତାହା ଫମ୍ପା ପ୍ରତିଶ୍ରୁତି ଥିଲା ବୋଲି ପ୍ରମାଣିତ ହୋଇଥିବା କହିଛନ୍ତି। ରେଳବିଭାଗର ତଥ୍ୟରୁ ଗତ ଏକବର୍ଷ ମଧ୍ୟରେ ବଲାଙ୍ଗୀର-ବିଚ୍ଛୁପାଲି ଟ୍ରେନରେ ଦୈନିକ ହାରାହାରି ମାତ୍ର ୨ ଜଣ ଯାତ୍ରୀ ଯାତ୍ରା କରୁଥିବା ଓ ଦୈନିକ ହାରହାରି ମାତ୍ର ୨୦ ଟଙ୍କା ଯାତ୍ରୀ ଭଡା ମିଳୁଥିବା ସୂଚନା ଦେଇଥିଲେ। ରେଳପଥ ବିଛାଇବା କାର୍ଯ୍ୟକୁ ଅଣଦେଖା କରି ତରବରିଆ ଭାବେ ବର୍ଷେ ତଳେ ଏହି ଟ୍ରେନ ଚଳାଇ ଦେଇ କେବଳ ଦେଶର ରାଜସ୍ୱରୁ ଅର୍ଥଶ୍ରାଦ୍ଧ କରାଯାଉଛି ବୋଲି ସୂଚନା ଅଧିକାର କର୍ମୀ ପଣ୍ଡା ଅଭିଯୋଗ କରିଛନ୍ତି । ଏହି ରେଳପଥରେ ଖୋର୍ଦ୍ଧା ଅର୍ଥାତ୍ ଶୂନ୍ କିଲୋମିଟର ପଏଣ୍ଟରୁ ୭୭.୩୦ କିମି ପଏଣ୍ଟ ନୟାଗଡ ଜିଲା ମହୀପୁର ପର୍ଯ୍ୟନ୍ତ ଟ୍ରେନ ଚଳାଚଳ କରୁଛି । ତେବେ ୯୦.୬୫ କିମି ପଏଣ୍ଟ ନୂଆଗାଁ ପର୍ଯ୍ୟନ୍ତ ୨୦୨୧ ମସିହା ସୁଦ୍ଧା ରେଳ ଚଳାଚଳ କାର୍ଯ୍ୟକ୍ଷମ ହେବ। ନୂଆଗାଁରୁ ଦଶପଲ୍ଲା ପର୍ଯ୍ୟନ୍ତ ଅର୍ଥାତ ୧୦୫. ୯୦ କିଲୋମିଟର ପଏଣ୍ଟ ପର୍ଯ୍ୟନ୍ତ ଏହି ରେଳଲାଇନ୍ ପହଞ୍ଚିବା ପାଇଁ ଡିସେମ୍ବର ମାସରେ ଟେଣ୍ଡର ପେପର ଖୋଲାଯାଇଛି। କିନ୍ତୁ ୨୦୨୧ ମସିହା ସୁଦ୍ଧା ଏହି ରେଳପଥକୁ ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ର ରେଳ ବିଭାଗ ଓ ରାଜ୍ୟ ସରକାର ମଧ୍ୟରେ ୨୦୧୫ ମସିହାରେ ରାଜିନାମା ସ୍ୱାକ୍ଷର ହୋଇଥିଲା । ରେଳପଥର ପ୍ରାୟ ୫୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ୨୦୨୧ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ହେବ । ଏହା ସମଗ୍ର ଦେଶର ଏକ ବିଳମ୍ବିତ ରେଳପ୍ରକଳ୍ପ ହୋଇଯାଇଛି । ଯେଉଁଳି ମନ୍ଥର ଗତିରେ ରେଳଲାଇନ୍ ବିଛାଇବା କାମ ଚାଲିଛି ଏହା ସମ୍ପୂର୍ଣ୍ଣ ହେବାକୁ ଆଉ ପ୍ରାୟ ୧୦ ବର୍ଷ ସମୟ ଲାଗିଯିବ ବୋଲି ପଣ୍ଡା କହିଛନ୍ତି । ବିଚ୍ଛୁପାଲିଠାରୁ ସୋନପୁର ପର୍ଯ୍ୟନ୍ତ ଟେଣ୍ଡର ଗତ ମାସରେ ଖୋଲାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। କଳାହାଣ୍ଡି ୱାଗନ କାରଖାନା ପ୍ରସ୍ତାବକୁ ପିରିୟଡିକାଲ ଓଭର ହଲିଙ୍ଗ କାର୍ଯ୍ୟଶାଳାରେ ପରିଣତ କରି ମାତ୍ର ୧୮୬ କୋଟି ୩୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ମିଳିଥିବା ତଥ୍ୟରୁ ଜଣାପଡିଛି। ସେହିପରି ରାୟଗଡା ରେଳ ଡିଭିଜନ ପ୍ରସ୍ତାବ କେବଳ ପ୍ରସ୍ତାବରେ ସୀମିତ ରହିଥିବା ରେଳ ବିଭାଗ ସୂଚନାରୁ ଜଣାପଡିଛି ବୋଲି ପଣ୍ଡା କହିଥିଲେ ।


## MCL ମହାନଦୀ କୋଲଫିଲଡସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା:- ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିକ୍ସ)- ୦୬୬୩-୨୫୪୨୪୬୧ରୁ ୪୬୯, ୱେବସାଇଟ୍: www.mahanadicoal.in

### ଇ-ଟେଣ୍ଡର ନୋଟିସ୍

ମହାନଦୀ କୋଲ୍‌ଫିଲ୍‌ଡସ ଲିମିଟେଡ୍‌ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଇ-ଟେଣ୍ଡର ପୋର୍ଟାଲ (https://coalindiatender.nic.in) ରେ ପ୍ରଦର୍ଶିତ କରାଯାଇଛି ଏବଂ ଏହା ମଧ୍ୟ ସେଣ୍ଟ୍ରାଲ ପବ୍ଲିକ୍ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in)ରେ ଦିଆଯାଇଛି । ଅଧିକ ବିବରଣୀ ପାଇଁ ଦୟାକରି ଏହି ୱେବସାଇଟ୍‌କୁ ପରିଦର୍ଶନ କରନ୍ତୁ ।

| କ୍ର. ନଂ | ଟେଣ୍ଡର ଆଇଡି | ଟେଣ୍ଡର ଶୀର୍ଷକ | ଟେଣ୍ଡର ମୂଲ୍ୟ (₹)ରେ |
|---|---|---|---|
| 1. | 2019_MCL_159384_1 | Day to day maintenance of water supply pipe line at N.S. Nagar Colony of Bharatpur Project for a period of 02 years. | 8715648.00 |
| 2. | 2020_MCL_160749_1 | Hiring of 01 (ONE) Covered Jeep (Bolero / Sumo or equivalent vehicle (Diesel) 6 plus 1 seater with AC fitted) for 24 hours duty for use at Bhubaneshwari OCP of Jagannath Area for 682 days in 02(two) years. | 1401510.00 |
| 3. | 2020_MCL_160897_1 | Procurement of Multigas Detector with five sensors for mine no-3 of Orient Colliery. | 277300.00 |
| 4. | 2020_MCL_160918_1 | Cleaning of Garbage in N.S. Nagar Colony and Bharatpur Market Complex of BOCP for a period of 02 years. | 3431970.00 |
| 5. | 2020_MCL_160940_1 | Strengthening and widening of road from G.M. office to Bankadhara Chhak (NH) via local sale gate, Lingaraj Area. | 9526809.00 |
| 6. | 2020_MCL_160941_1 | Making pathway and developing lawn and park at Sharma Chack colony at Lingaraj OCP, Lingaraj Area. | 3361746.00 |
| 7. | 2020_MCL_160942_1 | Operation of valves of sprinkler system at Deulbera Siding of Lingaraj OCP, Lingaraj Area. (For two years). | 1010771.00 |
| 8. | 2020_MCL_160808_1 | Annual maintenance of NRB and other miscellaneous works at Lakhanpur OCP of Lakhanpur Area for safety fortnight. | 2025079.00 |
| 9. | 2020_MCL_160989_1 | Providing 40 mm Metal and Sand in the Outdoor Switch Yard including Pre cast slab on cable trench drain of 33KV/ 3.3KV Sub station of Ananta Open Cast Project, Jagannath Area. | 1342028.00 |
| 10. | 2020_MCL_161001_1 | Fabrication of one no. of 60 drum float and two nos. of 24 drum float for mines de-watering at Garjanbahal OCP, Basundhara Area. | 503223.00 |
| 11. | 2020_MCL_161024_1 | Annual cleaning of 03 Nos In-motion Weigh Bridge and House Keeping at Ananta Open Cast Project for a period of 02(two) years. | 1499520.00 |
| 12. | 2020_MCL_161014_1 | Regular Cleaning of Weigh Bridge Platform, Rooms inside Handidhua Coal Depot and near Welcome Gate with cleaning of siding office at Ananta Open Cast Project for a period of 02(two) years. | 1667957.00 |
| 13. | 2020_MCL_160794_1 | Hiring of 01 No. AC fitted Tata Winger or Equivalent Diesel Ambulance for 24 hrs duty, max 4000 km run per month for a period of two years (341 working days per year) for Samaleswari OCP, IB Valley Area. | 2223620.00 |
| 14. | 2020_MCL_160965_1 | Study of Geo Referenced Coordinates required for preparation of DGPS Maps,posting of 500 nos of pillars and authe-ntication of the same by ORSAC in respect of Forest Diversion Proposal of 230.20 Ha of Samaleswari OCP Expansion, Phase-IV,rated capacity. | 6710601.00 |
| 15. | 2020_MCL_160501_1 | Procurement of 06 nos. of Load Haul Dump Machines. | 32808405.00 |
| 16. | 2020_MCL_160967_1 | Hiring of one no. Pick-up Van having seating capacity 4 plus 1 on 24 hrs duty basis with deployment of two nos. of drivers, max run 3500 km/month for 02 years (682 working days) for Lakhanpur OCP, Lakhanpur Area, MCL. | 1344222.00 |
| 17. | 2019_MCL_159087_1 | Procurement of MS Nut for Nandira Colliery MCL Talcher Area. | 658440.00 |
| 18. | 2020_MCL_161016_1 | Procurement of BF Hooks for Nandira Colliery MCL TA. | 121835.00 |
| 19. | 2020_MCL_161044_1 | Procurement of Hand Coal Drill Machine for Nandira Colliery MCL TA. | 125080.00 |
| 20. | 2020_MCL_161068_1 | Hiring of a Xylo/Scorpio or equivalent Covered Vehicles with A/c fitted (Diesel) for 24 hours duty for use at Jagannath OCP,JA for 682 days in 02(two) years. | 1539956.00 |
| 21. | 2020_MCL_161071_1 | Hiring of 01 (ONE) Covered Jeep (Bolero / Sumo or equivalent vehicle (Diesel) 6 plus 1 seater with AC fitted) for 12 hours duty for use at Bhubaneshwari OCP of Jagannath Area for 682 days in 02(two) years. | 955482.00 |
| 22. | 2020_MCL_161136_1 | Providing, Fixing and commissioning of 1 Pair of Dual Type Rail Sensor (4 meters) and AD module (MAKE DIGITAL and MODEL MW2100) of 120 Ton Rail In motion weighbridge No. 7 of Bharatpur OCP and Stamping of the same by State Metrology department. | 286740.00 |
| 23. | 2020_MCL_161031_1 | Supply of soldering items. | 349497.00 |
| 24. | 2020_MCL_161142_1 | Hiring of One (1) Jeep(6 plus 1 seater or more) (Bolero/ Sumo or its equivalent) fitted with AC for 12 hrs per day duty for two years for Mahalaxmi Area (682 days).(2800km run per month).(B) | 920700.00 |
| 25. | 2020_MCL_160801_1 | Hiring of 01 no. Innova or equivalent vehicle (white colour) with national permit and air conditioner fitted of seating capacity 7 (6 plus 1), 24 hrs duty per day, max 3000 Km run per month for a period of two years (341 working days per year) for GM. | 2348153.00 |
| 26. | 2020_MCL_160930_1 | Procurement of 9nos Diesel powered self propelled articulated front end wheel loader of 5-7 Cum bucket capacity. | 365362000.00 |
| 27. | 2020_MCL_161092_1 | Hiring of one no. shift bus (having seating capacity 32 plus 1 or more) on 24 hrs duty basis with deployment of two nos. of drivers having staggered rest, max run 2500 km/month for 02 years (682 working days) for Belpahar OCM, Lakhanpur Area, MCL. | 2314026.00 |
| 28. | 2020_MCL_161159_1 | Procurement of Neutral system for Talcher Colliery MCL TA. | 313880.00 |
| 29. | 2020_MCL_161000_1 | Invitation of EOI for execution of works on OPEX mode (I) Input feeding of coal (25MTY) into Th-1 and TH-2 of CHP under construction at Bhubaneswari OCP, (II) Evacuation of 15MTY coal from TH-7 and TH-8 of CHP under construc-tion at Bhubaneswari OCP | 0.00 |
| 30. | 2020_MCL_161150_1 | Fitting/installation and commissioning of 03 nos. of Electro-Mechanical Multi- Axial (Pitch and Yaw) Swivel Control Nozzle in 28 KL BEML Water Sprinkler at Lingaraj OCP, Samaleswari OCP and Basundhara OCP (One number at each project only). | 9368014.00 |
| 31. | 2020_MCL_161013_1 | Supply of lubricants for Volvo wheel loader. | 660349.00 |
| 32. | 2020_MCL_161175_1 | Construction of Bathing steps and changing room in village pond Khaliamunda of Jamunali village under CSR works of Hingula Area. | 452475.00 |
| 33. | 2020_MCL_161167_1 | Hiring of 01 (one) Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 12 hours duty for use at Jagannath Area for 682 days in 02(two) years. | 955482.00 |
| 34. | 2020_MCL_161201_1 | Hiring of 01 (one) Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 12 hours duty for use of Bhubaneshwari OCP at Jagannath Area for 682 days in 02(two) years. | 955482.00 |
| 35. | 2020_MCL_161216_1 | Renovation of C-type Quarters at DAV Colony under Jagannath Area. | 9541218.00 |
| 36. | 2020_MCL_161262_1 | Upkeeping and Maintenance of Lawn and Garden in GM Bunglow of Jagannath Area located at Bharatpur Colony for a period of 02(two) years under Jagannath Area. | 1548860.00 |
| 37. | 2020_MCL_161291_1 | Hiring of 01 (one) Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 12 hours duty for use of Jagannath OCP at Jagannath Area for 682 days in 02(two) years. | 954800.00 |
| 38. | 2020_MCL_161169_1 | Supply of Spares for ACE Rhino 90C Cranes. | 10734.00 |
| 39. | 2020_MCL_161224_1 | Supply of Spares of Spares for BD - 355 Dozer. | 67680.00 |
| 40. | 2020_MCL_161184_1 | Annual Brooming, sweeping, cleaning and gardening of Sub Area Office under Orient Sub Area. | 859401.00 |
| 41. | 2020_MCL_161282_1 | Upliftment of rest shelter including site development opposite of MTK office at CWS IBV. | 438116.00 |
| 42. | 2020_MCL_161296_1 | Running and maintenance of GM Office Canteen Lakhanpur Area contractually for a period of 02 (Two) years. | 1350776.00 |
| 43. | 2020_MCL_161112_1 | Procurement of X-Ray materials for Central Hospital. | 191755.00 |
| 44. | 2020_MCL_161332_1 | Extraction of Coal/Coal measure strata by deploying Surface Miners on hiring basis (07 Surface Miners with capacity of 40,000 CuM/day) for utilisation at any mines of MCL as per requirement. | 1152036360.00 |
| 45. | 2020_MCL_161375_1 | Cleaning of overhead tanks roof top over residential and non-residential building at NSCH and Regional Hospital under NSCH CH Area, Talcher (For a period of two years) (Re-tender). | 514606.00 |
| 46. | 2020_MCL_161379_1 | Supplying of water to village Tileipasi and Khajuria under Hingula Area. (Package - 10). | 670280.00 |
| 47. | 2020_MCL_161399_1 | Supplying and fixing of GOAB switches, D.O. fuses, Lightning Arrestors and Guardings at different HT(6.6KV) instal-lations of Basundhara(west) OCP. | 449802.00 |
| 48. | 2020_MCL_161387_1 | Supplying of water to village Ambapal, Badamahitaila and Sanamahitaila under Hingula Area. (Package - 23). | 893706.00 |
| 49. | 2020_MCL_161429_1 | Supplying of water to village Barapali under Hingula Area. (Package - 09). | 446853.00 |
| 50. | 2020_MCL_161440_1 | Supplying of water to village Danara Gandhinagar and Danara Adivasisahi under Hingula Area. (Package - 05). | 552151.00 |
| 51. | 2020_MCL_161373_1 | Renovation of damaged RCC Culvert at mine entry near Sub station of SOCP, IB Valley Area. | 3399008.00 |
| 52. | 2020_MCL_161180_1 | Repairing or Reconditioning of worn out portion of undercarriage, removal and fitment of 16 nos. lower rollers of both side in PnH 126 Shovel at Balram OCP, Hingula Area. | 383170.00 |
| 53. | 2020_MCL_161193_1 | Hiring of one (01) nos. of Bolero/ Sumo or equivalent covered vehicle (6 plus 1 seater) with AC fitted (Diesel) for 12 hours duty for a period of two years for Balram OCP , Hingula Area(Duty in mines). | 923428.00 |
| 54. | 2020_MCL_161207_1 | Hiring of two (02) nos. of Bolero/ Sumo or equivalent covered vehicle (6 plus 1 seater) with AC fitted (Diesel) for 24 hours duty for a period of two years for Hingula OCP , Hingula Area(Duty in mines). | 2838120.00 |
| 55. | 2020_MCL_161445_1 | AMC for day to day electrical work of residential quarters, non-residential buildings and other electrical installations (Incl 3.3kV OHL from main Sub-station to LTS) in Lingaraj Colony under Lingaraj Area for a period of one year. | 3018119.00 |
| 56. | 2020_MCL_161464_1 | Construction of boundary wall at R and R Site of village Talaberena under Lingraj Area. | 10592154.00 |
| 57. | 2020_MCL_161507_1 | Supply, installation and commissioning of Solar Street Light (14Watt) in Kuisira village, Basundhara Area under CSR scheme. | 359888.00 |
| 58. | 2020_MCL_161613_1 | Strengthening of the Haul Road near Water Loading Point No. 1 at Ananta OCP, Jagannath Area. | 6226300.00 |
| 59. | 2020_MCL_161628_1 | Cleaning of Spur No. 5 and 6 and removal of sludge along the Track at Western Buffer End of Siding No. 5 and 6 during Monsoon at Ananta OCP. | 757166.00 |
| 60. | 2020_MCL_161534_1 | Supply, installation and commissioning of Solar Street Light (14Watt) in Sardega village, Basundhara Area under CSR scheme. | 599813.00 |
| 61. | 2020_MCL_161629_1 | AMC for electrical maintenance of township at Basundhara Area. | 6187350.00 |
| 62. | 2019_MCL_159617_1 | Stability test of Dumpers of Model BH100, BH50M-1, CAT 773D, CAT773DS-1 and Water Tankers of Model WS28 KL working at Lakhanpur OCP, Lakhanpur Area, MCL. | 424800.00 |
| 63. | 2020_MCL_161161_1 | Procurement of 05nos surface miner with drum width not less than 3800 mm along with MARC. | 1400249219.00 |
| 64. | 2020_MCL_161509_1 | Supply of Fire Resistant Grade Rubber conveyor belting , Nylon / Nylon fabric construction of sizes and strength 1200mm 800KN and 1200mm 1200KN. | 9029424.00 |
| 65. | 2020_MCL_161527_1 | Procurement of 02nos Diesel powered, Crawler Mounted Hydraulic Excavator with Bottom Discharge Bucket of capacity 5.5-6.5 CuM. | 135921000.00 |
| 66. | 2020_MCL_161614_1 | Supply of water to villages Arakhapal, Kanteikolia, Gopaballavpur and Rangamatia in Talcher Subdivision for the year 2020 for Talcher Area (Package VII) 120 days. | 974413.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ହେଲ୍ପ ଡେସ୍କ (ଫୋନ୍-୦୬୬୩-୨୫୪୨୬୯୫/୨୫୪୨୨୬୪), ଇ-ମେଲ୍ : hlp-eproc.mcl@coalindia.in R-4966

ଆମର ଆପ ପ୍ରାପ୍ତ କରିବା ପାଇଁ ଟୋଲ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍‌ଡ କଲ୍ କରନ୍ତୁ ।



**ପାୱାର ଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଇଷ୍ଟର୍ଣ୍ଣ ରିଜିଓନାଲ ଟେଲିକମ୍ କଣ୍ଟ୍ରୋଲ ସେଂଟର, ୧ମ ମହଲା,
ସିଏଫ-17, ଆକ୍‌ସନ ଏରିଆ-1ସି, ନିୟୁ ଟାଉନ, ରାଜରହାଟ, କୋଲକାତା-700156
ଟେଲିଫୋନ ନଂ. 033-23242840/50, ଏକ୍‌ସଟେନସନ୍ : 1014/1017
CIN: L40101DL1989GOI038121
ପାୱାରଗ୍ରିଡ POWERGRID

**ଇଚ୍ଛା ପ୍ରକାଶନ ବିଜ୍ଞପ୍ତିର ସମୟ ସଂପ୍ରସାରଣ**

05.12.2019 ରେ ପ୍ରକାଶିତ ଡ଼ାର୍କ ଫାଇବରକୁ ଲିଜ୍‌ରେ ନେବା ପାଇଁ ଏଜେନ୍‌ସୀଗୁଡ଼ିକର ତାଲିକାଭୁକ୍ତ ନିମନ୍ତେ ଇଚ୍ଛା ପ୍ରକାଶନ (ଇଓଆଇ) ସମ୍ବନ୍ଧୀୟ ନିଲାମ ଦାଖଲର ଶେଷ ତାରିଖକୁ **10.02.2020 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।** ଅନ୍ୟ ସମସ୍ତ ସର୍ତ୍ତ ଓ ବ୍ୟବସ୍ଥାବଳୀ ଅପରିବର୍ତ୍ତିତ ରହିଛି ।

**ତାରିଖ: 15.01.2020** ଡ଼ିଜିଏମ୍ (ଟେଲି-କଂଟ୍ରାକ୍ଟସ)

ପାୱାରଗ୍ରୀଡ୍- ଆପଣଙ୍କ ସବୁ ପଏଂଟ-ଟୁ-ପଏଂଟ ଲିଜ୍‌ଡ୍ ଲାଇନ, ଏମପିଏଲଏସ ଭିପିଏନ ଏବଂ ଇଂଟରନେଟ୍ ଆବଶ୍ୟକତା ପାଇଁ ଯୋଗାଯୋଗ କରନ୍ତୁ telecom-marketing@powergrid.com



## ପୂର୍ବ ତଟ ରେଳପଥ

### ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ପ୍ରକଳ୍ପରେ ଜମି ହରାଇଥିବା ବ୍ୟକ୍ତିମାନଙ୍କ ନିଯୁକ୍ତି

**ସଂଯୋଗପତ୍ର ବିଜ୍ଞପ୍ତି**

ଏତଦ୍ୱାରା ସମ୍ପୃକ୍ତ ସମସ୍ତ ପକ୍ଷ ମାନଙ୍କୁ ସୂଚନା ଦିଆଯାଉଅଛି ଯେ ସମ୍ବଲପୁର-ତାଳଚେର ରେଳ ଲିଙ୍କ ଲାଇନ୍ (ଯେଉଁମାନଙ୍କର ଜମି ତା 04.03.1999 ରିଖ ପୂର୍ବରୁ ଅଧିଗ୍ରହଣ କରାଯାଇଛି) ରେ ଜମି ହରାଇଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଅଧିସୂଚନା ସଂଖ୍ୟା SBP/land Losers/2019,ତା 22.05.2019 ଜାରି କରି ତା 22.05.2019 ରିଖରେ ବିଭିନ୍ନ ସମ୍ବାଦପତ୍ର ଅର୍ଥାତ୍ ଦ ଟାଇମ୍‌ସ ଅଫ୍ ଇଣ୍ଡିଆ, ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍, ନବ ଭାରତ, ଧରିତ୍ରୀ, ସମାଜରେ ପ୍ରକାଶିତ କରାଯାଇଥିଲା। ଏହି ଅଧିସୂଚନା ପୂର୍ବ ତଟ ରେଳପଥର ୱେବ୍‌ସାଇଟ୍ ଅର୍ଥାତ୍ www.eastcoastrail.indianrailways.gov.in ର ନିମ୍ନଲିଖିତ ଲିଙ୍କ୍ ରେ ମଧ୍ୟ ଉପଲବ୍ଧ। "About us → Division →Sambalpur Division →Recruitment".

ତା 22.05.2019 ରିଖର ଅଧିସୂଚନା ର ପ୍ରଥମ ପୃଷ୍ଠାରେ 'ଗୁରୁତ୍ୱପୂର୍ଣ୍ଣ ସୂଚନା' ଅନ୍ତର୍ଗତ ଆଇଟମ୍ ସଂ. (ii) ରେ ନିମ୍ନ ଅନୁଯାୟୀ ପରିବର୍ତ୍ତନ କରାଯାଇଅଛି ।

**"ଜମି ହରାଇଥିବା 76 ପରିବାରର ପ୍ରାର୍ଥୀ, ଯେଉଁ ମାନେ ପୂର୍ବ ଅଧିସୂଚନା ସଂ. SBP/1/99, ତା 05.02.99 ଏବଂ ତା 04.03.99 ସନ୍ଦର୍ଭରେ ନିଯୁକ୍ତିର ପ୍ରସ୍ତାବ ପ୍ରଦାନ କରାଯାଇଥିଲା, ସେମାନେ ଏହି ଅଧିସୂଚନା ଅନୁଯାୟୀ ପୁନର୍ବାର ଆବେଦନ କରିବା ନିମନ୍ତେ ଯୋଗ୍ୟ ନୁହଁନ୍ତି ।"**

ଅଧିସୂଚନାର ଫଳସ୍ୱରୂପ, "ଜମି ହରାଇଥିବା ଶେଷ 576 (652-76) ପରିବାରର ପ୍ରାର୍ଥୀ ବର୍ତ୍ତମାନ ଦିଆଯାଇଥିବା ଅଧିସୂଚନା ଅନୁଯାୟୀ ଆବେଦନ କରିବା ନିମନ୍ତେ ଯୋଗ୍ୟ ଅଟନ୍ତି। ପରିବର୍ତ୍ତନ ଅନୁଯାୟୀ ଆବେଦନ କରୁଥିବା ଯୋଗ୍ୟ ପ୍ରାର୍ଥୀ ତା 13.02.2020 ରିଖର 1700 ଘଟିକା କିମ୍ବା ଏହା ପୂର୍ବରୁ ଆବେଦନ କରିପାରିବେ।" ପ୍ରାର୍ଥୀମାନେ ଆବଶ୍ୟକ ନଥିପତ୍ର ସହିତ ଉପଯୁକ୍ତରୂପେ ପୂରଣ କରିଥିବା ଆବେଦନକୁ ଡାକ ଜରିଆରେ ଅନ୍ତିମ ତାରିଖ ଓ ସମୟ ମଧ୍ୟରେ **ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ), ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳ, ପୋଷ୍ଟ : ମୋଦିପଡ଼ା - 768002, ଓଡ଼ିଶାଙ୍କ** ନିକଟରେ ପହଞ୍ଚିଯିବା ଉଚିତ। ପ୍ରାର୍ଥୀମାନେ **ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ), ପୂର୍ବ ତଟ ରେଳପଥ, ସମ୍ବଲପୁର ଙ୍କ କାର୍ଯ୍ୟାଳୟରେ** ଏହି ଉଦ୍ଦେଶ୍ୟରେ ରଖାଯାଇଥିବା ବାକ୍ସରେ ସେମାନଙ୍କର ଆବେଦନ ମଧ୍ୟ ଜମା କରିପାରିବେ। କୌଣସି କାରଣରୁ ଯାହା ହୋଇଥାଉନା କାହିଁକି, ବନ୍ଦ ହେବାର ତାରିଖ ଓ ସମୟ ଉପରାନ୍ତେ ପ୍ରାପ୍ତ ହୋଇଥିବା ଆବେଦନକୁ ବିଚାରକୁ ନିଆଯିବ ନାହିଁ।

ପ୍ରାର୍ଥୀମାନେ ଓ ଏଥି ସହିତ ସମ୍ପୃକ୍ତ ଅନ୍ୟ ସମସ୍ତେ, ଯେଉଁମାନେ ପୂର୍ବରୁ ସେମାନଙ୍କର ଆବେଦନ କରିସାରିଛନ୍ତି, ସେମାନେ ଧ୍ୟାନ ଦେବା ଉଚିତ ଯେ ଲିଖିତ ପରୀକ୍ଷା ସମ୍ଭବତଃ **ତା 23.02.2020 ରିଖରେ ଅନୁଷ୍ଠିତ ହେବ** ଏବଂ ଯଦି ଯୋଗ୍ୟ ବିବେଚିତ ହୁଅନ୍ତି ଏଥିପାଇଁ ସେମାନେ ପ୍ରସ୍ତୁତ ରହିବା ଉଚିତ।

PR-648/K/19-20 **ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ସମ୍ବଲପୁର**


## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୋଇଁ ଭୋଜନ,**
**ଭଜା ସଙ୍ଗେ ନଅ ତିଉଣ ।**

ଶ୍ୱଶୁରଘରେ ଜୋଇଁଙ୍କୁ ଖୁବ୍ ଆଦର ସମ୍ମାନ କରାଯାଇଥାଏ। ସୁସ୍ୱାଦୁ ବ୍ୟଞ୍ଜନ ରାନ୍ଧି ପରଷି ତାଙ୍କ ମନ ଖୁସି କରିବାକୁ ଚେଷ୍ଟା କରାଯାଇଥାଏ। ତାଙ୍କ ଚର୍ଚ୍ଚାରେ ଯେମିତି କିଛି ତ୍ରୁଟି ରହି ନ ଯାଏ ସେ ନେଇ ବିଶେଷ ଦୃଷ୍ଟି ଦିଆଯାଇଥାଏ। ତାଙ୍କ ରହଣି କାଳରେ ଖାଇବା, ପିଇବା ତଥା ରହିବା ନେଇ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଳକୁ କଣ୍ଟେ ଶତ୍ରୁକୁ ଆଣ୍ଟେ,**
**ସାଙ୍ଗ ହୋଇଥାଏ ଜଣେ;**
**ହଉ ପଛକେ ସେ ଗବ ଡିମିରି,**
**ତାକୁ ନ ଛାଡ଼ିବ କ୍ଷଣେ ।**

ଅନ୍ତରଙ୍ଗ ବନ୍ଧୁ ହିଁ କୌଣସି ବିପଦ ଆପଦରେ ପଡ଼ିଥିବା ବନ୍ଧୁଟିକୁ ପୂର୍ଣ୍ଣମାତ୍ରାରେ ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେଇଥାଏ। ତେବେ ଏଭଳି ସାହାଯ୍ୟକାରୀ ତଥା ଉପକାରୀ ବନ୍ଧୁଟି ଯେତେ ନଗଣ୍ୟ ହୋଇଥିଲେ ମଧ୍ୟ ତାକୁ କେବେହେଲେ ହତାଦର କରିବା ଉଚିତ ହୋଇ ନ ଥାଏ, କାରଣ ବେଳ ପଡ଼ିଲେ ସେହି ବନ୍ଧୁ ଜଣକ ହିଁ ଯଥେଷ୍ଟ ଉପକାରରେ ଆସିପାରେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## ପୂର୍ବ ତଟ ରେଳପଥ

### ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି

ଟେଣ୍ଡର ବିଜ୍ଞପ୍ତି ସଂ.MSM-HTS-SPARME-SBP-20

**କାର୍ଯ୍ୟର ନାମ :** ତିନି ବର୍ଷ ସମୟାବଧି ନିମନ୍ତେ କୋଚିଙ୍ଗ୍ ଡିପୋ/ସମ୍ବଲପୁର ସ୍ଥିତ SPARME ହାଇଡ୍ରୋଲିକ୍ ଟ୍ରାନ୍ସମିଶନ ସିଷ୍ଟମ୍‌ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 9,28,324.50, EMD (ଟଙ୍କାରେ) : 88,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର ଜାରି ହେବା ତାରିଖ ଠାରୁ 03 ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.30.01.2020 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

PR-650/K/19-20 ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ସମ୍ବଲପୁର


## କୋଇଲା ବୋଝେଇ ଟ୍ରେନ୍ ବଗିରେ ନିଆଁ

**ଗଞ୍ଜାମ, ୧୪।୧ (ଡି.ଏନ୍.ଏ.):** ଭୁବନେଶ୍ୱର ପଟୁ ଆସୁଥିବା କୋଇଲା ବୋଝେଇ ଟ୍ରେନ ନଂ.୨୮୬୯୧ର ହଠାତ୍ ଦୁଇଟି ବଗିରେ ମଙ୍ଗଳବାର କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଉକ୍ତ ଟ୍ରେନ୍‌ଟି ଗଞ୍ଜାମ ରେଳଷ୍ଟେଶନରେ ପହଞ୍ଚିବା ପରେ ଦୁଇଟି ଦମକଳ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ସମ୍ପୂର୍ଣ୍ଣ ଲିଭିବା ପରେ ଟ୍ରେନ୍‌ଟି ପଲାସା ଅଭିମୁଖେ ଯାତ୍ରା କରିଥିଲା। ପ୍ରକାଶ ଯେ, ଟ୍ରେନ ବଗିରୁ ଧୂଆଁ ବାହାରୁଥିବା ନେଇ ଗଞ୍ଜାମ ରେଳଷ୍ଟେଶନକୁ ଖବର ଆସିଥିଲା। ଫଳରେ ଟ୍ରେନ୍‌ଟି ଗଞ୍ଜାମ ଷ୍ଟେଶନରେ ସକାଳ ୫.୪୨ ମିନିଟରେ ପହଞ୍ଚିବା ପୂର୍ବରୁ ଦମକଳ ବାହିନୀକୁ ଫୋନ ଯୋଗେ ଅବଗତ କରାଯାଇଥିଲା ବୋଲି ଷ୍ଟେଶନ ମାଷ୍ଟର ସୂଚନା ଦେଇଛନ୍ତି।


## ପ୍ରଗତିପଥେ ଜଳବିଭାଜିକା ଉନ୍ନୟନ ଓ ମୃତ୍ତିକା ସଂରକ୍ଷଣ ବିଭାଗ, ସୁବର୍ଣ୍ଣପୁର

ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ତଥା ଉପ-ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ, ସୁବର୍ଣ୍ଣପୁରଙ୍କ ଦ୍ୱାରା ସମନ୍ୱିତ ଜଳବିଭାଜିକା ପରିଚାଳନା କାର୍ଯ୍ୟକ୍ରମ/ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ କାର୍ଯ୍ୟକ୍ରମ ମାଧ୍ୟମରେ ଉଲୁଣ୍ଡା, ସୋନପୁର ଓ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ୩ଟି କ୍ଲଷ୍ଟରରେ ୨୦୧୨-୧୩ ଆର୍ଥିକ ବର୍ଷରୁ ଅଦ୍ୟାବଧି ମୋଟ ୬୫୨ ଗୋଟି ଜଳ ଅମଳ ପ୍ରକଳ୍ପ ନିର୍ମାଣ ତଥା ଉନ୍ନତୀକରଣ କରାଯାଇ ପ୍ରକଳ୍ପାଞ୍ଚଳର ୧୮୯୫ ଜଣ ଚାଷୀଙ୍କର ୧୧୧୭ ହେକ୍ଟର ଚାଷଜମିକୁ ଜୀବନ ରକ୍ଷାକାରୀ ଜଳସେଚନ ଯୋଗାଇ ଦିଆଯାଇପାରୁଛି। ଏତଦ୍‌ବ୍ୟତୀତ ୨୦୧୯-୨୦ ଆର୍ଥିକ ବର୍ଷରେ ୫୭୬ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୬୫.୦୦ ଲକ୍ଷ ଟଙ୍କା ଆବର୍ତ୍ତିକାଳୀନ ପାଣ୍ଠି ଯୋଗାଇବା ପାଇଁ ଓ ଅଣୁ ଉଦ୍ୟୋଗ ତଥା ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ପ୍ରକଳ୍ପ ଅଞ୍ଚଳର ୫୧୫୦ଜଣ ହିତାଧିକାରୀଙ୍କୁ ୧୯୨.୮୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ପ୍ରସ୍ତାବ ରଖାଯାଇଅଛି।

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, ସୋନପୁର, ଜିଲ୍ଲା-ସୁବର୍ଣ୍ଣପୁର
ସ୍ୱା./- ଜିଲ୍ଲାପାଳ ତଥା ମିଶନ ମୁଖ୍ୟ, ଜଳବିଭାଜିକା ଉନ୍ନୟନ ମିଶନ, ଜିଲ୍ଲା- ସୁବର୍ଣ୍ଣପୁର



## ୟୁକୋ ବ୍ୟାଙ୍କ — ଦଖଲ ନୋଟିସ

ଆଞ୍ଚଳିକ କାର୍ଯ୍ୟାଳୟ
୧୮/୧, ଅଇଁଠାପାଲି ରୋଡ଼, ସମ୍ବଲପୁର
ଫୋନ୍ ନଂ.-୦୬୬୩-୨୫୪୦୬୪୦, ୨୫୪୧୪୪୩

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକିନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା (ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା (ମାନେ) ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

### ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ

| ଟିଟିଲାଗଡ଼ ଶାଖା<br>ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନଦାରଙ୍କ ନାମ ଓ ଠିକଣା | ନୋଟିସ ଅନୁଯାୟୀ ବକେୟାରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା:** ଶ୍ରୀ ପ୍ରିତମ ନନ୍ଦ, ପିତା: ଶ୍ରୀ ପ୍ରେମାନନ୍ଦ ନନ୍ଦ / **ସହ-ଋଣଗ୍ରହୀତା:** ଶ୍ରୀ ପ୍ରେମାନନ୍ଦ ନନ୍ଦ / **ଜାମିନ୍‌ଦାର:** ଶ୍ରୀମତୀ ସ୍ୱାଗତିକା ଦାସ, ସ୍ୱାମୀ: ଶ୍ରୀ ପ୍ରିତମ ନନ୍ଦ, ସମସ୍ତଙ୍କ ଠିକଣା-ସା: ଭାଟିପଡ଼ା, ପୋ: ଟିଟିଲାଗଡ଼, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା । | ୩୧.୦୮.୨୦୧୯ ସୁଦ୍ଧା ଟ.୧୬,୩୮,୪୪୮.୫୨ + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୬.୦୯.୨୦୧୯ / ୦୯.୦୧.୨୦୨୦ | ଶ୍ରୀ ପ୍ରେମାନନ୍ଦ ନନ୍ଦଙ୍କ ନାମରେ ବନ୍ଧକ ଥିବା ଜମି ଏବଂ ଗୃହ ଯାହାର ମୌଜା: ଭାଟିପଡ଼ା, ଖାତା ନଂ.: ୧୩୫/୩୩୫, ପ୍ଲଟ ନଂ.: ୮୮୦/୧୩୩୫, କ୍ଷେତ୍ର: ଏକର ୦.୦୫୦ ଡିସିମିଲ୍ । |

**ସ୍ଥାନ: ସମ୍ବଲପୁର, ତାରିଖ: ୧୪.୦୧.୨୦୨୦** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଡିମାଣ୍ଡ ନୋଟିସ୍

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର - ୭୫୧୦୦୭

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ ୨୦୦୨ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେମାନେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି । ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଧାରା ୧୩(୨) ଅନୁଯାୟୀ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ସେମାନଙ୍କ ଶେଷ ଜ୍ଞାତ ଠିକଣାରେ ରେଜଷ୍ଟ୍ରି ଡାକ ସହିତ ଏ.ଡି. ଡାକ ଯୋଗେ ନୋଟିସ୍ ଜାରି କରାଯାଇଥିଲା । ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଅବଗତ କରାଗଲା ।

| ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ /ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ସୁନିଲ୍ କୁମାର ମହାପାତ୍ର,** ପିତା: ପଦ୍ମଲାଭ ମହାପାତ୍ର, **ଜାମିନଦାର: ଶ୍ରୀ ଅନୀଲ କୁମାର ରଥ,** ପିତା: ସଦାଶିବ ରଥ, ଉଭୟଙ୍କ ଠିକଣା ସା: ପୋସାଳ, ପୋ:ହାକପଡ଼ା, ଭାୟା: ବେରବୋଇ, ପୁରୀ,ଓଡ଼ିଶା-୭୫୨୦୧୬/ଆକାଉଣ୍ଟ ନଂ.:୩୮୦୬୦୯୮୪୭୬୩(ଡୁପଲାଇନ୍‌ଓଡି)। | **ଶ୍ରୀ ଅନୀଲ କୁମାର ରଥଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ପୋସାଳ, ଖାତା ନଂ.:୨୪୭, ପ୍ଲଟ୍ ନଂ.: ୬୯୩, କ୍ଷେତ୍ର: ଏକର୦.୧୯୦ ଡ଼ିସିମିଲି, କିସମ: ଘରବାରୀ। | ୨୧.୧୧.୨୦୧୯ | ୨୮.୧୦.୨୦୧୯ | ତା୨୧.୧୧.୨୦୧୯ ସୁଦ୍ଧା ଟ.୪୦,୬୪,୬୦୬/- + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |
| **ଋଣଗ୍ରହୀତା: ଶ୍ରୀ ହରିଶ୍ଚନ୍ଦ୍ର କଂସ ବେହେରା,** ପିତା: ସୁକୁଟା କଂସ ବେହେରା, ସା/ପୋ: ବଳଭଦ୍ରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୧୦୨, ଏଚ୍ ଟି ଏଲ୍ ଆକାଉଣ୍ଟ ନଂ.: ୩୪୪୫୯୮୨୨୧୨୧, ୩୪୪୫୯୮୨୨୩୦୩, ୩୪୮୨୬୪୩୮୦୭୯, ୩୬୬୭୭୯୮୯୩୨୬ | ଜମି ଏବଂ ଗୃହ-ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୨, ପ୍ଲଟ୍ ନଂ.: ୩୭, ବ୍ଲକ୍-ଏ, ମୌଜା: ବଳଭଦ୍ରପୁର, ଏୟାର୍ ଫିଲ୍ଡ ନଂ.: ୫୮, ସୁନ୍ଦରପଦା, ଖାତା ନଂ.: ୧୨୦, ଅନୁରୂପ ହାଲ ଖାତା ନଂ.: ୨୫୫/୬୧, କିସମ: ଘରବାରୀ, ବିଲ୍ଟ ଏରିଆ: ୧୩୧୨ ବର୍ଗଫୁଟ, ଚୁକ୍ତି ଅନୁସାରେ ଏହାର ନିର୍ମାତା ଆର୍ୟନ୍ ଇନ୍‌ଫ୍ରା ପୋଜେକ୍ଟସ୍ ଲିଃ ଯାହାର ପ୍ରୋମୋଟର ସିଟିକନ ଇଞ୍ଜିନିୟରସ୍ ଲିଃ. ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା । | ୦୭.୦୧.୨୦୨୦ | ୨୬.୦୬.୨୦୧୯ | ତା୦୬.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଟ.୨୬,୧୧,୨୬୮/- + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |
| **ଋଣଗ୍ରହୀତା: ଆଜାଦ୍ ଅଲ୍ଲୀ ଖାଁ,** ପିତା: ମୁର୍ସିଦ୍ ଅଲ୍ଲୀ ଖାଁ, ସା: ମକତପୁର, ପୋ: ପଲେଇ, ଭାୟା: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ପିନ୍: ୭୫୪୨୦୫/ **କ୍ଷମତାପତ୍ରଧାରୀ: ନସିମା ଚାସ୍ମି,** ସ୍ୱାମୀ: ଆଜାଦ ଅଲ୍ଲୀ ଖାଁ, ପ୍ଲଟ ନଂ.: ଏଲ୍ ୧- ୧୫୮, ଫେଜ୍: ୩, ଡୁମ୍‌ଡୁମା ହାଉସିଂବୋର୍ଡ କଲୋନି, ଥାନା: ଖଣ୍ଡଗିରି, ଭୁବନେଶ୍ୱର, **ଏଚ୍ ଟି ଏଲ୍ ଆକାଉଣ୍ଟ ନଂ.: ୩୭୨୨୯୮୦୩୧୫୪, ୩୭୨୩୦୨୫୦୧୪୮** | ଜମି ଏବଂ ଗୃହ-ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୭/୧୨୬୪, ପରିମିତକ୍ଷେତ୍ର: ଏକର୭.୯୯୦ଡିସିମିଲି, ଏବଂ ପ୍ଲଟ ନଂ.: ୮୭/୧୨୬୩/୧୮୦୨, ପରିମିତକ୍ଷେତ୍ର: ଏକର୪.୦୧୦ଡିସିମିଲି, ଖାତା ନଂ.: ୪୨୧, ସମୁଦାୟ ପରିମିତକ୍ଷେତ୍ର: ୧୨ଏକର, ମୌଜା: ଶଙ୍କରପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖଣ୍ଡଗିରି ସବରେଜିଷ୍ଟ୍ରାର ଅଧିନରେ, ଆବାସିକ ଆପାର୍ଟମେଣ୍ଟ ଟାୱାର୍ ନଂ.: ୦୦୯, ତଳ ମହଲା, ଫ୍ଲାଟ ନଂ.: ୦୨, ଏରିଆ ୧୦୯୯ ବର୍ଗଫୁଟ, ଟାଟା ଏରିଆନା ପ୍ରୋଜେକ୍ଟ, ଭୁବନେଶ୍ୱର, ଫେଜ୍-୨ ଅଧିନରେ। | ୧୪.୦୧.୨୦୨୦ | ୧୦.୧୦.୨୦୧୯ | ତା୧୩.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ସହିତ ଟ.୪୬,୨୦,୭୦୮/- + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |

ନୋଟିସ୍ ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଉପରୋକ୍ତ ଋଣଗହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ ର ଉପଧାରା (୪) ଅନୁସାରେ **୬୦ ଦିନ** ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଅବଗତ କରାଇ ଦିଆଯାଉଛି କି ବ୍ୟାଙ୍କର ଲିଖିତ ସହମତି ବିନା ଉପରୋକ୍ତ ସମ୍ପତ୍ତିକୁ କୌଣସି ପ୍ରକାର ବିକ୍ରୟ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍ ଅନ୍ୟ କୌଣସି ପ୍ରଯୁଜ୍ୟ ଆଇନର ବ୍ୟବସ୍ଥା ଅନୁସାରେ ବ୍ୟାଙ୍କର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାରକୁ ପ୍ରତିହତ କରୁନାହିଁ।

**ତାରିଖ : ୧୪.୦୧.୨୦୨୦, ସ୍ଥାନ : ଭୁବନେଶ୍ୱର** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ବଣାଇ, ୧୪।୧(ସ୍ୱ.ପ୍ର.):** ଆଗାମୀ ୨୬ରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗଙ୍କ ଅଧ୍ୟକ୍ଷତାରେ ବନବିଭାଗ ସଭାଗୃହଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଣାଇ ଜାତୀୟ ଦିବସ ପାଳନ କମିଟିର ସଦସ୍ୟ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମ୍ମତି କ୍ରମେ ଜାନୁୟାରୀ ମାସ ୧୬,୨୦ ଓ ୨୧ ତାରିଖ ବିଭିନ୍ନ ସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବା ସ୍ଥିର କରାଯାଇଥିଲା। କମିଟିର ନିଷ୍ପତ୍ତି କ୍ରମେ ଆସନ୍ତା ୧୬ ନର୍ସରୀ /କେଜି , ପ୍ରଥମରୁ ତୃତୀୟ, ଚତୁର୍ଥରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ସ୍ଥାନୀୟ ରାଜାଧରଣୀଧର ଉଚ୍ଚବିଦ୍ୟାଳୟ ପରିସରରେ ସକାଳ ୧୦ ଘଟିକାଠାରୁ ପ୍ରତିଯୋଗୀତା ମାନ ଆୟୋଜିତ ହେବ। ସେହିଭଳି ଜାନୁୟାରୀ ୨୦ ଷଷ୍ଠରୁ ଅଷ୍ଟମ ଓ ଜାନୁୟାରୀ ୨୧ ନବମ, ଦଶମ ଏବଂ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଚଳିତବର୍ଷ ଏହି ସମାରୋହକୁ ଅଧିକ ଆକାର୍ଷଣୀୟ କରିବା ପାଇଁ ପ୍ରସ୍ତାବ ଗୃହୀତ ଅଞ୍ଚଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତୀ ସମେତ ମୁଖ୍ୟ ରାସ୍ତାକୁ ୨୫ ତାରିଖ ରାତିରୁ ଆଲୋକିକରଣ କରିବା, ପ୍ୟାରେଡ ପରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ପ୍ରଶାସନ ଏକାଦଶ ଓ ଜନସାଧାରଣ ଏକାଦଶ ମଧ୍ୟରେ ଆୟୋଜନ କରାଯିବା , ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଏକ ଦୌଡିଟଣା ପ୍ରତିଯୋଗୀତାର ଆୟୋଜନ କରାଯିବା ଇତ୍ୟାଦି କାର୍ଯ୍ୟକ୍ରମ ହେବାନେଇ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଜୋହନା ଓରାମ,ବଣାଇ ସରପଞ୍ଚ ବସନ୍ତ ନାୟକ, କାରଗାର ଅଧକ୍ଷକ ଲକ୍ଷ୍ମୀଧର ଧାଙ୍ଗଡା ମାଝୀ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଭୋଳେଶ୍ୱର ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟକ୍ଷ ପରେଶଚନ୍ଦ୍ର ଗିରି, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ଉପସ୍ଥିତ ରହିଥିଲେ।

# ମଧୁମେହ ସଚେତନତା ଶୋଭାଯାତ୍ରା

## ଜୀବନଶୈଳୀରେ ପରିବର୍ତ୍ତନ ବଞ୍ଚିବାର ମୂଳାଧାର

**ରାଉରକେଲା ଅଫିସ,୧୪।୧**

ମଧୁମେହ ସମ୍ପର୍କୀତ ଏକ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ଡାଇବେଟିସ ଫୋରମ ଓ ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ସକାଳ ୭ଟାରୁ ଇସ୍ପାତ ଜେନେରାଲ ହସ୍ପିଟାଲ ନିକଟରୁ ବାହାରି ୮ଟାରେ ଆମ୍ବାଗାନ ଛକରେ ପହଞ୍ଚିଥିଲା। ଏଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ କୁହାଯାଇଥିଲା ଯେ ଡାଇବେଟିସ ରୋଗ ଦିନକୁ ଦିନ ମହାମାରୀ ଭଳି ରୂପ ନେବାକୁ ବସିଲାଣି। ବିଶେଷ କରି ଆମ ଦେଶ ଭାରତରେ ଏହାର ଭୟାବହତା ଅଧିକ। ଏ ଦିଗରେ ଗ୍ରାମାଞ୍ଚଳରୁ ନେଇ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ଜୀବନଶୈଳୀରେ ପରିବର୍ତ୍ତନ ହିଁ ଏଥିରୁ ବଞ୍ଚିବାର ମୂଳାଧାର ବୋଲି କୁହାଯାଇ ଥିଲା। ଖଦ୍ୟ ପାନୀୟରେ ସଂଯମତା ରହିଲେ ଜଣେ ଏଥିରୁ ବର୍ତ୍ତିପାରିବ। ଏହା ବ୍ୟତୀତ ଶାରିରୀକ ଶ୍ରମ, ବ୍ୟାୟାମ, ପ୍ରାଣାୟମ, ଡାକ୍ତରୀ ପରାମର୍ଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡାକ୍ତର ସୁରେଶ ବନସଲ ନିଜ ବକ୍ତବ୍ୟରେ ରୋଗ ନିରାକରଣ ନେଇ ସଚେତନ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। ଡାକ୍ତର ରାହାସବିହାରୀ ମହାପାତ୍ର ନିଜ ବକ୍ତବ୍ୟରେ ମଧୁମେହ ନିୟନ୍ତ୍ରଣ ଉପରେ ସାଧାରଣରେ ବିଶେଷ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏନେଇ କେହି ଚିନ୍ତିତ ହେବା ପରିବର୍ତ୍ତେ ଆବଶ୍ୟକୀୟ ପ୍ରତିଷେଧ ଦିଗରେ ସଜାଗ ରହିବାକୁ ସେ କହିଥିଲେ। ଏହି ଶୋଭାଯାତ୍ରାରେ ଅନେକ ମଧୁମେହ ରୋଗୀଙ୍କ ସମେତ ଡାକ୍ତର ପି.କେ ଦାସ,ଏସ.ଏନ କର, ଏସ.ଆର ସାମଲ ପ୍ରମୁଖ ଯୋଗ ଦେଇ ଏ ସମ୍ପର୍କୀତ ଆଲୋଚନାରେ ଭାଗ ନେଇଥିଲେ। ପ୍ରତ୍ୟକ ମାସରେ ସଙ୍ଗଠନ ପକ୍ଷରୁ ସମୟାନ୍ତରେ ଶୋଭାଯାତ୍ରା ମାଧ୍ୟମରେ ମଧୁମେହ ରୋଗୀଙ୍କୁ ସଚେତନତା କରାଯାଉଛି। ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ବ୍ୟାପକ କରାଯିବ ବୋଲି ଡାକ୍ତର ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।




ମଧୁମେହ ସମ୍ପର୍କୀତ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

# ଝାରସୁଗୁଡ଼ାରେ ଦ୍ୱିତୀୟ ସମ୍ବଲପୁରୀ ସମ୍ମିଳନୀ

**ଝାରସୁଗୁଡା ଅଫିସ୍/ଲଖନପୁର, ୧୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ମଙ୍ଗଳବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ଉପଦେଷ୍ଟା ବିବେକାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଝାରସୁଗୁଡ଼ା ଶାଖା ସଂଯୋଜକ ଅଜିତ ରଥ, ସାଧାରଣ ସମ୍ପାଦକ ରାଜେଶ ପାଢୀ, ସଂଗଠନ ସମ୍ପାଦକ ମହମ୍ମଦ ନାସିର୍, ଉପଦେଷ୍ଟା ମନରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ବାନ୍ଧକଳା, ନାଟକ, ନୃତ୍ୟ, ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏନେଇ ଆସନ୍ତା ୧୮ ଓ ୧୯ ତାରିଖ ୨ଦିନ ଧରି ଝାରସୁଗଡ଼ା ମଙ୍ଗଳବଜାରସ୍ଥିତ ଜିଲା ପ୍ରେକ୍ଷାଳୟରେ ଜାତୀୟସ୍ତରୀୟ ଦ୍ୱିତୀୟ ସମ୍ବଲପୁରୀ ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମାଜିକ କର୍ମୀଙ୍କୁ ନେଇ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିରେ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପଶ୍ଚିମାଞ୍ଚଳ ଏକତା ମଞ୍ଚର କର୍ମକର୍ତ୍ତାମାନେ।

# ବିଜୁଳି ତାର ଛିଣ୍ଡି ନାବାଳକ ଗୁରୁତର

**ରାଉରକେଲା ଅଫିସ.୧୪।୧**

ଉଚ୍ଚଶକ୍ତି ସମ୍ପନ୍ନ ବିଜୁଳି ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ଦେଓଗାଁ ଦେହୁରି ବସ୍ତିର ଜଣେ ନାବାଳକ ଗୁରୁତର ହୋଇଛନ୍ତି। ତାଙ୍କ ଶରୀରର ୮୦ ପ୍ରତିଶତ ଜଳି ଯାଇଛି। ଗୁରୁତର ଅବସ୍ଥାରେ ପଥମେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅବସ୍ଥା ଶୋଚନୀୟ ଥିବା ଜଲଦା ଫାଣ୍ଡି ସୂତ୍ରରୁ ଜଣାଯାଇଛି। ଏହି ନାବାଳକ ଜଣଙ୍କ ହେଉଛନ୍ତି ଶୁଭମ ଟପୋ(୧୨)। ସେ ଅପରାହ୍ନ ୩ଟା ବେଳେ ଦେହୁରି ବସ୍ତିରୁ ଆସୁଥିବା ବେଳେ ଉଚ୍ଚ ଶକ୍ତି ସମ୍ପନ୍ନ ଏକ ବିଜୁଳି ତାର ତାଙ୍କ ଉପରେ ଛିଣ୍ଡି ପଡିଥିଲା। ଫଳରେ ଘଟଣା ସ୍ଥଳରେ ସେ ଗୁରୁତର ହୋଇଥିଲେ।

# ଦୋକାନ ଶର୍ଟର ଭାଙ୍ଗି ଚୋରି

**ସଇଁତଲା, ୧୪।୧ (ଡି. ଏନ.ଏ.)**

ସଇଁତଲା ଥାନା ଅନ୍ତର୍ଗତ କରମତଲା ପଞ୍ଚାୟତ ବୁଢ଼ାରଜା ହାଇସ୍କୁଲ ନିକଟରେ ଥିବା ଏକ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଛନଛଡ଼ା ଗ୍ରାମର ଦୋକାନ ମାଲିକ ବିକାଶ କୁମାର ଅଗ୍ରୱାଲ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ହାଇସ୍କୁଲ ସାମ୍ନାରେ ଏକ ଷ୍ଟଲ ଭଡ଼ାରେ ନେଇ ସେ ମୋଟର ସାଇକେଲ ରିପ୍ୟାରିଂ ସହ ପାର୍ଟସ ଦୋକାନ ଦେଇଛନ୍ତି। ମଙ୍ଗଳବାର ସକାଳୁ ଦୋକାନ ଖୋଲିବାକୁ ଆସିଲା ବେଳକୁ ଶର୍ଟର ଭାଙ୍ଗିଥିଲା ଓ ଦୋକାନରେ ଥିବା ସାମଗ୍ରୀ ଚୋରି ହୋଇଯାଇଥିଲା। ଦୋକାନରୁ ୨୦ରୁ ଅଧିକ ବାଇକ ଟାୟାର, ପାଖାପାଖି ୮୦ ଲିଟର ମୋବିଲ ଡ଼ବା, ଢ଼ିକି ଏବଂ ଚେନ ସକେଟ ଚୋରି ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷରୁ ଅଧିକ ହେବ ବୋଲି ଅଗ୍ରୱାଲ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଏସଆଇ ମାନବେନ୍ଦ୍ର ନନ୍ଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ଇତିହାସ ସଙ୍କଳନ ସମିତି ପକ୍ଷରୁ ଆଲୋଚନାଚକ୍ର

**ରାଉରକେଲା ଅଫିସ, ୧୪।୧**

ସେକ୍ଟର-୪ ଭାରତୀୟ ମଜଦୁର ସଂଘ (ବିଏମଏସ) କାର୍ଯ୍ୟାଳୟ ପରିସରରେ ପୁରାଣ ଅନ୍ତର୍ଗତ ଇତିହାସ ସମ୍ପର୍କୀତ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଓଡିଶା ପଶ୍ଚିମ ଇତିହାସ ସଂକଳନ ସମିତି ସଭାପତି ତଥା ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ. ଉମାକାନ୍ତ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ଅଖିଳ ଭାରତୀୟ ଇତିହାସ ସଙ୍କଳନ ସମିତି ରାଷ୍ଟ୍ରୀୟ ସମ୍ପାଦକ ଡ. ବାଲମୁକୁନ୍ଦ ପାଣ୍ଡେ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ନିଜ ବକ୍ତବ୍ୟରେ କହିଥିଲେ, ପୁରାଣ ହେଉଛି ଭାରତୀୟ ସଂସ୍କୃତିର ଆଦ୍ୟ ଉପାଦାନ। ଯାହା ସାମାଜିକ ପରିବର୍ତ୍ତନ ଓ ରାଷ୍ଟ୍ରୀୟ ସଂଘତିର ବାର୍ତ୍ତାବହ। ଏହି ଅବସରରେ ସେ ମହାମୃତ୍ୟୁଞ୍ଜୟ ଓ ଗାୟତ୍ରୀ ମନ୍ତ୍ରର ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଦଧିବାମନ ମିଶ୍ର ନିଜ ବକ୍ତବ୍ୟରେ ଭାଗବତ ଏବଂ ଲକ୍ଷ୍ମୀପୁରାଣ ମଧ୍ୟରେ ରହିଥିବା ସାମଞ୍ଜସ୍ୟ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା କମଳେଶ ଦାସ ସାଙ୍ଗଠନିକ ପୁନର୍ବିନ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ କର୍ମୀ ହିମାଂଶୁ ବଳ ମଞ୍ଚାସୀନ ଅତିଥିଙ୍କୁ ସ୍ୱାଗତ କରିବା ସହ ଏଭଳି ଆଲୋଚନାର ଉପାଦେୟତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ସ୍ୱାମୀ ଅଗ୍ନିବାବା ବ୍ୟାସକୃତ ପୁରାଣ ଉପରେ ନିଜସ୍ୱ ମତ ରଖିଥିଲେ। ଅପରାହ୍ନ ଅଧିବେଶନରେ ଭାରତୀୟ ରେଳବାଇ କଂଗ୍ରେସର ରାଷ୍ଟ୍ରୀୟ ମୁଖପାତ୍ର ସୁବାଶ ଲେଙ୍କାଙ୍କ ଲିଖିତ ପୁସ୍ତକକୁ ମଞ୍ଚାସୀନ ଅତିଥି ଉନ୍ମୋଚନ କରିଥିଲେ। ଏଥିରେ ଡ. ଭାବଗ୍ରାହୀ ମହାପାତ୍ର, ପ୍ରଫେସର ଲକ୍ଷ୍ମୀଧର ରାଉତ, ଚନ୍ଦ୍ରଧ୍ୱଜ ମାଝି, ଡ. କ୍ଷୀରୋଦ ବରାଳ, ମନୋଜ ଚୌଧୁରୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋସ୍ନାରାଣୀ ଦାସ, ହେମାନନ୍ଦ କହ୍ଲେଇ ଶ୍ୟାମା ଦାସଙ୍କ ସମେତ ସୁରେନ୍ଦ୍ର ଉପାଧ୍ୟାୟ, ଉମାକାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।




ଇତିହାସ ସମ୍ପର୍କିତ ଜାତୀୟ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି, ବକ୍ତା।




ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନାଗରିକତା ଆଇନ ନେଇ ମଙ୍ଗଳବାର ରାଉରକେଲାରେ ସଚେତନତା ଶୋଭାଯାତ୍ରା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

BUSINESS BUSINESS

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
ଜମିର ନିରୀକ୍ଷଣ କରାନ୍ତୁ ଓ ନିଜ ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
073762-57896
094994-92906
ADDRESS: T-51, GAUTAMPURI, DELHI

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

FINANCE FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ଆଜି କ'ଣ କେଉଁଠି

■ମକର ଯାତ୍ରା
ସ୍ଥାନ-ବଡ଼ତୁରାଙ୍ଗ
ସମୟ- ଅପରାହ୍ନ ୨ଟା

## ଇଂ. ତାପସ ପଟ୍ଟନାୟକ ୱେସ୍କୋ ୟୁଟିଲିଟି ନୂତନ ପ୍ରାଧିକୃତ ଅଧିକାରୀ



ସମ୍ବଲପୁର,୧୪।୧ (ବ୍ୟୁରୋ): ୱେସ୍କୋ ୟୁଟିଲିଟି ନୂତନ ପ୍ରାଧିକୃତ ଅଧିକାରୀ ଭାବେ ଇଂ. ତାପସ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଗ୍ରୀଡ୍‌କୋ ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ) ଭାବେ କାର୍ଯ୍ୟ କରୁଥିଲେ। ବିଦ୍ୟୁତ ଉତ୍ପାଦନ, ପରିବହନ, ପ୍ରସାରଣ ଓ ପରିବଣ୍ଟନ ବ୍ୟବସ୍ଥା ପରିଚାଳନା କ୍ଷେତ୍ରରେ ତାଙ୍କର ୩୩ ବର୍ଷର ଅଭିଜ୍ଞତା ରହିଛି।

■ ଦେଖନହାରୀ ସାଜିଛେ ପରଶାସନ

# ସୀମା ଟପୁଛେ ସାମାଜିକ ବାସଁଦ୍‌ର ଜାତ୍‌ନା

ବାମରା, ୧୪।୧ (ଡି.ଏନ.ଏ.)

ଝାଡ଼ଖଣ୍ଡ ସୀମଡ଼େଗା ଅଂଚଲରୁ ଆସି ଗଲା ୨୫ ବଛର ହେଲା ବାମରା ବ୍ଲକ କେସାଇବାହାଲରେ ରହୁଥିବାର ପୁସୁ ମାଝିଙ୍କର ପରିବାର ସାମାଜିକ ବାସଁଦ୍‌ର ଶିକାର ହେଇଛନ୍। ଉନିଆଁ ଜାତିରେ ବିହା ହେଇଥିବାର ଘଟନାକେ ନେଇ ସମାଜର ଲୋକ୍ ପରିବାରକେ ବାସଁଦ୍ କରିଥିବାର ଜନାଯାଇଛେ। ଏନ୍‌ତାଥି ତାକର ଝିଁପୁଓ ବିହାଚୁରା ହେଇ ନାଇଁ ପାରବାର।

ସୂଚନା ହିସାବେ ପୁସୁ ଆଏଜ୍‌କେ ୩୦ ବଛର ତଲେ ଭୁକ୍ତା ଜାତିର ବଇଲି ମାଝିଁକୁ ବିହା ହେଇଥିଲେ। ସୀମଡ଼େଗା ଗୋଡ଼ ସମାଜ ତାକର ବିହାକେ ସୀକୃରତି ବି ଦେଇଥିଲା। ପଛେ କେସାଇବାହାଲ ଅଏଲା ଉତାରୁ ସେମାନେ ଥାନୀଅ ଉତ୍ତରଗାଁ ଅଂଚଲିକ ଗୋଡ଼ ସମାଜ କମିଟିରେ ମିଶବାର ଲାଗି ଆବେଦନ କରିଥିଲେ। କମିଟି ଝାଡ଼ଖଣ୍ଡ ଗୋଡ଼ ସମାଜର ନିରଦେଶ ଅନ୍‌ସାରେ ୨୦୦୧ରେ ପୁସୁଙ୍କରନୁ ୧୦ ହଜାର ଟଁକା ଜରିମାନା ନେଇ ଜାତିରେ ମିଶେଇଥିଲେ। ହେଲେ ଉପର ବାମଣ୍ଡା ଷ୍ଟେଟ କମିଟି, କୁଚିଣ୍ଡା ପରିଷଦ ଗଲା ୨୫।୫।୨୦୧୯ରେ ଗୁଟେ ବଇଠକ



ସାମାଜି ବାସଁଦ୍‌ର ଶିକାର ହେଇଥିବାର ପୁସୁଙ୍କର ପରିବାର।

କରିଥିଲା। ବଇଠକ୍‌ରେ ବିଚାରକମାନେ ପୁସୁଙ୍କୁ ଜାତିରୁ ବାସଁଦ୍ କରିଥିଲେ। ସେନ୍‌ତା ଇ ପରିବାରକେ ଜାତିରେ ମିଶେଇଥିବାର ଉତ୍ତରଗାଁ ଆଂଚଲିକ କମିଟିର ନିଷ୍‌ପତିକେ ବେଆଇନ ବଲି କହିଥିଲେ। କମିଟିର ସଭାପତି ମିତ୍ରଭାନୁ ନାୟକ ଆର ସଂପାଦକ ଶଙ୍କର ପ୍ରସାଦ ନାୟକଙ୍କୁ ୧୦ ହଜାର ଆର କମିଟିର ସବୁ ସଦସିଅକୁ ୧ ହଜାର ଟଁକା ଲେଖେଁ ଜରିମାନା କରିଥିଲେ। ଜରିମାନା ନାଇଁଦେଲେ ସଦସିଅମାନକୁ ସାମାଜିକ ବାସଁଦ୍ କରାଯିବା ବଲି ବିଚାରକମାନେ କହିଥିଲେ। ଇ ବାବ୍‌ଦେ ଉତ୍ତରଗାଁ ଆଂଚଲିକ କମିଟି ସମ୍ବଲପୁର ଜିଲା ପରଶାସନ ଆର କୁଚିଣ୍ଡା ଉପଖଣ୍ଡ ପରଶାସନକେ

■ଜାତିରେ ମିଶେଇ ୮୦ ଝନ୍ ବାସଁଦ୍

■ପରଶାସନର ତାଗିଦ୍‌କେ ବେଖାତିର

ଅଭିଯୋଗ କରିଥିଲା। ଅଭିଯୋଗ ଆଧାରରେ ୨।୧୨।୨୦୧୯ରେ କୁଚିଣ୍ଡା ଉପଖଣ୍ଡ ପରଶାସନ ଚିଠି ସଂଖ୍ୟା ୭୪୧୦ ଜାରି କରିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ଆର ସାମାଜିକ ବାଛ୍‌ବିଚାରକେ ନଜରରେ ରଖି ପରଶାସନ ଇ ସବୁରୁ ଦୂରେଇ ରହିବାକେ ତାଗିଦ୍ କରିଥିଲା। ଅମାନତିଆ ହେଲେ ଆଇନ ହିସାବେ କଡ଼ା ପଦକ୍ଷେ ନିଆଯିବା ବଲି ଚିଠିରେ ଲେଖା ରହିଛେ। ହେଲେ ଇ ସବୁକେ ବେଖାତିର କରି ଉପର ବାମଣ୍ଡା ଷ୍ଟେଟ କମିଟି ଏଭେ ନିକ୍ରିମାଲ କେଁଦୁପତର ଫଡ଼ିରେ ଗୁଟେ ସଭା କରିଛେ। ୨୦ ଝନ୍‌କରନୁ ୧ ହଜାର ଟଁକା ଲେଖେଁ ଜରିମାନା ଆର ଭୁଜି ଲାଗି ୭ଶହ ଟଁକା ଲେଖେଁ ଅସୁଲ କରି ଜାତି କରିଥିବାର ଅଭିଯୋଗ ହେଇଛେ। ଇଆଡ଼େ ବିନା ପରମାନପତରରେ କାହାରି ବିହାଚୁରା ହେଇ ନାଇଁପାରେ ବଲି ଗୋଡ଼ ସମାଜରେ ରହିଥିବାର ନିୟମ ଲାଗି ପୁସୁଙ୍କର ଝିଁପୁଓ ବିହାଚୁରା ହେଇ ନାଇଁପାରବାର। ଇ ବାବ୍‌ଦେ ପୁସୁ ଅନେକଥର ମହୁଲପାଲି ଥାନା, କୁଚିଣ୍ଡା ଉପଜିଲାପାଳ ଆର ସମ୍ବଲପୁର ଜିଲାପାଳଙ୍କୁ ଅଭିଯୋଗ କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ସେନ୍‌ତା ସୋଲବଗାର ଦେବକରଣ ମାଝିଙ୍କୁ ବି ବିହା ଆଗ୍‌ରୁ ଉନିଆଁ ଜାତି ଝିଁର ସଂଗେ ପେମ୍‌ଭାବ ରଖିଥିବାର ଘଟନାକେ ନେଇ ବାସଁଦ୍ କରାଯାଇଛେ। ଇ ବାବ୍‌ଦେ ସାମାଜିକ କରମୀ ରବୀନ୍ଦ୍ର ନାୟକ କହିଛନ୍ ଯେ, ଉନିଆଁ ଜାତିରେ ବିହା ହେବାର ସବୁ ବଏସ୍‌କିଆ ଲୁକ୍‌କର ମାନବାଧିକାର ଆର ସାମ୍ବିଧାନିକ ଅଧିକାର। ହେଲେ ଉନିଆଁ ଜାତିରେ ବିହା ହେଲେ ବାସଁଦ୍ କରବାରଟା ସେମାନକର ମଉଳିକ ଅଧିକାରକେ ଛିନ୍‌ଲା ଲେଖେଁ ହେଉଛେ। ଅନେକ ଜାଗାରେ ସାମାଜିକ ବିଧିବେବସ୍‌ତା ନାଁରେ ଲୁକ୍‌କୁ ଶୋଷନ୍ କରାଯାଉଛେ।

■ ଡିପିଏ କଲେଜର ବାର୍ଷିକ ଉତ୍ସବ

# ଶିକ୍ଷା ବିନା ଉନ୍ନତି ନାହିଁ

ସମ୍ବଲପୁର,୧୪।୧(ବ୍ୟୁରୋ)

ସମ୍ବଲପୁର ଶାସନସ୍ଥିତ ଡିପିଏ କଲେଜରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଯୋଗ ଦେଇ କହିଥିଲେ ଯେ, ଶିକ୍ଷା ବିନା କୌଣସି ଜାତି, ଗାଁ, ଦେଶର ଉନ୍ନତି ହୋଇ ପାରିବ ନାହିଁ। ତେଣୁ ପାଠ ପଢିବା ପାଇଁ ଛାତ୍ରୀଛାତ୍ରଙ୍କୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜକିଶୋର ହୋତା ଯୋଗ ଦେଇଥିଲେ। କଲେଜ ସଭାପତି ବିନୋଦ ବିହାରୀ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। କଲେଜ ଅଧକ୍ଷ କମଳଲୋଚନ ପଣ୍ଡା ଅତିଥି ସ୍ୱାଗତ ସହ ଉଦଘାଟନୀ ଅଭିଭାଷଣ ଦେଇଥିଲେ। କଲେଜ ସଂପାଦକ ଆଶିଷ କୁମାର ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଶୋଷିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କଲେଜର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କାଇଟ୍ ଫେଷ୍ଟିଭାଲକୁ ଅନୁମତି ମିଳିଲାନି

ସମ୍ବଲପୁର, ୧୪।୧ (ବ୍ୟୁରୋ)

■ସବୁ ପ୍ରସ୍ତୁତି ସରିଥିଲା

■ଆୟୋଜକ କ୍ଷୁବ୍ଧ

■ଚାପରେ ପ୍ରଶାସନ

ସମ୍ବଲପୁର ୟୁଥ୍ ପକ୍ଷରୁ ବୁଧବାର ମକର ସଂକ୍ରାନ୍ତି ଉପଲକ୍ଷେ କଚେରି ଛକରେ ହେବାକୁ ଥିବା କାଇଟ୍ ଫେଷ୍ଟିଭାଲ ଲାଗି ଶେଷ ମୁହୂର୍ତ୍ତରେ ପ୍ରଶାସନ ଅନୁମତି ଦେଲା ନାହିଁ। ରାସ୍ତା ସମସ୍ୟାକୁ ଆଳ କରି ପ୍ରଶାସନ ଅସହଯୋଗ କରିଛି। ଏଣୁ ଏହି କାର୍ଯ୍ୟକ୍ରମ ବାତିଲ ହୋଇଛି। ରାଜନୈତି ଚାପରେ ପ୍ରଶାସନ ଏହାକୁ ଭଣ୍ଡୁର କରିଛି ବୋଲି ଆୟୋଜକ କମିଟି ଅଭିଯୋଗ କରିଛି। ମଙ୍ଗଳବାର ରାତି ୧୦ଟା ପର୍ଯ୍ୟନ୍ତ ଆୟୋଜକମାନେ ଜିଲାପାଳଙ୍କ ଅଫିସରେ ଅପେକ୍ଷା କରିଥିଲେ। ହେଲେ ସେମାନଙ୍କୁ ନିରାଶ କରି ଦିଆଯାଇଛି। ଏହାକୁ ନେଇ ସେମାନେ କ୍ଷୁବ୍ଧ ହୋଇ ଉଠିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଅଇଁଠାପାଲି ପିଏଚଡି ପଡିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଦେଢ଼ ମାସ ପୂର୍ବରୁ ଅନୁମତି ମଗାଯାଇଥିଲା। ହେଲେ ପ୍ରଶାସନ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅନୁମତି ଦେଇ ନ ଥିଲା। ଶେଷରେ କଚେରି ଛକଠାରେ ଏହାର ଆୟୋଜନ କରିବାକୁ ସ୍ଥିର କରାଯାଇ ମହାନଗର ନିଗମକୁ ଅନୁରୋଧ କରାଯାଇଥିଲା। ଉପଜିଲାପାଳଙ୍କ ଅଫିସରୁ ସାଉଣ୍ଡ ପାଇଁ ଅନୁମତି ମଧ୍ୟ ନିଆଯାଇଛି। ଏହା ସମ୍ବଲପୁର ସହର ତଥା ଆଖପାଖ ଗ୍ରାମର ଜନସାଧାରଣଙ୍କୁ ନେଇ କରାଯିବାର ଯୋଜନା ରହିଥିଲା। ନୃତ୍ୟ, ଗୀତ, ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର ହୋଇଥିଲା। ସେହିପରି ସମ୍ବଲପୁରୀ ଫେଶନ ଶୋ ମଧ୍ୟ କରାଯିବାର ଥିଲା। ଏହା ସମ୍ବଲପୁର କଳା, ସଂସ୍କୃତିର ପ୍ରଚାର ପ୍ରସାର କରିବା ସହ ନୂତନ ପ୍ରତିଭାମାନଙ୍କୁ ପ୍ରଦର୍ଶନ କରିବା ପାଇଁ ସୁଯୋଗ ଦେଇଥାନ୍ତା। ହେଲେ ପ୍ରଶାସନ ଅନୁମତି ନ ଦେବାରୁ କାର୍ଯ୍ୟକ୍ରମ ବାତିଲ ହେଉଛି। ପ୍ରଶାସନ ଜାଣିଶୁଣି ଏଭଳି କରିଛି। ଅନ୍ୟପଟେ ଏହାକୁ ଅନୁମତି ନ ମିଳିବା ପଛରେ ଅନ୍ୟ କାରଣ ଥିବା ଚର୍ଚ୍ଚା ହେଉଛି। ଆୟୋଜକ କମିଟିରେ ଭାଜପାର ଅଧିକାଂଶ ଯୁବ କର୍ମକର୍ତ୍ତା ରହିଛନ୍ତି। ତେଣୁ ଶାସକ ଦଳର ଚାପରେ ଜିଲା ପ୍ରଶାସନ ଅନୁମତି ଦେଇ ନ ଥିବା ଚର୍ଚ୍ଚା ଯୋର ଧରିଛି। ଏ ସମ୍ପର୍କରେ ଆୟୋଜକ କମିଟିର ସଭାପତି ରିକନ ପଟ୍ଟନାୟକ କହିଛନ୍ତି ଯେ, ଏହା କାହାର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରାଯାଉ ନ ଥିଲା। ମକର ସଂକ୍ରାନ୍ତି ଉପଲକ୍ଷେ ସହରବାସୀଙ୍କ ପାଇଁ ଆୟୋଜନ କରାଯାଉଥିଲା। ହେଲେ ପ୍ରଶାସନ ଅନୁମତି ନ ଦେବା ଦୁର୍ଭାଗ୍ୟଜନକ। ଅପରପେକ୍ଷ ପ୍ରଶାସନ ପକ୍ଷରୁ ବାରମ୍ବାର ରାସ୍ତା ଉପରେ ରାହାଗିର କାର୍ଯ୍ୟକ୍ରମ କରାଯାଉଛି। ସେହି ରାସ୍ତା ଉପରେ ସାଧାରଣତନ୍ତ୍ର ଦିବସ, ଗଣତନ୍ତ୍ର ଦିବସ, ସମ୍ବଲପୁରୀ ଦିନ, ବାଟେଘାଟେ ବିଭିନ୍ନ ମାରାଥନ କାର୍ଯ୍ୟକ୍ରମ, ରାଲି, ଆନ୍ଦୋଳନ କରିବା ପାଇଁ ଅନୁମତି ଦିଆଯାଉଛି। ଏଥିରେ କୌଣସି ସମସ୍ୟା ହେଉନାହିଁ। ହେଲେ ଏଭଳି କାର୍ଯ୍ୟକ୍ରମ ରାସ୍ତା ସମସ୍ୟାକୁ ଆଳ କରି ବନ୍ଦ କରିଦେବା ପାଇଁ ଚକ୍ରାନ୍ତ କରାଯାଇଛି।




ମଙ୍ଗଳବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷଠାରେ ଓଡିଶା ଫଟୋଜନିକ ପ୍ରତିଯୋଗିତାର ଲୋଗୋକୁ ଶୁଭାରମ୍ଭ କରାଯାଉଛି।

# ଓଡ଼ିଶା ଫଟୋଜେନିକ ପ୍ରତିଯୋଗିତା ଲୋଗୋ ଉନ୍ମୋଚିତ

ସମ୍ବଲପୁର, ୧୪।୧ (ବ୍ୟୁରୋ)

ଓଡିଶା ଫଟୋଜନିକ-୨୦୨୦ ପ୍ରତିଯୋଗିତା ମଙ୍ଗଳବାର ଶୁଭାରମ୍ଭ ହୋଇଛି। ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷରେ ପ୍ରାଜ୍ଞଶ୍ରୀ ସଲ୍ୟୁସନ ଦ୍ୱାରା ଆୟୋଜିତ ପ୍ରତିଯୋଗିତାର ଲୋଗୋକୁ ଉନ୍ମୋଚନ କରାଯାଇଛି। ଏଥିରେ ମିସ୍ ଗ୍ୟାଲେକ୍ସି ଆୱାର୍ଡ ବିଜେତା ଅର୍ପିତା ବେହେରା, ମିସେସ୍ ଫଟୋଜନିକ ଦିଭା ମିସ୍ ଆଣ୍ଡ ମିସେସ୍ ଇଣ୍ଡିଆ, ମିସେସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲର ଆରାଧନା ମିଶ୍ର, ଇଲାଇଟ କ୍ଲବ ଇଣ୍ଟରନ୍ୟାଶନାଲ ମିସେସ୍ ଇଣ୍ଡିଆର ପ୍ରଥମ ରନର୍ସଅପ୍ ସଂଯୁକ୍ତା ନାଗ ତାଣ୍ଡି, ମିସେସ୍ ଓଡିଶା ଓ ମିସେସ୍ କୁଇନ ୟୁନିଭର୍ସ ଇଣ୍ଟରନ୍ୟାଶନାଲ ରାଉଣ୍ଡର ଦ୍ୱିତୀୟ ରନର୍ସଅପ୍ ମନିଶା ମହାପାତ୍ର ଯୋଗ ଦେଇଥିଲେ। ପ୍ରତିଯୋଗିତାର ପ୍ରାୟୋଜକ ତଥା ନିର୍ଦ୍ଦେଶକ ପାଣିନୀ ପ୍ରାଞ୍ଜ ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି ଯେ, ୬ଟି ବର୍ଗରେ ପ୍ରତିଯୋଗିତା ହେବ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀମାନେ ଭାଗ ନେଇପାରିବେ। କିଙ୍ଗ ବର୍ଗରେ ବିବାହିତ ପୁରୁଷ, କୁଇନରେ ବିବାହିତ ମହିଳା, ପ୍ରିନ୍ସରେ ୧୬ରୁ ୩୫ ବର୍ଷ ଅବିବାହିତ ଯୁବକ, ପ୍ରିନ୍ସେସ୍‌ରେ ୧୬ରୁ ୩୫ ବର୍ଷର ଅବିବାହିତ ଯୁବତୀ, ଲିଟିଲ ମାଷ୍ଟରରେ ୧୫ରୁ କମ୍ ବର୍ଷ ବାଳକ ଏବଂ ଲିଟିଲ ମିସ୍‌ରେ ୧୫ବର୍ଷରୁ କମ୍ ବାଳିକାମାନେ ଭାଗ ନେଇ ପାରିବେ। ଜାନୁୟାରୀ ୩୧ ତାରିଖ ସୁଦ୍ଧା ପ୍ରତିଯୋଗୀଙ୍କ ଗୋଟିଏ ମାତ୍ର ଫଟୋ ଓ ବିବରଣୀ ଗ୍ରହଣ କରାଯିବ। ଶେଷରେ ୬ଟି ବର୍ଗର ୩୦ଜଣ ପ୍ରତିଯୋଗୀଙ୍କୁ ନେଇ ଫାଇନାଲ ଚୟନ ପ୍ରକ୍ରିୟା ହେବ। ପ୍ରତି ବର୍ଗରେ ଜଣେ ବିଜେତାଙ୍କୁ ପୁରସ୍କୃତ କରାଯିବ। ପରବର୍ତ୍ତୀ ସମୟରେ ଓଡିଶା ଫଟୋଜନିକ ବିଜେତାଙ୍କୁ ମଡେଲିଂ, ଆଲବମ୍, ସଟ୍ ଫିଲ୍ମରେ ଅଭିନୟ ସୁଯୋଗ ଦିଆଯିବ ବୋଲି ପାଣିନୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶାନ୍ତନୁ ହୋତା, ଏସ.କେ. ଟିଟୁ, କୁମାର କାହ୍ନା ଉପସ୍ଥିତ ଥିଲେ।

# ହିଣ୍ଡାଲ୍‌କୋ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ରାଲି

ସମ୍ବଲପୁର, ୧୪।୧ (ବ୍ୟୁରୋ)




ହୀରାକୁଦ ହିଣ୍ଡାଲ୍‌କୋ କମ୍ପ୍ଲେକ୍ସ ଦ୍ୱାରା ଆୟୋଜିତ ସଡକ ସୁରକ୍ଷା ସଚେତନତା ରାଲି।

ହିଣ୍ଡାଲକୋ ହୀରାକୁଦ କମ୍ପ୍ଲେକ୍ସ ପକ୍ଷରୁ ୩୧ତମ ସଡକ ସୁରକ୍ଷା ସଚେତନତା ରାଲି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀ, ଠିକା କର୍ମଚାରୀ, କଲୋନୀର ଅନ୍ତେବାସୀ, ହୀରାକୁଦ ଅଞ୍ଚଳର ବିଭିନ୍ନ ସ୍ୱୟଂସେବକ ଗୋଷ୍ଠୀ, ଶିଳ୍ପ ତାଲିମ ଅନୁଷ୍ଠାନ, ଗାଡି ଚାଳକ, ହେଲପର ଏବଂ ଛାତ୍ରୀଛାତ୍ର ବିବିଧ କାଯର୍ୟକ୍ରମରେ ସାମିଲ ହୋଇଥିଲେ। ଅପରପକ୍ଷେ କାରଖାନା କର୍ମଚାରୀମାନଙ୍କୁ ନେଇ ସଡକ ସୁରକ୍ଷା ସଚେତନତା ରାଲି ସ୍ମେଲଟର ପ୍ଲାଣ୍ଟରୁ ବାହାରି ଦୁର୍ଗା ମନ୍ଦିର ପରିକ୍ରମା କରି ହୀରାକୁଦ ପାୱାର କମ୍ପାନୀ ମଧ୍ୟ ଦେଇ କ୍ୟାଣ୍ଟିନଠାରେ ପହଞ୍ଚିଥିଲା। ସମସ୍ତେ ହାତରେ ସଚେତନତା ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ହୀରାକୁଦ ପାୱାର ମୁଖ୍ୟ ଅରୁଣ ପୌଦାର, କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ପ୍ରଡକ୍ସନ୍ ମୁଖ୍ୟ ବସନ୍ତ କୁମାର, ସୁରକ୍ଷା ମୁଖ୍ୟ ବିଶ୍ୱଜିତ ଜୋହରଦାର, ପ୍ରଶାସନିକ ଓ ସୁରକ୍ଷା ମୁଖ୍ୟ ଯଶବିନ୍ଦର ସିଂ ସଡକ ସୁରକ୍ଷା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୂର୍ଯ୍ୟକାନ୍ତ ବେହେରା, ବାବୁଲୁ ପାଣିଗ୍ରାହୀ, ଶେଖ ଆଜାରୁଦ୍ଦିନ ପ୍ରଥପ୍ରାନ୍ତ ନାଟକ ମଞ୍ଚସ୍ଥ କରିଥିଲେ। ସିକ୍ୟୁରିଟି ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ସୁବାଷ ଦାଶ, ସୁରକ୍ଷା ମ୍ୟାନେଜର ସନ୍ଦୀପ ପାଣିଗ୍ରାହୀ, ଏମ୍‌ଏସ୍ ପତି, ବିଜୟ କୁମାର ଦାଶ, ଅଶୋକ କୁମାର ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ସରୋଜ କୁମାର ଆଚାର୍ଯ୍ୟ, ତପନ କୁମାର ସାହୁ, ବିଜୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜମି ମାପଚୁପ ବେଳେ ଗଣ୍ଡଗୋଳ

ସମ୍ବଲପୁର,୧୪।୧(ବ୍ୟୁରୋ)

ସମ୍ବଲପୁର ସଦର ଥାନା ଅଧୀନ ଫଟାମୁଣ୍ଡାରେ ମାନେଶ୍ୱର ଆରଆଇ ଅଫିସର ଅମିନ ରାଜା ସେଠ ଓ ରାସନପୁର ଗ୍ରାମର ସଞ୍ଜୟ ଛୁରିଆଙ୍କ ମଧ୍ୟରେ ମାଡପିଟ ହୋଇଥିବା ନେଇ ଅଭିଯୋଗ ହୋଇଛି। ଉଭୟଙ୍କ ଅଭିଯୋଗ କ୍ରମେ ପୋଲିସ ୯/୨୦ ଓ ୧୦/୨୦ରେ ପୃଥକ ପୃଥକ ୨ଟି ମାମଲା ରୁଜୁ କରିଛି। ସଞ୍ଜୟଙ୍କ ଅଭିଯୋଗ କ୍ରମେ ସେ ବାଙ୍କିଚ୍ଚା ଗ୍ରାମରେ ଥିବା ସରକାରୀ ଜମି ମାପଚୁପ ବେଳେ ମାନେଶ୍ୱର ତହସିଲଦାରଙ୍କ ଫୋନ୍ ପାଇ ସେଠାକୁ ଯାଇଥିଲେ। ହେଲେ ଅମିନ ରାଜା ତାଙ୍କୁ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ଅନ୍ୟପଟେ ଅମିନ ରାଜା ମଧ୍ୟ ସଞ୍ଜୟଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ସେ ମାପଚୁପ କରୁଥିବା ସମୟରେ ସଞ୍ଜୟ ଆସି ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ସେହିଭଳି ମାନେଶ୍ୱର ତହସିଲ ଅଧୀନରେ କାମ କରୁଥିବା ମହିଳା ଆରଆଇ ଓ କର୍ମଚାରୀମାନେ ମଧ୍ୟ ସଞ୍ଜୟ ଛୁରିଆଙ୍କ ନାମରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ସଞ୍ଜୟ ବାରମ୍ବାର ଅଫିସକୁ ଆସିଥାନ୍ତି। ଅଯଥାରେ କାମରେ ହସ୍ତକ୍ଷେପ କରି ଉଚ୍ଚ ଶବ୍ଦରେ ଯୁକ୍ତି କରନ୍ତି। ଫଳରେ କାମରେ ବାଧା ହୋଇଥାଏ। ଅନେକ ସମୟରେ ଗାଳିଗୁଲଜ କରନ୍ତି। ଏ ନେଇ ଥାନାରେ ୧୧/୨୦ରେ ଆଉ ଏକ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି।



ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରରେ ସାନିଟାରି ପ୍ୟାଡ୍ ଭେଣ୍ଡିଂ ମେଶିନ ଉଦ୍‌ଘାଟନ ଅବସରରେ ଅନନ୍ୟା ମହିଳା ମଣ୍ଡଳ କର୍ମକର୍ତ୍ତା।

# ସାନିଟାରି ପ୍ୟାଡ୍ ଭେଣ୍ଡିଂ ମେଶିନ ଉଦ୍‌ଘାଟିତ

ସମ୍ବଲପୁର,୧୪।୧ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜଗନ୍ନାଥ କ୍ଷେତ୍ରରେ ସାନିଟାରୀ ପ୍ୟାଡ୍ ଭେଣ୍ଡିଂ ମେଶିନ ଉଦ୍‌ଘାଟିତ ହୋଇଛି। ଅନନ୍ୟା ମହିଳା ମଣ୍ଡଳ ସଭାନେତ୍ରୀ ସନ୍ଧ୍ୟା ବ୍ରହ୍ମପୁରକର ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଜଗନ୍ନାଥ କ୍ଷେତ୍ର ଅଞ୍ଚଳରେ ମୋଟ ୬ଟି ମେଶିନ୍ ସ୍ଥାପନ କରାଯିବ ବୋଲି ଏମ୍‌ସିଏଲ ସୂଚନା ଓ ଲୋକସମ୍ପର୍କ ଅଫିସ ପକ୍ଷରୁ ସୂଚିତ କରାଯାଇଛି।

■ ସାହେବୀରେ ୧୩ ଜଣଙ୍କ ଘର ଭଙ୍ଗାରୁଜା ଘଟଣା

# ରାସ୍ତାରେ ବସିଲେ କ୍ଷତିଗ୍ରସ୍ତ ଲୋକେ

ନାକଟିଦେଉଳ,୧୪।୧(ଡି.ଏନ.ଏ.)

■ଧମକାଉଛନ୍ତି ପୂର୍ବତନ ସରପଞ୍ଚ

■ସହଯୋଗ କରୁଛି ପୋଲିସ

■ଘର ବାହାରେ ପଡିଥିବା ଜିନିଷ ଜବତ

■ପ୍ରତିଶ୍ରୁତି ପରେ ଜିଦ୍‌ରୁ ଓହରିଲେ

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀରେ ଗତ ୨ ତାରିଖରେ ୧୩ଟି ପରିବାରର ଘରଦ୍ୱାରକୁ ଗାଁର ଗୋଟିଏ ଗୋଷ୍ଠୀ ଭାଙ୍ଗି ଦେଇଛନ୍ତି। ଏହି କ୍ଷତିଗ୍ରସ୍ତ ପରିବାରକୁ ସାହେବୀର ଜଣେ ପୂର୍ବତନ ସରପଞ୍ଚ ଧମକ ଚମକ ଦେଉଛନ୍ତି। ପୋଲିସ ମଧ୍ୟ ତାଙ୍କୁ ସହଯୋଗ କରୁଛି। ଏହାର ପ୍ରତିବାଦରେ ବେଘର ହୋଇଥିବା ଲୋକେ ମଙ୍ଗଳବାର ଅପରାହ୍ନ ୫ଟାରେ ଜଗନ୍ନାଥପ୍ରସାଦ ଗାଁ ହାଇସ୍କୁଲ ସମ୍ମୁଖରେ ଦେଢ ଘଣ୍ଟା ଧରି ଜାତୀୟ ରାଜପଥ ଉପରେ ବସି ରହି ରାସ୍ତାରୋକ କରିଥିଲେ। ତେବେ ଘର ଭଙ୍ଗାରୁଜା ପରେ ବାହାରେ ପଡ଼ିଥିବା ଧାନ ଏବଂ ଅନ୍ୟାନ୍ୟ ଆସବାବପତ୍ରକୁ ପୋଲିସ ସେହି ଦିନଠାରୁ ଜଗି ରହିଥିଲା। ହେଲେ ପ୍ରଶାସନର ନିର୍ଦ୍ଦେଶରେ ମଙ୍ଗଳବାର ସେ ସବୁକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ କରି ତହସିଲ ଅଫିସକୁ ନିଆଯାଇଛି। ଏହି ସମୟରେ ପୂର୍ବତନ ସରପଞ୍ଚଙ୍କ ଉପସ୍ଥିତିକୁ ନେଇ କ୍ଷତିଗ୍ରସ୍ତ ପରିବାର ଆପତ୍ତି ଉଠାଇ ରାସ୍ତାକୁ ଓହ୍ଲାଇଥିଲେ। ଖବର ପାଇ ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା ଏବଂ ତହସିଲଦାର ସୁକାନ୍ତ କୁମାର ନାଏକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ। ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାପରେ ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଯୋଗ୍ୟ, ଗାଁର ଏହି ୧୩ଟି ପରିବାର ନିଜକୁ ଭୂମିହୀନ ବୋଲି ଦର୍ଶାଇ ସରକାରୀ ଜମିରେ ରହିଆସୁଛନ୍ତି। ହେଲେ ଏହି ସରକାରୀ ଜମିକୁ ନେଇ ଗ୍ରାମବାସୀ ଏବଂ ଏହି ୧୩ ପରିବାର ମଧ୍ୟରେ ବିବାଦ ଉପୁଜିଛି। ପୂର୍ବରୁ ଏମାନଙ୍କ ଘରକୁ ଗାଁ ଲୋକେ ନିଆଁ ଲଗାଇ ଦେଇଥିଲେ। ଏଭଳିକି ସେମାନଙ୍କୁ ଉଚ୍ଛେଦ କରିବାକୁ ଗାଁ ଲୋକେ ପ୍ରଶାସନକୁ ଅଭିଯୋଗ କରି ଆସୁଛନ୍ତି। ଏଣୁ ୧୩ ପରିବାର ହାଇକୋର୍ଟରୁ ସ୍ଥଗିତାଦେଶ ଆଣିଛନ୍ତି। ହେଲେ ଗତ ୨ତାରିଖରେ ଗାଁ ଲୋକେ ସଙ୍ଘବଦ୍ଧ ହୋଇ ଏମାନଙ୍କ ଘର ଭାଙ୍ଗି ଦେଇଛନ୍ତି। ଏହାକୁ ନେଇ ଗାଁରେ ଉତ୍ତେଜନା ଦେଖା ଦେଇଛି। ପ୍ରଶାସନ ପକ୍ଷରୁ ଏହି ଜମି ଉପରେ ୧୪୪ ଧାରା ଜାରି କରାଯିବା ସହ ଗାଁରେ ପୋଲିସ ମୁତୟନ କରାଯାଇଥିଲା।

ଧରିତ୍ରୀ
DHARITRI
ବୁଧବାର, ୧୫ ଜାନୁୟାରୀ ,୨୦୨୦



“ଚମ୍ବଲରେ ଶୁଟିଂବେଳେ ଡକାୟତ ଦଳ ମୋ ସହ ସେଲ୍‌ଫି ନେବା ଲାଗି ବନ୍ଧୁକ ଦେଖାଇଥିଲେ। ମୁଁ କିନ୍ତୁ ସାହସର ସହ ସେମାନଙ୍କର ସାମ୍ନା କରିଥିଲି, ଡରି ନ ଥିଲି।

-କଙ୍ଗନା ରାଣାଓ୍ବତ୍,
ବଲିଉଡ୍ ଅଭିନେତ୍ରୀ



# ଭାରତୀୟ ସେନା ଦିବସ

# ଶାନ୍ତି, ସୁରକ୍ଷା ଓ ଏକତା ସୁନିଶ୍ଚିତ କରେ ସେନା



ପରମବୀର ଚକ୍ର କ୍ୟାପଟେନ ବିକ୍ରମ ବାତ୍ରା ଥରେ କହିଥିଲେ, ‘ମୁଁ ତ୍ରିରଙ୍ଗା ଉଡ଼ାଇ ଫେରିପାରେ କିମ୍ବା ସେଥିରେ ଆଚ୍ଛାଦିତ ହୋଇ ଫେରିପାରେ, କିନ୍ତୁ ମୁଁ ନିଶ୍ଚିତ ଫେରିବି’। ତାଙ୍କର ଏହି ଉକ୍ତିରୁ ଜଣାପଡେ ଦେଶର ପ୍ରକୃତ ବୀର ହେଉଛନ୍ତି ସେନାର ଯବାନ। ଆମକୁ ସୁରକ୍ଷିତ ଓ ସୁଖରେ ରଖିବା ପାଇଁ ସେମାନଙ୍କ ତ୍ୟାଗର ତୁଳନା ନାହିଁ। ଏଣୁ ବୀର ଯବାନମାନଙ୍କୁ ସମ୍ମାନ ଜଣାଇବା ପାଇଁ ଭାରତରେ ପ୍ରତିବର୍ଷ ୧୫ ଜାନୁୟାରୀରେ ଭାରତୀୟ ସେନା ଦିବସ ପାଳନ କରାଯାଏ। ୧୯୪୯ ମସିହାରେ ଏହି ଦିନ ଭାରତର ଶେଷ ବ୍ରିଟିଶ କମାଣ୍ଡର୍‌-ଇନ୍‌-ଚିଫ୍ ସାର୍ ଫ୍ରାନ୍ସିସ୍ ବୁଚର୍‌ଙ୍କ ଠାରୁ ଭାରତର ଫିଲ୍ଡ ମାର୍ଶଲ କେ.ଏମ୍. କରିଅପ୍ପା ଦାୟିତ୍ୱ ଗ୍ରହଣ କରିଥିଲେ। କରିଅପ୍ପା ଥିଲେ ଭାରତୀୟ ସେନାର ପ୍ରଥମ କମାଣ୍ଡର-ଇନ୍‌-ଚିଫ୍। ଦିଲ୍ଲୀ ସମେତ ଦେଶର ସବୁ ସେନା କମାଣ୍ଡ ହେଡକ୍ୱାର୍ଟରରେ ଏହି ଦିବସ ପାଳିତ ହୋଇଥାଏ। ସେନା ଦିବସରେ ଦେଶ ସୁରକ୍ଷା ଲାଗି ବଳିଦାନ ଦେଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରାଯାଏ। ଏହି ବର୍ଷ ୭୨ତମ ସେନା ଦିବସ ପାଳନ କରାଯାଉଛି। ସେନାର ସିଦ୍ଧାନ୍ତ ହେଉଛି ‘ସର୍ଭିସ ବିଫୋର୍ ସେଲ୍‌ଫ’ । ବାହ୍ୟ ଓ ଆଭ୍ୟନ୍ତରୀଣ ବିଦପକୁ ପ୍ରତିହତ କରି ଦେଶରେ ଶାନ୍ତି, ସୁରକ୍ଷା ଓ ଏକତା ସୁନିଶ୍ଚିତ କରିବା ଏହି ଦିବସର ଲକ୍ଷ୍ୟ। ବିଶ୍ୱରେ ଭାରତୀୟ ସେନା ସବୁଠୁ ଶକ୍ତିଶାଳୀ ଓ ଏବେ ଆମେରିକା, ରୁଷିଆ ଓ ଚାଇନା ଭଳି ସୁପରପାଓ୍ବାର ଦେଶଗୁଡିକ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ। ଦେଶର ବିପଦ ସମୟରେ କିଭଳି ଧୈର୍ଯ୍ୟର ସହ ସାହସ ଜୁଟାଇ ସାମ୍ନା କରିବାକୁ ହୁଏ ସେ ବିଷୟରେ ସେନା ଦିବସ ଲୋକମାନଙ୍କୁ ବାର୍ତ୍ତା ଦେଇଥାଏ। ଏହା ଯୁବକମାନଙ୍କ ମନରେ ଦେଶାତ୍ମ ଭାବନା ସୃଷ୍ଟି କରିବା ସହ ସେନାରେ ଯୋଗ ଦେଇ ଦେଶ ସେବା କରିବା ଲାଗି ଏକ ବାର୍ତ୍ତା ଦେଇଥାଏ । ଏହି ଦିବସରେ ଯୁଦ୍ଧରେ ଦେଶ ସୁରକ୍ଷା ପାଇଁ ସେନାଙ୍କ ସାହସିକତା ଲାଗି ବିଭିନ୍ନ ମେଡାଲ ଓ ପୁରସ୍କାର ପ୍ରଦାନ କରାଯାଇଥାଏ। ଶହୀଦ ଯବାନଙ୍କ ପରିବାରକୁ ମଧ ସମ୍ମାନିତ କରାଯାଏ। ଏହି ଅବସରରେ ପରେଡ ଅନୁଷ୍ଠିତ ହୋଇଥାଏ। ସେନା ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ତାଙ୍କ ଦାୟିତ୍ୱ ସମ୍ପର୍କରେ ଲୋକମାନଙ୍କୁ ଜଣାଇବାର ସୁଯୋଗ ମିଳିଥାଏ। ମେଜର ସୋମନାଥ ଶର୍ମା କହିଥିଲେ ‘ ଶତ୍ରୁ ଆମଠାରୁ ୫୦ ଗଜ ଦୂରରେ ରହିଛନ୍ତି । ଆମ ସଂଖ୍ୟା ଅଧିକ ଓ ଆମ ଉପରେ ବିଧ୍ୱଂସକାରୀ ଗୁଳିଗୋଳା ବର୍ଷଣ ହେଉଛି। ଏ ପରିସ୍ଥିତିରେ ମୁଁ ଗୋଟିଏ ଇଞ୍ଚ ବି ପଛକୁ ହଟି ପାରିବିନାହିଁ । ଶେଷରେ ଜଣେ ଥିବାଯାଏ ଓ ବନ୍ଧୁକରେ ଶେଷ ଗୁଳି ଥିବାଯାଏ ଆମେ ଲଢ଼ିବୁ।’ ସେହିଭଳି ଫିଲ୍ଡ ମାର୍ଶଲ ଶାମ୍ ମାନେକ୍ସା କହିଛନ୍ତି, ‘ ବିନା ଲିଖିତ ନିର୍ଦ୍ଦେଶରେ ଆମେ ପଛକୁ ହଟିପାରିବୁ ନାହିଁ ଏବଂ ଏହି ନିର୍ଦ୍ଦେଶ କେବେ ବି ଦିଆଯାଇପାରିବନାହିଁ।’ ସେନା ଦିବସ ଅବସରରେ ଏହି ସବୁ ଦେଶଭକ୍ତିର ଉକ୍ତି କାର୍ଯ୍ୟରତ ଯବାନ ଓ ଆଗାମୀପିଢିର ଯବାନ ହେବାକୁ ଅପେକ୍ଷାରେ ଥିବା ଯୁବଗୋଷ୍ଠୀଙ୍କୁ ପ୍ରେରଣା ଯୋଗାଇବ।

# ୧୯୯୫ କିଲୋ ଖେଚୁଡ଼ି ରାନ୍ଧି ଗିନିଜ୍ ବୁକ୍‌ରେ ସ୍ଥାନ ପାଇଲେ

**ଶିମ୍ଲା:** ହିମାଚଳ ପ୍ରଦେଶ ମଣ୍ଡି ଜିଲାର ତତ୍ତାପାଣିରେ ମକର ସଂକ୍ରାନ୍ତି ଉତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଛି। ଏହି ଅବସରରେ ଗୋଟିଏ ବାସନରେ ୧୯୯୫ କିଲୋ ଖେଚୁଡି ତିଆରି କରି ଓ୍ବାର୍ଲ୍ଡ ରେକର୍ଡ କରାଯାଇଛି। ଏହି ଖେଚୁଡିର ଓଜନ ଏବେ ଗିନିଜ୍ ବୁକ୍ ଅଫ୍ ଓ୍ବାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିବା ବେଳେ ଏହାର ପ୍ରତିନିଧି ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ୯୧୮.୮ କିଲୋ ଖେଚୁଡି ତିଆରି କରାଯାଇ ଓ୍ବାର୍ଲ୍ଡ ରେକର୍ଡ କରାଯାଇଥିଲା। ହେଲେ ଏହି ଖେଚୁଡି ଏବେ ସମସ୍ତ ରେକର୍ଡକୁ ଭାଙ୍ଗିଦେଇଛି। ସୂଚନାଯୋଗ୍ୟ, ତତ୍ତାପାଣିରେ ୨୫ ଜଣ ସେଫ୍ ପାଞ୍ଚ ଘଣ୍ଟାରେ ଏହି ଖେଚୁଡିକୁ ତିଆରି କରିଥିଲେ। ଏହାକୁ ତିଆରି କରିବା ପାଇଁ ୪୦୫ କିଲୋ ଚାଉଳ, ୧୯୦ କିଲୋ ଡାଲି, ୯୦ କିଲୋ ଘିଅ, ୫୫ କିଲୋ ମସଲା ଓ ୧୧୦୦ଲିଟର ପାଣି ବ୍ୟବହାର କରାଯାଇଥିଲା। ଏହାକୁ ଏକ ପିତ୍ତଳ ବାସନରେ ତିଆରି କରାଯାଇଥିବା ବେଳେ ଏଥିପାଇଁ ଏକ ସ୍ୱତନ୍ତ୍ର ଚୁଲି କରାଯାଇଥିଲା। ଏହି ବାସନ ସାଢ଼େ ୫ ଫୁଟ୍ ଉଚ୍ଚ ଓ ୭ଫୁଟ୍ ଚଉଡା ରହିଥିବା ବେଳେ ଏହାକୁ ଚୁଲିରେ ବସାଇବା ପାଇଁ କ୍ରେନ୍‌ର ସାହାଯ୍ୟ ନିଆଯାଇଥିଲା। ୧୯୯୫ କିଲୋ ଖେଚୁଡିକୁ ପ୍ରାୟ ୨୦ହଜାର ଲୋକଙ୍କୁ ପରଷା ଯାଇଥିଲା। ପର୍ଯ୍ୟଟନ ବିଭାଗ ପକ୍ଷରୁ ତତ୍ତାପାଣିରେ ଆୟୋଜନ କରାଯାଇଥିବା ଖେଚୁଡି ମୁଖ୍ୟ ଆକର୍ଷଣ ରହିଥିଲା ବୋଲି ମୁଖ୍ୟ ସେଫ୍ ଏନ୍‌ଏଲ୍ ଶର୍ମା କହିଛନ୍ତି।




## ୬୫ରେ ପାଦ ଥାପିଲେ ସୀମା

### ‘ବଣ୍ଡିଟ୍ କୁଇନ୍’ ଶୁଟିଂ ପରେ ରାତିସାରା କାନ୍ଦିଥିଲେ



**ମୁମ୍ବାଇ:** ବଲିଉଡ୍ ଷ୍ଟାର ସୀମା ବିଶ୍ୱାସ ମଙ୍ଗଳବାର ୬୫ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୬୫ ଜାନୁୟାରୀ ୧୪ରେ ଆସାମର ନଳବାରିଠାରେ ଜନ୍ମଗ୍ରହଣ କରିଥିଲେ। ବଲିଉଡ୍‌ରେ ଶେଖର କପୁରଙ୍କ ଫିଲ୍ମ ବଣ୍ଡିଟ୍ କୁଇନ୍‌ରେ ସୀମା ଡାକୁରାଣୀ ଫୁଲନ ଦେବୀ ଭୂମିକାରେ ଅଭିନୟ କରିଥିଲେ। ଏଥିରେ ନ୍ୟୁଡ୍ ସିନ୍ ଶୁଟିଂ ପରେ ସୀମା ସାରା ରାତି କାନ୍ଦିଥିଲେ। ତାଙ୍କର ନିଖୁଣ ଅଭିନୟରେ ପୂରା ଶୁଟିଂ ୟୁନିଟ୍ କାନ୍ଦି ପକାଇଥିଲା। ଏହି ଫିଲ୍ମ ପାଇଁ ସେ ଶ୍ରେଷ୍ଠ କଳାକାର ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହାପରେ ସେ ‘ଓ୍ବାଟର’ ଭଳି ଅନେକ ଫିଲ୍ମରେ ଅଭିନୟ କରି ବଲିଉଡ୍‌ରେ ନିଜକୁ ପ୍ରତିଷ୍ଠିତ କରାଇପାରିଥିଲେ। ୨୦୦୩ରେ ସେ ନିଖିଳେଶ ଶର୍ମାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତେବେ ୨୦୦୭ରେ ତାଙ୍କର ବିବାହ ବିଚ୍ଛେଦ ଘଟିଥିଲା।

# ଭନ୍‌ସାଲିଙ୍କ ଫିଲ୍ମ ଆଲିଆଙ୍କ ପାଇଁ ଏକ ଚ୍ୟାଲେଞ୍ଜ

## ‘ଗଙ୍ଗୁବାଈ କାଠିୟାଓ୍ବାଡି’ର ପ୍ରଥମ ପୋଷ୍ଟର ରିଲିଜ୍



**ମୁମ୍ବାଇ:** ବଲିଉଡ୍ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭନ୍‌ସାଲିଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ବି-ଟାଉନର ସବୁ କଳାକାରଙ୍କ ସ୍ୱପ୍ନ, ଜୀବନରେ ଥରେ ହେଉ ପଛେ ତାଙ୍କ ଫିଲ୍ମରେ କାମ କରିବେ। ତେବେ ବଲିଉଡ୍‌ର ଟ୍ୟାଲେଣ୍ଟେଡ୍ ନାୟିକା ଆଲିଆ ଭଟ୍ଟଙ୍କ ଏହି ସ୍ୱପ୍ନ କିନ୍ତୁ ପୂରଣ ହୋଇଛି। ଖୁବ୍‌ଶୀଘ୍ର ସେ ଭନ୍‌ସାଲିଙ୍କ ଅପ୍‌କମିଂ ଫିଲ୍ମ ‘ଗଙ୍ଗୁବାଈ କାଠିୟାଓ୍ବାଡି’ରେ ନଜରକୁ ଆସିବେ। ଫିଲ୍ମ ‘ଗଙ୍ଗୁବାଈ କାଠିୟାଓ୍ବାଡି’ର ପ୍ରଥମ ପୋଷ୍ଟର ରିଲିଜ୍ ହୋଇଯାଇଛି। ମଙ୍ଗଳବାର ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରୁ ଆଲିଆ ଏହାକୁ ଶେୟାର କରିଛନ୍ତି। ଏହି ମୋଶନ୍ ପୋଷ୍ଟରଟି ଖୁବ୍ ସାଦାସିଧା ହୋଇଥିବାବେଳେ ଏଥିରେ କ୍ରିଏଟିଭିଟିର ଝଲକ କିନ୍ତୁ ଦେଖିବାକୁ ମିଳିଛି। ଏହାସହ ବୁଧବାର ଫିଲ୍ମର ପ୍ରଥମ ଲୁକ୍ ମଧ ରିଲିଜ୍ କରାଯିବ ବୋଲି ଏଥିରେ ସୂଚନା ରହିଛି। ତେବେ ତା’ପୂର୍ବରୁ ଆମେ ଆପଣଙ୍କୁ ଫିଲ୍ମରେ ଆଲିଆଙ୍କ ଅବତାର ବିଷୟରେ କିଛି ଉତ୍ସାହଜନକ ସୂଚନା ଦେଉଛୁ। ଫିଲ୍ମ ‘ଗଙ୍ଗୁବାଈ କାଠିୟାଓ୍ବାଡି’ରେ ଆଲିଆଙ୍କ ଲୁକ୍ ଦେଖିବାକୁ ଫ୍ୟାନ୍‌ମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ହେଲେ ଫିଲ୍ମରେ ଅଭିନୟ କରିବା ଆଲିଆଙ୍କ ପାଇଁ ଏତେ ସହଜ ହେବନାହିଁ। ସେ ପ୍ରଥମଥର ଭନ୍‌ସାଲିଙ୍କ ସହ କାମ କରିବାକୁ ଯାଉଛନ୍ତି। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରୁଛନ୍ତି। ରିଲିଜ୍ ହୋଇଥିବା ପ୍ରଥମ ମୋଶନ୍ ପୋଷ୍ଟରରୁ ଯାହା ଜଣାପଡୁଛି, ଫିଲ୍ମରେ ଦମ୍‌ଦାର ମ୍ୟୁଜିକ୍ ନିଶ୍ଚୟ ରହିଛି। ତେବେ ଆଲିଆଙ୍କୁ ଗୀତ ଗାଉଥିବା ବା ନାଚୁଥିବା ଅବସ୍ଥାରେ ଦେଖିବାକୁ ମିଳିବ ନାହିଁ। ଏହାସହ ତାଙ୍କୁ ଡାଏଲଗ୍ ରେକର୍ଡ କରିବାକୁ ପୁଣି ଡବିଂ କରିବାର ସୁଯୋଗ ମିଳିବ ନାହିଁ। ବରଂ ଶୁଟିଂ ସମୟରେ ସେଟ୍‌ରେ ଯେଉଁ ଡାଏଲଗ୍ ରେକର୍ଡ ହେବ, ସେଗୁଡ଼ିକୁ ଫିଲ୍ମରେ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି। ଏ ସବୁକୁ ଦୃଷ୍ଟିରେ ରଖି ଆଲିଆ ଗୁଜରାଟୀ ଭାଷା ଏବଂ ବିଶେଷକରି କାଠିୟାଓ୍ବାଡି ଭାଷା କହିବା, ଚାଲିଚଳନ ଏବଂ ପରମ୍ପରା ଆଦିକୁ ଶିଖୁଛନ୍ତି। ଫିଲ୍ମଟି ପ୍ରକୃତରେ ଆଲିଆଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବାକୁ ଯାଉଛି। ଚଳିତବର୍ଷ ସେପ୍ଟେମ୍ବରରେ ଫିଲ୍ମଟି ରିଲିଜ୍ ହେବ।

# ଏଭରେଷ୍ଟ ଚାରିପାଖରେ ବୃଦ୍ଧିପାଉଛି ବନସ୍ପତି



**ନୂଆଦିଲ୍ଲୀ:** ବିଶ୍ୱ ତାପନ ପ୍ରଭାବରେ ଏଭରେଷ୍ଟର ହିମ ଉପତ୍ୟକା ତରଳିବା ପରିବେଶବିତଙ୍କୁ ଚିନ୍ତାରେ ପକାଇଥିବାବେଳେ ଏବେ ଏକ ଭଲ ଖବର ସାମ୍ନାକୁ ଆସିଛି। ଏଭରେଷ୍ଟ ଚାରିପାଖରେ ବନସ୍ପତି ( ଘାସ ଓ ବୁଦା ଜାତୀୟ ଗଛ)ବଢିବା ସହ ଏହାର ପରିସୀମା ବୃଦ୍ଧିପାଉଛି ବୋଲି ଇଂଲଣ୍ଡର ଗବେଷକମାନେ କହିଛନ୍ତି। ଅନୁଧ୍ୟାନ ସମ୍ପର୍କିତ ତଥ୍ୟ ଜର୍ନାଲ ଗ୍ଲୋବାଲ ଚେଞ୍ଜ ବାୟୋଲୋଜିରେ ପ୍ରକାଶ ପାଇଛି। ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ଏକ୍ସେଟର୍‌ର ଗବେଷକ ଟିମ୍ ନାସାର ଲ୍ୟାଣ୍ଡସାଟ୍ ସାଟେଲାଇଟ୍ ତଥ୍ୟ ଉପଯୋଗ କରିବା ପରେ ଟ୍ରି ଲାଇନ ଓ ସ୍ନୋ ଲାଇନ ମଧ୍ୟରେ ରହିଥିବା ସ୍ଥାନରେ ବନସ୍ପତି ବଢୁଥିବା ଲକ୍ଷ୍ୟ କରିଛନ୍ତି। ୧୯୯୩ ରୁ ୨୦୧୮ ମଧ୍ୟରେ ସାଟେଲାଇଟ୍‌ରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ଯେଉଁ ସ୍ଥାନରେ ଏହି ଗଛ ବଢୁଛି ସେଠାରେ ପହଞ୍ଚିବା କଷ୍ଟକର। ହିମାଳୟକୁ ଉଚ୍ଚତା ଅନୁସାରେ ୪ଟି ବର୍ଗରେ ଭାଗ କରି ପ୍ରତ୍ୟେକ ଉପରେ ଅନୁଧ୍ୟାନ କରାଯିବା ପରେ ସବୁଠାରେ ବନସ୍ପତି ବଢୁଥିବା କୁହାଯାଇଛି। ଏହା ହିମାଳୟର ଯେ କୌଣସି ଏକ ସ୍ଥାୟୀ ହିମ ଉପତ୍ୟକାର ଆୟତନ ଠାରୁ ୫ରୁ ୧୫ ଗୁଣ ଅଞ୍ଚଳ ବିସ୍ତାର କରି ରହିଥିବା ଦେଖାଯାଇଛି। ଗବେଷକମାନେ ଏହି ତଥ୍ୟକୁ ଆଧାରକରି ସମୁଦ୍ର ପତ୍ତନଠାରୁ ହିମାଳୟର ୪,୧୫୦ରୁ୬,୦୦୦ ମିଟର ଉଚ୍ଚରେ ବନସ୍ପତି ଅଧିକ ବଢିଥିବା ଲକ୍ଷ୍ୟ କରିଛନ୍ତି। ୫,୦୦୦ରୁ ୫,୫୦୦ ମିଟର ଉଚ୍ଚତା ମଧ୍ୟରେ ସବୁଠୁ ବେଶି ଗଛ ରହିଛି ବୋଲି ସେମାନେ କହିଛନ୍ତି।

## ଉଚ୍ଚ ବିଲ୍ଡିଂରେ ବଜ୍ରପାତ

# ଫଟୋ ଉଠାଇ ପ୍ରଶଂସା ସାଉଁଟିଲେ

**ଦୁବାଇ:** ଦୁବାଇରେ ୧୯୯୬ ପରେ ଚଳିତବର୍ଷ ପ୍ରବଳ ବର୍ଷା ହୋଇଛି। ବର୍ଷାରେ ବିମାନବନ୍ଦର ରନ୍‌ଓ୍ବେ ବୁଡ଼ିଯିବାରୁ କେତେକ ବିମାନ ଉଡ଼ାଣକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ଏହି ବର୍ଷା ଯୋଗୁ ଲୋକେ ହନ୍ତସନ୍ତ ହୋଇଥିବାବେଳେ ଯୁବ ଫଟୋଗ୍ରାଫର ଜୋହେବ୍ ଅଞ୍ଜୁମ୍ କିନ୍ତୁ ବେଶ୍ ଲାଭାନ୍ୱିତ ହୋଇଛନ୍ତି। ସେ ବର୍ଷା ସମୟରେ ଦୁବାଇର ଉଚ୍ଚତମ ବିଲ୍ଡିଂ ବୁର୍ଜ ଖଲିଫା ଉପରେ ହୋଇଥିବା ବଜ୍ରପାତର ଫଟୋ ଅତି ସୁନ୍ଦର ଭାବେ ନିଜ କ୍ୟାମେରାରେ ଉତ୍ତୋଳନ କରିଛନ୍ତି। ୨୭୨୯ ଫୁଟ ଉଚ୍ଚା ବୁର୍ଜ ଖଲିଫାର ଏଭଳି ଫଟୋ ଉଠାଇବାକୁ ସେ ଦୀର୍ଘ ସାତ ବର୍ଷ ଧରି ଅପେକ୍ଷା କରିଥିବା କହିଛନ୍ତି। ଏହି ଫଟୋ ଉଠାଇ ସେ ଏବେ ପ୍ରଶଂସା ସାଉଁଟିଛନ୍ତି। ପ୍ରବଳ ବର୍ଷା ସମୟରେ ଲୋକେ ଘରେ ଥିବାବେଳେ ଅଞ୍ଜୁମ୍ ସାରା ରାତି ବୁର୍ଜ ଖଲିଫା ସମ୍ମୁଖରେ ମରୁଭୂମିରେ ଏକ ପାଲ ତଳେ ବସି ରହିଥିଲେ। ଶେଷରେ ତାଙ୍କର ବହୁଦିନର ସ୍ୱପ୍ନ ସତ୍ୟ ହୋଇଥିଲା। ଏବେ ତାଙ୍କର ଫଟୋ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।



# ମିଳିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳର ବୋମା

**ବର୍ଲିନ୍:** ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବାକୁ ଇତିମଧ୍ୟରେ ୭୫ ବର୍ଷ ବିତିଯାଇଛି। ତେବେ ଜର୍ମାନୀର ହାର୍ଡମୁଣ୍ଡ ସହରରେ ଲୋକେ ଏବେ ବି ଭୟରେ ଜୀବନ ବିତାଉଛନ୍ତି। ବିଭିନ୍ନ ସମୟରେ ସହରର ମାଟି ତଳୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ୟବହାର ହୋଇପାରି ନ ଥିବା ବୋମା ଉଦ୍ଧାର କରାଯାଉଛି। ସହରର କେଉଁଠାରେ ବୋମା ରହିଛି ତାହାର କିଛି ଠିକ୍ ଠିକଣା ନାହିଁ। ତେଣୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି। ସମ୍ପ୍ରତି ଏଠାରୁ ୪ଟି ବୋମା ମିଳିଛି। ପ୍ରତି ବୋମାର ଓଜନ ୨୫୦ କିଲୋଗ୍ରାମ୍ ବୋଲି କୁହାଯାଉଛି। ବୋମା ମିଳିବା ଖବର ବ୍ୟାପିଯିବାରୁ ଲୋକେ ଭୟରେ ରାସ୍ତାରେ ଦୌଡ଼ିବା ଆରମ୍ଭ କରିଥିଲେ। ଫଳରେ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ଶେଷରେ ବୋମାଗୁଡ଼ିକୁ ନିଷ୍କ୍ରିୟ କରାଯାଇଥିଲା।






# ୫ବର୍ଷ ବୟସରେ ଗିନିଜ୍ ଓ୍ବାର୍ଲ୍ଡ ରେକର୍ଡ

**ହାଇଦ୍ରାବାଦ୍:** ଟାଏକୋଣ୍ଡୋରେ ଗିନିଜ୍ ଓ୍ବାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି ଜଣେ ୫ ବର୍ଷୀୟ ବାଳକ। ସେ ହେଲେ ହାଇଦ୍ରାବାଦ୍‌ର ଆସମାନ ତନେଜା। ଏକ ଘଣ୍ଟା ଧରି ନି ଷ୍ଟ୍ରାଇକ୍ କରି ସେ ଏହି ଇତିହାସ ରଚିଛନ୍ତି। ଆସମାନ ଜଣେ ଭଲ ଟାଏକୋଣ୍ଡୋ ଖେଳାଳି ଓ ବହୁତ ଭଲ ଆଥଲେଟ୍। ସେ ୟୁଏସ୍‌ଏ ଓ୍ବାର୍ଲ୍ଡ ଓପନ୍ ଟାଏକୋଣ୍ଡୋରେ ଭାଗ ନେଇ ରୌପ୍ୟ ପଦକ ମଧ ହାସଲ କରିଛନ୍ତି। ଏହି ରେକର୍ଡ ପାଇଁ ଆସ୍‌ମାନ ୧ ଘଣ୍ଟାରେ ୧୨୦୦ରୁ ଅଧିକ ନି ଷ୍ଟ୍ରାଇକ୍ ମାରିଛନ୍ତି। କମ୍ ବୟସରେ ଗିନିଜ ଓ୍ବାର୍ଲ୍ଡ ରେକର୍ଡ ସୃଷ୍ଟି କରିଥିବା ଆସ୍‌ମାନଙ୍କ ବାପା ଆଶିଷ ତନେଜା କହିଛନ୍ତି, ରେକର୍ଡ ସୃଷ୍ଟି କରିବା ପାଇଁ ଆସମାନ ବହୁତ ପରିଶ୍ରମ କରିଥିଲେ। ଆଶିଷ ତାଙ୍କ ଭଉଣୀଙ୍କଠାରୁ ଅଧିକ ପ୍ରେରଣା ପାଇଥିବା ବେଳେ ତାଙ୍କଠାରୁ ହିଁ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ଗିନିଜ୍ ଓ୍ବାର୍ଲ୍ଡ ରେକର୍ଡ ପରେ ଅନ୍ୟ ରେକର୍ଡ ପାଇଁ ସେ ପ୍ରସ୍ତୁତି ଚଳାଇଥିବା ଆଶିଷ କହିଛନ୍ତି। ଭଉଣୀ ଦୁଇ ଥର ଗିନିଜ୍ ଓ୍ବାର୍ଲ୍ଡ ରେକର୍ଡ କରିଥିବାରୁ ସେଥିରୁ ପ୍ରେରଣା ପାଇଥିଲେ ବୋଲି ଆସ୍‌ମାନ କହିଛନ୍ତି।



# ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ (THIRD LANGUAGE HINDI/SANSKRIT)

## HINDI

*Time: 2½ Hours* *Full Marks: 100*

*Candidates are required to write the answers in their own words as far as practicable.*
*(The figures in right hand margin indicate marks)*

### PART – I (OBJECTIVE)

1. **एक-एक वाक्य में उत्तर दीजिए ।** [1×5
(क) किसके साथ टकसाली भाव की आवश्यकता है ?
(ख) दूसरे मुसाफिर के अनुसार ठाकुर साहब का क्या करने से कोई असम्मान नहीं होगा ?
(ग) कौन संसार को माया का जाल समझते हैं ?
(घ) गिलहरी के बच्चे का बचना संभव नहीं है - ऐसा लोग क्यों समझते हैं ?
(ङ) ओड़िशा सदियों के बाद कैसे चल रहा है ?

2. **एक-एक शब्द में उत्तर दीजिए ।** [1×5
(क) बाणभट्ट की कौस-की पुस्तक अधूरी रह गई थी ?
(ख) चोखेलाल कहाँ के रहनेवाले थे ?
(ग) धर्मसभा कहाँ हो रही थी ?
(घ) अचानक लेखिका के किस पुराण का विवेचन रुक गया ?
(ङ) साधव किससे नहीं डरते थे ?

3. **खाली जगहों को भरिए।** [1×5
(क) जानवर हजारों वर्षों से ______ बने हुए हैं।
(ख) पंडित जी को ठाकुर साहब के ______ बच्चों को निगरानी करनी पड़ती थी।
(ग) स्वामीजी के गुरु ______ थे।
(घ) काक द्वय की चोचों के दो घाव उस ______ के लिए बहुत थे।
(ङ) उत्कृष्ट ______ का देश उत्कल।

4. **एक-एक वाक्य में उत्तर दीजिए।** [1×5
(क) किसके बराबर तप नहीं है ?
(ख) किससे चारोंओर सुख उपजता है ?
(ग) कौन बंधु की व्यथा हरण कर सकता है ?
(घ) एक दिन चाँद ने माँ से क्या कहा ?
(ङ) 'काँटे कम-से-कम मत बोओ' के कवि कौन हैं ?

5. **एक-एक शब्द में उत्तर दीजिए ।** [1×5
(क) श्रीकृष्ण को कौन खिझाते हैं ?
(ख) सरवर क्या नही पीता है ?
(ग) 'एक तिनका' कविता के कवि कौन हैं ?
(घ) कहाँ से उषा आई ?
(ङ) विश्वासों पर न बढ़ सको पर भी क्या नहीं ढोना चाहिए ?

6. **निर्देशानुसार उत्तर दीजिए।** [1×5
(क) विलोम शब्द लिखिए – खुशहाली ।
(ख) समानार्थी शब्द लिखिए – पैदावार ।
(ग) वर्तनी शुद्ध कीजिए – सैसब ।
(घ) सही रूप क्या होगा – बच्चा + ने ।
(ङ) वाक्य शुद्ध कीजिए – यह नित्य का क्रम हो गए ।

7. **निर्देशानुसार उत्तर दीजिए।** [1×5
(क) बहुवचन रूप लिखिए – सुई ।
(ख) एकवचन रूप लिखिए – तैयारियाँ ।
(ग) कौन-सा पुलिंग शब्द है – तरकारी, हीटर, यात्रा ।
(घ) अव्यय छाँटिए – बुरे दिन हौले-हौले सरकते हैं।
(ङ) लिंग बदलिए – पंडित ।

8. **निर्देशानुसार उत्तर दीजिए।** [1×5
(क) सही परसर्ग भरिए : वे गरीबी ______ जीते हैं।
(ख) उपसर्ग छाँटिए – दुरुपयोग ।
(ग) प्रत्यय पहचानिए – भारतीय ।
(घ) रेखांकित पद कौन-सा सर्वनाम है ?
वह मिट्टी होकर मिल गया होगा।
(ङ) रेखांकित पद किस कारक में है ?
कौवे जिसमें सुलभ आहार खोज रहे थें।

9. **निर्देशानुसार उत्तर दीजिए।** [1×5
(क) प्रथम प्रेरणार्थक क्रिया-रूप लिखिए – पढ़ना ।
(ख) सकर्मक क्रिया छाँटिए – जमाना, रहना, पहुँचना ।
(ग) सही क्रिया-पद लिखिए – खेतों की सिंचाई – (हुआ, हुई, हुए, हुई)
(घ) अकर्मक क्रिया छाँटिए – देखना, जाना, पूछना ।
(ङ) भूतकाल में बदलिए : वह अच्छा बन जाएगा।

10. **निर्देशानुसार उत्तर दीजिए।** [1×5
(क) परिवार कौन-सी संज्ञा है ?
(ख) 'सप्ताह' का विशेषण रूप क्या है ?
(ग) बूढ़ा का भाववाचक संज्ञा रूप क्या है ?
(घ) असमापिका क्रिया कौन-सी है ? खा कर, खा चुका, खा ना
(ङ) संबंधवाचक सर्वनाम कौन है ?

### PART – II (SUBJECTIVE)

1. **निम्नलिखित प्रश्नों में से किन्हीं दो के उत्तर (प्रत्येक दो-तीन वाक्यों) में दीजिए :** [5×2
(i) पंडित चंद्रधर हमेशा क्यों पच्छताया करते थे ?
(ii) मधुर भाषण किसे कहते हैं ?
(iii) कलिंग में अशोक ने युद्ध के बाद क्या किया ?

2. **निम्नलिखित प्रश्नों में से किन्हीं दो के भाव (प्रत्येक दो-तीन वाक्यों) में समझाइए :** [5×2
(i) जो तोको काँटा बुवै ताहि बोय तू फूल।
तोको फूल को फूल है, वाको है तिरसूल।।
(ii) संकट में यदि मुस्का न सको,
भय से कातर हो मत रोओ,
यदि फूल नहीं बो सकते तो,
काँटे कम-से-कम मत बोओ ।
(iii) वही पशु प्रवृत्ति है कि आप आप ही चरे,
वही मनुष्य है कि जो मनुष्य के लिए मरे।

3. **निर्देशनुसार निम्नलिखित प्रश्नों के उत्तर दीजिए:** [2×5
(i) रेखांकित शब्द का लिंग बदलकर वाक्य को फिर से लिखिए: वे मुंशीजी को लाद कर अस्पताल लाये।
(ii) रेखांकित शब्द का वचन बदलकर वाक्य को फिर से लिखिए: वीरत्व की यह कहानी आगे बढ़ती है।
(iii) निम्नलिखित वाक्य को शुद्ध करके लिखिए: पाराद्वीप बन्दरगाह नौवाणिज्य की बढ़ावा दी।
(iv) 'असबाब' शब्द का प्रयोग करके एक सार्थक वाक्य बनाइए।
(v) उन्होंने फिर किसी दूसरे विभाग में जाने की चेष्टा नहीं की – इस वाक्य को भविष्यतकाल में बदलकर लिखिए।

4. **निम्नलिखित किन्हीं पाँच वाक्यों का हिन्दी में अनुवाद कीजिए :** [2×5
(i) ସେତେବେଳେ ଛାତ୍ରଛାତ୍ରୀମାନେ ପଡ଼ିଆରେ ଖେଳୁଥିଲେ।
(ii) ଆମ ଦେଶରେ ବିଭିନ୍ନ ଧର୍ମର ଲୋକେ ବାସକରନ୍ତି।
(iii) ଭାରତର ଅଧିକାଂଶ ଲୋକ କୃଷକ।
(iv) ଇନ୍ଦ୍ରଧନୁର ସାତୋଟି ରଙ୍ଗ ଅଛି।
(v) ସିଗାରେଟ୍ ପିଇବା ଏକ ମନ୍ଦ ଅଭ୍ୟାସ।
(vi) ସୈନିକମାନେ ଦେଶ ପାଇଁ ଜୀବନ ଦିଅନ୍ତି।
(vii) ମୋ ଝିଅ କାଦୁଅରେ ପଡ଼ିଗଲା।
(viii) ସୁରେଶ ପିତାମାତାଙ୍କ ଆଶୀର୍ବାଦ ନେଇ ଆମେରିକା ଗଲା।

5. **निम्नलिखित अनुच्छेद को पढ़कर पूछे गये प्रश्नों के उत्तर दीजिए :** [2×5
वृत्रासुर से मनुष्य क्या देवतागण भी डरते थे। उसके आतंक से स्वर्ग में हाहाकार मच गया। उनसे रक्षा पाने के लिए देवगण भगवान विष्णु के पास पहुँचे। भगवान विष्णु ने सलाह दी कि ऋषि दधीचि की अस्थियों से बज्र बनाया जायेगा। उसी बज्र से वृत्रासुर मारा जायेगा। भगवान विष्णु से परामर्श लेकर देवगण ऋषि दधीचि के आश्रम पहुँचे। ऋषि दधीचि ने देवगण का यथोचित आदर सत्कार किया। उनके शुभागमन का कारण पूछा। उनसे सारी बातें सुनकर ऋषि दधीचि ध्यान मुद्रा में बैठ गये।
(i) वृत्रासुर से कौन डरते थे ?
(ii) किससे रक्षा पाने के लिए देवगण विष्णु के पास पहुँचे ?
(iii) भगवान विष्णु ने क्या सलाह दी ?
(iv) किससे परामर्श लेकर देवराज किस ऋषि के आश्रम पहुँचे ?
(v) किनसे सारी बातें सुनकर कौन ध्यानमुद्रा में बैठ गये ?

### उत्तरमाला - PART – I (OBJECTIVE)

1. **(क)** मधुर वचन के साथ टकसाली भाव की आवश्यकता है। **(ख)** दूसरे मुसाफिर के अनुसार ठाकुर साहब के नीचे बैठजाने से कोई असम्मान नहीं होगा। **(ग)** संन्यासी संसार को माया का जाल समझते हैं। **(घ)** लोग समझते हैं कि गिलहरी के बच्चे का बचना संभव नहीं है, क्योंकि उस पर कौंवों की चोंच के घाव लग गए थे। **(ङ)** ओड़िशा सदियों के बाद प्रगति के रास्ते पर चल रहा है।
2. **(क)** कादम्बरी **(ख)** बिल्हौर **(ग)** अमेरिका में **(घ)** काकपुराण **(ङ)** तूफान और गहरे सागर से
3. **(क)** जहाँ के तहाँ **(ख)** दो **(ग)** रामकृष्ण परमहंस **(घ)** लघुप्राण **(ङ)** कलाओं
4. **(क)** साँच के बराबर तप नहीं है। **(ख)** मीठे वचन से चारों ओर सुख उपजता है। **(ग)** बंधु ही बंधु की व्यथा हरण कर सकता है। **(घ)** एक दिन चाँदने माँ से कहा - मेरे लिए ऊन का एक मोटा झिंगोला सिलवा दो। **(ङ)** काँटे कम-से-कम मत बोओ के कवि रामेश्वर शुक्ल अंचल हैं।
5. **(क)** दाऊ **(ख)** अपना पानी **(ग)** अयोध्या सिंह उपाध्याय 'हरिऔध' **(घ)** प्राची से **(ङ)** साँसों के मुरदे
6. **(क)** बदहाली **(ख)** उपज **(ग)** शैशव **(घ)** बच्चे ने **(ङ)** यह नित्य का क्रम हो गया।
7. **(क)** सुइयाँ **(ख)** तैयारी **(ग)** हीटर **(घ)** हौले-हौले **(ङ)** पंडिताइन
8. **(क)** में **(ख)** दुर **(ग)** ईय **(घ)** कर्ता **(ङ)** अधिकरण
9. **(क)** पढ़ाना **(ख)** जमाना **(ग)** हुई **(घ)** जाना **(ङ)** वह अच्छा बन गया।
10. **(क)** समूहवाचक **(ख)** साप्ताहिक **(ग)** बुढ़ापा **(घ)** खाकर **(ङ)** जो

### उत्तरमाला - PART – II (SUBJECTIVE)

1. (i) पंडित चन्द्रधर हमेशा अपनी मुदर्रिसी केलिए पछताया करते थे। महीने भर प्रतीक्षा के बाद उन्हें पन्द्रह रुपये मिलते थे। जिससे आराम की जिंदगी बिता नहीं पाते थे। वे इस नौकरी को जंजाल भी मानते थे।
(ii) जो भाषण साधारणत: मनको अच्छा लगता है अर्थात् जो मनोनुकूल होता है, चित्त को द्रवित कर देता है, वही मधुर भाषण है। यह भाषण दो रुठों को मिला देता है।
(iii) कलिंग में अशोक ने युद्ध के बाद तलवार फेंक दी और धर्माशोक बन गया। मानवप्रेम और अहिंसा की नीति अपनाई।

2. (i) कबीरदास का कहना है कि जो हमारे रास्ते पर काँटा बोता है, हम उस केलिए फूल बोएँगे कारण हमारे फूल के बदले हमें फूल मिलेगा और काँटे बोनेवाले को तीनगुना काँटा अर्थात् त्रिशूल मिलेगा। इसलिए अच्छा काम का फल अच्छा होता है और बुरे काम का फल बुरा होता है।
(ii) कवि रामेश्वेर शुक्ल अंचल का कहना है कि संकट मनुष्य के सामने चुनौती होता है। अत: भयभीत न होकर संकट से संघर्ष करना चाहिए। संकट के समय कातर न होकर मुस्कराना चाहिए। यदि हम दूसरों के रास्ते पर फूल नहीं बो सकेंगे तो काँटा भी नहीं बोएँगे।
(iii) कवि मैथिलशरण गुप्त कहते हैं कि पशु सिर्फ अपने लिए खाता-पीता है कारण वह स्वार्थपर है। उसीप्रकार जो मनुष्य दूसरों के हित छोड़कर सिर्फ अपने लिए काम करके पशु की तरह जीवन बीताता है, उसका जन्म पशु जैसा है परंतु जो दूसरों के लिए जीता और मरता है, वह सच्चा मनुष्य कहलाता है।

3. (i) वे मुंशियाइन को लाद कर अस्पताल लाये।
(ii) वीरत्व की ये कहानियाँ आगे बढ़ती हैं।
(iii) पाराद्वीप बन्दरगाह ने नौवाणिज्य को बढ़ावा दिया।
(iv) बाढ़ से मेरे सारे असबाब बरबाद हो गए।
(v) वे फिर किसी दूसरे विभाग में जाने की चेष्टा नहीं करेंगे ।

4. (i) उस समय छात्र-छात्राएँ मैदान में खेलते थे।
(ii) हमारे देश में विभिन्न धर्मों के लोग निवास करते हैं।
(iii) भारत के अधिकांष लोग किसान हैं।
(iv) इन्द्रधनुष में सात रंग होते हैं।
(v) सिगारेट पीना एक बुरी आदत है।
(vi) सैनिक देश केलिए जान देते हैं।
(vii) मेरी बेटी कीचड़ में गिर गई।
(viii) सुरेश पिता-माता का आशीर्वाद लेकर अमेरिका गया।

5. (i) वृत्रासुर से मनुष्य क्या देवतागण भी डरते थे।
(ii) वृत्रासुर से रक्षा पाने केलिए देवगण विष्णु के पास पहुँचे।
(iii) भगवान विष्णु ने सलाह दी कि ऋषि दधीचि की अस्थियों से बज्र बनाया जायेगा और उसी बज्र से वृत्रासुर मारा जायेगा।
(iv) भगवान विष्णु से परामर्श लेकर देवगण ऋषि दधीचि के आश्रम पहुँचे।
(v) देवगण से सारी बातें सुनकर ऋषि दधीचि ध्यान मुद्रा में बैठ गये।

❑❑❑

## SANSKRIT

*Time: 2½ Hours* *Full Marks: 100*

*Candidates are required to write the answers in their own words as far as practicable.*
*(The figures in right hand margin indicate marks)*

### PART – I (OBJECTIVE)

1. **अधोलिखितम् अनुच्छेदं पठित्वा निजभाषया शुद्धम् उत्तरं लिखत।** [1×5
वोपदेव: नाम कश्चित् शिशु: पठनाय पित्रा गुरुगृहं प्रेषित: । स प्रथमत: व्याकरणं पठितुम् आरब्धवान् । वोपदेव: स्थूलबुद्धि: तथा परिश्रमकातरश्च । पाठे तस्य अमनोयोगम् अवलोक्य सहपाठिन: तम् उपहसन्ति स्म । सहपाठिनाम् उपहासप्रसङ्गं स गुरवे न्यवेदयत् । गुरुस्तम् उक्तवान्-''वत्स ! तव कृते मम महान् यत्न: विफल: जात: । यदि इच्छसि, तर्हि अन्यं विद्यालयं गृहं वा याहि ।'' एतत् श्रुत्वा वोपदेवेन चिन्तितम्-अन्यत्र गमनेन क: लाभ: ? मूर्खे मयि पिता माता वा न स्नेहं करिष्यति । मम जीवनं धिक् । खिन्नमानस: स सरोवरं निकषा गत्वा पावच्छे उपविश्य चिन्तापर: अतिष्ठत् । तदा केचन स्त्रीजना: जलं नेतुमागता:, ते जलपूर्णघटान् पावच्छान्तर्गतेषु गर्त्तेषु अस्थापयन् । अथ वोपदेव: एकं स्त्रीजनमपृच्छत् – ''मात: ! घटस्थापनार्थम् एतानि गर्त्तानि निर्मितानि किम् '' ? ''न हि न हि वत्स ! घटभारादेव क्रमश: गर्त्तानि जातानि'' इति स्त्रीजनेन उक्तम् । एतत् श्रुत्वा वोपदेव: विस्मित: अचिन्तयत् – ''सुकठिन: पाषाण: यदि मृत्तिकापात्रेण क्षुण्ण: तर्हि स्थूलबुद्धिरहं कथं क्रमश: व्याकरणम् आयत्तं न कुर्य्याम् ।''
तदारभ्य स व्याकरणं पठित्वा प्रवीणपण्डितरूपेण प्रतिष्ठाम् अलभत ।
**साधूक्तम्**- ''उद्यमेन हि सिध्यन्ति कार्याणि न मनोरथै:'' ।
(i) वोपदेव: नाम कश्चित् शिशु:, किमर्थं पित्रा गुरुगृहं प्रेषित: ?
(ii) वोपदेवस्य पाठे किम् अवलोक्य सहपाठिन: तम् उपहसितवन्त: ?
(iii) कीदृश: वोपदेव: सरोवरं निकषा गत्वा पावच्छे उपविश्य चिन्तापर: अतिष्ठत् ?
(iv) स्त्रीजना: जलपूर्णान् घटान् पावच्छान्तर्गतेषु केषु अस्थापयन् ?
(v) कार्याणि कै: न सिध्यन्ति ?

2. **प्रदत्तवाक्येषु रेखाङ्कितपदानां सकारणं विभक्तिं लिखत ?** [1×5
(i) आवां ते अनया गुरुभक्त्या अतीव प्रीतौ स्व: ?
(ii) तस्मात् स्मर्यतामभीष्ट देवता।
(iii) वृक्षाणां छेदनेन वायुप्रदूषणं वर्द्धते।
(iv) मातुरुपदेशं स स्वजीवने आचरितवान्।
(v) स्पृहयामि खलु दुर्ललिताय अस्मै।

3. **शुद्धं सन्धिविधानं विच्छेदं च कुरुत।** [1×5
(i) क: + अस्य = ______
(ii) वसुधा + एव = ______
(iii) द्यौ: + न: = ______
(iv) गुणानिति = ______
(v) गच्छन्तीह = ______

4. **रिक्तस्थाने शुद्धं समासनाम / समस्त पदं / व्यासवाक्यं लिखत।** [1×5
(i) महाजन: – महान् जन: ______
(ii) स्नेहेन पुरस्कृता = ______ तृतीया तत्पुरुष:
(iii) आत्मगतम् = ______ = द्वितीया तत्पुरुष:
(iv) सन्न्यासी - सम्यक् न्यसति इति = ______
(v) विश्वभेषजरूप: = ______ बहुव्रीहि:

5. **प्रदत्तवाक्येषु रेखाङ्कितपदानां भ्रमसंशोधनं कुरुत।** [1×5
(i) विश्वासघातकस्य ग्रीवयम् आनीता।
(ii) प्रभुपदं तव युज्यते।
(iii) कृष्ण: मथुरायाम् अध्यास्ते।
(iv) गज: स्वेच्छायां भ्रमति।
(v) राम: श्यामं क्रुध्यति।

6. **एकपदेन स्त्रीप्रत्ययरूपं लिखत।** [1×5
(i) मनुष्यस्य स्त्री
(ii) कारकस्य स्त्री
(iii) कृशस्य स्त्री
(iv) वैश्यजातीया स्त्री
(v) श्वशुरस्य स्त्री

7. **अधोलिखितानि पदानि व्यवहृत्य पृथक् वाक्यानि रचयत।** [1×5
(i) दक्षिणात् (ii) निलीयते
(iii) उभयत: (iv) स्निह्यति (v) धारयामि

8. **शून्यस्थाने शुद्धं प्रकृतिं/ प्रत्ययं लिखत।** [1×5
(i) आकाश: = आ + ______ + घञ्
(ii) अनुसन्धाने = अनु + सम् + धा + ______
(iii) प्रतिषिद्धा: = प्रति + ______ + क्त
(iv) विमृशन् = वि + मृश् + ______
(v) काम: = ______ + घञ्

9. **प्रदत्तवाक्येषु रेखाङ्कितपदानां मातृभाषया अर्थं लिखत।** [1×5
(i) यथा भद्रमुखो भणति।
(ii) दरिद्राणां कृते तस्य हृदयं विगलितमासती।
(iii) एवम् अर्थस्य जलं प्रतीकं भवति।
(iv) वने वसत: बहव: दोषा:।
(v) हृत्तापो मत्सर: स्मृत:।

10. **प्रदत्तवाक्येषु रेखाङ्कितपदानि आधृत्य प्रश्ननिर्माणं कुरुत।** [1×5
(i) तै: भक्षितै: दृष्टिहीन: सञ्जात:।
(ii) अस्त्यस्य जलाशयस्य नाति दूरें प्रभूतजलपूर्णं सर:।
(iii) अग्नि: तेजरूप:।
(iv) भवान् भगवन्तं दृष्टवानस्ति।
(v) नामसादृश्येन वञ्चितो मातृवत्सल:।

### PART – II (SUBJECTIVE)

1. **निजभाषया वाक्यत्रयेण प्रश्नद्वयस्य उत्तरं लिखत:** [5×2
(क) सर्वदमनस्य नामकरण विषये तापसी किम् उक्तवती ?
**अथवा,** 'रामकृष्णमिशन्' इति संस्था किं करोति ?
(ख) अग्निद्वारा संसारस्य हितं केन रूपेण भवति ?
**अथवा,** कुलीरक: कथं बकं व्यापादितवान् ?

2. **निजभाषया वाक्यत्रयेण प्रश्नद्वयस्य उत्तरं लिखत:** [5×2
(क) काल: केनरूपेण भूतानि पचति ?
**अथवा,** युधिष्ठिरमतेन क: दुर्जय शत्रु:, क: अनन्तक:व्याधि:, क: साधु: कश्च असाधु: ?
(ख) वनं कथं दु:खतरं भवति ?
**अथवा,** विलपन्तीं सीतां रघुनन्दन: किम् उक्तवान् ?

3. **निजभाषया संक्षेपेण उत्तरं लिखत :** [2×5
(क) वत्स! एनं बालमृगेन्द्रं मुञ्च। अपरं ते किं दास्यामि ?
(ख) प्रायश: ईश्वरस्य पुत्रा: किं न भवन्ति ?
(ग) एतेषां सुरक्षा-निमित्तं किं पठ्यते ?
(घ) जलाशयस्य नातिदूरे कुत्र आक्षिप्य स्वेच्छया अभक्षयत् ?
(ङ) उपमन्यो ! त्वमेव किं भविष्यसि ?

4. **निजभाषया संक्षेपेण उत्तरं लिखत:** [2×5
(क) का प्रवसतो मित्रं भवति ?
(ख) श्राद्धं मृतं कथं वा स्यात् ?
(ग) इह अहनि अहनि भूतानि कुत्र गच्छन्ति ?
(घ) हे राम ! अहं विषम् अग्निं जलं वा कस्मात् आस्थास्ये ?
(ङ) मम मात्रे कैकेयै कौ दत्तौ ?

5. **अधोलिखितवाक्येषु पञ्चानां वाक्यानां संस्कृतभाषया अनुवादं कुरुत:** [2×5
(क) ମାତା ଦରିଦ୍ରକୁ ଲୁଗା ଦେଲେ।
(ख) ଆଜିକାଲି ପିଲାମାନେ କାହାକୁ ଲାଜ କରୁନାହାନ୍ତି।
(ग) ଧୋବାର ଗଧରେ ପ୍ରୟୋଜନ ଥାଏ।
(घ) ପୋଖରୀର ଚାରିପାଖରେ ଫୁଲଗଛଗୁଡ଼ିକ ଅଛି।
(ङ) ହେ କୃଷ୍ଣ ! ମୋ ନିକଟକୁ ଆସ।
(च) ମୁଁ ଦିନରେ ଚାରିଥର ପାଣି ପିଏ।
(छ) ସମସ୍ତେ ଜଗନ୍ନାଥଙ୍କୁ ଭକ୍ତିକରିବା ଉଚିତ।
(ज) ସନ୍ଧ୍ୟା ପରେ ଅଧ୍ୟୟନ କର।

### ଉତ୍ତରମାଳା - PART – I (OBJECTIVE)

1. **(i)** ପଠନାୟ **(ii)** ଅମନୟୋଗମ୍ **(iii)** ଖିନ୍ନମାନସଃ **(iv)** ଗର୍ତ୍ତେଷୁ **(v)** ମନୋରଥୈଃ
2. **(i)** ହେତୌ ତୃତୀୟା **(ii)** ଉକ୍ତେକର୍ମଣି ପ୍ରଥମା **(iii)** ସମ୍ବନ୍ଧେ ଷଷ୍ଠୀ **(iv)** ଅଧିକରଣେ ସପ୍ତମୀ **(v)** ସ୍ପୃହଧାତୁ ଯୋଗେ ଚତୁର୍ଥୀ
3. **(i)** କୋଽସ୍ୟ **(ii)** ବସୁଧୈବ **(iii)** ଦ୍ୟୌର୍ନଃ **(iv)** ଗୁଣାନ୍ + ଇତି **(v)** ଗଚ୍ଛନ୍ତି + ଇହ
4. **(i)** କର୍ମଧାରୟଃ **(ii)** ସ୍ନେହପୁରସ୍କୃତା **(iii)** ଆତ୍ମାନଂ ଗତଃ ତମ୍ **(iv)** ଉପପଦ ତତ୍ପୁରୁଷ **(v)** ବିଶ୍ୱଭେଷଜଃ ରୂପଂ ଯସ୍ୟ ସଃ
5. **(i)** ଗ୍ରୀବେୟମ୍ **(ii)** ତ୍ୱୟି **(iii)** ମଥୁରାମ୍ **(iv)** ସ୍ୱେଚ୍ଛୟା **(v)** ଶ୍ୟାମାୟ
6. **(i)** ମନୁଷୀ **(ii)** କାରିକା **(iii)** କୃଶା **(iv)** ବୈଶ୍ୟା **(v)** ଶ୍ୱଶ୍ରୂଃ
7. **(i)** ବିଦ୍ୟାଳୟସ୍ୟ ଦିକ୍ଷଣାତ୍ ମନ୍ଦିରମ୍ ଅସ୍ତି। **(ii)** ମାତୁଃ ପୁତ୍ରଃ ନିଲୀୟତେ। **(iii)** ମାର୍ଗମ୍ ଉଭୟତଃ ବୃକ୍ଷାଃସନ୍ତି। **(iv)** ମାତାପୁତ୍ରେ ସ୍ନିହ୍ୟତି। **(v)** ଅହଂ କସ୍ମୈ ନ ଧାରୟାମି।
8. **(i)** କାଶ୍ **(ii)** ଲ୍ୟୁଟ୍ **(iii)** ସିଧ୍ **(iv)** ଶତୃ **(v)** କମ୍ନ
9. **(i)** ମହାଶୟ **(ii)** ତରଳି **(iii)** ସଙ୍କେତ **(iv)** ବାସ କରୁଥିବା **(v)** ଈର୍ଷ୍ୟା ବା ପରଶ୍ରୀକାତରତା
10. **(i)** ଚୈଃ ଭକ୍ଷିତୈଃ କିଂ ସଞ୍ଜାତଃ ? **(ii)** ଅସ୍ତ୍ୟସ୍ୟ ଜଳାଶୟସ୍ୟ କୁତ୍ର ପ୍ରଭୂତଜଳପୂର୍ଣ୍ଣଂ ସରଃ ? **(iii)** ଅଗ୍ନିଃ କୀଦୃଶଃ ? **(iv)** ଭବାନ୍ କଂ ଦୃଷ୍ଟବାନସ୍ତି ? **(v)** କେନ ବଞ୍ଚିତୋ ମାତୃବତ୍ସଳଃ ?

### ଉତ୍ତରମାଳା - PART – II (SUBJECTIVE)

1. **(क)** ବାଳକଟି ସିଂହଶାବକ ଉପରେ ବସି ତା'ର ଦାନ୍ତ ଗଣିବା ପାଇଁ ପାଟି ଖୋଲୁଥିଲା। ଏହି ସମୟରେ ଜଣେ ତାପସୀ ସେଠାରେ ପହଞ୍ଚି ଏତାଦୃଶ କାର୍ଯ୍ୟରୁ ତାକୁ ନିବାରଣ କରିଥିଲେ ମଧ୍ୟ ବାଳକଟି ନିବୃତ୍ତ ହୋଇନଥିଲା। ଫଳରେ ତାପସୀ ସାମାନ୍ୟ ବିରକ୍ତ ହୋଇ ''ତୋର ନାମ ଋଷିମାନେ ଏଥିପାଇଁ ସର୍ବଦମନ'' ରଖିଛନ୍ତି ବୋଲି ପ୍ରକାଶ କରିଥିଲେ।
**अथवा,** କୋଲକାତାର ବେଲୁର ଗ୍ରାମରେ ବିବେକାନନ୍ଦ ଏକ ମଠ ସ୍ଥାପନ କରିଥିଲେ। ତାହା ଗୁରୁ ରାମକୃଷ୍ଣଙ୍କ ନାମାନୁସାରେ 'ରାମକୃଷ୍ଣ ମିଶନ୍' ନାମରେ ପ୍ରସିଦ୍ଧ। ଏହି ମିଶନ୍ ଜାଗ୍ରତ ଯୁବକମାନଙ୍କୁ ନେଇ ସନାତନ ଧର୍ମର ମୂଳତତ୍ତ୍ୱ ପ୍ରଚାର ସହ ସମଗ୍ର ବିଶ୍ୱରେ ଦରିଦ୍ରମାନଙ୍କ ସେବାକାର୍ଯ୍ୟ କରିଥାଏ।
**(ख)** ପଞ୍ଚମହାଭୂତ ମଧ୍ୟରୁ ଅଗ୍ନି ଏକ ମହାଭୂତ। ତେଜରୂପ ଅଗ୍ନି ସମସ୍ତ ଅଶୁଦ୍ଧ ବସ୍ତୁକୁ ନାଶକରି ପର୍ଯ୍ୟାବରଣକୁ ନିର୍ମଳ କରେ। ପୁନଶ୍ଚ ବାୟୁମଣ୍ଡଳର ବିଷକ୍ରିୟା ବିନାଶର ମୂଳକାରଣ ହୋଇ ସଂସାରର ହିତ ସାଧନ କରିଥାଏ।
**अथवा,** କଙ୍କଡ଼ା ବଗ ପିଠିରେ ବସି ବୃହତ୍ ଜଳାଶୟ ଅଭିମୁଖେ ଯାତ୍ରା କରୁଥିଲା। ମାତ୍ର ଦୂରରୁ ମାଛମାନଙ୍କ କଣ୍ଟାର ପାହାଡ଼କୁ ଦେଖି ସେ ବଗର ମନ୍ଦ ଉଦ୍ଦେଶ୍ୟ ବୁଝିପାରିଲା। କେତେ ଦୂରରେ ଜଳାଶୟ ବୋଲି ପଚାରନ୍ତେ ବଗ ତାକୁ ଇଷ୍ଟଦେବତାଙ୍କୁ ସ୍ମରଣ କରିବାକୁ କହିଲା। ଫଳରେ କଙ୍କଡ଼ା ଦୁଷ୍ଟବୁଦ୍ଧି ବଗର ବେକକୁ ନିଜ ମୁଖର ଦନ୍ତଦ୍ୱୟରେ କାଟି ବିନାଶ କଲା।

2.**(क)** କାଳ ପୃଥିବୀରୂପକ ପାତ୍ରରେ ସମସ୍ତ ପ୍ରାଣୀଙ୍କୁ ଭରି ଆକାଶରୂପ ଘୋଡ଼ଣୀ ଦେଇ ବନ୍ଦ କରିଛି। ସୂର୍ଯ୍ୟରୂପକ ଅଗ୍ନିରେ ଦିନ, ରାତିରୂପକ କାଠକୁ ଜଳାଉଛି। ମାସ ଋତୁରୂପକ ଡଙ୍କିରେ ପାତ୍ରମଧ୍ୟସ୍ଥ ପ୍ରାଣୀମାନଙ୍କୁ ଘାଣ୍ଟି ପାକକାର୍ଯ୍ୟ ସମ୍ପାଦନ କରୁଅଛି।
**अथवा,** ଯୁଧିଷ୍ଠିରଙ୍କ ମତରେ ଦୁଃସାଧ ଶତ୍ରୁ ହେଉଛି କ୍ରୋଧ। ଲୋଭ ହେଉଛି ଅନ୍ତହୀନ ରୋଗ। ସମସ୍ତ ପ୍ରାଣୀମାନଙ୍କ ହିତକାମନା କରୁଥିବା ବ୍ୟକ୍ତି ହିଁ ସାଧୁ ଓ ନିର୍ଦ୍ଦୟ ବ୍ୟକ୍ତି ଅସାଧୁ ଅଟନ୍ତି।
**(ख)** ବନରେ ସର୍ବଦା ପବନ ବହିବା ସହ ଖାଦ୍ୟର ବ୍ୟବସ୍ଥା ନ ଥିବା କାରଣରୁ ଅସହ୍ୟ କ୍ଷୁଧାଯନ୍ତ୍ରଣା ଭୋଗକରିବାକୁ ପଡ଼ିଥାଏ। ରାତି କ'ଣ ଦିନରେ ମଧ୍ୟ ନିବିଡ଼ ଅନ୍ଧକାର ବନବାସୀଠାରେ ଭୟ ସଞ୍ଚାର କରିଥାଏ। ସେହିପରି ଅନ୍ୟାନ୍ୟ ମହତ୍ ଆଧିଭୌତିକାଦି ବିପଦର ସମ୍ଭାବନା ଥିବାରୁ ବନବାସ ଅଧିକ ଦୁଃଖଦାୟକ ହୋଇଥାଏ।
**अथवा,** ରାମ ରାଜ୍ୟାଭିଷେକ ପାଇଁ ସାଜସଜ୍ଜା ହେଉଥିବା ପ୍ରକୋଷ୍ଠକୁ ଲଜ୍ଜାବନତ ବଦନରେ ପ୍ରବେଶ କଲେ। ସତୀ ଶିରୋମଣି ସୀତା ଆନନ୍ଦ ମୁହୂର୍ତ୍ତରେ ଚିନ୍ତାକୁଳ ମନ ଓ ଦୀପ୍ତିହୀନ ସ୍ୱାମୀଙ୍କୁ ଦେଖି ଦୁଃଖରେ ବିଳାପ କରିବାକୁ ଲାଗିଲେ। ରାମ ସୀତାଙ୍କୁ ସାନ୍ତ୍ୱନା ଦେଇ କହିଲେ ଯେ ମୋର ପୂଜ୍ୟପିତା ମୋତେ ରାଜ୍ୟାଭିଷେକ ପରିବର୍ତ୍ତେ ବନବାସ ଆଦେଶ ପ୍ରଦାନ କରିଛନ୍ତି।

3. **(क)** ହେ ପୁତ୍ର ! ଏହି ସିଂହ ଶିଶୁଟିକୁ ଛାଡ଼। ମୁଁ ତୁମକୁ ଅନ୍ୟ ଏକ ଖେଳନା/କ୍ରୀଡ଼ନକ ଦେବି। **(ख)** ପ୍ରାୟତଃ ଈଶ୍ୱରଙ୍କ ସନ୍ତାନମାନେ ଦୀର୍ଘଜୀବୀ ହୁଅନ୍ତି ନାହିଁ। **(ग)** ଏମାନଙ୍କ ସୁରକ୍ଷା ନିମିତ୍ତ ଶାନ୍ତିମନ୍ତ୍ର ପଢ଼ାଯାଏ। **(घ)** ଜଳାଶୟର ଅନତୀଦୂରରେ ଥିବା ପଥର / ଶିଳା ଉପରେ ପକାଇ ନିଜ ଇଚ୍ଛାରେ ଖାଇଥାଏ। **(ङ)** ହେ ଉପମନ୍ୟୁ ! ତୁମେ ସର୍ବଶାସ୍ତ୍ରଜ୍ଞ ହେବ।

4. **(क)** ବିଦ୍ୟା ବିଦେଶରେ ରହୁଥିବା ବ୍ୟକ୍ତିର ବନ୍ଧୁ। **(ख)** ଶ୍ରୋତ୍ରିୟ ବ୍ରାହ୍ମଣ ବିନା ପିତୃପୁରୁଷଙ୍କୁ ପିଣ୍ଡଦାନ ନିଷ୍ଫଳ ହୋଇଥାଏ। **(ग)** ଏହି ସଂସାରରେ ପ୍ରତିମୁହୂର୍ତ୍ତରେ ପ୍ରାଣୀମାନେ ଯମାଳୟକୁ / ମୃତ୍ୟୁଲୋକକୁ ଯାଉଛନ୍ତି। **(घ)** ହେ ରାମ ! ମୁଁ ବିଷ, ଅଗ୍ନି କିମ୍ବା ଜଳର ଆଶ୍ରୟ ମରିବା ଉଦ୍ଦେଶ୍ୟରେ ନେବି। **(ङ)** ମୋର ମା' କୈକେୟୀଙ୍କୁ ମହାବର ଦୁଇଟି ଦେଇଥିଲେ।

5. **(क)** ମାତା ଦରିଦ୍ରାୟ ବସ୍ତ୍ରମ୍ ଅଦଦାତ୍ / ଦତ୍ତବତୀ। **(ख)** ଅଧୁନା ବାଳାଃ କସ୍ମାତ୍ ନ ଲଜ୍ଜନ୍ତେ। **(ग)** ରଜକସ୍ୟ ଗର୍ଦ୍ଦଭେନ ପ୍ରୟୋଜନମ୍ ଅସ୍ତି। **(घ)** ପୁଷ୍କରିଣୀଂ ପରିତଃ ପୁଷ୍ପବୃକ୍ଷାଃ ସନ୍ତି। **(ङ)** ହେ କୃଷ୍ଣ ! ମାଂ ନିକଷା ଆଗଚ୍ଛ। **(च)** ଅହଂ ଦିବସସ୍ୟ ଚତୁଃ ଜଳଂ ପିବାମି। **(छ)** ସର୍ବେ ଜଗନ୍ନାଥେ ଭକ୍ତିଂ କୁର୍ଯ୍ୟୁଃ। **(ज)** ସନ୍ଧ୍ୟାୟାଃ ପରମ୍ ଅଧ୍ୟୟନଂ କୁରୁ।

❑❑❑

## ସଂକ୍ଷେପରେ



### ରେଢ଼ାଖୋଲର ବିଭିନ୍ନ ଦୋକାନରେ ଚଢ଼ାଉ

ସମ୍ବଲପୁର/ରେଢ଼ାଖୋଲ,୧୪।୧ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁରରୁ ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ରେଢ଼ାଖୋଲର ୨୫ଟି ଦୋକନରେ ଚଢ଼ାଉ କରି ୪ହଜାର ୫୦ ଟଙ୍କା ଜରିମାନା ଅଦାୟ କରିଛି। ଏହାସହ କେତେକ ହୋଟେଲରୁ ବାସୀ ଖାଦ୍ୟ ଜବତ କରଛି। ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତାପ ରୁଦ୍ର ମଣ୍ଡଳ, ସ୍ୱାଗତିକା ବେହେରା, ଅବାକରୀ ବିଭାଗର ଦାଶରଥି ପୁରୋହିତ, ସତ୍ୟନାରାୟଣ ମଲ୍ଲିକ, ରେଢ଼ାଖୋଲ ଥାନା ଏଏସ୍ଆଇ ସବିତା ପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ଚାଷୀ ସମସ୍ୟା ଉପରେ ଆଲୋଚନା



ଦେବଗଡ଼,୧୪।୧(ଡି.ଏନ.ଏ.)

ତିଲେଇବଣି ବ୍ଲକ ଅଧୀନ ଢୋଲପଡା ପଞ୍ଚାୟତ ଅଫିସରେ ଜିଲା କୃଷକ ସଂଗଠନର କଂସର ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୃଷକ ନେତା ଅଚ୍ୟୁତାନନ୍ଦ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲା କୃଷକ ସଂଗଠନର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଝାଙ୍କର, ପୂର୍ବତନ ବ୍ଲକ ଅଧକ୍ଷ ବିଭୁତି ଗଙ୍ଗଦେବ, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ ଓ ତିଲେଇବଣି ବ୍ଲକ ଉପାଧକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଚାଷୀ ଚିକୁନ ସାହୁ, ସରପଞ୍ଚ ପ୍ରତାପ ନାରାୟଣ ପାତ୍ର, ସମିତି ସଦସ୍ୟ କ୍ଷୀରୋଦ ଚନ୍ଦ୍ର ସାହୁ, କାହ୍ନୁ ଚରଣ ପ୍ରଧାନ, ସ୍ୱାଧୀନ ପାତ୍ର, ଲକ୍ଷ୍ମଣ ମାଝି, ଅକ୍ଷୟ ସାହୁ, ବୈରାଗୀ ସାହୁ, ରାମଜୀ ପ୍ରସାଦ ଗୁପ୍ତା ଓ ବିନୋଦ ସାହ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଭାରତୀୟ ବହୁଭାଷୀ ନାଟକ ପ୍ରତିଯୋଗିତାର ପଞ୍ଚମ ସନ୍ଧ୍ୟା

# ନିଖୁଣ ଅଭିନୟରେ ଦର୍ଶକଙ୍କୁ ବାନ୍ଧିଲେ କଳାକାର

ଦେବଗଡ଼,୧୪।୧(ଡି.ଏନ.ଏ.)

ସ୍ଥାନୀୟ ଟାଉନହଲ୍‌ଠାରେ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ଗତ ୧୦ ତାରିଖଠାରୁ ୧୭ତମ ସର୍ବ ଭାରତୀୟ ବହୁଭାଷୀ କ୍ଷୁଦ୍ର ନାଟକ ଓ ନୃତ୍ୟ ପ୍ରତିଯୋଗିତା ଚାଲିଛି। ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ୨ଟି ନାଟକ ମଞ୍ଚସ୍ଥ ହୋଇଛି। ମଣିପୁର ଇମ୍ଫାଲର ଲେଇସାରେମ୍ବି ଆର୍ଟ ଆଣ୍ଡ କଲଚରାଲ ଆସୋସିଏଶନ ଦ୍ୱାରା ନାଟ୍ୟକାର କେ.ବି. ଶର୍ମାଙ୍କ ରଚିତ ଓ ୟୁ.ୟୁ. ସମରେନ୍ଦ୍ରଙ୍କ ନିର୍ଦ୍ଦେଶିତ ମଣିପୁରୀ ନାଟକ 'ଓଁ ଶାନ୍ତି' ମଞ୍ଚସ୍ଥ ହୋଇଥିଲା। ସେହିଭଳି ରାଉରକେଲାର ସ୍ୱସ୍ତି ଝଙ୍କାର ଅନୁଷ୍ଠାନର କଳାକାରମାନେ ରାଜୀବ ପାଣୀଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ 'ଗଛ'ରେ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଏଥିରେ ଅତିଥି ଭାବେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ପୂର୍ବତନ ଅଧକ୍ଷା ନିବେଦିତା ନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସଭାପତି ଅଶୋକ କୁମାର ନନ୍ଦ, ଉପ ସଭାପତି ପ୍ରକାଶ ଦେବତା ଓ ସମ୍ପାଦକ ସୁଜିତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରୁମ୍‌କୁଝୁମା ସାଂସ୍କୃତିକ ଅନୁଷ୍ଠାନ ରାଜ୍ୟ ସଭାନେତ୍ରୀ ନିବେଦିତା ନାୟକ ଏବଂ ସମ୍ପାଦକ ସରୋଜ ଭୂୟାଁ ଯୋଗଦେଇଥିଲେ।





ଦେବଗଡ଼ରେ ଚାଲିଥିବା ଭାରତୀୟ ବହୁଭାଷୀ ନାଟକ ପ୍ରତିଯୋଗିତାର ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ମଣିପୁରୀ ନାଟକ 'ଓଁ ଶାନ୍ତି' (ବାମ) ଏବଂ ଓଡିଆ ନାଟକ 'ଗଛ'ର ଦୃଶ୍ୟ।

### ବାଙ୍କିଟିକ୍ରା ଖେଳପଡିଆରେ କମ୍ପୋଷ୍ଟ ପ୍ଲାଣ୍ଟକୁ ଲୋକଙ୍କ ବିରୋଧ

# କମିଶନରଙ୍କ ନିର୍ଦ୍ଦେଶରେ ଜାଗା ବଦଳିଲା



ସମ୍ବଲପୁର ମହାନଗର ନିଗମ କର୍ମଚାରୀ, ମାନେଶ୍ୱର ତହସିଲଦାର ଓ ଅଞ୍ଚଳବାସୀ ଆଲୋଚନା କରୁଛନ୍ତି ।

ସମ୍ବଲପୁର,୧୪।୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧୀନ ୪୦ ନମ୍ବର ୱାର୍ଡର ରାସନପୁର ମୌଜା ବାଙ୍କିଟିକ୍ରାରେ ଥିବା ଖେଳ ପଡିଆରେ କମ୍ପୋଷ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଗ୍ରାମବାସୀ ଏହାକୁ ନେଇ ଅଭିଯୋଗ କରିବା ପରେ ମହାନଗର ନିଗମର କମିଶନର ଲିଙ୍ଗରାଜ ପଣ୍ଡା ମଙ୍ଗଳବାର ପହଞ୍ଚି ସ୍ଥାନ ପରିଦର୍ଶନ କରିଛନ୍ତି। ଅନ୍ୟ ସ୍ଥାନରେ ଜମି ଯୋଗାଇ ଦେବାକୁ ମାନେଶ୍ୱର ତହସିଲଦାର ଭିକ୍ଟୋରିଆ ଏକ୍କାଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମାତ୍ର ୧୦୦ ମିଟର ଦୂରରେ ଆଉ ଏକ ସରକାରୀ ଜମି ଚିହ୍ନଟ ହୋଇଛି। ତେବେ ସ୍ଥାନୀୟ ଅଧିବାସୀ ଜଗନ୍ନାଥ ଦୀକ୍ଷିତ, ସରୋଜ ପ୍ରଧାନ, ପ୍ରମୋଦ ବିଶ୍ୱାଳ, ହରିଶଙ୍କର ପୁରୋହିତ, ରାହାସ ପାଣ୍ଡେ, ସଞ୍ଜୟ ଛୁରିଆ ପ୍ରମୁଖ କମିଶନରଙ୍କୁ ଭେଟିଥିଲେ। ପ୍ରକାଶଯୋଗ୍ୟ, ଏହି ଖେଳ ପଡିଆ ଉପରେ ରାସନପୁର ସମେତ ଶାହାପାଲି, ସୁଡୁଙ୍ଗା ଗ୍ରାମର ଲୋକେ ନିର୍ଭର କରନ୍ତି । ସେହିଭଳି ନିକଟସ୍ଥ ସରକାରୀ ଆଇଟିଆଇ କଲେଜର ଛାତ୍ରୀଛାତ୍ରଙ୍କ ପାଇଁ ଏହି ପଡିଆକୁ ଉନ୍ନତି କରିବାକୁ ପୂର୍ବତନ ଜିଲାପାଳ ବଲବନ୍ତ ସିଂ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏବେ ଖେଳ ପଡିଆରେ କମ୍ପୋଷ୍ଟ ପ୍ଲାଣ୍ଟ ନିର୍ମାଣ କାମ ଆରମ୍ଭ କରିବାରୁ ବିରୋଧ କରାଯାଉଛି । ଡିସେମ୍ବର ୨୪ ତାରିଖ ଗ୍ରାମବାସୀ ଏହି କାମକୁ ବନ୍ଦ କରି ମହାନଗର ନିଗମ ପାଖରେ ଅଭିଯୋଗ କରିଥିଲେ।

# ଗ୍ରୀନ୍‌ସିଟି ଗଲ୍ଫ ଟୁର୍ନାମେଣ୍ଟ: ଏମ୍‌ସିଏଲ୍ ଦଳ ଚାମ୍ପିୟନ




ଗ୍ରୀନସିଟି ଗଲ୍ଫ ଚାମ୍ପିୟନ ଟ୍ରଫି ସହ ଏମ୍‌ସିଏଲ୍ ଦଳ ।

ସମ୍ବଲପୁର,୧୪।୧(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଦଳ ରାଏବାହାଦୁର ହାରକଚାନ୍ଦ ଜେନ ସ୍ମାରକୀ ଗ୍ରୀନସିଟି ଗଲ୍ଫ ଟୁର୍ନାମେଣ୍ଟରେ ଚାମ୍ପିୟନ ଟ୍ରଫି ହାସଲ କରିଛି । ରାଜତଦୋଇ ସିଂ, ଏସ.କେ. ଲାଲ, ବିନୟ ଡି. ଜମୱାଲ ଓ ବୀରାଦର୍ ବିଜୟ କୁମାର ଅନ୍ନାରାଓଙ୍କୁ ନେଇ ଏମସିଏଲ ଟିମ୍ ଗଠିତ ହୋଇଥିଲା । ଜାନୁୟାରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଞ୍ଚିଠାରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲେ। ଏଥିରେ ଦେଶର ବିଭିନ୍ନ ଅଞ୍ଚଳରୁ ୨୩୦ଜଣ ଖେଳାଳି ଭାଗ ନେଇଥିଲେ । ମଙ୍ଗଳବାର ଏମ୍‌ସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା, ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଟ୍ରାଫିକ ସଚେତନତା ଶୋଭାଯାତ୍ରା



ଟ୍ରାଫିକ ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର।

ଦେବଗଡ଼,୧୪।୧(ଡି.ଏନ.ଏ.)

ଦେବଗଡ଼ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ତିଲେଇବଣି ପଞ୍ଚାୟତ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଟ୍ରାଫିକ ସଚେତନତା ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରାକୁ ଟ୍ରାଫିକ ଇନ୍‌ସପେକ୍ଟର ଜିତେନ୍ଦ୍ର ବେହେରା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କରଚନ୍ଦ୍ର ଧଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ତିଲେଇବଣି ପଞ୍ଚାୟତ ହାଇସ୍କୁଲର ଶିକ୍ଷକ ଡିଲେଶ୍ୱର ସ୍ୱାଇଁ ଓ କିଶୋର ଚନ୍ଦ୍ର ପ୍ରଧାନଙ୍କ ସମେତ ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କ୍ରୀଡ଼ା ଉତ୍ସବ

ରେଢ଼ାଖୋଲ,୧୪।୧(ଡି.ଏନ.ଏ.)

ରେଢ଼ାଖୋଲ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି। ସୋମବାର ଏହାକୁ ଏନଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ଯୋଗେନ୍ଦ୍ର ପଣ୍ଡା, ଅଧକ୍ଷା ପ୍ରମୋଦା ବିଶ୍ୱାଳ, ଉପାଧକ୍ଷା ସସ୍ମିତା ବିଶ୍ୱାଳ ପରିଚାଳନା କରିଥିଲେ। ମଙ୍ଗଳବାର ଅପରାହ୍ନରେ ପ୍ରଦୀପ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ୱେସ୍କୋ ସହକାରୀ ଯନ୍ତ୍ରୀ ଦୀପକ କୁମାର ରାଉତ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ସଂପାଦକ ଗୋପିନାଥ ଖିଲାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଛାତ୍ରମାନେ।

## ଫଟୋରେ ଖବର









ମଙ୍ଗଳବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକରେ 'ସ୍ୱର' ଅନୁଷ୍ଠାନର କଳାକାରମାନେ ସଡକ ସୁରକ୍ଷା ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ପରିବେଷଣ କରୁଛନ୍ତି (ବାମ)। ମହାନଗର ନିଗମ ପକ୍ଷରୁ ସିନ୍ଦୂରପଙ୍କରେ 'ଆମ ଶୌଚାଳୟ' ଉଦ୍‌ଘାଟନ ପରେ ଏହାର ପରିଚାଳନା ଦାୟିତ୍ୱ ନେଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ(ମଝି)। କ୍ଷେତରାଜପୁରଠାରେ ପଞ୍ଜାବି ସଂପ୍ରଦାୟ ପକ୍ଷରୁ ଲୋହରି ଉତ୍ସବ ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର



## ୧୬ରୁ ବକେୟା ଉପଭୋକ୍ତାଙ୍କର ହେବ ବିଦ୍ୟୁତ୍ କାଟ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ବିଦ୍ୟୁତ୍ ବକେୟା ଦେଇ ନ ଥିବା ଉପଭୋକ୍ତାଙ୍କର ଆସନ୍ତା ୧୬ ତାରିଖରୁ ବିଦ୍ୟୁତ୍ କାଟ କରାଯିବ ବୋଲି ପୂର୍ବରୁ ସେସୁ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ତେବେ ବିଭିନ୍ନ ମହଲରୁ ବିରୋଧ ହେବା ପରେ ସେସୁ କର୍ତ୍ତୃପକ୍ଷ ପର୍ଯ୍ୟାୟ କ୍ରମେ ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ବକେୟା ଦେଇ ନ ଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡିକର ବିଦ୍ୟୁତ୍ କାଟ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ଲୋଡ ଥିବା ଘରୋଇ ଉପଭୋକ୍ତାଙ୍କର ବିଦ୍ୟୁତ୍ କାଟ ହେବ। ତୃତୀୟ ପର୍ଯ୍ୟାୟରେ ଅନ୍ୟ ଉପଭୋକ୍ତାଙ୍କର ବିଦ୍ୟୁତ୍ କାଟ ହେବ ବୋଲି ସେସୁ ପକ୍ଷରୁ କୁହାଯାଇଛି। ତେବେ ବିଦ୍ୟୁତ୍ କାଟ ପୂର୍ବରୁ ସମସ୍ତ ବିଲ୍ ପଇଠ କରିବାକୁ ସେସୁ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ବକେୟା ବିଦ୍ୟୁତ୍ ବିଲ୍ ନ ଦେଲେ ୨୦୨୦ ଜାନୁୟାରୀ ୧୬ରୁ ବିଦ୍ୟୁତ୍ କାଟ କରାଯିବ ବୋଲି ଡିସେମ୍ବର ୧୦ରେ ଘୋଷଣା କରାଯାଇଥିଲା। ୭ ଲକ୍ଷରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କ ଉପରେ ୨୦୧୯ ନଭେମ୍ବର ସୁଦ୍ଧା ପ୍ରାୟ ୧୯୭୧ କୋଟି ବକେୟା ରହିଥିଲା। ବିଦ୍ୟୁତ୍ କାଟ ଘୋଷଣା କରିବା ପରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଉପଭୋକ୍ତା ନିଜର ବକେୟା ବିଦ୍ୟୁତ୍ ବିଲ୍ ପୈଠ କରିଥିଲେ। କେତେକ ଉପଭୋକ୍ତା ବିଦ୍ୟୁତ୍ ବିଲ୍‌ରେ ତ୍ରୁଟି ଥିବା ଦର୍ଶାଇଛନ୍ତି। ତ୍ରୁଟି ସଂଶୋଧନ ପରେ ସେମାନେ ତାଙ୍କ ବିଲ୍ ପଇଠ କରିବେ ବୋଲି କହିଛନ୍ତି।

### ସୁନ୍ଦରଗଡ଼ରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ବୈଠକ

# ହାଇକୋର୍ଟ ସ୍ଥାୟୀ ବେଞ୍ଚ ତୁରନ୍ତ ପ୍ରତିଷ୍ଠା କରାଯାଉ

**ସୁନ୍ଦରଗଡ଼, ୧୪।୧ (ଡି.ଏନ୍.ଏ.)**

ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନ ହେବା ପର୍ଯ୍ୟନ୍ତ ଓକିଲଙ୍କ ଆନ୍ଦୋଳନ ଚାଲୁ ରହିବ। ମଙ୍ଗଳବାର ସୁନ୍ଦରଗଡ଼ଠାରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ହୋଇଛି। କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଅଶୋକ କୁମାର ଦାଶ ଏହା ପ୍ରକାଶ କରିଛନ୍ତି। ୩୧ ତାରିଖ ଯାଏ ସାମଗ୍ରିକ ଭାବେ ଏହି ଆନ୍ଦୋଳନ ଚାଲୁ ରହିବା ସହ ସ୍ଥାନୀୟ କ୍ଷେତ୍ରରେ ଓକିଲ ସଂଘର ସଭାପତିମାନେ ବିଚାର କରି ଆନ୍ଦୋଳନ କିଭଳି ଆଗକୁ ନେଇ ହେବ ସେ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଓଡ଼ିଶା ହାଇକୋର୍ଟ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ



ସୁନ୍ଦରଗଡ଼ରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ସାଧାରଣ ବୈଠକ।

ବିରୋଧ କରି ଆସୁଛନ୍ତି। ତାଙ୍କ ଓକିଲ ସୁପ୍ରିମକୋର୍ଟକୁ ଭୁଲତଥ୍ୟ ଦେଇ ବିଭ୍ରାନ୍ତ କରୁଛନ୍ତି। ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଜାରି ରହିଛି, କୋର୍ଟ ମଧ୍ୟ ଚାଲୁ ରହିଛି। ସୁପ୍ରିମ କୋର୍ଟକୁ ଯେଉଁ ବିଭ୍ରାନ୍ତିକର ତଥ୍ୟ ଦିଆଯାଇଛି ଓ ସୁପ୍ରିମ କୋର୍ଟ ଯେଉଁ ନିଷ୍ପତ୍ତି ନେଇଛନ୍ତି ଆମେ ଏ ସମ୍ପର୍କରେ ସୁପ୍ରିମ କୋର୍ଟକୁ ଜଣାଇବୁ। ସୁପ୍ରମକୋର୍ଟ ଆମକଥା ଶୁଣି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ପଥ ସୁଗମ କରିବେ ବୋଲି ଆମେ ଆଶା ପ୍ରକାଶ କରୁଛୁ। ଆନ୍ଦୋଳନରତ ଓକିଲମାନଙ୍କର ଲାଇସେନ୍ସ ବାତିଲ କରିବା ଅଧିକାର କୌଣସି ଓକିଲମାନଙ୍କର ନାହିଁ। ଆମକୁ କାରଣ ଦର୍ଶାଅ ନୋଟିସ ପରେ ଆମେ ଏହାର ଜବାବ ଦେବୁ। ଅତୀତରେ ବହୁତ ଥର ବାର କାଉନସିଲ ଅଫ୍ ଇଣ୍ଡିଆ ଆମକୁ ନୋଟିସ ଦେଇଛି ଆମେ ତାର ଜବାବ୍ ଦେଇଛୁ ବୋଲି ସେ କହିଛନ୍ତି। କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରଗତି ମଣ୍ଡପ ଠାରେ ଏ ବୈଠକରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ସହ ଆବାହକ ସୁରେଶ୍ୱର ମିଶ୍ର, ରଘୁମଣି ପଟେଲ, ସତ୍ୟ ନାରାୟଣ ପଣ୍ଡା, ପ୍ରମୋଦ ଦାଶ, ନିରଞ୍ଜନ ତ୍ରିପାଠୀ, ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ବିଜିୟେନ୍ଦ୍ର ପ୍ରଧାନ, ସୁନ୍ଦରଗଡ଼ ଜିଲା ଓକିଲ ସଂଘ ସଭାପତି ଦୁଷ୍ମନ୍ତ ନାଏକ, ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ନିମାଇଁ ନାଏକ, ଝାରସୁଗୁଡା ଓକିଲସଂଘର ସ୍ନୀପ ଅଗସ୍ତି, କୁଚିଣ୍ଡା ସଂଘର ପ୍ରମୋଦ ଛୁରିଆ, ରାଜଗାଙ୍ଗପୁର ସଭାପତି ଲବୀନ୍ଦ୍ର ବେହେରା, ପଦ୍ମପୁର ସଂଘର କିଶୋର ମୋହନ, ବରପାଲି ସଂଘର ସଭାପତି ବକ୍ତବ୍ୟ ରଖି ଆନ୍ଦୋଳନର ରୂପରେଖ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ ଓକିଲ ସଂଘର କିଶୋର ନାଏକ, ସ୍ୱରାଜ ପଟେଲ, ନରେଶ ନାଏକ, ଉମାଶଙ୍କର ପଟେଲ, ପ୍ରେମ କୁମାର, ପ୍ରତିମା ମିଶ୍ର, ବୁଦ୍ଧଦେବ ନାଏକ, ସୁକାନ୍ତ ପାଣିଗ୍ରାହୀ, ସୁବୋଧ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।




ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ବୀରମିତ୍ରପୁରରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

### ୩୧ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ

# ବୀରମିତ୍ରପୁରରେ ସଚେତନତା କାର୍ଯ୍ୟକ୍ରମ

**କୁଆଁରମୁଣ୍ଡା,୧୪।୧(ଡି.ଏନ.ଏ.)**

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଚଳିତ ମାସ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ୩୧ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହେଉଛି। ଏହି ଉପଲକ୍ଷେ ରାଉରକେଲା ପରିବହନ କାର୍ଯ୍ୟାଳୟ ଓ ବୀରମିତ୍ରପୁର ପୋଲିସର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ବିଆରଆଇ କ୍ଲବ ପଡିଆରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ପୂର୍ବାହ୍ନ ୧୧ଟାରେ ବୀରମିତ୍ରପୁର ଥାନା ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ୧୪୩ ନମ୍ବର ଜାତୀୟ ରାଜପଥର ଚାଇନା ଟାଉନ୍, ରାଏବୋଗା ରୋଡ ଇତ୍ୟାଦି ପରିକ୍ରମା କରିଥିଲା। ଏହି ସମୟରେ ରାସ୍ତାରେ ଯାଉଥିବା ଗାଡି ଚାଳକମାନଙ୍କୁ ସଡ଼କ ସୁରକ୍ଷା ସଚେତନତା ଲିଫଲେଟ୍ ପ୍ରଦାନ କରାଯାଇ ସଚେତନ କରାଯାଇଥିଲା। ଏହାସହ ସୁନ୍ଦରଗଡ଼ରୁ ଆସିଥିବା ଏକ ନାଟ୍ୟଦଳ ପ୍ରଥପ୍ରାପ୍ତ ଗୀତ ବୋଲିବା ସହ ଅଭିନୟ କରି ଲୋକଙ୍କୁ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କରୁଥିଲେ। ଏହାପରେ ଶୋଭାଯାତ୍ରା ନିକଟସ୍ଥ ବିଆରଆଇ କ୍ଲବ ପଡିଆରେ ପହଞ୍ଚିଥିଲା। ସେଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ସଡକ ସୁରକ୍ଷା ସଚେତନତାଧର୍ମୀ ନାଚ, ଗୀତ, ବକ୍ତୃତା ଇତ୍ୟାଦି କାର୍ଯ୍ୟକ୍ରମ ଅପରାହ୍ନ ସାଢେ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ବିଶେଷକରି ଗାଡି ଚଳାଇବା ବେଳେ ହେଲମେଟ ପିନ୍ଧିବା ଓ ଏହି ସମୟରେ ମୋବାଇଲରେ କଥା ନ ହେବା, ସାବାଳକ ହେବା ପୂର୍ବରୁ ଗାଡି ନ ଚଲାଇବା,କାର ଚାଳକମାନେ ସିଟ୍ ବେଲ୍ଟ ବ୍ୟବହାର କରିବା,ଗାଡି ଚଳାଇବା ପୂର୍ବରୁ ମଦ୍ୟପାନ ନ କରିବା ଇତ୍ୟାଦି ସମ୍ପର୍କରେ ପରିବହନ ଓ ପୋଲିସ ବିଭାଗର ଅଧିକାରୀମାନେ ଏହି ଅବସରରେ ନିଜ ନିଜ ବକ୍ତବ୍ୟ ରଖିବା ସହ ଗାଡି ଚାଳକମାନଙ୍କୁ ସଚେତନ କରାଇଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ବୀରମିତ୍ରପୁର ଶିଶୁମନ୍ଦିର, ନ୍ୟୁଲାଇଟ୍, ସେଣ୍ଟ ମେରୀ, ବୀରମିତ୍ରପୁର ସରକାରୀ ହାଇସ୍କୁଲ ଇତ୍ୟାଦିର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାରର ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ଉପସ୍ଥିତ ଥିଲେ। ଏଥିରେ ବୀରମିତ୍ରପୁର ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ହୃଷିକେଶ ବେହେରା,ବୀରମିତ୍ରପୁର ଥାନା ଏସଆଇ ଡୋଳାମଣି ନାଏକ ପ୍ରମୁଖଙ୍କ ସହ ରାଉରକେଲା ପରିବହନ ବିଭାଗର ଏଆରଟିଓ ସଞ୍ଜୟ କୁମାର ସାହୁ ଓ ଅନ୍ୟ ପରିବହନ କର୍ମଚାରୀ ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଚାଳନ କରିଥିଲେ।

### ରାସ୍ତା ଜାମରେ ଗର୍ଭବତୀର ମୃତ୍ୟୁ ଘଟଣା

# ମାଛେଉଣ୍ଡ କନ୍ୟାକୁ ଅନ୍ୟହାତେ ଟେକିଦେଲେ ବାପା

**ଲହୁଣୀପଡା, ୧୪।୧ (ଡି.ଏନ.ଏ)**

ଗତ ଶୁକ୍ରବାର ରାସ୍ତା ଜାମ ଯୋଗୁ ଗର୍ଭବତୀ ଗାଡି ଭିତରେ ପ୍ରସବ କରି ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିବା ପରେ ନଜଜାତକ ଶିଶୁ କନ୍ୟାକୁ ବାପ ବାଧ ହୋଇ ସବୁଦିନ ପାଇଁ ଅନ୍ୟ ହାତକୁ ଟେକି ଦେଇଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଲହୁଣୀପଡା ବ୍ଲକ ଶଶ୍ୟକଳା ପଞ୍ଚାୟତ ବାଉରକେଲା ଗ୍ରାମର ବୁଧୁଆ ମୁଣ୍ଡାଙ୍କ ସ୍ତ୍ରୀ ପାର୍ବତୀ ମୁଣ୍ଡା (୨୫) ଗର୍ଭବତୀ ଥିଲେ । ପ୍ରସବ ସମୟ ହୋଇ ଯାଇଥିବାରୁ ବୁଧୁଆ ଏକ ଟାଟା ମ୍ୟାଜିକ ଗାଡି ଯୋଗେ ଆଶାକର୍ମୀ ସହିତ ଲହୁଣୀପଡା ଡାକ୍ତରଖାନାକୁ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ବେଳେ ଆସୁଥିଲେ। କିନ୍ତୁ ଟିଙ୍କୋ ଘାଟି ନିକଟରେ ରାସ୍ତା ଜାମରେ ଫସି ଯାଇଥିଲେ । ଯେତେ ଚେଷ୍ଟା କଲେ ମଧ ସେ ଜାମରୁ ବାହାରି ପାରି ନ ଥିଲେ । ଶେଷରେ ପାର୍ବତୀ ସେହି ଗାଡି ଭିତରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଅତ୍ୟଧିକ ରକ୍ତ ସ୍ରାବ ଓ ଚିକିତ୍ସା ଅଭାବରୁ ପାର୍ବତୀଙ୍କ ମୃତ୍ୟୁ ଘଟିଥିଲା । ତଥାପି ବୁଧୁଆ ବିଶ୍ୱାସ କରି ନ ପାରି ରାତି ପ୍ରାୟ ସାଢ଼େ ୮ଟା ବେଳେ ଲହୁଣୀପଡା ଡାକ୍ତରଖାନାରେ ପହଞ୍ଚି ଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। କନ୍ୟା ସନ୍ତାନ ସୁସ୍ଥ ଥିବା ଜାଣିବାକୁ ମିଳିଛି। ବୁଧୁଆର ପ୍ରଥମ ଝିଅ ୮ବର୍ଷର ରହିଛି । ତା ବ୍ୟତୀତ ଆଉ କେହି ନାହିଁ । ଫଳରେ ନବଜାତକକୁ ଲାଳନପାଳନ କରିବା ପାଇଁ ବୁଧୁଆ ଚିନ୍ତାରେ ପଡିଗଲେ। ଏହି ଚିନ୍ତାରେ ବୁଧୁଆ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଶିଶୁ କନ୍ୟାକୁ ବଞ୍ଚାଇବା ପାଇଁ ଯାହାକୁ ହେଲେ ଦେଇ ଦେବେ ବୋଲି କହିଥିଲେ। ଶେଷରେ ରାଉଲକେଲା ବିଶ୍ରାରେ ଥିବା ଦିଶା ସଂସ୍ଥାକୁ ଯୋଗାଯୋଗ କରାଯାଇଥିଲା। ଦିଶା ସଂସ୍ଥାର ଅମ୍ବର ଆଲାମ, ସସ୍ମିତା କୁଜୁର ପହଞ୍ଚିଥିଲେ । ବିଡିଓ ଧାନାଇ ଟୁଡୁ, ସିଡିପିଓ ମୀନାକ୍ଷୀ ନାଏକ, ସୁପରଭାଇଜର ଅରୁଣା ସାହୁ, ମାନସୀ ନାଏକ, ରଞ୍ଜିତା ସାହୁଙ୍କ ଉପସ୍ଥିତିରେ ସବୁଦିନ ପାଇଁ ନିଜ ଶିଶୁ କନ୍ୟାକୁ ବୁଧୁଆ ଟେକି ଦେଇଥିଲେ । ସୋମବାର ଅପରାହ୍ନରେ ବ୍ଲକ ପରିସରରେ ଶିଶୁ କନ୍ୟାକୁ ବାପା ବୁଧୁଆ ଦିଶା ସଂସ୍ଥାକୁ ଟେକି ଦେବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଥିଲା ।



ଶିଶୁ କନ୍ୟା ସହ ବାପା ବୁଧୁଆ।

# କୃଷିଜାତ ଦ୍ରବ୍ୟର ବଜାର ସଂଯୋଗୀକରଣକୁ ଅଗ୍ରାଧିକାର

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

କୃଷିର ସର୍ବାଙ୍ଗୀନ ଉନ୍ନତି ତଥା କୃଷକମାନଙ୍କର ଆୟ ବୃଦ୍ଧି ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ନିଆଯାଉଛି। ନିକଟ ଅତୀତରେ ହୋଇଥିବା ଏବଂ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ନେଇ ବିଭାଗ ପକ୍ଷରୁ ମଙ୍ଗଳବାର ସୂଚନା ଜାରି କରାଯାଇଛି। ବିଶେଷ କରି ଉତ୍ପାଦିତ କୃଷିଜାତ ବଜାର ସଂଯୋଗୀକରଣକୁ ଗୁରୁତ୍ୱ ଦିଆଯାଇଛି।

ଏଥିରେ 'କାଳିଆ'କୁ ୨୦୧୯ ମସିହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ଯୋଜନା ବୋଲି ଅଭିହିତ କରାଯାଇଛି। ମୋଟ ୪୭,୭୯,୩୮୧ ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୩୧,୯୬,୫୫୬ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୫,୮୨, ୮୨୫ ଜଣ ଭୂମିହୀନ କୃଷିଶ୍ରମିକ ରହିଥିଲେ। ଓଡ଼ିଶା ମିଲେଟ୍ ମିଶନର ସଫଳତା ଆଧାରରେ ଭାରତ ସରକାର ପୁଷ୍ଟିଶସ୍ୟ ସଂକ୍ରାନ୍ତରେ ମାର୍ଗଦର୍ଶିକାକୁ ସଂଶୋଧନ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ନୀତି ଆୟୋଗ ଦ୍ୱାରା ଓଡ଼ିଶା ମିଲେଟ୍ ମିଶନ ଢାଞ୍ଚାରେ ମାଣ୍ଡିଆ ଚାଷକୁ ଅନ୍ୟ ରାଜ୍ୟରେ ପ୍ରଚଳନ ପାଇଁ ପ୍ରୋତ୍ସାହିତ କରାଯାଉଛି। ପ୍ରଥମଥର ପାଇଁ ୨୦୧୮-୧୯ରେ ୧୭,୯୮୫ କୁଇଣ୍ଟାଲ୍ ରାଗି ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି)ରେ ଚାଷୀମାନଙ୍କଠାରୁ ସଂଗ୍ରହ କରାଯାଇଛି। ଜଳନିଧି ଯୋଜନାରେ ୨୦୧୯-୨୦ରେ ୨୮୦୦ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇ ୭୭୦୫ ହେକ୍ଟର ଜମିକୁ ଜଳସେଚନ ଯୋଗାଇବାର କ୍ଷମତା ସୃଷ୍ଟି କରାଯାଇଛି। କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନାରେ ୫୫୪ଟି ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇ ୫୫,୨୦୦ କୃଷକ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି। ୧୨ଟି ଜନଜାତି ଅଧ୍ୟୁଷିତ ଜିଲାର ୪୦ଟି ପଛୁଆ ବ୍ଲକ୍‌ରେ ୬୫୦ଟି ଉତ୍ପାଦକ ଗୋଷ୍ଠୀ ଏବଂ ୩୦ କୃଷି ଉତ୍ପାଦକ କ୍ଲଷ୍ଟର ବା ଉତ୍ପାଦକ କମ୍ପାନୀ ଆଗାମୀ ୪ ବର୍ଷ ମଧ୍ୟରେ ଗଠନ କରାଯିବାର ଲକ୍ଷ୍ୟ ରହିଛି। ନିକଟରେ 'ସମୃଦ୍ଧି-କୃଷିନୀତି ୨୦୨୦' ପ୍ରଣୟନ କରାଯାଇଛି। ୭୦ଟି କୃଷି ଯୋଜନାକୁ ଡିଜିଟାଇଜେଶନ୍ କରାଯାଇଛି। ଚାଷୀମାନଙ୍କୁ ବିଶେଷଜ୍ଞମାନଙ୍କ ଦ୍ୱାରା ସମୟ ଉପଯୋଗୀ କୃଷି ସେବା ଓ ପରାମର୍ଶ ପାଇଁ 'ଆମ କୃଷି' ମୋବାଇଲ୍ ସେବା ଯୋଗାଇ ଦିଆଯାଇଛି। ଏଥିରେ ରାଜ୍ୟର ପ୍ରାୟ ୬.୨୪ ଲକ୍ଷ ଚାଷୀଙ୍କୁ ସଂଯୁକ୍ତ କରାଯାଇଛି।

## ଏଆଇସିସି, ପିସିସି ମଧ୍ୟରେ ସମନ୍ୱୟ ନାହିଁ: ସୁର

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

କଂଗ୍ରେସରେ ନେତୃତ୍ୱକୁ ନେଇ ବିବାଦ ତୁଟିବାର ନାଁ ଧରୁନାହିଁ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପରିବର୍ତ୍ତନକୁ ନେଇ ବିବାଦ ଲାଗି ରହିଥିବାବେଳେ ବର୍ତ୍ତମାନ ଆଉ ଏକ ନୂଆ ସମସ୍ୟା ମୁଣ୍ଡ ଟେକିଛି। ଯୁବ କଂଗ୍ରେସ ସଭାପତି ପଦକୁ ନେଇ ମଧ ଦଳ ଭିତରେ ଜଟିଳ ପରିସ୍ଥିତି ସୃଷ୍ଟି ହେଲାଣି। ଦଳରେ ନୂଆ ଯୁବ ସଭାପତି ଚୟନକୁ ନେଇ ନେତାମାନଙ୍କ ମଧ୍ୟରେ ଭାଗଭାଗ ପରିସ୍ଥିତି ସୃଷ୍ଟି ହୋଇଛି। ଦଳର ଗୋଷ୍ଠୀ କନ୍ଦଳ ରାଜନୀତିକୁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କଡ଼ା ସମାଲୋଚନା କରିଛନ୍ତି। ସୁର କହିଛନ୍ତି ଯେ, ଦଳରେ ଯଦି ଜଣେ ନୂଆ ସଭାପତି ହେଲା ତା' ପରଦିନ ପଞ୍ଝେ ତାଙ୍କୁ ତଡ଼ିବା ପାଇଁ ଲାଗିପଡ଼ିବେ। ଆମ ଚରିତ୍ର ହେଉଛି ଏମିତି। ଦଳରେ କିଛି ନ ଥିବା ନେତା କହୁଛନ୍ତି ପିସିସି ସଭାପତି ହେବେ। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଏବଂ ପିସିସି ମଧ୍ୟରେ ସମନ୍ୱୟ ରଖି କାମ କରାଯିବା ଆବଶ୍ୟକ। ଦଳରେ ଯୁବ, ମହିଳା ଏବଂ ଛାତ୍ର ସଭାପତି ଚୟନ ହେବା ଆବଶ୍ୟକ। ପିସିସି ସଭାପତି ମଧ ପରିବର୍ତ୍ତନ ହେବା ଦରକାର। ଏଆଇସିସି ଏବଂ ପିସିସି ମଧ୍ୟରେ କେମିତି ସମନ୍ୱୟ ରହି କାମ ହେବ ସେନେଇ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଜଣାଯିବ ବୋଲି ସୁର କହିଛନ୍ତି।

### ଜିଲାପାଳଙ୍କ କୋଇଡ଼ା ଗସ୍ତ

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ





କୋଇଡାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଉଛି।

**ଟେନସା, ୧୪।୧ (ଡି.ଏନ.ଏ)**

ଜିଲା ଖଣିଜ ପାଣ୍ଠି ତରଫରୁ ନିର୍ମାଣ ହୋଇଥିବା ଏବଂ ନିର୍ମାଣ ହେବାକୁ ଯାଉଥିବା କେତେକ ପ୍ରକଳ୍ପକୁ ସୁନ୍ଦରଗଡ ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ ମଙ୍ଗଳବାର କୋଇଡା ଗସ୍ତରେ ଆସି ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। କୋଇଡା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ବିଭିନ୍ନ ପ୍ରକାରର ରାସ୍ତାର ଶିଳାନ୍ୟାସ କରିବା ସହ ସରକାରୀ ଆଇଟିଆଇ କଲ୍ୟାଣ ମଣ୍ଡପ, ମିଶନ ଶକ୍ତି ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ମଙ୍ଗଳବାର ଅପରାହ୍ନ ୧ଟାରେ ଜିଲାପାଳ ଟେନସାରେ ପହଞ୍ଚି ମିଶନଶକ୍ତି ତରଫରୁ ୫ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହୋଇଥିବା ଚର୍ଚ୍ଚ ଗୋଷ୍ଠୀ କେନ୍ଦ୍ରକୁ ଉଦଘାଟନ କରିବା ସହ ଟେନସା ୨ଟି କଂକ୍ରିଟ ରାସ୍ତାର ଶିଳାନ୍ୟାସ କରିଛନ୍ତି । ଏହାପରେ କୋଇଡାଠାରେ ନିର୍ମାଣ କରାଯାଇଥିବା ସରକାରୀ ଆଇଟିଆଇ, କାଲଟା ଗ୍ରାମ ପଞ୍ଚାୟତ ନିର୍ମାଣ କରାଯାଇଥିବା କଲ୍ୟାଣ ମଣ୍ଡପକୁ ଉଦଘାଟନ କରିବା ସହ କାଦଢ଼ିହା- କୋଇଡା ନୂଆ ରାସ୍ତା, କୋଇଡା ମିନି ଷ୍ଟାଡିୟମ ବାଉଣ୍ଡିରି, କୋଇଡା ଡିଗ୍ରୀ କଲେଜରେ କମନ ରୁମ, କୋଇଡା ଥାନା ଛକରୁ ଓ ଏମଏମ ଛକ, ଧୋବଲାବେଢ଼ା ଗ୍ରାମ ରାସ୍ତା, ଆଜାଦ ବସ୍ତି ରାସ୍ତାର ଶିଳାନ୍ୟାସ କରିଛନ୍ତି। ଜିଲାପାଳଙ୍କ ସହିତ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, କୋଇଡା ତହସିଲଦାର ଦୁର୍ଯ୍ୟୋଧନ ଭୋଇ, କୋଇଡା ବିଡିଓ ପଲ୍ଲବୀ ରାଣୀରାଜ, କୋଇଡା ବ୍ଲକ ଅଧ୍ୟକ୍ଷା ରିନାରାଣୀ କୁମୁଣ୍ଡିଆଳ, ଟେନସା ଗ୍ରାମ ପଞ୍ଚାୟତ ସରପଞ୍ଚ ଅନିତା ପୂର୍ତ୍ତି, କୋଇଡା ଜିଲା ପରିଷଦ ସଭ୍ୟା ମିତାରାଣୀ ନାଏକ, କୋଇଡା ଗ୍ରାମ ପଞ୍ଚାୟତ ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, କୋଇଡା ବିଜେଡି ସଭାପତି ରବିନାରାୟଣ ମିଶ୍ର, ସହକାରୀ ଯନ୍ତ୍ରୀ ଆଇବି ବାର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଟେନସାରେ ପହଞ୍ଚିବା ପରେ ସମସ୍ତ ଅତିଥିମାନଙ୍କୁ ବିଭିନ୍ନ ଆଦିବାସୀ ନାଚ ଗୀତ ପରିବେଷଣ କରି ମଞ୍ଚ ନିକଟକୁ ନିଆଯାଇଥିଲା। ଗୋଷ୍ଠୀ କେନ୍ଦ୍ର ଉଦଘାଟନ କରିବା ସହ ଦୁଇଟି ରାସ୍ତାକୁ ଶିଳାନ୍ୟାସ କରିଥିଲେ । ଉକ୍ତ ରାସ୍ତାକୁ ଆସନ୍ତା ମାର୍ଚ୍ଚ ମାସରେ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ମଧ୍ୟାହ୍ନ ଭୋଜନ ପରେ ସମସ୍ତ ଅତିଥି କୋଇଡାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କୋଇଡାରେ ୬ରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ କରାଯାଇଥିବା ସରକାରୀ ଆଇଟିଆଇକୁ ଉଦ୍‌ଘାଟନ କରିଥିଲେ। କୋଇଡା ଜନସାଧାରଣଙ୍କ ପକ୍ଷରୁ ପୂର୍ବତନ ସମିତି ସଭ୍ୟ ଜନ ଡୁଙ୍ଗଡୁଙ୍ଗ, ପପୁ ମହାନ୍ତି, ତ୍ରିଲୋଚନ ସାହୁ, କାଳିଆ ସାହୁ, ଆଜିଯୁଲ୍ଲା ଖାଁ, ସନ୍ତୋଷ ବେହେରା, ସମାଜସେବୀ ବାଦଲ ବାରିକ୍, ଦୁର୍ଯ୍ୟୋଧନ ନାଏକ, ଟୁନା ପାତ୍ର, କୋଇଡା ବ୍ଲକର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଖୁ ଫସଲରୁ ଅଧିକ ଲାଭ ପାଇବେ କିପରି



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ







ଆଖୁ ଭାରତର ଏକ ପ୍ରମୁଖ ଅର୍ଥକରୀ ଫସଲ। ଉତ୍ତରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ବିହାର, ଓଡ଼ିଶା ଓ ଗୁଜରାଟ ରାଜ୍ୟରେ ଆଖୁଚାଷ କରାଯାଇଥାଏ। ଆମ ରାଜ୍ୟରେ ମଧ୍ୟ ଏହା ସବୁ ଜିଲାରେ ଚାଷ କରାଯାଏ। ଏଠାରେ ଆଖୁର ହାରାହାରି ଉତ୍ପାଦନ ହେକ୍ଟର ପିଛା ୭୪ଟନ। ଓଡ଼ିଶାରେ ଡିସେମ୍ବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆଖୁ ଲଗାଯାଇଥାଏ। ସଅଳ କିସମଗୁଡ଼ିକ ଡିସେମ୍ବର-ଜାନୁୟାରୀ, ମଧ୍ୟମ କିସମଗୁଡ଼ିକ ଫେବୃୟାରୀ ଏବଂ ବିଳମ୍ବ କିସମ ମାର୍ଚ୍ଚ ମାସରେ ଲଗାଯାଇଥାଏ। ଆଖୁଚାଷ ପାଇଁ ନିଗିଡା, ଦୋରସା ଓ ମଟାଳ ମାଟି ଉପଯୁକ୍ତ। ଲଗାଇବା ପାଇଁ ଜମିକୁ ୭/୮ ଓଡ ଚାଷ କରି ମଇଦେଇ ମାଟିକୁ ଗୁଣ୍ଡ ଏବଂ ସମତୁଲ କରନ୍ତୁ। ଜମିରେ ଏକର ପିଛା ୧୦ ଗାଡ଼ି ଶଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ। ଡିପଜମିରେ ବିଶ୍ୱାମିତ୍ର, ସରଜୁ ଓ ସିଓ ୭୫୦୮ ଭଳି ସଅଳ କିସମଗୁଡ଼ିକ ଲଗାନ୍ତୁ। ସଅଳ କିସମଗୁଡ଼ିକ ୧୦ ମାସ ମଧ୍ୟରେ ଅମଳ ହୋଇଥାଏ। ୧୨ ମାସ ମଧ୍ୟରେ ଅମଳ ହେଉଥିବା ଉନ୍ନତ ମଧ୍ୟମ କିସମଗୁଡ଼ିକ ହେଲା ନୟନା, ସିଓ ୬୩୦୪, ସିଓ ୭୮୦୫ ଇତ୍ୟାଦି। ୧୨ରୁ ୧୪ ମାସ ମଧ୍ୟରେ ଅମଳ ହେଉଥିବା ବିଳମ୍ବ କିସମଗୁଡ଼ିକ ହେଲା ସିଓ ୪୧୯, ସିଓ ୭୪୦ ଇତ୍ୟାଦି।

ଆଖୁ ଲଗାଇବା ପାଇଁ ଜମିରେ ୩ ଫୁଟ ବ୍ୟବଧାନରେ ନାଳି କାଟନ୍ତୁ। ଏକ ଏକର ଜମିରେ ୧୬୦୦୦ ତିନି ଗଣ୍ଠିଆ ଆଖୁଖଣ୍ଡ ଏବଂ ୨୪୦୦୦ ଦୁଇ ଗଣ୍ଠିଆ ଆଖୁ ଖଣ୍ଡକୁ ବିହନ ରୂପେ ବ୍ୟବହାର କରାଯାଇଥାଏ। ରୋଗପୋକମୁକ୍ତ ଉତ୍ତମ ଆଖୁଖଣ୍ଡକୁ ବିହନ ରୂପେ ବାଛନ୍ତୁ। ଲଗାଇବା ପୂର୍ବରୁ ବିହନ ବିଶୋଧନ କରନ୍ତୁ। ୨୦୦ ଲିଟର ପାଣିରେ ୫୦୦ ଗ୍ରାମ ଚୂନ ମିଶା ଦ୍ରବଣରେ ବିହନ ଆଖୁଖଣ୍ଡ ଗୁଡ଼ିକୁ ୧୨ ଘଣ୍ଟା ବୁଡାଇ ଲଗାଇଲେ ଆଖୁ ଗଛ ଭଲ ବଢ଼ିଥାଏ। ନାଲିଶଢା ରୋଗ ନିୟନ୍ତ୍ରଣ ପାଇଁ ୧୫୦ ଗ୍ରାମ ୟାମାଟୋ, ୨୦୦ ମିଲି ହିଁବିକି, ୧ କିଗ୍ରା ୟୁରିଆ ସହିତ ୧୦୦ ଲିଟର ପାଣିର ଦ୍ରବଣରେ ବିହନ ଆଖୁ ଖଣ୍ଡଗୁଡ଼ିକୁ ୧୫ ମିନିଟ ଭିଜାଇ ଜମିରେ ଲଗାନ୍ତୁ। ଲଗାଇବା ପୂର୍ବରୁ ପ୍ରସ୍ତୁତ ହୋଇଥିବା ନାଳିରେ ଏକର ପିଛା ୧୦ କିଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତୁ। ଜମିରେ ଦସ୍ତା, ଲୌହ ଏବଂ ଗନ୍ଧକର ଅଭାବ ଥିଲେ ଏକର ପିଛା ୧୪ କିଗ୍ରା ଜିଙ୍କଫସଫେଟ, ୪୦ କିଗ୍ରା ଫେରସ୍‌ସଲଫେଟ ଏବଂ ୨୦୦ କିଗ୍ରା ଜିପସମ୍, ୨୫ କିଗ୍ରା ପଟାସ ସାରକୁ ଲଗାଇଲା ବେଳେ ନାଳିରେ ପ୍ରୟୋଗ କରନ୍ତୁ।

ଏକର ପିଛା ୧୦୦ କିଗ୍ରା ଯବକ୍ଷାରଯାନ ସାରକୁ ୩ ଭାଗ କରି ଲଗାଇବାର ୧ ମାସ, ୨ ମାସ ଏବଂ ୩ ମାସରେ କୋଡ଼ାଖୋସା କରି ପ୍ରୟୋଗ କରନ୍ତୁ। ବିହନ ଆଖୁଖଣ୍ଡଗୁଡ଼ିକୁ ନାଳିରେ ୧ ଇଞ୍ଚ ଗଭୀରରେ ଲଗାନ୍ତୁ। ୩ ଗଣ୍ଠିଆ ଆଖୁଖଣ୍ଡ ଲଗାଉଥିଲେ ତୃତୀୟ ଗଣ୍ଠି ନିକଟରେ ପରବର୍ତ୍ତୀ ଆଖୁଖଣ୍ଡର ପ୍ରଥମ ଖଣ୍ଡ ରହିବା ଆବଶ୍ୟକ। ସେହିପରି ଦୁଇ ଗଣ୍ଠିଆ ଆଖୁଖଣ୍ଡ ଲଗାଉଥିଲେ ଦ୍ୱିତୀୟ ଗଣ୍ଠି ନିକଟରେ ପରବର୍ତ୍ତୀ ଆଖୁଖଣ୍ଡର ପ୍ରଥମ ଗଣ୍ଠିଦେଇ ଲଗାନ୍ତୁ। ଲଗାଇଲା ପରେ ପାଣି ମଡାଇ ସିଆରରେ ନଡ଼ା କିମ୍ବା ଶୁଖିଲା ପତ୍ର ଘୋଡ଼ାଇ ଦିଅନ୍ତୁ। ଆଖୁ ବିହନ ଲଗାଇବାର ଏକ ମାସ ପରେ ଗଜା ବାହାରେ ଏବଂ ୩ ମାସ ମଧ୍ୟରେ ସବୁ ପିଲ ବାହାରିଥାଏ। ରବିଋତୁ ଏବଂ ପ୍ରାକ୍ ଗ୍ରୀଷ୍ମଋତୁରେ ଆଖୁଚାଷ କରାଯାଉଥିବାରୁ ଜଳସେଚନ ଅପରିହାର୍ଯ୍ୟ । ବର୍ଷାଦିନ ଆସିବା ପର୍ଯ୍ୟନ୍ତ ଆଖୁ ଫସଲରେ ୮ରୁ ୧୦ଦିନ ବ୍ୟବଧାନରେ ପାଣି ମଡାନ୍ତୁ । ଜଳସେଚନର ସୁବିଧା ପାଇଁ ଆଖୁ କିଆରିକୁ ପଟାଳିରେ ବିଭକ୍ତ କରିବା ଉଚିତ ।

ରୋଗପୋକ ନ ହେବା ଲାଗି ଆଖୁକ୍ଷେତରୁ ଘାସବାଛି ପରିଷ୍କାର ରଖନ୍ତୁ । ନାଲିଶଢା ରୋଗ ପାଇଁ ବିହନ ବିଶୋଧନ ଏବଂ ନାଲିଶଢା ରୋଗ ସହଣିଥିବା କିସମଗୁଡ଼ିକୁ ଲଗାନ୍ତୁ । ନାଲିଶଢା ରୋଗ ନ ହେବା ପାଇଁ ସିଓ ୮୦୧୩ ,ସିଓ ୮୦୧୪, ସିଓ ୮୩୭୧ କିସମଗୁଡ଼ିକ ଲଗାନ୍ତୁ । ସଅଳ କାଣ୍ଡ ବିନ୍ଧା ପୋକ ଏବଂ ଅନ୍ୟାନ୍ୟ ପୋକ ଦମନ ପାଇଁ ଏକର ପିଛା ୩୦୦ରୁ ୪୦୦ ମିଲି ହିଁବିକି ପ୍ରୟୋଗ କଲେ ଆକ୍ରମଣରୁ ରକ୍ଷାମିଳିଥାଏ। ଆଖୁ ଗଛ ସିଧା ରହିଲେ ସର୍କରା ପରିମାଣ ଅଧିକା ହୋଇଥାଏ । ଆଖୁଗଛ ବଢ଼ିଲା ପରେ ଯେପରି ପଡି ନ ଯାଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ପଡି ନ ଯିବା ଲାଗି ଗଛ ଉଠିବାର ୪/୫ ମାସ ମଧ୍ୟରେ ୪ରୁ୫ଟି ଆଖୁ ଗଛକୁ ଏକାଠି ବାନ୍ଧନ୍ତୁ। ଅଧିକ ସୂର୍ଯ୍ୟକିରଣ ମିଳିଲେ ଆଖୁଗଛ ଭଲ ବଢ଼ିଥାଏ। ଅତ୍ୟଧିକ ଜଳସେଚନ ଏହି ଫସଲ ପାଇଁ କ୍ଷତିକାରକ। ମାଟି ସନ୍ତସନ୍ତିଆ ରହିଲେ ନାଲିଶଢା ରୋଗ ଦେଖାଯାଇଥାଏ। ଆଖୁରସରେ ସର୍କରା ଅଂଶ ଶତକଡା ୧୮ ଭାଗ ଥିଲାବେଳେ ଅମଳ କରନ୍ତୁ। ଅମଳ ପରେ ଆଖୁକୁ ଚିନିକଳକୁ ଶୀଘ୍ର ପଠାନ୍ତୁ। ଆଖୁରସ ବା ଦୋରୁଅରୁ ଗୁଡ଼ ପ୍ରସ୍ତୁତ କରାଯାଇଥାଏ । ଗୁଡ଼ ରାନ୍ଧି ବିକିଲେ ଏଥିରୁ ଅଧିକ ଲାଭ ମିଳିଥାଏ।

ମୋ: ୭୮୯୪୩୩୫୩୭୧

# ଜିରୋ ବଜେଟ କୃଷି

(ଦ୍ୱିତୀୟ ଭାଗ)

ଶସ୍ୟ ସଂରକ୍ଷଣ ଦ୍ୱାରା ଫସଲ ଅମଳ ଶତକଡ଼ା ପ୍ରାୟ ୧୫ ରୁ ୨୦ ଭାଗ ବଢ଼ିଥାଏ । ଜଳବାୟୁ ପରିବର୍ତ୍ତନ ଯୋଗୁ ଫସଲରେ ରୋଗପୋକ ପ୍ରାଦୁର୍ଭାବ ଯଥେଷ୍ଟ ବଢ଼ିବା ନଜିର ଅଛି । ଏହାର ପ୍ରତିକାର ଲାଗି ରାସାୟନିକ କୀଟ ଓ ରୋଗନାଶକ ବିଷ ପ୍ରୟୋଗ କରିବାକୁ ପଡ଼ିବ । ଏଥିପାଇଁ ଚାଷୀ ଖର୍ଚ୍ଚାନ୍ତ ହେବା ସହ ପରିବେଶ ପ୍ରଦୂଷଣ ହୋଇଥାଏ । ଅବଶ୍ୟ ବିନା ଖର୍ଚ୍ଚରେ ଚାଷୀ ଜୈବିକ ପଦ୍ଧତିରେ ରୋଗ ଓ ପୋକ ନିୟନ୍ତ୍ରଣ କରିପାରିବେ । ଏଥିପାଇଁ ନିମ୍, ହଳଦୀ, କରଞ୍ଜ, ତୁଳସୀ, ପାଳଧୁଆ, ବେଗୁନିଆ ଆଦି ଗଛର ପତ୍ରର ରସ କିମ୍ବା ତେଲ ପ୍ରୟୋଗ ଦ୍ୱାରା ପ୍ରାରମ୍ଭିକ ଅବସ୍ଥାରେ ରୋଗପୋକ ନିୟନ୍ତ୍ରଣ ହୋଇପାରିବ । କିନ୍ତୁ ଜୈବିକ ଉପାୟରେ ରୋଗ ପୋକ ନିୟନ୍ତ୍ରଣ ଶତପ୍ରତିଶତ ହୋଇପାରେ ନାହିଁ । ପୁନଶ୍ଚ ନିର୍ଦ୍ଦିଷ୍ଟ ରୋଗପୋକର ନିରୋଧ ପାଇଁ ଉପଯୁକ୍ତ ଜୈବ ରସାୟନ ଏପର୍ଯ୍ୟନ୍ତ ସ୍ଥିର ହୋଇପାରି ନାହିଁ । ତେଣୁ ନିର୍ଦ୍ଦିଷ୍ଟ ରୋଗପୋକ ଆକ୍ରମଣର ସୀମାରେଖା ଟପିଗଲେ ଜୈବ ରସାୟନର କାର୍ଯ୍ୟକାରିତା ସଫଳ ହୋଇପାରେ ନାହିଁ । ତେଣୁ ଫସଲକୁ ରୋଗପୋକ ଆକ୍ରମଣରୁ ରକ୍ଷାକରିବା ପାଇଁ ଜୈବିକ ବିଷ ସହ କିଛି ମାତ୍ରାରେ ରାସାୟନିକ ବିଷ ବ୍ୟବହାର କରିବାକୁ ପଡ଼ିବ । ଏହାକୁ ସମନ୍ୱିତ ରୋଗପୋକ ନିୟନ୍ତ୍ରଣ କୁହାଯାଏ । ସେଥିପାଇଁ ଚାଷୀକୁ କିଛି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ ।

ଅଦରକାରୀ ଘାସଲତା ଫସଲର ପରମଶତ୍ରୁ । ଏହାର ଦମନ ଦ୍ୱାରା ଫସଲ ଅମଳ ପ୍ରାୟ ୧୦ରୁ ୧୫ ଶତକଡ଼ା ବଢ଼ିଥାଏ । ଘାସର ଦମନ ପାଇଁ କେତେକ ତୃଣନାଶକ ରାସାୟନିକ ବିଷ କ୍ରୟକରି ଚାଷୀକୁ ଫସଲରେ ପ୍ରୟୋଗ କରିବାକୁ ପଡ଼ିବ । ତୃଣ ଦମନ ପାଇଁ ଏପର୍ଯ୍ୟନ୍ତ ଜୈବ ରସାୟନ ଔଷଧ ବାହାରିପାରିନାହିଁ । ଚାଷୀ ନିଜର ଶ୍ରମ ଦେଇ କିମ୍ବା ହାତ ତିଆରି ସରଳଯନ୍ତ୍ର ଦ୍ୱାରା ଘାସ ଦମନ କରିବାକୁ ପଡ଼ିବ, ଯାହାକି ସମୟ ସାପେକ୍ଷ । ଏହି ସମୟରେ ଫସଲର ଅମଳ ୨୫ ରୁ ୩୦ ଶତକଡ଼ା କମିଯିବ ।

ଦେଶର ପାର୍ବତ୍ୟ ଏବଂ ଜଙ୍ଗଲଭରା ସିକ୍କିମ ଏକମାତ୍ର ରାଜ୍ୟ ଯେଉଁ ରାଜ୍ୟରେ ସମ୍ପୂର୍ଣ୍ଣ ଜୈବକୃଷିକୁ ଚାଷୀ ଆପଣେଇଛନ୍ତି, କିନ୍ତୁ ଜିରୋ ବଜେଟ କୃଷିକୁ ନୁହେଁ । ସିକ୍କିମର ମାଟିରେ ଅଙ୍ଗାର ଅଂଶ ଅଧିକ ଏବଂ ଉର୍ବର । ତେଣୁ ରାସାୟନିକ ସାରର ଆବଶ୍ୟକତା ପ୍ରାୟ କମ୍ । ଦ୍ୱିତୀୟତଃ ଗଡ଼ାଣିଆ କ୍ଷେତରେ ରାସାୟନିକ ସାର ଧୋଇ ନଷ୍ଟ ହୁଏ । ଗଡ଼ାଣିଆ ଜମିରେ କୃଷିଯନ୍ତ୍ରପାତିର ବ୍ୟବହାର ସହଜ ହୋଇ ନ ଥିବାରୁ ଚାଷୀ ନିଜ ଶ୍ରମରେ ସୀମିତ ଜମିରେ ସବୁଦିନିଆ ପନିପରିବା ଚାଷ କରିପାରନ୍ତି । କିନ୍ତୁ ଚାଷୀକୁ ଉନ୍ନତ କିସମ ପନିପରିବା ବିହନ କିଣିବାକୁ ପଡ଼େ । ଝରଣା ଜଳକୁ ଅଟକାଇ ଚାଷୀ ଫସଲରେ ଜଳସେଚନ କରନ୍ତି । ସିକ୍କିମ ପରି କ୍ଷୁଦ୍ର ରାଜ୍ୟରେ ଜିରୋ ବଜେଟ କୃଷି ୭୦ ରୁ ୮୦ ଭାଗ ସଫଳ ହୋଇପାରେ । କିନ୍ତୁ ଆବଶ୍ୟକ ଫସଲ ଅମଳ ମିଳେ ନାହିଁ।



ଆଧୁନିକ କୃଷି ପଦ୍ଧତି ଦ୍ୱାରା ବର୍ତ୍ତମାନ ଦେଶର ୧୩୦ କୋଟି ଲୋକଙ୍କ ପାଇଁ ୨୩୮.୩୩ ମିଲିୟନ ଟନ ଖାଦ୍ୟଶସ୍ୟ ଉତ୍ପନ୍ନ ଦ୍ୱାରା ଦେଶ ଖାଦ୍ୟଶସ୍ୟରେ ସ୍ୱାବଲମ୍ବୀ ହୋଇପାରିଛି । ସମୀକ୍ଷାରୁ ଜଣାଯାଏ ଦେଶର ବର୍ଦ୍ଧିତ ଲୋକସଂଖ୍ୟା ହେତୁ ୨୦୫୦ ମସିହା ବେଳକୁ ଖାଦ୍ୟଶସ୍ୟ ପ୍ରାୟ ୩୩୩ ମିଲିୟନ ଟନ ଆବଶ୍ୟକ ହେବ । ଏହି ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ଜୈବ ଏବଂ ଜିରୋ ବଜେଟ କୃଷି ଦ୍ୱାରା ପ୍ରାୟ ସମ୍ଭବ ହୋଇପାରିବ ନାହିଁ । ଜିରୋ ବଜେଟ କୃଷି କେବଳ ନାମମାତ୍ର ଏବଂ କ୍ଷୁଦ୍ରଚାଷୀ ପକ୍ଷରେ କିଛିଟା ସମ୍ଭବ ହୋଇପାରେ । ମଧ୍ୟମ ଏବଂ ଧନୀଶ୍ରେଣୀର ଚାଷୀମାନଙ୍କ ପାଇଁ ଜିରୋ ବଜେଟ କୃଷି ଲାଭଜନକ କେତେଦୂର ସମ୍ଭବ ତାହା ବିଚାରଯୋଗ୍ୟ ।

– ପ୍ର.ସୁବୋଧ କୁମାର ସାହୁ
ଶୈଳଶ୍ରୀବିହାର, ଭୁବନେଶ୍ୱର, ମୋ: ୯୫୫୬୨୬୬୦୮୫

# ପ୍ରାଣୀ ଚିକିତ୍ସା ଦେଉଛି ଆତ୍ମସନ୍ତୋଷ



ପ୍ରିୟବ୍ରତ ରାଉତ

ପିଲାଟି ଦିନରୁ ତାଙ୍କର ପ୍ରାଣୀ(ଉଭୟ ଗୃହପାଳିତ ପଶୁ ଓ ପକ୍ଷୀ)ଙ୍କ ପ୍ରତି ଥିଲା ଅହେତୁକ ଦରଦ। ଆଉ ପ୍ରାଣୀଟିଏ ଦେଖିଲେ ତା'ର ମୁଣ୍ଡ, ଦେହ ଆଉଁସି ଦେଇ ସେବା କରିବାରେ ତାଙ୍କୁ ମିଳୁଥିଲା ଢେର ଆନନ୍ଦ। ପରବର୍ତ୍ତୀ ସମୟରେ ପ୍ରାଣୀ ଚିକିତ୍ସା ବିଭାଗରେ ହିଁ ମିଳିଲା ଚାକିରି। ପ୍ରାଣୀ ସେବାକୁ ନିଜର ବ୍ରତ ଭାବେ ଆଦରି ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଉଦାହରଣ ସୃଷ୍ଟି କରିବାରେ ହୋଇଛନ୍ତି ସଫଳ । ସେ ହେଲେ ପ୍ରିୟବ୍ରତ ରାଉତ। ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ । ଭଦ୍ରକ ଜିଲା ବନ୍ତ ବ୍ଲକ ସରମରା ଗ୍ରାମରେ ତାଙ୍କର ଜନ୍ମ। ମା' ସାବିତ୍ରୀ ଓ ପିତାଙ୍କ ନାମ ଆନନ୍ଦ ଚନ୍ଦ୍ର ରାଉତ। ପ୍ରାଣୀଙ୍କ ପ୍ରତି ଆନ୍ତରିକତା ଯୋଗୁ ସେ +୨ ଭୋକେସନାଲ ଶିକ୍ଷା ପରେ ପ୍ରାଣୀସେବା ସମ୍ପର୍କିତ କାର୍ଯ୍ୟଲାଗି ଆଗ୍ରହୀ ହେଲେ। ତେବେ ୨୦୧୧ରେ ମିଳିଗଲା ସୁଯୋଗ। ଏହିବର୍ଷ ସେ ନିଯୁକ୍ତି ପାଇ ସମ୍ବଲପୁରର ଚିପିଲିମାସ୍ଥିତ ଲାଇଭଷ୍ଟକ୍ ବ୍ରିଡିଙ୍ଗ ଫାର୍ମରେ ନେଲେ ପ୍ରଶିକ୍ଷଣ । ୨୦୧୨ରେ ବନ୍ତ ବ୍ଲକ ଆଡିଆ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପ୍ରଥମେ ନିଯୁକ୍ତି ପାଇଥିଲେ। ପ୍ରାଣୀ ନିରୀକ୍ଷକ ଭାବେ ଆରମ୍ଭ ହେଲା କର୍ମମୟ ଜୀବନ। ନିଶା ସହ ପେଶାର ହେଲା ସମ୍ମିଳନ। ଏହି କାର୍ଯ୍ୟରେ ସେ ସମ୍ପୂର୍ଣ୍ଣ ମନୋନିବେଶ କରିଦେଲେ। ସଫଳ ଚିକିତ୍ସା ପାଇଁ ଗୋପାଳକ ଓ ଚାଷୀମାନଙ୍କ ପାଖରେ ସେ ଏବେ ସୁପରିଚିତ। ଗୋଚର ଜମି ହ୍ରାସ ପାଉଥିବାରୁ ବିଭିନ୍ନ କିସମର ଘାସ ଚାଷ ଲାଗି ଓଡଙ୍ଗ ଅଞ୍ଚଳର ଚାଷୀଙ୍କୁ ପରାମର୍ଶ ସହ ସହଯୋଗ କଲେ। ଏବେ ସେଠାରେ ଗୋପାଳକମାନେ ନିଜ ଗାଈ ପାଇଁ ଘାସ ଉତ୍ପାଦନ କରାଇବାକୁ ସକ୍ଷମ ହେଉଛନ୍ତି। ବିଦେଶୀ ଗାଈଙ୍କଠାରୁ କୃତ୍ରିମ ପ୍ରଜନନ ମାଧ୍ୟମରେ ସଙ୍କର ଜାତୀୟ ବାଛୁରୀ ସୃଷ୍ଟି କରି ଗୋପାଳକମାନଙ୍କୁ ଲାଭବାନ ହେବାର ବାଟ ଦେଖାଇବା, ବେକାର ଯୁବକଙ୍କୁ ପଲ୍ଟ୍ରୀଫାର୍ମ ମାଧ୍ୟମରେ ସ୍ୱାବଲମ୍ବୀ କରାଇବା କାର୍ଯ୍ୟ ସେ ଜାରି ରଖିଛନ୍ତି। ପ୍ରାଣୀ ଚିକିତ୍ସା ବ୍ୟତୀତ ବିଭିନ୍ନ ସାମାଜିକ କାମ କରି ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେ। ନିଖିଳ ଉତ୍କଳ ଜିଲା ଅଣ-ଗେଜେଟେଡ ବୈଷୟିକ କର୍ମଚାରୀ ସଂଘର ଭଦ୍ରକ ଜିଲା ଉପସଭାପତି ଭାବେ ୨୦୧୬ରୁ ଦାୟିତ୍ୱ ତୁଲାଉଛନ୍ତି। ଉତ୍ତମ ଚିକିତ୍ସା ସେବା ପାଇଁ ୨୦୧୭ରେ ହରେକୃଷ୍ଣ ମହତାବଙ୍କ ଜିଲା ସ୍ତରୀୟ ମହତାବ ଜୟନ୍ତୀ କମିଟି, ପଣ୍ଡିତ ପୁରୁଷୋତ୍ତମ କରଶର୍ମାଙ୍କ ଜୟନ୍ତୀ ସମାରୋହରେ ଭଦ୍ରକ ଶହୀଦ ସ୍ମୃତି ଭବନ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହାବ୍ୟତୀତ ପ୍ରାଣୀଙ୍କ ସମ୍ବନ୍ଧୀୟ ତାଙ୍କର ନିବନ୍ଧ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଛି। ଏବେ ସେ ଓଡଙ୍ଗ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପ୍ରାଣୀ ନିରୀକ୍ଷକ ଭାବେ କାର୍ଯ୍ୟରତ। ତେବେ କଥା କହି ପାରୁ ନ ଥିବା ଏହି ପ୍ରାଣୀଙ୍କର ଚିକିତ୍ସାରେ ନିଜକୁ ଆତ୍ମସନ୍ତୋଷ ମିଳିଥାଏ ବୋଲି କୁହନ୍ତି ପ୍ରିୟବ୍ରତ।

– ସନାତନ ରାଉତ

# ପନିପରିବାରେ ରୋଗପୋକ ଦମନ

ଖରାଦିନିଆ ପନପରିବା ଯଥା ଭେଣ୍ଡି କଖାରୁ,ତରଭୁଜ (ସୁଗାରବେବି) ଓ ଲାଉ (ପୁଷା ସମର ) ଆଦି ଲଗାଇବା କାମ ଶେଷ କରନ୍ତୁ। ଲଙ୍କା ଫସଲରେ ଉକୁଣୀଆ ପୋକ ଲାଗିଥିଲେ ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨.୫ମିଲି ହିସାବରେ ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣ ଏବଂ ଟମାଟୋରେ ବୀଜାଣୁ ଓ କବକ ଜନିତ ଝାଉଁଳା ରୋଗର ଦମନ ଲାଗି ପ୍ରତି ୧୦ ଲିଟର ପାଣିରେ ଏକ ଗ୍ରାମ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ସହିତ ୨୦ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ମୂଳ ମାଟି ଭିଜିଲା ଭଳି ସିଞ୍ଚନ କରନ୍ତୁ। ଟମାଟୋରେ ଫଳବିନ୍ଧା ପୋକ ଲାଗିବାର ଆଶଙ୍କା ଅଛି । ଏହାର ନିୟନ୍ତ୍ରଣ ସକାଶେ ପ୍ରତି ଏକ ଲିଟର ପାଣିରେ ୨ ମିଲି ଏଣ୍ଡୋସଲଫାନ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ୨୫୦ଏଲ.ଇ.ଏନ୍.ପିଭି. ପ୍ରୟୋଗ କରନ୍ତୁ।



## ସେବତୀ

ଫୁଲ ଆସିବା ଅବସ୍ଥାରେ ସେବତୀ ମୂଳରେ ପୁଆ ବାହାରିଲେ ସେଗୁଡ଼ିକୁ ବାହାର କରିଦିଅନ୍ତୁ ଏବଂ ଫୁଲ ସରିବା ପରେ ବାହାରୁଥିବା ପୁଆଗୁଡ଼ିକୁ ମାଆ ଗଛ ରୂପେ ବ୍ୟବହାର ପାଇଁ ରଖନ୍ତୁ। ମେଘୁଆ ପାଗରେ ସେବତୀରେ ଜଉପୋକର ଲାଗିବାର ଆଶଙ୍କା ରହିଥାଏ। ଏହାର ଦମନପାଇଁ ଏକର ପ୍ରତି ୪୦୦ମିଲି ମିଥାଇଲ ଡେମିଟନ୍ କିମ୍ବା ଡାଇମେଥୋଏଟ୍ ସିଞ୍ଚନ କରନ୍ତୁ।

**ଆମ୍ବ:** ଆମ୍ବ ବଉଳ ବାହାରିବା ସମୟରେ ଆମ୍ବ ଡାଆଣୀ,ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗ ହେବାର ଆଶଙ୍କା ଅଛି। ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ଗ୍ରାମ୍ ସଲ୍‌ଫର ସେଚିତ ଗୁଣ୍ଡ ଏବଂ ଆମ୍ବ ଡାଆଣୀରେ ଦମନ ଲାଗି ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ।



# ଚାଷୀଙ୍କ ପାଇଁ...

**ସୋରିଷ:** ଅଣଜଳସେଚିତ ଜମିରେ ଅକ୍ଟୋବର ମାସରେ ଲଗାଯାଇଥିବା ସୋରିଷରେ ଛୁଇଁ ହଳଦିଆପଡିଲେ ଅମଳ କରି ଖରାରେ ୨ରୁ ୩ଦିନ ଶୁଖାଇ ଅମଳ କରନ୍ତୁ। ସୋରିଷରେ ବିଣ୍ଡାପୋକ (ଲାର୍ଜର କ୍ୟାବେଜ୍ ମଥ୍)ର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ ମିଶାଇ ସିଞ୍ଚନ କରନ୍ତୁ।



**ରବି ସୂର୍ଯ୍ୟମୁଖୀ :**ଫଳବିନ୍ଧା ପୋକର ଦମନ ପାଇଁ ଜୈବ ଔଷଧ ଏକର ପ୍ରତି ୨୫୦ଏଲ.ଇ ଏନ.ପି.ଭି କିମ୍ବା ବି.ଟି.କେ ୫୦୦ଗ୍ରାମକୁ ୫୦୦ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ଆବଶ୍ୟକ ହେଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ ସିଞ୍ଚନ କରନ୍ତୁ।

# ନିମ୍ବର ବ୍ୟବହାର...



**ନିମ୍ବଶସ:** ଫଳ ପାକଳ ହେଲା ପରେ ସେଥିରୁ ମଞ୍ଜି ବାହାର କରି ଶସକୁ ଖରାରେ ଶୁଖାଯାଏ । ଭଲ ଭାବରେ ଶୁଖିଗଲା ପରେ ଶସକୁ ଗୁଣ୍ଡ କରି ଦିଆଯାଏ । ୩୦୦ ଗ୍ରାମ୍ ଗୁଣ୍ଡକୁ ୧ ଲିଟର ପାଣିରେ ୩୦ ମିନିଟ୍ ପର୍ଯ୍ୟନ୍ତ ଭଲ ଭାବରେ ଘଣ୍ଟାଯାଏ । ଏହି ଦ୍ରବଣ ବା ମିଶ୍ରଣକୁ କୀଟ ନିୟନ୍ତ୍ରକ ହିସାବରେ ବ୍ୟବହାର କରାଯାଏ। ନିମ୍ବ ଶସରୁ ପ୍ରସ୍ତୁତ କୀଟନାଶକକୁ ପ୍ରତି ୧ ଲିଟର ପାଣି ପ୍ରତି ୫ ମି.ଲି. ହିସାବରେ ଫସଲରେ ସିଞ୍ଚନ କରାଯାଇ କୀଟ ନିୟନ୍ତ୍ରଣ କରାଯାଏ। ଏହା ସାଧାରଣତଃ ଧାନର କେଣ୍ଡାକଟା ପୋକ, ମାଟିଆଗୁଣ୍ଡି, ହଳଦୀଗୁଣ୍ଡି, ନଳିପୋକ, ଗନ୍ଧିପୋକ, ଉକୁଣିଆ ପୋକ, ଅଷ୍ଟପଦୀ, ସୋରିଷ ଏବଂ କପା ଫସଲର ଜଉପୋକ, ଡାଲିଜାତୀୟ ଫସଲର ଛୁଇଁବିନ୍ଧା ପୋକ, ବିରିର ଚେରଗଣ୍ଠି ନିମାଟୋଡ୍ ରୋଗ, କପାର ଧଳାମାଛି, ବାଇଗଣର ଜଉ ପୋକ, ଫଳବିନ୍ଧା ପୋକ ଓ ଆମ୍ବର ଡାଆଣୀ ନିମନ୍ତେ ପ୍ରୟୋଗ କରାଯାଏ ।

**ନିମ୍ବଛେଲି ବା ବକଳା:** ନିମ୍ବଗଛର ଛେଲି ବା ବକଳାକୁ ଗୁଣ୍ଡ କରି ବାଇଗଣ ଓ ଟମାଟୋ ଗଛମୂଳରେ ଦେଲେ ସମସ୍ତ ପ୍ରକାରର କବକ, ଶାକାଣୁ ଏବଂ ସୂତ୍ର କୃମିଜନିତ ଝାଉଁଳା ରୋଗ ନିୟନ୍ତ୍ରଣ ହୋଇଥାଏ । ସାଧାରଣତଃ ଏକର ପ୍ରତି ୧୦ କେ.ଜି. ନିମ୍ବ ଛେଲିଗୁଣ୍ଡ ଦରକାର ପଡ଼ିଥାଏ ।



# ବିରୋଧୀଙ୍କ ହୀନ ଚକ୍ରାନ୍ତ ଭାରତକୁ ବିଶ୍ୱରେ ବଦନାମ କରୁଛି: ରାମ ମାଧବ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ହେଉଛି ନାଗରିକତ୍ୱ ଦେବାର ଆଇନ। ଏହା କାହାର ନାଗରିକତ୍ୱ ନେବନାହିଁ। ଏହି ସଂଶୋଧନରେ କୌଣସି ବିବାଦ ନାହିଁ କି କାହା ପ୍ରତି କିଛି ବାଛବିଚାର ନାହିଁ। ଏହାକୁ ବିରୋଧୀମାନେ ଜାଣିଶୁଣି ବିବାଦୀୟ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ଦେଶରେ ଶାନ୍ତି ଚାହୁଁ ନ ଥିବା ବିରୋଧୀମାନେ ଏବଂ ସେମାନଙ୍କ ସମର୍ଥକ ହିଂସା କରିବା ପାଇଁ ଉସୁକାଉଛନ୍ତି। ବିରୋଧୀମାନେ ବିନା କାରଣରେ ଏହି ସଂଶୋଧନ ଆଇନକୁ ବିରୋଧ କରିବା ପାଇଁ ବାହାରିଛନ୍ତି। ସେମାନଙ୍କର ଏହି ହୀନ ଚକ୍ରାନ୍ତ ପାଇଁ ଭାରତ ବିଶ୍ୱରେ ବଦନାମ ହେଉଛି ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାମ ମାଧବ ମଙ୍ଗଳବାର ଏହା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାମ ମାଧବ କହିଛନ୍ତି, ଶରଣାର୍ଥୀଙ୍କୁ ନାଗରିକତ୍ୱ ଦେବାରେ ବିଶ୍ୱରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ସଂଶୋଧନ ଆଇନ ପଡ଼ୋଶୀ ଦେଶରେ ଧାର୍ମିକ



ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାମ ମାଧବ ଏବଂ ଅନ୍ୟମାନେ।

ଆଧାରରେ ପ୍ରପୀଡିତ ହୋଇ ଜୀବନ ବିତାଉଥିବା ଲକ୍ଷଲକ୍ଷ ଲୋକଙ୍କୁ ନୂଆ ଜୀବନ ଦେଇଛି। ସାରା ଦେଶରେ ଏବେ ସିଏଏ ପ୍ରସଙ୍ଗରେ ଆଲୋଚନା ଚାଲିଛି। ଏହି ଆଇନ ସମ୍ପର୍କରେ ଭୁଲ ଧାରଣାର ଶିକାର ଲୋକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କେତେକ ରାଜନୈତିକ ଦଳ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧୀ ଏହାକୁ ଏକ ସୁଯୋଗ ବୋଲି ଗ୍ରହଣ କରିନେଇ ପରିସ୍ଥିତିକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିଦେଇଛନ୍ତି। ତେଣୁ ଏହି ଆଇନର ବାସ୍ତବତା ସମ୍ପର୍କରେ ସମସ୍ତେ ଜାଣିବା ଜରୁରୀ। ଏଥିପାଇଁ ଭାଜପା ପକ୍ଷରୁ ସାରା ଦେଶରେ ଜନଜାଗରଣ କାର୍ଯ୍ୟକ୍ରମ କରାଯିବା ସହିତ ବୁଦ୍ଧିଜୀବୀମାନଙ୍କ ସହିତ ସମ୍ପର୍କ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଐତିହାସିକ ଦ୍ୱିତୀୟବାର ନିର୍ବାଚନ ବିଜୟ, ତିନି ତଲାକ୍ ବିଲ୍, ଅଯୋଧ୍ୟା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ, ସମ୍ବିଧାନର ଧାରା ୩୭୦ ଉଚ୍ଛେଦ- ଏସବୁ ଘଟଣାରେ ସମ୍ଭବତଃ ବିରୋଧୀ ଦଳଗୁଡିକ କିଛି କରି ନ ପାରି ହତୋତ୍ସାହିତ ହୋଇପଡିଛନ୍ତି। କିନ୍ତୁ ଭାରତ କେବେହେଲେ ଏଭଳି ନୈରାଶ୍ୟବାଦ ଓ ନକାରାତ୍ମକ ରାଜନୀତିକୁ ଗ୍ରହଣ କରିବ ନାହିଁ। ନାଗରିକତ୍ୱ ସଂଶୋଧନ ଆଇନ ଆଣି ବିଶ୍ୱ ଦରବାରରେ ପାକିସ୍ତାନରେ ଅଣମୁସଲମାନମାନଙ୍କ ଉପରେ ହେଉଥିବା ଆକ୍ରମଣର କଥା ସାରା ବିଶ୍ୱକୁ କହିବାର ସୁଯୋଗ ଥିଲା। କିନ୍ତୁ ବିରୋଧୀଙ୍କ ଚକ୍ରାନ୍ତ ପାଇଁ ସେ ସୁଯୋଗ ଆମେ ହରାଇଲୁ। ଅନେକ ସମୟରେ ପାକିସ୍ତାନକୁ କ୍ଲିନଚିଟ୍ ଦେବା ଲାଗି କଂଗ୍ରେସ ଚେଷ୍ଟା କରୁଛି। ପୁଲ୍‌ୱାମା ଘଟଣାରେ ମଧ୍ୟ କଂଗ୍ରେସ ଏପରି କରିଥିଲା। ଆତଙ୍କବାଦୀ ଲିଙ୍କ୍‌ରେ ଜଣେ ପୋଲିସ ଧରାପଡିବା ପରେ କଂଗ୍ରେସ ଦଳ ସମ୍ପୂର୍ଣ୍ଣ ସିକ୍ୟୁରିଟି ସିଷ୍ଟମ ଉପରେ ଭ୍ରଷ୍ଟାଚାର ଦୋଷ ଲଦିବା ଆରମ୍ଭ କରିଛି। କଂଗ୍ରେସର ମଙ୍ଗଳବାର ଟୁଇଟ୍‌ରୁ ଏହା ଜଣାପଡୁଛି। ପାକିସ୍ତାନକୁ ବଞ୍ଚାଇବାକୁ କଂଗ୍ରେସର ଏହା ପ୍ରଥମ ପ୍ରୟାସ ନୁହେଁ। ମୁମ୍ବାଇରେ ଘଟିଥିବା ବଡ ଧରଣର ଆତଙ୍କବାଦୀ ଆକ୍ରମଣ ସମୟରେ ମଧ୍ୟ ପାକିସ୍ତାନକୁ ବଞ୍ଚାଇବାକୁ କଂଗ୍ରେସ ଚେଷ୍ଟା କରିଥିଲା। ପାକିସ୍ତାନକୁ ଆଙ୍ଗୁଠି ଉଠାଇଲେ କଂଗ୍ରେସକୁ ବାଧୁଛି। ସିଏଏ ନିଷ୍ପତ୍ତି ସମ୍ପୂର୍ଣ୍ଣ ଠିକ୍, ଯାହାକୁ କୋର୍ଟ ଯିଏ ଅଛି ଯାଆନ୍ତୁ ବୋଲି ରାମ ମାଧବ କହିଛନ୍ତି।

# ଗବେଷକ ରଙ୍ଗାଧର ଷଡ଼ଙ୍ଗୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୧୪।୧**

ଢେଙ୍କାନାଳର ବିଶିଷ୍ଟ ଗବେଷକ, ବାଗ୍ମୀ ଏବଂ ସୃଜନଶୀଳ ଭାଷ୍ୟକାର ପ୍ରଫେସର ରଙ୍ଗାଧର ଷଡ଼ଙ୍ଗୀଙ୍କ ସୋମବାର ଅପରାହ୍ନ ସାଢ଼େ ୩ଟାରେ ଷ୍ଟେଶନ ବଜାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ବର୍ଷ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ବହୁ ସାହିତ୍ୟିକ, କବି, ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଲୋକକଳା ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶ୍ରୀରାମ ଚରିତ ମାନସର ସଂସ୍କୃତ ଅନୁବାଦ, ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ଭାଷ୍ୟସମୂହର ଓଡ଼ିଆ


ପ୍ରଫେସର ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ

ଅନୁବାଦ, ମହାନାଟକର ମହାଅନୁବାଦ, ଚୈତନ୍ୟ ଚରିତାମୃତ, ଶ୍ରୀକୃଷ୍ଣ ପ୍ରେମ ତରଙ୍ଗିଣୀର ଓଡ଼ିଆ ଅନୁବାଦ, ସଂସ୍କୃତି ବିଭାଗ ଦ୍ୱାରା ପ୍ରକାଶିତ ଶ୍ରୀମଦ୍ ଭଗବତ ଗୀତା ପ୍ରେସ୍ ଆନୁକୂଲ୍ୟରେ ପ୍ରକାଶିତ ସତ୍‌ଗ୍ରନ୍ଥ ସମୂହ ସଙ୍କଳନ କରି ସେ ନିଜ ଦକ୍ଷତାର ପ୍ରତିପାଦନ କରିଥିଲେ।


Government of Odisha — No.: O-815

## OFFICE OF THE EXECUTIVE ENGINEER
## RURAL WORKS DIVISION - II, DHENKANAL, KAMAKHYANAGAR

E-mail: rw.kamakhyanagarl@yahoo.co.in

**e-Procurement Notice No.-13 / Building & Road Work / 2019-20**

| | | | |
|---|---|---|---|
| 1. | Name of the Work | : | Building & Road Work |
| 2. | Total No. of Works | : | 03 (Three) Nos. |
| 3. | Tender Cost | : | Rs.2.15 Lakhs to Rs.17.40 Lakh (Approx.) |
| 4. | Class of Contractor | : | "D" & C" Class |
| 5. | Period of Completion | : | 1 (One) & 06 (Six) Calendar Months |
| 6. | Availability of Tender Online for Bidding | : | 18.01.2020 at 11.00 A.M. to 24.01.2020 upto 5.00 P.M. |
| 7. | Last date & time of seeking tender clarification | : | 22.01.2020 upto 4.00 P.M. |
| 8. | Date & time of opening of Technical Bid | : | 27.01.2020 at 11.00 A.M. |
| 9. | Date & time of opening of Financial Bid | : | 27.01.2020 at 11.00 A.M. |

Other details can be seen from the website http://tendersorissa.gov.in.

Sd./- Executive Engineer
25094/11/0010/1920 R.W. Division-II, Dhenkanal, Kamakhyanagar

## OFFICE OF THE DISTRICT PROJECT COORDINATOR
SAMAGRA SIKSHYA, SUBARNAPUR

E-mail: dpcsonepurssa.opepa@nic.in, Ph.: 06654-220551 / 06654-220514 (Fax)

No.: 101 Date: 14.01.2020

**OFFICE ORDER**

This is for information of all concerned that the draft list for engagement of Part Time Instructor in Physical Education and Art Education against vide No. 2731 Dtd.29.12.2018 has been published in the OSEPA website **(www.osepa.odisha.gov.in)** and Subarnapur District website **(www.subarnapur.nic.in)**. The candidates are hereby informed to file their objections, if any, regarding data published in the draft list by 22nd Jan. 2020 (during official hours) with proof to substantiate their claim. No objections shall be entertained after the due date.

**Sd./- District Project Coordinator, Samagra Sikshya, Subarnapur**

ଶିକ୍ଷା ଅଧିକାର

## OFFICE OF THE DISTRICT PROJECT COORDINATOR
SAMAGRA SIKSHYA, KANDHAMAL

No.: 106/Pdgy/20 Date: 14.01.2020

**SHORT TENDER CALL NOTICE FOR PRINTING AND SUPPLY OF QUESTION-CUM-BLANK ANSWER SHEET & STUDENTS REPORT CARD, 2020**

Sealed tenders are invited from the reputed offset printers having valid GST/TIN/PAN/TAN/VAT Clearance & registration of firm etc. for printing and supply of Question-cum-Blank Answer Sheets for SUMMATIVE ASSESSMENT-II, 2019-20 (Odia/English/Sanskrit/Hindi/Kui Language) for Assessment Exercise & Students Report Card (Class I to VIII). The tender papers (Bid documents) containing detailed specification with terms and conditions can only be obtained by downloading from Kandhamal NIC website i.e. **http://kandhamal.nic.in** and OPEPA website **http://www.opepa.in**. The cost of tender paper is Rs.1000.00 (Rupees one thousand only) which is non-refundable & to be deposited along with the tender papers in shape of Bank Draft drawn in favour of District Project Coordinator, Samagra Sikshya, Kandhamal, Phulbani. Last date of receipt of the tender paper is 27.01.2020 (upto 5 P.M.). Tender will be opened on **28.01.2020 at 11.30 A.M.** in the Office of the District Project Office, Samagra Sikshya, Kandhamal. The authority reserves the right to cancel all or any or part of the tenders without assigning any reason thereof.

By order of
Collector & DM, Kandhamal
**Sd./- District Project Coordinator**
**Samagra Sikshya, Kandhamal**

## PANCHAYAT SAMITI OFFICE, HEMGIR, DIST.- SUNDARGARH

No.111 **CORRIGENDUM** Date: 14.01.2020

The amount Rs.6,000/- in Column No. 6 (Cost of the tender paper nonrefundable) against Sl. No. 11 of the project " Renovation of the Shiv Sagar Bandh" advertised vide this office letter No. 12 dated. 02.01.2020 (Tender Call Notice No.1) may be read as Rs.10,000/-.

Like-wise the tender paper shall be sold upto 18.01.2020 on working days between 11.00 AM to 5.00 PM and hence the last date of receipt of tender paper is extended up to 20.01.2020 (5.00PM) and the tender papers shall be opened on 22.01.2020 at 11.00 AM for the aforesaid project only. All other terms and conditions shall stand as notified.

Sd./-
Block Development Officer,
Hemgir

ଓଡ଼ିଶା ସରକାର

## ଉଚ୍ଚଶିକ୍ଷା ବିଭାଗ

**2019-20 ଶିକ୍ଷା ବର୍ଷର +3 ପ୍ରଥମ ବର୍ଷରେ ନାମଲେଖା ଦେୟ (Admission Fee Refund) ସମ୍ବନ୍ଧରେ**

No.: N-85: +3 ପ୍ରଥମ ବର୍ଷ (୨୦୧୯-୨୦ ଶିକ୍ଷା ବର୍ଷ)ରେ ନାମ ଲେଖାଇ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେଉଁ ଛାତ୍ରଛାତ୍ରୀଙ୍କର Admission Fee Refund ପାଇବାରେ ଥିଲା, ତାହା CAF (Common Application Form)ରେ ପ୍ରଦତ୍ତ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ପ୍ରଦାନ କରାଯାଇଅଛି। ରିଫଣ୍ଡ ହେବା ପାଇଁ ଥିବା Rs.9,28,52,444/- ଟଙ୍କା ମଧ୍ୟରୁ ଏ ପର୍ଯ୍ୟନ୍ତ Rs.7,71,87,608/- ଟଙ୍କା Refund କରାସରିଲାଣି। Dead Account, Wrong Account Number, Wrong IFSC ଇତ୍ୟାଦି କାରଣ ଯୋଗୁଁ ଯେଉଁ ଛାତ୍ରଛାତ୍ରୀମାନଙ୍କର Refund ଟଙ୍କା ପଠାଯାଇ ପାରି ନାହିଁ, ତାହାର List ଉଚ୍ଚଶିକ୍ଷା ବିଭାଗର SAMS ୱେବସାଇଟ୍ **www.samsodisha.gov.in**ରେ ଉପଲବ୍ଧ ଅଛି। ସେହି ଛାତ୍ରଛାତ୍ରୀମାନେ ସବିଶେଷ ତଥ୍ୟ ନିମନ୍ତେ ବିଭାଗୀୟ ଫୋନ୍ ନମ୍ବର (0674-2531977) (ଦିନ୧୧.୦୦ରୁ ଅପରାହ୍ନ ୫.୦୦ ଘଟିକା ଭିତରେ) ବା ଇମେଲ୍ (sams.payment2019@gmail.com)ରେ ଯୋଗାଯୋଗ କରିବାକୁ ଅନୁରୋଧ।

ଛାତ୍ରଛାତ୍ରୀମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ସମସ୍ତ ବିବରଣୀକୁ ନିମ୍ନଲିଖିତ ଭାବେ ପୁନଶ୍ଚ ଠିକ୍ କରିପାରିବେ ବା ପଢୁଥିବା ମହାବିଦ୍ୟାଳୟର ସାହାଯ୍ୟ ନେଇପାରିବେ। ଏ ପ୍ରକ୍ରିୟା ୨୬।୦୧।୨୦୨୦ (5.00 P.M.) ମଧ୍ୟରେ ସାରିବାକୁ ବିଶେଷ ଅନୁରୋଧ।

**STEPS TO UPDATE YOUR BANK ACCOUNT INFORMATION**

- Open your browser (Internet Explorer/Mozilla Firefox/Google Chrome).
- Type www.samsodisha.gov.in to visit SAMS Website.
- Then, Click "Degree (+3)" Tab under Higher Education
- Click on "Existing Student Login" and provide your registered mobile no and password to login.
- After login to your account, click on "Update Account Info"
- On clicking, you can see your available bank information as entered during online application.
- Now, update the correct bank information i.e. Account No, Bank Name, IFSC (in Capital letter as mentioned in Pass Book), Branch Name etc. and click on "update" button.
- Successful updation status will be shown in Pop window.
- Password can be retrieved by using "Forgot Password" option available at "Existing Student Login".

11001/11/0024/1920 **Sd./- Officer-in-Charge, PTC**

idco | ODISHA NEW OPPORTUNITIES

## ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)

IDCO, IDCO Towers, Janpath, Bhubaneswar - 751022, Odisha, INDIA
Ph.: +91-0674-2541525, 2540820 | Fax: 2542956/2541982
E-mail: cmd@idco.in / md@idco.in | Website: www.idco.in

No.: HO/P&A-HK-E-2392/2019/891 Date: 10.01.2020

**REQUEST FOR PROPOSAL**

No.: CAD-811: The Chief General Manager (P&A), IDCO, Bhubaneswar invites tenders under two-bid system (Technical & Financial) for **"Renting of 05 Nos. of Branded Photocopies"** on comprehensive basis i.e. photocopiers to be supplied, installed and fully maintained by the service provider, including the toners, ink, spare consumables, etc. Only photocopy paper shall be provided by this Office. The interested bidders are required to bid for the rate on the number of copies in a month for a period of 12 months from the date of issue of order (extendable for a further one year period subjects to satisfactory performance) in the Office of the Chief General Manager (P&A), IDCO, Bhubaneswar. The proposals must reach the undersigned in sealed covers through Registered Post/Speed Post only addressed to The Chief General Manager, (P&A), IDCO, IDCO Towers, Janpath, Bhubaneswar - 751022 **on or before 1.00 P.M. on 1st February, 2020.** However, the undersigned will not be held responsible for any delay in submission of bids. If the office happens to be eventually closed on the date of submission of the bids, the bids will be received and opened on the next working day of opening of the office at the same time and venue. IDCO will not responsible for any postal delay in receipt of the bids.

A Bank Draft of Rs.10,000/- only drawn in favour of OIIDC payable at BBSR as EMD should be submitted with Technical Bid failing which the Technical Bid will be treated as rejected.

This tender notification can also be seen in details on the official website of IDCO **http://idco.in**.

Sd./- Dr. Ganeswar Jena, OAS (SAG)
14003/11/0045/1920 Chief General Manager (P&A)

## OFFICE OF THE MUNICIPAL COUNCIL, SUNDARGARH

No. 237 Dt. 14.01.2020

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

Bid Reference No. SNGM-14/2019-20/Dt.14.01.2020

On behalf of the Sundargarh Municipality, Online e-tender **Percentage Rate Bids** are invited by the Executive Officer, Sundargarh Municipality from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works.

1. Total No. of Works for which tender invited : 05 Nos.
2. Place of Execution : Inside of Sundargarh Municipality
3. Estimated Cost of Works : Rs.1,20,212/- to Rs.40,60,939/-.
4. Eligible Class of Contractors : Registered Contractors of **Class - 'D' to Class - 'A'** as indicated against each work mentioned in the Tender Call Notice.
5. Intending bidders have to participate through **"Online"** bidding only. The website for online bidding is **https://www.tendersodisha.gov.in**.
6. The bid documents will be available in the above website from **11 A.M. on 16.01.2020 to 5 P.M. on 27.01.2020** for online bidding
7. Bids received online will be opened at **11 A.M. on 03.02.2020**.
8. The bidder must possess valid and compatible **Digital Signature Certificate (DSC)**.
9. The DTCN for 05 Nos. of work shall be available in the e-procurement portal **https://www.tendersodisha.gov.in** for Online bidding.

**Sd./- Executive Officer**
**Sundargarh Municipality**

## MAHILA VIKAS SAMABAYA NIGAM
(Govt. of Odisha Undertaking)

A-1 Block, Ground Floor, ToshaliBhawan,
Satya Nagar, Bhubaneswar- 751007
Ph.No.2573023, Tele Fax- 2573024
E-mail-mvsn_bbsr@yahoo.com

Ref. 268/MVSN Dt. 13.01.2020

**TENDER CALL NOTICE**

No.: CAD-813: Sealed tenders are invited from reputed financially sound Service providers having valid registration certificate for deployment of a Gardener at Mission Shakti Bhawan, Jagamara, Bhubaneswar.

The Tender completed in all respect shall be deposited at Mission Shakti Bhawan, Jagamara, Bhubaneswar-751030 on or before Dt.10.02.2020 by 4 P.M. through Registered Post/ Speed Post only. The application form of the tender containing General Bid information and terms & conditions can be downloaded from the website- **www.wcdodisha.gov.in** from dt.15.01.2020 to dt.10.02.2020. A Tender Fee of Rs.200 /- and EMD of Rs.3,000/- are to be deposited in shape of Demand Draft along with the Tender Application at the time of submission of the application. The authority reserves the right to cancel/modify the Tender at any point of time.

**Sd./- MANAGING DIRECTOR**
33003/11/0003/1920 **MAHILA VIKAS SAMABAYA NIGAM**

## SAMBALPUR MUNICIPAL CORPORATION
SAMABLPUR - 768001
E-mail ID: sambalpurm.hud@nic.in

**'e' Procurement NOTICE**

**Bid Identification No.: 11/SMC_SBP/2019-20**

The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities & the set of terms & conditions of contract and other necessary documents can be seen the Govt. website i.e. **https://tendersodisha.gov.in**.

| | | | |
|---|---|---|---|
| 1. | Number of Civil Works | : | 21 (Twenty One) Numbers |
| 2. | Estimated Costs | : | Rs.96,451/- to Rs.11,78,199/- |
| 3. | Period of Completion | : | As per NIT |
| 4. | Date & time of availability of the bid documents in the portal | : | From 11.00 A.M. of 14.01.2020 to 05.00 P.M. of 21.01.2020 |
| 5. | Last date/time for receipt of bids in the portal | : | 05.00 P.M. of 21.01.2020 |
| 6. | Bids will be opened on | : | 11.00 A.M. of Dt.24.01.2020 |
| 7. | Name & address of the Officer Inviting Bid | : | Municipal Commissioner, Sambalpur Municipal Corporation, Sambalpur |

**Sd./- Municipal Commissioner**
**Sambalpur Municipal Corporation**

GOVT. OF ODISHA
DEPARTMENT OF WATER RESOURCES,
O/O THE CHIEF CONSTRUCTION ENGINEER,
RENGALI RIGHT IRRIGATION PROJECT, DHENKANAL
Email Id – ccerrip@gmail.com

No.A-565 :- **'e' Procurement Notice**

The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed below:

1. Name of the work : Construction of cement concrete lining with paver finish from RD 91.500 km to 95.040 km of Right Bank Canal of Rengali Irrigation Project.
2. Tender Cost : Rs. 920.67 lakh
3. Bid Document Cost : Rs. 10,000.00 (on line) for each work
4. Bid Security : Rs. 9,20,700.00 (on line)
5. Class of Contractor : Special & Super Class
6. Period of Completion : 18(Eighteen) calendar months (547 days)
7. Other details are as follows;

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Construction Engineer, RRIP, Dhenkanal | CCERRIP-07/2019-20 | 17.01.2019 10.00 AM | 03.02.2019 5.30 PM | 04.02.2019 11.00 AM |

8. For further details and on line bidding, visit Govt. website www.tendersodisha.gov.in

Sd/- Chief Construction Engineer
32351/11/0007/1920 Rengali Right Irrigation Project, Dhenkanal

GOVERNMENT OF ODISHA — No. C-445
OFFICE OF THE SUPERINTENDING ENGINEER,
P.H. CIRCLE, NAYABAZAR, CUTTACK-753004
Ph.-0671-2440841, Fax- 0671-2440841, E-mail : sephctc@gmail.com

**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB) No.SEPHCTC-08/2019-20 Dtd.13.01.2020**

| Sl. No. | Name of the work | Estimated cost (Approx) |
|---|---|---|
| 1. | Laying of pipe line including creation of source, storage and ancillary work for water supply to uncovered area of Ananda Nagar of Ward No.1, newly developed Swastibihar, Danda road, Kainthapolia, Kalpana Das lane (Ward no.13), newly developed area at Banamaliprasad (Ward No.9), Anandabazar & Chandia Sahi, Kunjakanta of Dhenkanal Municipality under State Plan for the year 2019-20. | ₹288.74 lakh |
| 2. | Laying of pipe line including creation of source, storage and ancillary work for water supply to uncovered areas of Hindol NAC under State Plan for the year 2019-20. | ₹358.13 lakh |

1. Date & time of availability of bid document in the portal :- 11.00 hours of dt.21.01.2020 to 17.30 hours of dt.04.02.2020.
2. Last date / time of receipt of bids in the portal :- 04.02.2020 upto 05.30 P.M.
3. Date & time of opening of bids :- 05.02.2020 at 12.30 P.M.
4. Name and address of the Officer Inviting Bid :- The Superintending Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com

Further details can be seen from the web site www.tendersorissa.gov.in

13029/11/0009/1920 **Superintending Engineer, Public Health Circle, Cuttack.**

OFFICE OF THE EXECUTIVE ENGINEER
RURAL WORKS DIVISION-II, GANJAM, BERHAMPUR
Phone-0680-2404096 E-Mail: eerwgmt@yahoo.co.in
Government of Odisha e-Procurement Notice
Bid Identification No. Online Tender/10/EERWD-II/2019-20 — O-798

No.........202................./RWD-IIGB, Date 07.01.2020

| | | | |
|---|---|---|---|
| 1 | Name of the work | :: | Road Works |
| 2 | Estimated cost | :: | Rs.0.88 lakh to Rs.27.00 lakh |
| 3 | Period of Completion | :: | 1 (One) to 1 ½ (One and Half) Calendar Month as per Annexure |
| 4 | Date & Time of availability of Bid documents in the Portal | :: | From 20.01.2020 at 10.00 AM to 28.01.2020 upto 3.00 PM |
| 5 | Last Date/ Time for receipt of Bids in the Portal | :: | 28.01.2020 upto 3.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal website https://tenders.ori.nic.in/nicgep/app

25073/11/0012/1920 Executive Engineer, R.W Division-II, Ganjam, Berhampur

GOVERNMENT OF ODISHA — No. O-818
OFFICE OF THE SUPERINTENDING ENGINEER,
CENTRAL CIRCLE, RURAL WORKS, BHUBANESWAR

No.________________/Date. 08.01.2020

**"e" Procurement Notice for PMGSY & PMGSY Balance Works for the year 2019-20**

| | | | |
|---|---|---|---|
| 1. | Name of the Work | : | PMGSY & PMGSY Balance work for the year 2019-20 |
| 2. | Total No. of Packages | : | 02 Nos. |
| 3. | Estimated Cost of the Package | : | Varies from Rs. 127.02 Lakhs to Rs.176.47 lakhs |
| 4. | Class of Contractor | : | |
| | a)Estimated cost more than Rs. 40.00 lakhs up to Rs. 3.00 Crores. | : | B Class & A class (of Odisha PWD) or relevant class of other licensing authorities |
| 5. | Period of completion | : | 09(Nine) calendar months for the works costing less than Rs.3.00 Crores |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & time of submission of original financial instrument along with affidavit regarding correctness of information | Date & Time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Central Circle Rural Works, Bhubaneswar | Tender-Online-C.C.-01 of 2020 | 20.01.20 at 11.00 A.M. | 07.02.20 up to 5.00 P.M. | 03.02.20 up to 3.00 P.M. | 10.02.2020 to 11.02.2020 Up to 5.00 PM (During office hour) | 12.02.2020 at 11.00 A.M. | 24.02.20 at 11.00 A.M. |

Further details can be seen from the web site www.pmgsytenders.gov.in

Superintending Engineer
25082/11/0012/1920 Central Circle, Rural Works, Bhubaneswar

OHPC

ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE SR. GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.: CAD-809

No.-CHEP/TW-156 (Vol.-IV)/129 Date: 13.01.2020

**TENDER CALL NOTICE NO.-CHEP-18/2019-20**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible bidders dealing with Trash Rack Cleaning Machine for the following work;

| Description | Cost of Tender Paper (Non-refundable) | EMD (Refundable) |
|---|---|---|
| Supply of Spares and Operation & Maintenance Contract of GMW make Trash Rack Cleaning Machine installed at CHEP, Chiplima | Rs.11,800/- (Rs.10,000/- + GST @18%) | Rs.4,96,98,660/- EMD= Rs.4,97,000/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.17.01.2020 up to 11:30 AM of dtd.15.02.2020.

04006/11/0010/1920 Sd/- Unit Head, CHEP, Chiplima


See Career Appointment on every Wednesday & Saturday

## ମହିଳାଙ୍କୁ ମିଳିବ ତ୍ୱରିତ ନ୍ୟାୟ

# ଖୁବ୍‌ଶୀଘ୍ର ଖୋଲିବ ୪୫ ନୂଆ କୋର୍ଟ

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

ମହିଳାଙ୍କୁ ସୁରକ୍ଷା ଓ ସାମାଜିକ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହୋଇଛି। ମହିଳାମାନେ କିଭଳି ସ୍ୱାବଲମ୍ବୀ ହୋଇ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ହୋଇପାରିବେ ଓ ସମାଜରେ ଆତ୍ମସମ୍ମାନର ସହ ବଞ୍ଚିବେ, ସେଥିପାଇଁ ସେମାନଙ୍କ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ସେମାନଙ୍କୁ ବିଭିନ୍ନ ସୁବିଧାସୁଯୋଗ ପ୍ରଦାନ ସହ ବ୍ୟାଙ୍କ ଋଣ ଜରିଆରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୨୭ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଜେନା କହିଲେ, ମହିଳାମାନେ କିଭଳି ସୁରକ୍ଷିତ ରହିବେ, ସେମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ, ସେଥିପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ୪୫ ନୂତନ କୋର୍ଟ ଖୋଲାଯିବ। ଏଥିମଧ୍ୟରେ ନାବାଳିକାଙ୍କ କ୍ଷେତ୍ରରେ ହେଉଥିବା ମାମଲାଗୁଡ଼ିକର ଶୀଘ୍ର ବିଚାର ପାଇଁ ୨୪ ପୋକ୍‌ସୋ କୋର୍ଟ ରହିଛି ବୋଲି ସେ କହିଥିଲେ।

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ରାଜ୍ୟର ମହିଳାଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ତାଙ୍କ ବିଭାଗ ଆନ୍ତରିକ ଉଦ୍ୟମ କରିଆସୁଛି। ପ୍ରତିଷ୍ଠା ଦିବସରେ ଅଧ୍ୟକ୍ଷତା କରି ଆୟୋଗ ଅଧ୍ୟକ୍ଷା ଡ. ମିନତି ବେହେରା କହିଲେ, ମହିଳାଙ୍କ ସାମାଜିକ-ଅର୍ଥନୈତିକ ବିକାଶ ଉପରେ ଆୟୋଗ ସର୍ବଦା ତତ୍ପରତା ପ୍ରକାଶ କରିଆସିଛନ୍ତି। ଆୟୋଗ ଅଧୀନରେ ପଞ୍ଜୀକୃତ ୭୨୨୯୯ଟି ମାମଲା ମଧ୍ୟରୁ ୬୨୩୦୩ଟିର ସମାଧାନ ହୋଇଥିବାବେଳେ ୯୯୯୬ ମାମଲାର ଶୁଣାଣି ଚାଲୁ ରହିଛି। ଏହାବ୍ୟତୀତ ସମ୍ବେଦନଶୀଳ ଘଟଣାଗୁଡ଼ିକରେ ଆୟୋଗ ସ୍ୱତଃପ୍ରବୃତ୍ତ ଭାବେ ମାମଲା ଗ୍ରହଣ କରି ମହିଳାଙ୍କ ଅଧିକାର ଓ ସ୍ୱାର୍ଥକୁ ବଜାୟ ରଖିବାରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ବିଶିଷ୍ଟ ଅତିଥି ଜାତୀୟ ମହିଳା ଆୟୋଗ ସଦସ୍ୟା ଚନ୍ଦ୍ରମୁଖୀ ଦେବୀ କହିଲେ, ନିର୍ଯାତିତା ମହିଳାଙ୍କୁ ଗୋଟିଏ ଛାତତଳେ ଆଇନ ପରାମର୍ଶ, ଡାକ୍ତରୀ ଚିକିତ୍ସା, ମାନସିକ ପରାମର୍ଶ ଯୋଗାଇଦେବା ନିମନ୍ତେ 'ୱାନ୍‌ଷ୍ଟପ୍ ସେଣ୍ଟର-ସଖୀ' ଏକ ସମୟୋପଯୋଗୀ ପରିକଳ୍ପନା। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ନିତ୍ୟାନନ୍ଦ ବାରିକ ରାଜ୍ୟର ସମସ୍ତ ଜିଲାରେ କାର୍ଯ୍ୟକ୍ଷମ ହୋଇଥିବା ୱାନ୍‌ଷ୍ଟପ୍ ସେଣ୍ଟରର ସୁପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ 'ସଖୀ' କେନ୍ଦ୍ରର ଉତ୍ତମ ପରିଚାଳନା ସମ୍ବନ୍ଧୀୟ ଏକ କର୍ମଶାଳା ଆୟୋଜନ ହୋଇଥିଲା। ଲକ୍ଷ୍ନୌରୁ ଆସିଥିବା ଅଭିଜ୍ଞ ସଖୀ ପରିଚାଳିକା ଅର୍ଚ୍ଚନା ସିଂ 'ସଖୀ'ର ଉତ୍ତମ ପରିଚାଳନା ଓ କାର୍ଯ୍ୟକାରିତା ଉପରେ ଦିଗ୍‌ଦର୍ଶନ ଦେଇଥିଲେ।

ଏହି ଅବସରରେ କର୍ମକ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ଆୟୋଗର ମୁଖପତ୍ର 'ହସ ଫୁଟିଲା ଓ ପରିବାର ତିଷ୍ଠିଲା' ଉନ୍ମୋଚିତ ହୋଇଥିଲା। ଆୟୋଗ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ସ୍ୱାଗତ ଭାଷଣ ଓ ଜଲିନା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।



ମୁଖପତ୍ର 'ହସ ଫୁଟିଲା ଓ ପରିବାର ତିଷ୍ଠିଲା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୨୭ତମ ପ୍ରତିଷ୍ଠା ଦିବସ**

- ସୁରକ୍ଷା, ସାମାଜିକ ନ୍ୟାୟ ପ୍ରଦାନରେ ଓଡ଼ିଶା ଅଗ୍ରଣୀ ରାଜ୍ୟ
- 'ସଖୀ' ଏକ ସମୟୋପଯୋଗୀ ପରିକଳ୍ପନା

## ଆଜି କ'ଣ କେଉଁଠି

**ସମ୍ବଲପୁର**
- କାଇଟ୍ ଫେଷ୍ଟିଭାଲ, କଚେରୀ ଛକ, ପୂର୍ବାହ୍ନ ୧୦ଟା।
- ମକର ମହାମିଳନ ଯାତରା, ଠେମରା ଗ୍ରାମ, ପୂର୍ବାହ୍ନ ୧୦ଟା।
- ମକର ସଂକ୍ରାନ୍ତି ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗୀତା, ଦଲେଇପଡା କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।

**ବିଜେପୁର**
- ମକର ସଂକ୍ରାନ୍ତିର ଉଦ୍‌ଯାପନୀ ଦିବସରେ ଗୀତାଯଜ୍ଞ, ଗୋପଟିକ୍ରା ନିତ୍ୟାନନ୍ଦ ଆଶ୍ରମ, ପୂର୍ବାହ୍ନ ୯ଟା।
- ମକର ମେଳା ଉଦ୍‌ଯାପନ, ବରମୁଣ୍ଡା ଯୋଗେଶ୍ୱର ମଠ, ଅପରାହ୍ନ ୨ଟା।
- ପଠାଣି ସାମନ୍ତ ଗଣିତ ପରୀକ୍ଷା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।

**ବେଲପାହାଡ**
- ମକର ଯାତ୍ରା ଓ ହରିହର ଭେଟ, ଆର୍ତ୍ତତ୍ରାଣ କ୍ଷେତ୍ର, ପୂର୍ବାହ୍ନ ୧୧ଟାରୁ ୫ଟା।

**ଅତାବିରା**
- ବୀର ହନୁମାନ ଜାଗରଣ ମହାଯଜ୍ଞର ତୃତୀୟ ଦିବସ, ସିନ୍ଦୁରାବାହାଲ, ଅପରାହ୍ନ ୧ଟା।

**ନୂଆପଡା**
- ମକର ମିଳନ ଉତ୍ସବ, ମିନି ଷ୍ଟାଡିୟମ, ସକାଳ ୬।୪୫।
- ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ବୋଡେନ ବସ୍‌ଷ୍ଟାଣ୍ଡ, ଅପରାହ୍ନ ୧ଟା।
- ସାହୁ ସମାଜର ସମୀକ୍ଷା ବୈଠକ, ଏୟାରଷ୍ଟ୍ରିପ, ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ୧୫ତମ ସର୍ବଭାରତୀୟ ଡିଏସ୍ କପ ଫୁଟବଲର ଉଦ୍‌ଘାଟନୀ ସମାରୋହ, କଚେରି ଖେଳ ପଡ଼ିଆ, ଅପରାହ୍ନ ସାଢେ ୨ଟା।

**ଦେବଗଡ଼**
- ସର୍ବଭାରତୀୟ ବହୁଭାଷୀ ନାଟକ ନୃତ୍ୟ ମହୋତ୍ସବ ଅନ୍ତିମ ସନ୍ଧ୍ୟା, ଟାଉନ ହଲ, ସନ୍ଧ୍ୟା ୭ଟା
- ସଡ଼କ ସୁରକ୍ଷା ସପ୍ତାହ ଅବସରରେ ହେଲମେଟ ପିନ୍ଧିବା ସଚେତନତା, ଦେବଗଡ଼ ସହର, ପୂର୍ବାହ୍ନ ୧୦ଟା।
- ମକର ସଂକ୍ରାନ୍ତି ଅବସରରେ ମକର ଧ୍ୱଜା ସ୍ଥାପନା, ପ୍ରଧାନପାଟ ପାହାଡ଼, ମଧ୍ୟାହ୍ନ ୧୨ଟା।

**ଅମରପାଲି**
- ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ, ମହଦା, ପୂର୍ବାହ୍ନ ୯ଟା।
- ମକର ଯାତ୍ରା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ସୁବଳୟା, ସକାଳ ୬ଟା।

**କଣ୍ଟାବାଞ୍ଜି**
- ଏନଏସି ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ଏନଏସି କନଫରେନ୍ସ ହଲ, ଅପରାହ୍ନ ୪।୩୦।

■ନିର୍ବାଚନୀ ମାମଲା

## ରାଉରକେଲା ବିଧାୟକଙ୍କ ପକ୍ଷରୁ ଜବାବ ଦାଖଲ

**କଟକ ଅଫିସ,୧୪।୧:** ରାଉରକେଲା ବିଧାନସଭା ଆସନକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ନିର୍ବାଚନୀ ମାମଲାରେ ବିଧାୟକ ସାରଦା ପ୍ରସାଦ ନାୟକଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଛି। ଜବାବ ଦାଖଲ ପରେ ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୨୨ ତାରିଖ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ନିର୍ବାଚନରେ ପରାଜିତ ପ୍ରାର୍ଥୀ ନୀହାର ରାୟଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଛି। ରାୟ ଅଭିଯୋଗ କରିଥିଲେ, ନିର୍ବାଚନୀ ସତ୍ୟପାଠରେ ବିଧାୟକ ଅନେକ କଥା ଲୁଚାଇଛନ୍ତି। ଏପରିକି ନାୟକ ଏକ ଲାଭଜନକ ସଂସ୍ଥାରେ କାର୍ଯ୍ୟ କରି ମଧ୍ୟ ବିଧାୟକ ପଦବୀ ପାଇଁ ନିର୍ବାଚନ ଲଢ଼ିଥିଲେ। ତେଣୁ ତାଙ୍କ ସଭ୍ୟପଦକୁ ରଦ୍ଦ କରିବା ପାଇଁ ରାୟ ହାଇକୋର୍ଟରେ ନିବେଦନ କରିଥିଲେ।

## ବାଇକ୍ ଡିକି ଭାଙ୍ଗି ୨ଲକ୍ଷ ୭୨ ହଜାର ଲୁଟ୍

ମୋହନା,୧୪।୧(ଡି.ଏନ୍.ଏ.)

ଗଜପତି ଜିଲା ମୋହନାରେ ଥିବା ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ସମ୍ମୁଖରୁ ମଙ୍ଗଳବାର ଦୁର୍ବୃତ୍ତ ଏକ ବାଇକ୍ ଡିକି ଭାଙ୍ଗି ୨ଲକ୍ଷ ୭୨ ହଜାର ଟଙ୍କା ଲୁଟି ନେଇଛନ୍ତି। ମୋହନା ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଅଡବା ଗ୍ରାମର ବାଲାଜୀ ରେଡ୍ଡୀ କିଓସ୍କ ବ୍ୟାଙ୍କ ମାଧ୍ୟମରେ ଗ୍ରାହକମାନଙ୍କୁ ଟଙ୍କା ନେଣଦେଣ କରିଥାନ୍ତି। ଆଗକୁ ଛୁଟିଥିବା ଶୁଣି ସେ ବ୍ୟାଙ୍କରୁ ୨ଲକ୍ଷ ୭୨ ହଜାର ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କା ତାଙ୍କ ବାଇକ୍ ଡିକିରେ ରଖି ସେଠାରେ ଥିବା ଏଟିଏମ୍‌କୁ ପୁଣି ଟଙ୍କା ଉଠାଇବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ମଙ୍କିକ୍ୟାପ୍ ପିନ୍ଧିଥିବା ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଟଙ୍କା ଥିବା ବାଇକ୍ ଡିକି ଭାଙ୍ଗିଥିଲେ। ପରେ ବାଇକ ଯୋଗେ ଅଡବା ରାସ୍ତାରେ ଫେରାର ହୋଇଯାଇଥିଲେ। ବ୍ୟାଙ୍କ ସିସିଟିଭିରେ ସମସ୍ତ ଦୃଶ୍ୟ କଏଦ ହୋଇଛି। ମୋହନା ଥାନା ଅଧିକାରୀ ସୁଜିତ କୁମାର ନାଏକ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଲାଞ୍ଚ ମାମଲା: ଜାମିନ ପାଇଁ ହାଇକୋର୍ଟରେ ବିଜୟକେତନ

**କଟକ ଅଫିସ,୧୪।୧:** ୧ ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଆଇଏଏସ୍ ଅଫିସର ତଥା ନିଲମ୍ବିତ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ସୋମବାର ଉପାଧ୍ୟାୟଙ୍କ ଜାମିନ ଆବେଦନକୁ ଭୁବନେଶ୍ୱର ସ୍ୱତନ୍ତ୍ର ଅଦାଲତ ଖାରଜ କରିଦେଇଥିଲେ। ସ୍ୱତନ୍ତ୍ର ଅଦାଲତଙ୍କ ଖାରଜ ଆଦେଶକୁ ଚ୍ୟାଲେଞ୍ଜ କରି ଉପାଧ୍ୟାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଥାଉ କି, ଗତ ଡିସେମ୍ବର ୩୧ ତାରିଖରେ ଉପାଧ୍ୟାୟଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ନିଜର ସହଯୋଗୀ ତଥା ୟେସ୍ ବ୍ୟାଙ୍କର ପରିଚାଳକ ସନ୍ତୋଷ ପଟ୍ଟନାୟକଙ୍କ ଜରିଆରେ ସେ ଏକ ଘରୋଇ ସଂସ୍ଥାର ପ୍ରତିନିଧିଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ। ଏହି ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାପରେ ଭିଜିଲାନ୍ସ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେଇ ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ଥିବା ଅନେକ ଭିତିରି ସମ୍ପର୍କର ପର୍ଦ୍ଦାଫାଶ କରିଛି।

■ହତ୍ୟାକରି କୂଅରେ ଫିଙ୍ଗିଦେବା ଘଟଣାର ପର୍ଦ୍ଦାଫାଶ

## ଅଭିଯୁକ୍ତ ବାପପୁଅ ଗିରଫ


ଖବରଦାତା ସମ୍ମିଳନୀରେ ଅଧିକାରୀମାନଙ୍କ ସହ ଦୁଇ ଅଭିଯୁକ୍ତ।

ନୂଆପଡା ଅଫିସ,୧୪।୧

ନୂଆପଡା ଜିଲା ଧରମବନ୍ଧା ଥାନା ଅନ୍ତର୍ଗତ କେନ୍ଦୁବାହାରା ଗାଁର ରାଜ କୁମାର ରାଉତ (୨୫) ନାମକ ଯୁବକଙ୍କୁ ହତ୍ୟା କରି କୂଅରେ ଫିଙ୍ଗି ଦେବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗୋଟିଏ ପରିବାରର ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଅଭିଯୁକ୍ତ ଶାନ୍ତନୁ ଶବର(୪୫) ଏବଂ ତାଙ୍କ ପୁଅ ଗୌତମ ଶବର (୨୪)। ଏସ୍‌ପି ବିନୀତ କୁମାର ଅଗ୍ରୱାଲ ତାଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଆହୂତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଏସ୍‌ପି ଅଗ୍ରୱାଲଙ୍କ ସୂଚନା ଅନୁସାରେ, ଗତ ଡିସେମ୍ବର ୯ ତାରିଖରେ କେନ୍ଦୁବାହାରା ଗାଁରେ ମଣ୍ଡେଇ ପର୍ବ ପାଳନ ହେଉଥିଲା। ଏହା ଦେଖିବା ପରେ ରାଜକୁମାର ଘରକୁ ଫେରୁଥିଲେ। ରାସ୍ତାରେ ପୂର୍ବରୁ ଶତ୍ରୁତା ଥିବା ଶାନ୍ତନୁଙ୍କ ସହ ତାଙ୍କର ବଚସା ହୋଇଥିଲା। ରାତି ପ୍ରାୟ ୧୨ଟାରେ ନିକଟସ୍ଥ ପୋଖରୀ କଡରେ ଶାନ୍ତନୁ ଏବଂ ତାଙ୍କ ପୁଅ ଗୌତମ ମିଶି ରାଜକୁମାରଙ୍କୁ ନିସ୍ତୁକ ମାଡ ମାରିଥିଲେ। ରାଜକୁମାରଙ୍କ ମୃତ୍ୟୁ ଘଟିବାରୁ ସେମାନେ ତାଙ୍କୁ ନିକଟସ୍ଥ ଏକ କୂଅରେ ଫିଙ୍ଗି ଦେଇଥିଲେ। ଦୁଇ ଦିନ ପରେ ତାଙ୍କ ମୃତଦେହ କୂଅରୁ ଉଦ୍ଧାର କରାଯାଇଥିଲା। ଏହାକୁ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୧୯) ରୁଜୁ ହୋଇଥିଲା। ଶବ ବ୍ୟବଚ୍ଛେଦରୁ ହତ୍ୟା କରାଯାଇଥିବା ନେଇ ରିପୋର୍ଟ ଆସିବା ପରେ ପୋଲିସ ଦଫା ୩୦୨, ୩୦୧ରେ ମାମଲା (ନଂ. ୪/୨୦) ରୁଜୁ କରି ତଦନ୍ତ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍କ୍ୱାଡ୍‌ରେ ଅତିରିକ୍ତ ଏସ୍‌ପି ସୁନୀଲ କୁମାର ଆଚାର୍ଯ୍ୟ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ଧରମବନ୍ଧା ଥାନାଧିକାରୀ ଦିଲୀପ କୁମାର ଲାକ୍ରା, ଆଦିତ୍ୟ କୁମାର ମହାକୁଡ ପ୍ରମୁଖ ସାମିଲ ହୋଇଥିଲେ। ମାମଲାର ଛାନଭିନ ପରେ ଅଭିଯୁକ୍ତମାନଙ୍କୁ ଠାବ କରାଯାଇଥିଲା।

**ପୂର୍ବ ଶତ୍ରୁତାକୁ ନେଇ ହତ୍ୟା**

## ବାପଘରୁ ଫେରିଲେ ମହାଲକ୍ଷ୍ମୀ

ପୁରୀ ଅଫିସ, ୧୪।୧

ଶ୍ରୀମନ୍ଦିରରେ ମଙ୍ଗଳବାର ନବାଙ୍କ ନୀତି ଶେଷ ହୋଇଛି। ବୁଧବାର ବଡ଼ଦେଉଳରେ ମକର ସଂକ୍ରାନ୍ତି ନୀତି ପାଳନ ହେବ। ତିନିଠାକୁରଙ୍କୁ ମକର ଚୂଳ ଲାଗି କରାଯିବ। ବିଶ୍ୱାସ ରହିଛି ଧନୁ ସଂକ୍ରାନ୍ତିଠାରୁ ବାପଘରକୁ ଯାଇଥିବା ମହାଲକ୍ଷ୍ମୀ ନବାଙ୍କରେ ଭାର, ଥୋର ନେଇ ଶ୍ରୀମନ୍ଦିରକୁ ଫେରିଥାନ୍ତି। ମଙ୍ଗଳବାର ଶ୍ରୀମନ୍ଦିରରେ ଚାଉଳ ମେଲାଣ ନୀତି ଓ ଫୁଲ ମେଲାଣ ନୀତି ସମ୍ପନ୍ନ ହୋଇଛି। ମାଳିମାନେ ବାଘମୁହାଁ ବାନ୍ଧି ମାଳଚୂଳ, ଜଳ କବରମାନ ଘେନି ପଟୁଆରରେ ଘଣ୍ଟ, ଛତା, କାହାଳି ସହ ବଡ଼ଦେଉଳକୁ ବେଢ଼ାଏ ପ୍ରଦକ୍ଷିଣ କରି ବେହେରଣଠାରେ ବେଶ ପାଇଁ ପାଳିଆ ସେବକଙ୍କୁ ଦେଇଥିଲେ। ଏହି ମାଳ ସନ୍ଧ୍ୟା ଆଳତି ବେଶରେ ଲାଗି ହୋଇଥିଲା। ମହାପ୍ରଭୁଙ୍କର ଚନ୍ଦନ ଲାଗି ବଢ଼ିବା ପରେ ଭୋଗମଣ୍ଡପ ଘରେ ଭଦ୍ରାସନ ଉପରେ ମୁରୁଜ ପଡ଼ି ୩ଟି ବାଉଁଶିଆରେ ଚାଉଳ ରଖାଯାଇଥିଲା। ସେଥିରେ ଫୁଲ, ଚନ୍ଦନ, ଚେମେଡି ପତନି ଦିଆଯାଇ ଅଧିବାସ କରାଯିବା ପରେ ଦୁଆରମାନ ମୁଦ ହୋଇଥିଲା। ଏହି ଅଧିବାସ ଚାଉଳ ହିଁ ମକର ଚାଉଳ ଭାବେ ମହାପ୍ରଭୁଙ୍କୁ ବୁଧବାର ଲାଗି ହେବ।

ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ବଢ଼ିପାଣିପଡ଼ିବଡ଼ସିଂହାର ଭୋଗ ଆସିବା ପରେ ଦକ୍ଷିଣୀ ଘରୁ ମଦନମୋହନ ଭିତର ସିଂହାସନକୁ ବିଜେ କରିଥିଲେ। ଭିତର ଭୋଗ ସରି ପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବା ପରେ ମହାଜନେ ମଦନମୋହନଙ୍କୁ ଧରି ସିଂହାସନ ଚାରିପଟେ ସାଢେ ୪ ଘେରା ବେଢ଼ା କରିଥିଲେ। ଏହାପରେ ମହାଜନେ ଠାକୁରଙ୍କୁ ଆଣି ବଟମୂଳେ ଥିବା ବିମାନରେ ବିଜେ କରାଇଥିଲେ। ମହାଜନେ ଋନ୍ଧା ଫିଟାଇ ଠାକୁରଙ୍କୁ ବିଜେ କରାଇ ଆଣି ଜୟ ବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ରଖିଥିଲେ। ସେଠାରେ ପ୍ରସାଦ ଲାଗି ଓ ବନ୍ଦପନା ହୋଇ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ପରେ ଅନ୍ୟ ନୀତି ବଢ଼ିଥିଲା।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**URGENTLY REQUIRED**
Principal -7 to 8 Yrs Exp.
Teacher (Eng.) 2 to 3 Yrs
Teacher (Math & Sc.) 2 to 3 Yrs
Qualification B.Ed
Female Candidates only
SALARY NEGOTIABLE
LUCKY PUBLIC SCHOOL
Charichhak, Nimapara, Puri
Mob.: 7894447001, 7894447111
luckypublicschool2015@gmail.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

**ମାଗଣାରେ ନିଯୁକ୍ତି**
ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ Old Patient and Child Care ନେବା ପାଇଁ ମହିଳା ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା: 8th above, 7,000 to 15,000 ମାସିକ।
Number - 7751841577, 7894397909

**WANTED**
ଓଡ଼ିଆ, ହିନ୍ଦୀ, ଇଂରାଜୀରେ DTP କରିପାରୁଥିବା ସହିତ Computer ସମ୍ପର୍କରେ ସାଧାରଣ ଜ୍ଞାନ ରଖିଥିବା ପାର୍ଥୀ part time worker ହିସାବରେ ଆବଶ୍ୟକ।
0674-2421358

**REQUIRED** - Marketing boy with minimum 1 yr. exp. in Sanitaryware for BBSR. Reqd. Boys for Showroom / Godown & general work.
H.R. Trading Co., 57, Budha Nagar, Bhubaneswar - 751 006.
Ph (0674) 2310921, Email : hrtrading.co.in@gmail.com

**TEACHERS REQUIREMENT MALE OR FEMALE**
MONTESORY- 1 TO STD- 7 FOR ST. XAVIER HIGH SCHOOL
Pandav Nagar, Plot No.4916, Tankapani Road, Bhubaneswar-18
Contact : 7978084379, 8249088768

**REQUIRED**
Peon, Driver, Accountant, Parts Manager, Electrician, Sales Consultant for a 4 wheeler dealership.
Contact: 0674 6667709 / 0674 6668822, Email id: admin@capitalford.net, siddharth9909@gmail.com

**HAIRDRESSER REQUIRED**
ଭୁବନେଶ୍ୱର ଜେଣ୍ଟସ୍ ପାର୍ଲର ପାଇଁ ଅଭିଜ୍ଞ ଓ କୁଶଳୀ କାରିଗର ଆବଶ୍ୟକ।
ଦରମା 10,000 ରୁ 30,000
ରହିବା ଓ ଖାଇବା ମାଗଣା।
ଯୋଗାଯୋଗ : +91 9853410081, +91 8658511010

**REQUIRED**
VIGEN INDIA REQUIRED
Smart Boys and Girls Candidates for Office Job. Age- 20-30
EDU - +2 to Graduate
Job Location - Rabi Talkies Squire and Sastri Nagar
Contact : 9348916882

**ଆବଶ୍ୟକ**
ସିକ୍ୟୁରିଟି ଗାର୍ଡ (ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/- ଏବଂ EPF+ESI ଅଛି।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡା
M : 9777086435, 9556496258

**REQUIRE**
Office Boy and Delivery Boy.
DTDC Courier, Maitri Vihar, Near New LIC Colony, Bhubaneswar.
Contact No. 9861289626, 9937887626

**ସେଲ୍ସମ୍ୟାନ୍ ଆବଶ୍ୟକ**
ସୋନୁ ଇଲେକ୍ଟ୍ରିକାଲ୍‌ସ ୧୫୯, ବାପୁଜୀନଗର, ଗଳି ନଂ.-୧୨
ଆଲ୍ଲାହାବାଦ ବ୍ୟାଙ୍କ ପାଖ, ଭୁବନେଶ୍ୱର

**Officially Staff**
For BBSR, CTC, Puri, Berhampur.
Qualification 10th above.
Salary upto Rs.25,000/-
M-9938699963

**REQUIRED** A reputed business house in Bhubaneswar requires the following experienced and dynamic personnel:
SALES EXECUTIVE:
Graduation with 3-5 year experience in Lubricants /Automobile / FMCG
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

**FELLOWSHIP ON IOL & ANTERIOR SEGMENT**
MNC-LEPRA Society is looking for candidates having certificate on MS (Optha), DNB or Diploma in Ophthalmology for fellowship programme of one & half year duration. Selected candidates will get attractive stipend with other facilities as per Lepra HR rule. Interested candidates are invited to send updated resume & testimonials to the below mentioned address on or before 31st January 2020.
To
Medical Superintendent, MNC-Lepra Society Pandapali, Birmaharajpur, Subarnapur, Odisha-767018
Mail- debendra@leprahealthinaction.in, Mob-9437198482

**No Consultancy !! No Fees Direct Company Job**
" ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର " କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ।
ଦରମା-୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୁର୍ଦ୍ଧ।
9938826988, 7064545450, 8338055696
www.demandbazaar.com & www.demandmasala.com

**WANTED**
CAR DRIVER FOR OFFICE AT CUTTACK.
CONTACT : 9437021279, 9437496020

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ୍, ବୟସ : (18-40)yrs.
Monthly Salary upto Rs. 25,000/-
Contact : Immediately
Mob : 8763257042

See Career Appointment on every Wednesday & Saturday

**Aurea Aviation**
Recruitment for BPI Airport
Fresher or Experience
Con :- 9582775827

**Job Opening in Warehouse**
Location : Vijayawada, Hyderabad, Salary : Rs.10,000 + Room + ESI + PF
Qualification : 10th / ITI / Diploma
For Contact Call : 7008082387, 9040434671, 7381010101

**THE KOSALA SCHOOL, Estd- 1979**
English Medium Residential Public School, At- Nuakhairpali, Po- Larasara, Via- Attabira, Dist- Bargarh, Pin- 768027, Mob- 7682032632
Email- thekosalaschool1979@gmail.com, Website-www.thekosalaschool.in
REQUIRES THE FOLLOWING TEACHING & NON TEACHING STAFF

| S.N. | Grade | Subject | Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry/ Biology/ Mathematics/ Odia/ Hindi/ Social Science | M.A/B.A/B.Sc, B.Ed/ Kobid/ Ratna, OTET/CTET | Salary will be paid on par with the State Govt. Sikshya Sahayak. |
| 2 | PRT | English/ Mathematics/ Science/ Social Science/ Hindi/ Odia | B.A/ B.Sc, NTT, Kobid, CT/B.Ed, OTET/ CTET | |
| 3 | Hostel Warden (Male & Female) Age- 35 to 40 yrs | | +2 / B.A. | (Salary is not a constraint for deserving candidates) |
| 4 | PET (Male & Female) | | C.P.Ed./ B.P.Ed., OSSTET | |

* Candidates having teaching experience in English Medium Schools, good Spoken English, Computer Knowledge and not crossed 45 years of age will be preferred.
* Couples will be given preference and provided with rent free accommodation.
* Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
* Photo copies of all Certificates, Marksheets, Aadhaar Card, Filled up Biodata Form with recent passport size photo & Mobile Number should reach the undersigned in the above address latest by 25th January 2020.
* Original Certificates to be produced at the time of interview for verification.
* No TA/DA will be given for attending the interview.
* For any clarification candidates may call to the phone no. (given above) from 10.00 A.M. to 3.00 P.M.

Sd/- PRINCIPAL

**WANTED**
ଧରିତ୍ରୀ DHARITRI Oriya daily is looking for
ASSISTANT NEWS EDITORS
- Candidate should have at least 7 years experience in Desk work.
- Must have Masters Degree in Journalism.
- Candidate should be proficient in understanding, translating and editing news stories as well as coming up with attractive headlines.
- SENIOR SUB-EDITORS
- Candidate must have at least 3 years experience in desk work.
- Should have a degree in Journalism.
- Should have expertise in translation.

Apply immediately to : recruitment@dharitri.com
Attractive salary commensurate with experience

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 1 70.87 | 92.94 41,952.63 | 32.75 12,362.30 | `61 40,422.00 | `602 47,083.00 |

"ନୂଆ ଚେତକ୍ ଇ-ସ୍କୁଟରକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ପୁଣେ ଏବଂ ବାଙ୍ଗାଲୋର ସହରରେ ଉପଲବ୍ଧ କରାଯାଇଛି। ଏଥିଲାଗି ଜାନୁୟାରୀ ୧୫ରୁ ବୁକିଂ ଆରମ୍ଭ ହେବା

–ରାକେଶ ଶର୍ମା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,ବଜାଜ ଅଟୋ ଲିମିଟେଡ



"୨୦୨୨ ସୁଦ୍ଧା ଟ୍ରେନ ଓ ଷ୍ଟେଶନରେ ଲୋକଙ୍କ ଚାହିଦା ଅନୁଯାୟୀ କଣ୍ଟେଣ୍ଟ ସେବା(ସିଓଡି) ଯୋଗାଇ ଦିଆଯିବ। ଏହା ଦ୍ୱାରା ଅଣଭଡା ରାଜସ୍ୱ ବୃଦ୍ଧି ହେବା ନେଇ ଅଶାବାଦୀ।

– ପୁନୀତ ଚାୱ୍ଲା, ରେଲଟେଲ୍ ସିଏମ୍‌ଡି



# ୮ ମାସର ସର୍ବୋଚ୍ଚ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୪-୧

ଏବେ ଖୁଚୁରା ମୁଦ୍ରାସ୍ଫୀତି ସାଢେ ପାଞ୍ଚ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଥିବା ବେଳେ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ବଢିଥିବା ଜଣାପଡିଛି। ଡିସେମ୍ବରରେ ପାଇକାରୀ ମୂଲ୍ୟ ଭିତ୍ତିକ ମୁଦ୍ରାସ୍ଫୀତି ୮ ମାସର ସର୍ବୋଚ୍ଚ ସ୍ତରରେ ରହିବା ସହ ୨.୫୯ ସ୍ତରକୁ ବଢିଛି। ଚଳିତ ଆର୍ଥିକ ବର୍ଷ ନଭେମ୍ବରରେ ଏହା ୦.୫୮% ରହିଥିଲା। ପିଆଜ,ଆଳୁ ଏବଂ ଖାଦ୍ୟ ସାମଗ୍ରୀ ଦରଦାମ ବଢିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ମାସିକ ପାଇକାରୀ ମୂଲ୍ୟ ଭିତ୍ତିକ ମୁଦ୍ରାସ୍ଫୀତି ସୁଚକାଙ୍କ(ଡବ୍ଲ୍ୟୁପିଆଇ) ୨୦୧୯ ଏପ୍ରିଲରେ ୩.୨୪% ରେକର୍ଡ କରାଯାଇଥିଲା। ସେହିଭଳି ଡିସେମ୍ବର ୨୦୧୮ରେ ଏହା ୩.୪୬% ସ୍ତରରେ ରହିଥିଲା। ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ମୁଦ୍ରାସ୍ଫୀତି ୨.୪୨% ହାରରେ ବଢିଥିଲା। ଏହା ଗୋଟିଏ ବର୍ଷ ପୂର୍ବେ ସମାନ ସମୟରେ ୨.୯୨% ହାରରେ ବଢିଥିଲା ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଇକୋନୋମିକ ଆଡଭାଇଜର କାର୍ଯ୍ୟାଳୟ ପକ୍ଷରୁ ଜାରି ତଥ୍ୟରୁ ସାମ୍ନାକୁ ଆସିଛି।



- ଜାନୁୟାରୀରେ ୮% ଛୁଇଁବ ମୁଦ୍ରାସ୍ଫୀତି
- ଖାଦ୍ୟ ସାମଗ୍ରୀ ଦରଦାମ ଲଗାତର ବଢୁଛି
- ଆର୍‌ବିଆଇ ମୁଦ୍ରାନୀତି ଉପରେ ପ୍ରଭାବ ପକାଇବ
- ଖୁଚୁରା ମୁଦ୍ରାସ୍ଫୀତି ସାଢେ ପାଞ୍ଚ ବର୍ଷର ସର୍ବୋଚ୍ଚ ସ୍ତରରେ

ଏହି ସମୟରେ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ୧୩.୧୨ % ରହିଛି। ଏହା ପୂର୍ବରୁ ୧୧% ରହିଥିଲା। ୨୦୧୯ ନଭେମ୍ବରରେ ଅଣ ଖାଦ୍ୟ ସାମଗ୍ରୀ ବର୍ଗରେ ଦରଦାମ ବୃଦ୍ଧି ୧.୯୩% ରହିଥିଲା ଯାହା ଡିସେମ୍ବର ମାସରେ ୪ ଗୁଣ ବଢି ୭.୭୨% ସ୍ତର ଛୁଇଁଛି। ଖାଦ୍ୟ ସାମଗ୍ରୀ ବର୍ଗରେ ପନିପରିବା ଦର ୬୯.୬୯% ବଢିଛି। ଏହା ବିଶେଷ କରି ପିଆଜ ଦର ବଢିବା ଯୋଗୁ ହୋଇଥିବା ଜଣାପଡିଛି। ପିଆଜ ଦର ୪୫୫.୮୩% ବଢିଥିବା ବେଳେ ଆଳୁର ଦରଦାମ ୪୪.୯୭% ବଢିଥିବା ସାମ୍ନାକୁ ଆସିଛି। ବର୍ତ୍ତମାନ ମଧ୍ୟ ଦେଶର ବିଭିନ୍ନ ସ୍ଥାନରେ ପିଆଜ ଦର ୧୦୦ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ମୁଦ୍ରାସ୍ଫୀତି ଏବେ ଏବେ ଉଚ୍ଚରେ ରହିଥିବା ବେଳେ ଫେବୃୟାରୀରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ସମୀକ୍ଷା ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାର କମାଇବ ନାହିଁ ବୋଲି ବିଶେଷଜ୍ଞ ମତ ରଖିଛନ୍ତି। ଆଗାମୀ ମାସ ଗୁଡିକରେ ଦରଦାମ ଉଚ୍ଚରେ ରହିଲେ ସିପିଆଇ ମଧ୍ୟ ଉଚ୍ଚ ସ୍ତରରେ ରହିବ ବୋଲି କୁହାଯାଇଛି।

ଜାନୁୟାରୀରେ ମୁଦ୍ରାସ୍ଫୀତି ୮% ଛୁଇଁବା ନେଇ ଏସ୍‌ବିଆଇ ଇକୋନୋମିକ ରିପୋର୍ଟ ପକ୍ଷରୁ କୁହାଯାଇଛି। ଏବେ ଅଭିବୃଦ୍ଧି ନିମ୍ନରେ ରହିଛି। ଦରଦାମ ମଧ୍ୟ ବଢି ଚାଲିଛି। ଏଭଳି ସ୍ଥିତି ଆଗାମୀ ଦିନଗୁଡିକରେ ଲାଗି ରହିଲେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାର କମାଇ ନ ପାରେ ବୋଲି କୁହାଯାଇଛି। ମାନୁଫାକଚର୍ଡ ପ୍ରଡକ୍ଟ କ୍ଷେତ୍ରରେ ମୁଦ୍ରାସ୍ଫୀତି କମିବା ସହ (-) ୦.୨୫% ରହିଛି। ଏହାବାଦ ଇନ୍ଧନ ଏବଂ ଶକ୍ତି କ୍ଷେତ୍ରରେ ଏହା ଯଥାକ୍ରମେ (-)୧.୪୬ ରହିଛି ଯାହା ପୂର୍ବରୁ (-) ୭.୩୨ ରହିଛି। ଏହି ସମୟରେ ପ୍ରାଥମିକ ସାମଗ୍ରୀ ମୂଲ୍ୟ ଗ୍ରୁପ ଭାବେ ବିଚାର କଲେ ୧୧.୪୬% ବଢିଛି। ଏହା ଗୋଟିଏ ମାସ ପୂର୍ବରୁ ୭.୬୮% ରହିଥିଲା। ପାଇକାରୀ ମୂଲ୍ୟ ସୂଚୀରେ ପ୍ରାଥମିକ ସାମଗ୍ରୀର ଅଂଶ ପ୍ରାୟ ୨୨% ରହିଛି। ଏହା ମଧ୍ୟରେ ଖାଦ୍ୟ ସାମଗ୍ରୀ, ଅଣ ଖାଦ୍ୟ ସାମଗ୍ରୀ, ଖଣିଜ, ଅଶୋଧିତ ତୈଳ ଏବଂ ପ୍ରାକୃତିକ ବାଷ୍ପ ସାମିଲ ରହିଛି।

# ମାଇକେଲ ପାତ୍ରଙ୍କୁ ଆର୍‌ବିଆଇରେ ନୂଆ ଦାୟିତ୍ୱ

ନୂଆଦିଲ୍ଲୀ,୧୪-୧

ରିଜର୍ଭ ବ୍ୟାଙ୍କର ଗଭର୍ନର ପଦବୀରେ ଶକ୍ତିକାନ୍ତ ଦାସ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଟିମ୍‌ରେ ଡେପୁଟି ଗଭର୍ନର ଭାବେ ଓଡ଼ିଶାର ବିଭୁ ପ୍ରଶାଦ କାନୁନଗୋ ରହିଛନ୍ତି। ଏହି ଶିର୍ଷ ଟିମ୍‌ରେ ନୂଆ କରି ଆଉ ଜଣେ ଓଡ଼ିଆ ଯୋଗ ଦେଇଛନ୍ତି। ନୂଆ ଡେପୁଟି ଗଭର୍ନର ମାଇକେଲ ଦେବବ୍ରତ ପାତ୍ରଙ୍କୁ ଏହି ଟିମ୍‌ରେ ସରକାର ସାମିଲ କରିଛନ୍ତି। ପାତ୍ର ଏହା ପୂର୍ବରୁ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ (ଇଡି) ଭାବେ କାର୍ଯ୍ୟରତ ଥିଲେ। ୧୯୮୫ରେ ରିଜର୍ଭ ବ୍ୟାଙ୍କରେ ଯୋଗ ଦେଇଥିବା ପାତ୍ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି। ସେ ୩ ବର୍ଷ ଲାଗି ନୂଆ ପଦବୀରେ କାର୍ଯ୍ୟ କରିବେ। ୨୦୦୫ରେ ଆର୍‌ବିଆଇ ମୁଦ୍ରାନୀତି କମିଟି ବିଭାଗକୁ ଆସିବା ପୂର୍ବରୁ ସେ ଅର୍ଥନୈତିକ ବିଶେଷଣ ଏବଂ ନୀତି ବିଭାଗରେ ପରାମର୍ଶଦାତା ତଥା ଇଣ୍ଟରନ୍ୟାଶନାଲ ଫାଇନାନ୍ସ, ମନି ଆଣ୍ଡ ବ୍ୟାଙ୍କିଙ୍ଗ ବିଭାଗର ଇନଚାର୍ଜ ଭାବେ କାର୍ଯ୍ୟ କରିଛନ୍ତି। ସେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ମୁମ୍ବାଇରୁ ଅର୍ଥନୀତିରେ ପିଏଚ୍‌ଡି ହାସଲ କରିଛନ୍ତି। ହାଭାର୍ଡ ବିଶ୍ୱବିଦ୍ୟାଳୟରେ ଆର୍ଥିକ ସ୍ଥିରତା ବିଭାଗରେ ପୋଷ୍ଟ ଡକ୍ଟରାଲ ରିସର୍ଚ୍ଚ ମଧ୍ୟ କରିଛନ୍ତି। ଆଇଏମ୍‌ଏଫ୍ ଇନଷ୍ଟିଚ୍ୟୁଟ ଅନ୍ ଫାଇନାନସିଆଲ ପ୍ରୋଗ୍ରାମିଙ୍ଗ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡର ସେଣ୍ଟର ଫର ସେଣ୍ଟ୍ରାଲ ବ୍ୟାଙ୍କିଙ୍ଗ ଷ୍ଟଡିଜରେ ପାତ୍ର ପ୍ରଫେଶନାଲ ତାଲିମ ଗ୍ରହଣ କରିଛନ୍ତି।

**ମୁଦ୍ରାସ୍ଫୀତି,ଜିଡିପି ହେବ ଚ୍ୟାଲେଞ୍ଜ**



ମାଇକେଲ ଦେବବ୍ରତ ପାତ୍ର

ମୁଦ୍ରାସ୍ଫୀତି ଲକ୍ଷ୍ୟ, ନଗଦ ପରିଚାଳନା ଏବଂ ମାକ୍ରୋ ଇକୋନୋମି ଭଳି ବିଭିନ୍ନ ଦିଗରେ ସେ ବର୍ତ୍ତମାନ ନୂଆ ଦାୟିତ୍ୱରେ କାର୍ଯ୍ୟ କରିବେ। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ୨୦୧୯ରେ ଲଗାତର ରେପୋ ରେଟ ହ୍ରାସ ବେଳେ ସେ ଭୋଟ ଦେଇଥିଲେ। ମାତ୍ର ଡିସେମ୍ବର ମୁଦ୍ରାନୀତି କମିଟି ବୈଠକରେ ସୁଧହାରରେ ବିରତି ନେଇ ପାତ୍ରଙ୍କ ସମେତ କମିଟିର ଅନ୍ୟ ମାନେ ଭୋଟ କରିଥିବା ଦେଖାଯାଇଥିଲା। ଅର୍ଥ ବ୍ୟବସ୍ଥା ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ଖୁଚୁରା ମୁଦ୍ରାସ୍ଫୀତି ସାଢେ ପାଞ୍ଚ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଛି। ଦେଶର ଅର୍ଥ ବ୍ୟବସ୍ଥାର ସ୍ଥିତି ଠିକ୍ ନ ଥିବା କାରଣରୁ ୨୦୧୯-୨୦ରେ ଜିଡିପି ହାର ୫% ରହିବ ବୋଲି ଆର୍‌ବିଆଇ ପୂର୍ବାନୁମାନ କରିଛି। ଏଭଳି ବିଭିନ୍ନ ପ୍ରସଙ୍ଗ ପାତ୍ରଙ୍କ ଲାଗି ଚ୍ୟାଲେଞ୍ଜ ହେବ ବୋଲି କୁହାଯାଇଛି।

# ସୁନା ଅଳଙ୍କାରରେ ହଲ୍‌ମାର୍କ ହେବ ବାଧ୍ୟତାମୂଳକ



**୨୦୨୧ ଜାନୁୟାରୀ ୧୫ ଠାରୁ ଲାଗୁ ହେବ**

**ନୂଆଦିଲ୍ଲୀ,୧୪-୧:** ଏଣିକି ଦେଶ ମଧ୍ୟରେ ସୁନା ଅଳଙ୍କାର ଏବଂ କଳାକୃତିର ହଲମାର୍କକୁ ବାଧ୍ୟତାମୂଳକ କରାଯିବ। ୧୫ ଜାନୁୟାରୀ ୨୦୨୦ଠାରୁ ହଲମାର୍କିଂ ବାଧ୍ୟତାମୂଳକ ଲାଗି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯିବ। ୨୦୨୧ ଜାନୁୟାରୀ ୧୫ଠାରୁ ଏହାକୁ ସମ୍ପୂର୍ଣ୍ଣ ଭାବେ ସାରା ଦେଶରେ ବାଧ୍ୟତାମୂଳକ କରାଯିବ। ନିୟମ ଲାଗୁ କରିବା ଲାଗି ଗୋଟିଏ ବର୍ଷ ସମୟ ଦିଆଯିବ ବୋଲି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମ ବିଳାସ ପାଶ୍ୱାନ ମଙ୍ଗଳବାର ସୂଚନା ଦେଇଛନ୍ତି। ହଲମାର୍କିଂକୁ ବାଧ୍ୟତାମୂଳକ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ପାଶ୍ୱାନ କହିଛନ୍ତି। ଏହା ଦ୍ୱାରା ଅଳଙ୍କାରର ଶୁଦ୍ଧତା ବଜାୟ ରହିବ। ଅଳଙ୍କାର ଆଣିବା ସମୟରେ ଗ୍ରାହକମାନେ ଆଉ ଠକେଇରେ ପଡିବେ ନାହିଁ। କେବଳ ୧୪,୧୮ ଏବଂ ୨୨ କ୍ୟାରେଟ ବର୍ଗରେ ସୁନା ଅଳଙ୍କାର ରହିବ। ଏହା ଦ୍ୱାରା ଦୁର୍ନୀତିକୁ ରୋକାଯାଇ ପାରିବ ବୋଲି ସେ ମତ ରଖିଛନ୍ତି। ହଲମାର୍କିଂ ବାଧ୍ୟତାମୂଳକ ହେବା ପରେ ନିୟମ ଉଲଂଘନ କ୍ଷେତ୍ରରେ ୧ ଲକ୍ଷ ଟଙ୍କାଠାରୁ ଆରମ୍ଭ କରି ଠକାମି ହୋଇଥିବା ଗହଣାର ୫ ଗୁଣା ପର୍ଯ୍ୟନ୍ତ ଜରିମାନା କିମ୍ବା ଜେଲ ଦଣ୍ଡ ହେବ। ନିୟମ ଲାଗୁ କରିବା ଲାଗି ୧ ବର୍ଷ ସମୟ ଦିଆଯିବ। ଏହି ସମୟ ମଧ୍ୟରେ ବ୍ୟବସାୟୀମାନେ ପଞ୍ଜୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଏବଂ ପୁରୁଣା ସାମଗ୍ରୀକୁ ବିକ୍ରି କରି ପାରିବେ ବୋଲି ସେ ମତ ରଖିଛନ୍ତି।

# ଦିନକରେ ୧୭ ହଜାର ଏଲ୍‌ଆଇସି ପଲିସି ବିକ୍ରି ରେକର୍ଡ

**ନୂଆଦିଲ୍ଲୀ,୧୪-୧:** ବଲିଉଡର ପ୍ରତିଷ୍ଠିତ ଅଭିନେତା ରାଜ କପୁରଙ୍କ ଝିଅ ରିତୁ ନନ୍ଦାଙ୍କର ମଙ୍ଗଳବାର ପରଲୋକ ହୋଇଛି। ରିତୁ ଏକ ସମୟରେ ଏଲ୍‌ଆଇସିର ଜଣେ ଶୀର୍ଷ ଏଜେଣ୍ଟ ରହିଥିବା ହୁଏତ ଅନେକଙ୍କୁ ଜଣାନଥିବ। ଗୋଟିଏ ଦିନରେ ଏଲ୍‌ଆଇସିର ୧୭ ହଜାର ପେନଶନ ପଲିସି ବିକ୍ରି ରେକର୍ଡ ତାଙ୍କ ନାମରେ ରହିଥିଲା। ଏହି କ୍ଷେତ୍ରରେ ସେ କେତେ ସଫଳ ଥିଲେ ତାହା ଅନୁମାନ କରାଯାଇପାରେ। ରିତୁଙ୍କ ପରିବାର ସିନେମା ଶିଳ୍ପ ସହ ଜଡିତ ଥିବା ବେଳେ ସେ ନିଜେ ଭିନ୍ନ କ୍ୟାରିୟର ଚୟନ କରିଥିଲେ। ଏସ୍କର୍ଟ ଗ୍ରୁପର ପୂର୍ବତନ ଅଧ୍ୟକ୍ଷ ରାଜନ ନନ୍ଦାଙ୍କ ସହ ତାଙ୍କର ବିବାହ ହୋଇଥିଲା। ରିତୁଙ୍କ ପୁଅ ନିଖିଲ ନନ୍ଦା ଅମିତାଭଙ୍କ ଝିଅଙ୍କୁ ବିବାହ କରିଛନ୍ତି। ରିତୁ କ୍ୟାରିୟର ଆରମ୍ଭରେ ବାଣିଜ୍ୟ କାରବାରକୁ ଓହ୍ଲାଇ ଥିଲେ। ମାତ୍ର ଏଥିରେ ସେ ବିଫଳ ହୋଇଥିଲେ। ଏହା ପରେ ସେ ବୀମା କ୍ଷେତ୍ରରେ ପାଦ ରଖିଥିଲେ। ଏହା ପରେ ସେ ଷ୍ଟାର ହୋଇ ଯାଇଥିଲେ। ସେ ରତୁ ନନ୍ଦା ଇନସ୍ୟୁରାନ୍ସ ସର୍ଭିସ ନାମରେ ଏକ କମ୍ପାନୀ ଖୋଲିଥିଲେ। ନ୍ୟୁଜ ଏଜେନ୍ସି ଆଇଏଏନ୍‌ଏସ୍ ରିପୋର୍ଟ ମୁତାବକ ଗୋଟିଏ ଦିନରେ ୧୭ ହଜାର ଇନସ୍ୟୁରାନ୍ସ ପଲିସି ବିକ୍ରି ରେକର୍ଡ ତାଙ୍କ ନାମରେ ରହିଛି। ଏହାବାଦ ସେ ଅନେକ ସଫଳତା ହାସଲ କରିଥିଲେ। ଏଲ୍‌ଆଇସି ପକ୍ଷରୁ ବେଷ୍ଟ ଇନସ୍ୟୁରାନ୍ସ ଆଡଭାଇଜର ଅଫ୍ ଦ ଡିକେଡ ଆୱାର୍ଡ ମଧ୍ୟ ତାଙ୍କ ନାମରେ ରହିଛି।

# ରାଘବେନ୍ଦ୍ର ସମବାୟ ବ୍ୟାଙ୍କ ଉପରେ ଆର୍‌ବିଆଇର କଟକଣା

**ନୂଆଦିଲ୍ଲୀ,୧୪-୧:** ପଞ୍ଜାବ ଏବଂ ମହାରାଷ୍ଟ୍ର କୋଅପରେଟିଭ (ପିଏମ୍‌ସି) ବ୍ୟାଙ୍କ ପରେ ରିଜର୍ଭ ବ୍ୟାଙ୍କ କର୍ନାଟକର ରାଘବେନ୍ଦ୍ର ସହକାର ବ୍ୟାଙ୍କ ଉପରେ ଉଠାଣ ନେଇ କଟକଣା ଜାରି କରିଛି। ଏହି ବ୍ୟାଙ୍କରୁ ଗ୍ରାହକ ଥରକେ କେବଳ ୩୫ ହଜାର ଟଙ୍କା ଉଠାଣ କରିବା ନେଇ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି। ଏହି ବ୍ୟାଙ୍କ ଆଗାମୀ ୬ ମାସ ଯାଏ ରିଜର୍ଭ ବ୍ୟାଙ୍କର ବିନା ଅନୁମତିରେ କୌଣସି ନୂଆ ଋଣ କିମ୍ବା ନିବେଶ କରି ପାରିବ ନାହିଁ। ବ୍ୟାଙ୍କର ଲାଇସେନ୍ସ ଏବେ ଯାଏ ରଦ୍ଦ ହୋଇନାହିଁ। ବ୍ୟାଙ୍କର ସ୍ଥିତି ନ ସୁଧୁରିବା ଯାଏ ଏଭଳି କଟକଣା ଲାଗି ରହିବ। ଏହି ସମୟ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କର ତତ୍ତ୍ୱାବଧାନରେ ଉକ୍ତ ସମବାୟ ବ୍ୟାଙ୍କର କାମକାର୍ଯ୍ୟ ଚାଲୁ ରହିବ। ଶୁକ୍ରବାର ପରଠାରୁ ବ୍ୟାଙ୍କ ଉପରେଏଭଳି କଟକଣା ଲାଗୁ ହୋଇଛି।




> ତିନି ବର୍ଷ ବ୍ୟବଧାନରେ ଜାତୀୟ ଦଳକୁ ଫେରିବା ଦ୍ୱାରା ମୁଁ ନିଜକୁ ଜଣେ ନବାଗତ ଖେଳାଳି ଭଳି ମନେକରୁଛି ।
> **–ଡ୍ୱେନ ବ୍ରାଭୋ, ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର**



> ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସଭାପତି ଦାୟିତ୍ୱ ଅପେକ୍ଷା ଜଣେ ବ୍ୟାଟ୍ସମ୍ୟାନ ହିସାବରେ ଚାପରେ ରହି ବ୍ୟାଟିଂ କରିବା ଅଧିକ କଷ୍ଟକର ।
> **–ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି**



## ସଂକ୍ଷେପରେ

### ପନ୍ତଙ୍କ ସ୍ଥାନରେ କିପିଂ କଲେ ରାହୁଲ

**ମୁମ୍ବାଇ, ୧୪।୧ (ପି.ଟି.):** ମଙ୍ଗଳବାର ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ରିଷଭ ପନ୍ତଙ୍କ ହେଲ୍‌ମେଟରେ ଜୋର୍‌ରେ ବଲ୍ ବାଜିଛି। ୪୩ତମ ଓଭରରେ ଅଷ୍ଟ୍ରେଲିଆ ସ୍ପିଡ୍‌ଷ୍ଟର ପ୍ୟାଟ୍ କୁମିନ୍ସ ବୋଲିଂ କରୁଥିବାବେଳେ ଦ୍ୱିତୀୟ ବଲ୍‌ଟି ପନ୍ତଙ୍କ ବ୍ୟାଟ୍‌ରେ ସ୍ପର୍ଶ ହୋଇ ହେଲମେଟରେ ଲାଗିଥିଲା। ହେଲମେଟରେ ବାଜିବାପରେ ବଲ୍‌ଟି ପଏଣ୍ଟ ଅଞ୍ଚଳକୁ ଯାଇଥିଲା ଏବଂ ଆଷ୍ଟନ ଟର୍ନର ଏହାକୁ କ୍ୟାଚ କରିଥିଲେ। ବିଳମ୍ବରେ ହେଲେ ମଧ ଅମ୍ପାୟର ଏହାକୁ ଆଉଟ ନିଷ୍ପତ୍ତି ଦେଇଥିଲେ। ପନ୍ତ ୨୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ଏହି ଆଘାତ ଯୋଗୁ ପନ୍ତ ଉଇକେଟ କିପିଂ କରିବାକୁ ପଡ଼ିଆକୁ ଓହ୍ଲାଇ ନ ଥିଲେ। ନୂଆ କନକ୍ଲୁଜନ ନିୟମ ଅନୁସାରେ ତାଙ୍କ ସ୍ଥାନରେ ଲୋକେଶ ରାହୁଲ ଉଇକେଟ କିପିଂ କରିଥିଲେ। ଅତିରିକ୍ତ ଖେଳାଳିଭାବେ ମନୀଷ ପାଣ୍ଡେ ଫିଲ୍ଡିଂ କରିବାକୁ ପଡ଼ିଆକୁ ଆସିଥିଲେ।

### ଡୋପିଂ ମାମଲା: ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ୨ବର୍ଷ ବାସନ୍ଦ

**ଲଣ୍ଡନ, ୧୪।୧ (ଏପି):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୧୮ରେ ମହିଳା ୧୦୦ମିଟର ସ୍ୱର୍ଣ୍ଣ ପଦକ ବିଜୟିନୀଙ୍କୁ ୨ବର୍ଷ ବାସନ୍ଦ କରାଯାଇଛି। ଡୋପ୍ ପରୀକ୍ଷକମାନଙ୍କୁ ସେ ତାଙ୍କର ଅବସ୍ଥିତି ସମ୍ପର୍କରେ ଅବଗତ କରାଇ ନ ଥିବାରୁ ଏହି ଦଣ୍ଡବିଧାନ କରାଯାଇଛି। ୨୦୧୮ରୁ ୨୦୧୯ ପର୍ଯ୍ୟନ୍ତ ୧୨ ମାସ ମଧରେ ୩ ଥର ହୋଇଥିବା ଡୋପ୍ ଟେଷ୍ଟକୁ ତ୍ରିନିଦାଦ୍ ଟୋବାଗୋର ମିସେଲି ଲି ଆହ୍ୟେ ଫାଙ୍କି ଦେଇଥିଲେ। ଏଥିପାଇଁ ତାଙ୍କୁ ଗତ ବର୍ଷ ପ୍ରଥମେ ଅଗଷ୍ଟ ୩୦ରୁ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ କହିବା ଅନୁସାରେ ବାସନ୍ଦ ଦଣ୍ଡ ୨୦୧୯ ଏପ୍ରିଲ ୧୯ରୁ ଗଣତି ହେବ। ମିସେଲି ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୦୦ମିଟର ଟାଇଟଲ ଜିତିଥିଲେ। ସେ ଗତବର୍ଷ ପାନ୍ ଆମେରିକାନ ଗେମ୍ସରେ ରୌପ୍ୟ ହାସଲ କରିଥିଲେ। ଏହାଛଡ଼ା ସେ ଅଲିମ୍ପିକ୍ସରେ ମଧ ଭାଗ ନେଇଛନ୍ତି।

# ଭାରତକୁ ଅଷ୍ଟ୍ରେଲିଆ ଝଟ୍‌କା

**ମୁମ୍ବାଇ, ୧୪।୧**

ନିକଟ ଅତୀତରେ ପ୍ରଭାବୀ ପ୍ରଦର୍ଶନ କରି କ୍ରିକେଟ ଜଗତରେ ଚର୍ଚ୍ଚାରେ ରହି ଆସୁଥିବା ଭାରତକୁ ଶକ୍ତ ଝଟ୍‌କା ଦେଇଛି ଅଷ୍ଟ୍ରେଲିଆ। ଉଭୟ ବ୍ୟାଟିଂ ଓ ବୋଲିଂରେ ବିଫଳତାର ପରିଣାମ ଭୋଗିଲା ବିରାଟ କୋହଲିଙ୍କ ଦଳ। ୨୫୫ ରନ ଅତ୍ୟନ୍ତ ମାମୁଲି ସାବ୍ୟସ୍ତ ହେଲା। ୧୦ ଉଇକେଟରେ ପରାଜିତ ହେଲା ଟିମ୍ ଇଣ୍ଡିଆ। ୨୫୦ରୁ ଅଧିକ ରନ କରି ୧୦ ଉଇକେଟରେ ହାରିବା ଥିଲା ଭାରତ ପାଇଁ ପ୍ରଥମ ଅନୁଭୂତି। ୱାଙ୍ଖଡେ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ବିପକ୍ଷରେ ଦମ୍‌ଦାର ବିଜୟ ହାସଲ କଲା ଅଷ୍ଟ୍ରେଲିଆ। ଅପରାଜିତ ଶତକ ସହ ଅଷ୍ଟ୍ରେଲିଆ ପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହେଲେ ଓପନର ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚ୍। ଭାରତ ପାଇଁ ଏହାଥିଲା ଅନ୍ୟତମ ନିକୃଷ୍ଟ ବୋଲିଂ ଏବଂ ବୃହତ୍ ପରାଜୟ। ଭାରତ ପକ୍ଷରୁ ଧାର୍ଯ୍ୟ ୨୫୬ ରନର ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ କୌଣସି ଉଇକେଟ ନ ହରାଇ ମାତ୍ର ୩୭.୪ ଓଭରରେ ୨୫୮ ରନ ସଂଗ୍ରହ କରି ନେଇଥିଲା। ବିସ୍ଫୋରକ ଓପନର ୱାର୍ନର ୧୧୨ ବଲ୍‌ରୁ ୧୭ ଚୌକା ଓ ୩ ଛକା ସହାୟତାରେ ୧୨୮ ଓ ଫିଞ୍ଚ୍ ୧୧୪ ବଲ୍‌ରୁ ୧୩ ଚୌକା ଓ ୨ ଛକା ସହ ୧୧୦ ରନରେ ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କ ନିକଟରେ ଭାରତୀୟ ବୋଲିଂ ଅତ୍ୟନ୍ତ ଅସହାୟ ମନେ ହୋଇଥିଲା। ୫ ଜଣ ଯାକ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଦିନିକିଆ କ୍ରିକେଟରେ ୫୦୦୦ ରନ ପୂରଣ କରିଥିବା ୱାର୍ନର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।




ଦୁଇ ଶତକ ହାସଲକାରୀ ଡେଭିଡ୍ ୱାର୍ନର ଓ ଆରୋନ ଫିଞ୍ଚ୍।

ଏହି ବିଜୟ ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀଲାଭ କରିଛି ଅଷ୍ଟ୍ରେଲିଆ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଭାରତ। ପୂର୍ବ ନିର୍ଦ୍ଧାରିତ ରଣନୀତି ଅନୁସାରେ ରୋହିତ ଶର୍ମା ଓ ଶିଖର ଧାୱନ ଇନିଂସ ଓପନ କରିଥିବାବେଳେ ଲୋକେଶ ରାହୁଲ ୩ ଓ ଅଧିନାୟକ ବିରାଟ କୋହଲି ୪ ନମ୍ବରରେ ବ୍ୟାଟିଂ କରିଥିଲେ। ଟିମ୍ ଇଣ୍ଡିଆ ଟପ୍ ଅର୍ଡର ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରି ଆସୁଥିଲେ ହେଁ ଅଷ୍ଟ୍ରେଲୀୟ ବୋଲରଙ୍କ ଚ୍ୟାଲେଞ୍ଜକୁ ସାମ୍ନା କରିବା ଭିନ୍ନ ଥିଲା। ରୋହିତ ଶର୍ମା ମାତ୍ର ୧୦ ରନ କରି ଆଉଟ ହେବାପରେ ଧାୱନ ଓ ରାହୁଲ ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୧୨୧ ରନ ଯୋଗ କରି ଦଳପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଭାରତୀୟ ଇନିଂସ ଦିଗହରା ହୋଇ ଯାଇଥିଲା। ଧାୱନ ଓ ରାହୁଲଙ୍କୁ ଛାଡ଼ିଦେଲେ ଅଧିକାଂଶ ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ

### ୱାର୍ନର, ଫିଞ୍ଚ୍‌ଙ୍କ ଅପରାଜିତ ଶତକ

ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଧାୱନ ସର୍ବାଧିକ ୭୪(୯୧ ବଲ, ୯ ଚୌକା, ୧ ଛକା), ରାହୁଲ ୪୭(୬୧ ବଲ, ୪ ଚୌକା) ରନ କରିଥିଲେ। ପରେ ଅଧିନାୟକ ବିରାଟ ୧୬, ଶ୍ରେୟାସ ଆୟାର ୪, ରିଷଭ ପନ୍ତ ୨୮, ରବୀନ୍ଦ୍ର ଜଡେଜା ୨୫, ଶାର୍ଦ୍ଦୁଳ ଠାକୁର ୧୩, ମହମ୍ମଦ ସାମି ୧୦ ଓ କୁଲଦୀପ ଯାଦବ ୧୭ ରନ କରି ଆଉଟ ହେବାରୁ ଭାରତ ପୂରା ୫୦ ଓଭର ଖେଳିପାରି ନ ଥିଲା। ୪୯.୧ ଓଭରରେ ଦଳ ୨୫୫ ରନ କରି ଅଲଆଉଟ ହୋଇ ଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୩ଟି, ପ୍ୟାଟ୍ କୁମିନ୍ସ ଓ କେନ୍ ରିଚାର୍ଡଶନ ୨ଟି ଲେଖାଏ ଏବଂ ଆଡାମ ଜାମ୍ପା ଓ ଆଷ୍ଟନ ଅଗର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ ଶର୍ମା–କ–ୱାର୍ନର–ବୋ–ଷ୍ଟାର୍କ–୧୦
ଶିଖର ଧାୱନ–କ–ଅଗର–ବୋ–କୁମିନ୍ସ–୭୪
ରାହୁଲ–କ–ସ୍ମିଥ୍– ବୋ–ଅଗର–୪୭
ବିରାଟ କୋହଲି– କ ଆଣ୍ଡ ବୋ–ଜାମ୍ପା–୧୬
ଆୟାର–କ–ଆଲେକ୍ସ କାରେ–ବୋ–ଷ୍ଟାର୍କ–୪
ରିଷଭ ପନ୍ତ–କ–ଟର୍ନର–ବୋ–କୁମିନ୍ସ–୨୮
ଜାଡେଜା–କ– କାରେ–ବୋ–ରିଚାର୍ଡସନ–୨୫
ଶାର୍ଦ୍ଦୁଳ ଠାକୁର–ବୋ–ଷ୍ଟାର୍କ–୧୩
ଶାମି–କ–କାରେ–ବୋ–କେନ୍ ରିଚାର୍ଡସନ–୧୦
କୁଲଦୀପ ଯାଦବ–ରନଆଉଟ (ସ୍ମିଥ୍)–୧୭
ବୁମ୍‌ରା– ନଟଆଉଟ–୦, ଅତିରିକ୍ତ–୧୧
**ମୋଟ** (୪୯.୧ ଓଭର, ୧୦ ଉଇକେଟ) ୨୫୫।
**ଉଇକେଟ ପତନ:** ୧/୧୩, ୨/୧୩୪, ୩/୧୪୦, ୪/୧୫୬, ୫/୧୬୪, ୬/୨୧୩, ୭/୨୧୭, ୮/୨୨୯, ୯/୨୫୫, ୧୦/୨୫୫।
**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୧୦–୦–୫୬–୩
ପ୍ୟାଟ କୁମିନ୍ସ ୧୦–୧–୪୪–୨
କେନ୍ ରିଚାର୍ଡସନ ୯.୧–୦–୪୩–୨
ଆଡାମ ଜାମ୍ପା ୧୦–୦–୫୩–୧
ଆଷ୍ଟନ ଅଗର ୧୦–୧–୫୬–୧
**ଅଷ୍ଟ୍ରେଲିଆ ଇନିଂସ**
ଡେଭିଡ ୱାର୍ନର–ନଟଆଉଟ–୧୨୮
ଆରୋନ ଫିଞ୍ଚ୍–ନଟଆଉଟ–୧୧୦
ଅତିରିକ୍ତ–୨୦
ମୋଟ (୩୭.୪ ଓଭରରେ, ବିନା କୌଣସି ଉଇକେଟ)୨୫୮।
**ବୋଲିଂ (ଭାରତ)**
ମହମ୍ମଦ ଶାମି ୭.୪–୦–୫୮–୦
ଯଶପ୍ରୀତ ବୁମ୍‌ରା ୭–୦–୫୦–୦
ଶାର୍ଦ୍ଦୁଳ ଠାକୁର ୫–୦–୪୩–୦
କୁଲଦୀପ ଯାଦବ ୧୦–୦–୫୫–୦
ରବୀନ୍ଦ୍ର ଜାଡେଜା ୮–୦–୪୧–୦।

## ଦିନିକିଆ କ୍ରିକେଟ

**ଭାରତ ବିପକ୍ଷରେ ସର୍ବାଧିକ ଓପନିଂ ପାର୍ଟନରଶିପ୍**
୨୫୮: ଆରୋନ ଫିଞ୍ଚ୍–ଡେଭିଡ ୱାର୍ନର, ମୁମ୍ବାଇ, ୨୦୨୦
୨୩୫: ଗ୍ୟାରୀ କର୍ଷ୍ଟେନ–ହର୍ଶେଲ ଗିବ୍ସ, କୋଚି, ୨୦୦୦
୨୩୧: ଆରୋନ ଫିଞ୍ଚ୍–ଡେଭିଡ ୱାର୍ନର, ବେଙ୍ଗାଲୁରୁ, ୨୦୧୭
୨୨୪: ମହମ୍ମଦ ହାଫିଜ–ନାସିର ଜମଶେଦ, ମୀରପୁର, ୨୦୧୨

**ଭାରତ ବିପକ୍ଷରେ ଉଭୟ ଓପ୍‌ନରଙ୍କ ଶତକ**
୧୯୮୬: ଜିଓଫ୍ ମାର୍ଶ–ଡେଭିଡ ବୁନ୍, ଜୟପୁର
୨୦୦୦: ଗ୍ୟାରୀ କର୍ଷ୍ଟେନ–ହର୍ଶେଲ ଗିବ୍ସ, କୋଚି
୨୦୧୨: ମହମ୍ମଦ ହାଫିଜ–ନାସିର ଜମଶେଦ, ମୀରପୁର
୨୦୧୩: ଉପୁଲ ଥରଙ୍ଗା–ମାହେଲା ଜୟବର୍ଦ୍ଧନେ, କିଙ୍ଗଷ୍ଟନ
୨୦୧୩: କ୍ୱିଣ୍ଟନ ଡି'କକ୍–ହାସିମ ଅମ୍‌ଲା, ଡର୍ବାନ
୨୦୨୦: ଡେଭିଡ ୱାର୍ନର, ଆରୋନ ଫିଞ୍ଚ୍, ମୁମ୍ବାଇ

**ଭାରତ ବିପକ୍ଷରେ ୧୦ ଉଇକେଟ ବିଜୟ**
୨୫୬: ଅଷ୍ଟ୍ରେଲିଆ, ମୁମ୍ବାଇ, ୨୦୨୦
୨୦୦: ୱେଷ୍ଟଇଣ୍ଡିଜ, ବ୍ରିଜ୍‌ଟାଉନ, ୧୯୯୭
୧୮୯: ଦକ୍ଷିଣ ଆଫ୍ରିକା, କୋଲକାତା, ୨୦୦୫
୧୬୫: ଦକ୍ଷିଣ ଆଫ୍ରିକା, ଶାରଜା, ୨୦୦୦
୧୧୩: ନ୍ୟୁଜିଲାଣ୍ଡ, ଏମସିଜି, ୧୯୮୧

**ବିନା ଉଇକେଟରେ ସର୍ବାଧିକ ରନଚେଜ୍**
୨୭୯: ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ, କିମ୍ବର୍ଲି, ୨୦୧୭(ହାସିମ ଅମ୍‌ଲା, କ୍ୱିଣ୍ଟନ ଡି'କକ୍)
୨୫୬: ଅଷ୍ଟ୍ରେଲିଆ ବନାମ ଭାରତ, ମୁମ୍ବାଇ, ୨୦୨୦(ଡେଭିଡ ୱାର୍ନର, ଆରୋନ ଫିଞ୍ଚ୍)
୨୫୫: ଇଂଲଣ୍ଡ ବନାମ ଶ୍ରୀଲଙ୍କା, ଏଜବାଷ୍ଟନ, ୨୦୧୬( ଆଲେକ୍ସ ହେଲ୍ସ, ଜାସନ ରୟ)

# ଧୂଆଁ କାରଣରୁ ଶାରାପୋଭାଙ୍କ ମ୍ୟାଚ୍ ସ୍ଥଗିତ

**ମେଲବୋର୍ନ, ୧୪।୧ (ଏଏଫ୍‌ପି):** ରୁଷୀୟ ମହିଳା ଟେନିସ ତାରକା ମାରିଆ ଶାରାପୋଭା ଓ ଜର୍ମାନୀୟ ଲୌରା ସିଏଗମୁଣ୍ଡଙ୍କ ମଧ୍ୟରେ ଏଠାରେ ଅନୁଷ୍ଠିତ କୋୟୋଙ୍ଗ କ୍ଲାସିକର ଏକ ମ୍ୟାଚ୍ ଧୂଆଁ ଲାଗି ସ୍ଥଗିତ ରଖାଯାଇଛି। ଧୂଆଁ ଯୋଗୁ ମ୍ୟାଚ୍ ମଝିରେ ଶାରାପୋଭାଙ୍କ କାଶ ହୋଇଥିଲା। ମ୍ୟାଚ୍ ସ୍ଥଗିତ ରଖାଯିବାବେଳକୁ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ଶାରାପୋଭା ୭–୬ (୭–୪), ୫–୫ରେ ପଛୁଆ ରହିଥିଲେ। 'ମ୍ୟାଚ୍ ସ୍ଥଗିତ ରଖାଯିବା ଆୟୋଜକଙ୍କ ସଠିକ୍ ନିଷ୍ପତ୍ତି। ଆମେ ୨ ଘଣ୍ଟା ଧରି ଖେଳୁଥିଲୁ। କିନ୍ତୁ ଦ୍ୱିତୀୟ ସେଟ୍ ଶେଷବେଳକୁ କାଶ ହୋଇଥିଲା' ବୋଲି ଶାରାପୋଭା ମ୍ୟାଚ୍ ପରେ କହିଛନ୍ତି।



ମାରିଆ ଶାରାପୋଭା

### ଅଧାରୁ ଓହରିଲେ ଡାଲିଆ

ସେହିଭଳି ଧୂଆଁ ଲାଗି ଅଷ୍ଟ୍ରେଲିଆନ୍ ଓପନ୍ ଯୋଗ୍ୟତା ପର୍ଯ୍ୟାୟ ପ୍ରଥମ ଦିବସର କିଛି ମ୍ୟାଚ୍ ମଧ ବିଳମ୍ବରେ ଆରମ୍ଭ ହୋଇଥିଲା। ଯୋଗ୍ୟତା ପର୍ଯ୍ୟାୟ ମହିଳା ସିଙ୍ଗଲ୍ସର ଏକ ମ୍ୟାଚ୍ ଅବସରରେ ସ୍ଲୋଭେନିଆର ଡାଲିଆ ଜକୁପୋଭିକ ଧୂଆଁଳିଆ ପରିବେଶ ଲାଗି ଅସୁସ୍ଥ ହୋଇପଡ଼ିଥିଲେ। ସେ ସୁଇଜରଲାଣ୍ଡର ଷ୍ଟିଫାନି ଭୋଏଗେଲେଙ୍କ ବିପକ୍ଷରେ ମଙ୍ଗଳବାର ଅପରାହ୍ନରେ ଏହି ମ୍ୟାଚ୍ ଖେଳୁଥିଲେ। କିନ୍ତୁ ମ୍ୟାଚ୍ ମଝିରେ ସେ ଅସୁସ୍ଥ ହୋଇ କୋର୍ଟ ଉପରେ ଆଣ୍ଠୁମାଡ଼ି ବସି ପଡ଼ିଥିଲେ। ଏହାପରେ ତାଙ୍କୁ ବାହାରକୁ ନିଆଯାଇଥିଲା।

# ଦୁଇମାସ ଦୂରେଇ ରହିବେ ମୋମୋତା

**ଟୋକିଓ, ୧୪।୧ (ଏଏଫ୍‌ପି):** ଦୁର୍ଘଟଣାର ସମ୍ମୁଖୀନ ହୋଇ ଆଘାତପ୍ରାପ୍ତ ହୋଇଥିବା ବିଶ୍ୱର ଏକ ନମ୍ବର ପୁରୁଷ ବ୍ୟାଡ୍‌ମିଣ୍ଟନ ଖେଳାଳି ଜାପାନର କେଣ୍ଟୋ ମୋମୋତା ୨ ମାସ ଲାଗି କୋର୍ଟରୁ ଦୂରେଇ ରହିବେ। ସମ୍ଭବତଃ ମାର୍ଚ୍ଚରେ ହେବାକୁ ଥିବା ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ବେଳକୁ ମୋମୋତା ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜାପାନ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସାଧାରଣ ସମ୍ପାଦକ କିନ୍‌ଜି ଜେନିୟା କହିଛନ୍ତି। ୨୫ ବର୍ଷୀୟ ମୋମୋତା ରବିବାର ମାଲେସିଆ ମାଷ୍ଟର୍ସ ଟାଇଟଲ୍ ଜିତିବାର କିଛି ଘଣ୍ଟା ପରେ କୁଆଲାଲମ୍ପୁରଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ଦୁଇବର୍ଷ ପରେ ସାନିଆଙ୍କ ବିଜୟୀ ପ୍ରତ୍ୟାବର୍ତ୍ତନ

**ହୋବାର୍ଟ, ୧୪।୧ (ପି.ଟି.):** ଭାରତୀୟ ମହିଳା ଟେନିସ ତାରକା ସାନିଆ ମିର୍ଜା ଦମ୍‌ଦାର ବିଜୟ ସହ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେ ଅନୁଷ୍ଠିତ ହୋବାର୍ଟ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାର ମହିଳା ଡବଲ୍ସରେ ସାନିଆ ଓ ତାଙ୍କ ୟୁକ୍ରେନ ସାଥୀ ନାଡିଆ କିଚେନୋକ ବିଜୟ ଲାଭ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସାନିଆ–ନାଡିଆ ଯୋଡ଼ି ୨–୬, ୭–୬ (୩), ୧୦–୩ ସେଟ୍‌ରେ ଜର୍ଜିଆର ଓକସାନା କାଲଶନିକୋଭା ଓ ଜାପାନର ମିୟୁ କାଟୋ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସାନିଆ ଓ ନାଡିଆଙ୍କୁ ଏକ ଘଣ୍ଟା ୪୧ ମିନିଟ୍ ସମୟ ଲାଗିଥିଲା। କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ଏହି ଯୋଡ଼ି ଆମେରିକାର ଭାନିଆ କିଙ୍ଗ୍ ଓ କ୍ରିଷ୍ଟିନା ମ୍ୟାକ୍‌ହେଲ୍‌ଙ୍କୁ ଭେଟିବେ। ଏଠାରେ ଉଲ୍ଲେଖଯୋଗ୍ୟ, ୨ ବର୍ଷର ବ୍ୟବଧାନ ପରେ ଡବ୍ଲ୍ୟୁଟିଏ ସର୍କିଟ୍‌କୁ ୩୩ ବର୍ଷୀୟା ସାନିଆ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୧୮ ଏପ୍ରିଲରେ ସାନିଆ ଓ ତାଙ୍କ ପାକିସ୍ତାନ କ୍ରିକେଟର୍ ସ୍ୱାମୀ ସୋଏବ ମଲିକଙ୍କ ଔରସରୁ ପୁତ୍ର ସନ୍ତାନ ଇଜହାନ ଜନ୍ମ ହୋଇଥିଲେ। ଏହାପରେ ସେ ଟେନିସରୁ ସାମୟିକ ବିରତି ନେଇଥିଲେ।



ବିଜୟ ହାସଲ ପରେ ପୁଅ ଇଜ୍‌ହାନଙ୍କ ସହ ସାନିଆ।

# ଭାରତୀୟ ମହିଳା ହକି ଦଳରେ ଓଡ଼ିଶାରୁ ୩

**ନୂଆଦିଲ୍ଲୀ, ୧୪।୧ (ପି.ଟି.):** ଚଳିତ ମାସ ଶେଷଭାଗରେ ଭାରତୀୟ ମହିଳା ହକି ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ଏଥିଲାଗି ମଙ୍ଗଳବାର ଷ୍ଟ୍ରାଇକର୍ ରାଣୀ ରାମପାଲଙ୍କ ନେତୃତ୍ୱରେ ୨୦ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାରୁ ଦୀପଗ୍ରେସ ଏକ୍କା, ନମିତା ଟପ୍ପୋ ଓ ଲିଲିମା ମିଞ୍ଜ ସ୍ଥାନ ପାଇଛନ୍ତି। ଗୋଲକିପର ସବିତାଙ୍କୁ ଉପ–ଅଧିନାୟିକା ଭାବେ ନିଯୁକ୍ତ କରାଯାଇଛି। ଜାନୁୟାରୀ ୨୫ରେ ନ୍ୟୁଜିଲାଣ୍ଡ ଡେଭଲପ୍‌ମେଣ୍ଟ ସ୍କ୍ୱାଡ୍ ବିପକ୍ଷରେ ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ଜାନୁୟାରୀ ୨୭ ଓ ୨୯ରେ ନ୍ୟୁଜିଲାଣ୍ଡ ମହିଳା ଦଳକୁ ଭେଟିବ ଭାରତ। ଫେବୃୟାରୀ ୪ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଏବଂ ୫ରେ ନ୍ୟୁଜିଲାଣ୍ଡ ସହ ଖେଳି ଭାରତ ଏହାର ନ୍ୟୁଜିଲାଣ୍ଡ ଗସ୍ତ ସମାପ୍ତ କରିବ। 'ଏହି ଟୁର୍‌ରେ ଖେଳାଳିଙ୍କ ମଧ୍ୟରେ ଅଧିକ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଲକ୍ଷ୍ୟ ରଖିଛି, ଯେଉଁଥିପାଇଁ ଆମେ ୨୦ ଜଣିଆ ଦଳ ଘୋଷଣା କରିଛୁ। କିନ୍ତୁ ଅଲିମ୍ପିକ୍ସ ଓ ଅନ୍ୟ କେତେକ ପ୍ରତିଯୋଗିତାରେ ଆମେ ୧୬ କିମ୍ବା ୧୮ ଜଣିଆ ଦଳ ନେଇ ଖେଳିଥାଉ। ଖେଳାଳିମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବେ' ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି।

**ଭାରତୀୟ ମହିଳା ହକି ଦଳ**

ରାଣୀ ରାମପାଲ (ଅଧିନାୟିକା), ସବିତା (ଉପ-ଅଧିନାୟିକା), ରାଜିନି ଏତିମାରପୁ, ଦୀପଗ୍ରେସ ଏକ୍କା, ଗୁରଜିତ୍ କୌର, ରୀନା ଖୋଖର, ସାଲିମା ଟେଟେ, ସୁଶୀଳା ଚାନୁ, ନିଶା, ନମିତା ଟପ୍ପୋ, ଉଦିତା, ମୋନିକା, ଲିଲିମା ମିଞ୍ଜ, ନେହା, ମୋନିକା, ଶର୍ମିଳା ଦେବୀ, ନବନୀତ୍ କୌର, ଲାଲରେମସିଆମି, ବନ୍ଦନା କାଟାରିୟା ଓ ନବଜୋତ୍ କୌର।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ



# ସ୍ୱସ୍ତିଙ୍କୁ ସ୍ୱର୍ଣ୍ଣିମ ସଫଳତା

ଭୁବନେଶ୍ୱର, ୧୪।୧ (କ୍ରୀଡ଼ା ପ୍ରତିନିଧି)– ସୋମବାର ରୌପ୍ୟ ପଦକ, ମଙ୍ଗଳବାର ସ୍ୱର୍ଣ୍ଣ। ଏମିତି ସଫଳତା ସାଉଁଟିଛନ୍ତି ଓଡ଼ିଶାର ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ମଙ୍ଗଳବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ସାଇକ୍ଲିଂ ବାଳିକା ସ୍କ୍ରାଚ୍ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଆରଏସପି)କୁ ଗର୍ବିତ କରିଛନ୍ତି ଏହି ଉଦୀୟମାନ ଆଥଲେଟ୍। ୭.୫ କିଲୋମିଟର ବିଶିଷ୍ଟ ସ୍କ୍ରାଚ୍ ରେସ୍‌କୁ ୧୪:୫୩.୨୩୨ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସ୍ୱସ୍ତି। ଏଥିସହ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସେ ସୂଚନା ଦେଇଛନ୍ତି। କର୍ଣ୍ଣାଟକର କୀର୍ତ୍ତି ରଙ୍ଗାସ୍ୱାମୀ ତାଙ୍କଠାରୁ ୦.୨୪୬ ଏବଂ ଆସାମର ଚୟନିକା ଗୋଗୋଇ ୦.୪୫୨ ସେକେଣ୍ଡ ଅଧିକ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍ୱସ୍ତିଙ୍କ ସ୍ୱର୍ଣ୍ଣିମ ସଫଳତାରେ ସ୍ୱତଃ ଗର୍ବ ଅନୁଭବ କରୁଛନ୍ତି କୋଚ୍ ସୁଶୀଲ କୁମାର ଦାସ। କାରଣ ଆରଏସପିରେ ସୁଶୀଲଙ୍କ ପ୍ରଶିକ୍ଷଣରେ ନିଜ ଖେଳର ମୂଳଦୁଆ ପକାଇଥିବା ସ୍ୱସ୍ତି ଏବେ ସଫଳତାର ଶିଡି ଚଢ଼ିବା ଆରମ୍ଭ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ସୋମବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳିକା ୬୦ କିଲୋମିଟର ବ୍ୟକ୍ତିଗତ ରୋଡ୍ ରେସ୍‌ରେ ସ୍ୱସ୍ତି ରୌପ୍ୟ ପଦକ ହାସଲ କରିଥିଲେ। ଏହି ରେସ୍‌ରେ ୨:୧୧:୫୨.୨୧ ସେକେଣ୍ଡ ସମୟ ନେଇ ସେ ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ତେବେ ସେଥିରେ ନିରାଶ ନ ହୋଇ କିମ୍ବା କୌଣସି ଚାପର ବଶବର୍ତ୍ତୀ ନ ହୋଇ ଗୋଟିଏ ଦିନପରେ ନିଜ ଦକ୍ଷତା ଦେଖାଇଛନ୍ତି। ୧୫ ପ୍ରତିଦ୍ୱନ୍ଦ୍ୱୀବିଶିଷ୍ଟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟର ଟେକ ରଖିଛନ୍ତି। ତାଙ୍କ ପୂର୍ବରୁ ଓଡ଼ିଶାର ତଥା ଆରଏସପିର ଅନ୍ୟତମ ସାଇକ୍ଲିଷ୍ଟ ଦୀନେଶ କୁମାର ମଧ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୧ ବର୍ଷରୁ କମ୍ ୩୦ କିଲୋମିଟର ଟାଇମ୍ ଟ୍ରାଏଲ ଇଭେଣ୍ଟରେ ୪୦:୧୧:୧୩୩ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ ଏହି ସାଇକେଲ ପ୍ରତିଭା। ସ୍ୱସ୍ତିଙ୍କ ସାଫଲ୍ୟ ଫଳରେ ଚଳିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ସାଇକ୍ଲିଂ ଇଭେଣ୍ଟରୁ ହିଁ ଓଡ଼ିଶାକୁ ଏପର୍ଯ୍ୟନ୍ତ ସର୍ବାଧିକ ସଫଳତା ମିଳିଛି। ଉଭୟ ଦୀନେଶ ଓ ସ୍ୱସ୍ତି ଆହୁରି ୨ଟି ଲେଖାଏ ଇଭେଣ୍ଟରେ ଭାଗ ନେବାର ଥିବାରୁ ଏଥିରୁ ଓଡ଼ିଶାର ପଦକ ସଂଖ୍ୟା ବଢ଼ିବା ସମ୍ଭାବନା ରହିଛି।

ଜଗଦୀଶ ବାରିକ ଏହି ପ୍ରତିଯୋଗିତାର ଜିମ୍ନାଷ୍ଟିକ୍ସ ଇଭେଣ୍ଟରେ ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ସେ ୧୭ ବର୍ଷରୁ କମ୍ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ଭଲ୍ଟ ଟେବୁଲରେ ସ୍ୱର୍ଣ୍ଣ ଏବଂ ହରିଜୋଣ୍ଟାଲ ବାର୍‌ସରେ ରୌପ୍ୟ ପଦକ ହାସଲ କରିଥିଲେ।



**୭.୫ କିମି ସ୍କ୍ରାଚ୍ ରେସ୍**
୧: ସ୍ୱସ୍ତି ସିଂ, ଓଡ଼ିଶା, ୧୪:୫୩.୨୩୨ ସେକେଣ୍ଡ
୨: କୀର୍ତ୍ତି ରଙ୍ଗାସ୍ୱାମୀ, କର୍ଣ୍ଣାଟକ, ୦.୨୪୬ ସେକେଣ୍ଡ ଅଧିକ
୩: ଚୟନିକା ଗୋଗୋଇ, ଆସାମ, ୦.୪୫୨ ସେକେଣ୍ଡ ଅଧିକ

# ଓଡ଼ିଶାର ରୋମାଞ୍ଚକ ବିଜୟ

କଟକ ଅଫିସ,୧୪।୧



ବିଜୟ ହାସଲ ପରେ ଓଡ଼ିଶା ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

ରୋହତକର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଚଳିତ ରଣଜୀ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ରୋମାଞ୍ଚକ ବିଜୟ ହାସଲ କରିଛି। ପେସ୍ ବୋଲରଙ୍କ ପ୍ରାଧାନ୍ୟ ଥିବା ଏହି ପିଚ୍‌ରେ ନିମ୍ନକ୍ରମର ବ୍ୟାଟ୍ସମ୍ୟାନଙ୍କ ସହାୟତାରେ ଓଡ଼ିଶା ୧ ଉଇକେଟରେ ହରିୟାଣାକୁ ହରାଇଛି। ରାଜେଶ ଧୂପରଙ୍କ ୩୨ରନର ଉପଯୋଗୀ ଇନିଂସ ସହିତ ବୋଲର ରାଜେଶ ମହାନ୍ତି, ବସନ୍ତ ମହାନ୍ତି ଓ ପପୁ ରାୟଙ୍କ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ବଳରେ ଓଡ଼ିଶା ବିଜୟୀ ହୋଇ ଏଲିଟ ଗ୍ରୁପ-ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ବଜାୟ ରଖିଛି। ୫ଟି ମ୍ୟାଚ୍‌ରୁ ୪ଟି ବିଜୟ, ଗୋଟିଏ ଡ୍ର ବଳରେ ଓଡ଼ିଶା ୨୮ ପଏଣ୍ଟ ପାଇଛି।

ପ୍ରଥମ ଇନିଂସରେ ହରିୟାଣା ୯୦ରନରେ ଅଲଆଉଟ ହେବା ପରେ ଓଡ଼ିଶାର ପ୍ରଥମ ଇନିଂସ ୧୬୦ରନରେ ସୀମିତ ରହିଥିଲା। ଜବାବରେ ହରିୟାଣା ଦ୍ୱିତୀୟ ଇନିଂସରେ ୨୪୮ରନ ସଂଗ୍ରହ କରିବା ଫଳରେ ଓଡ଼ିଶା ସମ୍ମୁଖରେ ୧୭୯ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ସୋମବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୭ ଉଇକେଟ ହରାଇ ୧୪୭ରନ କରିଥିଲା। ଓଡ଼ିଶାର ପ୍ରମୁଖ ବ୍ୟାଟ୍ସମ୍ୟାନ ମାନେ ହରିୟାଣାର ଦ୍ରୁତ ବୋଲିଂ ସମ୍ମୁଖରେ ବିଫଳ ହୋଇଥିଲେ। ବିଜୟ ପାଇଁ ଓଡ଼ିଶା ସମ୍ମୁଖରେ ୩୨ରନର ଆବଶ୍ୟକତା ଥିବା ବେଳେ ରାଜେଶ ଧୂପର ୨୯ ଓ ପେସ୍ ବୋଲର ରାଜେଶ ମହାନ୍ତି ୪ରନରେ ଅପରାଜିତ ଥିଲେ। ଖରାପ ଆଲୋକ ଯୋଗୁ ଅନ୍ତିମ ଦିବସ ତଥା ମଙ୍ଗଳବାର ଖେଳ ବିଳମ୍ବରେ ଆରମ୍ଭ ହୋଇଥିଲା। ଖେଳ ଆରମ୍ଭ ହେବା ପରେ ରାଜେଶଙ୍କ ବ୍ୟାଟ୍‌ରୁ ବାଉଣ୍ଡରୀ ସଂଗ୍ରହ ହୋଇଥିଲା। ଓଡ଼ିଶା ବିଜୟର ନିକଟତର ହେଉଥିବା ବେଳେ ଭରସାଯୋଗ୍ୟ ବ୍ୟାଟ୍ସମ୍ୟାନ ରାଜେଶ ଧୂପର ୩୨ରନରେ ଆଶିଷ ହୁଡ୍ଡାଙ୍କ ଶିକାର ହୋଇଥିଲେ। ରାଜେଶ ମହାନ୍ତି ଓ ବସନ୍ତ ମହାନ୍ତିଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ତେବେ ରାଜେଶ ୨୧ରନ କରିଥିବା ବେଳେ ଅଜିତ ଚହଲ ଉଇକେଟ କିପର ନୀତିନ ସଇନିଙ୍କ ହାତରେ କ୍ୟାଚ କରାଇ ହରିୟାଣା ଶିବିରରେ ଉତ୍ସାହ ଖେଳାଇ ଦେଇଥିଲେ। ଇନିଂସରେ ଅଜିତଙ୍କର ଏହା ୭ମ ଉଇକେଟ ଥିଲା।

## ରଣଜୀ ଟ୍ରଫି

- ହରିୟାଣାକୁ ୧ ଉଇକେଟରେ ହରାଇଲା
- ଦୁଇ ରାଜେଶଙ୍କ ମ୍ୟାଚ ବିଜୟୀ ଇନିଂସ୍



ରାଜେଶ ଧୂପର।

୧୭୬ରନରେ ଓଡ଼ିଶାର ୯ମ ଉଇକେଟ ପତନ ଘଟିଥିଲା। ଅନ୍ତିମ ବ୍ୟାଟ୍ସମ୍ୟାନ ତଥା ସ୍ପିନର ପପୁ ରାୟ ଆଶିଷ ହୁଡ୍ଡାଙ୍କ ବଲ୍‌ରେ ଚୌକା ମାରି ଓଡ଼ିଶାକୁ ବିଜୟୀ କରାଇଥିଲେ। ହରିୟାଣା ପକ୍ଷରୁ ଅଜିତ ସର୍ବାଧିକ ୭ଟି ଉଇକେଟ ଦଖଲ କରିଥିବା ବେଳେ ଓଡ଼ିଶାର ରାଜେଶ ଧୂପର ସର୍ବାଧିକ ୩୨ରନ କରିଛନ୍ତି। ଏହି ମ୍ୟାଚ୍‌ରେ ୧୧ଟି ଉଇକେଟ ହାସଲ କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

ଅଧିନାୟକ ଶୁଭ୍ରାଂଶୁ ସେନାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ପେସ୍ ବୋଲରଙ୍କୁ ପିଚ୍ ଅଧିକ ମାତ୍ରାରେ ସୁହାଉଥିଲା। ଯାହା ଫଳରେ ଉଭୟ ଦଳ ପାଇଁ ରନ ସଂଗ୍ରହ କଷ୍ଟଦାୟକ ଥିଲା। ଦୁଇ ରାଜେଶ (ରାଜେଶ ଧୂପର-ରାଜେଶ ମହାନ୍ତି)ଙ୍କ ଉପରେ ଦଳର ଭରସା ରହିଥିଲା। ଏହି ମ୍ୟାଚ୍ ଜିତିବା ପରେ ଦଳର ମନୋବଳ ଶକ୍ତ ହୋଇଛି। ଆଗାମୀ ମ୍ୟାଚ୍ ଗୁଡ଼ିକରେ ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଶୁଭ୍ରାଂଶୁ କହିଛନ୍ତି। ଆସନ୍ତା ୧୯ରୁ ଓଡ଼ିଶା ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଜମ୍ମୁ-କଶ୍ମୀରକୁ ଭେଟିବ।


## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ରିଶାନ୍ (ଗୁଗୁ)

ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

ଶୁଭେଚ୍ଛା ସହ:

ବାପା, ମା', ଜେଜେବାପା, ଜେଜେମା', ଅଜା, ଆଈ, ପିଉସା: ଦେବାଶିଷ, ବୁକୁ, ପିଉସୀ: ମିତା, ରୀତା, କକା: ଶିବୁନ୍, ମାମୁ: ବାପି, ବୁଢା, ବବୁଲୁ, ମାଈଁ: ଅନିତା, ଅଙ୍କିତା, ଭାଇ: ସାଇ, ଆରୁଷ, ଭଉଣୀ: ପରୀ

ଧ-୧୬୧୯୮

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଦିବ୍ୟାଂଶୀ ପ୍ରିୟଦର୍ଶିନୀ ନାୟକ

ଅଟିରା,ବରୀ

ଆଜିର ଏ ସକାଳ, କେତେ ଯେ କୋମଳ କେତେ ଯେ ପବିତ୍ର କେତେ ଯେ ନିର୍ମଳ, ଏଇ ସକାଳ ପରି ନିର୍ମଳ ରହୁ ମୋ ମିକି ମନ, ହସ ଖୁସିରେ କଟୁ ତୋର ସବୁ ରାତି ସବୁଦିନ, ଚଲାପଥେ ତୋର ଫୁଟିଯାଉ ଫୁଲ, ସେ ଫୁଲର ମହକେ ମହକୁ ମୋ ବାୟାଣୀ ଜୀବନ.........

-:ଶୁଭେଚ୍ଛା ସହ:-

ଜେଜେବାପା, ଜେଜେମା', ନାନୀ, ପାପା, ମାମା, ଛୁଆପାପା

ଧ-୧୬୨୦୪

## Birthday Wish



Rajendra Sahoo

May life bring you everything you are dreaming about. Congratulations on your birthday and have a blast on this day.

Special wishes from: Family & Friends

ଧ-୧୬୧୮୯


# କ୍ରୀଡ଼ା ପ୍ରୋତ୍ସାହନ ପାଇଁ ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର, ୧୪।୧(କ୍ରୀଡ଼ା ପ୍ରତିନିଧି)



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ମହିଳା ହକି ତାରକା ଦୀପ୍‌ଗ୍ରେସ୍ ଏକ୍କା ଓ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ।

ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମି ବଢ଼ିବା ସହ ବଡ଼ ଟୁର୍ନାମେଣ୍ଟମାନ ଆୟୋଜନ ହେଉଛି। ଏହାର ପୁରସ୍କାର ମଧ୍ୟ ରାଜ୍ୟକୁ ମିଳିବାରେ ଲାଗିଛି। କ୍ରୀଡ଼ା ପ୍ରୋତ୍ସାହନ ଲାଗି ଦ୍ୱିତୀୟ ଥରପାଇଁ ଓଡ଼ିଶା ପୁରସ୍କୃତ ହୋଇଛି। ମୁମ୍ବାଇରେ ସୋମବାର ଅନୁଷ୍ଠିତ ସ୍ପୋର୍ଟ୍ସଷ୍ଟାର ଏସେସ ପୁରସ୍କାର ଉତ୍ସବରେ ଓଡ଼ିଶାକୁ 'ବେଷ୍ଟ ଷ୍ଟେଟ୍ ଫର ପ୍ରମୋଶନ ଅଫ୍ ସ୍ପୋର୍ଟ୍ସ' ପୁରସ୍କାର ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କାର ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ଓଡ଼ିଶାର ପ୍ରମୋଦ ଭଗତ 'ସ୍ପୋର୍ଟ୍ସ ମ୍ୟାନ ଅଫ ଦି ଇୟର'(ପାରା ସ୍ପୋର୍ଟ୍ସ ) ଏବଂ ହକି ତାରକା ଦୀପ୍ ଗ୍ରେସ୍ ଏକ୍କା 'ସ୍ପୋର୍ଟ୍ସ ଓମ୍ୟାନ ଅଫ ଦି ଇୟର'(ଟିମ୍ ସ୍ପୋର୍ଟ୍ସ) ପୁରସ୍କାର ଲାଭ କରିଛନ୍ତି। ଓଡ଼ିଶା କ୍ରୀଡ଼ା ହବ୍‌ରେ ପରିଣତ ହେବା ଦିଗରେ ଏହା ଆଉ ଏକ ସଫଳତା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରିଛନ୍ତି। ଏହି ଉତ୍ସବରେ ତାରକା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ 'ସ୍ପୋର୍ଟ୍ସ ଷ୍ଟାର ଅଫ୍ ଦି ଇୟର' ପୁରସ୍କାର ପାଇଥିଲେ। ଶ୍ରେଷ୍ଠ କର୍ପୋରେଟ/ପିଏସୟୁ ପୁରସ୍କାର ଇଣ୍ଡିଆନ ଅଏଲ କର୍ପୋରେଶନକୁ ମିଳିଥିବାବେଳେ ଭାରତୀୟ କ୍ରିକେଟ ଦଳ 'ଟିମ୍ ଅଫ୍ ଦି ଇୟର' ପୁରସ୍କାର ହାସଲ କରିଥିଲା। କ୍ରିକେଟ କିମ୍ବଦନ୍ତୀ କପିଳ ଦେବଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଜୟ ଧାରା ଅବ୍ୟାହତ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

ହାଇଦ୍ରାବାଦ୍, ୧୪।୧

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ଏକ ମ୍ୟାଚ୍‌ରେ ବୁଧବାର ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଘରୋଇ ହାଇଦ୍ରାବାଦ୍ ଏଫ୍‌ସିକୁ ଭେଟିବାକୁ ଯାଉଛି। ସ୍ଥାନୀୟ ଜିଏମ୍‌ସି ବାଲ୍‌ୟୋଗୀ ଆଥ୍‌ଲେଟିକ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଚଳିତ ସିଜନରେ ଆଇଏସ୍ଏଲ୍ ପଦାର୍ପଣ କରିଥିବା ଓଡ଼ିଶା ଏଫ୍‌ସି ବର୍ତ୍ତମାନ ଚମତ୍କାର ଫର୍ମରେ ରହିଛି। ଘରୋଇ ପଡ଼ିଆ କଳିଙ୍ଗ ଷ୍ଟାଡିୟମରେ କ୍ରମାଗତ ୩ଟି ମ୍ୟାଚ୍ ଜିତିବାପରେ ଓଡ଼ିଶା ଏଫ୍‌ସି ଏହି ମ୍ୟାଚ୍ ଖେଳିବାକୁ ହାଇଦ୍ରାବାଦ୍ ଆସିଛି। ଜୋସେଫ୍ ଗୋମ୍ବାଉଙ୍କ ପ୍ରଶିକ୍ଷଣ ପ୍ରାପ୍ତ ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୨ ମ୍ୟାଚ୍ ଖେଳି ୫ ବିଜୟ, ୪ ପରାଜୟ ଓ ୩ ଡ୍ର ସହ ୧୮ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିବା ହାଇଦ୍ରାବାଦ୍ ବିପକ୍ଷରେ ଯଦି ବିଜୟ ଲାଭ କରେ ତେବେ ଓଡ଼ିଶା ୫ ପଏଣ୍ଟ ଅର୍ଜନ କରିବା ସହିତ ଗୋଆ (୨୪) ପଛକୁ ୨ୟ ସ୍ଥାନରେ ରହିବ। ତେଣୁ ଏହି ମ୍ୟାଚ୍ ଜିତି ଓଡ଼ିଶା ଏହାର ବିଜୟ ଧାରା ଅବ୍ୟାହତ ରଖିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ହାଇଦ୍ରାବାଦ୍ ଚଳିତ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଛି। ଦଳ ୧୨ ମ୍ୟାଚ୍‌ରୁ ୯ ପରାଜୟ ସହ ମାତ୍ର ୫ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଖରାପ ପ୍ରଦର୍ଶନ ଲାଗି ନିକଟରେ ହାଇଦ୍ରାବାଦ ଏହାର କୋଚ୍ ତଥା ମ୍ୟାନେଜର ଫିଲ୍ ବ୍ରାଉନଙ୍କ ସହ ସମ୍ପର୍କ ଛିନ୍ନ କରିଥିଲା। ନୂତନ ମ୍ୟାନେଜର ଭାବେ ଆଲବର୍ଟ ରୋକା ଦାୟିତ୍ୱ ଗ୍ରହଣ କରିଛନ୍ତି। 'ନୂଆ କୋଚ୍‌ଙ୍କ ସାମ୍ନାରେ ଖେଳାଳିମାନେ ନିଜକୁ ପ୍ରମାଣିତ କରିବାକୁ ଚାହିଁବେ। ତେଣୁ ସେମାନେ ଏହି ମ୍ୟାଚ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଏହା ଆମ ପାଇଁ ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜିଂ ମ୍ୟାଚ୍ ରହିବ' ବୋଲି ଓଡ଼ିଶା ଏଫ୍‌ସି କୋଚ୍ ଗୋମ୍ବାଉ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ଆଇଏସ୍ଏଲ୍

## ଯୁବ ଦଳ ବିଜୟୀ

**ନୂଆଦିଲ୍ଲୀ, ୧୪।୧:** ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍) ଦଳ ଓଡ଼ିଶା ଏଫ୍‌ସିର ଯୁବ ଦଳ ହିରୋ ଏଲିଟ୍ ଲିଗ୍ ପ୍ରତିଯୋଗିତା (୧୮ ବର୍ଷରୁ କମ୍)ରେ ବୃହତ୍ ବିଜୟ ହାସଲ କରିଛି। ପଞ୍ଜାବର ୱାଇଏଫ୍‌ସି ରୁର୍କା କଲାନ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ୧୮ ବର୍ଷରୁ କମ୍ ଓଡ଼ିଶା ଏଫ୍‌ସି ଦଳ ୭-୧ ଗୋଲରେ ୟୁଥ୍ ଏଫ୍‌ସି ଦଳକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଓଡ଼ିଶା ୬ଟି ଗୋଲ ଦେଇଥିଲା। ବିଜୟୀ ଓଡ଼ିଶା ଏଫ୍‌ସି ଯୁବ ଦଳ ପକ୍ଷରୁ ଅଂଶୁମାନ ତ୍ୟାଗୀ ୩ଟି ଏବଂ ରିଷଭ ଡୋବ୍ରିୟାଲ ୨ଟି ଗୋଲସ୍କୋର କରିଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ସୁଦେଭା ଫୁଟ୍‌ବଲ କ୍ଲବକୁ ଜାନୁୟାରୀ ୧୮ରେ ଭେଟିବ।

### ହିରୋ ଏଲିଟ୍ ଲିଗ୍

# ବୋନସ ପଏଣ୍ଟ ସହ ଜିତିଲା ଓଡ଼ିଶା

ବରଗଡ଼ ଅଫିସ,୧୪।୧



ବିଜୟୀ ଓଡ଼ିଶା ଦଳ।

ବରଗଡ଼ସ୍ଥିତ ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଏବଂ ଅରୁଣାଚଳ ପ୍ରଦେଶ ମଧ୍ୟରେ ୨୩ବର୍ଷରୁ କମ୍ କର୍ନେଲ ସି.କେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ଏକ ଇନିଂସ ଓ ୨୭ରନ୍‌ରେ ଜିତି ନେଇଛି। ଏହି ବିଜୟ ଯୋଗୁ ଓଡ଼ିଶା ବୋନସ ପଏଣ୍ଟ ସହିତ ୭ ପଏଣ୍ଟ ଲାଭ କରିଛି। ଓଡ଼ିଶା ଦଳ ମଙ୍ଗଳବାର ପୂର୍ବଦିନର ଅସମାପ୍ତ ସ୍କୋର ୨୦୧/୫ ରୁ ଖେଳ ଆରମ୍ଭ କରିଥିଲା। ଦ୍ୱିତୀୟ ଦିବସ ଖେଳ ଆରମ୍ଭରେ ଦଳ ବିପର୍ଯ୍ୟର ସମ୍ମୁଖୀନ ହୋଇଥିଲା। ସୋମବାର ୭୪ ରନ କରି ଅପରାଜିତ ଥିବା ଶୁଭମ ଶତ୍ରୁଜିତ୍ ଶୀଘ୍ର ପ୍ୟାଭିଲିୟନ ଫେରିଥିଲେ। ସେହିପରି ପୂର୍ବଦିନ ୮୭ରନ୍ କରି ଅପରାଜିତ ଥିବା ସୋମେନ ଚାନ୍ଦ ୯୩ରନ୍‌ରେ ଆଉଟ୍ ହୋଇଥିଲେ। ପ୍ରଥମ ଇନିଂସରେ ଓଡ଼ିଶା ସମସ୍ତ ଉଇକେଟ୍ ହରାଇ ୨୭୩ ରନ କରିପାରିଥିଲା। ଏଥି ସହିତ ପ୍ରଥମ ଇନିଂସରେ ଅରୁଣାଚଳ ପ୍ରଦେଶଠାରୁ ୧୬୨ରନ୍‌ରେ ଅଗ୍ରଣୀ ଲାଭ କରିଥିଲା। ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସରେ ଆକ୍ରମଣାତ୍ମକ ଖେଳିଥିଲା। ହେଲେ ଦଳର ପ୍ରଥମ ଯୋଡ଼ି ୨୮ରନ୍ ଓ ଦ୍ୱିତୀୟ ଯୋଡ଼ି ୪୪ରନ୍ ଯୋଗ କରିପାରିଥିଲେ। ଓଡ଼ିଶା ବୋଲରଙ୍କ ପ୍ରଭାବୀ ବୋଲିଂ ଯୋଗୁ ମାତ୍ର ୧୩୫ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ଦଳର କାର୍ତ୍ତିକ ବିଶ୍ୱାଳ, ଅମ୍ରିତ ଖଟୁଆ ୩ଟି ଲେଖାଏଁ ଉଇକେଟ ନେଇଥିଲେ।

ମ୍ୟାଚରେ ବିସିସିଆଇ ପକ୍ଷରୁ ବିରାଜ ଦାଶ ଅନଲାଇନ୍ ସ୍କୋରର ଥିବାବେଳେ ବିରବର ନାୟକ ମାନୁଏଲ ସ୍କୋରର, ଗୋବିନ୍ଦ ବେହେରା ଭିଡ଼ିଓ ଆନାଲିଷ୍ଟ ଏବଂ ସାୱନ କୁମାର ପାଢ଼ୀ ଆସିଷ୍ଟାଣ୍ଟ ଭିଡ଼ିଓ ଆନାଲିଷ୍ଟ ଦାୟିତ୍ୱରେ ରହିଥିଲେ। ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ରବି ନାରାୟଣ ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଯାପନୀ ସମାରୋହ ହୋଇଥିଲା। ଏହି ଅବସରରେ ଉଭୟ ଦଳ ସମେତ ମ୍ୟାଚ ରେଫରି ଓ ଅମ୍ପାୟରମାନଙ୍କୁ ସ୍ମାରକ ପ୍ରଦାନ କରାଯାଇଥିଲା। ଏଥିରେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ବିକାଶ ଗ୍ରୁପର ଚେୟାରମ୍ୟାନ ତଥା ଭେନ୍ୟୁ ମ୍ୟାନେଜର ଡି. ମୁରଲୀ କ୍ରୀଷ୍ଣା, ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡ.ସମରେନ୍ଦ୍ରନାଥ ପଣ୍ଡା, ଜିଲା କ୍ରିକେଟ ଆସୋସିଏଶନ ଉପସଭାପତି ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, କାର୍ଯ୍ୟକାରୀ କମିଟି ସଦସ୍ୟ ଅମିୟ ଭୂଷଣ ସାହୁ, ପ୍ରଦୀପ ସାହୁ, ଚନ୍ଦ୍ରଶେଖର ପ୍ରଧାନ, ରଜତ ଦାଶ, ସନ୍ତୋଷ ପଣ୍ଡା, ସୌର୍ଯ୍ୟରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ, କ୍ରିକେଟ କୋଚ୍ ଅଶୋକ ସିଂ, ଓସିଏ ଗ୍ରାଉଣ୍ଡସ୍ମ୍ୟାନ ମୂରଲୀ ପାତ୍ର, ବିକାଶର ଗ୍ରାଉଣ୍ଡସ୍ମ୍ୟାନ ପିଣ୍ଟୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ସି.କେ. ନାଇଡୁ ଟ୍ରଫି

# ୟୁନିୟନ ସ୍ପୋର୍ଟିଂ ଫାଇନାଲରେ

ପଦ୍ମପୁର,୧୪।୧(ଡି.ଏନ୍.ଏ.)




ଅତିଥିମାନେ ଜ୍ୟୋତିରଞ୍ଜନଙ୍କୁ ପୁରସ୍କୃତ କରୁଛନ୍ତି।

ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ୨୬ତମ ସର୍ବଭାରତୀୟ ବୋରାସମ୍ବର କପର ତୃତୀୟ ଦିବସ ଖେଳ ୟୁନିୟନ ସ୍ପୋର୍ଟିଂ କଟକ ଏବଂ ସେଲ ରାଞ୍ଚି ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ପ୍ରଥମେ ଅନୁଷ୍ଠିତ ଟି-୨୦ରେ କଟକ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୧୬୦ ରନ କରିଥିଲା। ମହମ୍ମଦ ଆକ୍ରମ ୩୪ ବଲରେ ୬୯ ରନ୍ କରିଥିବା ବେଳେ ଜ୍ୟୋତି ୪୨ ବଲ୍‌ରେ ୬୯ ରନ୍ କରିଥିଲେ। ଜବାବରେ ରାଞ୍ଚି ଦଳ ୧୪୦ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସୁରଜ ଯାଦବ ୩୧ ଏବଂ ଧର୍ମେନ୍ଦ୍ର ୧୪ ରନ୍ କରିଥିଲେ।

ପରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଟି-୧୦ ମ୍ୟାଚରେ ସେଲ ରାଞ୍ଚି ଦଳ ପ୍ରଥମେ ବ୍ୟାଟିଂ କରି ୬୫ ରନ୍ କରିଥିଲା। ଦଳ ପକ୍ଷରୁ ରୋଶନ କୁମାର ୧୨ରନ୍ ଏବଂ କୁଲସନ ଝା ୧୧ ରନ୍ କରିଥିଲେ। କଟକ ଦଳ ପକ୍ଷରୁ ନୌତମ ୩ ଉଇକେଟ ନେଇଥିଲେ। ଜବାବରେ କଟକ ଦଳ ୯.୧ ଓଭରରେ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ଦଲାଲ ୧୮ ବଲରେ ୨୨ରନ୍ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟାପକ କୃଷ୍ଣମୋହନ ପଣ୍ଡା ଅତିଥି ଭାବେ ଯୋଗଦେଇ ୟୁନିୟନ ସ୍ପୋର୍ଟିଂ କଟକର ଜ୍ୟୋତିରଞ୍ଜନ ଦଲାଇଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ପରିଚାଳନା କରିଥିଲେ ଅମ୍ପାୟର ବଳରାମ ପଟ୍ଟନାୟକ ଓ ଚୁଡାମଣୀ ପାଢ଼ୀ। ଧରଣୀ ବାରିକ୍, ଗିତେଶ ନାଏକ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଅମରେଶ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବୁଧବାର ମ୍ୟାଚ ଗ୍ରୁପ-ବି'ର ବୋରାସମ୍ବର ସ୍ପୋର୍ଟିଂ ପଦ୍ମପୁର ଏବଂ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ।

## ବୋରାସମ୍ବର କପ୍


# ମନେ ପଡ଼ନ୍ତି

## ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ



✓ ସ୍ଥିତପ୍ରଜ୍ଞ ହୋତା (ଜିତୁ)

ଆବିର୍ଭାବ : ୦୯.୦୨.୧୯୭୫

ତିରୋଧାନ : ୦୬.୦୧.୨୦୨୦

ପରିବାରବର୍ଗ, ବଳଙ୍ଗା, ପୁରୀ

ଧ-୧୬୨୦୧

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମୋହନ ଚରଣ ଦାସ

ଅରଜଙ୍ଗ, ତିର୍ତ୍ତୋଲ, ଜଗତ୍‌ସିଂହପୁର

ଆବିର୍ଭାବ: ୦୩।୧୧।୧୯୪୮

ତିରୋଧାନ: ୦୬।୦୧।୨୦୧୮

ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା । ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ଆମେ ଭୁଲିପାରିବୁ ନାହିଁ। ଆଜି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଜନ କୀର୍ତ୍ତନ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:

ଦୋଳ, ବିଜି, ଗୋଲକ, ରୁନ, ମନ୍ତୁ, ଟିକି, ଟିଟୁନା, ମାମା, ନାତି, ନାତୁଣୀ, ପରିବାରବର୍ଗ ଓ ବନ୍ଧୁ ଆତ୍ମୀୟସ୍ୱଜନ ।

ଧ-୧୬୧୪୪

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଶାନ୍ତ କୁମାର ଦାସ (ବାପୁଜୀ)

ଆବିର୍ଭାବ: ୨୮।୦୩।୧୯୪୯

ତିରୋଧାନ: ୨୪।୦୧।୨୦୧୯

ଆର୍.ସି ରୋଡ଼, ଭଞ୍ଜନଗର

ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ କେଉଁ ଅଜଣା ରାଇଜକୁ। ତୁମେ ଯେଉଁଠି ଥାଅନା କାହିଁକି ତୁମ ହୃଦୟର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦରୁ ଆମକୁ ବଞ୍ଚିତ କରିବ ନାହିଁ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ହେଉ। ଆଜିର ପୁଣ୍ୟ ତିଥିରେ ଆମ୍ଭମାନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:

ସ୍ତ୍ରୀ: ମନୋରମା, ପୁତ୍ର: ଦେବାଶିଷ, ଆଶୁତୋଷ, କନ୍ୟା: ଶିବାନୀ, ସୌମ୍ୟା, ଜ୍ୱାଇଁ: ଅଶୋକ, ସତ୍ୟନାରାୟଣ, ନାତି/ନାତୁଣୀ: ଜିତ୍, ମାମୁନି, ଶିବାଂଶ ।

ଧ-୧୬୧୯୭

## ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଗିରିଧାରୀ ମହାନ୍ତି

ବାପୁଜୀ ନଗର, ଭୁବନେଶ୍ୱର

ଗ୍ରାମ- ବଡ଼ଗାଁ, ଜିଲ୍ଲା- କେନ୍ଦ୍ରାପଡ଼ା

ତିରୋଧାନ: ୨୨।୦୧।୨୦୧୪

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନ ଆମ ପାଇଁ ଅଭୁଲା ସ୍ମୃତି ହୋଇ ରହିଛି। ଏହି ପୁଣ୍ୟ ତିଥିରେ ଆମ୍ଭେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି, ଆଶୀର୍ବାଦ ଭିକ୍ଷା କରୁଛୁ।

ଶୋକସନ୍ତପ୍ତ:

ପରିବାରବର୍ଗ ।

ଧ-୬୮୩୨୭

## ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ



✓ ସୁଦାମ ଚରଣ ପଟ୍ଟନାୟକ

ଆବିର୍ଭାବ: ୧୬.୧୦.୧୯୩୦ (କାର୍ତ୍ତିକ କୃଷ୍ଣନବମୀ)

ତିରୋଧାନ-: ୨୫.୦୧.୨୦୧୯ (ମାଘ କୃଷ୍ଣପଞ୍ଚମୀ)

ଚାହୁଁ ଚାହୁଁ ବର୍ଷେ ବିତିଗଲା । ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣଙ୍କର ସ୍ନେହ ଶ୍ରଦ୍ଧା ଆମ ଜୀବନରେ ପ୍ରେରଣାର ଉତ୍ସ ହେଉ ।

ଶୋକସନ୍ତପ୍ତ :

ସାତ୍ୟକୀ-ସୁଶ୍ରୀ, ସଞ୍ଜୟ-ସ୍ମିତା, ଶୁଭେନ୍ଦୁ-ଅର୍ଚ୍ଚନା, ସସ୍ମିତା-ଲୋକନାଥ ପ୍ରସାଦ, ସନ୍ଦୀପ-ପଲ୍ଲବୀ, ମିଠୁନ, ଲିପି-ବିବେକ, ରୁଷାଲୀ, ସୋନୁ, ଗୁଡ୍ଡି, ସୋମି, ପିନୁ ଓ ନୋରା

ଧ-୧୬୨୦୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଜାନୁୟାରୀ ୧୫/୨୦୨୦ Sambalpur, Wednesday, January 15 / 2020

# ମାଟି ଅତଡ଼ା ଧସି ଶ୍ରମିକ ମୃତ

**କୋକସରା,୧୪।୧(ଡି.ଏନ.ଏ.)**

ଟ୍ରାକ୍ଟରରେ ମାଟି ଲୋଡ କରୁଥିବା ବେଳେ ମାଟି ଅତଡ଼ା ଧସିବାରୁ କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ମହାଭାରତ ପଡିଆ ବେହେରା ନାଳ ନିକଟରେ ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଟେମରା ପଞ୍ଚାୟତ ବୋବରିଆ ଗ୍ରାମର କବିରାଜ ଖମାରୀ (୩୮)। ଏହି ଦୁର୍ଘଟଣାରେ ପର୍ଶୁରାମ ଖମାରୀ (୨୨) ନାମକ ଜଣେ ଯୁବକ ଗୁରତର ଆହତ ହୋଇ କୋକସରା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହି ଅଘଟଣ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁସାରେ, ବୋବରିଆ ଗ୍ରାମର ୪ ଜଣ ଶ୍ରମିକ ବେହେରା ନାଳ ନିକଟ ଖାଦାନରୁ ମାଟି ଖୋଳିବା କାମରେ ନିୟୋଜିତ ହୋଇଥିଲେ। ମଧ୍ୟାହ୍ନରେ ୪ ଜଣ ଶ୍ରମିକଙ୍କ ମଧ୍ୟରୁ ୨ ଜଣ ଟ୍ରାକ୍ଟରରେ ମାଟି ଲୋଡ କରିବା ପରେ ଖାଦାନରେ ଶୋଇଥିଲେ। ଏହି ସମୟରେ ହଠାତ୍ ମାଟି ଅତଡା ଧସି ପଡିବାରୁ ଉକ୍ତ ଶ୍ରମିକ ଦ୍ୱୟ ପୋତି ହୋଇ ଯାଇଥିଲେ। ହଠାତ୍ ମାଟି ଅତଡା ଧସିବା ଦେଖି ଅନ୍ୟ ଦୁଇ ଜଣ ଶ୍ରମିକ ତୁରନ୍ତ ସେଠାକୁ ପହଞ୍ଚି ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ ମଧ ଜଣେ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ଆମପାଣି ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି କୋକସରା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ କରି ତଦନ୍ତ ଚାଲିଥିବା ଆମପାଣି ଥାନାଧିକାରୀ ପୁଷ୍ପାଞ୍ଜଳି ନିଙ୍ଗି ସୂଚନା ଦେଇଛନ୍ତି।

# କାକା ହତ୍ୟା ଘଟଣାରେ ପୁତୁରାକୁ ଆଜୀବନ କାରାଦଣ୍ଡ

**ଟିଟିଲାଗଡ଼, ୧୪।୧ (ଡି.ଏନ.ଏ.)**

ନିଜ ବୃଦ୍ଧ କାକାଙ୍କୁ ହତ୍ୟା ଘଟଣାରେ ବଲାଙ୍ଗୀର ଜିଲା ଟିଟିଲାଗଡ ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜଙ୍କ ଅଦାଲତ ମଙ୍ଗଳବାର ରାୟ ପ୍ରକାଶ କରି ଅଭିଯୁକ୍ତ ପୁତୁରାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ରାଧାକାନ୍ତ ପାଢୀଙ୍କ ସୁଚନା ଅନୁଯାୟୀ ଗତ ତା ୧୭।୬।୧୭ରିଖରେ ସଇଁନ୍ତଳା ଥାନା ଅନ୍ତର୍ଗତ ଖରଜୁରି ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଗ୍ରାମର ବିଶ୍ୱମ୍ଭର ବନଛୋର ଭତ୍ତା ଟଙ୍କା ନେଇ ପଞ୍ଚାୟତ କାର୍ଯ୍ୟାଳୟରୁ ଫେରୁଥିବାବେଳେ ପୁତୁରା ଅନାଦି ବନଛୋର ତାଙ୍କ ଭାଇଙ୍କ ସହ କଳି କରୁଥିଲେ। ସେ ଅଟକି ଉଭୟଙ୍କ ମଧ୍ୟରେ ମୀମାଂସା ଉଦ୍ୟମ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅନାଦି କାକା ବିଶ୍ୱମ୍ଭରଙ୍କୁ ଏକ ଟାଙ୍ଗିଆରେ ହାଣି ଦେବାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଘଟଣା ନେଇ ସଇଁନ୍ତଳା ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅନାଦିଙ୍କୁ ଗିରଫ କରିଥିଲା। ଅନାଦିଙ୍କ ବୟାନ ମୁତାବକ ପାଖ ପାହାଡ ବୁଦାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ପୋଲିସ ଜବତ କରିଥିଲା। ଏ ନେଇ ସରକାରୀ ଅଧିବକ୍ତାଙ୍କ ପକ୍ଷରୁ ୨୪ ଜଣଙ୍କ ସାକ୍ଷ୍ୟ, ୨୭ଟି ଦସ୍ତାବିଜ୍, ୧୨ ଏମଓ, ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତ ଲଗା ଟାଙ୍ଗିଆରେ ମୃତ ବିଶ୍ୱମ୍ଭରଙ୍କ ରକ୍ତ ନମୁନା, ଶବ ବ୍ୟବଚ୍ଛେଦ ରିପୋର୍ଟ ଆଦି ଅଦାଲତରେ ଦାଖଲ କରି ଅଭିଯୁକ୍ତଙ୍କ ବିରୋଧରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ମାମଲାର ବିଚାର କରି ଟିଟିଲାଗଡ ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜେଶ ନାୟାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଏବଂ ୫୦ ହଜାର ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୨ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହା ସହ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ଜିଲା ଲିଗାଲ ସେଲକୁ ଆଦେଶ ଜାରି କରିଥିବା ସରକାରି ଓକିଲ ପାଢୀ ଗଣମାଧ୍ୟମକୁ କହିଛନ୍ତି।




TVS CREDIT | IDFC FIRST Bank | IndusInd Bank | tvsjupiter | www.tvsjupiter.com | Call: 1800 315 7777

# Terms & conditions apply. +5 yr. warranty without any additional charges.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph: 9778371171. BOLANGIR: Rajlaxmi TVS, Ph: 918260437538. BARGARH: Subhamm TVS, Ph: 8860625628. BHAWANIPATNA: Barun TVS, Ph: 8260430746; ROURKELA: Unique TVS, Ph: 8114372182, 8114372181, Gurugobind TVS, Ph: 9776280601, 9437203299; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph: 6370700730, 6370700732 Authorised Dealers: Rengali, Ph: 9437052831; Deogarh, Ph: 9437392892; Charbahal, Ph: 9853406294; Junagarh, Ph: 9437092284, 9437939586; Nuapara, Ph: 9937653638; Raj Khariar, Ph: 9439144433; Muniguda, Ph: 9583860028; Dharmagarh, Ph: 9938883405; Kutra, Ph: 6370312667, 7796501441; Belpahar, Ph: 9238581791; Binka, Ph: 7894255589; Attabira, Ph: 9853157276; Barpali, Ph: 9777703149; Patnagarh, Ph: 9938621078; Dungripally, Ph: 9937926986; Sundergarh, Ph: 06622-274361, 9437139011; Rajgangpur, Ph: 9861265188; San Balichuan, Ph: 8658502167; Khariar Road, Ph: 9938098888; Sohela, Ph: 9938739550; Thuvapali, Ph: 9937452169; Bhatli, Ph: 9090140103; Titlagarh, Ph: 9438096285; Boudh, Ph: 9439238768; Kantabanji, Ph: 9437210599; Gaisilat, Ph: 9937408645; Jaipatna, Ph: 9178280401;Padampur, Ph: 9938110070; Sambalpur, Ph: 9337016000; Bamra, Ph: 9437535172; Kuchinda, Ph: 9437058129; Tarbha: Ph: 9439135679; Redhakhol: Ph: 7978349822; Saintala: Ph: 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph: 9938119999, 9777822622; Laikera, Ph: 9938465363 Bheden, Ph: 7008024042, 7008822177; Godbhaga, Ph: 6372444931, 6372445813; Bangamunda, Ph: 9937526500; Tusura, Ph: 9437890955, 9439581200; Bandhabahal, Ph: 6371909005; Bagdehi, Ph: 7008977491; Udanbandh, Ph: 7326042333, 7326042335; Lathor, Ph: 7008086417; Kantamal, Ph: 7008225996.

dentsuindia/dha sam/04/20







ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

| ODYSSEY MOTORS | ORBIT MOTORS | SKY AUTOMOBILES | LEGEND CARS |
|---|---|---|---|
| SAMBALPUR: CALL: 9439018805. BOLANGIR: CALL: 9438068327. BARGARH: CALL: 8895094616. NUAPADA: CALL: 8895094633. SONEPUR: CALL: 9437421356. JHARSUGUDA: CALL: 9439892153. BOUDH: CALL: 8594908009. | ROURKELA: CALL: 9040404444, 9040404333. SUNDARGARH: CALL: 9437049161. DEOGARH: CALL: 9437061223. | BERHAMPUR: CALL: 7381261000. | JEYPORE: CALL: 7894442915. BHAWANIPATNA: CALL: 7894442907. |

**Offer includes consumer offer, exchange bonus and corporate offer (Wherever Applicable). Terms and conditions apply. *LXI CNG 1.0L & LXI(O) CNG 1.0L variants are BSIV compliant. Features and accessories shown may not be part of standard fitment. Images used are for illustration purposes only. Appearance of black shade on the car window glass is due to lighting effect. Colors shown may vary from actual body color due to printing on paper. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. #Terms and conditions apply. Step up scheme from HDFC Bank, EMI is per lakh per month. Finance at the sole discretion of the financier. 5 year loan tenure considered. Scheme for select customers only. Offers valid till 31st January 2020.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



"ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ
ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



## ସଂକ୍ଷେପରେ



### ତୃତୀୟ ଅବଧୂତ ମହୋତ୍ସବ ଉଦ୍‌ଯାପିତ

**ଅମରପାଲି, ୧୪।୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଳୟାଠାରେ ଚାଲିଥିବା ତୃତୀୟ ବାବା ଅବଧୂତ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସୁବଳୟା ଧିବରପଡାର ଅବଧୁତ କ୍ଲବ ପକ୍ଷରୁ ଚଳିତ ବର୍ଷ ବଡଜାକ ଜମକରେ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଗତ ୧୦ ତାରିଖରେ କଳସ ଶୋଭାଯାତ୍ରା ପରେ ଆରମ୍ଭ ହୋଇଥିଲା ମହୋତ୍ସବ। ସନ୍ଧ୍ୟାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବନାଞ୍ଚଳ ଅଧିକାରୀ ଅଭିନାଶ ବେରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ଦେଇଥିଲେ। ପରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ୧୧ତାରିଖରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀରର ଗାୟିକା ମୋନାଲି ମହାପାତ୍ର ଯୋଗଦେଇ ପାରାୟଣ ଗାନ କରିଥିଲେ। ୧୨ ତାରିଖରୁ ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ କରାଯାଇଥିଲା। ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ସହ ସୁନ୍ଦରାକାଣ୍ଡ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ରବୀନ୍ଦ୍ର ହୋତା ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ଖବରଦାତା ଶେଷଦେବ ବାରିକ, ପବିତ୍ର ମେହେର, କୁନୁ ପଧାନ ଏବଂ କ୍ଲବ ସଭାପତି ରାଜେଶ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ସମସ୍ତ ସଂକୀର୍ତ୍ତନ୍ୟ ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏକ ଆଧାତ୍ମିକ ପରିବେଶ ମଧ୍ୟରେ ୪ଦିନ ବ୍ୟାପି ଅନୁଷ୍ଠିତ ଏହି ମହୋତ୍ସବରେ ସୁବଳୟା ତଥା ଆଖପାଖ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।

# ଟାର୍ଗେଟ୍ ନାହିଁ, ଗୋଦାମ ଘର ନାହିଁ

**ସୋନପୁର,୧୪।୧(ନି.ପ୍ର.)**



ବିନିକା ବ୍ଲକ ଶଙ୍କରା ପ୍ୟାକ୍ସରେ ଖୋଲା ଆକାଶ ତଳେ ଧାନ ପଡି ରହିଛି ।

- ଖୋଲା ଆକାଶ ତଳେ ପଡି ରହିଛି ଧାନ
- ୨୯,୩୬୪ ଚାଷୀଙ୍କ ଠାରୁ କିଣା ହେଲାଣି ୨୨ ଲକ୍ଷ କ୍ୱିଣ୍ଟାଲ

ଚଳିତ ବର୍ଷ ଭଲ ବର୍ଷା ଓ ଅନୁକୂଳ ପାଗ ଯୋଗୁଁ ସୁବର୍ଣ୍ଣପୁର ଜିଲାରେ ଖରିଫ ଧାନ ଅମଳ ଭଲ ହୋଇଛି । ତେବେ ମିଲର୍ସଙ୍କ ମନମାନି ସାଙ୍ଗକୁ କିଛି ପ୍ୟାକ୍ସର କ୍ରୟ ଟାର୍ଗେଟ୍ ବୃଦ୍ଧି ହୋଇ ନଥିବାରୁ ଧାନର ଅଭାବି ବିକ୍ରି ସମସ୍ୟା ସୃଷ୍ଟି ହୋଇଛି । ଟାର୍ଗେଟ୍ ସରି ଥିବାରୁ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କିଣୁ ନାହାନ୍ତି । ମିଲର୍ସ ମଣ୍ଡିକୁ ଟ୍ରକ୍ ପଠାଉ ନାହାନ୍ତି । ଚାଷୀ ମଣ୍ଡିରେ ଧାନ ରଖି ଶୀତ କାକରରେ ଜଗି ରହିଛନ୍ତି । ଅଧିକାଂଶ ପ୍ୟାକ୍ସର ଗୋଦାମ ଘର ନାହିଁ। ଆଉ ଯେଉଁଠି ଗୋଦାମ ଘର ଅଛି ତାହା ପ୍ୟାକ୍ସ ଅଫିସଠାରୁ ଦୂରରେ । ସେଗୁଡିକ ଚାଷୀଙ୍କ ବ୍ୟବହାରରେ ଆସୁନି। ଏଭଳି ସ୍ଥିତିରେ ଖୋଲା ଆକାଶ ତଳେ ଚାଷୀଙ୍କ ଧାନ ପଡି ରହିଛି। ଅନ୍ୟପକ୍ଷେ ଜିଲା ଯୋଗାଣ ବିଭାଗ ଧାନକ୍ରୟ କରିବା ପାଇଁ ଅଧିକ ଟାର୍ଗେଟ୍ ରାଜ୍ୟ ଯୋଗାଣ ନିଗମକୁ ମାଗିଛି। କିନ୍ତୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ସରକାରଙ୍କ ପକ୍ଷରୁ ଏହି ଟାର୍ଗେଟ୍ ମିଳିନି। ଜିଲାରେ ଗତ ନଭେମ୍ବର ୧୫ ତାରିଖରୁ ଖରିଫ ଧାନ କିଣା ଆରମ୍ଭ ହୋଇଛି । ଖରିଫ ଧାନ ବିକ୍ରି ପାଇଁ ୪୭ ହଜାର ୯୯୦ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୪୬ ହଜାର ୯୮୭ଜଣ ଚାଷୀଙ୍କ ଆଧାର ଯାଞ୍ଚ ହୋଇଛି । ସୁବର୍ଣ୍ଣପୁର ଜିଲାର ୪୧ , ବରଗଡ ଓ ସମ୍ବଲପୁର ଜିଲାର ୧୩ ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଛି। ଜିଲାର ୬୫ଟି ପ୍ୟାକ୍ସ ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କ ଦ୍ୱାରା ଧାନ କ୍ରୟ ହେଉଛି। ତେବେ ବାହାର ଜିଲାର ମିଲର୍ସମାନେ ମଣ୍ଡିକୁ ନ ଆସି ସ୍ଥାନୀୟ ଜଣେ ଦଲାଲଙ୍କ ଜରିଆରେ କଟ୍‌ନି ଛଟ୍‌ନି କରି ଚାଷୀଙ୍କ ଧାନ ନେଉଛନ୍ତି। ପ୍ରଶାସନ କିମ୍ବା ପ୍ୟାକ୍ସସ୍ତରୀୟ କମିଟି ଏହାକୁ ରୋକି ପାରୁନି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଜିଲାର ୨୯ହଜାର ୩୬୪ ଚାଷୀଙ୍କଠାରୁ ମୋଟ ୨୨ଲକ୍ଷ ୮୩ହଜାର ୨୦୧କ୍ୱିଣ୍ଟାଲ ଧାନକ୍ରୟ ହୋଇଛି। ତେବେ ପୂର୍ବବର୍ଷ ଭଳି ଜିଲାରେ ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନ କ୍ରୟ। ଏଫଏକ୍ୟୁ ଆଳ ଦେଖାଇ ମିଲର୍ସମାନେ କ୍ୱିଣ୍ଟାଲ ପ୍ରତି ୩ରୁ ୪କେଜି ଧାନ କାଟି ନେଉଛନ୍ତି। ଅନ୍ୟପକ୍ଷେ ବିନିକା ବ୍ଲକର ଶଙ୍କରା, ଡୁଙ୍ଗୁରିପାଲି ବ୍ଲକର ଚେରୁପାଲି, ସୁନାପାଲି, ଦିଗଶିରା, ବୀରମହାରାଜପୁର ବ୍ଲକର ହିଲୁଙ୍ଗ, ଉଫୁଲା, ସୋନପୁର ବ୍ଲକର ଲଛିପୁର, ଉଲୁଣ୍ଡା ଓ ତରଭା ବ୍ଲକର ବିଭିନ୍ନ ମଣ୍ଡିରେ ଧାନ ପଡି ରହିଛି। ଶଙ୍କରା ପ୍ୟାକ୍ସରେ ୨୬ ହଜାର କ୍ୱିଣ୍ଟାଲ ଧାନକ୍ରୟ ହୋଇଥିବା ବେଳେ ଆହୁରି ୩୦ ହଜାର କ୍ୱିଣ୍ଟାଲ ଧାନ କିଣାଯିବାକୁ ଅଛି। ମାତ୍ର ଟାର୍ଗେଟ ନଥିବାରୁ ଧାନକ୍ରୟ ବନ୍ଦ ଅଛି। ଏଠାରେ ଗୋଦାମ ଘର ନଥିବାରୁ ଖୋଲା ଆକାଶ ତଳେ ଅଢେଇ ହଜାର ବସ୍ତା ଧାନ ପ୍ରାୟ ୮ ଦିନ ହେବ ରହିଛି। ଲଛିପୁର, ଚେରୁପାଲି, ଦିଗଶିରାରେ ସମାନ ଅବସ୍ଥା। ଧାନ ଉଠୁ ନ ଥିବାରୁ ଚାଷୀ ଅସନ୍ତୋଷ ସୃଷ୍ଟି ହୋଇଛି । ହିଲୁଙ୍ଗ ପ୍ୟାକ୍ସରେ ୧୨ ହଜାର ବସ୍ତା ଧାନ, ଉଫୁଲାରେ ୪ ହଜାର ବସ୍ତା ଧାନ ପଡି ରହିଛି। କିଛି ସ୍ଥାନରେ ଟାର୍ଗେଟ୍ ଥିବା ସତ୍ତ୍ୱେ ଟ୍ୟାଗିଂ ହୋଇଥିବା ମିଲର୍ସ ମଣ୍ଡିକୁ ଯାଉ ନାହାନ୍ତି। ଏ ସମ୍ପର୍କରେ ସହକାରୀ ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା କୁହନ୍ତି, ମିଲର୍ସଙ୍କ ଉପରେ ଆହୁରି ୬ ଲକ୍ଷ କ୍ୱିଣ୍ଟାଲ ଧାନର ଟାର୍ଗେଟ୍ ଅଛି। ପୁଣି ଦିନେ ଦୁଇ ଦିନ ଭିତରେ ଟାର୍ଗେଟ୍ ଆସିବ । ଚାଷୀଙ୍କ ଧାନ କିଣିବାରେ କୌଣସି ଅସୁବିଧା ନାହିଁ। ପୁଷପୁନି ପାଇଁ ଗତ ୫ ଦିନ ହେବ ବିଭିନ୍ନ ମଣ୍ଡିରୁ ଧାନ ଉଠି ପାରି ନଥିଲା ।



### ନିଆଁ ଲାଗି ବଖରାଏ ଜଳିଗଲା

#### ନଗଦ ୧୫ ହଜାର ଟଙ୍କା ଭସ୍ମୀଭୂତ

**ଉଲୁଣ୍ଡା, ୧୪।୧(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ କୁକିଆ ଗ୍ରାମରେ ନିଆଁ ଲାଗି ମଙ୍ଗଳବାର ଏକ ବଖରା ଭସ୍ମୀଭୂତ ହୋଇଯାଇଛି। ପୂର୍ବାହ୍ନ ପ୍ରାୟ ୧୨ଟା୩୦ରେ ସୁରୁବାବୁ ବଗର୍ତ୍ତୀଙ୍କ ଘରେ କେହି ନ ଥିବା ବେଳେ ଘରେ ନିଆଁ ଲାଗିଯାଇଥିଲା। ଘର ଜଳିଯିବା ସହ ସହ ସୁରୁବାବୁ ରଖିଥିବା ୧୦ ପ୍ୟାକେଟ ଧାନ, ନଗଦ ୧୫ ହଜାର ଟଙ୍କା ଏବଂ ସମସ୍ତ ଆସବାବପତ୍ର ଭସ୍ମୀଭୂତ ହୋଇଯାଇଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ଉଲୁଣ୍ଡା ଅଗ୍ନିଶମ ଅଧିକାରୀ ଭରତଲାଲ ଏକ୍କାଙ୍କ ନେତୃତ୍ୱରେ ଦମକଳ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଦରିଦ୍ର ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

ବୋଲେରୋ, ପିକ୍‌ଅପ ଭ୍ୟାନ ଚୋରି ର୍‍ୟାକେଟ୍ ସକ୍ରିୟ

# ୪ ଭ୍ୟାନ୍ ଚୋରି ହେଲାଣି, ଅଭିଯୁକ୍ତଙ୍କ ପତ୍ତା ମିଳୁନି

**ସୋନପୁର,୧୪।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ବୋଲେରୋ ପିକ୍‌ଅପ୍ ଭ୍ୟାନ୍ ଚୋରି ବୃଦ୍ଧି ପାଇଛି। ଗତ ୨ମାସ ମଧ୍ୟରେ ୪ଟି ଭ୍ୟାନ ଚୋରି ହେଲାଣି। କେବଳ ସୋନପୁର ଥାନା ଅଧିନରେ ଗତ ୧ମାସ ମଧ୍ୟରେ ୩ଟି ଭ୍ୟାନ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏକ ର୍‍ୟାକେଟ୍ ଏହି ଚୋରିରେ ସମ୍ପୃକ୍ତ ଅଛନ୍ତି। ରାସ୍ତାପାର୍ଶ୍ୱ, ମାଲିକଙ୍କ ଘର ସମ୍ମୁଖରେ ଥିବା ଭ୍ୟାନ ଚୋରି ହେଉଛି। ଭ୍ୟାନକୁ କାଟି କବାଡି ବାଲାଙ୍କୁ ବିକ୍ରି କରାଯାଉଥିବା ସନ୍ଦେହ ହେଉଛି। ତେବେ ଅଭିଯୁକ୍ତଙ୍କୁ ଠାବ କରିବାରେ ପୋଲିସ ବିଫଳ ହୋଇଛି। ସୋମବାର ରାତିରେ ସୋନପୁର ଥାନା ଖମ୍ବେଶ୍ୱରୀପାଲିର ଜୟଭାରତ ଅଗ୍ରୱାଲଙ୍କ ଭ୍ୟାନ ନଂ ଓଡି୩୧ଏ-୨୫୩୨ ଚୋରି ହୋଇଛି। ଭ୍ୟାନ୍‌ଟି ଜୟଭାରତଙ୍କ ଘର ସମ୍ମୁଖରେ ଥିଲା । ଏହି ଛକଟି ଜାତୀୟ ରାଜପଥ ପାର୍ଶ୍ୱରେ ଥିବାରୁ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ଥିବାରୁ ପୂର୍ବରୁ ରାତିରେ ପୋଲିସ ପାଟ୍ରୋଲିଂ ହେଉଥିଲା। ମାତ୍ର ଏବେ ତାହା ବନ୍ଦ କରାଯାଇ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସେହିପରି ଗତ ଡିସେମ୍ବର ୧୧ ତାରିଖ ରାତିରେ ସୋନପୁର ସହର ବ୍ଲକ ଛକର ଗୋପାଳ ଭୁତଙ୍କ ପିକ୍ ଅପ ଭ୍ୟାନ ନଂ ଓଡି୩୧ବି-୨୫୨୭ ସମାନ ଢଙ୍ଗରେ ଚୋରି ହୋଇଥିଲା। ଭ୍ୟାନ୍ ସୋନପୁର-ବଲାଙ୍ଗୀର ଜାତୀୟ ରାଜପଥ ପାର୍ଶ୍ୱ ଦୋକାନ ସମ୍ମୁଖରେ ଥିଲା ବୋଲି ଗୋପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାର ୮ ଦିନ ପରେ ସୋନପୁର ସହର ଉପକଣ୍ଠ ଝିଙ୍କି ପଥେଇଦୁର୍ଗା ସମ୍ମୁଖ ଘର ସାମ୍ନାରୁ ବିଶ୍ୱାମିତ୍ର କର୍ଣ୍ଣଙ୍କ ଭ୍ୟାନ ଚୋରି ହୋଇଥିଲା । ନଭେମ୍ବର ମାସରେ ବିନିକା ଥାନା ଜାମଛପର ନିକଟରେ ରାସ୍ତା ପାର୍ଶ୍ୱରୁ ଏକ ପରିବା ବୋଝେଇ ପିକ୍ ଅପ ଭ୍ୟାନ୍ ଚୋରି ହୋଇଥିଲା। ଏ ପର୍ଯ୍ୟନ୍ତ ଚୋରି ଭ୍ୟାନ କିମ୍ବା ଚୋରି ର୍‍ୟାକେଟ୍‌ରେ ସମ୍ପୃକ୍ତଙ୍କୁ ଠାବ କରିବାରେ ପୋଲିସ ସଫଳ ହୋଇନି। ଅନ୍ୟପକ୍ଷେ ବାରମ୍ବାର ଚୋରି ଯୋଗୁ ଗାଡି ମାଲିକ ମାନେ ଭ୍ୟାନର ସୁରକ୍ଷା ନେଇ ଏବେ ଚିନ୍ତାରେ ଅଛନ୍ତି।



ବିନିକା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୩୧ତମ ସଡକ ସୁରକ୍ଷା ସପ୍ତାହରେ ଅତିଥି ସଡକ ନିୟମ ମାନିବାକୁ ପରାମର୍ଶ ଦେଉଛନ୍ତି।

### ସଚେତନତା ଦୁର୍ଘଟଣା ରୋକିପାରିବ

**ବିନିକା,୧୪।୧(ଡି.ଏନ୍.ଏ.)**

ବିନିକା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୩୧ତମ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏମ୍‌ଭିଆଇ ରବିନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କେବଳ ସଚେତନତା ହିଁ ଦୁର୍ଘଟଣାକୁ ରୋକିପାରିବ ବୋଲି ସେ କହିଥିଲେ। ବିନିକା ଥାନା ଆଇଆଇସି କୁଶ ପାଣିଗ୍ରାହୀ, ବିନିକା ମହିଳା ଜୁନିୟର କଲେଜ ଅଧକ୍ଷା ପ୍ରଗତି ପଟ୍ଟନାୟକ, ସିର୍ଦ୍ଧାଥ ଜୁନିୟର କଲେଜ ଅଧାପିକା ରେଖା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଟ୍ରାଫିକ ନିୟମ ମାନି ନିରାପଦ ଭାବରେ ଗାଡି ଚାଳନା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଏମ୍‌ଭିଆଇ ପ୍ରତାପ କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିବହନ ବିଭାଗ କର୍ମଚାରୀ, ବିନିକା ପୋଲିସ, ଅଗ୍ନିଶମ କର୍ମଚାରୀ, ବିନିକା ମହିଳା ଜୁନିୟର କଲେଜ, ବିନିକା ସିର୍ଦ୍ଧାଥ କଲେଜ, ବିନିକା ହାଇସ୍କୁଲ, ବିନିକା ବାଳିକା ହାଇସ୍କୁଲର ଛାତ୍ରୀଛାତ୍ର ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରାରେ ବିନିକା ସହର ପରିକ୍ରମା କରିଥିଲେ। ଏସ୍‌ଆଇ ସୂର୍ଯ୍ୟକାନ୍ତ ସେଠୀ ଏବଂ ଟଙ୍କଧର ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ଯୋଜନା ପାଇଁ ୬୨ ହିତାଧିକାରୀ ଚିହ୍ନଟ

**ଅମରପାଲି, ୧୪।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମ ପଞ୍ଚାୟତସ୍ତରୀୟ ହିତାଧିକାରୀ ଚିହ୍ନଟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ସାମାଜିକ ସୁରକ୍ଷା ଯୋଜନା ପାଇଁ ହିତାଧିକାରୀ ଚିହ୍ନଟ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ, ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌର ଚନ୍ଦ୍ର ସାହୁ, ଜିଆରଏସ ସୁଜିତ କୁମାର ବେହେରା, କେଞ୍ଚିରିଆପାଲି ଆରଆଇ ପ୍ରମୋଦ ମିଶ୍ର, ବ୍ଲକ ବିଜୁ ଯୁବ ବାହିନୀର ସଂଯୋଜକ ଦେବରାଜ ମିଶ୍ର, ପଞ୍ଚାୟତ ବିଜୁ ଯୁବ ବାହିନୀର ସଭାପତି ରାଧାମାଧବ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନାର ୬୨ ଜଣ ହିତାଧିକାରୀ ଚିହ୍ନଟ କରିଥିଲେ । ବାର୍ଦ୍ଧକ୍ୟ ଭତ୍ତା ପାଇଁ ୪୨ ଜଣ, ଭିନ୍ନକ୍ଷମ ଭତ୍ତା ପାଇଁ ୧୪ଜଣ, ଅବିବାହିତ ମହିଳା ଭତ୍ତା ପାଇଁ ୪ଜଣ, ସ୍ୱାମୀ ପରିତ୍ୟକ୍ତା ମହିଳା ୨ଜଣଙ୍କୁ ଚିହ୍ନଟ କରାଯାଇଥିଲା ।





ହିତାଧିକାରୀ ଚିହ୍ନଟ ଶିବିରରେ ଅଧିକାରୀ ଓ ଚିହ୍ନଟ ହିତାଧିକାରୀ ।





ଜୁଲୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଅତିଥି ଓ ଛାତ୍ରୀଛାତ୍ର।

### କ୍ରୀଡ଼ା ପ୍ରତିଯୋଗିତା: ମିତା, ବବଲୁ ଶ୍ରେଷ୍ଠ

**ବିନିକା,୧୪।୧(ଡି.ଏନ୍.ଏ.)**

ବିନିକା ବ୍ଲକ୍ ଜୁଲୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ବ୍ୟାପୀ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଶେଷ ହୋଇଛି। ଏହି କ୍ରୀଡା ପ୍ରତିଯୋଗିତାକୁ ଜୁଲୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଧାନ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ୮୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଳିକା ବିଭାଗରେ ଦଶମ ଶ୍ରେଣୀ ଛାତ୍ରୀ ମିତା ସେଠ୍ ଓ ବାଳକ ବିଭାଗରେ ଦଶମ ଶ୍ରେଣୀର ଛାତ୍ର ବବଲୁ ହରିପାଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସ୍କୁଲର ଖେଳ ଶିକ୍ଷକ ମନୋଜ ପାତ୍ର ଓ ଶିକ୍ଷକ ସରୋଜ ଭୁକ୍ତା, ଦୟା ସାଗର ପାଣ୍ଡିଆ, ଲିଙ୍ଗରାଜ ପଧାନ, ଗଙ୍ଗାଧର ସାହୁ, ଦୌଲତ ଷାଣ୍ଡ, ବୃନ୍ଦାବନ ସେଠ୍, କନ୍ଦର୍ପ ପଧାନ, ଲମ୍ବୋଦର ପଧାନ, ମୋହନ ସାହୁ ଓ ଶିରିଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ମନ୍ଦିର ଫାଟକ ସ୍ତମ୍ଭ ପ୍ରତିଷ୍ଠା ଉତ୍ସବ

**ବିନିକା,୧୪।୧(ଡି.ଏନ୍.ଏ.)**

ବିନିକା ବ୍ଲକ୍ ସିଂଘିଯୁବା ପଞ୍ଚାୟତ ଖଇରମାଳର ଶ୍ରୀ ଶ୍ରୀ ହରିଶଙ୍କର ବାବାଙ୍କ ମନ୍ଦିରକୁ ଯାଇଥିବା ବାଗଡିଆ-ଖଇରମାଳ ପ୍ରବେଶ ପଥରେ ନବନିର୍ମିତ ଶିବ ପାର୍ବତୀଙ୍କ ଫାଟକ ସ୍ତମ୍ଭର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। କର୍ତ୍ତା ଭାବରେ ଖଇରମାଳ ଗ୍ରାମର ପବିତ୍ର ଛୁରିଆ ଓ ସନ୍ଧ୍ୟାରାଣୀ ଛୁରିଆ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଭାବରେ ସଚ୍ଚିଦାନନ୍ଦ ପାଢୀ ଓ ବଳରାମ ପାଢୀ ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ଶିବ ମନ୍ଦିରର ପୂଜକ ଭାଗବତିଆ ଥନାପତି ସହଯୋଗ କରିଥିଲେ। ପଲସାପାଲି ମହିଳା ସଂକୀର୍ତ୍ତନ ଦଳ ଓ ଖଇରମାଳ ସଂକୀର୍ତ୍ତନ ଦଳ କୀର୍ତ୍ତନ ପରିବେଷଣ କରିଥିଲେ।

### ରାମପୁର ଶ୍ରୀରାମ କଲେଜ ବାର୍ଷିକୋତ୍ସବ

**ଡୁଙ୍ଗୁରିପାଲି,୧୪।୧(ଡିଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକ ରାମପୁର ଶ୍ରୀରାମ କଲେଜର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂ ଶାସିତ କଲେଜର ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା ଓ ବରପାଲି ଫାର୍ମାସିଷ୍ଟ କଲେଜର ଅଧ୍ୟକ୍ଷ ପ୍ରଫେସର ବିକାସ ସେନ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବରଗଡ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ହୋତା ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଡ. ରାମେଶ୍ୱର ନାଏକ ସଭାପତିତ୍ୱ କରିଥିବା ବେଳେ ଅଧାପକ ଟିକେଟାନ୍ଦ ବାଗ ସ୍ୱାଗତ ଭାଷଣ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ। ଅଧାପକ ଧ୍ରୁବଚରଣ ପଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ମଧୁସୂଦନ ରଥ, ଦୁର୍ଗାପ୍ରସାଦ ସାହୁ, ବର୍ଷାରାଣୀ ଦାଶ, ବିଜୟଲକ୍ଷ୍ମୀ ମହାନନ୍ଦ, ସସ୍ମିତା ବେହେରା, ସଂଯୁକ୍ତା ଦାଶ, ପିଙ୍କି କର, ସନ୍ତୋସ ପଧାନ, ଶରତଚନ୍ଦ୍ର ପଧାନ, ବିଜୟ କୁମାର ପଧାନ, ପ୍ରମୁଖ ଅଧାପକ ଅଧାପିକା ଉପସ୍ଥିତ ଥିଲେ। ଡ. ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।





ଅତିଥିଙ୍କ ସହ ପୁରସ୍କୃତ ଛାତ୍ରମାନେ।

ଝାରବାହାଲି ଓଏଭିର ବାର୍ଷିକ ଉତ୍ସବ

# ଶୃଙ୍ଖଳିତ ଜୀବନ ଶିକ୍ଷାର ଏକ ଅଭିନ୍ନ ଅଙ୍ଗ

**ଉଲୁଣ୍ଡା, ୧୪।୧ (ଡି.ଏନ.ଏ.)**

ଶୃଙ୍ଖଳିତ ଜୀବନ ଶୈଳୀ, ଲକ୍ଷ୍ୟଯୁକ୍ତ ଆଭିମୁଖ୍ୟ ଓ ତ୍ୟାଗ ଶିକ୍ଷାରେ ପୂର୍ଣ୍ଣତା ଆଣିଥାଏ। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ପ୍ରାକ୍ତନ ରାଜ୍ୟ ନିର୍ବାଚନ କମିଶନର ଦେବେନ୍ଦ୍ର କୁମାର ମିଶ୍ର। ଭାରପ୍ରାପ୍ତ ଅଧ୍ୟକ୍ଷ ରାଧାମୋହନ ପୂଜାହାରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଥମିକ, ମାଧ୍ୟମିକ ଓ ମହାବିଦ୍ୟାଳୟସ୍ତରର ଶିକ୍ଷକଙ୍କୁ ନେଇ ସରକାର କମିଶନ ଗଠନ କଲାପରେ ଶିକ୍ଷାର ମାନବୃଦ୍ଧି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ସଚିନ୍ଦ୍ର କୁମାର ମିଶ୍ର, ଚଳଚ୍ଚିତ୍ର ଜଗତର ରତନ କୁମାର ମେହେର, ଧର୍ମଶାଳା ମହାବିଦ୍ୟାଳୟ ଓଡିଆ ଅଧାପକ ପୁରୁଷୋତ୍ତମ ମିଶ୍ର, ଡୁଙ୍ଗୁରିପାଲି ବିଇଓ ରାଧାକାନ୍ତ ଗର୍ତିଆ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କୃଷ୍ଣଚନ୍ଦ୍ର ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ପୃଥ୍ୱୀରାଜ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରିଙ୍କୀ ପୂଜାହାରୀଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ପାଇଥିବା ବିରୂପାକ୍ଷ ପାଣିଗ୍ରାହୀ, ଓଡିଆ ଭାଷାରେ ଶ୍ରେଷ୍ଠ ନମ୍ବର ପାଇଥିବା ମନୀଷା ପଧାନ, ବିଦ୍ୟାଳୟର ବଂଶଧାରା ପରିବାରକୁ ଚାମ୍ପିୟନ ସହ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ୬୦ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ନାରାୟଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।





ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୫ ଜାନୁୟାରୀ, ୨୦୨୦



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ଏନ୍‌ଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଗୁଡ଼ଭେଲା ,୧୪।୧(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସି କାର୍ଯ୍ୟାଳୟ ପରିସରରେ ସୋମବାର ଏନଏସି ଉପାଧ୍ୟକ୍ଷ ଦୀନଦୟାଲ ଶର୍ମାଙ୍କ ସଭାପତିତ୍ୱରେ ଏନଏସି ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସମାରୋହରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ ବିଦ୍ୟାଳୟର ପ୍ରତିନିଧି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଏହି ବୈଠକରେ ଉପସ୍ଥିତ ଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଶୁଣାଣି ଶିବିର

**ଟିଟିଲାଗଡ, ୧୪।୧ (ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଅରିନ୍ଦମ ଡାକୁଆ ଏବଂ ଏସ୍‌ପି ମଡକର ସନ୍ଦିପ ସଂପତଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପଜିଲାପାଳ ସୁଧାକର ନାୟକ ତଥା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁରେନ୍ଦ୍ର ନାଥ ଶତପଥୀ, ଉପଖଣ୍ଡ ଅଧୀନ ୫ ବ୍ଲକର ବିଡିଓ, ତହସିଲଦାର ଏବଂ ସିଡିପିଓ, ଜିଲାସ୍ତରୀୟ ଅଧିକାରୀ ଡିଡବ୍ଲୁଓ, ଡିଏସଡବ୍ଲୁଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆରଡବ୍ଲୁଏସଏସ, ମେଗାଲିଫ୍ଟ, ରାସ୍ତା ଓ ଗୃହ, ବିଦ୍ୟୁତ, ଜନସ୍ୱାସ୍ଥ୍ୟ, ଏସଡିଏମଓ ସହ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ମୋଟ ୯୦ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରୁ ୮୪ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜିଲାପାଳ ସମସ୍ତ ଅଭିଯୋଗର ସମୀକ୍ଷା କରି ଉଚିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିର ପରିଚାଳନାରେ ସହକାରୀ ଜିଲାପାଳ ପୂର୍ଣ୍ଣନନ୍ଦ ପଟେଲ, ଅସିତ ମହାନ୍ତି ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।

### ଡିଏଭି କଲେଜର ବାର୍ଷିକ କ୍ରୀଡ଼ା

**ଟିଟିଲାଗଡ଼, ୧୪।୧ (ଡ଼ି.ଏନ.ଏ):** ବଲାଙ୍ଗୀର ଜିଲା ଟିଟିଲାଗଡ ଡିଏଭି ସ୍ୱୟଂଶାସିତ କଲେଜର ୫୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସୁଶିଲ ପାଢୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏସ୍‌ଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ ମୁଖ୍ୟଅତିଥି, ପ୍ରାକ୍ତନ ଛାତ୍ର ତଥା ଅନ୍ତର୍ଜାତୀୟ ପର୍ବାତାରୋହୀ ଯୋଗବ୍ୟାସ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡା ସଂସଦ ଉପସଭାପତି ଡ. ରମାକାନ୍ତ ବେହେରା କ୍ରୀଡା ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଯୁକ୍ତ ତିନି ପୁରୁଷ ବର୍ଗରେ କୁଶଦେବ ଆଡ଼ଯୁଆଡ, ମହିଳା ବର୍ଗରେ ଅନୀତା ବାଗ, ଯୁକ୍ତଦୁଇ ପୁରୁଷ ବର୍ଗରେ ଦିବାକର ନାଏକ, ମହିଳା ବର୍ଗରେ ପୁଷ୍ପାଞ୍ଜଳି ମାଝୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ଲକ୍ଷେଘର ଗଣ୍ଡା ସମାଜର ସମ୍ମିଳନୀ

**ଖପ୍ରାଖୋଲ, ୧୪।୧(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଫରେଷ୍ଟ ବଙ୍ଗଳାଠାରେ ଲକ୍ଷେଘର ଗଣ୍ଡା ସମାଜର ବ୍ଲକସ୍ତରୀୟ ସମ୍ମିଳନୀ ନିରାକାର ଛୁରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ ବ୍ଲକ ସଭାପତି ନାନେକ ସୁନାଙ୍କ ବିୟୋଗରେ ଶୋକସଭା ସହ ସ୍ମୃତିଚାରଣ କରାଯାଇଥିଲା। ପରେ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ବିକାଶ ସହ ଅନୁସୂଚୀତ ଜାତିର ସାମ୍ବିଧାନିକ ଅଧିକାର ତଥା ବିକାଶ ପାଇଁ ଡ. ବାବା ସାହେବ ଆମ୍ବେଡକରଙ୍କ ବିଚାର ଧାରା ଉପରେ ନୀଳମଣି ଜାଲ ଉଦ୍‌ବୋଧନ ଦେଇଥିଲେ। ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ବ୍ଲକ ସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଛିନୁ ଟାକ୍ରି ସଭାପତି, ନିରାକାର ଛୁରା, ରୁପଧର ନନ୍ଦ ଉପସଭାପତି, ମୋହନ ସୁନା ସମ୍ପାଦକ, ବ୍ଲକ ସଂଯୋଜକଭାବେ ବନ ବିହାରୀ ମହାନନ୍ଦଙ୍କୁ ସର୍ବସମ୍ମତିଭାବେ ମନୋନୀତ ହୋଇଥିଲେ। ସମ୍ମିଳନୀରେ ବିଏସ୍‌ପି ନେତା ଲବ ସୁନା ସମେତ କ୍ଷୀରମୋହନ ଶଗଡିଆ, ଶ୍ରୀପତୀ କୁମ୍ଭାର, ବନୁ କୁମ୍ଭାର, ରାଧେଶ୍ୟାମ ନାଗ, ଆର୍ତ ଛତ୍ରିଆ, ଭାସ୍କର ସୁନା, ଗଜିନ୍ଦ୍ର ସୁନା, ତପି ସୁନା, ନାରେନ ତାଣ୍ଡି, ରାଜକୁମାର ବାଗ, ରାମେଶ୍ୱର କୁମ୍ଭାର, ଚନ୍ଦ୍ର ସୁନା ସମେତ ବ୍ଲକର ବିଭିନ୍ନ ଗାଁର ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଓଡ଼ିଶା ବିୟୁଟି ଏକ୍ସପୋ ବିଜେତା ବଲାଙ୍ଗୀର ପ୍ରତିଭାଙ୍କ ସହ ଅତିଥି।

ଓଡ଼ିଶା ବିୟୁଟି ଏକ୍‌ସ୍ପୋରେ ବାଜି ମାରିଲେ ବଲାଙ୍ଗୀର ପ୍ରତିଯୋଗୀ

# ମିଷ୍ଟର ଓଡ଼ିଶା ସହ ୯ ପୁରସ୍କାର ଜିତିଲେ

**ବଲାଙ୍ଗୀର ଅଫିସ,୧୪।୧**

ଜାନୁୟାରୀ ୧୦ ଓ ୧୧ ତାରିଖ ଦୁଇଦିନ ଧରି ରାଉରକେଲାଠାରେ ଅନୁଷ୍ଠିତ ଓଡିଶା ବିୟୁଟି ଏକ୍‌ସ୍ପୋ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲାର ୯ ଜଣ ପ୍ରତିଯୋଗୀ ପୁରସ୍କାର ଜିତି ରେକର୍ଡ କରିଛନ୍ତି। ମିସ୍, ମିଷ୍ଟର ଏବଂ ମିସେସ୍ ଓଡିଶା ପ୍ରତିଯୋଗିତାରେ ବଲାଙ୍ଗୀରର ନିକେଶ କୁମ୍ଭାର ମିଷ୍ଟର ଓଡିଶା, ପ୍ରୀତମ କୁମାର ଦାଶ ସେକେଣ୍ଡ ରର୍ନସ୍ ଅପ୍, ଓଜସ୍ୱୀ ସୁଲଗ୍ନା ମିଶ୍ର ସେକେଣ୍ଡ ରର୍ନସ୍ ଅପ୍, ବେଷ୍ଟ ୱାର୍କରେ ଅଞ୍ଜୁ କୁମାରୀ ବେହେରା, ବେଷ୍ଟ କନଫିଡେନ୍ସରେ ଲକି ପୋଡ, ମିଷ୍ଟର ଚାର୍ମିଙ୍ଗରେ ସୌମ୍ୟରଞ୍ଜନ ବେହେରା, ବେଷ୍ଟ କନ୍‌ଫିଡେନ୍ସରେ ଦୀପି ପନୁଆ, ବେଷ୍ଟ ସ୍ମାଇଲରେ ନମ୍ରତା ମିଶ୍ର, ବେଷ୍ଟ ଆଟିଚ୍ୟୁଡ୍ ବର୍ଷାରାଣୀ ରଥ ବିଜୟୀ ହୋଇ ବିଜେତା ମୁକୁଟ ପିନ୍ଧିଛନ୍ତି। ମଙ୍ଗଳବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଏନେଇ ସୂଚନା ଦିଆଯାଇଥିଲା। ବଲାଙ୍ଗୀର ବିୟୁଟି ଆସୋସିଏଶନ ସଙ୍ଗଠିକା ବୀଣାରାଗିଣୀ ମହାପାତ୍ର, ଇତି ଘିବେଲା, ସନ୍ତୋଷୀ ମେହେର, ବନିତା ଜାଲଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଲଳିତ କୁମାର ନାୟକ, ସମ୍ମାନିତ ଅତିଥିଭାବେ ଚେତନାନନ୍ଦ ପଣ୍ଡା, ଓଡିଶା ବିୟୁଟି ଆସୋସିଏସନ୍ ସଦସ୍ୟା ମୀନତି ସାହୁ (ବରଗଡ), ସ୍ନେହଲତା ତ୍ରିପାଠୀ (ସୁନ୍ଦରଗଡ), ସୁଚିସ୍ମିତା ଷଡଙ୍ଗୀ(ବୁର୍ଲା) ଯୋଗଦେଇ ବିଜେତାମାନଙ୍କୁ ଉତ୍ସାହିତ କରିବା ସମ୍ବର୍ଦ୍ଧିତ କରିଥିଲେ। ଓଡିଶା ସୁନ୍ଦର ପ୍ରତିଯୋଗିତାରେ ବଲାଙ୍ଗୀର ୯ ଜଣ ପ୍ରତିଯୋଗୀ ବିଜୟୀ ହେବା କମ୍ କଥା ନୁହେଁ ବୋଲି ଅତିଥିମାନେ କହିଥିଲେ। ୯ ବିଜେତାଙ୍କ ମଧ୍ୟରେ ୪ଜଣ ଜେଆଇଟିଏମ୍ କଲେଜ ଓ ୨ଜଣ ରାଜେନ୍ଦ୍ର କଲେଜ ଛାତ୍ରୀଛାତ୍ର । ଆଗାମୀ ଦିନରେ ବଲାଙ୍ଗୀର ଜିଲାରୁ ଆହୁରି ଅନେକ ପ୍ରତିଭା ସୁନ୍ଦର ପ୍ରତିଯୋଗିତାରେ ନିଜର ପ୍ରତିଭା ପରିଚୟ ହେବେ ଓ ଏହା ଶୁଭାରମ୍ଭ ବୋଲି ମୁଖ୍ୟଅତିଥି ନାୟକ କହିଥିଲେ।

# ରିମାଣ୍ଡରେ ଆସିଲେ ସାନ ନେଗୀ, ୨ ସହଯୋଗୀ

**ବଲାଙ୍ଗୀର ଅଫିସ, ୧୪।୧**

- ଖୋଲିବ ପଶ୍ଚିମ ଓଡିଶା ନିଶା ନେଟୱର୍କ ପେଡି
- ସହଯୋଗୀ ମହଲରେ ଛନକା ପଶିଲାଣି

ପଶ୍ଚିମ ଓଡିଶାରେ କଫ୍ ସିରପ କାରବାର କରି ପୋଲିସ ଓ ଜନସାଧାରଣଙ୍କ ମୁଣ୍ଡବ୍ୟଥାର କାରଣ ପାଟଲିଥିବା ମାଷ୍ଟରମାଇଣ୍ଡ ଅଭିଯୁକ୍ତ ସାନ ନେଗୀ, ଦୁଇ ସହଯୋଗୀ ଅଜିତ୍ ନନ୍ଦ ଓ ଫାରୁକ୍ ଖାନ୍‌ଙ୍କୁ ପୁଇଁତଲା ଥାନା ପୋଲିସ ୪ଦିନିଆ ରିମାଣ୍ଡରେ ସୋମବାର ଆଣିଛି। ରିମାଣ୍ଡରେ ଆଣିବା ପରେ ଥାନାରେ ସେମାନଙ୍କୁ ମାରାଥନ୍ ଜେରା ଆରମ୍ଭ ହୋଇଛି। ଏ ନେଇ ପୋଲିସ ଅଧିକାରୀମାନେ କୌଣସି ସୂଚନା ଦେବାକୁ ମନା କରିଦେଇଛନ୍ତି। ତେବେ ସାନ ନେଗୀଙ୍କ କଫ୍ ସିରପ କାରବାର ପଛରେ କେଉଁମାନେ ସମ୍ପୃକ୍ତ ରହିଛନ୍ତି ଓ କେଉଁଭଳି ଭାବେ କଫ୍ ସିରପର ବେଆଇନ୍ ବେପାର ଚାଲିଥିଲା ସେନେଇ ପଚାରଉଚରା ଜାରି ରହିଛି। ସାନ ନେଗୀ ଓ ସହଯୋଗୀଙ୍କୁ ରିମାଣ୍ଡରେ ଅଣାଯିବା ପରେ ପର୍ଦ୍ଦାଫାଶ ହେବା ଭୟରେ ବହୁ ନାମୀଦାମୀ ବ୍ୟକ୍ତିଙ୍କ ମଧ୍ୟରେ ଛନକା ପଶିଥିବା ଜଣାପଡିଛି। କେତେକ ଲୋକ ଭଦ୍ରମୁଖା ଖୋଲି ସାନ ନେଗୀ ଓ ତାର ସହଯୋଗୀଙ୍କ ସହ ସମ୍ପୃକ୍ତ ରହି ନିଶା ବ୍ୟବସାୟ ଚଲାଇଥିବା ନେଇ ଜୋରସୋର ଚର୍ଚ୍ଚା ହେଉଥିବାରୁ ରିମାଣ୍ଡରେ ଅଣାଯିବା ପରେ ସମସ୍ତଙ୍କ ପର୍ଦ୍ଦାଫାଶ କରିବାରେ ପୋଲିସ ସଫଳ ହେବ ବୋଲି ଆଶା କରାଯାଉଛି। ଗତ ୧୦ ତାରିଖ ଏସପି ସନ୍ଦୀପ ମାଡକର ପୁଇଁତଲା ଥାନାରେ ଖବରଦାତା ସମ୍ମିଳନୀ କରି କଫ୍ ସିରପ କାରବାର ଓ ସାନ ନେଗୀ ସାମ୍ରାଜ୍ୟକୁ ଧ୍ୱଂସ କରାଯିବ ବୋଲି କହିଥିଲେ। ପଶ୍ଚିମ ଓଡିଶାରେ ବ୍ୟାପ୍ତ ହୋଇଥିବା ତାର କଫ୍ ସିରପ ନେଟୱର୍କକୁ ଭଙ୍ଗାଯିବ ଓ ଏଥିରେ ଯେଉଁମାନେ ବି ସମ୍ପୃକ୍ତ ଥିବେ ସମସ୍ତଙ୍କ ପର୍ଦ୍ଦାଫାଶ କରାଯିବ ବୋଲି କହିଥିଲେ। ଏବେ ସାନ ନେଗୀ ଓ ସହଯୋଗୀଙ୍କୁ ରିମାଣ୍ଡରେ ଅଣାଯିବା ପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗୀଙ୍କ ସମ୍ପୃକ୍ତିର ପର୍ଦ୍ଦାଫାଶ ହେବ ବୋଲି ଚର୍ଚ୍ଚା ଜୋର ଧରିଛି । ସୂଚନାଯୋଗ୍ୟରେ ଗତ ନଭେମ୍ବର ମାସରେ ସାନ ନେଗୀ ଓ ତାର ସହଯୋଗୀଙ୍କୁ ପୋଲିସ ଘେରାବନ୍ଦୀ କରିବାବେଳେ ସାନ ନେଗୀ ଫେରାର ହୋଇଯାଇଥିଲେ। କିଛିଦିନ ତଳେ ଭୁବନେଶ୍ୱରରୁ ପୋଲିସ ଟିମ୍ ସାନ ନେଗୀକୁ ଗିରଫ କରିବା ପରେ ୧୦ ତାରିଖରେ କୋର୍ଟଚାଲାଣ କରିଥିଲା।

# ‘କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଥାଏ’

**ଅମରପାଲି, ୧୪।୧ (ଡ଼ି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜର ବାର୍ଷିକ କ୍ରୀଡା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରାକ୍ତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ନିଜ ବକ୍ତବ୍ୟରେ କଠିନ ପରିଶ୍ରମ ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଥାଏ ବୋଲି କହିଥିଲେ। ଦୁଇଦିନ ଧରି କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ ଥ୍ରୋ, ଡିସକସ ଥ୍ରୋ, ଜେଭେଲିନ ଥ୍ରୋ, ପଟାଟୋ ରେସ ଆଦି ପ୍ରତିଯୋଗୀତା କରାଯାଇଥିଲା। ପିଇଟି ନରେନ୍ଦ୍ର ଚାନ୍ଦ ଖେଳ ପରିଚାଳନା କରିଥିଲେ। ଯୁକ୍ତ ୩ ବାଳିକାରେ ଲିପସାରାଣୀ ଖେତି, ବାଳକରେ ସିଦ୍ଧାନ୍ତ ନାଏକ ଏବଂ ଯୁକ୍ତ ୨ ବାଳିକାରୁ କରିନା ଜଗଦଲା ଓ ବାଳକରୁ ସତ୍ୟବାନ ଭୋଇ ଚାମ୍ପିୟନ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ମୁରଲୀଧର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧାପକ ଦୀନବନ୍ଧୁ ମେହେର ଅତିଥି ପରିଚୟ ପ୍ରଦାନ, ଜାମିନୀ ଦାସ ସଭା ସଂଯୋଜନା କରିଥିଲେ। ବନ୍ଦିତା ବିଶ୍ୱାଳ ବିଶ୍ୱାଳ ପୁରସ୍କାର ବିତରଣରେ ସହାୟତା କରିଥିବା ବେଳେ ପ୍ରକାଶ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ କ୍ରୀଡାବିତ।

### ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟଗୀତର ଝଲକ

**ଲୋଇସିଂହା,୧୪।୧(ଡ଼ି.ଏନ.ଏ)**

ଲୋଇସିଂହା ବ୍ଲକ ସରଗାଡ ଗ୍ରାମ ହାଇସ୍କୁଲ ପଡିଆରେ ବଲାଙ୍ଗୀର ନେହେରୁ ଯୁବାକେନ୍ଦ୍ର ଓ ସ୍ଥାନୀୟ ଜଗନ୍ନାଥ ଯୁବ ପରିଷଦ ସହଯୋଗରେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ମହୋତ୍ସବରେ ଜିଲାର ବିଭିନ୍ନ ପ୍ରାନ୍ତରୁ କଳାକାରମାନେ ଅଂଶଗ୍ରହଣ କରି ନାଟକ, ଦଣ୍ଡନୃତ୍ୟ, ଘୁଡକା, ଖଜଂଣି ବାଦନ, ସାରଙ୍ଗି, ସଂଚାର, କରମସାନୀ, ସଂକୀର୍ତ୍ତନ୍ୟ, ଢୁଲଢୁଲି, ବଂଶୀବାଦନ ପ୍ରଭୃତି ପରିବେଶଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜକିଶୋର ସେଠ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ମୁଖ୍ୟ ଅତିଥି, ସୋମନାଥ ପଟେଲ, କଳାକାର ଗୋପାଳ ପଧାନ, ଗ୍ରାମ୍ୟ କମିଟି ସଭାପତି ସୁରେନ୍ଦ୍ର ପଟେଲ, ନବୀନ ବେହେରା, ବଳିଆର ସିଂ ବସ୍ତିଆ, ବନୀତା ସେଠ, ସୁବ୍ରତ ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପିତାମ୍ବର ପୁଟେଲ, ଧରିତ୍ରୀ ଶତପଥୀ, ସୁଶୀଲ ଶତପଥୀ, ବିଦ୍ୟୁତଛାୟା ନନ୍ଦ, ନୀଳାଞ୍ଚଳ ମିଶ୍ର, ତ୍ରିଲୋଚନ ସେଠ ପ୍ରମୁଖ କଳାକାରଙ୍କୁ ସମ୍ମାନୀତ କରାଯାଇଥିଲା। ସୁରେନ୍ଦ୍ର ପୁଟେଲ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ଯୁବପରିଷଦ ସମ୍ପାଦକ ନାରାୟଣ ବାରିକ, କୈବର୍ତ୍ତ ପଧାନ, ରାମ ପଧାନ, ଗୌର ବେହେରା, ଲିଙ୍ଗରାଜ କୁମ୍ଭାରଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବୀରମହାରାଜପୁର ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ

# ଉତ୍ତମ ଚରିତ୍ର ଗଠନ ପାଇଁ ଶିକ୍ଷା ଜରୁରୀ

**ଅମରପାଲି, ୧୪।୧ (ଡ଼ି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ କଲେଜର ଓଡିଆ ଅଧ୍ୟାପକ ପ୍ରକାଶ କୁମାର ସେଠ ମୁଖ୍ୟବକ୍ତା ଏବଂ ସ୍ଥାନୀୟ ବାଳକ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ, ଥାନା ଅଧିକାରୀ ପ୍ରଭା ଧନ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ ଲାଗି ଶିକ୍ଷା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ନମିତା ଡାଙ୍ଗ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମଞ୍ଜୁବାଲା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁ ହୃଷିକେଶ ଦାଶ ଓ ପୁରାତନ ଛାତ୍ରୀ ସଂଘ ସଭାନେତ୍ରୀ ନଳିନୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ଗୀତ ଆଦି ସାଂସ୍କୃତିକ ବିଚିତ୍ରା ସହ ସଂସ୍କାରଧର୍ମୀ ନାଟକ ବାଲ୍ୟବିବାହ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଏସ.ଏସ. ପ୍ରିୟଦର୍ଶନୀ ଏବଂ ଛାତ୍ରୀ ବିୟୁଟି ଚାନ୍ଦ ଓ ଆରତୀ ବାରିକ ସଂଯୋଜନା କରିଥିଲେ।



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ପ୍ରେମଶୀଳା, ସୌମ୍ୟରଞ୍ଜନ ଚାମ୍ପିୟନ

**ଲାଠୋର, ୧୪।୧ (ଡ଼ି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଅଧକ୍ଷ ପ୍ରସନ୍ନ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଭୁବନେଶ୍ୱର ବାରିକ, କପିଳ ସୁନା, ପ୍ରକାଶ ଚନ୍ଦ୍ର ବେହେରା ଅତିଥିଭାବେ ଯୋଗଦେଇଥିଲେ। ଯୁକ୍ତ ତିନି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷର ସମୁଦାୟ ୨୫୦ ଜଣ ଛାତ୍ରୀଛାତ୍ର ୨୦ ଗୋଟି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ୬୦ ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ପ୍ରେମଶୀଳା ନାଏକ ଏବଂ ଛାତ୍ର ସୌମ୍ୟରଞ୍ଜନ ପ୍ରଧାନ ଚାମ୍ପିୟନ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ପିଇଟି ଅତୁଲ୍ୟ କୁମାର ଭୋଇ ଓ ଆଶୁତୋଷ କୁମାର ସାହୁ କ୍ରୀଡା ପରିଚାଳନା କରିଥିଲେ। ଅଧାପିକା ମନ୍ଦାକିନୀ ପୋଢ଼, ଅଧାପକ ସୁଶୀଲ କୁମାର ମହାକୁର, ଭବାନୀକାନ୍ତ ବଗର୍ତ୍ତୀ, ଭଗବାନ ଦାସ, କର୍ମଚାରୀ ବିଜୟ ମେହେର, ଶ୍ରୀକାନ୍ତ ସାହୁ, ସଚ୍ଚିକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ବଲାଙ୍ଗୀର ବହିହାଟ ଷଷ୍ଠ ସନ୍ଧ୍ୟା

# ଦଣ୍ଡନୃତ୍ୟ ଗ୍ରାମୀଣ ସାଂସ୍କୃତିକ ଲୋକ ଜୀବନର ବିଭବ

**ବଲାଙ୍ଗୀର ଅଫିସ,୧୪।୧**

ଜିଲା ଲେଖକ ପରିଷଦ ପକ୍ଷରୁ ଆୟୋଜିତ ବଲାଙ୍ଗୀର ବହିହାଟ ଷଷ୍ଠ ସନ୍ଧ୍ୟାରେ ଲୋକ ସାହିତ୍ୟ ଆଲୋଚନା କ୍ରମରେ ଦଣ୍ଡନୃତ୍ୟ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚକ ଭାବେ ନାଟ୍ୟଶ୍ରୀ ଗଦାଧର ବାରିକ, ଗୁରୁଶ୍ରୀ ଡ ଘାସିରାମ ମିଶ୍ର, ମନୋରଞ୍ଜନ ସାହୁ, ମୁରଲୀଧାରୀ ପତି, ଅଧ୍ୟାପକ ଡ ଲକ୍ଷ୍ମଣ କୁମାର ମେହେର ଓ ପରିଷଦ ସୋନପୁର କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲୀପ ପାତ୍ର ମଞ୍ଚାସୀନ ହୋଇଥିଲେ। ସଭା ପ୍ରାରମ୍ଭରେ ପରିଷଦ ସମ୍ପାଦକ କପିଳେଶ୍ୱର ଖମାରୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସଭାପତି ମଳୟ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚକମାନେ ଲୋକ ସାହିତ୍ୟରେ ଦଣ୍ଡନୃତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଦଣ୍ଡର ଉତ୍ପତ୍ତି, କ୍ରମବିକାଶ ଏବଂ ସ୍ଥିତି ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଦଣ୍ଡନୃତ୍ୟର ପ୍ରକାର ଭେଦ ଓ ଗ୍ରାମୀଣ ଜନଜୀବନରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଦଣ୍ଡନୃତ୍ୟକୁ ଗ୍ରାମୀଣ ସାଂସ୍କୃତିକ ବିଭବ ଭାବେ ବର୍ଣ୍ଣନା କରି ଦଣ୍ଡନୃତ୍ୟ କଳାତ୍ମକତା ଏବଂ ପ୍ରଭାବଶାଳୀ ଲୋକ ଆବେଦନ ସମ୍ପର୍କରେ ଆଲୋଚନା କରିଥିଲେ। ନାଟ୍ୟଶ୍ରୀ ବାରିକ ଷୋଳ ସୁଆଙ୍ଗ ଦଣ୍ଡ ଉପରେ କହିଥିଲେ। ଆଲୋଚନ ଡ ମେହେର ଲୋକ ସାହିତ୍ୟ ବିକାଶ କ୍ରମରେ ଦଣ୍ଡନୃତ୍ୟର କ୍ରମବିକାଶ ଉପରେ କହିଥିଲେ। ଗୁରୁଶ୍ରୀ ଡ ମିଶ୍ର ଦଣ୍ଡନୃତ୍ୟର ସଙ୍ଗୀତ ଓ ସାହିତ୍ୟ ଉପରେ କହିଥିଲେ। ଆଲୋଚକ ପାତ୍ର ଦଣ୍ଡନୃତ୍ୟର ପ୍ରକାର ଭେଦ ଉପରେ କହିଥିବାବେଳେ ମୁରଲୀଧାରୀ ପତି ତାଙ୍କ ବକ୍ତବ୍ୟରେ ଦଣ୍ଡନୃତ୍ୟର ଗୀତ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଆଲୋଚକ ମନୋରଞ୍ଜନ ସାହୁ ଦଣ୍ଡନୃତ୍ୟରେ ରସିକତା ଉପରେ କହିଥିଲେ। ସଭାପତୀୟ ଅଭିଭାଷଣରେ ନାଟ୍ୟଭୂଷଣ ଛୁରିଆ ଦଣ୍ଡନୃତ୍ୟରେ ଗ୍ରାମୀଣ ଜନଜୀବନର ନିଛକ ଅଭିବ୍ୟକ୍ତି, ଅର୍ଦ୍ଧନାରୀଶ୍ୱର ଚେତନା ଓ ସରଳ ମଣିଷର ସାଂସ୍କୃତିକ ଉଚ୍ଚାଙ୍ଗ ସାହିତ୍ୟ ଓ ସଙ୍ଗୀତବୋଧ ଉପରେ ମତବ୍ୟକ୍ତ କରିଥିଲେ। ସଭା ପରେ ଅପରାହ୍ଣରେ ଅନୁଷ୍ଠିତ କୌତୁକ ପୋଷାକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୌତୁକ ପ୍ରତିଯୋଗିତା ଜୁନିଅର ବିଭାଗରେ ଓମ୍ ଅମୃତ ମହାନ୍ତି ପ୍ରଥମ, ରିୟାନ ମହାନ୍ତି ଦ୍ୱିତୀୟ, ଅଂଶୁମାନ୍ ମିଶ୍ର ଓ ସ୍ୱସ୍ତିକ ପାଢ଼ୀ ତୃତୀୟ ସ୍ଥାନ ଅଧବକାର କରିଥିଲେ। ସିନିଅର ବିଭାଗରେ ଐସିସ୍ ପଣ୍ଡା, ପ୍ରଥମ, ସମ୍ଭ୍ରାନ୍ତ ପଟ୍ଟନାୟକ ଦ୍ୱିତୀୟ ଓ ବିନ୍ଦିଆ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ କୁନା ବାଗ, ଶ୍ରୀରାଧା ଓ ରାଜୀବ ଲୋଚନ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଶେଷରେ ବୁବୁନ୍ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ବୁଧବାର ବହିହାଟ ଅଷ୍ଟମ ସନ୍ଧ୍ୟାରେ ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ବହିହାଟ ଷଷ୍ଠ ସନ୍ଧ୍ୟାରେ କୃତି ପ୍ରତିଯୋଗୀଙ୍କ ସହ ଅତିଥି ଓ ଆଲୋଚକମାନେ।

### ବ୍ଲକ ସରପଞ୍ଚ ସଂଘର ବୈଠକ

**ଦେଓଗାଁ,୧୪।୧(ଡ଼ି.ଏନ.ଏ.)**

ଦେଓଗାଁ ବ୍ଲକ ସରପଞ୍ଚ ସଂଘର ଏକ ବୈଠକ ମଙ୍ଗଳବାର ଭୀମପାହାଡ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୟାନିଧି ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତମାନଙ୍କର ସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କରାଯାଇଥିବା ଉନ୍ନୟନ କାମଗୁଡିକର ଅର୍ଥ ପଇଠ ହେବାରେ ଆହେତୁକ ବିଳମ୍ବ ହେଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏଥିସହ ଜିଲାର ଅନେକ ବ୍ଲକରେ ଗ୍ରାମ ରୋଜଗାର ସେବକମାନଙ୍କ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ଦେଓଗାଁ ବ୍ଲକରେ କାହିଁକି ବଦଳି କରାଯାଇ ନାହିଁ ବୋଲି ସରପଞ୍ଚମାନେ ପ୍ରଶ୍ନ ଉଠାଇଥିଲେ। ଚଳିତ ବର୍ଷ ପ୍ରତି ପଞ୍ଚାୟତରେ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିବାର କୌଣସି ପ୍ରକାର ତଥ୍ୟ ପଞ୍ଚାୟତକୁ ପ୍ରଦାନ ନ କରିବା ପରିତାପର ବିଷୟ ବୋଲି ଆଲୋଚନା କରାଯାଇଥିଲା।



ଦେଶର ଅର୍ଥନୈତିକ ସ୍ଥିତିକୁ ନେଇ ଛାତ୍ରୀଛାତ୍ରଙ୍କୁ ସମ୍ମୁଖୀନ ହେବାର ପ୍ରଧାନମନ୍ତ୍ରୀଙ୍କ ସତ୍‌ସାହସ ନାହିଁ।

- ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ସଂକ୍ଷେପରେ..

### ଭଟଲି ୟୁକୋ ବ୍ୟାଙ୍କରୁ ଚୋରି ଉଦ୍ୟମ

ଭଟଲି,୧୪।୧(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ୟୁକୋ ବ୍ୟାଙ୍କରେ ସୋମବାର ଚୋରି ଉଦ୍ୟମ ବିଫଳ ହୋଇଛି । ଦୁର୍ବୃତ୍ତମାନେ ବ୍ୟାଙ୍କ ଭିତରେ ଥିବା ଶୌଚାଳୟର ସ୍କାଏଲାଇଟ୍ ଭାଙ୍ଗି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ । ସେମାନେ ପ୍ରଥମେ ଲୁହା ଆଲମିରାର ତାଲା ଭାଙ୍ଗି ବିଭିନ୍ନ ରେକର୍ଡ଼ ପତ୍ର ଏପଟ ସେପଟ କରିଥିଲେ । ପରେ ସମସ୍ତ ସିସିଟିଭି କ୍ୟାମେରାଗୁଡ଼ିକୁ ଉପରକୁ କରିଦେଇ ଟଙ୍କା ରଖାଯାଉଥିବା ଲକର୍ ମଧ୍ୟକୁ ପ୍ରବେଶ କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ସେମାନେ ସିସିଟିଭି କ୍ୟାମେରାରେ ଧରା ନ ପଡ଼ିବା ପାଇଁ ଭିତରକୁ ପଶିବା ମାତ୍ରେ ଭିତରେ କୌଣସି ସାମଗ୍ରୀ ବ୍ୟବହାର କରି ଧୂଆଁ ସୃଷ୍ଟି କରିଥିବା ଫୁଟେଜ୍‌ରୁ ଜଣାପଡ଼ିଥିବା ଶାଖା ପରିଚାଳକ ଧବଳେଶ୍ୱର ସେଠୀ ପ୍ରକାଶ କରିଥିଲେ। ଏହି ଘଟଣା ରାତି ପ୍ରାୟ ୧ଟାରେ ଘଟିଥିବା ସିସିଟିଭିରୁ ଜଣାପଡ଼ିଛି । ଏ ନେଇ ବ୍ୟାଙ୍କ ପକ୍ଷରୁ ଭଟଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଜାରି ରଖିଛି ।



### ଭାଗବତ କଥାମୃତ ଉଦ୍‌ଯାପିତ

ପାଇକମାଲ,୧୪।୧(ଡି.ଏନ.ଏ.):

ବରଗଡ଼ ଜିଲା ପାଇକମାଲ ବ୍ଲକ ଜାମସେଠ ପଞ୍ଚାୟତ ଅନ୍ତର୍ଗତ ଡୁଡୁକିଝରିଆ ଗ୍ରାମରେ ଚାଲିଥିବା ଭାଗବତ କଥାମୃତ(ପ୍ରବଚନ) ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଭାଗବତ ପ୍ରବଚନ କାର୍ତ୍ତିକ ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇ ରବିବାର ରାତ୍ରି ସମ୍ପନ୍ନ ହୋଇଥିଲା। ରମେଶ ତ୍ରିପାଠୀ, ନରସିଂହ ଷଡଙ୍ଗୀ, ଗୋବର୍ଦ୍ଧନ ଦାସ, ନବଘନ ଦାସ ପ୍ରମୁଖ ଭାଗବତ ପାଠ କରିଥିଲେ। ପାନାଲାଲ ବାଗ ଓ ରାଜେନ୍ଦ୍ର ପଣ୍ଡା, ଚୂଡ଼ାମଣି ବରିହା ଉତ୍ସବ ପରିଚାଳନାର ସହଯୋଗ କରିଥିଲେ । ଭାଗବତ କଥାମୃତ ଶୁଣିବାକୁ ଭକ୍ତଙ୍କ ସମାଗମ ହୋଇଥିଲା। ଏପରି କି ଆୟୋଜକଙ୍କ ପକ୍ଷରୁ ଭକ୍ତମାନଙ୍କୁ ଭୋଗର ବ୍ୟବସ୍ଥା କରାଯାଇଥିଲା।

### ଟ୍ରଷ୍ଟବୋର୍ଡ ସଦସ୍ୟଙ୍କୁ ହତ୍ୟା ଧମକ ଅଭିଯୋଗ

ଅତାବିରା,୧୪।୧(ଡି.ଏନ.ଏ):

ଭେମେଡନ ଥାନା ରୁଗୁଡା ଫାଣ୍ଡି ଉଦେପୁର ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ ନାରାୟଣ ବାଦୀଙ୍କୁ କେତେଜଣ ବ୍ୟକ୍ତି ଆକ୍ରମଣ କରି ହତ୍ୟା ଧମକ ଦେଇଥିବା ମଙ୍ଗଳବାର ଫାଣ୍ଡିରେ ଅଭିଯୋଗ ହୋଇଛି । ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଟ୍ରଷ୍ଟ ଗଠନ ହେଲା ଦିନଠାରୁ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏକତ୍ରିତ ହୋଇ ବିଭିନ୍ନ ସମୟରେ ସଦସ୍ୟମାନଙ୍କୁ ଧମକ ଦେଉଥିବା ଜଣାପଡିଛି। ଏନେଇ ବିଷୟରେ ଫାଣ୍ଡି ଅଧିକାରୀ ଗଣେଷ କଲେତଙ୍କୁ ପଚରାଯିବାରୁ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚାଲିଛି । ଖୁବ ଶୀଘ୍ର ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

# ପରେଡ୍‌ରେ ଭାଗ ନେବେ ୪୧ ଦଳ

ବରଗଡ଼ ଅଫିସ୍,୧୪।୧

ବରଗଡ଼ ସଦର ମହକୁମାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବିଭିନ୍ନ ସ୍କୁଲ, କଲେଜର ଶିକ୍ଷକ ଉପସ୍ଥିତ ଥିଲେ । ସାଧାରଣତନ୍ତ୍ର ଦିବସ ଅବସରରେ ଆସନ୍ତା ୨୬ତାରିଖ ଭୋର୍ ୪ଟାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ଗାଡ଼ିରେ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ ପ୍ରଚାର କରାଯିବ । ସେହିପରି ବିଭିନ୍ନ ସ୍କୁଲ, କଲେଜରେ ଛାତ୍ରୀଛାତ୍ର ସକାଳ ୬ଟାରୁ ୭ଟା ମଧ୍ୟରେ ପ୍ରଭାତଫେରି, ସକାଳ ୭ଟାରୁ ସାଢ଼େ ୭ଟା ମଧ୍ୟରେ ପତାକା ଉତ୍ତୋଳନର କାର୍ଯ୍ୟକ୍ରମ ରହିଛି। ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ନିଜ ସ୍କୁଲ, କଲେଜରେ ପତାକା ଉତ୍ତୋଳନ ପରେ ଏକ ଶୋଭାଯାତ୍ରାରେ ସକାଳ ୮ଟା ସୁଦ୍ଧା ଜର୍ଜ ହାଇସ୍କୁଲ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ପୂର୍ବାହ୍ନ ୮ଟା ୧୦ମିନିଟ୍‌ରେ ମହାତ୍ମାଗାନ୍ଧୀ, ବୀର ସୁରେନ୍ଦ୍ର ସାଏ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସାଢ଼େ ୮ଟାରେ ଜର୍ଜ ହାଇସ୍କୁଲ ପଡ଼ିଆରେ ହେବାକୁ ଥିବା ସମ୍ମିଳିତ ପରେଡ୍‌ରେ ମୁଖ୍ୟଅତିଥି ଅଭିବାଦନ ଗ୍ରହଣ ସହିତ ପତାକା ଉତ୍ତୋଳନ କରାଯିବାର କାର୍ଯ୍ୟକ୍ରମ ରହିଛି । ପରେଡ୍‌ରେ ୪୧ଟି ଦଳ ଭାଗ ନେବାର ସ୍ଥିରୀକୃତ ହୋଇଛି। ତେବେ ଆସନ୍ତା ୨୨ରୁ ୨୪ତାରିଖ ପର୍ଯ୍ୟନ୍ତ ସକାଳ ସାଢ଼େ ୭ଟାରେ ଜର୍ଜ ହାଇସ୍କୁଲରେ ପରେଡ୍ ଅଭ୍ୟାସ କରାଯିବ ବୋଲି ସୂଚନା ଦିଆଯାଇଛି । ସେହିପରି ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପରେଡ୍ ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହି ଅବସରରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ସମାରୋହରେ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

# ସୌଖୀନ କଳାକାର ସଂଘର ସାଧାରଣ ସଭା

ବରଗଡ଼ ଅଫିସ୍,୧୪।୧

ବରଗଡ଼ ସୌଖୀନ କଳାକାର ସଂଘ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରେ ଅନୁଷ୍ଠିତ ସଭାରେ ସଂଘର ସଭାପତି ଅଶ୍ୱିନୀ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ । ଚଳିତବର୍ଷ ସଂଘ ତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବା ବେଳେ ଗତ ଏପ୍ରିଲ ୨୯ତାରିଖରୁ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛି । କାର୍ଯ୍ୟକ୍ରମ ଆସନ୍ତା ଏପ୍ରିଲ ୨୯ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଭାର ସୂଚନା ଦିଆଯାଇଥିଲା । ସେହିପରି ଆସନ୍ତା ମାର୍ଚ୍ଚ ୨୫ତାରିଖରୁ ମାର୍ଚ୍ଚ ୨୯ତାରିଖ ପର୍ଯ୍ୟନ୍ତ ଜାତୀୟ ନାଟକ ମହୋତ୍ସବର ଆୟୋଜନ କରି ଉଦ୍‌ଯାପନୀ ସମାରୋହ ପାଳନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ଅଶ୍ୱିନୀ କୁମାର ପଣ୍ଡା ସଭାପତି, ଅନନ୍ତ କୁମାର ମଜୁମଦାର ଉପସଭାପତି, ପ୍ରଭାସ ରଞ୍ଜନ ମହଲା ସମ୍ପାଦକ, ବିଜୟ ବେହେରା ସହସମ୍ପାଦକ, ସ୍ୱରୂପ ପଟ୍ଟନାୟକ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । ସେହିପରି ହରିହର ମିଶ୍ର, ମନୋରଞ୍ଜନ ସାହୁ, ସୁଶିଳ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, ମନୋରଞ୍ଜନ ପଣ୍ଡା, ଗୋପାଳକୃଷ୍ଣ ଦାଶଙ୍କୁ କାର୍ଯ୍ୟକାରୀ କମିଟି ସଭ୍ୟଭାବେ ମନୋନୀତ କରାଯାଇଥିଲା । କେତନ ବଗାରଙ୍କୁ ନାଟକ ଇନ୍‌ଚାର୍ଜ ଦାୟିତ୍ୱ ଦିଆଯାଇ ଥିବାବେଳେ ହିମାଂଶୁ ଭୂଷଣ ପାଢ଼ୀଙ୍କୁ ସୌଖିନ ସଙ୍ଗୀତ ବିଦ୍ୟାଳୟର ଅଧ୍ୟକ୍ଷ ଓ ସୁଶିଳ କୁମାର ମିଶ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ସଂଘ ପକ୍ଷରୁ ଏକ ସ୍ମରଣିକା ପ୍ରକାଶନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ସଂଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଉପସଭାପତି ଅନନ୍ତ କୁମାର ମଜୁମଦାର ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ କଲେଜର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବୌଦ୍ଧ,୧୪।୧(ସ୍ୱ.ପ୍ର.)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ୨୫ତମ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଜିଲା ଷ୍ଟାଡିୟମ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ୍ୟ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବର ସଭାରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ଭି.ରଘୁନାଥ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ପ୍ରତାପ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ସଂଘର ଉପସଭାପତି ଅଧ୍ୟାପକ ପ୍ରବୀର କୁମାର ଦାସ କ୍ରୀଡ଼ା ବିବରଣୀ ପାଠ କରିଥିଲେ। କ୍ରୀଡାରେ ୩୬ଟି ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରଧ୍ୟାପକ ଡ. ମହେନ୍ଦ୍ର ନାଥ ଦେବତା ସଭା ପରିଚାଳନା କରିଥିଲେ । ଖେଳକୁ ମହାବିଦ୍ୟାଳୟର ଖେଳ ଶିକ୍ଷକ ଲମ୍ବୋଦର ପୁରୋହିତ, ରଞ୍ଜିତ ରାଉତ, ଅମ୍ବରୀଶ ପ୍ରଧାନ ଓ ଶଶାଙ୍କ ଶେଖର ସାଣିନୀ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ସଦାନନ୍ଦ ମାହାର ଧନ୍ୟବାଦ ଜ୍ଞାପନ କରିଥିଲେ। ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାର ସହଯୋଗ କରିଥିଲେ।




ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

## ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ବରଗଡ଼ ଅଫିସ୍,୧୪।୧

ସାମାଜିକ ଅନୁଷ୍ଠାନ ଜୀବନଜ୍ୟୋତି ସେବାଦଳ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ସେବାଦଳର କର୍ମକର୍ତ୍ତା, ସଦସ୍ୟବୃନ୍ଦ ସ୍ଥାନୀୟ ଗୋବିନ୍ଦପାଲି ଛକସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେବାଦଳର ଭବାନୀ ପ୍ରସାଦ ସାହୁ, ମାନସ ଚଇନୀ, ରାକେଶ ବେହେରା, ଗୁରୁପ୍ରୀତ ସିଂ, ସୁଜିତ ସରାଫ, ବିବେକ ପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଦୁଃସାହସିକ କାର୍ଯ୍ୟ ଶିବିର ଉଦ୍‌ଯାପିତ

ବରଗଡ଼ ଅଫିସ୍,୧୪।୧

ବରଗଡ଼ର ସଂସ୍କାର ଆନ୍ତର୍ଜାତିକ ବିଦ୍ୟାଳୟରେ ଚାଲୁଥିବା ଦୁଃସାହସିକ କାର୍ଯ୍ୟ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ପର୍ଯ୍ୟାୟରେ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା । ଶିବିରରେ ଜଗଦୀଶ ବୋଏଷ୍ଟ ମୁଖ୍ୟ ତାଲିମଦାତା ଏବଂ ମୋହନ ମେହେତା, ଆଲୋକ ଘଟାନା, ଜୟ କିଷନ, ଯଶବନ୍ତ ଡାଙ୍ଗଲ, ସମ୍ବିତ ରାଠୋର, କମାଲ୍ ଖାନ୍, ସୌରଭ କୁମାର, ପ୍ରୟାସ ସିଂ, ମୋହନ କୁମାର, ଅଙ୍କିତ କୁମାର, ଦିପକ କୁମାର, ସରୋଜ କୁମାର, ଦୀପକ ସିଂ ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଥିଲେ । ରିଭର୍ କ୍ରସିଂ, କମାଣ୍ଡୋ ନେଟ୍, ରେପ୍‌ଲିଂ, ଟ୍ରିପଲ ରୋପ୍ ବ୍ରିଜ, ଆର୍ଚେରୀ, ୱାଟର ରୋଲର୍, ହଟ୍ ବେଲୁନ ଆଦି କୌଶଳ ପ୍ରଦର୍ଶନ କରିଥିଲେ । ଅଧ୍ୟକ୍ଷ କରନ ସାହୁ, ସୀମା ସାହୁ, ମମତା ସିହ୍ନା, ପ୍ରେମରାଜ ବଗାର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ରାଶି ଅଗ୍ରୱାଲ, ଆଦିତ୍ୟ ଅଗ୍ରୱାଲଙ୍କୁ ୟଙ୍ଗେଷ୍ଟ ଆଚିଭର୍, ପ୍ରତୀକ ମିଶ୍ର ଓ ସେଜଲ୍‌ଙ୍କୁ ବେଷ୍ଟ ଆଡ୍‌ଭାନଚର୍, ମୌସୁମୀ ହୋତା ଓ ଆଦ୍ୟାଶା ହୋତାଙ୍କୁ ବେଷ୍ଟ କ୍ୟାପଟେନ, ସୁରଭି ଅଗ୍ରୱାଲ ଓ ରାଶି ଅଗ୍ରୱାଲଙ୍କୁ ବେଷ୍ଟ କ୍ୟାମ୍ପର, ସମ୍ବିତ ଖମାରୀଙ୍କୁ ଆଉଟଷ୍ଟେଡ଼ିଙ୍ଗ ଆଚିଭର୍‌ଭାବେ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ୱାଇଲଡ୍ ୱାରିୟର ଦଳକୁ ପୁରସ୍କୃତ କରାଯାଇଥିଲା। ଶିବିରରେ ମୋଟ୍ ୩୨୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

# ସରକାରୀ ସାହାଯ୍ୟରୁ ବଞ୍ଚିତ୍ ଦିବ୍ୟାଙ୍ଗ ପପିତା

ପାଇକମାଲ, ୧୪।୧ (ଡି.ଏନ୍.ଏ)

ବରଗଡ଼ ଜିଲା ପାଇକମାଲ ବ୍ଲକ କେନାବୁଦା ଗାଁର ଜଗବନ୍ଧୁ ସାହୁଙ୍କର ଝିଁ ପପିତା ସାହୁ(୮) । ସେ ଚାଲିବୁଲି କି କଥା କହି ନାଇଁପାରବାର। ଶହେ ପରତିଶତ ଭିନ୍ନକ୍ଷମ ଆଏ। ହେଲେ ଡାକ୍ତରମାନକର କହେବାର ହେଲା ପପିତାକୁଁ ଉଚ ଚିକିଛା କଲେ ସେ ଭଲ ହେଇଯିବେ। ହେଲେ ଜଗବନ୍ଧୁ ଝନେ ନିହାତି ଗରିବ୍ ଲୋକ୍। ସେ ଯାହା ରୁଜ୍‌ଗାର କରୁଛନ୍ ସେଟା ପରିବାରର ପେଟ୍‌କେ ଅଁଟ୍‌ଲେ ଦିହିକେ ନାଇଁ। ଏନ୍‌ତାଥି ସେ ଗୁଟେ ବଲି ଝିଁ ପପିତାର ଉଚ ଚିକିଛା କଥା ଚିନ୍ତା ବି କରି ନାଇଁପାରବାର। ଇଆଡ଼େ ଜଗବନ୍ଧୁ ଝିଁର ଭିନ୍ନକ୍ଷମ ଭତାର ଲାଗି ପାଇକମାଲ ବ୍ଲକରେ ଆବେଦନ କରି ନିରାଶ ହେଇଥିବାର କହିଛନ୍। ଇ ଦିଗେ ଜିଲା ଆର ଥାନୀଅ ପରଶାସନ ଦୁରୁଷ୍ଟି ଦେଇ ପପିତାକୁଁ ଉଚ ଚିକିଛା ସଂଗେ ଉନିଆଁ ସରକାରୀ ସୁବିଧା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ଦିବ୍ୟାଙ୍ଗ ପପିତା ସାହୁ।

## ଉଦେପୁର ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟବୋର୍ଡ ଗଠିତ

ଅତାବିରା, ୧୪।୧(ଡି.ଏନ.ଏ.):

ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତସ୍ଥିତ ଉଦେପୁର ଜଗନ୍ନାଥ ମନ୍ଦିର ପରିଚାଳନା ନେି ଦେବତ୍ତର ବିଭାଗ ପକ୍ଷରୁ ଏକ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଛି। ଟ୍ରଷ୍ଟ ବୋର୍ଡରେ ଗାଁ ଗୌନ୍ତିଆ ମଦନମୋହନ ଦାଶ, ଉଦୟ ଦାଶ, ସୁଦାମ ମହାକୁର, ଶୁକ୍ରୁ ସେଟ, ନାରାୟଣ ବାଦୀ, ଭାଗରଥୀ ଦନ୍ତା, ନିଳାଞ୍ଚଳ ଭୋଇ, ଭରତ ମହାପାତ୍ର, ଅଶ୍ୱିନୀ ଝାଙ୍କ ପ୍ରମୁଖ ରହିଛନ୍ତି।

# ବିଦେଶୀ ମଦ ଦୋକାନ ଖୋଲିବାକୁ ବିରୋଧ

ବରଗଡ଼ ଅଫିସ୍,୧୪।୧

ବରଗଡ଼ ଜିଲା ଅତାବିରାର ଏକ ଜନବସତି ଅଞ୍ଚଳରେ ଏକ ବିଦେଶୀ ମଦ ଦୋକାନ ଖୋଲିବାର ଯୋଜନା ଚାଲିଛି। ଏନେଇ ଜିଲା ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାକୁ ନେଇ ବିରୋଧ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଅତାବିରାବାସୀ ବରଗଡ଼ ଜିଲାପାଳ, ଏସ୍‌ପିଙ୍କ ସମେତ ଅବକାରୀ ଅଧୀକ୍ଷକଙ୍କୁ ଫେରାଦ ହୋଇଛନ୍ତି। ସମ୍ପୃକ୍ତ ସ୍ଥାନରେ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଅନୁମତି ନ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ସୂଚନା ଅନୁଯାୟୀ, ଜିଲା ଅବକାରୀ ବିଭାଗର ପତ୍ର ସଂଖ୍ୟା:-୧୧ ତା:- ୩।୧।୨୦୨୦ ଅନୁଯାୟୀ ଅତାବିରା ଏନଏସି ଅଧୀନ ୱାର୍ଡ଼ ନଂ-୪, ଖାତା ନଂ- ୨୪୩ ପ୍ଲଟ ନଂ-୪୪୨୫ରେ ବିଦେଶୀ ମଦ ଦୋକାନ(ବାର୍) ଖୋଲିବା ନେଇ ସୂଚନା ଦିଆଯାଇ ଥିବାବେଳେ ସେନେଇ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଇଛି । ତେବେ ସମ୍ପୃକ୍ତ ସ୍ଥାନଟି ରାଜପଥ ପାର୍ଶ୍ୱରେ ରହିଛି ଏବଂ ତାହା ଜନବସତି ଅଞ୍ଚଳ ହୋଇଥିବା ଯୋଗୁ ସ୍ଥାନୀୟ ଲୋକେ ତାକୁ ବିରୋଧ କରିଛନ୍ତି। ସମ୍ପୃକ୍ତ ସ୍ଥାନର ୫୦୦ ମିଟର ପରିଧି ମଧ୍ୟରେ ଅତାବିରା ବସ୍ତି(ୱାର୍ଡ଼ ନଂ-୬), ୱାର୍ଡ଼ ନଂ-୪ର କଟକିଆପଡ଼ା ରହିଛି। ସେହିପରି ପାଖରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଳକ ହାଇସ୍କୁଲ ଥିବାବେଳେ ସେହି ରାସ୍ତା ଦେଇ ବସ୍ତିର ମହିଳା, ପୁରୁଷ ଝାଇଁଜୋରକୁ ଗାଧୋଇବାକୁ ଯାଇଥାନ୍ତି ଫଳରେ ସମ୍ପୃକ୍ତ ସ୍ଥାନରେ ବିଦେଶୀ ମଦ ଦୋକାନ ଖୋଲାଗଲେ ସ୍କୁଲ ଛାତ୍ରୀଛାତ୍ରଙ୍କ ଉପରେ କୁପ୍ରଭାବ ପଡ଼ିବା ସହିତ ସ୍ଥାନୀୟ ମହିଳା, ପୁରୁଷଙ୍କ ଜୀବନ ମଧ୍ୟ ଅସୁରକ୍ଷିତ ହୋଇ ପଡ଼ିବା ଆଶଙ୍କା ରହିଥିବା ଗ୍ରାମବାସୀ କହିଛନ୍ତି । ସେହିପରି ଜନବସତି ଅଞ୍ଚଳରେ ବିଦେଶୀ ମଦଦୋକାନ ଖୋଲାଗଲେ ଅପରାଧିକ କାର୍ଯ୍ୟକଳାପ ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି । ଏନେଇ ସମ୍ପୃକ୍ତ ସ୍ଥାନରେ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଅନୁମତି ନ ଦେବା ପାଇଁ ଅଞ୍ଚଳବାସୀ ଏସ୍‌ପି, ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କୁ ନିବେଦନ କରିଛନ୍ତି। ଅନ୍ୟଥା ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ପ୍ରଶାସନ ହିଁ ଦାୟୀ ରହିବ ବୋଲି ଗ୍ରାମବାସୀ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ମାରକପତ୍ରରେ ଅତାବିରା ଏନ୍‌ଏସି ଉପାଧ୍ୟକ୍ଷା ଜ୍ୟୋତିର୍ମୟୀ ଦାଶ, କାଉନସିଲର ବନମାଳୀ ବରିହା, ଦୈତାରୀ ପ୍ରଧାନ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

# ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ପାଇକମାଲ,୧୪।୧(ଡି.ଏନ.ଏ.):

ବରଗଡ଼ ଜିଲା ପାଇକମାଲ ଉଚ୍ଚ ବିଦ୍ୟାଳୟରେ ପାଣି ପଞ୍ଚାୟତ ପକ୍ଷରୁ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଚାରୁଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଲସଦା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ବିଚାରକ ଭାବେ ଶିକ୍ଷକ ରମେଇଚରଣ ଦାସ, ନରସିଂହ ପ୍ରଧାନ ଓ ଲିଙ୍ଗରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ବିଦ୍ୟାଶ୍ରୀ ମେହେର, ରୋଜି ପଣ୍ଡା ଓ ସୌମ୍ୟାରାଣୀ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରକରି ସବ୍‌ଡିଭିଜନସ୍ତରକୁ ମନୋନୀତ ହୋଇଛନ୍ତି। କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୬ତାରିଖରେ ସବ୍‌ଡିଭିଜନସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ଶିକ୍ଷକ ତ୍ରିଲୋଚନ ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ତେଲିବନ୍ଧ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

ଜହ୍ନାପଙ୍କ,୧୪।୧ (ଡି.ଏନ.ଏ.):

ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ତେଲିବନ୍ଧ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଏଲ୍‌ଏଣ୍ଡଟି କମ୍ପାନୀ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅରବିନ୍ଦ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ଶିକ୍ଷକ ଶମ୍ଭୁ ଗିରି, ଏଲ୍‌ଏଣ୍ଡଟି କମ୍ପାନୀ ସିଏଚ୍‌ଏସ୍‌ଓ ଅଶ୍ୱିନୀ କୁମାର ମଲ୍ଲିକ, ସହକାରୀ ନିର୍ମାଣ ଅଧିକାରୀ ଏସ୍. ସିଭାନନ୍ଦମ, ଏ.ଭିପିନ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣର ଉପକାରିତା ସମ୍ପର୍କରେ କହିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ୫୦୦ଟି ଚାରା ଲଗାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସୁବାସ ପ୍ରଧାନ, ଅଶୋକ ପ୍ରଧାନ, ପଞ୍ଚାନନ ମହାକୁଳ, ନିରଞ୍ଜନ ମେହେର, ଶିବ କୁମାର ପ୍ରଧାନ, ଲମ୍ବୋଦର ବେହେରା, ନିର୍ମଳା ନାଏକ, ଆରତୀ ମିଶ୍ର, ସଞ୍ଜୁବାଳା ମାହାର, ରଶ୍ମିତା ସାହୁ, କମ୍ପାନୀର ନିରାପତ୍ତାରକ୍ଷୀ ବିଭୂତିଭୂଷଣ ଦାସ, କନିଷ୍ଠ ଯନ୍ତ୍ରୀ ତାପସ ସେଠୀ, ଖବରଦାତା ସୁଧାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ । ଅଞ୍ଚଳରେ ଚାରାରୋପଣ ସହ ଜଳଯୋଗାଣ, ସ୍ୱାସ୍ଥ୍ୟ ଶିବିର ଓ ମାଗଣାରେ ଔଷଧ ବିତରଣ ଆଦି ସାମାଜିକ କାର୍ଯ୍ୟକ୍ରମ ଅଞ୍ଚଳରେ ଆରମ୍ଭ ହୋଇଥିବା କମ୍ପାନୀ ମ୍ୟାନେଜର ସିଭାନନ୍ଦମ ପ୍ରକାଶ କରିଥିଲେ।




ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଉଛି ।



“ ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।

- କାର୍ଲାଇଲ

## ସଂକ୍ଷେପରେ

### ଛନଛଡ଼ା ଫୁଟବଲ ଟୁର୍ନାମେଣ୍ଟ: ଟିକ୍ରାପଡ଼ା ବିଜୟୀ

ଟିକ୍ରାପଡ଼ା,୧୪।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଷୋଡଶ ବର୍ଷ ସାତଦିନିଆ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ତୃତୀୟ ଦିବସ। ଅନୁଷ୍ଠିତ ମ୍ୟାଚରେ ନାରିକଟା ଦଳକୁ ୧-୦ ଗୋଲରେ ହରାଇ ଟିକ୍ରାପଡା ବିଜୟୀ ହୋଇଥିଲା। ଗଣେଶ ଭୋଇ ଖେଳ ପରିଚାଳନା କରିଥିଲେ। ସୁବ୍ରତ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ଛନଛଡା ବନାମ ଚଲକି ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

### ଦୋକାନ ଶଟର ଭାଙ୍ଗି ଚୋରି

ସଇଁତଲା, ୧୪।୧ (ଡି. ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ କରମତଲା ପଞ୍ଚାୟତ ବୁଢ଼ାରଜା ହାଇସ୍କୁଲ ନିକଟରେ ଥିବା ଏକ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଛନଛଡ଼ା ଗ୍ରାମର ଦୋକାନ ମାଲିକ ବିକାଶ କୁମାର ଅଗ୍ରୱାଲ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ହାଇସ୍କୁଲ ସାମ୍ନାରେ ଏକ ଷ୍ଟଲ ଭଡ଼ାରେ ନେଇ ସେ ମୋଟର ସାଇକେଲ ରିପ୍ୟାରିଂ ସହ ପାର୍ଟସ ଦୋକାନ ଦେଇଛନ୍ତି। ମଙ୍ଗଳବାର ସକାଳୁ ଦୋକାନ ଖୋଲିବାକୁ ଆସିଲା ବେଳକୁ ଶଟର ଭାଙ୍ଗିଥିଲା ଓ ଦୋକାନରେ ଥିବା ସାମଗ୍ରୀ ଚୋରି ହୋଇଯାଇଥିଲା। ଦୋକାନରୁ ୨୦ରୁ ଅଧିକ ବାଇକ ଟାୟାର, ପାଖାପାଖି ୮୦ ଲିଟର ମୋବିଲ ଡ଼ବା, ଡ଼ିକି ଏବଂ ଚେନ ସକେଟ ଚୋରି ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷରୁ ଅଧିକ ହେବ ବୋଲି ଅଗ୍ରୱାଲ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଏସଆଇ ମାନବେନ୍ଦ୍ର ନନ୍ଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା( ନଂ.୧୩/୨୦)ରୁଜୁ ହୋଇଛି। ସେହିପରି ସଇଁତଲା ରେଳଷ୍ଟେଶନ ନିକଟରୁ ମଙ୍ଗଳବାର ପୂର୍ବାହ୍ନରେ ଭଦ୍ରା ପଞ୍ଚାୟତ ଅନ୍ତର୍ଗତ ନୂଆଁପଡ଼ା ଗ୍ରାମର ଭାଗିରଥି ଭୋଇ ୧୮ହଜାର ଟଙ୍କା ନେଇ ଘରକୁ ଫେରୁଥିବା ସମୟରେ ବାଇକରେ ଦୁଇଜଣ ଯୁବକ ଆସି ତାଙ୍କ ପାଖରୁ ଟଙ୍କା ଛଡ଼ାଇନେଇ ଫେରାର ହୋଇଯାଇଥିଲେ। ଭୋଇ ଏ ନେଇ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। । ସଇଁତଲା ଥାନା ଏଏସଆଇ ସଙ୍ଗୀତା ବେକ ଘଟଣାର ତଦନ୍ତ କରୁଛନ୍ତି।

ବଲାଙ୍ଗୀର ବହିହାଟ ଷଷ୍ଠ ସନ୍ଧ୍ୟା

# ଦଣ୍ଡନୃତ୍ୟ ଗ୍ରାମୀଣ ସାଂସ୍କୃତିକ ଲୋକ ଜୀବନର ବିଭବ

ବଲାଙ୍ଗୀର ଅଫିସ,୧୪।୧

ଜିଲା ଲେଖକ ପରିଷଦ ପକ୍ଷରୁ ଆୟୋଜିତ ବଲାଙ୍ଗୀର ବହିହାଟ ଷଷ୍ଠ ସନ୍ଧ୍ୟାରେ ଲୋକ ସାହିତ୍ୟ ଆଲୋଚନା କ୍ରମରେ ଦଣ୍ଡନୃତ୍ୟ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚକ ଭାବେ ନାଟ୍ୟଶ୍ରୀ ଗଦାଧର ବାରିକ, ଗୁରୁଶ୍ରୀ ଡ ଘାସିରାମ ମିଶ୍ର, ମନୋରଞ୍ଜନ ସାହୁ, ମୁରଲୀଧାରୀ ପତି, ଅଧ୍ୟାପକ ଡ ଲକ୍ଷ୍ମଣ କୁମାର ମେହେର ଓ ପରିଷଦ ସୋନପୁର କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲୀପ ପାତ୍ର ମଞ୍ଚାସୀନ ହୋଇଥିଲେ। ସଭା ପ୍ରାରମ୍ଭରେ ପରିଷଦ ସମ୍ପାଦକ କପିଳେଶ୍ୱର ଖମାରୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସଭାପତି ମଳୟ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚକମାନେ ଲୋକ ସାହିତ୍ୟରେ ଦଣ୍ଡନୃତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଦଣ୍ଡର ଉତ୍ପତ୍ତି, କ୍ରମବିକାଶ ଏବଂ ସ୍ଥିତି ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଦଣ୍ଡନୃତ୍ୟର ପ୍ରକାର ଭେଦ ଓ ଗ୍ରାମୀଣ ଜନଜୀବନରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଦଣ୍ଡନୃତ୍ୟକୁ ଗ୍ରାମୀଣ ସାଂସ୍କୃତିକ ବିଭବ ଭାବେ ବର୍ଣ୍ଣନା କରି ଦଣ୍ଡନୃତ୍ୟ କଳାତ୍ମକତା ଏବଂ ପ୍ରଭାବଶାଳୀ ଲୋକ ଆବେଦନ ସମ୍ପର୍କରେ ଆଲୋଚନା କରିଥିଲେ। ନାଟ୍ୟଶ୍ରୀ ବାରିକ ଷୋଳ ସୁଆଙ୍ଗ ଦଣ୍ଡ ଉପରେ କହିଥିଲେ। ଆଲୋଚନ ଡ ମେହେର ଲୋକ ସାହିତ୍ୟ ବିକାଶ କ୍ରମରେ ଦଣ୍ଡନୃତ୍ୟର କ୍ରମବିକାଶ ଉପରେ କହିଥିଲେ। ଗୁରୁଶ୍ରୀ ଡ ମିଶ୍ର ଦଣ୍ଡନୃତ୍ୟର ସଙ୍ଗୀତ ଓ ସାହିତ୍ୟ ଉପରେ କହିଥିଲେ। ଆଲୋଚକ ପାତ୍ର ଦଣ୍ଡନୃତ୍ୟର ପ୍ରକାର ଭେଦ ଉପରେ କହିଥିବାବେଳେ ମୁରଲୀଧାରୀ ପତି ତାଙ୍କ ବକ୍ତବ୍ୟରେ ଦଣ୍ଡନୃତ୍ୟର ଗୀତ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଆଲୋଚକ ମନୋରଞ୍ଜନ ସାହୁ ଦଣ୍ଡନୃତ୍ୟରେ ରସିକତା ଉପରେ କହିଥିଲେ। ସଭାପତୀୟ ଅଭିଭାଷଣରେ ନାଟ୍ୟଭୂଷଣ ଛୁରିଆ ଦଣ୍ଡନୃତ୍ୟରେ ଗ୍ରାମୀଣ ଜନଜୀବନର ନିଛକ ଅଭିବ୍ୟକ୍ତି, ଅର୍ଦ୍ଧନାରୀଶ୍ୱର ଚେତନା ଓ ସରଳ ମଣିଷର ସାଂସ୍କୃତିକ ଉଚ୍ଚାଙ୍ଗ ସାହିତ୍ୟ ଓ ସଙ୍ଗୀତବୋଧ ଉପରେ ମତବ୍ୟକ୍ତ କରିଥିଲେ। ସଭା ପରେ ଅପରାହ୍ଣରେ ଅନୁଷ୍ଠିତ କୌତୁକ ପୋଷାକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୌତୁକ ପ୍ରତିଯୋଗିତା ଜୁନିଅର ବିଭାଗରେ ଓମ୍ ଅମୃତ ମହାନ୍ତି ପ୍ରଥମ, ରିୟାନ ମହାନ୍ତି ଦ୍ୱିତୀୟ, ଅଂଶୁମାନ୍ ମିଶ୍ର ଓ ସ୍ୱସ୍ତିକ ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିଅର ବିଭାଗରେ ଐସିସ୍ ପଣ୍ଡା, ପ୍ରଥମ, ସମ୍ଭ୍ରାନ୍ତ ପଟ୍ଟନାୟକ ଦ୍ୱିତୀୟ ଓ ବିନ୍ଦିଆ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ କୁନା ବାଗ, ଶ୍ରୀରାଧା ଓ ରାଜୀବ ଲୋଚନ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଶେଷରେ ବୁବୁନ୍ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ବୁଧବାର ବହିହାଟ ଅଷ୍ଟମ ସନ୍ଧ୍ୟାରେ ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ବହିହାଟ ଷଷ୍ଠ ସନ୍ଧ୍ୟାରେ କୃତି ପ୍ରତିଯୋଗୀଙ୍କ ସହ ଅତିଥି ଓ ଆଲୋଚକମାନେ।

### ପୁଷ୍ପୁନି ଭେଟ୍‌ଘାଟରେ ବ୍ୟଙ୍ଗ କବିତା ଆସର

ଲୋଇସିଂହା,୧୪।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତାଲୁଜରୀ ଗ୍ରାମ ପୁଷ୍ପୁନି କମିଟି ଆନୁକୂଲ୍ୟରେ ପଞ୍ଚଦଶତମ ପୁଷ୍ପୁନି ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜକ କିମିଟ ତରଫରୁ ପୂର୍ବାହ୍ନ ୧୧ଟାରୁ ପୁଚିଖେଳରୁ ଆରମ୍ଭ କରି ଅଖା ଦୌଡ, ମ୍ୟୁଜିକ ଚେୟାର, ଧିର ସାଇକେଲ ଚାଳନା, କୁନିକୁନି ପିଲାଙ୍କ ନାଚଗୀତ, ହଳିଆ ଗୀତ ପ୍ରଭୃତି ପ୍ରତିଯୋଗୀତା ଦିନତମାମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବ୍ୟଙ୍ଗ କବିଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଠାରେ ବ୍ୟଙ୍ଗ କବି ଅଧିକାରୀ ସା, ରାମପ୍ରସାଦ ବାଗ, ହରିଲାଲ ସାହୁ, ଧର୍ମରାଜ ଭୋଇ, ଗୁରୁପ୍ରିୟବ୍ରତ ପଣ୍ଡା ଓ କୁମରମଣୀ ସାହୁ ପ୍ରମୁଖ ବ୍ୟଙ୍ଗ କବିତା ପାଠ କରି ଦର୍ଶକଙ୍କୁ ହସାଇ ହସାଇ ବେଦମ କରିଥିଲେ। ପୁରସ୍କାର ବିତରଣ ତଥା ଉଦ୍‌ଯାପନୀ ସମାରୋହରେ କମିଟି ସଭାପତି ତରୁଣ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଯୁବନେତା ଆକାଶ ମିଶ୍ର ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା, ପ୍ରଦୀପ୍ତ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କୃଷି ଭିତ୍ତିକ ପର୍ବ ପୁସପୁନି ତିହାରର ପୁରଣା ଓ ବର୍ତ୍ତମାନର ସଂସ୍କୃତି ଉପରେ ଅତିଥିମାନେ ମତ ରଖିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତି ଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ଅତିଥି। ପୂର୍ବାହ୍ନରେ ସ୍ଥାନୀୟ ସରପଞ୍ଚ ପ୍ରେମାଦିନୀ ଖମାରୀ ଭେଟଘାଟ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଦିଲୀପ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିମାଞ୍ଚଳ ମେହେର, ଧନଞ୍ଜୟ ବିଶ୍ୱାଳ, ଶତ୍ରୁଘ୍ନ ସାହୁ, ବିକାଶ ମେହେର, ପଦ୍ମନାଭ ଧରୁଆ, ପୀତବାସ ବିଶ୍ୱାଳ ଓ ବିଜୟ ସାହୁ ଭେଟ୍‌ଘାଟ ଆୟୋଜନରେ ସହଯୋଗ କରିଥିଲେ।

### ହାତୀ ଗୋଡ଼ାଇବାରୁ ଯୁବକ ପଡ଼ି ଗୁରୁତର

କଣ୍ଟାବାଞ୍ଜି, ୧୪।୧(ଡି.ଏନ.ଏ.)

ତୁରେକେଲା ଥାନା ପଖନମୁଣ୍ଡା ଗାଁର ଯୁଗ ମାଝୀ( ୪୫) ବଗବାହାଲ ସଂରକ୍ଷିତ ଜଙ୍ଗଲର ପଣ୍ଡରେନରେ ଗାଁ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ହାତୀ ହାବୁଡରେ ପଡିଥିଲେ। ହାତୀ ଗୋଡାଇବାରୁ ଜୀବନ ବିକଳରେ ଦୌଡି ପଳାଇବାକୁ ଚେଷ୍ଟା କଲାବେଳେ ତଳେ ପଡି ଯାଇ ଗୁରୁତର ହୋଇଛନ୍ତି। ସୌଭାଗ୍ୟବଶତଃ ହାତୀ ତାଙ୍କୁ ଆକ୍ରମଣ ନ କରି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ତୁରେକେଲା ଫରେଷ୍ଟର ଦେବଦତ ବେହେରା, ଫରେଷ୍ଟ ଗାର୍ଡ ଘାସିରାମ ଦୀକ୍ଷିତଙ୍କ ସହ ପହଞ୍ଚି ଯୁଗଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବଲାଙ୍ଗୀର ଜିଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

### କୃଷି ପ୍ରଦର୍ଶନୀ ଉଦ୍‌ଘାଟିତ

ଗୁଡ଼ଭେଲା ,୧୪।୧(ଡ଼ି.ଏନ.ଏ.)

ଗୁଡ଼ଭେଲା ବ୍ଲକ ତେନ୍ତୁଲିଖୁଣ୍ଟି ଗ୍ରାମ ମକର ମେଳା ପଡ଼ିଆରେ ୫୩ତମ ଗ୍ରାମ ପଞ୍ଚାୟତ ମକର ମେଳା ଅବସରରେ ପଞ୍ଚାୟତସ୍ତରୀୟ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଜୟନ୍ତି ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଏପରି ପ୍ରଦର୍ଶନୀ ଦ୍ୱାରା କୃଷକ ନିଜ ସାମଗ୍ରୀ ଦେଖାଇ ପାରିବା ସହ ଅନ୍ୟ କୃଷକଙ୍କ ପାଇଁ ପ୍ରେରଣା ଯୋଗାଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଉକ୍ତ ମେଳାରେ ବିଭିନ୍ନ ପ୍ରକାରର ଉନ୍ନତମାନର କୃଷି ଦ୍ରବ୍ୟ ପ୍ରଦର୍ଶୀତ ହୋଇଥିଲା। ପ୍ରତିଦିନ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମେଳା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କବି ରମେଶ ପ୍ରଧାନ କହିଛନ୍ତି। ମେଳା ଆୟୋଜନରେ ଯୁବନେତା ପ୍ରକାଶ ପ୍ରଧାନ, ହେମରାଜ କୁଅଁର, ଶଶୀଭୂଷଣ ମାଝୀ, ଚନ୍ଦ୍ର ଝାଙ୍କର, କିଶୋର ମନହୀରା, ରନଜୀତ ଦୀପ, ରାମପ୍ରସାଦ ମହାନନ୍ଦ, ଶଙ୍ଖାଳି ପୁରୋହିତ, ଗୋଲାପ ପ୍ରଧାନ, ପୀତବାସ ରଣା ଓ ଉପେନ୍ଦ୍ର ଭୋଇ ସହଯୋଗ କରିଥିଲେ।

### ସାଲେପାଲି ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଦେଓଗାଁ,୧୪।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ସରକାରୀ ଗୋପବନ୍ଧୁ ଉଚ୍ଚବିଦ୍ୟାପୀଠରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦିଲୀପ କୁମାର ସିଂଙ୍କ ସଂଯୋଜନା ତଥା ପ୍ରଧାନ ଶିକ୍ଷକ ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି ଲିଲି ଷଡଙ୍ଗୀ ଓ ସମ୍ମାନୀତ ଅତିଥିଭାବେ ସାମାଜିକ କର୍ମୀ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇଥିଲେ। ୫୩ଟି ପ୍ରତିଯୋଗୀତାରେ ୧୯୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ କୃତିତ୍ୱ ହାସଲ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବାଳିକା ବିଭାଗରେ ସନ୍ତୋଷୀ ବେହେରା, ବରିଷ୍ଠ ବାଳକ ବିଭାଗରେ ପରେଶ ଭୋଇ, କନିଷ୍ଠ ବାଳିକା ବିଭାଗରେ ଆଶାରାଣୀ ସାହୁ ଓ କନିଷ୍ଠ ବାଳକ ବିଭାଗରେ ଶୁଭମ କୁମ୍ଭାର ଚାମ୍ପିୟନ ହୋଇଥିଲେ। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ନିଳାଞ୍ଚଳ କୁଅଁର ଯୋଗ ଦେଇଥିଲେ।

### ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବେଲପଡା, ୧୪।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଅଧ୍ୟାପକ ସୁରେଶ ମହେରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସଙ୍ଗୀତା ସିଂଦେଓ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମୁଖ୍ୟବକ୍ତା ଅଧ୍ୟାପକ ଡକ୍ଟର ସଂଜୟ ମିଶ୍ର , କଲେଜ ଅଧ୍ୟକ୍ଷ ନବିନ କୁମାର ମେହେର, ଏମପି ପ୍ରତିନିଧି ରମା ବଲ୍ଲଭ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ସେଠ, ଅଧ୍ୟାପକ ମନୋଜ କୁମାର ମହାଖୁଡ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଡକ୍ଟର ମିଶ୍ର ତାଙ୍କ ବକ୍ତବ୍ୟରେ କୌଣସି ପରିସ୍ଥିତିରେ ଛାତ୍ରୀଛାତ୍ରମାନେ ନିରାଶ ନ ହେବାକୁ ପରାମର୍ଶ ଦେଇଥିଲେ। ମୋବାଇଲ ହ୍ୱାଟସଅପ, ଫେସ ବୁକରୁ ନିଜକୁ ଦୂରେଇ ରଖି ପୁସ୍ତକ ପଠନରେ ସମୟ ଅତିବାହିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଶେଷରେ ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

BUSINESS BUSINESS

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
073762-57896
094994-92906
ADDRESS: T-51, GAUTAMPURI, DELHI

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

FINANCE FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

SUCCESS
DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### କୁଶୁର୍ଲା ମକର ମେଳାରେ ଛାତ୍ରୀଛାତ୍ରଙ୍କ ସ୍ୱଚ୍ଛ ଭାରତ ଅଭିଯାନ

**ପଲମ,୧୪।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ମକର ମେଳା ଚାଲିଛି। ଏଠାରେ ଭକ୍ତ ଏବଂ ସାଧାରଣ ଲୋକଙ୍କ ଗହଳି ଯୋଗୁ ପରିବେଶ ଅପରିଷ୍କାର ହୋଇଛି। ମିଳିତ ଉଚ୍ଚ ବିଦ୍ୟାଳୟ ଯୋରାଡବରା ଛାତ୍ରୀଛାତ୍ରଙ୍କ ଦ୍ୱାରା ମଙ୍ଗଳବାର ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁପାଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ରମାନେ ଆଗ୍ରହ ସହିତ ମକର ମେଳାଠାରେ ଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ମକର ମେଳାର ସଭାପତି ଜଗତରାମ ଭୋଇ, ସମ୍ପାଦକ କଂସାସୁର ଜାନୀ ଏବଂ ମକର ମେଳା କମିଟି ସଭ୍ୟମାନେ ସାମିଲ ହୋଇ ଗଳିକନ୍ଦିର ଆବର୍ଜନା ସଫା କରିଥିଲେ।



### ବିଦେଶୀ ମଦ ଦୋକାନରେ ନକଲି ମଦ ବିକ୍ରି

**ପର୍ଲା,୧୪।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟସ୍ଥିତ ବେହେରା ଗ୍ରାମର ଏକ ବିଦେଶୀ ମଦ ଦୋକାନରେ ନକଲି ମଦ ବିକ୍ରି ହେଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଏଠାରେ ଦୈନନ୍ଦିନ ଶହ ଶହ ଲୋକ ମଦ ପିଇବାକୁ ଆସୁଥିବା ବେଳେ ନକଲି ମଦ ଦେଉଥିବାରୁ କର୍ମଚାରୀଙ୍କ ସହ ବାଚଉଚସା ହେଉଛି। ଦୁଇ ପ୍ରକାର ମଦ ଦୋକାନ ରହିଥିବା ବେଳେ ଚିହ୍ନାମୁହଁଙ୍କୁ ନାମିଦାମୀ କମ୍ପାନୀ ତିଆରି ବୋତଲ ଦିଆଯାଉଥିବା ବେଳେ ଅଚିହ୍ନାଙ୍କୁ ନକଲି ମଦ ଦେଉଥିବା ଗ୍ରାହକମାନେ ପ୍ରକାଶ କରନ୍ତି। ଜଣେ ଗ୍ରାହକ ଏହାର ପ୍ରମାଣିତ ଭାବେ ସେ ପିଇ ଥିବା ନକଲି ମଦର ନମୁନା ଦେଖାଇଥିଲେ। ମଦ ବୋତଲ ଠିପି କେବଳ ଅଠା ଦେଇ ବନ୍ଦ କରାଯାଇଥିବା ଓ ବୋତଲ ଉପରେ ତିଆରି ତାରିଖ ସହ ନିର୍ଦ୍ଧାରଣ ମୂଲ୍ୟ ଛପାଯାଇ ନ ଥିବା ଜଣାପଡ଼ିଛି। ଏଥିସହ ନିର୍ଦ୍ଧାରିତ ସରକାରୀ ମୂଲ୍ୟଠାରୁ ଅଧିକ ଟଙ୍କାରେ ବିକ୍ରି କରାଯାଇଛି। ଏପରିକି ମଦ କ୍ରୟ କଲେ ରସିଦ କାଟିବା ନିୟମ ଥିଲେ ହିଁ ବିନା ରସିଦରେ ବିକ୍ରି କରାଯାଉଛି। ଦୀର୍ଘ ଦିନରୁ ଏଭଳି କାରବାର ଚାଲିଥିବା ଜଣାପଡିଛି। ନକଲି ମଦ ପିଇ କୌଣସି ଅଘଟଣ ଘଟିବ ଏହାକୁ ଏଡାଇ ଦିଆଯାଇ ନ ପାରେ। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ନେଇ ଧର୍ମଗଡ ଅବକାରୀ ଅଧିକାରୀ ଶୁଭମ ନାଏକଙ୍କୁ ପଚାରିବାରୁ ଏହାର ତଦନ୍ତ ସହ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।



କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।




କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟନୀରେ ପରିବେଷଣ ସାଂସ୍କୃତିକ କାର୍ଯ୍ୟକ୍ରମ।

# କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ

**ଭବାନୀପାଟଣା,୧୪।୧(ଡି.ଏନ.ଏ.)**

୨୪ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ ମଙ୍ଗଳବାର ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ରେଣ୍ଡୋ ମାଝି ମଞ୍ଚରେ ଉଦ୍‌ଘାଟିତ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବିଭିନ୍ନ ଲୋକନୃତ୍ୟ ଓ ଘୁମୁରା ନୃତ୍ୟରେ ମୋହି ଯାଇଥିଲେ ଭବାନୀପାଟଣା ସହରବାସୀ। ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ମା' ମାଣିକେଶ୍ୱରୀଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଜିଲାପାଳ ତଥା ଅଧ୍ୟକ୍ଷ ଜିଲା ସଂସ୍କୃତି ପରିଷଦ ଗାଭିଲ ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ନାଏକ ପ୍ରକାଶ କରିଥିଲେ ଯେ, ଏହି ଅଞ୍ଚଳର କଳା ସଂସ୍କୃତି ବହୁତ ଉନ୍ନତ। ଯାହାକୁ ନେଇ ଆମେ ଗର୍ବିତ ଏବଂ ଏହି ସାଂସ୍କୃତିକ ଧାରାକୁ ଲୋକ ଉତ୍ସବ ହିଁ ଜାରି ରଖିବ। ଯଦି ସ୍ଥାନୀୟ ଭିତ୍ତିରେ ରାଜନୈତିକ ଇଚ୍ଛାଶକ୍ତି ସୃଷ୍ଟି କରାହୁଏ, ତାହେଲେ ନିଶ୍ଚିତ ଭାବେ ଏ ଅଞ୍ଚଳର ବିକାଶ ହେବ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ନର୍ଲା ବିଧାୟକ ଭୁପିନ୍ଦର ସିଂ, ଧର୍ମଗଡ ବିଧାୟକ ମୌଷୁଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଯୋଗଦେଇ କଳାହାଣ୍ଡିର କଳା ଓ ସଂସ୍କୃତି ଏବଂ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ତଥା ଉପାଧ୍ୟକ୍ଷ ଜିଲା ସଂସ୍କୃତି ପରିଷଦ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଅଧ୍ୟକ୍ଷତା କରିଥିବା ଜିଲାପାଳ ତଥା ଅଧ୍ୟକ୍ଷ ଜିଲା ସଂସ୍କୃତି ପରିଷଦ ହର୍ଷଦ ସାଂସ୍କୃତିକ ବିଭବ ଭିତରେ ଜିଲାର ବିକାଶ ଆମର ସଂସ୍କୃତି ଓ ସମାଜ ଏକ ଅଙ୍ଗାଅଙ୍ଗି ଭାବେ ଜଡିତ। ଏହି ସଂସ୍କୃତିକୁ ବଞ୍ଚାଇ ରଖିବା ଆମର ଖାଲି କର୍ତ୍ତବ୍ୟ ନୁହେଁ ଆମର ଧର୍ମ ଅଟେ ବୋଲି ସେ କହିଥିଲେ। ଉତ୍ସବ ଉଦ୍‌ଘାଟନ ପୂର୍ବରୁ ମୁଖ୍ୟଅତିଥି ନାଏକ ଏବଂ ଅନ୍ୟ ଅତିଥିମାନେ ପଲ୍ଲୀଶ୍ରୀ ମେଳା ଓ ଅନ୍ୟ ଷ୍ଟଲଗୁଡିକୁ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ ଉତ୍ସବ ଉଦ୍‌ଘାଟନ ପୂର୍ବରୁ ପୂର୍ବାହ୍ନରେ ରେଣ୍ଡମାଝି ମଞ୍ଚ ପୂଜା ହୋଇଥିଲା। ପରେ ଜିଲାସ୍ତରୀୟ ଘୁମୁରା ପ୍ରତିଯୋଗୀତା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗୀତା ହୋଇଥିଲା। ରେଣ୍ଡୋମାଝି ମଞ୍ଚର ଓ ପାରବା ମଞ୍ଚରେ ଲେଖକ କଳା ପରିଷଦ, କଳାହାଣ୍ଡି କଳାକେନ୍ଦ୍ର ଦ୍ୱାରା ଓଡଶୀ, ଜୟପାଟଣା ରିଦମ୍ ସ୍କିଲ ଡ୍ୟାନ୍ସ ଏକାଡେମି ଦ୍ୱାରା ବଜାସାଲ, ବାଙ୍ଗାଲୋର ଓଡିଶୀ, ମଣୀପୁରର ଡୋଲଚଲମ, ସମ୍ବଲପୁରର ଡାଲଖାଇ, ରାୟଗଡାର ଢେମସା, ରାଜସ୍ଥାନର କାଲବେରିଆ ନୃତ୍ୟ, ଗଞ୍ଜାମର କେଳାକେଲୁଣି ନୃତ୍ୟ, ଝାରଖଣ୍ଡର ନାଗଝୁମୁରି ଏବଂ ଅନ୍ୟ ଲୋକନୃତ୍ୟ ବେଶ ଆକର୍ଷଣୀୟ ଥିଲା।

## ମଶାଲ ଶୋଭାଯାତ୍ରା

**ଭବାନୀପାଟଣା,୧୪।୧(ଡି.ଏନ.ଏ.):** ୨୪ତମ କଳାହାଣ୍ଡିଉତ୍ସବଘୁମୁରା ଉଦ୍‌ଘାଟନୀ ଅବସରରେ ମଙ୍ଗଳବାର ଜିଲାର ୧୦ଟି ପୀଠସ୍ଥଳିରୁ ଆସିଥିବା ମଶାଲ ଶୋଭଯାତ୍ରା ଭବାନୀପାଟଣାରେ ପହଞ୍ଚିଲା। ଏଥିରେ ଥୁ.ରାମପୁରର ମାଣିକେଶ୍ୱରୀ ମନ୍ଦିର, ବେଲଖଣ୍ଡିର ଐତିହାସିକ ଶୈବ ପୀଠ ଧବଳେଶ୍ୱର ମନ୍ଦିର, ଉର୍ଲାଦାନୀର ଶହୀଦ ରେଣ୍ଡୋମାଝି ପୀଠ, ସାପ୍‌ସିଲେଟର ଶୈବ ପୀଠ, ଆମପାଣିର ବୁଢ଼ାରଜା ମନ୍ଦିର, ଧର୍ମଗଡର ମା' ଭଣ୍ଡାର ଘରିଆଣି ପୀଠ, ମୁଖୀଗୁଡା ତାଲଗୁଡର ମା' ଡୋକରୀ ପୀଠ, ଜୁନାଗଡର ଲଙ୍କେଶ୍ୱରୀ ମନ୍ଦିର, ଲାଞ୍ଜିଗଡର ଭୈରବ ପୀଠ ଓ ମ. ରାମପୁରରୁ ଡୋକରୀ ଦେବୀ ପୀଠରୁ ଆସିଥିବା ମଶାଲ ସାମିଲ ଥିଲା। ଏହାକୁ ବିଭିନ୍ନ ସ୍ଥାନରେ ଉକ୍ତ ସ୍ୱାଗତ କରି ଶୋଭାଯାତ୍ରାରେ ଗାନ୍ଧିଛକକୁ ଅଣାଯାଇଥିଲା। ଗାନ୍ଧିଛକଠାରେ ପହଞ୍ଚିବା ପରେ ସେଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ମଶାଲ ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ମା' ମାଣିକେଶ୍ୱରୀଙ୍କ ମଶାଲ ସହିତ ମିଶିଥିଲା। ପରେ ମା' ମାଣିକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମଶାଲ ଯାତ୍ରା ଅପରାହ୍ନ ୩ଟାରେ ଆରମ୍ଭ ହୋଇଥିଲା। ମଶାଲ ଜ୍ୟୋତିକୁ ଜିଲାପାଳ ତଥା ଅଧ୍ୟକ୍ଷ ଜିଲା ସାଂସ୍କୃତିକ ପରିଷଦ ଗାଭିଲ ପରାଗ ହର୍ଷଦ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ଓ ଅନାମ ନାଏକ, ଉଚ୍ଛବ ସାହୁ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଡ. ଅଜୟ ମିଶ୍ର, ପ୍ରତିଭାର ଅଧ୍ୟକ୍ଷ ଧ୍ୟାନାନନ୍ଦ ପଣ୍ଡା, ଭବାନୀ ଶଙ୍କର ନିଆଲ, ଜୟନ୍ତ କୁମାର ବେହେରା ଓ ସତ୍ୟ ନାରାୟଣ ସିଂ, ସୁଶାନ୍ତ ସିଂ, ସଞ୍ଜୀବ ସିଂ, ଦିବେଶ ସିଂ, ଗିରିଜା ବାବୁ, ରିଣ୍ଟୁ ପ୍ରସାଦ ନାଏକ, ପ୍ରଦୀପ ସିଂ, ସୁରୁ ଥାନାପତି, ଅବଦୁଲ କାଦିର, ଭଣ୍ଡେଶ୍ୱର ମହାପାତ୍ର, ରବି ପଟ୍ଟନାୟକ, ଧବଳେଶ୍ୱର ମହାପାତ୍ର ପ୍ରମୁଖ ନେତୃତ୍ୱରେ ଜିଲା ଓ ଜିଲା ବାହାରୁ ଆସିଥିବା ସାଂସ୍କୃତିକ ଦଳ ସେମାନଙ୍କ ବେଶଭୁଷା ଓ ବାଜା ବଜାଇ ନୃତ୍ୟ ପରିବେଷଣ କରି ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।



କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟନୀରେ ଆୟୋଜିତ ମଶାଲ ଶୋଭାଯାତ୍ରା।

## ଜାତୀୟ ଯୁବଦିବସ ପାଳିତ

**ଭବାନୀପାଟଣା,୧୪।୧(ଡି.ଏନ.ଏ.)**

### ୪୨ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ

ଭବାନୀପାଟନା ସହରସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ସ୍ୱାମୀ ବିବେକାନନ୍ଦଙ୍କ ୧୫୭ ତମ ଜୟନ୍ତୀ ତଥା ସ୍କୁଲର ୧୭ ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ଶିବରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜାତି, ଅନୁସୂଚିତ ଜନଜାତି, ଯୁଗ୍ମ ସଚିବ ନୃପରାଜ ସାହୁହ ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂହ ମୁଖ୍ୟବକ୍ତା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ବିଇଓ ଜଗନ୍ନାଥ ପୁରୋହିତ, ସ୍କୁଲ ସଭାପତି ବ୍ରହ୍ମନନ୍ଦ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ଏହି ଅବସରରେ ସ୍କୁଲରେ ମୁଖପତ୍ର 'ସ୍ୱାଭିମାନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ପରେ ଅବସର ଗ୍ରହଣ କରିଥିବା ୪୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିଥିବାବେଳେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ବିବେଚିତଙ୍କୁ 'ବିବେକଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ର ଓମ୍‌ଧ୍ୱନୀ ତ୍ରିପାଠୀ ଅତିଥି ସ୍ୱାଗତ କରିଥିବା ବେଳେ ଆଶୁତୋଷ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କନ୍ୟାକୁମାରୀ ନାୟକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମାରୱାଡ଼ି ଯୁବାମଞ୍ଚ, ମହିଳା ସମିତି ପକ୍ଷରୁ ରକ୍ତଦାନ ଶିବିର

**ଜୁନାଗଡ,୧୪।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହର ଅଗ୍ରସେନ ଭବନଠାରେ ମଙ୍ଗଳବାର ସ୍ଥାନୀୟ ମାରୱାଡି ଯୁବାମଞ୍ଚ ଓ ମହିଳା ସମିତି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୧ଜଣ ସେଚ୍ଛାକୃତ ଭାବେ ରକ୍ତ ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧର, ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ରକ୍ତ ଶିବିରକୁ ସ୍ଥାନୀୟ ମାରୱାଡି ଯୁବାମଞ୍ଚର ସଭାପତି ଅମିତ ଗୁପ୍ତା, ଉପସଭାପତି ଅଙ୍କିତ ଶର୍ମା, ସଦସ୍ୟ ୟୋଗେଶ୍ ଖେମକା, ପଙ୍କଜ ଖେମକା, ପ୍ରଣବ ଗୋୟଲ, ଆଶିଷ ଗୋୟଲ, ଅମନ ଗୋୟଲ, ସୁରଜ ଅଗ୍ରୱାଲ, ରାକେଶ ଅଗ୍ରୱାଲ, ମହେଶ ଅଗ୍ରୱାଲ, ବିବେକ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି
# ବନ୍ଧୁକ ଦେଖାଇ ସୁନା ଅଳଙ୍କାର, ଲକ୍ଷାଧିକ ଟଙ୍କା ଚୋରି

**ଜୟପାଟଣା,୧୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ ଭଇଁରିପାଲି ଗ୍ରାମର ଜଣେ ବ୍ୟବସାୟୀଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଡ଼କାୟତି ହୋଇଛି। ବ୍ୟବସାୟୀଙ୍କ ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ନେଇଯାଇଥିବା ଜୟପାଟଣା ଥାନାରେ ଅଭିଯୋଗ ହୋଇଛି। ସୋମବାର ରାତି ପ୍ରାୟ ୧.୩୦ ରୁ ୨ଟା ମଧ୍ୟରେ ଜୟପାଟଣା ଥାନା ଅନ୍ତର୍ଗତ ଭଇଁରିପାଲି ଗ୍ରାମର ଧାନ ବ୍ୟବସାୟୀ ସୌରଭ ଜୈନଙ୍କ ଘର କବାଟ କେତେକ ଦୁର୍ବୃତ୍ତ ବାଡ଼ାଇଥିଲେ। ସେ କବାଟ ଖୋଲିବାରୁ ୬ରୁ ୭ ଜଣ ବନ୍ଧୁକଧାରୀ ଘର ଭିତରକୁ ପଶି ଆସିଥିଲେ। ସୌରଭ ଏବଂ ତାଙ୍କ ବାପାଙ୍କୁ ବନ୍ଧୁକ ଦେଖାଇ ରଡ଼୍‌ରେ ମାଡ଼ ମାରିଥିଲେ ଏବଂ ଆଲ୍‌ମିରାରେ ଥିବା ୩୦ ଭରି ସୁନା ଏବଂ ୧୫ ଲକ୍ଷ ଟଙ୍କା ନେଇ ଯାଇ ଫେରାର ହୋଇଯାଇଥିଲେ। ଘର ୧୦୦ ମିଟର ଦୂରରେ ସେମାନେ ନେଇଯାଇଥିବା ମୋବାଇଲ ପକାଇ ଦେଇଥିଲେ। ଡ଼କାୟତଙ୍କ ମାଡ଼ରେ ସୌରଭ, ତାଙ୍କ ବାପା ପ୍ରବୀଣ ଏବଂ ମା' କଳ୍ପନା ସାମାନ୍ୟ ଆହତ ହୋଇଥିଲେ। ଘଟଣା ପରେ ସୌରଭ ଜୟପାଟଣା ପୋଲିସରେ ଖବର ଦେଇଥିଲେ। ପୋଲିସ ରାତିରେ ପହଞ୍ଚିଥିଲେ ହେଁ ଡ଼କାୟତମାନଙ୍କ ସନ୍ଧାନ ମିଳି ନ ଥିଲା। ମଙ୍ଗଳବାର ସକାଳେ କଳାହାଣ୍ଡି ଏସ୍.ପି. ବି. ଗଙ୍ଗାଧର, ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ଏବଂ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ହେଲେ ଡ଼କାୟତଙ୍କ ସନ୍ଧାନ ମିଳି ନାହିଁ। ଏ ନେଇ ଥାନାରେ ଏକ ମାମଲା (ନଂ. ୧୩/୨୦୨୦) ରୁଜୁ ହୋଇଛି।



ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

# ଏନ୍‌ଏଚ୍‌ଆର୍‌ସିଙ୍କ ରାପୋର୍ଟିୟରଙ୍କ ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳ ଗସ୍ତ

**ଭବାନୀପାଟଣା,୧୪।୧(ଡି.ଏନ.ଏ.)**

ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ରାପୋର୍ଟିୟର ବିବି ମିଶ୍ର ୪ ଦିନିଆ କଳାହାଣ୍ଡି ଗସ୍ତରେ ଆସି ଇନ୍ଦ୍ରାବତୀ ବୁଡି ଅଞ୍ଚଳର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି। ୨୦୧୬ ଅଗଷ୍ଟରେ ଇନ୍ଦ୍ରାବତୀ ବୁଡି ଅଞ୍ଚଳରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କରେ ଭବାନୀପାଟଣାର ଆଇନଜୀବୀ ସୁଧାଂଶୁ କୁମାର ନନ୍ଦ ଏନ୍‌ଏଚ୍‌ଆର୍‌ସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନନ୍ଦଙ୍କ ଏହି ମାମଲା ଉପରେ ଏନ୍‌ଏଚ୍‌ଆର୍‌ସି ଘଟଣାର ତଦନ୍ତ କରିବା ପାଇଁ କଳାହାଣ୍ଡି ଜିଲା ଗସ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୬ ଅଗଷ୍ଟରେ ଇନ୍ଦ୍ରାବତୀ ବୁଡି ଅଞ୍ଚଳରେ ଥିବା ଏନ୍‌ପୋଡାପଦର, କାରବାଡି, ଲିଟିମେସ୍କା ଆଦି ଗ୍ରାମରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଇନ୍ଦ୍ରାବତୀ ଜଳଭଣ୍ଡାର ଯୋଗୁ ଏହି ସବୁ ଗ୍ରାମଗୁଡିକ ବୁଡି ଅଞ୍ଚଳ ଭାବେ ରହିଛି। ଏନ୍‌ଏଚ୍‌ଆର୍‌ସି ରାପୋର୍ଟିୟର ଏହିସବୁ ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ଗ୍ରାମବାସୀଙ୍କ ଅଭାବ ଅନୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାଧାରଣ ବଣ୍ଟନ ଓ ଗମନାଗମନ ସମ୍ପର୍କରେ ରାପୋର୍ଟିୟର ମିଶ୍ର କ୍ଷେତ୍ର ପରିଦର୍ଶନ କରିବା ସହ ତଦନ୍ତ କରିଥିଲେ। ରାପୋର୍ଟିୟରଙ୍କ ସହ ସିଡିପିଓ ପୁଷ୍ପାଞ୍ଜଳି ରଥ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅବିନାଶ ରଥ, ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ବିନୟ ଭୋଇ ପ୍ରମୁଖ ଅଞ୍ଚଳ ଗସ୍ତ କରିଥିଲେ। ବୁଡି ଅଞ୍ଚଳ ପରିଦର୍ଶନ କରି ସାରି ଏନ୍‌ଏଚ୍‌ଆର୍‌ସି ରାପୋର୍ଟିୟର ଥୁ.ରାମପୁର ପହଞ୍ଚି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପରିଦର୍ଶନ କରି ଭବାନୀପାଟଣା ଫେରି ଆସିଛନ୍ତି।



ଏନ୍‌ଏଚ୍‌ଆର୍‌ସିଙ୍କ ରାପୋର୍ଟିୟର ବିବି ମିଶ୍ର ଇନ୍ଦ୍ରାବତୀ ବୁଡି ଅଞ୍ଚଳର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଆଲୋଚନା କରୁଛନ୍ତି ।

## ଜୁନାଗଡ଼ରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତକାରୀଙ୍କ ପ୍ରସ୍ତୁତି ବୈଠକ
# ତହସିଲ ସମ୍ମୁଖରେ ସତ୍ୟାଗ୍ରହ ୨୮ରେ

**ଜୁନାଗଡ,୧୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ସାପ୍ତାହିକ ବଜାରଠାରେ ମଙ୍ଗଳବାର ସ୍ଥାନୀୟ ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଗାମୀ ୨୮ ତାରିଖରେ ଜୁନାଗଡ ତହସିଲ ସମ୍ମୁଖରେ କ୍ଷତିଗ୍ରସ୍ତ ଜମାକାରୀମାନେ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଦୀର୍ଘ ୭ ବର୍ଷ ଧରି ଚିଟ୍‌ଫଣ୍ଡ ପାଇଁ ଲଢେଇ ଚାଲିଥିଲେ ମଧ୍ୟ ସରକାରଙ୍କ ଉଦାସୀନତା, ନୀରବତା ଓ ଟଙ୍କା ଫେରାଇବାରେ ବିଫଳତା ପରେ ମଙ୍ଗଳବାର ଜୁନାଗଡର ଜମାକାରୀମାନେ ଆନ୍ଦୋଳନର ଆହ୍ୱାନ ଦେଇଛନ୍ତି। ବିଭିନ୍ନ ଆଇନର ଦ୍ୱାହି ଦେଇ ଠକ କମ୍ପାନୀମାନେ ଓଡିଶାରୁ ପ୍ରାୟ ୪୦ଲକ୍ଷ ପରିବାରରୁ ୨୦ ହଜାର କୋଟି ଟଙ୍କା ଠକି ନେଇ ଉଭାନ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଜୁନାଗଡ ଅଞ୍ଚଳର ପ୍ରାୟ ୩୦ ହଜାର ଲୋକଙ୍କଠାରୁ ୧୦୦ କୋଟି ଟଙ୍କା ଠକ ବୀମା କମ୍ପାନୀ ଯଥା ସାଇପ୍ରକାଶ, ସାଇପ୍ରସାଦ, ଗୋଲଡେନ ଲ୍ୟାଣ୍ଡ, ମାଇକ୍ରୋ ଫାଇନାନ୍ସ, ଭିସ୍ତା ପ୍ରମୁଖ ଲୁଟି ନେଇଛନ୍ତି। ଆର୍ଥିକ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ଅନବରତ ଲଢେଇ ଓ ପ୍ରତିବାଦ ଫଳରେ ସରକାର କିଛି ଠକ କମ୍ପାନୀର ମାଲିକମାନଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ସମ୍ପତ୍ତିଙ୍କୁ ଜବତ କରିଛନ୍ତି। କିଛି କମ୍ପାନୀର ସମ୍ପତ୍ତିକୁ ନିଲାମ ମଧ୍ୟ କରିଛନ୍ତି। ଜମାକାରୀଙ୍କୁ ନ୍ୟାୟ ଦେବା ପାଇଁ ଚିଟ୍‌ଫଣ୍ଡ ତଦନ୍ତ କମିଶନ କରିଛନ୍ତି। ଏଥିପାଇଁ ୩୦୦ କୋଟି ଟଙ୍କାର ଏକ କର୍ପସ ଫଣ୍ଡ ମଧ୍ୟ ଗଠନ କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଜି ପର୍ଯ୍ୟନ୍ତ କିଛି ହାତ ଗଣତି ଲୋକଙ୍କୁ ଯିଏକି କ୍ଷୁଦ୍ର ଜମାକାରୀର ଆଖ୍ୟା ଦେଇ ସେମାନଙ୍କୁ କିଛି ଟଙ୍କା ଫେରସ୍ତ କରି ସରକାର ବାହା ବାହା ନେଉଛନ୍ତି। ଜୁନାଗଡ ଅଞ୍ଚଳର ଶତାଧିକ ଜମାକାରୀ ବୈଠକରେ ଯୋଗଦେଇ ସରକାରଙ୍କ ନୀରବତାକୁ ଲକ୍ଷ କରି ଆଗାମୀ ୨୮ ତାରିଖରେ ଜୁନାଗଡ ତହସିଲ ସମ୍ମୁଖରେ ଜମାକାରୀ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବୈଠକରେ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ରାଜ୍ୟ ଯୁଗ୍ମ ଆବାହକ ମଧୁସୂଦନ ବିଶ୍ୱାଳ, ଅନୁରାଧା ସୁବୁଦ୍ଧି ଯୋଗଦେଇ ଆଗାମୀ ଦିନରେ ଜମାକାରୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଏହି ଆନ୍ଦୋଳନକୁ ଅଧିକ ତୀବ୍ର କରିବାକୁ ଆହ୍ୱାନ ଜଣାଇଥିଲେ। ନୂଆପଡା ଜିଲା ମଞ୍ଚ ସଭାପତି ଅମର ସାହୁ, ଶ୍ରମିକ ନେତା ଦାମୋଦର ବେହେରା, ମନୋରଞ୍ଜନ ନେଗି, ହେମନ୍ତ କୁମାର ନାଏକ, ଶଙ୍କରଲାଲ, ଚଞ୍ଚଳ ମାଝି, ପ୍ରଭାତ ମାଝିପ୍ରମୁଖଙ୍କ ସହ ଶତାଧିକ କ୍ଷତିଗ୍ରସ୍ତ ଜମାକାରୀ ଉପସ୍ଥିତ ଥିଲେ।



ଜୁନାଗଡ ସହର ସାପ୍ତାହିକ ବଜାରଠାରେ ପ୍ରସ୍ତୁତି ବୈଠକରେ କ୍ଷତିଗ୍ରସ୍ତ ଜମାକାରୀମାନେ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବୋଡେନ,୧୪।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବୋଡେନ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ ମୁଖ୍ୟଅତିଥି ଭାବେ ଏବଂ ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିବିରରେ ବ୍ଲକର ମୋଟ ୨୫୨ ଜଣ ଭିନ୍ନକ୍ଷମ ଯୋଗଦାନ କରିଥିଲେ। ଶିବିରରେ ଭିନ୍ନକ୍ଷମଙ୍କ ପରୀକ୍ଷା ପାଇଁ ୪ ଜଣ ସ୍ୱାତନ୍ତ୍ର ଡାକ୍ତର ଯୋଗଦେଇଥିଲେ। ଆଖି ପାଇଁ ୩୨ ଜଣ ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୨୦୮, ୬୦ ବର୍ଷରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ୧୨ ଜଣ ମୋଟ ୨୫୨ ଜଣଙ୍କ ମଧ୍ୟରୁ ୧୫୮ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଆଗାମୀ ଦିନରେ ୩ ଚକିଆ ଗାଡି, ଆଶାବାଡି, ଚଷମମା, ହୁଇଲଚିଆର ଆଦି ଯନ୍ତ୍ରପାତି ପ୍ରଦାନ କରାଯିବ ବୋଲି ବିଏସଏସଓ ଦୁର୍ଗ ନିଆଲ ପ୍ରକାଶ କରିଥିଲେ। ଉକ୍ତ ଶିବିରରେ ବ୍ଲକ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ବୋଡ଼େନ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା

**ବୋଡେନ,୧୪।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ବ୍ଲକ ଯୁକ୍ତ ୩ ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା ସୋମବାର ସ୍ଥାନୀୟ ଆଶ୍ରମ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଦର ନିଆଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ଅବନି ଖମାରି ଉତ୍ସବରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧ ଦେଇଥିଲେ। ମୁଖ୍ୟଅତିଥି ଆଗାମୀ ଦିନରେ କଲେଜର ଉନ୍ନତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଅଧ୍ୟାପିକା ନିଳିମା ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ କଲେଜ ସମସ୍ତ ଅଧ୍ୟାପିକା ଅଧ୍ୟପକ ସହଯୋଗ କରିଥିଲେ।

### ଭାରତ ବିକାଶ ପରିଷଦ ପକ୍ଷରୁ ରୋଗୀଙ୍କୁ କମ୍ବଳ ବଣ୍ଟନ

**ଖଡିଆଳ,୧୪।୧(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଭାରତ ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀମାନଙ୍କୁ ୩୫ଟି କମ୍ବଳ ଓ ସହରରେ ଅସହାୟ ଭାବେ ରାତ୍ରିଯାପନ କରୁଥିବା ବ୍ୟକ୍ତିଙ୍କୁ ୧୫ଟି କମ୍ବଳ ବଣ୍ଟନ କରାଯାଇଛି। ସ୍ଥାନୀୟ ଡାକ୍ତରଖାନାରେ ସାଧାରଣ ୱାର୍ଡ, ମହିଳା ୱାର୍ଡ, ନବଜନ୍ମିତ ଶିଶୁ ୱାର୍ଡରେ ଏହି କମ୍ବଳ ବଣ୍ଟନ କରିଥିଲେ। ଏଥିରେ ଡାକ୍ତର ରଞ୍ଜିତ କୁମାର ରାଉତ, ଭାରତ ବିକାଶ ପରିଷଦ ସଭାପତି ବିଜୟ ବିଶୋଇ, ସମ୍ପାଦକ ଡ. ରାମ ଚନ୍ଦ୍ର ମିଶ୍ର, ଯଦୁମଣି ପାଣିଗ୍ରାହୀ, ଅର୍ଜୁନ ପଣ୍ଡା, ମନୋଜ ପଟ୍ଟନାୟକ, କିର୍ତ୍ତନ ବେହେରା, ମନିଷ ପଣ୍ଡା, ଉତ୍ତମ ଶୁକ୍ଳା, ଚୁଳେଶ୍ୱର ସାହୁ, ଗୋବିନ୍ଦା ସାହୁ, ସତିଶ ପଟେଲ, ଦୁଷ୍ମନ୍ତ ମହାରଣା, ଅନୀଲ ନାଏଖୋର, ଉତ୍ସବ ଯୋଶୀ, ତପନରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ଡାକ୍ତରଖାନାର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।



ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।


ଛାତ୍ରୀଛାତ୍ରମାନଙ୍କ ଚିତ୍ରାଙ୍କନକୁ ଯୁବକମାନେ ଦେଖୁଛନ୍ତି ।

■ ଜାତୀୟ ଯୁବ ଦିବସ, ସପ୍ତାହ ପାଳନ

# ବିବେକାନନ୍ଦ ସବୁଦିନ ଅମର ରହିବେ

**ନୂଆପଡା ଅଫିସ/କୋମନା, ୧୪।୧(ଡି.ଏନ.ଏ.)**

**ଆଜିର ଛାତ୍ର କାଲିର ଉଦୀୟମାନ ନାଗରିକ**

ସ୍ୱାମୀ ବିବେକାନନ୍ଦ ଚିର ଅମର। ସେ ସବୁ ଯୁବ ସମାଜ ମଧ୍ୟରେ ବିଦ୍ୟମାନ ହୋଇ ରହିଥିବେ। ତାଙ୍କର ଅଗାଧ ପାଣ୍ଡିତ୍ୟ ଏବଂ ବିଚାର ଯୁବ ସମାଜକୁ ବୁଦ୍ଧିମନ୍ତ କରି ରଖିଛି। ତାଙ୍କର ଦେଶ ପ୍ରିତି ଏବଂ ରାଷ୍ଟ୍ର ଚିନ୍ତନ ଆମକୁ ବିଶ୍ୱ ଦରବାରରେ ମର୍ଯ୍ୟାଦା ଦେଇଛି। ଆଜିର ଛାତ୍ରୀଛାତ୍ର କାଲିର ଉଦୀୟମାନ ନାଗରିକ ହୋଇ ଆସିବେ। ତେଣୁ ସମସ୍ତଙ୍କୁ ସ୍ୱାମୀଜୀଙ୍କ ପଥାଙ୍କ ଅନୁସରଣ କରିବା ବିଧେୟ ବୋଲି ମତ ପ୍ରକାଶ ପାଇଛି। ନୂଆପଡ଼ା ଜିଲା କୋମନା ବ୍ଲକ କୁରେଶ୍ୱର ହାଇସ୍କୁଲ ପରିସରରେ ନେହେରୁ ଯୁବ କେନ୍ଦ୍ର ନୂଆପଡା ଆନୁକୁଲ୍ୟରେ ସ୍ଥାନୀୟ ମା' ବସ୍ତ୍ରାଣୀ ଯୁବକ ସଂଘ ଦ୍ୱାରା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଓ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବକ ସଂଘ ସଭାପତି ଟିକେଶ୍ୱର ହଂସ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଠାକୁର ମୁଖ୍ୟଅତିଥି, କୃଷ୍ଣଚନ୍ଦ୍ର ପତି, କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର ନାଥ ପଣ୍ଡା, ମୁସ୍ତାକ ମହମ୍ମଦଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଟିକେଶ୍ୱର ହଂସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଚିତ୍ରାଙ୍କନ ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା। ଚିତ୍ରାଙ୍କନରେ ଟିକେତନ ରଣା ପ୍ରଥମ, ମାନସ କୁମାର ଦୀପ ଦ୍ୱିତୀୟ ଏବଂ ସରୋଜ ଅଦା ତୃତୀୟ ସ୍ଥାନ ଅକ୍ତିଆର କରିଥିଲେ। ପ୍ରବନ୍ଧ ଲିଖନରେ ଅର୍ପିତା ବାରିକ ପ୍ରଥମ, ଗଙ୍ଗୋତ୍ରି ହଂସ ଦ୍ୱିତୀୟ, ଦେବ କୁମାର ରଣା ଏବଂ ଗୋପବନ୍ଧୁ ସଗରିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଯୁବକ ସଂଘ ସଞ୍ଜୟ ତାଣ୍ଡି, ପୁରନ୍ଦର କାଣ୍ଡ, ମହେଶ୍ୱର ହଂସ, ହିମାଂଶୁ ସୁନାନୀ, ହିତେଶ ସୁନାନୀ, ତାରାଚନ ବାଗ, ଲକ୍ଷ୍ମଣ କେତକୀ, ଅଜୟ ସୁନାନୀ, ଲକ୍ଷମତି ମାଝି, କିରଣ ମାଝି, ନରସିଂହ କେତକୀ ପ୍ରମୁଖ ସହଯୋଗ କରିଥିଲେ।

# ସିନାପାଲି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସମ୍ମିଳନୀ

**ସିନାପାଲି,୧୪।୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ବିଜ୍ଞାନ ପରିଦର୍ଶକ ଅଶ୍ୱିନୀ ଭୋଇ, ବୋଡେନ ବିଇଓ ଇନ୍ଦ୍ରମଣି ପାଣିଗ୍ରାହୀ, ସିନାପାଲି ବିଇଓ ଜଗଦୀଶ ପ୍ରସାଦ ଖମାରୀ, ସାଥ୍ ସଭ୍ୟ ସୁଶାନ୍ତ ବାରିକ, ସିନାପାଲି ପ୍ରଧାନଶିକ୍ଷକ ସତ୍ୟବାନ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ସିନାପାଲି ଏବିଇଓ ଉତ୍କଳମଣି ଅଗସ୍ତି, ଭାବଗ୍ରାହୀ ପଣ୍ଡା, ରୁଦ୍ରେଶ୍ୱର ମେହେର, ବୋଡେନ ଏବିଇଓ ପ୍ରମୋଦ ପତି, ରମଣ ଯୋଷୀ, ମୁକୁନ୍ଦ ମେହେର ପ୍ରମୁଖଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ତଥା ସିଆର୍‌ସିମାନେ ଉପସ୍ଥିତ ଥିଲେ। ସମ୍ମିଳନୀରେ ଆଗାମୀ ୧୬ ତାରିଖରେ ହେବାକୁ ଥିବା ଶିକ୍ଷକ-ଅଭିଭାକ ବୈଠକ ପାଇଁ ପ୍ରସ୍ତୁତି, ମୋ ସ୍କୁଲ ଅଭିଯାନ, ଆଗାମୀ ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରାକ୍ ପ୍ରସ୍ତୁତି ନେଇ ବିଶେଷ ଆଲୋଚନା କରାଯାଇଥିଲା। ସ୍ଥାନୀୟ ପ୍ରଧାନଶିକ୍ଷକ ସତ୍ୟବାନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।


ପ୍ରଧାନ ଶିକ୍ଷକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ଜୟପାଟଣା ବ୍ଲକ୍ ଗାଁ ସାଥୀ ସଂଘ ବୈଠକ


ବୈଠକରେ ଯୋଗଦେଇଥିବା ଗାଁ ସାଥୀ ସଂଘର ସଦସ୍ୟ ଏବଂ ଅନ୍ୟମାନେ ।

**ଜୟପାଟଣା,୧୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବଜାର ପଡ଼ିଆ ପ୍ରାଙ୍ଗଣରେ ଗାଁ ସାଥୀ ସଂଘର ସଭାପତି ସୁନାଧର ବାଗଙ୍କ ସଭାପତିତ୍ୱରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ବିଭିନ୍ନ ଦାବି ନେଇ ଜୟପାଟଣା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜୟପାଟଣା ପଞ୍ଚାୟତ ସମିତି ଅଧୀନ ସମସ୍ତ ରାଜସ୍ୱ ଗ୍ରାମରେ ନିୟୋଜିତ ହୋଇଥିବା ଗାଁ ସାଥିମାନଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ ଅନୁମୋଦିତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟ ଆରମ୍ଭ ପୂର୍ବରୁ କାର୍ଯ୍ୟାଦେଶ ପ୍ରଦାନ, ପଞ୍ଚାୟତସ୍ତରରେ ଯେଉଁ ଗାଁ ସାଥିମାନଙ୍କୁ ଅବହେଳା କରାଯାଉଛି ତାହା ପି.ଇ.ଓ., ଜିଆର୍‌ଏସ୍ ଓ ସରପଞ୍ଚମାନଙ୍କୁ ସମ୍ପୂର୍ଣ୍ଣ ସୂଚେଇ ଦେବା। ବଡ଼ପୁଝାରୀଗୁଡ଼ା ଗ୍ରାମପଞ୍ଚାୟତରେ ଅବହେଳା କରାଯାଇଥିବା ଗାଁ ସାଥିମାନଙ୍କ ଅଭିଯୋଗ ଉପରେ ତଦନ୍ତ, ପ୍ରତ୍ୟେକ ଗାଁ ସାଥିକୁ ବାର୍ଷିକ ୧୦୦ ଦିନରୁ ଅଧିକ ଦିନ କାମ ଯୋଗେଇ ଦେବା ପାଇଁ ସରକାରୀ ନିୟମକୁ କାର୍ଯ୍ୟକାରୀ କରିବା ଆଦି ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି।

## ବୋଡ଼େନରେ ନୂତନ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ

**ବୋଡେନ,୧୪।୧(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ତହସିଲ କାର୍ଯ୍ୟାଳୟଠାରେ ଅତିରିକ୍ତ ତହସିଲଦାର ଜଏସନ ଧରୁଆ ସୋମବାର ନୂତନ ଭାବେ ଯୋଗଦାନ କରିଛନ୍ତି। ଏଠାରେ ପୂର୍ବରୁ ନବକିଶୋର ସାହୁ ଅତିରିକ୍ତ ତହସିଲଦାର ଦାୟିତ୍ୱ ତୁଲାଉଥିଲେ। ତାଙ୍କର ବଦଳି ପରେ ଏଠାରେ ଜଏସନ ଧରୁଆ ଯୋଗଦାନ କରିଛନ୍ତି।

## ଜାତିଭିତ୍ତିକ ଜନଗଣନାକୁ ଜିଲା ଯାଦବ ସମାଜର ସମର୍ଥନ

**ନୂଆପଡା ଅଫିସ,୧୪।୧**

ଆଗାମୀ ୨୦୨୧ରେ ଜାତିଭିତ୍ତିକ ଜନଗଣନା କରିବାକୁ ରାଜ୍ୟ ସରକାର କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନୂଆପଡା ଜିଲା ଯାଦବ ସମାଜ ପକ୍ଷରୁ ସ୍ୱାଗତ କରାଯାଇଛି। ସ୍ଥାନୀୟ ଜିଲା ଯାଦବ ସମାଜ ଭବନରେ ଜିଲା ସଭାପତି ହରେରାମ କଠାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉତ୍କଳ ଯାଦବ ମହାସଭା ମହାସଚିବ ଲମ୍ବୋଦର ନିଆଲ, ଜିଲା ଉପସଭାପତି ଭରତ ରାଉତ, ମହେଶ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପଛୁଆବର୍ଗଙ୍କୁ ନ୍ୟାୟ ମିଳିବାର ସମ୍ଭାବନା ରହିଛ। ଜାତିଭିତ୍ତିକ ଜନଗଣନା କରିବା ସହ ପଛୁଆ ବର୍ଗ ସକାଶେ ରହିଥିବା ସଂରକ୍ଷଣ ନୀତିକୁ ଲାଗୁ କରିବାକୁ ଅନୁରୋଧ କରାଯାଇଛ। ରାଜ୍ୟରେ ଅର୍ଦ୍ଧାଧିକ ପଛୁଆ ବର୍ଗର ଲୋକ ବାସ କରୁଥିବାବେଳେ ସେମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତିରେ ସୁଧାର ଆସିବା ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟ ସରକାର କିଛିଟା ଚିନ୍ତା କରୁଥିବାରୁ ଧନ୍ୟବାଦ ଜ୍ଞାପନ କରୁଥିବା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

■ ଜେଲରେ ଥାଇ ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ଘଟଣା

## ଗ୍ୟାଙ୍ଗଷ୍ଟରଙ୍କ ସହଯୋଗୀଙ୍କୁ ସୁରକ୍ଷା ଦେଇ ଜଣେ ଗିରଫ

**କଟକ ଅଫିସ, ୧୪।୧**

ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲଙ୍କ ସହଯୋଗୀଙ୍କୁ ନିଜ ଘରେ ସୁରକ୍ଷା ଦେବା ଘଟଣାରେ ପୋଲିସ କଳାହାଣ୍ଡି ଜିଲା ବଡକେନ୍ଦୁଗୁଡାର ଡି. ସୂର୍ଯ୍ୟପ୍ରକାଶ ତାଣ୍ଡି (୨୪)ଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୬/୧୯) ରୁଜୁ ହୋଇଥିଲା। ପୋଲିସ ଗିରଫଦାରୀରୁ ବର୍ତ୍ତିବା ପାଇଁ ସକିଲଙ୍କ ଜଣେ ପ୍ରମୁଖ ସହଯୋଗୀ ଡି. ସୂର୍ଯ୍ୟ ପ୍ରକାଶଙ୍କ ଘରେ ଲୁଚି ରହିଥିଲେ। କିଛିଦିନ ତଳେ ଦରଘାବଜାର ପୋଲିସ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଅଭିଯୁକ୍ତଙ୍କୁ ଲୁଚାଇ ରଖିବାରେ ଡି. ସୂର୍ଯ୍ୟପ୍ରକାଶ ସହଯୋଗ କରିଥିଲେ। ଜେଲ୍ ଭିତରୁ ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ଘଟଣାରେ ପୋଲିସ ପୂର୍ବରୁ ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲଙ୍କ ବାପା, ଭାଇ ଓ ବାନ୍ଧବୀଙ୍କ ସମେତ ୮ଜଣଙ୍କୁ ପୋଲିସ ଗିରଫ କରିଥିଲା। ସୂଚନା ଅନୁଯାୟୀ, ଗତ ଡିସେମ୍ବର ୧୨ରେ କଟକ ବକ୍ସିବଜାରସ୍ଥିତ ଆନନ୍ଦ ସ୍ପୋର୍ଟ୍ସର ମାଲିକ ଯୋଗେଶ ଅଗ୍ରୱାଲଙ୍କୁ ଏକ ଧମକପୂର୍ଣ୍ଣ କଲ୍ ଆସିଥିଲା। ଚୌଦ୍ୱାର ଜେଲରେ ଥିବା ଗ୍ୟାଙ୍ଗଷ୍ଟର ସକିଲ କିଛିଦିନ ତଳେ ଫୋନ କରି କଟକ ବକ୍ସିବଜାରସ୍ଥିତ ଆନନ୍ଦ ସ୍ପୋର୍ଟ୍ସର ମାଲିକ ଯୋଗେଶ ଅଗ୍ରୱାଲଙ୍କୁ ୧୦ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ପରେ ସକିଲ୍‌ଙ୍କ ସହଯୋଗୀ ଜନ, ମୁକେଶ ଓ ଟାଇଗର ସେଠାରେ ପହଞ୍ଚି ଯୋଗେଶଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏ ନେଇ ଯୋଗେଶ ଦରଘାବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧୬/୧୯) ମାମଲା ରୁଜୁ କରିଥିଲା। ତଦନ୍ତ ପରେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ସକିଲଙ୍କ ବାପା, ଭାଇ ସମେତ ୮ଜଣଙ୍କୁ ଗିରଫ କରିଥିଲା।

## କଣାଭଏଁରା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ନୂଆପଡା ଅଫିସ,୧୪।୧:** ସ୍ଥାନୀୟ ଟାନୱାଟସ୍ଥିତ କଣାଭଏଁରା ହାଇସ୍କୁଲ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସଭ୍ୟ ଅନନ୍ତରାମ ଶବର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାକୁ କ୍ରୀଡା ଶିକ୍ଷକ କୁଞ୍ଜ ବିହାରୀ ନାଏକ ପରିଚାଳନା କରିଥିଲେ। ଉଦ୍‌ଯାପନୀରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିନୋଦ କୁମାର ପାଢୀ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିହାରୀଲାଲ ବିଶ୍ୱାଳ ମୁଖ୍ୟଅତିଥି, ସୁଧୀର କୁମାର ଦିକ୍ଷୀତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପାଠ ସହ ଖେଳର କିପରି ସମ୍ପର୍କ ରହିଛି ସେ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଗ୍ରାମବାସୀ ଯୋଗଦେଇଥିଲେ। ପରିଚାଳନାରେ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ। ସୁଧୀର ଦିକ୍ଷୀତ ଧନ୍ୟବାଦ ଦେଇଥିଲେ ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

■ ଜନ୍ମୁ ଦିବ୍ୟାଙ୍ଗ ତିନ୍ ଭାଇ

# ଉଚ ଚିକିଛା ଲାଗି ଟଁକା ଅଭାବ

**କୋକସରା,୧୪।୧(ଡି.ଏନ୍.ଏ.)**

ପୁଓ ହେଉ କି ଝି' ଜନମ୍ ହେଲେ ଘରେ ଖୁସିର ଲହର ଖେଲିଯାଏସି। ମା'ବାପ୍‌ର ସପନ୍ ବି ତାକର ସଂଗେ ଯୁଡ଼ି ହେଇଯାଏସି। ହେଲେ ବଏସ୍ ବଢ଼ବାର ସଂଗେ ଯଦି ଜନାପଡ଼ବା ଯେ ଝି'ପୁଓ ଦିବ୍ୟାଙ୍ଗ ଆନ୍। ସେ ସମିଆରେ ମା'ବାପ୍‌ର ମାନ୍‌ସିକ ଥିତି କାଣା ହେଉଥିବା ଝନେ ଇଥିରୁ ଠହରେଇ ପାରବା। ଏନ୍‌ତା ଗୁଟେ ଦୁଖଦ୍ ଘଟନା ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା କୋକସରା ବ୍ଲକ ପୋଡ଼ାଗୁଡ଼ା ପଁଚେତ୍ ଅଧୀନ ସାନପୋଡ଼ାଗୁଡ଼ା ଗାଁରେ।

ସୂଚନା ଅନ୍‌ସାରେ ସାନପୋଡ଼ାଗୁଡ଼ା ଗାଁର ପରମେଶ୍ୱର ଝାଙ୍କରକଁର ୩ ପୁଓ ବରୁଣ (୧୧), ହିରଣ୍ୟ (୮), ଜିତୁ (୩) ଜନ୍ମୁ କୁଁଦା ଆନ୍। ବରୁଣ ସାନପୋଡ଼ାଗୁଡ଼ା ପ୍ରାଥମିକ ସ୍କୁଲରେ ୪ର୍ଥ ଶ୍ରେଣୀରେ ପଢ଼ୁଛନ୍। ସେ ଶୁନି ପାରୁଥିଲାବେଲେ ଲେଖାପଢ଼ାରେ ତାକର ରୁଚି ଥିବାର ଶିକ୍ଷକମାନେ କହିଛନ୍। ସେନ୍‌ତା ହିରଣ୍ୟ ଆର ଜିତୁ ସ୍କୁଲର ମାଏଟ୍ ନୁହେମାଡ଼ନ। ଇଆଡ଼େ ଗରିବ୍ ବାପ୍ କୁଲିମଜୁରି କରି କୁଟୁମ୍ ପୁଷୁଛନ୍। ଘରେ ସବୁବେଲେ ଅଭାବ ଅନାଟନ ଲାଗି ରହିଛେ। ଏନ୍‌ତାଥି ସେ ପୁଓମାନକର ଚିକିଛା ବି କରେଇ ନାଇଁପାରବାର। ଭିନ୍ନକ୍ଷମ ପରମାନପତର ଅଭାବୁ ୩ ଭାଇ ଭତା ପାଏବାରୁ ବଁଚିତ୍ ଥିବାର ଜନାଯାଇଛେ। ପରମେଶ୍ୱର ଦିବ୍ୟାଙ୍ଗ ପୁଓମାନକର ଭତାର ଲାଗି ପଁଚେତ୍‌ରେ ଅନେକ ଥର ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ କୋକସରା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାକୁଁ ପଚ୍‌ରାଲାରୁ ମୋର ପାସେ ଇ ବାବ୍‌ଦେ ସୂଚନା ନାଇଁଥାଇ। ମୁଇଁ ନିଜେ ତାକର ଦରକାରୀ କାଗଜପତର ମଗେଇ ଭିନ୍ନକ୍ଷମ ପରମାନପତର ଲାଗି ଅନ୍‌ଲାଇନ୍ ଆବେଦନ କରମି ଆର ଭତା ଯୋଜନାରେ ସାମିଲ କରମି ବଲି ସେ କହିଛନ୍।


ନିଜର ୩ ଦିବ୍ୟାଙ୍ଗ ପୁଓର ସଂଗେ ମା'ବାପ୍।

# କଳାହାଣ୍ଡି ଜିଲାରେ ପ୍ରବଳ ଥଣ୍ଡା, ଜନଜୀବନ ଅସ୍ତବ୍ୟସ୍ତ

**ଭବାନୀପାଟଣା,୧୪।୧(ଡି.ଏନ.ଏ.)**

■ ଆଭ୍ୟନ୍ତରୀଣ ଅଞ୍ଚଳରେ ପାରଦ ୬ ଡିଗ୍ରୀ ତଳକୁ ଖସିଲା

■ ଥଣ୍ଡାରୁ ରକ୍ଷା ପାଇବା ପାଇଁ ନିଆଁ ସାହା

କଳାହାଣ୍ଡି ଜିଲାରେ ହଠାତ୍ ଗତ ୪ ଦିନ ହେଲା ପ୍ରବଳ ଶୀତ ଲହରି ସାଙ୍ଗକୁ ଘନ କୁହୁଡି ଲାଗି ରହିଛି। ସାରା ଜିଲା ହାଡଭଙ୍ଗା ଜାଡରେ ଥରୁଛି। ବିଶେଷ କରି ଆଭ୍ୟନ୍ତରିଣ ଅଞ୍ଚଳରେ ପାରଦ ୬ ଡିଗ୍ରୀ ତଳକୁ ଖସିଛି। ଭବାନୀପାଟଣା ସମେତ ଥୁ.ରାମପୁର, ଲାଞ୍ଜିଗଡ, ମଦନପୁର ରାମପୁର, ନର୍ଲା, କଲମପୁର, ଜୁନାଗଡ, କୋକସରା ଆଦି ବ୍ଲକ ସମେତ ସାରା ଜିଲାରେ ଶୀତର ପ୍ରକୋପ ଦିନ ଦିନକୁ ବୃଦ୍ଧି ପାଉଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଶୀତରୁ ରକ୍ଷା ପାଇଁ ଲୋକେ ଘର ଭିତରେ ନିଆଁ ଜାଳି ରାତ୍ରୀଯାପନ କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ପାହାଡିଆ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ଅବସ୍ଥା ଆହୁରି ବେହାଲ ହୋଇପଡିଛି। ପୂର୍ବାହ୍ନ ୧୦ଟା ନ ହେଲେ ଲୋକମାନେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ବିଶେଷ କରି ଥୁ.ରାମପୁର, ଲାଞ୍ଜିଗଡ, ମଦନପୁର ରାମପୁର ବ୍ଲକ ସମେତ ଭବାନୀପାଟଣା ବ୍ଲକର ଯୁଗସାଇପାଟଣା ପଞ୍ଚାୟତ ଅଞ୍ଚଳ ସମେତ ବିଭିନ୍ନ ବ୍ଲକର ପାହାଡିଆ ଓ ଦୁର୍ଗମ ଅଞ୍ଚଳରେ ଶୀତରୁ ରକ୍ଷା ପାଇବା ପାଇଁ ଲୋକମାନେ ସାରାରାତି ନିଆଁ ପାଖରେ ବସି ରହୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ଥୁ.ରାମପୁର ବ୍ଲକର କମଳାବାଡ, କାଣିଗୁମା, ତେଲୁଆ, ସିନ୍ଧିପଦର, ସୂର୍ଯ୍ୟଗଡ, ମାଳିଗାଁ, ତଲାଙ୍ଗପଦର, କର୍ଲାପାଟ, ପେରୁମଞ୍ଜି, ଶ୍ରୀମସ୍କା ଆଦି ବହୁ ଦୁର୍ଗମ ଅଞ୍ଚଳରେ ଘର ଖପର, ଜମି, ଘାସ, ଗଛର ପତ୍ରରେ ତୁଷାରପାତ ଜମିଥିବା ଦେଖିବାକୁ ମିଳିଛି। ଭବାନୀପାଟଣା ସହରରେ ପ୍ରବଳ ଶୀତ ଯୋଗୁ ରାତି ୮ଟା ପରେ ରାସ୍ତାଘାଟ ଜନଶୂନ୍ୟ ହେଉଛି। ଜିଲାରେ ଥିବା ଆଶ୍ରମସ୍କୁଲ ଛାତ୍ରୀଛାତ୍ର ଓ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ରୋଗୀ ଓ ସଂପର୍କୀୟ, ରାସ୍ତାକଡରେ ଶୋଉଥିବା ଅସହାୟ ଲୋକମାନେ ଶୀତ ଯୋଗୁ ରାତ୍ରୀରେ ଠିକ୍ ଭାବେ ଶୋଇପାରୁନାହାନ୍ତି। ଥୁଆମୂଳ ରାମପୁର ବ୍ଲକ ବିଭିନ୍ନ ସ୍ଥାନରେ ତାପମାତ୍ରା ୬ ରୁ ୫ ଡିଗ୍ରୀ ଭିତରେ ଥିବା ବେଳେ ଭବାନୀପାଟଣା ସହରରେ ଗତ ୧୨ ତାରିଖ ରାତିରେ ପାରଦ ୮.୬ ଡିଗ୍ରୀକୁ ଖସିଆସିଛି। ସେହିପରି ଲାଞ୍ଜିଗଡ, ନର୍ଲା, ମଦନପୁର ରାମପୁର, କୋକସରା, କର୍ଲାମୁଣ୍ଡା, ଭବାନୀପାଟଣା, ଜୁନାଗଡ, ଗୋଲାମୁଣ୍ଡା, ଧର୍ମଗଡ, କେସିଙ୍ଗା ଆଦି ବ୍ଲକରେ ୬ ରୁ ୭ ଡିଗ୍ରୀ ଭିତରେ ପାରଦ ରହୁଥିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି।


ଆଭ୍ୟନ୍ତରୀଣ ଅଞ୍ଚଳରେ ଥଣ୍ଡାରୁ ରକ୍ଷା ପାଇଁ ଲୋକେ ନିଆଁ ପୋଉଁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୫ ଜାନୁୟାରୀ, ୨୦୨୦



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।

- ସନ୍ଥ କବୀର ଦାସ



## ସଂକ୍ଷେପରେ

### ଏନ୍‌ଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଗୁଡ଼ଭେଲା ,୧୪।୧(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସି କାର୍ଯ୍ୟାଳୟ ପରିସରରେ ସୋମବାର ଏନଏସି ଉପାଧକ୍ଷ ଦୀନଦୟାଲ ଶର୍ମାଙ୍କ ସଭାପତିତ୍ୱରେ ଏନଏସି ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସମାରୋହରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ ବିଦ୍ୟାଳୟର ପ୍ରତିନିଧି, ବୃଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଏହି ବୈଠକରେ ଉପସ୍ଥିତ ଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଶୁଣାଣି ଶିବିର

**ଟିଟିଲାଗଡ, ୧୪।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଅରିନ୍ଦମ ଡାକୁଆ ଏବଂ ଏସ୍‌ପି ମଡକର ସନ୍ଦିପ ସଂପତଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପଜିଲାପାଳ ସୁଧାକର ନାୟକ ତଥା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁରେନ୍ଦ୍ର ନାଥ ଶତପଥୀ, ଉପଖଣ୍ଡ ଅଧୀନ ୫ ବ୍ଲକର ବିଡିଓ, ତହସିଲଦାର ଏବଂ ସିଡିପିଓ, ଜିଲାସ୍ତରୀୟ ଅଧିକାରୀ ଡିଡବ୍ଲୁଓ, ଡିଏସଡବ୍ଲୁଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆରଡବ୍ଲୁଏସଏସ, ମେଗାଲିଫ୍ଟ, ରାସ୍ତା ଓ ଗୃହ, ବିଦ୍ୟୁତ, ଜନସ୍ୱାସ୍ଥ୍ୟ, ଏସଡିଏମଓ ସହ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ମୋଟ ୯୦ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରୁ ୮୪ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜିଲାପାଳ ସମସ୍ତ ଅଭିଯୋଗର ସମୀକ୍ଷା କରି ଉଚିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିର ପରିଚାଳନାରେ ସହକାରୀ ଜିଲାପାଳ ପୂର୍ଣ୍ଣନନ୍ଦ ପଟେଲ, ଅସିତ ମହାନ୍ତି ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।

### ଡିଏଭି କଲେଜର ବାର୍ଷିକ କ୍ରୀଡ଼ା

**ଟିଟିଲାଗଡ଼, ୧୪।୧ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ କଲେଜର ୫୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସୁଶିଲ ପାଢୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏସ୍‌ଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ ମୁଖ୍ୟଅତିଥି, ପ୍ରାକ୍ତନ ଛାତ୍ର ତଥା ଅନ୍ତର୍ଜାତୀୟ ପର୍ବାତାରୋହୀ ଯୋଗବ୍ୟାସ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡା ସଂସଦ ଉପସଭାପତି ଡ. ରମାକାନ୍ତ ବେହେରା କ୍ରୀଡା ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଯୁକ୍ତ ତିନି ପୁରୁଷ ବର୍ଗରେ କୁଶଦେବ ଆଡ଼ଯୁଆଡ, ମହିଳା ବର୍ଗରେ ଅନୀତା ବାଗ, ଯୁକ୍ତଦୁଇ ପୁରୁଷ ବର୍ଗରେ ଦିବାକର ନାଏକ, ମହିଳା ବର୍ଗରେ ପୁଷ୍ପାଞ୍ଜଳି ମାଝୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ଲକ୍ଷେଘର ଗଣ୍ଡା ସମାଜର ସମ୍ମିଳନୀ

**ଖପ୍ରାଖୋଲ, ୧୪।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଫରେଷ୍ଟ ବଙ୍ଗଲାଠାରେ ଲକ୍ଷେଘର ଗଣ୍ଡା ସମାଜର ବ୍ଲକସ୍ତରୀୟ ସମ୍ମିଳନୀ ନିରାକାର ଛୁରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ ବ୍ଲକ ସଭାପତି ନାନେକ ସୁନାଙ୍କ ବିୟୋଗରେ ଶୋକସଭା ସହ ସ୍ମୃତିଚାରଣ କରାଯାଇଥିଲା। ପରେ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ବିକାଶ ସହ ଅନୁସୂଚୀତ ଜାତିର ସାମ୍ବିଧାନିକ ଅଧିକାର ତଥା ବିକାଶ ପାଇଁ ଡ. ବାବା ସାହେବ ଆମ୍ବେଡକରଙ୍କ ବିଚାର ଧାରା ଉପରେ ନୀଳମଣି ଜାଲ ଉଦ୍‌ବୋଧନ ଦେଇଥିଲେ। ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ବ୍ଲକ ସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଛିନୁ ଟାକ୍ରି ସଭାପତି, ନିରାକାର ଛୁରା, ରୁପଧର ନନ୍ଦ ଉପସଭାପତି, ମୋହନ ସୁନା ସମ୍ପାଦକ, ବ୍ଲକ ସଂଯୋଜକଭାବେ ବନ ବିହାରୀ ମହାନନ୍ଦଙ୍କୁ ସର୍ବସମ୍ମତିଭାବେ ମନୋନୀତ ହୋଇଥିଲେ। ସମ୍ମିଳନୀରେ ବିଏସ୍‌ପି ନେତା ଲବ ସୁନା ସମେତ କ୍ଷୀରମୋହନ ଶଗଡିଆ, ଶ୍ରୀପତୀ କୁମ୍ଭାର, ବନୁ କୁମ୍ଭାର, ରାଧେଶ୍ୟାମ ନାଗ, ଆର୍ତ୍ତ ଛତ୍ରିଆ, ଭାସ୍କର ସୁନା, ଗଜିନ୍ଦ୍ର ସୁନା, ତପି ସୁନା, ନାରେନ ତାଣ୍ଡି, ରାଜକୁମାର ବାଗ, ରାମେଶ୍ୱର କୁମ୍ଭାର, ଚନ୍ଦ୍ର ସୁନା ସମେତ ବ୍ଲକର ବିଭିନ୍ନ ଗାଁର ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଓଡ଼ିଶା ବିୟୁଟି ଏକ୍ସପୋ ବିଜେତା ବଲାଙ୍ଗୀର ପ୍ରତିଭାଙ୍କ ସହ ଅତିଥି।

ଓଡ଼ିଶା ବିୟୁଟି ଏକ୍‌ସ୍ପୋରେ ବାଜି ମାରିଲେ ବଲାଙ୍ଗୀର ପ୍ରତିଯୋଗୀ

# ମିଷ୍ଟର ଓଡ଼ିଶା ସହ ୯ ପୁରସ୍କାର ଜିତିଲେ

**ବଲାଙ୍ଗୀର ଅଫିସ,୧୪।୧**

ଜାନୁୟାରୀ ୧୦ ଓ ୧୧ ତାରିଖ ଦୁଇଦିନ ଧରି ରାଉରକେଲାଠାରେ ଅନୁଷ୍ଠିତ ଓଡିଶା ବିୟୁଟି ଏକ୍‌ସ୍ପୋ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲାର ୯ ଜଣ ପ୍ରତିଯୋଗୀ ପୁରସ୍କାର ଜିତି ରେକର୍ଡ କରିଛନ୍ତି। ମିସ୍, ମିଷ୍ଟର ଏବଂ ମିସେସ୍ ଓଡିଶା ପ୍ରତିଯୋଗିତାରେ ବଲାଙ୍ଗୀରର ନିକେଶ କୁମ୍ଭାର ମିଷ୍ଟର ଓଡିଶା, ପ୍ରୀତମ କୁମାର ଦାଶ ସେକେଣ୍ଡ ରର୍ନସ୍ ଅପ୍, ଓଜସ୍ୱୀ ସୁଲଗ୍ନା ମିଶ୍ର ସେକେଣ୍ଡ ରର୍ନସ୍ ଅପ୍, ବେଷ୍ଟ ୱାର୍କରେ ଅଞ୍ଜୁ କୁମାରୀ ବେହେରା, ବେଷ୍ଟ କନଫିଡେନ୍ସରେ ଲକି ପୋଡ, ମିଷ୍ଟର ଚାର୍ମିଙ୍ଗରେ ସୌମ୍ୟରଞ୍ଜନ ବେହେରା, ବେଷ୍ଟ କନ୍‌ଫିଡେନ୍ସରେ ଦୀପି ପନୁଆ, ବେଷ୍ଟ ଷ୍ଟାଇଲରେ ନମ୍ରତା ମିଶ୍ର, ବେଷ୍ଟ ଆଟିଚ୍ୟୁଡ୍ ବର୍ଷାରାଣୀ ରଥ ବିଜୟୀ ହୋଇ ବିଜେତା ମୁକୁଟ ପିନ୍ଧିଛନ୍ତି। ମଙ୍ଗଳବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଏନେଇ ସୂଚନା ଦିଆଯାଇଥିଲା। ବଲାଙ୍ଗୀର ବିୟୁଟି ଆସୋସିଏଶନ ସଙ୍ଗଠିକା ବୀଣାରାଗିଣୀ ମହାପାତ୍ର, ଇତି ଘିବେଲା, ସନ୍ତୋଷୀ ମେହେର, ବନିତା ଜାଲଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଲଳିତ କୁମାର ନାୟକ, ସମ୍ମାନିତ ଅତିଥିଭାବେ ଚେତନାନନ୍ଦ ପଣ୍ଡା, ଓଡିଶା ବିୟୁଟି ଆସୋସିଏସନ୍ ସଦସ୍ୟା ମୀନତି ସାହୁ (ବରଗଡ), ସ୍ନେହଲତା ତ୍ରିପାଠୀ (ସୁନ୍ଦରଗଡ), ସୁଚିସ୍ମିତା ଷଡଙ୍ଗୀ(ବୁର୍ଲା) ଯୋଗଦେଇ ବିଜେତାମାନଙ୍କୁ ଉତ୍ସାହିତ କରିବା ସମ୍ବର୍ଦ୍ଧିତ କରିଥିଲେ। ଓଡିଶା ସୁନ୍ଦର ପ୍ରତିଯୋଗିତାରେ ବଲାଙ୍ଗୀର ୯ ଜଣ ପ୍ରତିଯୋଗୀ ବିଜୟୀ ହେବା କମ୍ କଥା ନୁହେଁ ବୋଲି ଅତିଥିମାନେ କହିଥିଲେ। ୯ ବିଜେତାଙ୍କ ମଧ୍ୟରେ ୪ଜଣ ଜେଆଇଟିଏମ୍ କଲେଜ ଓ ୨ଜଣ ରାଜେନ୍ଦ୍ର କଲେଜ ଛାତ୍ରୀଛାତ୍ର। ଆଗାମୀ ଦିନରେ ବଲାଙ୍ଗୀର ଜିଲାରୁ ଆହୁରି ଅନେକ ପ୍ରତିଭା ସୁନ୍ଦର ପ୍ରତିଯୋଗିତାରେ ନିଜର ପ୍ରତିଭା ପରିଚୟ ହେବେ ଓ ଏହା ଶୁଭାରମ୍ଭ ବୋଲି ମୁଖ୍ୟଅତିଥି ନାୟକ କହିଥିଲେ।

# ରିମାଣ୍ଡରେ ଆସିଲେ ସାନ ନେଗୀ, ୨ ସହଯୋଗୀ

**ବଲାଙ୍ଗୀର ଅଫିସ, ୧୪।୧**

- ଖୋଲିବ ପଶ୍ଚିମ ଓଡିଶା ନିଶା ନେଟୱର୍କ ପେଡି
- ସହଯୋଗୀ ମହଲରେ ଛନକା ପଶିଲାଣି

ପଶ୍ଚିମ ଓଡିଶାରେ କଫ୍ ସିରପ କାରବାର କରି ପୋଲିସ ଓ ଜନସାଧାରଣଙ୍କ ମୁଣ୍ଡବ୍ୟଥାର କାରଣ ପାଟଲିଥିବା ମାଷ୍ଟରମାଇଣ୍ଡ ଅଭିଯୁକ୍ତ ସାନ ନେଗୀ, ଦୁଇ ସହଯୋଗୀ ଅଜିତ୍ ନନ୍ଦ ଓ ଫାରୁକ୍ ଖାନ୍‌ଙ୍କୁ ପୁଇଁତଲା ଥାନା ପୋଲିସ ୪ଦିନିଆ ରିମାଣ୍ଡରେ ସୋମବାର ଆଣିଛି। ରିମାଣ୍ଡରେ ଆଣିବା ପରେ ଥାନାରେ ସେମାନଙ୍କୁ ମାରାଥନ୍ ଜେରା ଆରମ୍ଭ ହୋଇଛି। ଏ ନେଇ ପୋଲିସ ଅଧିକାରୀମାନେ କୌଣସି ସୂଚନା ଦେବାକୁ ମନା କରିଦେଇଛନ୍ତି। ତେବେ ସାନ ନେଗୀଙ୍କ କଫ୍ ସିରପ କାରବାର ପଛରେ କେଉଁମାନେ ସମ୍ପୃକ୍ତ ରହିଛନ୍ତି ଓ କେଉଁଭଳି ଭାବେ କଫ୍ ସିରପର ବେଆଇନ୍ ବେପାର ଚାଲିଥିଲା ସେନେଇ ପଚାରଉଚରା ଜାରି ରହିଛି। ସାନ ନେଗୀ ଓ ସହଯୋଗୀଙ୍କୁ ରିମାଣ୍ଡରେ ଅଣାଯିବା ପରେ ପର୍ଦ୍ଦାଫାଶ ହେବା ଭୟରେ ବହୁ ନାମୀଦାମୀ ବ୍ୟକ୍ତିଙ୍କ ମଧ୍ୟରେ ଛନକା ପଶିଥିବା ଜଣାପଡିଛି। କେତେକ ଲୋକ ଭଦ୍ରମୁଖା ଖୋଲି ସାନ ନେଗୀ ଓ ତାର ସହଯୋଗୀଙ୍କ ସହ ସମ୍ପୃକ୍ତ ରହି ନିଶା ବ୍ୟବସାୟ ଚଲାଇଥିବା ନେଇ ଜୋରସୋର ଚର୍ଚ୍ଚା ହେଉଥିବାରୁ ରିମାଣ୍ଡରେ ଅଣାଯିବା ପରେ ସମସ୍ତଙ୍କ ପର୍ଦ୍ଦାଫାଶ କରିବାରେ ପୋଲିସ ସଫଳ ହେବ ବୋଲି ଆଶା କରାଯାଉଛି। ଗତ ୧୦ ତାରିଖ ଏସପି ସନ୍ଦୀପ ମାଡକର ପୁଇଁତଲା ଥାନାରେ ଖବରଦାତା ସମ୍ମିଳନୀ କରି କଫ୍ ସିରପ କାରବାର ଓ ସାନ ନେଗୀ ସାମ୍ରାଜ୍ୟକୁ ଧ୍ୱଂସ କରାଯିବ ବୋଲି କହିଥିଲେ। ପଶ୍ଚିମ ଓଡିଶାରେ ବ୍ୟାପ୍ତ ହୋଇଥିବା ତାର କଫ୍ ସିରପ ନେଟୱର୍କକୁ ଭଙ୍ଗାଯିବ ଓ ଏଥିରେ ଯେଉଁମାନେ ବି ସମ୍ପୃକ୍ତ ଥିବେ ସମସ୍ତଙ୍କ ପର୍ଦ୍ଦାଫାଶ କରାଯିବ ବୋଲି କହିଥିଲେ। ଏବେ ସାନ ନେଗୀ ଓ ସହଯୋଗୀଙ୍କୁ ରିମାଣ୍ଡରେ ଅଣାଯିବା ପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗୀଙ୍କ ସମ୍ପୃକ୍ତିର ପର୍ଦ୍ଦାଫାଶ ହେବ ବୋଲି ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟରେ ଗତ ନଭେମ୍ବର ମାସରେ ସାନ ନେଗୀ ଓ ତାର ସହଯୋଗୀଙ୍କୁ ପୋଲିସ ଘେରାବନ୍ଦୀ କରିବାବେଳେ ସାନ ନେଗୀ ଫେରାର ହୋଇଯାଇଥିଲେ। କିଛିଦିନ ତଳେ ଭୁବନେଶ୍ୱରରୁ ପୋଲିସ ଟିମ୍ ସାନ ନେଗୀକୁ ଗିରଫ କରିବା ପରେ ୧୦ ତାରିଖରେ କୋର୍ଟଚାଲାଣ କରିଥିଲା।

ବ୍ଲକ ସରପଞ୍ଚ ସଂଘର ବୈଠକ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ପ୍ରଦାନରେ ବିଳମ୍ବକୁ ନେଇ ଅସନ୍ତୋଷ

**ଦେଓଗାଁ,୧୪।୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ସରପଞ୍ଚ ସଂଘର ଏକ ବୈଠକ ମଙ୍ଗଳବାର ଭୀମପାହାଡ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୟାନିଧି ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତମାନଙ୍କର ସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କରାଯାଇଥିବା ଉନ୍ନୟନ କାମଗୁଡିକର ଅର୍ଥ ପଇଠ ହେବାରେ ଆହେତୁକ ବିଳମ୍ବ ହେଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏଥିସହ ଜିଲାର ଅନେକ ବ୍ଲକରେ ଗ୍ରାମ ରୋଜଗାର ସେବକମାନଙ୍କ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ଦେଓଗାଁ ବ୍ଲକରେ କାହିଁକି ବଦଳି କରାଯାଇ ନାହିଁ ବୋଲି ସରପଞ୍ଚମାନେ ପ୍ରଶ୍ନ ଉଠାଇଥିଲେ। ଚଳିତ ବର୍ଷ ପ୍ରତି ପଞ୍ଚାୟତରେ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିବାର କୌଣସି ପ୍ରକାର ତଥ୍ୟ ପଞ୍ଚାୟତକୁ ପ୍ରଦାନ ନ କରିବା ପରିତାପର ବିଷୟ ବୋଲି ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟରେ ଏଭଳି ବ୍ୟତିକ୍ରମ ଓ ସରପଞ୍ଚଙ୍କୁ ଅଣଦେଖା କରାଗଲେ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ପାଇଁ ସଂଘରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବୈଠକରେ ୨୬ ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇଥିବା ବେଳେ ବଡବାହାଲ ସରପଞ୍ଚ ଜୟ ରଣା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗଦେଇଥିବା ସରପଞ୍ଚମାନେ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟଗୀତର ଝଲକ

**ଲୋଇସିଂହା,୧୪।୧(ଡି.ଏନ.ଏ)**

ଲୋଇସିଂହା ବ୍ଲକ ସରଗାଡ ଗ୍ରାମ ହାଇସ୍କୁଲ ପଡିଆରେ ବଲାଙ୍ଗୀର ନେହେରୁ ଯୁବାକେନ୍ଦ୍ର ଓ ସ୍ଥାନୀୟ ଜଗନ୍ନାଥ ଯୁବ ପରିଷଦ ସହଯୋଗରେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ମହୋତ୍ସବରେ ଜିଲାର ବିଭିନ୍ନ ପ୍ରାନ୍ତରୁ କଳାକାରମାନେ ଅଂଶଗ୍ରହଣ କରି ନାଟକ, ଦଣ୍ଡନୃତ୍ୟ, ଘୁଡକା, ଖଜଂଣି ବାଦନ, ସାରଙ୍ଗି, ସଂଚାର, କରମସାନୀ, ସଂକୀର୍ତ୍ତନ୍ୟ, ଦୁଲଦୁଲି, ବଂଶୀବାଦନ ପ୍ରଭୃତି ପରିବେଶଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜକିଶୋର ସେଠ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ମୁଖ୍ୟ ଅତିଥି, ସୋମନାଥ ପଟେଲ, କଳାକାର ଗୋପାଳ ପଧାନ, ଗ୍ରାମ୍ୟ କମିଟି ସଭାପତି ସୁରେନ୍ଦ୍ର ପଟେଲ, ନବୀନ ବେହେରା, ବଳିଆର ସିଂ ବସ୍ତିଆ, ବନୀତା ସେଠ, ସୁବ୍ରତ ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପିତାମ୍ବର ପୁଟେଲ, ଧରିତ୍ରୀ ଶତପଥୀ, ସୁଶୀଲ ଶତପଥୀ, ବିଦ୍ୟୁତ୍‌ଛାୟା ନନ୍ଦ, ନୀଳାଞ୍ଚଳ ମିଶ୍ର, ତ୍ରିଲୋଚନ ସେଠ ପ୍ରମୁଖ କଳାକାରଙ୍କୁ ସମ୍ମାନୀତ କରାଯାଇଥିଲା। ସୁରେନ୍ଦ୍ର ପୁଟେଲ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ଯୁବପରିଷଦ ସମ୍ପାଦକ ନାରାୟଣ ବାରିକ, କୈବର୍ତ୍ତ ପଧାନ, ରାମ ପଧାନ, ଗୌର ବେହେରା, ଲିଙ୍ଗରାଜ କୁମ୍ଭାରଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିବେକାନନ୍ଦ ଯୁବକ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବିବେକାନନ୍ଦ ଜୟନ୍ତୀରେ ନାନାବିଧ କାର୍ଯ୍ୟକ୍ରମ

# ଗଣଦୌଡ଼, ଆଲୋଚନାଚକ୍ର

**ମୁରିବାହାଲ, ୧୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବଜାରପଡା ପ୍ରାଙ୍ଗଣରେ ବିବେକାନନ୍ଦ କ୍ଲବର ବାର୍ଷିକ ଉତ୍ସବ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସୋମବାର ଦିନତମାମ ନାନାବିଧ କାର୍ଯ୍ୟକ୍ରମ କରାଯାଇଥିଲା। ସକାଳେ ୪ କିଲୋମିଟର ଗଣଦୌଡ କରାଯାଇଥିଲା। ଏଥିରେ ୫୨ଜଣ ଅଂଶଗ୍ରହଣ କରିଥିଲେ। ଅତିଥିଭାବେ ଯୋଗଦେଇଥିଲେ ନିମାଇଁ ଚରଣ ବଘାର, ରମାରଞ୍ଜନ ପାତ୍ର, ରାଜବୀ କୁମାର ମହାନ୍ତି। ଦ୍ୱିତୀୟ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୧ଟାରେ ବିବେକାନନ୍ଦ ଛକ ଉନ୍ମୋଚନ ସହ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ଗଙ୍ଗା ହେର୍ଣ୍ଡା, ଭଗବାନ ମହାନ୍ତି, ତରୁଣ ପୋଢ଼, ମନୋଜ କର ପ୍ରମୁଖ ଯୋଗଦେଇଥିଲେ। ପରେ ମହିଳାମାନଙ୍କ ମଧ୍ୟରେ ଟେନିସ୍ ବଲ ପ୍ରତିଯୋଗୀତା ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ ବନବିହାରୀ ଯୋଶୀ, ନାରାୟଣ ସାହୁ ଓ ରାମକୃଷ୍ଣ ଆଡଜୁଆଡ। ଅପରାହ୍ନରେ କବିତା ପାଠ ଓ ସ୍ୱାମୀ ବିବେକାନନ୍ଦ ଆଲୋଚନାଚକ୍ର ହୋଇଥିଲା। ସନ୍ଧ୍ୟାରେ ରାଜବୀ କୁଅର, ପ୍ରଦୀପ କୁମାର ବାରିକ, ଯଶୋବନ୍ତ ରାଜହଂସଙ୍କ ଉପସ୍ଥିତରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ବିବେକାନନ୍ଦ ଜୟନ୍ତୀ ସଭାରେ ମୁଖ୍ୟଅତିଥିଭାବେ ତହସିଲଦାର ଅମୃତସଲାଲ ବେହେରା ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ଉଷାରାଣୀ ଜଗଦଲା, ଥାନା ଅଧିକାରୀ ତାରା ଜସ୍ମିନ ଗୁରିଆ, ଯୁବକ ସଂଘର ପୂର୍ବତନ ସଭପତି ସୁରେଶ ଶର୍ମା, ସଂଘ ସଭାପତି ସୁଧାଂଶୁ ପୋଢ଼ ଯାଦବ, ମୁଖ୍ୟବକ୍ତା ଡ. ନାରାୟଣ ମିଶ୍ର ମଞ୍ଚାସୀନ ଥିଲେ। ବକ୍ତାମାନେ ସ୍ୱାମୀ ବିବେକାନନ୍ଦଙ୍କ ବହୁମୁଖୀ ପ୍ରତିଭା ଯୁବବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ପରେ ଆୟୋଜିତ ବିଭନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନୀତ କରାଯାଇଥିଲା। ଶ୍ରୀବତ୍ସ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ ଦେଇଥିଲେ ତରୁଣ ପୋଢ଼। ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘର ସମ୍ପାଦକ ଦିବ୍ୟସୁନ୍ଦର ସାହୁ, ମଧୁସୂଦନ ନାଗ, ନକୁଳ ମାଝୀ, ମହେନ୍ଦ୍ର ବାଗ, ଅଭୟ ଦାସ, ସୁଦାମ ସାହୁ, ଲକ୍ଷ୍ମୀକାନ୍ତ ଧରୁଆ, ବାବୁଲି ରାଉତ, ଆଶୀର୍ବାଦ ଜେନା, ବ୍ରହ୍ମ ପୋଢ଼, ସୁଦର୍ଶନ ଦୀପ, ରମେଶ ନାଗ ପ୍ରମୁଖ। ପରେ ସାଂସ୍କୃତିକ ସମ୍ପାଦକ ସୁଦର୍ଶନ ଦ୍ୱୀପଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

## ପ୍ରେମଶୀଳା, ସୌମ୍ୟରଞ୍ଜନ ଚାମ୍ପିୟନ

**ଲାଠୋର, ୧୪।୧ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଅଧକ୍ଷ ପ୍ରସନ୍ନ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଭୁବନେଶ୍ୱର ବାରିକ, କପିଳ ସୁନା, ପ୍ରକାଶ ଚନ୍ଦ୍ର ବେହେରା ଅତିଥିଭାବେ ଯୋଗଦେଇଥିଲେ। ଯୁକ୍ତ ତିନି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷର ସମୁଦାୟ ୨୫୦ ଜଣ ଛାତ୍ରୀଛାତ୍ର ୨୦ ଗୋଟି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ୬୦ ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ପ୍ରେମଶୀଳା ନାଏକ ଏବଂ ଛାତ୍ର ସୌମ୍ୟରଞ୍ଜନ ପ୍ରଧାନ ଚାମ୍ପିୟନ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ପିଇଟି ଅତୁଲ୍ୟ କୁମାର ଭୋଇ ଓ ଆଶୁତୋଷ କୁମାର ସାହୁ କ୍ରୀଡା ପରିଚାଳନା କରିଥିଲେ। ଅଧାପିକା ମନ୍ଦାକିନୀ ପୋଢ଼, ଅଧାପକ ସୁଶୀଲ କୁମାର ମହାକୁର, ଭବାନୀକାନ୍ତ ବଗର୍ତ୍ତୀ, ଭଗବାନ ଦାସ, କର୍ମଚାରୀ ବିଜୟ ମେହେର, ଶ୍ରୀକାନ୍ତ ସାହୁ, ସଚିକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଦୁଇ ଚାମ୍ପିୟନ।




କୁମୁଡା ମହୋତ୍ସବ କବିତା ଆସରରେ ମଞ୍ଚାସୀନ ଅତିଥିମାନେ

# କୁମୁଡ଼ା ମହୋତ୍ସବ କବିତା ଆସର

**ଟିଟିଲାଗଡ଼, ୧୪।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଅଞ୍ଚଳର ସାଂସ୍କୃତିକ ପର୍ବ କୁମୁଡା ମହୋତ୍ସବ ଆସନ୍ତା ୧୭ତାରିଖରୁ ଆରମ୍ଭ ହେବ। ଏନେଇ ଅଞ୍ଚଳର ସାହିତ୍ୟିକଙ୍କ ଗହଣରେ ମଙ୍ଗଳବାର ସ୍ଥାନୀୟ ମହାବୀର ଧର୍ମଶାଳାଠାରେ କୁମୁଡା ମହୋତ୍ସବ ୨୦୨୦ର ସାରସ୍ୱତ ମହକ, କଥାରେ... ଓ କବିତାରେ... ଶୀର୍ଷକ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଆମ ଐତିହ୍ୟ, ଆମ ପରମ୍ପରା ନେଇ ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପୂର୍ବତନ ପୌରାଧକ୍ଷ ଗୋବର୍ଦ୍ଧନ ନାଗ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସାହିତ୍ୟିକ ଅଶ୍ୱିନୀ ମହାନ୍ତି, ସେବକ ଚରଣ ଦାଶ, ରାଜୀବ ଲୋଚନ ପାଢୀ, ଭିକାରି ମିଶ୍ର, ନିଳମଣୀ ସାହୁ, ଟିକେଲାଲ ବେହେରା, ଚର୍ତ୍ତୁଭୁଜ ସାଆନ୍ତ, ଦିଲିପ ପଶାୟତ ମଞ୍ଚାସୀନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅବସରପ୍ରାପ୍ତ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଉପସଚିବ ଡ. ବିନୋଦ ବିହାରି ଜାଲ ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିଲେ। କବି ତଥା ସାହିତ୍ୟିକ ଗଜାନନ ମିଶ୍ର, ଡା. ଘନଶ୍ୟାମ ଜୈନ, ଡ. ଶିବପ୍ରସାଦ ବେହେରା, ଜଗନ୍ନାଥ ପଣ୍ଡା, ବିଶ୍ୱରାମ ଠାକୁର, ପ୍ରଶାନ୍ତ ନାୟକ, ରାଧାକୃଷ୍ଣ ପଟ୍ଟନାୟକ, ବିନୟ ଦାସ, ମଧୁସୂଦନ ମହାନନ୍ଦ, ଧ୍ରୁବ ହରପାଲ, ବାଲକିଷନ ଦୀପ, ଜ୍ୟୋତି ପ୍ରକାଶ ଗଡତିଆ, ମହେନ୍ଦ୍ର ପାଣିଗ୍ରାହୀ, ସୁନିଲ ଅଗସ୍ତି, ଆଦିମୁଳ ଶତପଥୀ, ପୂର୍ଣ୍ଣଚନ୍ଦ୍ର ସାହୁ, ନରେଶ ବିଶି ପ୍ରମୁଖ ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ। ମହୋତ୍ସବ କମିଟି ପକ୍ଷରୁ କବିଗଣଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ପ୍ରକୃତିମିତ୍ର ଉପେନ୍ଦ୍ର ବାଗ, ପର୍ଶୁରାମ ପାଣିଗ୍ରାହୀ, ଦେବାନନ୍ଦ ସାହୁ, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଅଗ୍ରୱାଲ, କମଳାକାନ୍ତ ସାହୁ, କୈଳାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଦେଶର ଅର୍ଥନୈତିକ ସ୍ଥିତିକୁ ନେଇ ଛାତ୍ରୀଛାତ୍ରଙ୍କୁ ସମ୍ମୁଖୀନ ହେବାର ପ୍ରଧାନମନ୍ତ୍ରୀଙ୍କ ସତ୍‌ସାହସ ନାହିଁ।
- ରାହୁଲ ଗାନ୍ଧୀ,
କଂଗ୍ରେସ ନେତା



## ସଂକ୍ଷେପରେ..

### ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ: ୭ ଗିରଫ

ରାଜଗାଙ୍ଗପୁର, ୧୪।୧ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ବେଆଇନ ଭାବେ ମଦ ବିକ୍ରି କରୁଥିବା ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୭୯ ଲିଟର ଦେଶୀ ମଦ ଜବତ କରାଯାଇଛି। ଚଢ଼ାଉରେ ବେଆଇନ ଭାବେ ମଦ ବିକ୍ରି କରୁଥିବା କୁତ୍ରା ବୁଡାକଟାର ସୀତା ସାହୁ, କୁତ୍ରା ଆମ୍ବଗୋଡାର ରାଜେଶ ରୋଶନ କାୱା, ବଡ଼ଗାଁ ଚାକରିର ଶୁକ୍ରା ଓରାମ, ବଡଗାଁ ଫୁଲବାରୀର ଜଗଦିଶ ଖଡିଆ, ରାଜଗାଙ୍ଗପୁର ଭେଲୁଆଡିହିର ଚାନ୍ଦୁ ଲାକଡା, ଝାନପାଲିର ଗିତା ଲାକଡା ଓ ସୁବାଷ ମିଞ୍ଜଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜିଲା ଅବକାରୀ ଅଧିକାରୀ ଲକ୍ଷ୍ମୀଧର ପରିଡାଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ନିରୀକ୍ଷକ ସତ୍ୟଜିତ ଖଟୁଆ, ସୁନ୍ଦରଗଡ ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ରାଜେନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ରାମଜୀ ପଟେଲ, ଉପନିରୀକ୍ଷକ ସୁରେଶ ଚନ୍ଦ୍ର ଭୋଇ, ସହଉପନିରୀକ୍ଷକ ଅଶୋକ କୁମାର ପଟେଲ, ପ୍ରଶାନ୍ତ କୁମାର ପତି, ସିପାହୀ ସଞ୍ଜୟ କୁମାର ଅମାତ, ସୂଯର୍ୟକାନ୍ତ ସ୍ୱାଇଁ, ଗାୟତ୍ରୀ ସା ପ୍ରମୁଖ ଚଢ଼ାଉରେ ଅଂଶ ଗ୍ରହଣ କରିଥିଲେ।





ଖଣ୍ଡାଧାର ଲୋକମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଆଞ୍ଚଳିକ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଟପ୍ପର ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ

■ ସପ୍ତମ ଖଣ୍ଡାଧାର ଲୋକମହୋତ୍ସବ ଉଦ୍‌ଯାପିତ

# ଆଞ୍ଚଳିକ କଳାକାରଙ୍କ ନୃତ୍ୟଗୀତରେ ଦର୍ଶକ ବିମୋହିତ

**ଲହୁଣୀପଡ଼ା, ୧୪।୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ତାଲବାହାଲି ପଞ୍ଚାୟତ ବୁଢ଼ାଭୁଇଁ ସ୍ଥିତ ଖଣ୍ଡାଧାର ଜଳପ୍ରପାତ ପାଦଦେଶରେ ଚାଲିଥିବା ଦୁଇ ଦିନିଆ ସପ୍ତମ ଖଣ୍ଡାଧାର ଲୋକମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ଆଞ୍ଚଳିକ କଳାକାରଙ୍କ ନୃତ୍ୟଗୀତରେ ଦର୍ଶକ ବିମୋହିତ ହୋଇଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇ ରାଜା ସାହେବ ବୀରକିଶୋର ଇନ୍ଦ୍ରଦେଓଦେବ, ସମ୍ମାନିତ ଅତିଥି ଭାବେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ରାଜେନ୍ଦ୍ର ପ୍ରସାଦ ଇନ୍ଦ୍ରଦେଓଦେବ, ଜିଲା ପରିଷଦ ସଦସ୍ୟ କେଦାର ମାହାନ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ଖଣ୍ଡାଧାର ବିକାଶ ପରିଷଦ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବିକାଶ ପରିଷଦ ସଭାପତି ଡା. ଅଭିମନ୍ୟୁ ସାହୁ ଅଧ୍ୟକ୍ଷତା କରିଥିଲେ । ଖଣ୍ଡାଧାରର ସୌନ୍ଦର୍ଯ୍ୟ, ଅଞ୍ଚଳର କଳା ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକତା ରହିଛି। ଖଣିଜ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଭଳି ମଧ୍ୟ ବଣାଇ ମାଟିର କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସମସ୍ତଙ୍କର ଚେଷ୍ଟା ଜାରି ରହିବା ଆବଶ୍ୟକ। ଏହି ଅନୁଷ୍ଠାନ ସୁରକ୍ଷିତ ରହିଥିଲେ ଏ ଅଞ୍ଚଳର ଲୋକକଳା ସଂସ୍କୃତି ବଞ୍ଚି ରହିବ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମେ କଳାକାରମାନେ ବାଦ୍ୟନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ସ୍ୱାଗତ କରି ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ଉଦ୍‌ଯାପନୀ ଅବସରରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ଟପ୍ପର ହୋଇଥିବା ବଣାଇ ମାଟିର ଗର୍ବ ଓ ଗୌରବ ଦେବାଶିଷ ପଣ୍ଡାଙ୍କ ସମେତ ସୁଶ୍ରୀରେଖା ମାହାନ୍ତ ଓ ଡେନିସ ବେହେରାଙ୍କୁ ଖଣ୍ଡାଧାର ବିକାଶ ପରିଷଦ ପକ୍ଷରୁ ଅତିଥିମାନେ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କଳାକାରଙ୍କ ବାଦ୍ୟନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା ବେଳେ ମୋଟ ୫୨ଟି ଆଞ୍ଚଳିକ ନୃତ୍ୟ ଦଳ ଭାଗ ନେଇଥିଲେ। ଝୁମର, ସମ୍ବଲ୍ପୁରୀ, ମୁଣ୍ଡାନୃତ୍ୟ, କିଷାନ ନୃତ୍ୟ, କୀର୍ତ୍ତନ, ମହିଳା କୀର୍ତ୍ତନ ମଣ୍ଡଳୀ ଏବଂ ଦୁଲଦୁଲି ବାଦ୍ୟରେ ମଞ୍ଚ ଦୋହଲି ଯାଇଥିଲା। ବାଦ୍ୟ, ଗୀତ, ନୃତ୍ୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଏଥିରେ ବହୁ ସଂଖ୍ୟାରେ କଳାପ୍ରେମୀ ଦର୍ଶକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଖଣ୍ଡାଧାର ବିକାଶ ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

### ଡ୍ରାଇଭିଂ ଲାଇସେନ୍ସ ପାଇଁ ନକଲି ପରୀକ୍ଷାର୍ଥୀ ସାଜି ଧରାପଡିଲେ ୭ ଡ୍ରାଇଭର

**ସୁନ୍ଦରଗଡ,୧୪।୧ (ଡି.ଏନ୍.ଏ)**

ଡ୍ରାଇଭିଂ ଲାଇସେନସ୍ ପାଇଁ ଅନ୍ୟ ଜଣଙ୍କ ସକାଶେ ନକଲି ପରୀକ୍ଷାର୍ଥୀ ସାଜି ମଙ୍ଗଳବାର ପରିବହନ ବିଭାଗ ହାତରେ ଧରାପଡିଛନ୍ତି ୭ଜଣ ଡ୍ରାଇଭର। ଏହି ୭ଜଣ ଡ୍ରାଇଭରଙ୍କଠାରୁ ୫୫ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ସେମାନଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଡ୍ରାଇଭିଂ ପରୀକ୍ଷଣ କେନ୍ଦ୍ରଠାରେ ଏହି ପରୀକ୍ଷା ଚାଲିଥିବା ବେଳେ ଅତିରିକ୍ତ ଜିଲା ପରିବହନ ଅଧିକାରୀ ସୁସ୍ମିତା ବେହେରା, ମୋଟର ଯାନ ନୀରିକ୍ଷକ ରାମଦାସ ଗୁଡୁ, ପରିବହନ କାର୍ଯ୍ୟାଳୟର ଦେବେନ୍ଦ୍ର ଖର୍ସେଲ ଯାଞ୍ଚବେଳେ ଏହି ନକଲି ପରୀକ୍ଷାର୍ଥୀଙ୍କୁ ଧରିବାରେ ସମର୍ଥ ହୋଇଥିଲେ। ଏହି ପରୀକ୍ଷା ବେଳେ ଆବେଦନକାରୀ ପଞ୍ଚମହଲା ମାଲିଡିହିର ଭାଗିରଥୀ ତନ୍ତୀ, ଧରୁଆଡିହି କର୍ଲାଗ୍ରାମର ତପସ୍ୟା ପ୍ରଧାନ, କନିକାର ବିଜୟ ଟୁଙ୍ଗୁରିଙ୍କ ସକାଶେ ଏମାନେ ନକଲି ପରୀକ୍ଷାର୍ଥୀ ସାଜିଥିଲେ । ସେହିପରି ଅନ୍ୟଜଣେ ବୀରେନ୍ଦ୍ର ଭୈଷାଁଲ ନକଲି ଆବେଦନକାରୀ ମଧ୍ୟ ପରୀକ୍ଷା ବେଳେ ମଦ୍ୟପାନ କରିଥିବା ଯୋଗୁ ଧରାପଡି ଜରିମାନା ଦେଇଛନ୍ତି।

## କୁଣହାଁ ସମାଜ ଗଙ୍ଗାଘାଟ କମିଟିଗୁଡ଼ିକୁ ନେଇ ସମୀକ୍ଷା ବୈଠକ

**ବଡଗାଁ, ୧୪।୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଗରଗଡବାହାଲ ଗ୍ରାମ ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ମଙ୍ଗଳବାର ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା ଜିଲାର ସମସ୍ତ ଗଙ୍ଗାଘାଟ କମିଟିମାନଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କୁଣହାଁ ସମାଜର ବିଭିନ୍ନ ସମସ୍ୟା ଗୁଡିକ ଯଥା ଶିକ୍ଷା, ସଂସ୍କୃତି, ପରମ୍ପରା ଓ ସାମାଜିକ ଶୃଙ୍ଖଳା ଉପରେ ସମୀକ୍ଷା କରି ସମାଜର ରାଜ୍ୟ ସଭାପତି ମୋହନଲାଲ କିଷାନ ସମସ୍ତ ଗ୍ରାମରେ ଗ୍ରାମସଭା କମିଟିମାନଙ୍କୁ ସକ୍ରିୟ କରିବା ପାଇଁ ଗଙ୍ଗାଘାଟ କମିଟି କର୍ମକର୍ତ୍ତାମାନଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ସମାଜର ନିୟମାବଳୀକୁ କଡାକଡି ଭାବରେ ଲାଗୁ କରିବା ପାଇଁ ଗ୍ରାମସଭା କମିଟିମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ସହିତ ତୁନମୁରା ଗଙ୍ଗାଘାଟ କର୍ମକର୍ତ୍ତାମାନଙ୍କ ବିଶୃଙ୍ଖଳା ଆଚରଣ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଭବିଷ୍ୟତରେ ସମାଜ ଭିତରେ ଅସାମାଜିକ ବ୍ୟକ୍ତିମାନଙ୍କୁ ଶୃଙ୍ଖଳିତ କରି ସମାଜର ମୁଖ୍ୟସ୍ରୋତରେ ଆଗେଇ ନେବାକୁ ରାଜ୍ୟ ସଭାପତି କିଷାନ ପରାମର୍ଶ ଦେଇଥିଲେ। ଏହାକୁ କର୍ମକର୍ତ୍ତାମାନେ ସମର୍ଥନ ଜଣାଇଥିଲେ। ବୈଠକରେ ସମାଜର କର୍ମକର୍ତ୍ତା ରଥ କେଚ୍ଛୁ, ଭଗବାନ ଲାକଡା, ସୌଦାମିନୀ ହାହା, ପ୍ରଦାୟିନୀ ପ୍ରଧାନ, ସରିତା ଲାକଡା, ସାଧୁଚରଣ ମାଝି, ଚାମୁନ୍ଦ୍ର ମାଝି, ଯଦୁମଣୀ ମାଝି ପ୍ରମୁଖ ସହଯୋଗ କରିଥିଲେ ।



କୁଣହାଁ ସମାଜ ଗଙ୍ଗାଘାଟ କମିଟିଗୁଡ଼ିକୁ ନେଇ ସମୀକ୍ଷା ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଦୁଇଟି ସେବାଶ୍ରମରେ ଉନ୍ନୟନ କାର୍ଯ୍ୟ ଲାଗି ଶିଳାନ୍ୟାସ

**ଲହୁଣୀପଡା, ୧୪।୧ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକର ଦୁଇଟି ସେବାଶ୍ରମଠାରେ ନୂତନ ଗୃହ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଣାଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିବା ଜଣାଯାଇଛି। ସୋମବାର ଲହୁଣୀପଡାରେ ଜିଲାପାଳ ଜନଶୁଣାଣି କାର୍ଯ୍ୟକ୍ରମ ଥିଲା । ଜନଶୁଣାଣି କାର୍ଯ୍ୟକ୍ରମ ପରେ ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଉପଜିଲାପାଳ ପ୍ରଦୀପ ଡାଙ୍ଗ, ବ୍ଲକ ଅଧ୍ୟକ୍ଷ ପଣ୍ଡିତଚରଣ ମୁଣ୍ଡା, ଲହୁଣୀପଡା ସରପଞ୍ଚ ଜୁଲିଆନି କାଣ୍ଡିର ଟକରା ସେବାଶ୍ରମର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇଥିଲା ବେଳେ ଛାତ୍ରୀଛାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଟକରା ସେବାଶ୍ରମ ପାଇଁ ଗାଧୁଆ ଘର, ଭୋଜନ କକ୍ଷ, ଶୌଚଗାର, ପାଚେରୀ, ରୋଷେଇ ଗୃହ ପାଇଁ ମୋଟ ୧କୋଟି ବ୍ୟୟ ଅଟକଳକୁ ଆନୁଷ୍ଠାନିକ ଭାବେ ଶିଳାନ୍ୟାସ କରିଥିଲେ। ସେହିଭଳି ଲହୁଣୀପଡା ବ୍ଲକ ଦର୍ଜ୍ଜ ପଞ୍ଚାୟତ ବଡସାହାଜବାହାଲ ସେବାଶ୍ରମଠାରେ ମଧ୍ୟ ଅନୁରୂପ ଭାବେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସେବାଶ୍ରମର ବିଭିନ୍ନ ଉନ୍ନୟନ ଲାଗି ଶିଳାନ୍ୟାସ କରାଯାଉଛି।

## ଶାନ୍ତି, ଭାଇଚାରା ବଜାୟ ରଖିବାକୁ ବିଧାୟିକାଙ୍କ ନିବେଦନ

**ସୁନ୍ଦରଗଡ଼, ୧୪।୧(ଡି.ଏନ୍.ଏ)**



ଶାନ୍ତିର ସହର ସୁନ୍ଦରଗଡରେ ଯେଉଁ ଭାଇଚାରା ସମ୍ପର୍କ ରହିଆସିଛି ତାକୁ ବଜାୟ ରଖିବା ପାଇଁ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ସମସ୍ତଙ୍କୁ ନିବେଦନ କରିଛନ୍ତି। କୌଣସି ବିଭ୍ରାନ୍ତିକର କଥାରେ ପ୍ରଭାବିତ ନ ହୋଇ ସୁନ୍ଦରଗଡରେ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣକୁ ବଜାୟ ରଖିବା ପାଇଁ ସେ ସମସ୍ତ ସୁନ୍ଦରଗଡବାସୀଙ୍କୁ ଅନୁରୋଧ କରିଛନ୍ତି।

## ରାଜଗାଙ୍ଗପୁରରେ ପହଞ୍ଚିଲା ଶାନ୍ତି ସଂହତି ସଦ୍‌ଭାବନା ଯାତ୍ରା

**ରାଜଗାଙ୍ଗପୁର, ୧୪।୧ (ଡି.ଏନ.ଏ)**

ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଇଁ ଏକ ଶାନ୍ତି ସଂହତି ସଦଭାବନା ଯାତ୍ରା ଝାରସୁଗୁଡାଠାରୁ ବାହାରିଛି। ଗୋପବନ୍ଧୁଙ୍କ ଜନ୍ମ ପୀଠ ସୁଆଣ୍ଡୋକୁ ଯିବା କାର୍ଯ୍ୟକ୍ରମ ଥିବା ବେଳେ ମଙ୍ଗଳବାର ଏହି ସଦଭାବନା ଯାତ୍ରା ରାଜଗାଙ୍ଗପୁର ସହରରେ ପହଞ୍ଚିଥିଲା। ଏହି ସଦଭାବନା ଯାତ୍ରାକୁ ରାଜଗାଙ୍ଗପୁର ସହରରେ ଥିବା ଗାନ୍ଧୀ ଫାଉଣ୍ଡେସନର କର୍ମକର୍ତ୍ତା ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଏକ ଶୋଭାଯାତ୍ରାରେ ସହରରେ ଥିବା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପକୁ ଆସିଥିଲେ । ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ପୂର୍ବତନ ନଗରପାଳ ସୁଶ୍ରୀତା ପାଇକରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ସିଦ୍ଧାନ୍ତରେ ଅନୁପ୍ରାଣିତ ହୋଇ ଅହିଂସା ପଥରେ ଚାଲିବା ପାଇଁ ଉପଦେଶ ଦେଇଥିଲେ। ହିନ୍ଦୁ, ମୁସଲିମ, ଶିଖ, ଇସାଇ ସବୁ ଧର୍ମରଲୋକ ନିଜ ଭିତରେ ପ୍ରେମ ଓ ସଦ୍‌ଭାବନା ଜାଗୃତ କରି ରହିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡିର ଟାଉନ ସଭାପତି ଅମ୍ରେସ ପଣ୍ଡା ଯୋଗଦେଇ ସମସ୍ତ ଭାରତୀୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ହୋଇ ଭାରତମାତାଙ୍କ ସମ୍ମାନରେ ରହିବା ପାଇଁ କହିଥିଲେ। ସଦଭାବନା ରଥ ସହିତ ଆସିଥିବା ସ୍ୱତନ୍ତ୍ର ସେନାନୀ ନିଶାକର ଦାସ ଏବଂ ଡ. ବିଶ୍ୱଜିତ ସଭାରେ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଭଳି ଅହିଂସା, ନୀତିରେ ଚାଲି ଜାତି ଧର୍ମ ବର୍ଣ୍ଣ ଭୁଲି ସମସ୍ତେ ଏକାଠି ହୋଇ ସୁଦୃଢ଼ ଭାରତ ବର୍ଷ ଗଠନ କରିବା ପାଇଁ ମନ୍ତବ୍ୟ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ଅଶୋକ ଦାସ, ସୁଭଦ୍ରା ଷଡଙ୍ଗୀ, କୃଷ୍ଣଚନ୍ଦ୍ର ଜେନା, ରମେଶ କେସରି, ପ୍ରଫୁଲ୍ଲ ସାହୁ, ବିଜୁ ଆରାଇ, ମନୋଜ ଗୌଡ, ସୁବାଷ ବେହେରା, ଗିରିଜା ସାମଲ, ଜୟନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଦଭାବନା ସଭା ଯାତ୍ରାରେ ଗାନ୍ଧିଜୀଙ୍କ ଜୀବନୀ ଉପରେ ସଚେତନତା ପାଇଁ ଛୋଟ ଛୋଟ ପିଲାଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ କରାଯାଇଥିଲା ।

## ବିଜିଏମ୍‌ଏସ୍ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

**ହେମଗିର, ୧୪।୧ (ଡି.ଏନ.ଏ)**

ବିସ୍ଥାପିତ ଗାଡି ମାଲିକ ସଂଘ (ବିଜିଏମ୍‌ଏସ୍) ଗୋପାଳପୁର ପକ୍ଷରୁ ଦିନିକିଆ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ଚାଲୁଥିବା ବେଳେ ଏହାକୁ ଭିତ୍ତିକରି ବିଜିଏମ୍‌ଏସ୍ ଏହାକୁ ଆୟୋଜନ କରିଥିବା ବେଳେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ସୁନ୍ଦରଗଡ଼ ମଧ୍ୟ ଏଥିରେ ସହଯୋଗ କରିଥିଲେ। ଏହି ଶିବିରରେ ମୁଖ୍ୟଅତିଥି ଭାବରେ ଆଞ୍ଚଳିକ ପରିବହନ ଅଧିକାରୀ ରାମନିବାସ ଶିରିକା ଯୋଗଦେଇଥିଲେ। ସମସ୍ତ ଗାଡି ଚାଳକମାନଙ୍କୁ ସଡକ ସୁରକ୍ଷା ସମ୍ପର୍କରେ କହିବା ସହ ଏହା ଦ୍ୱାରା ଉଭୟ ଧନଜୀବନ କିପରି ରକ୍ଷା ପାଇଥାଏ ତାହା ପ୍ରାଞ୍ଜଳ ଭାବେ ବୁଝାଇଥିଲେ। କେବଳ ଯେ ଧନଜୀବନ ସୁରକ୍ଷିତ ରହିଥାଏ ତା, ନୁହେଁ ଦେଶର ହିତରେ ମଧ୍ୟ ଏହା ସହଭାଗୀ ହୋଇଥାଏ ବୋଲି କହିଥିଲେ। ଏଥି ସହିତ ନିଶାସେବନ କରି ଗାଡି ନ ଚଳାଇବା, ସିଟବେଲ୍ଟ ବାନ୍ଧିବା, ହେଲମେଟ ପିନ୍ଧିବା, ଦ୍ରୁତ ଗାଡି ଚାଳନା, ଗାଡିର ସମସ୍ତ କାଗଜପତ୍ର ଠିକ ରଖିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। କେବଳ ଯେ ଏସବୁ ଠିକ ଥିଲେ ହେବ ତା ନୁହେଁ ଶରୀରର ତଥା ଗାଡି ଚାଳନାର ମୁଖ୍ୟ ଅଂଶ ହେଉଛି ଆଖି। ଏହାର ସୁରକ୍ଷା ଓ ଯତ୍ନ ନେବା ନିହାତି ଜରୁରୀ ବୋଲି ସାରିକା କହିଥିଲେ। କାର୍ଯ୍ୟକ୍ରମ ବିଜିଏମ୍‌ଏସ୍ ସଭାପତି ଗୋପାଳ ଚନ୍ଦ୍ର ପଧାନଙ୍କ ନିର୍ଦ୍ଦେଶନାରେ କରାଯାଇଥିଲା। ଏମ୍‌ସିଏଲ୍ ପ୍ରୋଜେକ୍ଟ ଅଧିକାରୀ ଆର.କେ ଜେନ, ଡେସପାଚ୍ ଅଧିକାରୀ ଏନ.କେ. ପଣ୍ଡା, ବିଜିଏମ୍‌ଏସ୍‌ର ରବିରତ୍ନ ବିଶ୍ୱାଳ, ଭବାନୀ ଚୌଧୁରୀ, ବୁଧୁରାମ ସା, ଜିତେନ ପ୍ରଧାନ, ଯୁଧିଷ୍ଠିର ଗିଧଲି, ବୈକୁଣ୍ଠ ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏଥିରେ ଡ. ଭଗବାନ ରାଉଲ ଉପସ୍ଥିତ ଗାଡି ଚାଳକମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରରେ ୫୦ରୁ ଉର୍ଦ୍ଧ୍ୱ ଚାଳକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା।




ବିଜିଏମ୍‌ଏସ୍ ପକ୍ଷରୁ ଚକ୍ଷୁ ପରୀକ୍ଷା କରାଯାଉଛି।

ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ପୁରୁଣାପାଣିକୁ ହରାଇ ଖୁଣ୍ଟଗାଁ ଚାମ୍ପିୟନ

**ନୂଆଗାଁ, ୧୪।୧ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ତେତେରକେଲା ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫୁଲଝର ପଡିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ ତେତେରକେଲା ପଞ୍ଚାୟତର ବିଜେଡି ତରଫରୁ ଆୟୋଜନ କରାଯାଇଥିଲା । ୩୨ଟି ଦଳକୁ ନେଇ ଗତ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଉକ୍ତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଥିଲା । ଏହି ଫାଇନାଲ ମ୍ୟାଚ ଖୁଣ୍ଟଗାଁ ଓ ପୁରୁଣାପାଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୁଣ୍ଟଗାଁ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦାପ୍ରସାଦ ନାଏକ ଯୋଗଦେଇ ବିଜୟୀ ଦଳକୁ ୧୦ ହଜାର ଟଙ୍କା ପୁରସ୍କୃତ କରିଥିଲେ। ରନର୍ସଅପ୍ ଦଳକୁ ୭ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା । ଗ୍ରାମାଞ୍ଚଳ କ୍ରୀଡା ପ୍ରତି ଦିନକୁ ଦିନ ଯୁବକମାନଙ୍କର ଉତ୍ସାହ ବଢୁଥିବାରୁ ବିଧାୟକ ନାୟକ ସେମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ଜିଲାପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ବିଜେଡି ନେତା ଗଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ବ୍ଲକ ସଭାପତି ଦିଗାମ୍ବର ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଖେଳ ଦ୍ୱାରା ଭାଇଚାରା ସୃଷ୍ଟି ହେବ ବୋଲି ଅତିଥିମାନେ କହିଥିଲେ। ବିଜେଡି କର୍ମୀ ବଣ୍ଟି ଆନସାରୀ, ତାହିର ଆନସାରୀ, ମକିମ ଆନସାରୀ, ଜିଲାନୀ ଆନସାରୀ, ମୋଦିନ ଆନସାରୀ ଉପସ୍ଥିତ ରହି ଖେଳକୁ ସୁରୁଖୁରୁରେ ପରିଚାଳିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ସାଜିତ ଆନସାରୀ ଅବଦୁଲ ଆନସାରୀ ଓ ସୋହାବ ଆନସାରୀ ପ୍ରମୁଖ ଉପସ୍ଥିତ ଥିଲେ । ଖେଳ ଦେଖିବାକୁ ଅଞ୍ଚଳର ବହୁ ଲୋକଙ୍କ ସମାବେଶ ହୋଇଥିଲା।



ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।



ଦେଶର ଅର୍ଥନୈତିକ ସ୍ଥିତିକୁ ନେଇ ଛାତ୍ରୀଛାତ୍ରଙ୍କୁ ସମ୍ମୁଖୀନ ହେବାର ପ୍ରଧାନମନ୍ତ୍ରୀଙ୍କ ସତ୍‌ସାହସ ନାହିଁ।

- ରାହୁଲ ଗାନ୍ଧୀ,
କଂଗ୍ରେସ ନେତା

**ସଂକ୍ଷେପରେ..**

## ସଡ଼କ ସୁରକ୍ଷା ସପ୍ତାହ ପାଳିତ

ବ୍ରଜରାଜନଗର, ୧୪।୧ (ଡି.ଏନ.ଏ)

ବ୍ରଜରାଜନଗର ଥାନା ଅନ୍ତର୍ଗତ ପୌର କଲ୍ୟାଣ ମଣ୍ଡପଠାରେ ପୋଲିସ ପକ୍ଷରୁ ସଡକ ସୁରକ୍ଷା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଥାନା ପ୍ରଭାରୀ ନଳିତା ମୋଦୀ ଅଧକ୍ଷତା କରିଥିଲେ । ହେଲମେଟ ପିନ୍ଧି ଗାଡି ଚଳାଇବା, ମୋବାଇଲରେ କଥା ନ ହେବା, ତିନିଜଣ ନ ବସିବା, ମଦ ନ ପିଇବା ସହିତ ନିଜେ ସୁରକ୍ଷିତ ରହି ଅନ୍ୟକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆମ ପୋଲିସ ସମିତିର କର୍ମକର୍ତ୍ତାମାନଙ୍କ ସହିତ ସହର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ସମାଜସେବୀ, ଅଟୋ ଡ୍ରାଇଭର ସଂଘର ଡ୍ରାଇଭରମାନେ ଉପସ୍ଥିତ ଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ଥାନା ପର୍ଯ୍ୟନ୍ତ ଯାଇଥିଲା । କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ତ୍ରିଲୋଚନ ଦାଶ, ରିପନ ସାହୁ, ସଞ୍ଜୟ ବାହୁ ବଳେନ୍ଦ୍ର ଆଦି ଯୋଗ ଦେଇଥିଲେ ।

### ଏମ୍‌ସିଏଲ୍ ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀଙ୍କ ସମସ୍ୟା

# ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

ଲଖନପୁର,୧୪।୧(ଡି.ଏନ୍.ଏ)

୧୦ଦଫା ଦାବି ନେଇ ଏମ୍‌ସିଏଲ୍ ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀ ଗତ ସୋମବାର ଲଖନପୁର କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ । ଅନଶନର ଦ୍ୱିତୀୟ ଦିବସ ମଙ୍ଗଳବାର ବରଗଡ ଏମ୍‌ପି ସୁରେଶ ପୂଜାରୀ ଓ ବିଧାୟକ କିଶୋର ମହାନ୍ତି, ଜିଲା ପରିଷଦ ସଭ୍ୟ ସାମଲ ନାଏକ ପ୍ରମୁଖ ଜନପ୍ରତିନିଧି ଆନ୍ଦୋଳନ ସ୍ଥଳରେ ପହଞ୍ଚି ଖଣି କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ସହିତ ଆଲୋଚନା କରିଥିଲେ । ଏ ନେଇ ଚଳିତ ମାସ ଶେଷ ସୁଧା ଜିଲା ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରାଯିବ । ଏଥିରେ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ଗ୍ରାମବାସୀ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଅନଶନରୁ ଉଠିଥିଲେ ।



ବିଧାୟକ କିଶୋର ମହାନ୍ତି ଆନ୍ଦୋଳନକାରୀଙ୍କୁ ଫଳରସ ପିଆଇ ଅନଶନରୁ ଉଠାଉଛନ୍ତି ।

ବିଧାୟକ ମହାନ୍ତି ଆନ୍ଦୋଳନକାରୀଙ୍କୁ ଫଳରସ ପିଆଇ ଅନଶନରୁ ଉଠାଇଥିଲେ । ଲଖନପୁର ଅତିରିକ୍ତ ତହସିଲଦାର ମୁରଲୀଧର ଉର୍ମାଲ, ଏମ୍‌ସିଏଲ୍ ଲଖନପୁର ପ୍ରବନ୍ଧକ ଅନୀଲ କୁମାର ସିଂହ, ଏପିଏମ୍ ଏସ. କେ ଭରଦ୍ୱାଜ, ଲଖନପୁର କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ, ଉପଦେଷ୍ଟା ଗୋପୀନାଥ ମାଝି ପ୍ରମୁଖ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଜିଲାପାଳ, ଏମ୍‌ସିଏଲ୍ ସିଏମ୍‌ଡି, ଏମ୍‌ପି, ବିଧାୟକ ଓ ଗ୍ରାମବାସୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ହେବ । ଏହି ବୈଠକରେ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହେବ ବୋଲି ନିଷ୍ପତ୍ତି ହୋଇଛି । ଏହି ଉଚ୍ଚସ୍ତରୀୟ ବୈଠକରେ ଗ୍ରାମବାସୀଙ୍କ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ପୁଣି ଆମରଣ ଅନଶନ କରାଯିବ ବୋଲି ସଂଗ୍ରାମ ସମିତି ଚେତାବନୀ ଦେଇଛି । ଏଥିରେ ଏମ୍‌ସିଏଲ୍ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ସାମିଲ କରାଯାଇ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଗ୍ରାମ ସମିତି ସଭାପତି ସାହୁ ଓ ଉପଦେଷ୍ଟା ମାଝି ଚେତାବନୀ ଦେଇଛନ୍ତି ।

## ସିଏଏକୁ ନେଇ ସଚେତନତା ଶୋଭାଯାତ୍ରା

ଝାରସୁଗୁଡା ଅଫିସ/ଲଖନପୁର, ୧୪।୧ (ଡି.ଏନ୍.ଏ)

କେନ୍ଦ୍ର ସରକାର ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ୍ (ସିଏଏ)ଆଣିଛନ୍ତି । ଏହାକୁ ବିଭିନ୍ନ ରାଜନୈତିକ ଦଳ ବୁଝି ନ ପାରି ଦେଶବାସୀଙ୍କୁ ବିଭ୍ରାନ୍ତ କରି ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି । ଏହି ଆଇନ୍ ଦେଶବାସୀଙ୍କ ବିରୋଧରେ ନୁହେଁ ଏହା ଦେଶର ହିତ ପାଇଁ କରାଯାଇଛି । ଏ ନେଇ ଏବେ ସାରା ଦେଶରେ କେନ୍ଦ୍ର ଭାଜପା ସରକାର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କୁ ସଚେତନତା କରୁଛନ୍ତି। ଏହି ପରିପେକ୍ଷୀରେ ଝାରସୁଗୁଡା ଜିଲା ଭାଜପା ତରଫରୁ ମଙ୍ଗଳବାର ଜିଲା ସଦର ମହକୁମାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନମୋହନ ହାଇସ୍କୁଲ ପଡିଆରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ମୁଖ୍ୟମାର୍ଗ ଦେଇ ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀଛକ ନିକଟରେ ପହଞ୍ଚିଥିଲା। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଭାଜପା ଜିଲା ସଭାପତି ମଙ୍ଗଳ ସାହୁ, ଉପସଭାପତି ରଘୁନନ୍ଦନ ପଣ୍ଡା, ଦୀନେଶ ଜୈନ, ଟଙ୍କଧର ତ୍ରିପାଠୀ, ନରେଶ ନାୟକ, ପ୍ରମୋଦ ସେନାପତି, ସାମଲ ନାୟକ, ନେତାଜୀ ପଟ୍ଟନାୟକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ । ଏଥିରେ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ମହିଳା ପୁରୁଷ ସାମିଲ ହୋଇଥିଲେ ।




ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତୃବୃନ୍ଦ ।

### କିର୍ମିରାରେ ସଡକ ସୁରକ୍ଷା ସପ୍ତାହ ପାଳିତ

# ହେଲ୍‌ମେଟ ପିନ୍ଧିଥିବା ଲୋକଙ୍କୁ ଫୁଲତୋଡ଼ା

କିର୍ମିରା, ୧୪।୧ (ଡି.ଏନ.ଏ)

ଝାରସୁଗୁଡା ଜିଲା ଲଇକେରା ଥାନା ତରଫରୁ କିର୍ମିରା ବ୍ଲକ ଅଞ୍ଚଳରେ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । ଏହି ଅବସରରେ ଲଇକେରା ପୋଲିସ ପକ୍ଷରୁ କିର୍ମିରାର ହଲକାଡ଼ିପା ଛକରେ ହେଲମେଟ ପିନ୍ଧି ବାଇକ ଚଳାଉଥିବା ଏବଂ କାର୍‌ରେ ସିଟବେଲ୍ଟ ବାନ୍ଧିଥିବା ଲୋକଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ କଲେଜ ସଭାଗୃହରେ ଲଇକେରା ଥାନାଧିକାରୀ ପ୍ରବୀର କେଶରୀ ତ୍ରିପାଠୀଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସେହିପରି ବାଗଡିହି ରାଧାକୃଷ୍ଣ ଧର୍ମଶାଳାରେ ଫାଣ୍ଡି ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା। ଏଥିରେ ଥାନାଧିକାରୀ ତ୍ରିପାଠୀ ଅଧକ୍ଷତା କରିଥିଲେ। ଫାଣ୍ଡି ଅଧିକାରୀ ସରୋଜ ନାୟକ ଏବଂ କର୍ମଚାରୀ ସହଯୋଗ କରିଥିଲେ। ସଭାରେ ବ୍ଲକ ଅଧକ୍ଷ ତେଜରାଜ ସାହୁ, ସରପଞ୍ଚ ନଟବର ଅଗ୍ରୱାଲ, ବିଜୟ ଅଗ୍ରୱାଲ, ରାଧେଶ୍ୟାମ ପଟେଲ, ମନ ବାଗ, ଜୟନ୍ତ ଅଗ୍ରୱାଲ, ଅଜୟ ଶର୍ମା, ରବି ସାହୁ, ମଣ୍ଟୁ ବାଧାନ, ବୁଲୁ ପାଢ଼ୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।



ହେଲ୍‌ମେଣ୍ଟ ପିନ୍ଧିଥିବା ଗାଡିଚାଳକଙ୍କୁ ପୋଲିସ ଫୁଲତୋଡା ଦେଉଛି।

## କୁଲିହାମାଲ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ

କୋଲାବିରା,୧୪।୧(ଡି.ଏନ.ଏ)

କୋଲାବିରା କୁଲିହାମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପଞ୍ଚାନନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଲିହାମାଲ ସରପଞ୍ଚ ଅଞ୍ଜନ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମସ୍ତେ ନିଜ ନିଜ ଜ୍ଞାନର ଉପଯୁକ୍ତ ବ୍ୟବହାର କରିବା ପାଇଁ ମୁଖ୍ୟଅତିଥି କହିଥିଲେ। ଏବିଇଓ ନିର୍ମଳା ଶତପଥି ମୁଖ୍ୟବକ୍ତା, ସମାଜସେବୀ ସୌରେନ୍ଦ୍ର କୁମାର ନାଏକ, କ୍ଷିତଚନ୍ଦ୍ର ନାଏକ, ମୋହନ ସୁନ୍ଦର ନାଏକ, ପ୍ରାକ୍ତନ ସୈନିକ ଶଚିଦାନନ୍ଦ ମରାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।

## ପଞ୍ଚାୟତ ସମିତି ଡିଗ୍ରୀ କଲେଜର ବାର୍ଷିକୋତ୍ସବ

ଲଇକେରା,୧୪।୧(ଡି.ଏନ.ଏ)

ଝାରସୁଗୁଡା ଜିଲା ଲଇକେରା ପଞ୍ଚାୟତ ସମିତି ଡିଗ୍ରୀ କଲେଜର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜର ଅଧକ୍ଷ ସୁଧାଂଶୁ ଶେଖର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧକ୍ଷ ଲକ୍ଷ୍ମୀନାରାୟଣ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ତଥା ଚାଷୀ ନେତା ଲିଙ୍ଗରାଜ ପ୍ରଧାନ ମୁଖ୍ୟବକ୍ତା, ଚଳଚିତ୍ର ଅଭିନେତା ଡ. ଶରଣାରବିନ୍ଦ ଓଝା ସ୍ୱତନ୍ତ୍ର ବକ୍ତା ଭାବେ ଯୋଗଦେଇ ଭାଷା ଓ ସଂସ୍କୃତି ନ ଭୁଲିବାକୁ ଛାତ୍ରୀଛାତ୍ରଙ୍କୁ ନିବେଦନ କରିଥିଲେ। ବ୍ଲକ ଅଧକ୍ଷା ରୋଜାଲିନ ପଟେଲ, ଗାଁ ମୁଖିଆ ତଥା ପ୍ରତିଷ୍ଠାତା ସଭ୍ୟ ଟଙ୍କଧର ନାଏକ, ଶିକ୍ଷାବିତ୍ ହିମାଦ୍ରି ସରାଫ, ଅଧ୍ୟାପକ ଅଶୋକ କୁମାର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ହୋମିତା ଭଇଁଷା ସ୍ୱାଗତ ଭାଷଣ ଓ ଅଧ୍ୟାପକ କୃପାସିନ୍ଧୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତୀଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

## ଫାର୍ମାସିଷ୍ଟଙ୍କ ବାର୍ଷିକ ବୈଠକ

ବ୍ରଜରାଜନଗର, ୧୪।୧ (ଡି.ଏନ.ଏ)

ଝାରସୁଗୁଡା ଜିଲା ଫାର୍ମାସିଷ୍ଟଙ୍କୁ ନେଇ ଇବ୍ ନଦୀ ପଠାରେ ବାର୍ଷିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ମନୋଜ କମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଘରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ସଂଘର ପୂର୍ବତନ ସଭାପତି ଅଦିତି କୁମାର ପଟେଲ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ସଂଘର ପୁନର୍ଗଠନ, ପ୍ରମୋଶନ ଉପରେ ଆଲୋଚନା ହୋଇଥିଲା। ସଂଘ ତରଫରୁ ରାଜ୍ୟ ସରକାରଙ୍କୁ ସମସ୍ୟା ଅବଗତ କରାଗଲେ ମଧ ତାର କୌଣସି ସୁଫଳ ମିଳୁ ନ ଥିବାରୁ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା । ଜିଲା ସାଧାରଣ ସମ୍ପାଦକ ଶେଖ ବସିର ଅଲ୍ଲିଙ୍କ ସମେତ ଚିତ୍ତରଞ୍ଜନ ପରିଜା, ଦୁର୍ଗାଶଙ୍କର ରାୟ, ମନୋଜ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

## ହାଇସ୍କୁଲର ବାର୍ଷିକ ଉତ୍ସବ

କିର୍ମିରା, ୧୪।୧ (ଡି.ଏନ.ଏ)

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ବନ୍ଧପାଲି ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ସ୍କୁଲର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ସଭାରେ ବନ୍ଧପାଲି ସରପଞ୍ଚ ମଞ୍ଜୁଲତା ପଟେଲ ସମ୍ମାନିତ ଅତିଥି ଏବଂ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଡବ୍ଲୁଇଓ ଆରତୀ ସ୍ୱାଇଁ, ଏବିଇଓ ରବିନ୍ଦ୍ର ସିଁ, ବିଇଓ ଅଶୋକ ପଟେଲ, ଜିଲା ଶାରୀରିକ କ୍ରୀଡା ଅଧିକାରୀ ଉମ୍ବରୁଧର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ ।

## ସଡ଼କ ସୁରକ୍ଷା ସପ୍ତାହ ପାଳନ

ଲଖନପୁର,୧୪।୧(ଡି.ଏନ୍.ଏ.):

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଆମ ପୋଲିସ ସମିତି ଓ ଲଖନପୁର ୩ ନମ୍ବର ଜୋନ୍ ବରିଷ୍ଠ ନାଗରିକଙ୍କ ମିଳିତ ଉଦ୍ୟମରେ ମଙ୍ଗଳବାର ସଡ଼କ ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଥିଲା। ଏଥିରେ ବନହରପାଲି ଆଇଆଇସି ପ୍ରଶାନ୍ତ ମେହେର, ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ, ସନ୍ତୋଷ ବେହେରା, ପ୍ରକାଶ ପରିଡା, ସୁରେଶ କେର୍କେଟା, ଗୌତମ ବେହେରାଙ୍କ ସହ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହିପରି ବରିଷ୍ଠ ନାଗରିକ ଓ ଆମ ପୋଲିସ୍ ସମିତି ସଦସ୍ୟଙ୍କ ପକ୍ଷରୁ ଦୈତାରୀ ପ୍ରସାଦ ସିଂହ, ଲବଣୀ ରାଉତ, ମଧୁସୁଦନ ସେନାପତି, ବିକ୍ରମ ପ୍ରଧାନ, ସୁଦାମ ଦୁତିଆଚାନ୍ଦ, ଉଦିଆନ୍ ଚାନ୍ଦ ବେହେରା, ଆନନ୍ଦ ପ୍ରସାଦ ଦର୍ଜୀ, ଚକ୍ରଧର ବାରିକ, ସେଫ୍ ଆଫ୍‌ଗାନ୍, ଜନ୍ମେଜୟ ଭୋଇ, ରୂପଧର ସାହୁ, ସରପଞ୍ଚ ରାଜେନ୍ଦ୍ର ନାୟକ, ସୁବ୍ରତ ପ୍ରଧାନ, ସତ୍ୟନାରାୟଣ ସା, ଦିଲୀପ ମହାନ୍ତି, ଅକ୍ଷୟ ଦାସ, ବସନ୍ତ ପାଢୀ, ପ୍ରହ୍ଲାଦ ଧୁରୁଆ, ପ୍ରଦୀପ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ବନ୍ଧବାହାଲ-ଇବ୍‌ଥର୍ମାଲ ରାସ୍ତାରେ ଯାତାୟତ କରୁଥିବା ଯାନବାହନକୁ ଅଟକାଇ ବାଇକ୍ ଚଳାଇବାବେଳେ ହେଲ୍‌ମେଟ୍ ପିନ୍ଧିବା, ମୋବାଇଲ୍ ବ୍ୟବହାର ନ କରିବା, ୪ଚକିଆ ଯାନ ଚଳାଇବାବେଳେ ସିଟ୍‌ବେଲ୍ଟ ପିନ୍ଧିବା, ଦ୍ରୁତଗତିରେ ଗାଡି ନ ଚଳାଇବାକୁ ସଚେତନତା କରାଯାଇଥିଲା। ଏପରି କି ନିଜ ସୁରକ୍ଷା ନିଜେ କରିବା, ଅନ୍ୟକୁ ସୁରକ୍ଷାଦେବା, ଟ୍ରାଫିକ୍ ନିୟମ ମାନିବା ନେଇ ବରିଷ୍ଠ ନାଗରିକମାନେ ହାତରେ ପ୍ଲାକାର୍ଡ ଧରି ଜନସାଧାରଙ୍କୁ ସଚେତନ କରିଥିଲେ। ଆମ ପୋଲିସ୍ ସମିତି ପକ୍ଷରୁ ଗାଡି ଚାଳକଙ୍କୁ ପେନ୍ ବଣ୍ଟନ କରି ସଚେତନ କରାଯାଇଥିଲା।

# ବଡ଼ଗାଁରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

ବଡ଼ଗାଁ, ୧୪।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ରବିବାର ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା ବେଳେ ମଙ୍ଗଳବାର ବଡ଼ଗାଁ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜ ପକ୍ଷରୁ ପାଳିତ ହୋଇଛି। ରବିବାର ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମ୍‌ଭିଆଇ ରାମଦାସ ଟିଡୋ, ଏଏମ୍‌ଭିଆଇ ସୁସ୍ମିତା ବେହେରା, ବଡ଼ଗାଁ ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସ ଯୋଗଦେଇଥିଲେ। ପୂର୍ବାହ୍ନରେ ବଡ଼ଗାଁ ଆଇଟିଆଇର ଛାତ୍ରୀ, ସ୍କାଉଟଗାଇଡ, ବଡ଼ଗାଁ ହାଇସ୍କୁଲ ଓ ବ୍ରିଗେଡ ସ୍କୁଲର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବସଷ୍ଟାଣ୍ଡର ଉଭୟ ପାର୍ଶ୍ୱରେ ଛିଡା ହୋଇ ପଥଚାରୀ, ଚାଳକମାନଙ୍କୁ ଲିଫଲେଟ ବଣ୍ଟନ କରିଥିଲେ। ଏମାନଙ୍କ ସହିତ ଭୁବନେଶ୍ୱରରୁ ଆସିଥିବା କଳାକାର ନିଖିଲ କୁମାର ପୃଷ୍ଟି ଜମରାଜ, ସୁଦିପ୍ତ ବରାଲ ଚିତ୍ରଗୁପ୍ତ ଓ ସୁନ୍ଦରଗଡ ଆରଟିଓ ଅଫିସ ଷ୍ଟାଫ ନେହେରୁ ପଟେଲ ଯମରାଜ ବେଶଭୂଷାରେ ସଜ୍ଜିତ ହୋଇ ଚାଳକମାନଙ୍କୁ ସଚେତନ କରାଇଥିଲେ। ଯେଉଁ ଚାଳକ ହେଲମେଟ ପିନ୍ଧିଥିଲେ ତାଙ୍କୁ ଚକୋଲେଟ ଦିଆଯାଇଥିଲା। ହେଲମେଟ ପିନ୍ଧି ନ ଥିବା, ସିଟବେଲ୍ଟ ଲଗାଇ ନ ଥିବା ଚାଳକଙ୍କୁ ଖୁବଶୀଘ୍ର କଡା ଆଇନ କାର୍ଯ୍ୟକାରୀ ହେବା ନେଇ ସୂଚୀତ କରିବା ସହ ଫାଇନ ସମ୍ପର୍କରେ ଅବଗତ କରାଇଥିଲେ। ଏମ୍‌ଭିଆଇ ଆରଟିଓ ଏବଂ ଆଇଆଇସି କେତେକ ଯାତ୍ରୀବାହୀ ବସ ଯାଞ୍ଚ କରିବାରୁ କେତେକ ଯାତ୍ରୀଙ୍କୁ ଟିକେଟ ଦିଆଯାଇ ନ ଥିବା ଜାଣି କଣ୍ଡକ୍ଟରଙ୍କୁ ତାଗିଦ କରିବା ସହ ଯାତ୍ରୀଙ୍କୁ ଟିକେଟ ମାଗି ପାଖରେ ରଖିବାକୁ ପରାମର୍ଶ ଦେଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ ବଡଗାଁ ପିଏସ୍ ଯୁକ୍ତ ୨ କଲେଜର ୩ଶହ ଛାତ୍ରୀଛାତ୍ର କଲେଜରୁ ସଡକ ସୁରକ୍ଷା ସଚେତନତା ରାଲିରେ ବାହାରି ବଡ଼ଗାଁ ଗ୍ରାମ ପରିକ୍ରମା କରିଥିଲେ। ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ନାରା ଦେଇଥିଲେ। ଅଧାପକ ଦଶରଥ ନାଏକ ଡାକବାଜି ଯନ୍ତ୍ରରେ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ରାଲିରେ କଲେଜର ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀଙ୍କ ସହିତ ଆଇଟିଆଇର ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଉପାଧକ୍ଷ ସାରଥି ପାଣ୍ଡେ ଯୋଗଦେଇଥିଲେ। ତେବେ ରବିବାର ଆୟୋଜିତ ସଡକ ସୁରକ୍ଷା କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ହୋମଗାର୍ଡ ହରେକୃଷ୍ଣ ସାହୁ ବଡଗାଁର ଏମ୍‌ଡି ଜ୍ୟାଉଲ ହକଙ୍କୁ ଅଟକାଇ ହେଲମେଟ ପିନ୍ଧିବାକୁ କହିବାରୁ ତାଙ୍କୁ ଜ୍ୟାଉଲ ଧକ୍କା ମାରିଥିବା ଅଭିଯୋଗ କରିଥିଲେ। ଥାନା ଆଇଆଇସି ଫୋନରେ ତାଙ୍କୁ ଡକାଇ ପଚାରିବାରେ ସେ ଧକ୍କା ମାରି ନ ଥିବା କହିଥିଲେ। ଏମ୍‌ଭିଆଇ ଟିଡୁଙ୍କ ସହିତ ଯୁକ୍ତି କରିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।





ପରିବହନ କର୍ମଚାରୀ ଲୋକଙ୍କୁ ସଚେତନ କରୁଛନ୍ତି (ବାମ)। ବଡଗାଁ ପିଏସ କଲେଜ ପକ୍ଷରୁ ସଡକ ସୁରକ୍ଷା ରାଲି ।